# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶୁକ୍ରବାର, ମାର୍ଚ୍ଚ ୧/୨୦୨୪ (୨୦ ପୃଷ୍ଠା) | Bhubaneswar, Friday, March 1/2024 | Page 20 | ₹ 7.00

୫୦ଶ ଭାଗ ୯୮ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 50 ISSUE 98 | ମୂଲ୍ୟ ₹୭/-



DSPL-753

BHUBANESWAR DEVELOPMENT AUTHORITY

ଆମ ଓଡ଼ିଶା ନବୀନ ଓଡ଼ିଶା

## ବାବାସାହେବ ଭୀମ୍‌ରାଓ ଆମ୍ବେଦକର ବସ୍ ଟର୍ମିନାଲ

### ଭୁବନେଶ୍ୱର

ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ

**ଶ୍ରୀଯୁକ୍ତ ନବୀନ ପଟ୍ଟନାୟକଙ୍କ**

କରକମଳରେ ଲୋକାର୍ପଣ

**୧ ମାର୍ଚ୍ଚ ୨୦୨୪ ସମୟ: ୫.୪୫ ସନ୍ଧ୍ୟା**





OIPR-13033/13/0699/2324

# ଧରିତ୍ରୀ
DHARITRI

ଧରିତ୍ରୀ 50 Years

ଭୁବନେଶ୍ୱର, ଶୁକ୍ରବାର, ମାର୍ଚ୍ଚ ୧/୨୦୨୪ Bhubaneswar, Friday, March 1/2024


## ସୋଲାର ପ୍ୟାନେଲରେ ୭୮ ହଜାର ଟଙ୍କା ପର୍ଯ୍ୟନ୍ତ ସବ୍‌ସିଡି

**କେନ୍ଦ୍ର କ୍ୟାବିନେଟ ନିଷ୍ପତ୍ତି**

### ୨୪,୪୨୦ କୋଟିର ସାର ସବ୍‌ସିଡିକୁ ମଞ୍ଜୁରୀ



ନୂଆଦିଲ୍ଲୀ,୨୯।୨(ପି.ଟି.)

ଘର ଛାତରେ ସୋଲାର ପ୍ୟାନେଲ ବସାଇବା ପାଇଁ ପିଏମ୍-ସୂର୍ଯ୍ୟଘର: ମୁଫତ ବିଜୁଳି ଯୋଜନାରେ ସରକାର ୭୮ ହଜାର ଟଙ୍କା ପର୍ଯ୍ୟନ୍ତ ସବ୍‌ସିଡି ଯୋଗାଇଦେବେ। ଏହାଦ୍ୱାରା ଦେଶର ୧ କୋଟି ପରିବାର ମାସକୁ ୩୦୦ ୟୁନିଟ୍ ପର୍ଯ୍ୟନ୍ତ ମାଗଣା ବିଜୁଳି ପାଇପାରିବେ। ଏଥିପାଇଁ ୭୫,୦୨୧ କୋଟି ଟଙ୍କାର ପ୍ରସ୍ତାବକୁ କେନ୍ଦ୍ର କ୍ୟାବିନେଟ ଗୁରୁବାର ଅନୁମୋଦନ କରିଛି। ଗତ ୧୩ ତାରିଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏହି ଯୋଜନାର ଶୁଭାରମ୍ଭ କରିଥିଲେ। ଏହି ଯୋଜନାରେ କେନ୍ଦ୍ର ସରକାର ୨ କିଲୋୱାଟ୍ ସୋଲାର ସିଷ୍ଟମ୍ ଲଗାଇବା ଖର୍ଚ୍ଚର ୬୦ ପ୍ରତିଶତ ଆର୍ଥିକ ସହାୟତା ଭାବେ ଯୋଗାଇଦେବେ। ୨ରୁ ୩ କିଲୋୱାଟ୍ କ୍ଷମତାର ସିଷ୍ଟମ ଲଗାଇବା ପାଇଁ ହେବାକୁ ଥିବା ଅତିରିକ୍ତ ବ୍ୟୟର ୪୦ ପ୍ରତିଶତ ସରକାର ଦେବେ। ଅର୍ଥାତ୍ ୧ କିଲୋୱାଟ୍ ସିଷ୍ଟମ ପାଇଁ ସରକାର ୩୦ ହଜାର ଟଙ୍କା ଦେବାକୁ ଥିବାବେଳେ ☞ପୃଷ୍ଠା-୬

# ୨୧,୪୨୭ ବସ୍ତି ବାସିନ୍ଦା ପରିବାରକୁ ଭୂମି ଅଧିକାର

## ବିଭିନ୍ନ ସହରରେ ବିକାଶମୂଳକ ପ୍ରକଳ୍ପର ଲୋକାର୍ପଣ କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୨୯।୨(ଅନିଲ ଦାସ)

- ୨୬ ସହରରେ ୬୨୬ ବିଜୁ ଆଦର୍ଶ କଲୋନୀ ଲୋକାର୍ପିତ
- କଟକ, ଭୁବନେଶ୍ୱର ପାଇଁ ସମନ୍ୱିତ ପରିମଳ ଉନ୍ନୟନ ପ୍ରକଳ୍ପ ଲୋକାର୍ପିତ
- ବ୍ରହ୍ମପୁର ସହରବାସୀଙ୍କ ପାଇଁ ୨୪ ଘଣ୍ଟିଆ ଡ୍ରିଙ୍କ୍ ଫ୍ରମ୍ ଟ୍ୟାପ୍ ସୁବିଧା




ରାଜ୍ୟର ସହର ବିକାଶ ଇତିହାସରେ ଏକ ନୂଆ ମାଇଲଖୁଣ୍ଟ ସୃଷ୍ଟି ହୋଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗୁରୁବାର ୫-ଟି ଉପକ୍ରମରେ ସହରବାସୀଙ୍କ ପାଇଁ ପିଇବା ପାଣି, ଡ୍ରିଙ୍କ୍ ଫ୍ରମ୍ ଟ୍ୟାପ୍, ସ୍ୱେରେଜ ବ୍ୟବସ୍ଥା, ଅନେକ ନାଗରିକ ସେବା ସହିତ ବସ୍ତିବାସିନ୍ଦାଙ୍କୁ ଭୂମି ଅଧିକାର ଓ ବିଜୁ ଆଦର୍ଶ କଲୋନୀ ଲୋକାର୍ପଣ କରିଛନ୍ତି।

ମୁଖ୍ୟମନ୍ତ୍ରୀ ୪ ସହର ଯଥା କଟକ, ସମ୍ବଲପୁର, ବ୍ରହ୍ମପୁର ଓ ରାଉରକେଲାର ୨୧,୪୨୭ ବସ୍ତିବାସିନ୍ଦା ପରିବାରକୁ ଭୂମି ଅଧିକାର ପ୍ରମାଣପତ୍ର ପ୍ରଦାନ କରିଛନ୍ତି। ଏଥିସହିତ ରାଜ୍ୟର ୨୬ଟି ସହରରେ ୬୨୬ଟି ବିଜୁ ଆଦର୍ଶ କଲୋନୀ ଲୋକାର୍ପଣ କରିଛନ୍ତି। ଏହା ଦ୍ୱାରା ୨ ଲକ୍ଷ ପରିବାର ଉପକୃତ ହୋଇଛନ୍ତି। ଏଥିସହିତ ୨୬ ସହର ବସ୍ତିମୁକ୍ତ ହୋଇଛି। ସହରର ଅନ୍ୟମାନଙ୍କ ପରି ସେମାନେ ମଧ୍ୟ ସବୁ ମୌଳିକ ସୁବିଧା ସୁଯୋଗ ପାଇଛନ୍ତି।

ଏଥିସହିତ ଝାରସୁଗୁଡ଼ା, ବ୍ରଜରାଜନଗର ଓ ବେଲପାହାଡ଼ ସହର ସହିତ ଅନେକ ସହରରେ ପାନୀୟ ଜଳ ପ୍ରକଳ୍ପ ଆରମ୍ଭ କରାଯାଇଛି। ଏହା ଦ୍ୱାରା ୨.୬୫ ଲକ୍ଷ ବାସିନ୍ଦା ଉପକୃତ ହେବେ। ଏଥିସହିତ ଉନ୍ନତି ଓ ମୁକ୍ତା ଯୋଜନାରେ ବିଭିନ୍ନ ସହରରେ ୩୬୯୯ ନୂଆ ପେଭେଡ୍ ରୋଡ୍ ଏବଂ ୬୯୬୧ ସିଭିକ ଆମେନିଟିଜ୍ ପ୍ରୋଜେକ୍ଟ ଉତ୍ସର୍ଗ କରାଯାଇଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ରାଜ୍ୟର ୨୪ଟି ସହରରେ ୧୧୬୪ କୋଟି ଟଙ୍କା ମୂଲ୍ୟର ୨୭ଟି ଜଳଯୋଗାଣ ପ୍ରକଳ୍ପ ପାଇଁ ଭିତ୍ତି ରଖିଛନ୍ତି।

ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ସହର ହେଉଛି ଗୋଟିଏ ରାଜ୍ୟର ବିକାଶର ଦର୍ପଣ। ୫-ଟି ଉପକ୍ରମରେ ହେଉଥିବା ଏହିସବୁ ବିକାଶ କାର୍ଯ୍ୟକ୍ରମ ଲୋକଙ୍କ ଜୀବନଧାରଣ ମାନରେ ଉନ୍ନତି ଆଣିଛି। ଏହିସବୁ ପ୍ରକଳ୍ପ ବିକାଶ ଲକ୍ଷ୍ୟ ହାସଲ କରିବାରେ ସହାୟକ ହେବ। ଆମ ରାଜ୍ୟର ଡ୍ରିଙ୍କ୍ ଫ୍ରମ୍ ଟ୍ୟାପ୍ ଓ ସହରାଞ୍ଚଳ ବିକାଶ କାର୍ଯ୍ୟକ୍ରମ ସାରା ଦେଶ ପାଇଁ ଏକ ମଡେଲ ହୋଇଛି। ବ୍ରହ୍ମପୁର ସହରର ସବୁ ପରିବାର ଆଜିଠୁ ୨୪ ଘଣ୍ଟିଆ ଡ୍ରିଙ୍କ୍ ଫ୍ରମ୍ ଟ୍ୟାପ୍ ସୁବିଧା ପାଇଛନ୍ତି। ଏଥିସହିତ ରାଜ୍ୟର ୮ଟି ସହରରେ ଏହି ସୁବିଧା ଉପଲବ୍ଧ ହୋଇଛି। ଭଲ ପିଇବା ପାଣି ୫୦ ପ୍ରତିଶତ ସ୍ୱାସ୍ଥ୍ୟ ସମସ୍ୟା ସମାଧାନ କରିଥାଏ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଗାନ୍ଧିଜୀଙ୍କ ଭାଷାରେ ପରିମଳ ବ୍ୟବସ୍ଥା ସ୍ୱାଧୀନତାଠାରୁ ମଧ୍ୟ ଅଧିକ ଜରୁରୀ। କଟକ ଓ ଭୁବନେଶ୍ୱର ପାଇଁ ଓଡ଼ିଶା ସମନ୍ୱିତ ପରିମଳ ବିକାଶ ପ୍ରକଳ୍ପ ଉତ୍ସର୍ଗ କରି ମୁଁ ବହୁତ ଖୁସି। ଏଥିପାଇଁ ଜାଇକା ସହାୟତାରେ ୪ ହଜାର କୋଟି ଟଙ୍କା ଖର୍ଚ୍ଚ କରାଯାଇଛି। ଏହା ଦ୍ୱାରା ଭୁବନେଶ୍ୱର ଓ କଟକ ସହରରେ ହୋଇଥିବା ଭୂତଳ ସ୍ୱେରେଜ ବ୍ୟବସ୍ଥା ସହରର ପରିଚୟକୁ ଆହୁରି ଉଜ୍ଜ୍ୱଳ କରିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

କାର୍ଯ୍ୟକ୍ରମରେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଉଷା ଦେବୀ ଯୋଗଦେଇ କହିଛନ୍ତି, ଆଜି ସୁଦ୍ଧା ୨ ଲକ୍ଷ ୩୫ ହଜାର ପରିବାରକୁ ଭୂମି ଅଧିକାର ପ୍ରମାଣପତ୍ର ପ୍ରଦାନ କରାଯାଇଛି। ୧୬୩୬ଟି ବସ୍ତିକୁ ବିଜୁ ଆଦର୍ଶ କଲୋନୀରେ ପରିଣତ କରାଯାଇଛି। ୪ଟି ମହାନଗର ନିଗମର ୨୧,୪୨୭ ପରିବାରକୁ ଭୂମି ଅଧିକାର ପ୍ରମାଣ ପତ୍ର ପ୍ରଦାନ କରାଯାଇଛି।

ଏହି କାର୍ଯ୍ୟକ୍ରମରେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଜି. ମାଥିଭାଥନନ୍ ସ୍ୱାଗତ ଭାଷଣ ଦେଇଥିବା ବେଳେ ପୌର ପ୍ରଶାସନ ନିର୍ଦ୍ଦେଶକ ଧନ୍ୟବାଦ ଅର୍ପଣ କରିଥିଲେ।

# ଭାରତରେ ବଢୁଛି କଲରାପତରିଆ ବଂଶ




ନୂଆଦିଲ୍ଲୀ, ୨୯।୨ (ପି.ଟି)

ଭାରତରେ କଲରାପତରିଆ ବାଘଙ୍କ ସଂଖ୍ୟାରେ ବୃଦ୍ଧି ଘଟିଛି। କେନ୍ଦ୍ର ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟର ସବିଶେଷ ରିପୋର୍ଟ ଅନୁଯାୟୀ ୨୦୨୨ ସୁଦ୍ଧା ଭାରତରେ କଲରାପତରିଆ ବାଘଙ୍କ ସଂଖ୍ୟା ବଢ଼ି ୧୩,୮୭୪ରେ ପହଞ୍ଚିଛି। ଏହି ସଂଖ୍ୟା ୨୦୧୮ରେ ୧୨,୮୫୨ ରହିଥିବାରୁ ୪ ବର୍ଷ ମଧ୍ୟରେ ଦେଶରେ ୧,୦୨୨ କଲରାପତରିଆ ବାଘଙ୍କର ବୃଦ୍ଧି ଘଟିଛି। ଦେଶରେ କଲରାପତରିଆ ବାଘଙ୍କ ସ୍ଥିତି ନେଇ ଗୁରୁବାର କେନ୍ଦ୍ର ପରିବେଶ ମନ୍ତ୍ରୀ ଭୁପେନ୍ଦ୍ର ଯାଦବ ଏକ ରିପୋର୍ଟ ଉନ୍ମୋଚନ କରିଛନ୍ତି। ମଧ୍ୟପ୍ରଦେଶରେ କଲରାପତରିଆ ବାଘଙ୍କ ☞ପୃଷ୍ଠା-୬

## ଓଡ଼ିଶାରେ କମୁଛି

### ୪ ବର୍ଷରେ କମିଲା ୧୯୨

ଭୁବନେଶ୍ୱର,୨୯।୨(ଅସମାପିକା ସାହୁ)

ରାଜ୍ୟରେ କଲରାପତରିଆ ବାଘଙ୍କ ସଂଖ୍ୟା ହ୍ରାସ ପାଇଛି। ଦେଶରେ ହୋଇଥିବା କଲରାପତରିଆ ଗଣନା ରିପୋର୍ଟ-୨୦୨୨ରୁ ଏହି ତଥ୍ୟ ସାମନାକୁ ଆସିଛି। ଗତ ୪ବର୍ଷରେ ୧୯୨ଟି କଲରପତରିଆ ବାଘ କମିଥିବା ଜଣାପଡ଼ିଛି। ରିପୋର୍ଟ ଅନୁସାରେ ୨୦୧୮ରେ ହୋଇଥିବା କଲରାପତରିଆ ଗଣନା ବେଳେ ☞ପୃଷ୍ଠା-୬


DSPL-750

ODISHA NEW OPPORTUNITIES | 5T | ଆମ ଓଡ଼ିଶା ନବୀନ ଓଡ଼ିଶା

**ODISHA: THE NEW MANUFACTURING HUB OF INDIA**

Keeping the Hon'ble Chief Minister's vision of faster conversion of investment intents to grounding

**Industries Department is pleased to announce**

Inauguration & Groundbreaking of 32 New Industrial Projects*
across 10 sectors in 14 Districts

**By Shri NAVEEN PATNAIK,**
Hon'ble Chief Minister of Odisha

**1st March 2024**

#NUA-O YUBA ODISHA NABIN ODISHA



**Inauguration:**
Bhaskar Steel And Ferro Alloy Pvt Ltd | Mash Biofuels Pvt Ltd | Chalah Infratech Private Limited | Aditya Birla Renewables Limited | ABIS Exports India Private Limited | N K Anand Footwear | Sygma Tubes And Pipes Private Limited | Mayfair Hotels & Resorts Ltd. | SAIZAR Enterprise Pvt. Ltd.

**Groundbreaking:**
Ampin Solar One Private Limited | Epsilon Carbon Ashoka Private Limited | Hindalco Industries Ltd | Calderys India Refractories Limited | Ion Exchange (India) Ltd | Hindalco Industries Ltd | MGM Biofuels Pvt Ltd | Jatia Steel Ltd | VCI Chemical Industries Pvt Ltd | MGM Resorts Pvt. Ltd. | Century Extrusions Limited | ABIS Exports India Private Limited | Purv Packaging | Crackers India Alloys Ltd | Pearl Precision Products Pvt Ltd | Woodisha Nirman Udyog Private Limited | SLM Powders Private Limited | Pragati Milk Products Pvt. Ltd. | Terrestrial Food Processors Private Limited (JK Paper Group) | Arundhati Bandhakala LLP | Offshore Infrastructures Limited | Milk Mantra Dairy Private Limited | Romco Aluminates Pvt Ltd

₹7,000 CR. INVESTMENT | 24,500 EMPLOYMENT

"ଶିଳ୍ପାୟନ ଦ୍ୱାରା ରାଜ୍ୟର ଯୁବବର୍ଗଙ୍କୁ କର୍ମ ନିଯୁକ୍ତି ଯୋଗାଇଦେବା ଆମର ଲକ୍ଷ୍ୟ। ଏହି ସବୁ ନୂତନ ଶିଳ୍ପ ହେବା ଦ୍ୱାରା ରାଜ୍ୟବାସୀ ଉପକୃତ ହେବେ ଏବଂ ଆମ ରାଜ୍ୟ ବିଶ୍ୱ ମାନଚିତ୍ରରେ ଏକ ଶିଳ୍ପ ଶକ୍ତି ଭାବେ ଗଢି ଉଠିବ"

Naveen Patnaik
Chief Minister, Odisha

OIPR-14005/13/0063/2324

Scarecrow M&C Saatchi/2024/Mar

Email us at: info@investodisha.org
For any queries or inquiries give a missed call on: 01732351348
Please visit http://www.investodisha.gov.in/
Follow us on @investInOdisha /InvestOdisha

# ଧରିତ୍ରୀ
DHARITRI

ଧରିତ୍ରୀ 50 Years

ଭୁବନେଶ୍ୱର, ଶୁକ୍ରବାର, ମାର୍ଚ୍ଚ ୧/୨୦୨୪ | Bhubaneswar, Friday, March 1/2024







# ରତ୍ନଭଣ୍ଡାର ଅଳଙ୍କାର ଗଣତି ହେବ

- ଉଚ୍ଚସ୍ତରୀୟ କମିଟି ଗଠନ କଲେ ରାଜ୍ୟ ସରକାର
- ଅବସରପ୍ରାପ୍ତ ବିଚାରପତି ଅରିଜିତ୍ ପଶାୟତ ଅଧ୍ୟକ୍ଷ

**ପୁରୀ,୨୯।୨(ଅଜିତ୍ ମହାନ୍ତି)**



ହାଇକୋର୍ଟଙ୍କ ନିର୍ଦ୍ଦେଶ ପରେ ଶ୍ରୀମନ୍ଦିର ରତ୍ନଭଣ୍ଡାରର ରତ୍ନଅଳଙ୍କାର ଗଣତି ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରୟାସ ଆରମ୍ଭ ହୋଇଛି। ଏହି କ୍ରମରେ ଗୁରୁବାର ରତ୍ନ ଅଳଙ୍କାର ଗଣତିମଣତି ନିମନ୍ତେ ଏକ ଉଚ୍ଚସ୍ତରୀୟ କମିଟି ଗଠନ କରାଯାଇଛି। ଫଳରେ ଦୀର୍ଘ ୪୬ ବର୍ଷ ପରେ ଦୁର୍ଭେଦ୍ୟ ରତ୍ନଭଣ୍ଡାର ଖୋଲିବା ନେଇ ଆଶା ଉଜ୍ଜୀବିତ ହୋଇଛି। ଉଲ୍ଲେଖଯୋଗ୍ୟ ଯେ, ୧୯୭୮ ମସିହାରେ ଶେଷଥର ପାଇଁ ରତ୍ନଅଳଙ୍କାର ଗଣତିମଣତି ହୋଇଥିଲା। ତା' ପରଠାରୁ ଆଉ ରତ୍ନଭଣ୍ଡାର ଅଳଙ୍କାର ଗଣତିମଣତି ହୋଇନାହିଁ। ସେହିପରି ଭିତର ରତ୍ନଭଣ୍ଡାରରେ ୫୯୭ ଓ ବାହାର ରତ୍ନଭଣ୍ଡାରରେ ୩୧ ପ୍ରକାରର ଦୁର୍ମୂଲ୍ୟ ହୀରା, ମୋତି ମାଣିକ୍ୟ, ସୁନା, ରୁପା ଆଦି ରତ୍ନଅଳଙ୍କାର ରହିଥିବା କୁହାଯାଉଛି।

ରତ୍ନଭଣ୍ଡାରରେ ଥିବା ରତ୍ନଅଳଙ୍କାରଗୁଡ଼ିକୁ ଗଣତିମଣତି କରିବା ପ୍ରସଙ୍ଗରେ ରାଜ୍ୟ ସରକାର ଅବହେଳା କରୁଥିବା ନେଇ ବିଭିନ୍ନ ମହଲରେ ଅଭିଯୋଗ ହୋଇ ଆସୁଥିଲା। ଏପରିକି ବିରୋଧୀ ଦଳ ଏବଂ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଶ୍ରୀମନ୍ଦିର ପ୍ରଶାସନ ଓ ସରକାରଙ୍କୁ ସମାଲୋଚନା କରାଯାଉଥିଲା। ତେବେ ବିଭିନ୍ନ ମହଲରେ ବାରମ୍ବାର ଦାବି ହେବା ସହ ହାଇକୋର୍ଟରେ ଏ ନେଇ ଆବେଦନ ଦାଖଲ କରାଯାଇଥିଲା। ଭାଜପାର ପୂର୍ବତନ ରାଜ୍ୟ ସଭାପତି ସମୀର ମହାନ୍ତି ଏକ ଅନ୍ତରୀଣ ଆବେଦନ କରିଥିଲେ। ହାଇକୋର୍ଟ ଏହି ମାମଲାର ଶୁଣାଣି କରି ରତ୍ନଭଣ୍ଡାର ଖୋଲି ଅଳଙ୍କାର ଏବଂ ଅନ୍ୟାନ୍ୟ ଜିନିଷ ଗଣନା ପାଇଁ ଉଚ୍ଚସ୍ତରୀୟ କମିଟି ଗଠନ ସହ ହାଇକୋର୍ଟ ବା ସୁପ୍ରିମକୋର୍ଟର ଜଣେ ଅବସରପ୍ରାପ୍ତ ବିଚାରପତିଙ୍କୁ ଏହାର ଅଧ୍ୟକ୍ଷ ନିଯୁକ୍ତ କରିବାକୁ ନିର୍ଦ୍ଦେଶ ଦେଇଥିଲେ।

ସେହିପରି ଗତବର୍ଷ ଅଗଷ୍ଟରେ ଅନୁଷ୍ଠିତ ଶ୍ରୀମନ୍ଦିର ପରିଚାଳନା କମିଟି ବୈଠକରେ ଏ ନେଇ ମଧ୍ୟ ସରକାରଙ୍କୁ ପ୍ରସ୍ତାବ ଦିଆଯାଇଥିଲା। ଫଳରେ ସରକାରଙ୍କ କୁମ୍ଭକର୍ଣ୍ଣ ନିଦ୍ରା ଭାଙ୍ଗିଛି। ହାଇକୋର୍ଟଙ୍କ ନିର୍ଦ୍ଦେଶ ମୁତାବକ ରତ୍ନଅଳଙ୍କାର ଗଣତିମଣତି ପାଇଁ ସରକାର ଏକ ଉଚ୍ଚସ୍ତରୀୟ ଟିମ୍ ଗଠନ କରିଛନ୍ତି। ଏହି କମିଟି ରତ୍ନଭଣ୍ଡାରରେ ଥିବା ମହାପ୍ରଭୁଙ୍କ ଅଳଙ୍କାର ଓ ବିଭିନ୍ନ ମୂଲ୍ୟବାନ ବସ୍ତୁର ତାଲିକା ପ୍ରସ୍ତୁତ କରିବ। କମିଟିରେ ଅଧ୍ୟକ୍ଷଙ୍କ ସମେତ ୧୨ଜଣ ସଦସ୍ୟ ରହିଛନ୍ତି। ସୁପ୍ରିମକୋର୍ଟର ଅବସରପ୍ରାପ୍ତ ବିଚାରପତି ଅରିଜିତ୍ ପଶାୟତ ଏହି କମିଟିର ଅଧ୍ୟକ୍ଷ ରହିଥିବାବେଳେ ଶ୍ରୀମନ୍ଦିର ପରିଚାଳନା କମିଟିର ତିନିଜଣ ସଦସ୍ୟ ଦୁର୍ଗାଦାସ ମହାପାତ୍ର, ମାଧବ ମହାପାତ୍ର ଏବଂ ଜଗନ୍ନାଥ କର ସ୍ଥାନ ପାଇଛନ୍ତି। ସେହିପରି ପ୍ରସିଦ୍ଧ ହୃଦ୍‌ରୋଗ ବିଶେଷଜ୍ଞ ଡା. ରମାକାନ୍ତ ପଣ୍ଡା, ଆଲ୍ଲାହାବାଦ ବ୍ୟାଙ୍କର ପୂର୍ବତନ ସିଏମ୍‌ଡି ଡ. ବିଧୁଭୂଷଣ ସାମଲ, ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ଏ.କେ. ସାବତ, ଗଜପତି ମହାରାଜାଙ୍କ ପ୍ରତିନିଧି, ପୁରୀ ଜିଲାପାଳ, ଏଏସ୍ଆଇ ଅଧିକାରୀ, ଭଣ୍ଡାର ମେକାପ, ଗଣେଶ ମେକାପ କମିଟିରେ ରହିଛନ୍ତି। ଏନେଇ ଶ୍ରୀମନ୍ଦିର ପରିଚାଳନା କମିଟି ସଦସ୍ୟ ଜଗନ୍ନାଥ କର କହିଛନ୍ତି, ଶ୍ରୀମନ୍ଦିର ସୁରକ୍ଷା ଓ ଭକ୍ତଙ୍କ ଭାବନାକୁ ସମ୍ମାନ ଜଣାଇ ରାଜ୍ୟ ସରକାରଙ୍କ ପକ୍ଷରୁ ଏକ କମିଟି ଗଠନ କରାଯାଇଛି। ଏଥିପାଇଁ ଶ୍ରୀମନ୍ଦିର ପ୍ରଶାସନ ଓ ରାଜ୍ୟ ସରକାରଙ୍କୁ ଧନ୍ୟବାଦ ଦେଉଛୁ। ରତ୍ନଭଣ୍ଡାରର ସୁରକ୍ଷା ପାଇଁ ପରିଚାଳନା କମିଟି ପକ୍ଷରୁ ସରକାରଙ୍କୁ ଏକ କମିଟି ଗଠନ କରିବାକୁ ପ୍ରସ୍ତାବ ଦିଆଯାଇଥିଲା, ଯାହା ଗ୍ରହଣୀୟ ହୋଇ ରାଜ୍ୟ ସରକାରଙ୍କ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଆଗାମୀ ଦିନରେ କମିଟିର ☞ପୃଷ୍ଠା-୬

## ଏବେ ବି ରହସ୍ୟରେ

**ଭୁବନେଶ୍ୱର,୨୯।୨**

**ଖୋଲିବାକୁ ଉଦ୍ୟମ କରିଥିବା ସରକାରଙ୍କ ପତନ ଘଟିଛି**

ଦ୍ୱାଦଶ ଶତାବ୍ଦୀର ବିଶ୍ୱ ପ୍ରସିଦ୍ଧ ଐତିହ୍ୟ ପୁରୀ ଶ୍ରୀମନ୍ଦିରରେ ଥିବା ରତ୍ନଭଣ୍ଡାର ଏବେ ବି ଲୋକଙ୍କ ପାଇଁ ଏକ ରହସ୍ୟ ହୋଇ ରହିଛି। ମହାପ୍ରଭୁଙ୍କର ଦୁଇଟି ରତ୍ନଭଣ୍ଡାର ଅଛି। ଗୋଟିଏ ଭିତର ଓ ଅନ୍ୟଟି ବାହାର ରତ୍ନଭଣ୍ଡାର। ପ୍ରତିବର୍ଷ ରଥଯାତ୍ରା ଓ ମହାପ୍ରଭୁଙ୍କ ଅନ୍ୟାନ୍ୟ ଯାନିଯାତ୍ରା ସମୟରେ ବାହାର ରତ୍ନଭଣ୍ଡାରରୁ ରତ୍ନ ଆଭୂଷଣ ଅଣାଯାଇ ବେଶ କରାଯାଇଥାଏ। କିନ୍ତୁ ଭିତର ରତ୍ନଭଣ୍ଡାର ବନ୍ଦ ରହିଥିବାରୁ ସେଠାରେ କେତେ ପରିମାଣର ଆଭୂଷଣ ରହିଛି ତା'ର ସବିଶେଷ ବିବରଣୀ କାହା ପାଖରେ ନାହିଁ। ଏପରି କି ଭିତର ରତ୍ନଭଣ୍ଡାରରେ ୭ଟି ଭଣ୍ଡାର ଘର ଥିବା କୁହାଯାଉଛି। ଭିତର ରତ୍ନଭଣ୍ଡାରକୁ ଖୋଲିବା ପାଇଁ ଅତୀତରେ କ୍ୱଚିତ୍ ଉଦ୍ୟମ ହୋଇଛି। ତଥ୍ୟ ମୁତାବକ ନୀଳମଣି ରାଉତରାୟ ୧୯୭୭ରୁ ୧୯୮୦ ପର୍ଯ୍ୟନ୍ତ ଓଡ଼ିଶାର ଦଶମ ମୁଖ୍ୟମନ୍ତ୍ରୀ ଥିଲେ। ତାଙ୍କ ଅମଳରେ ୧୯୭୮ ମେ' ୧୩ରୁ ଜୁଲାଇ ୨୩ ମଧ୍ୟରେ ରତ୍ନଭଣ୍ଡାର ଖୋଲାଯାଇଥିଲା। ସେତେବେଳେ ☞ପୃଷ୍ଠା-୬

# ରତ୍ନଭଣ୍ଡାର କାନ୍ଥରେ ଫାଟ

**ପୁରୀ,୨୯।୨(ଅଜିତ୍ ମହାନ୍ତି)**

**୧୯ରେ ସରିବ ନାଟମଣ୍ଡପ ମରାମତି**

- ଶ୍ରୀମନ୍ଦିର ୪ ଦ୍ୱାର, ମେଘନାଦ ପାଚେରି ଆଲୋକୀକରଣ କରାଯିବ
- ରଘୁନନ୍ଦନ ଲାଇବ୍ରେରି, ଅଭ୍ୟର୍ଥନା କେନ୍ଦ୍ର ପାଇଁ ଏନ୍ଏମ୍ଏ ଅନୁମତି

ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟରେ ଗୁରୁବାର ଗଜପତିଦିବ୍ୟସିଂହ ଦେବଙ୍କ ଅଧ୍ୟକ୍ଷତାରେ ଶ୍ରୀମନ୍ଦିର ପରିଚାଳନା କମିଟିର ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଭାରତୀୟ ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣ (ଏଏସ୍ଆଇ) ଦ୍ୱାରା ନଭେମ୍ବର ୧୭ରୁ ଆରମ୍ଭ ହୋଇଥିବା ଶ୍ରୀମନ୍ଦିର ନାଟମଣ୍ଡପ ସଂରକ୍ଷଣ ଓ ମରାମତି କାର୍ଯ୍ୟକ୍ରମର ଅଗ୍ରଗତି ସମ୍ପର୍କରେ ଆଲୋଚନା କରାଯାଇଥିଲା। ସମସ୍ତଙ୍କ ସହଯୋଗରେ ଷ୍ଟେନଲେସ ଷ୍ଟିଲ୍ ବିମ୍ ବସିବା କାର୍ଯ୍ୟ ଗତ ୨୩ ତାରିଖରୁ ଆରମ୍ଭ ହୋଇଛି ଏବଂ ଏହା ମାର୍ଚ୍ଚ ୧୯ ତାରିଖ ସୁଦ୍ଧା ଶେଷ କରାଯିବାକୁ ଲକ୍ଷ୍ୟ ରଖାଯାଇଛି। ସେହିପରି ରତ୍ନଭଣ୍ଡାର ବାହାର ପାର୍ଶ୍ୱ କାନ୍ଥର ଲେଜର ସ୍କାନିଂ ରିପୋର୍ଟ ବୈଠକରେ ଉପସ୍ଥାପିତ ହୋଇଥିଲା। ରିପୋର୍ଟ ଅନୁଯାୟୀ ରତ୍ନଭଣ୍ଡାର ବାହାର ପାର୍ଶ୍ୱ କାନ୍ଥରେ ଫାଟ ଥିବାରୁ ଶ୍ରୀମନ୍ଦିର ବୈଷୟିକ କମିଟିରେ ଏ ସମ୍ପର୍କରେ ଆଲୋଚନା କରାଯାଇ କେବେ କାର୍ଯ୍ୟ ଆରମ୍ଭ ହେବ ତାହା ନିଷ୍ପତ୍ତି ନିଆଯିବ।

ସୂଚନା ଅନୁଯାୟୀ, ରତ୍ନଭଣ୍ଡାର ଉତ୍ତରପାର୍ଶ୍ୱ କାନ୍ଥରେ ଫାଟଥିବା ଏଏସ୍ଆଇ ରିପୋର୍ଟରେ ସ୍ପଷ୍ଟ ଭାବେ ଉଲ୍ଲେଖ ରହିଛି। ଏଭଳି ଫାଟ ଭବିଷ୍ୟତରେ କ୍ଷତି ସୃଷ୍ଟି କରିପାରେ ବୋଲି ଏଏସ୍ଆଇ ଆଶଙ୍କା ବ୍ୟକ୍ତ କରିଛି। ରତ୍ନଭଣ୍ଡାରର ବାହାର ତିନୋଟି କାନ୍ଥକୁ ଡି ପ୍ଲାଷ୍ଟର କରାଯିବା ପରେ ଯଦି କୌଣସି କ୍ଷତି ଦେଖାଯାଏ ତାହାକୁ ସଂରକ୍ଷଣ ପ୍ରଣାଳୀ ଦ୍ୱାରା ଉପଯୁକ୍ତ ପଦକ୍ଷେପ ନିଆଯିବ ବୋଲି ଏଏସ୍ଆଇ କହିଛି। ଗତବର୍ଷ ନଭେମ୍ବରରେ ଦୁଇଦିନ ଧରି ଏଏସ୍ଆଇ ପକ୍ଷରୁ ରତ୍ନଭଣ୍ଡାର ବାହାରପାର୍ଶ୍ୱ କାନ୍ଥର ୪୯ଟି ପଏଣ୍ଟରେ ଲେଜର୍ ସ୍କାନିଂ କରାଯାଇଥିଲା। ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଦାୟିତ୍ୱରେ ଥିବା ସମର୍ଥ ବର୍ମା କହିଛନ୍ତି, ଶ୍ରୀଜଗନ୍ନାଥ ଯାତ୍ରୀ ଅଭ୍ୟର୍ଥନା କେନ୍ଦ୍ର, ନୂତନ ଶ୍ରୀମନ୍ଦିର କାର୍ଯ୍ୟାଳୟ, ରଘୁନନ୍ଦନ ଲାଇବ୍ରେରୀ ଓ ସାଂସ୍କୃତିକ କେନ୍ଦ୍ର ନିର୍ମାଣ ସମେତ ଅବଢ଼ା ଯୋଜନାରେ ଚାଲିଥିବା ବିଭିନ୍ନ ପ୍ରକଳ୍ପ କାର୍ଯ୍ୟ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଗତ ୨୩ ତାରିଖଠାରୁ ଏଏସ୍ଆଇ ପକ୍ଷରୁ ଶ୍ରୀମନ୍ଦିର ନାଟମଣ୍ଡପ କାମ ଆରମ୍ଭ ହୋଇଛି। ସେବାୟତମାନଙ୍କ ପକ୍ଷରୁ ସହଯୋଗ ମିଳୁଛି। ମହାପ୍ରଭୁଙ୍କ ନୀତି ଶୃଙ୍ଖଳିତ ଭାବେ ଚାଲିଛି। ରତ୍ନଭଣ୍ଡାର ବାହାର କାନ୍ଥର ଲେଜର ସ୍କାନିଂ ଏଏସ୍ଆଇ ପକ୍ଷରୁ କରାଯାଇଥିଲା। ଏହାର ପ୍ରାଥମିକ ରିପୋର୍ଟ ଅନୁଧ୍ୟାନ ପରେ ବୈଷୟିକ ସବ୍‌କମିଟିକୁ ହସ୍ତାନ୍ତର କରାଯାଇଛି। ରିପୋର୍ଟକୁ ଟେକ୍ନିକାଲ ଟିମ୍ ତର୍ଜମା କରିବା ପରେ ଆସନ୍ତା ☞ପୃଷ୍ଠା-୬

## ପିଏମ୍‌ଶ୍ରୀ ସ୍କୁଲ୍ ଏମ୍ଓୟୁରେ ସ୍ୱାକ୍ଷର କରିନି ଓଡ଼ିଶା

### କେନ୍ଦ୍ରର ଉଦ୍‌ବେଗ

**ନୂଆଦିଲ୍ଲୀ,୨୯।୨(ପି.ଟି.)**

ଓଡ଼ିଶା ସମେତ ୫ ରାଜ୍ୟ ପିଏମ୍‌ଶ୍ରୀ ସ୍କୁଲ୍ ଯୋଜନା ପାଇଁ ଶିକ୍ଷା ମନ୍ତ୍ରଣାଳୟ ସହ ବୁଝାମଣା ପତ୍ର (ଏମ୍ଓୟୁ) ସ୍ୱାକ୍ଷର କରି ନ ଥିବାରୁ କେନ୍ଦ୍ର ସରକାର ଉଦ୍‌ବେଗ ପ୍ରକାଶ କରିଛନ୍ତି। ସମଗ୍ର ଶିକ୍ଷା ଯୋଜନାରେ ପଞ୍ଜାବ କ୍ରମାଗତ ଭାବେ ପାଣ୍ଠି ନେଉଥିବା ସତ୍ତ୍ୱେ ଏହାକୁ କାର୍ଯ୍ୟକାରୀ କରୁନାହିଁ। ଏପର୍ଯ୍ୟନ୍ତ ମୋଟ ୩୦ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳ ପିଏମ୍‌ଶ୍ରୀ ସ୍କୁଲ୍ ଯୋଜନା କାର୍ଯ୍ୟକାରୀ କରିବା ପାଇଁ କେନ୍ଦ୍ର ଶିକ୍ଷା ମନ୍ତ୍ରଣାଳୟ ସହ ଏମ୍ଓୟୁ ସ୍ୱାକ୍ଷର କରିଥିବାବେଳେ ଓଡ଼ିଶା, ପଶ୍ଚିମବଙ୍ଗ, ତାମିଲନାଡୁ, କେରଳ ଏବଂ ଦିଲ୍ଲୀ ସରକାର ଏପର୍ଯ୍ୟନ୍ତ ସ୍ୱାକ୍ଷର କରିନାହାନ୍ତି। ଏହି ଯୋଜନାରେ ୧୪,୫୦୦ ସ୍କୁଲ୍‌କୁ ଉନ୍ନୀତ କରାଇବା ଲକ୍ଷ୍ୟ ରଖାଯାଇଥିବାବେଳେ ୧୮ ଲକ୍ଷ ଛାତ୍ରୀଛାତ୍ର ଏଥିରୁ ଉପକୃତ ହେବା ଆଶା କରାଯାଉଛି। ଉକ୍ତ ସ୍କୁଲଗୁଡ଼ିକୁ ଆଦର୍ଶ ଶିକ୍ଷାନୁଷ୍ଠାନରେ ପରିଣତ କରିବାକୁ ଲକ୍ଷ୍ୟ ରଖାଯାଇଛି। ବର୍ତ୍ତମାନ ସୁଦ୍ଧା ପ୍ରଥମ ପର୍ଯ୍ୟାୟରେ ୨୮ ରାଜ୍ୟ ଓ କେନ୍ଦ୍ରଶାସିତ ☞ପୃଷ୍ଠା-୬


**ଆଜିର ସମ୍ପାଦକୀୟ**

ନ୍ୟାୟାଳୟ ଓ ଗଣତନ୍ତ୍ର ସୁରକ୍ଷା










# ଆଜି କ’ଣ କେଉଁଠି

## ଭୁବନେଶ୍ୱର

- ରାଜ୍ୟସ୍ତରୀୟ ସେମିନାର, ସ୍ଥାନ: ଡ. ରାଧେଲାଲ ହଲ୍, ସିଏଇଟି, ଓୟୁଏଟି, ସମୟ: ପୂର୍ବାହ୍ନ ୧୦ଟା ୩୦।
- କମାଣ୍ଡିଂ ଅଫିସର ଆଇଏନ୍ଏସ୍ ଚିଲିକା ଆଣ୍ଡ ଅଫିସର୍ସ, ସ୍ଥାନ: ସ୍ୱସ୍ତି ପ୍ରିମିୟମ୍, ସମୟ: ପୂର୍ବାହ୍ନ ୧୧ଟା ୩୦।
- କର୍ମଚାରୀ ନେତା ଗଗନ ବିହାରୀ ଭଞ୍ଜଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସମାରୋହ, ସ୍ଥାନ: କର୍ମଚାରୀ ଭବନ, ୟୁନିଟ୍–୫, ସମୟ: ପୂର୍ବାହ୍ନ ୧୧ଟା ୩୦।
- ବାବାସାହେବ ଭୀମରାଓ ଆମ୍ବେଦକର ବସ୍ ଟର୍ମିନାଲ ଉଦ୍‌ଘାଟନ, ସ୍ଥାନ: ବରମୁଣ୍ଡା, ସମୟ: ଅପରାହ୍ନ ୫ଟା ୪୫।
- ଶ୍ୱେତପଦ୍ମା ସଙ୍ଗୀତାଳୟ କଲଚରାଲ ଟ୍ରଷ୍ଟ ପକ୍ଷରୁ ସଙ୍ଗୀତ ସନ୍ଧ୍ୟା, ସ୍ଥାନ: ଫରେଷ୍ଟ ପାର୍କ, ସମୟ: ସନ୍ଧ୍ୟା ୬ଟା।
- ନାଟ୍ୟଧାରାର ନାଟକ ମୁଚୁକୁନ୍ଦ, ସ୍ଥାନ: ଭଞ୍ଜକଳା ମଣ୍ଡପ, ସମୟ: ସନ୍ଧ୍ୟା ୭ଟା।

## ପୁରୀ

- ତ୍ରିନାଥ ଦେବାୟ ଟ୍ରାଭେଲ କର୍ମଚାରୀ ସଂଘ ପକ୍ଷରୁ ରକ୍ତଦାନ ଶିବିର, ସ୍ଥାନ: ରେଳବାଇ କଲ୍ୟାଣ ମଣ୍ଡପ, ପୁରୀ, ସମୟ: ପୂର୍ବାହ୍ନ ୧୦ଟା।
- ନାରାୟଣ ସାହୁଙ୍କ ନିମନ୍ତେ ଶ୍ରଦ୍ଧାଞ୍ଜଳି ସଭା, ସ୍ଥାନ: ଗଣାମଲ୍ଲ ସାହି, ସମୟ: ସନ୍ଧ୍ୟା ୭ଟା।
- ରାମଚରିତ ମାନସ କାର୍ଯ୍ୟକ୍ରମରେ ମହାପ୍ରଭୁ ଶ୍ରୀରାମଚନ୍ଦ୍ରଙ୍କ ରାମକଥା, ସ୍ଥାନ: ବାୟାକୁଦା, ଗୋପ, ସମୟ: ରାତି ୮ଟା।

## କଟକ

- କଟକ ଜିଲାରେ ନଦୀ ସଂରକ୍ଷଣ କାର୍ଯ୍ୟକ୍ରମ, ସ୍ଥାନ: ଦେବୀଦ୍ୱାର, ବାଙ୍କୀ, ସମୟ: ସକାଳ ୯ ଟା।
- ଜିଲା ପ୍ରଶାସନ ପକ୍ଷରୁ ଆନ୍ତର୍ଜାତିକ ହୁଇଲ ଚେୟାର ଦିବସ ପାଳନ, ସ୍ଥାନ: କଟକ ଶାରଳା ଭବନ, ସମୟ: ପୂର୍ବାହ୍ନ ୧୦ଟା।
- କଥାକାର କିଶୋରୀଚରଣ ଦାସଙ୍କ ଜନ୍ମ ଶତବାର୍ଷିକ ସମାରୋହ, ସ୍ଥାନ: କଟକ ଶତାବ୍ଦୀ ଭବନ, ସମୟ: ସନ୍ଧ୍ୟା ୬ଟା।

## ବାଲେଶ୍ୱର

- ସଚେତନତା ରାଲି, ସ୍ଥାନ: କଲେକ୍ଟୋରେଟ୍ କ୍ୟାମ୍ପସ୍‌ରୁ ଗାନ୍ଧି ସ୍ମୃତିଭବନ, ବାଲେଶ୍ୱର ସମୟ: ସକାଳ ୮ଟା ୩୦।
- ଜିଲାସ୍ତରୀୟ ଅନ୍ତର୍ଜାତୀୟ ହୁଇଲ ଚେୟାର ଦିବସ–୨୦୨୪, ସ୍ଥାନ: ଗାନ୍ଧି ସ୍ମୃତି ଭବନ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- ଜଳବାୟୁ ପରିବର୍ତ୍ତନ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: କୃଷିବିଜ୍ଞାନକେନ୍ଦ୍ର, ରାଣିତାଲ, ସମୟ: ପୂର୍ବାହ୍ନ ୧୦ଟା।
- ‘ସାଇ ଫେଷ୍ଟ ୨୦୨୪’ର ଉଦ୍‌ଯାପନୀ ଉତ୍ସବ, ସ୍ଥାନ: ସତ୍ୟସାଇ ଗ୍ରୁପ୍ ଅଫ୍ ଇନ୍‌ଷ୍ଟିଚ୍ୟୁଶନ, ଶ୍ରୀକୋଣା, ବାଲେଶ୍ୱର, ସମୟ: ସନ୍ଧ୍ୟା ୬ଟା।
- ଷ୍ଟାର କ୍ଲବ, ପୋଡ଼ାଡ଼ିହା ଆନୁକୂଲ୍ୟରେ ଆୟୋଜିତ ୧୩ତମ ବାର୍ଷିକ ରୂପସା ମହୋତ୍ସବ ଉଦଘାଟନୀ ଉତ୍ସବ, ସ୍ଥାନ: ପୋଡ଼ାଡ଼ିହା ମହୋତ୍ସବ ପଡ଼ିଆ, ରୂପସା, ସମୟ: ସନ୍ଧ୍ୟା ୬ଟା।

## ମୟୂରଭଞ୍ଜ

- ଅନ୍ତର୍ଜାତୀୟ ହୁଇଲ ଚେୟାର ଦିବସ, ସ୍ଥାନ: ଲକ୍ଷ୍ମୀପୋଷି ଅନ୍ଧବଧିର ସ୍କୁଲ୍ ପରିସର, ବାରିପଦା, ସମୟ: ସକାଳ ୮ଟା।
- ନେହେରୁ ଯୁବକେନ୍ଦ୍ର ପକ୍ଷରୁ ଜିଲାସ୍ତରୀୟ ଆଞ୍ଚଳିକ ଯୁବ ସଂସଦୀୟ କାର୍ଯ୍ୟକ୍ରମ, ସ୍ଥାନ: ଶହୀଦ ସ୍ମୃତି ଭବନ, ବାରିପଦା, ସମୟ: ସକାଳ ୯ଟା୩୦।
- ଭଞ୍ଜସେନାର ବିଶାଳ ଜନ ସମାବେଶ, ସ୍ଥାନ: ରାବଣ ପୋଡ଼ି ପଡ଼ିଆ, ଚିତ୍ରଡ଼ା (ମୋରଡ଼ା ବ୍ଲକ), ସମୟ: ପୂର୍ବାହ୍ନ ୧୧ଟା।
- ବରିଷ୍ଠ ନାଗରିକ ତୀର୍ଥଯାତ୍ରା କାର୍ଯ୍ୟକ୍ରମ, ସ୍ଥାନ: ବାରିପଦା ଷ୍ଟାଡିୟମ, ସମୟ: ଅପରାହ୍ନ ୩ଟା।

## ଭଦ୍ରକ

- ସାଇ ମନ୍ଦିର ପ୍ରତିଷ୍ଠା ଉତ୍ସବ, ସ୍ଥାନ: ଛନ୍ଦାସାହି, ଧାମନଗର, ସମୟ: ସକାଳ ୬ଟା।
- ବରିଷ୍ଠ ନାଗରିକଙ୍କ ତୀର୍ଥଯାତ୍ରା ଶୁଭାରମ୍ଭ, ସ୍ଥାନ: ବ୍ଲକ କାର୍ଯ୍ୟାଳୟ ପରିସର, ବାସୁଦେବପୁର, ସମୟ: ସକାଳ ୭ଟା।
- ଶ୍ରୀ ଗଜାନନଙ୍କ ମନ୍ଦିର ପ୍ରତିଷ୍ଠା ଓ ବିଗ୍ରହ ସ୍ଥାପନ, ସ୍ଥାନ: କୁଆଁରଚତର, ତିହିଡ଼ି, ସମୟ: ସକାଳ ୯ଟା।
- ପୂର୍ବତନ ବିଧାୟକ ହୃଦାନନ୍ଦ ମଲ୍ଲିକଙ୍କ ୩୪ତମ ଶ୍ରାଦ୍ଧବାର୍ଷିକୀ, ସ୍ଥାନ: ହସିନାବାଦ, ଧାମନଗର, ସମୟ: ପୂର୍ବାହ୍ନ ୧୧ଟା।
- ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଶୁଭାରମ୍ଭ, ସ୍ଥାନ: ଜିଲାପାଳ କାର୍ଯ୍ୟାଳୟ, ଭଦ୍ରକ, ସମୟ: ଅପରାହ୍ନ ୩ଟା ୩୦।
- ସଚେତନ ନାଗରିକ କମିଟିର ଖବରଦାତା ସମ୍ମିଳନୀ, ସ୍ଥାନ: ମାଛହାଟ ଛକ, ବାସୁଦେବପୁର, ସମୟ: ଅପରାହ୍ନ ୪ଟା।

## କେନ୍ଦୁଝର

- ଶ୍ରୀ ଲକ୍ଷ୍ମୀ ନାରାୟଣ ମନ୍ଦିର ବାର୍ଷିକ ପ୍ରତିଷ୍ଠା ଉତ୍ସବ, ସ୍ଥାନ: ଉଆଁର ପଞ୍ଚାୟତ, ହାଟଡିହୀ, ସମୟ: ପ୍ରାତଃ ୫ଟା।
- ଅନ୍ତର୍ଜାତୀୟ ହୁଇଲ ଚେୟାର ଦିବସ ଅବସରରେ ୱାକଥନ, ସ୍ଥାନ: କେନ୍ଦୁଝର ଷ୍ଟାଡିୟମ, ସମୟ: ସକାଳ ୮ ଟା।
- ବିଜ୍ଞାପିତ ପରିଷଦ ଘୋଷଣା, ସବ୍ ଟ୍ରେଜେରି, ସବ୍ ରେଜିଷ୍ଟ୍ରାର ଓ ବିଚାର ବିଭାଗୀୟ କୋର୍ଟ ଦାବିରେ ବିକ୍ଷୋଭ, ସ୍ଥାନ: ପାଟଣା ବ୍ଲକ ଛକ , ସମୟ: ପୂର୍ବାହ୍ନ ୧୦ ଟା।
- ଚମ୍ପୁଆ ବନ ବିଭାଗ ପକ୍ଷରୁ ଜଙ୍ଗଲ ନିଆଁ ନିରୋଧ ବୈଠକ, ସ୍ଥାନ: ଟାଉନ ହଲ୍, ସମୟ: ପୂର୍ବାହ୍ନ ୧୦ ଟା।
- ଅନ୍ତର୍ଜାତୀୟ ହୁଇଲ୍ ଚେୟାର ଦିବସ କାର୍ଯ୍ୟକ୍ରମ, ସ୍ଥାନ: ଜିଲା ସଂସ୍କୃତି ଭବନ, କେନ୍ଦୁଝର , ସମୟ: ଅପରାହ୍ନ ୩ ଟା।

## ବ୍ରହ୍ମପୁର

- ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ୨୫ତମ ସମାବର୍ତ୍ତନ ଉତ୍ସବ, ସ୍ଥାନ: ବିଜୁ ପଟ୍ଟନାୟକ ଅଡ଼ିଟୋରିୟମ,ସମୟ: ପୂର୍ବାହ୍ନ ୧୦ଟା।

## ଗଞ୍ଜାମ

- ନାମଯଜ୍ଞ, ଅନ୍ନଯଜ୍ଞ ଶୁଭାରମ୍ଭ, ସ୍ଥାନ: ଫାସିଡ଼ି, ଖଲ୍ଲିକୋଟ, ସମୟ: ସକାଳ ୬ଟା।
- କ୍ରିକେଟ ମ୍ୟାଚ, ସ୍ଥାନ: ଭଞ୍ଜନଗର ବ୍ଲକ ମଲାସପଦର ଶିକ୍ଷାଞ୍ଚଳ ପଡ଼ିଆ, ସମୟ: ସକାଳ ୯ ଟା।
- ନାଗରିକ ମଞ୍ଚର ବିକ୍ଷୋଭ, ସ୍ଥାନ: ଭଞ୍ଜନଗର ଉପଜିଲାପାଳ କାର୍ଯ୍ୟାଳୟ, ସମୟ: ଅପରାହ୍ନ ୧ ଟା୩୦।
- ଶୋକସଭା, ସ୍ଥାନ: ଭଞ୍ଜନଗର ବାର ଆସୋସିଏଶନ କାର୍ଯ୍ୟାଳୟ, ସମୟ: ଅପରାହ୍ନ ୨ ଟା।
- ବିଭିନ୍ନ ଦାବିନେଇ ଆଦିବାସୀ ଭାରତ ମହାସଭା ପକ୍ଷରୁ ଦିବାରାତ୍ର ଗଣଧାରଣା, ସ୍ଥାନ:ଭଞ୍ଜନଗର ଉପ– ଜିଲାପାଳ କାର୍ଯ୍ୟାଳୟ।

## କନ୍ଧମାଳ

- ଅନ୍ତର୍ଜାତୀୟ ହୁଇଲ ଚେୟାର ଦିବସ ପାଳନ, ସ୍ଥାନ:ଗାନ୍ଧି ସ୍ମୃତି ଭବନ, ଫୁଲବାଣୀ, ସମୟ: ସକାଳ୮ଟାରୁ ଆରମ୍ଭ।
- ବାଲୁଙ୍କେଶ୍ୱର ମନ୍ଦିରର ରତ୍ନ ମୁଦ, ପ୍ରତିଷ୍ଠା ଉତ୍ସବ, ସ୍ଥାନ: ଖଜୁରିପଡ଼ା ବ୍ଲକ ବଲସକୁମ୍ପା ପଞ୍ଚାୟତ, ସମୟ: ପୂର୍ବାହ୍ନ ୧୦ଟା।
- ବିଜୁ ଜନତା ଦଳର ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମ, ସ୍ଥାନ:ଜି.ଉଦୟଗିରି ଏନ୍ଏସି ୧୧ନଂ ୱାର୍ଡର ହାତିବାଲି ଓ ଜଡାଙ୍ଗବାଲି ସାହି, ସମୟ: ଅପରାହ୍ନ ୩ଟା।

## ରାୟଗଡ଼ା

- ଅନ୍ତର୍ଜାତୀୟ ହୁଇଲ୍ ଚେୟାର ଦିବସ ପାଳନ କାର୍ଯ୍ୟକ୍ରମ, ସ୍ଥାନ: ରାୟଗଡ଼ା ବିଜୁ ପଟ୍ଟନାୟକ ଅଡିଟୋରିୟମ, ସମୟ: ପୂର୍ବାହ୍ନ ୧୦ଟା।

## କୋରାପୁଟ

- ଅନ୍ତର୍ଜାତୀୟ ହୁଇଲ୍ ଚେୟାର ଦିବସ ପାଳନ, ସ୍ଥାନ: ଆରଟିଓ ଅଫିସ ସମ୍ମୁଖ, ସମୟ: ପୂର୍ବାହ୍ନ ୧୦ଟା।
- ସୁନାବେଡ଼ା ପୌର ପରିଷଦର ନୂତନ ସଭାଗୃହ ଏବଂ ମିଶନ ଶକ୍ତି ଭବନ ଉଦ୍‌ଘାଟନ,ସ୍ଥାନ: ପୌର ପରିଷଦ ପରିସର, ସମୟ: ପୂର୍ବାହ୍ନ୧୧ଟା।

## ନବରଙ୍ଗପୁର

- ଜାତୀୟ ହୁଇଲ୍ ଚେୟାର ଦିବସ ଉପଲକ୍ଷେ ଶୋଭାଯାତ୍ରା, ସ୍ଥାନ: ନବରଙ୍ଗପୁର ଟ୍ରାଫିକ ଛକରୁ ଆରସିଡି ହାଇସ୍କୁଲ, ସମୟ: ସକାଳ ୯ଟା।
- ପଞ୍ଚାୟତ ସମିତି ବୈଠକ, ସ୍ଥାନ: ତେନ୍ତୁଳିଖୁଣ୍ଟି ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା।
- ପୋଲିସ୍‌ର ଜନ ସମ୍ପର୍କ ଶିବିର, ସ୍ଥାନ ଉମରକୋଟ ବ୍ଲକ ଅର୍ଜୁନ ପାଣି ଗାଁ, ସମୟ: ପୂର୍ବାହ୍ନ: ୧୦ଟା।

## ସମ୍ବଲପୁର

- ଚବିଶପ୍ରହର ନାମଯଜ୍ଞ, ସ୍ଥାନ: କେନଘାଟିସ୍ଥିତ ଶ୍ରୀରାମ ବାଟିକା, ସମୟ: ସକାଳ ୮ଟା।
- ଜାତୀୟ ଦକ୍ଷତା ବିକାଶ ନିଗମ ପକ୍ଷରୁ ପ୍ରୋଜେକ୍ଟ ଓଡିସର୍ଭ, ସ୍ଥାନ: ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୧ଟା ୩୦।
- ୧୦୦ କ୍ୟୁବ୍ ଷ୍ଟାର୍ଟଅପ କନ୍‌କ୍ଲେଭ, ସ୍ଥାନ: ଆଇଆଇଏମ୍ ସମ୍ବଲପୁର ସଭାକକ୍ଷ, ସମୟ: ଅପରାହ୍ନ ୨ଟା ୩୦।
- ମୌର୍ଯ୍ୟ ଏକ୍ସପ୍ରେସ ଟ୍ରେନର ସମ୍ପ୍ରସାରଣ କାର୍ଯ୍ୟକ୍ରମ, ସ୍ଥାନ: ସମ୍ବଲପୁର ରେଳଷ୍ଟେଶନ, ସମୟ: ଅପରାହ୍ନ ୪ଟା ୩୦।
- କଳାକଳ୍ପନା ଚିତ୍ରକଳା ପ୍ରଦର୍ଶନୀ, ସ୍ଥାନ: ଓଡ଼ିଶା ଲଳିତକଳା ଏକାଡେମୀର ଆଞ୍ଚଳିକ ଆର୍ଟ ଗ୍ୟାଲେରି, ସମୟ: ଅପରାହ୍ନ ୫ଟା।
- ସମ୍ବଲପୁରୀ ଧନୁଯାତ୍ରାର ପ୍ରସ୍ତୁତି ବୈଠକ, ସ୍ଥାନ: ସାମ୍ବାଦିକ ଭବନ, ସମୟ: ସନ୍ଧ୍ୟା ୬ଟା।

## ବଲାଙ୍ଗୀର

- ଅନ୍ତର୍ଜାତୀୟ ହ୍ୱିଲ–ଚେୟାର ଦିବସ ପାଳନ, ସ୍ଥାନ: ସ୍ୱାମୀ ବିବେକାନନ୍ଦ ନିରତାର ସେଣ୍ଟର ବଲାଙ୍ଗୀର, ସମୟ: ପୂର୍ବାହ୍ନ ୧୦ଟା।
- ମହିଳା ଚାଷୀଙ୍କ ସମାବେଶ, ସ୍ଥାନ: ଲୋଇସିଂହା ବ୍ଲକ ପିପିଲି, ସମୟ: ପୂର୍ବାହ୍ନ ୧୦ଟା।
- ବିଜେଡିର ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମ, ସ୍ଥାନ: ଟିଟିଲାଗଡ଼ ପୌରାଞ୍ଚଳ ୧୨ନଂ ୱାର୍ଡ, ସମୟ: ଅପରାହ୍ନ ୪ଟା।
- ବିଜେଡିର ବିଶାଳ କର୍ମୀ ସମାବେଶ, ସ୍ଥାନ: ବଲାଙ୍ଗୀର ଜିଲା ସିନ୍ଧେକେଲା, ସମୟ: ପୂର୍ବାହ୍ନ ୧୦ଟା।

## ସୁବର୍ଣ୍ଣପୁର

- ନବ ଦିନ ବ୍ୟାପୀ ମନ୍ଦିର ପ୍ରତିଷ୍ଠା ଉତ୍ସବର ଶୁଭାରମ୍ଭ, ସ୍ଥାନ: ଢୁଙ୍ଗୁରିପାଲି–ରାମପୁର ରାସ୍ତାର ରାଧାକୃଷ୍ଣ ମୀନାବଜାର ପଡିଆ, ସମୟ: ପୂର୍ବାହ୍ନ ୧୧ଟା।
- ଅରୁନ୍ଧତୀ ସମନ୍ୱିତ ବାଦ୍ଧକଳା ୟୁନିଟ୍‌ର ଭିତ୍ତିପ୍ରସ୍ତର ସ୍ଥାପନ ଉତ୍ସବ, ସ୍ଥାନ: ସୋନପୁର ନୂତନ ଟାଉନ ହଲ, ସମୟ: ଅପରାହ୍ନ ୩ଟା ୩୦।

## ବରଗଡ଼

- ଟିନିକଲ କର୍ମଚାରୀଙ୍କ ଧାରଣା, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖ, ସମୟ: ପୂର୍ବାହ୍ନ ୧୦ଟା।
- ବୁଢ଼ାରଜା ମନ୍ଦିର ନବୀକରଣ ପ୍ରତିଷ୍ଠାରେ ମହିଳା ସଂକୀର୍ତ୍ତନ, ସ୍ଥାନ: ପପଙ୍ଗା, ଭେଡ଼େନ, ସମୟ: ମଧ୍ୟାହ୍ନ ୧୨ଟା।
- ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମ, ସ୍ଥାନ: ଛିନ୍ଦେଇକେଲା, ପାଇକମାଳ, ସମୟ: ଅପରାହ୍ନ ୩ଟା।
- ଆନନ୍ଦ ଉଦ୍ୟାନ ସ୍ମାର୍ଟ ପାର୍କର ଉଦ୍‌ଘାଟନୀ ସମାରୋହ, ସ୍ଥାନ: ବରଗଡ଼ ପଞ୍ଚାୟତ କଲେଜ ସମ୍ମୁଖ, ସମୟ: ଅପରାହ୍ନ ୪ଟା।

## ସୁନ୍ଦରଗଡ଼

- ଅନ୍ତର୍ଜାତୀୟ ହୁଇଲ ଚେୟାର ଦିବସ ପାଳନ ସମାରୋହ,ସ୍ଥାନ: ବନ୍ଧପାଲି ସାର୍ଥକ ସ୍କୁଲ,ସମୟ: ପୂର୍ବାହ୍ନ ୧୦ଟା।

## ରାଉରକେଲା

- ବାଲାଜୀ ମନ୍ଦିରର ବାର୍ଷିକୋତ୍ସବ, ସ୍ଥାନ: ଛେଣ୍ଡ, ସମୟ: ସକାଳ ୬ଟା।
- ସୁବର୍ଣ୍ଣରେଖା ପରିସରରେ ଚକ୍ଷୁ ପରୀକ୍ଷଣ ଶିବିର, ସ୍ଥାନ: ବାସନ୍ତୀ କଲୋନୀ, ସମୟ: ସକାଳ ୮ଟା।
- ସଂସ୍କୃତ କଲେଜରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ, ସ୍ଥାନ: ସଂସ୍କୃତ କଲେଜ, ସମୟ: ପୂର୍ବାହ୍ନ ୧୦ଟା।
- ଆଚାର୍ଯ୍ୟ ହରିହର ସ୍କୁଲର ବାର୍ଷିକ ଉତ୍ସବ, ସ୍ଥାନ: ପ୍ଲାଣ୍ଟସାଇଡ, ସମୟ: ପୂର୍ବାହ୍ନ ୧୦ଟା।
- ନିଖିଳ ଖଣ୍ଡାୟତ ଖବରଦାତା ସମ୍ମିଳନୀ, ସ୍ଥାନ: ସେକ୍ଟର–୩, ସମୟ: ପୂର୍ବାହ୍ନ ୧୦ଟା।
- ଯୁବ କଂଗ୍ରେସର ଖବରଦାତା ସମ୍ମିଳନୀ, ସ୍ଥାନ: ରେଳଷ୍ଟେଶନ, ସମୟ: ପୂର୍ବାହ୍ନ ୧୧ଟା।
- ପ୍ରଶାନ୍ତ ସିଂ ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଯାପନୀ ମ୍ୟାଚ୍, ସ୍ଥାନ: ସେକ୍ଟର–୨୦ ଖେଳ ପଡ଼ିଆ, ସମୟ: ଅପରାହ୍ନ ୩ଟା।

## ଦେବଗଡ଼

- ଜିଲା ସ୍ତରୀୟ ନିଯୁକ୍ତି ମେଳା,ସ୍ଥାନ: ଆଇଜି ଇନଡୋର ଷ୍ଟାଡିୟମ୍,ସମୟ: ପୂର୍ବାହ୍ନ ୧୧ଟା।
- ରାଜ୍ୟ ସ୍ତରୀୟ ବଜରଙ୍ଗ କ୍ରିକେଟ କପ୍ ସପ୍ତମ ଦିବସ,ସ୍ଥାନ: ମହୁଲିଡିପା ସାହି,ନାଳ ପଡିଆ: ସମୟ: ପୂର୍ବାହ୍ନ ୧୧ଟା।
- ଦୁଗ୍ଧ ଶୀତଳୀକରଣ ସେଣ୍ଟର ଉଦ୍‌ଘାଟନ ଉତ୍ସବ, ସ୍ଥାନ: ବାରକୋଟ କଲାଗ୍ରାମ,ସମୟ: ପୂର୍ବାହ୍ନ ୧୧ଟା।
- ବିଶ୍ୱ ହୁଇଲ ଚେୟାର ଦିବସ ଉପଲକ୍ଷେ ସଚେତନତା ବୈଠକ,ସ୍ଥାନ: ଟାଉନ ହଲ୍, ଦେବଗଡ଼, ସମୟ: ଅପରାହ୍ନ ୧୨ଟା।

## କଳାହାଣ୍ଡି

- ଜିଲାସ୍ତରୀୟ ଅର୍ନ୍ତଜାତୀୟ ହୁଇଲ ଚେୟାର ଦିବସ ପାଳନ, ସ୍ଥାନ: ଭବାନୀପାଟଣା ବିଜୁ କଲ୍ୟାଣ ମଣ୍ଡପ, ସମୟ: ପୂର୍ବାହ୍ନ ୧୦ଟା।
- ୩ ଦଫା ଦାବି ନେଇ ପ୍ରାଥମିକ କୃଷି ସମବାୟ ସମିତି କର୍ମକର୍ତ୍ତାଙ୍କ ଆନ୍ଦୋଳନ, ସ୍ଥାନ: ଭବାନୀପାଟଣା ଜିଲା ଉପନିବନ୍ଧକଙ୍କ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।

## ବୌଦ୍ଧ

- ବୌଦ୍ଧ ଜିଲାରେ ଗ୍ରୀଷ୍ମ ମୁକାବିଲା ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: ଜିଲାପାଳଙ୍କ ସଦ୍‌ଭାବନା ଗୃହ, ସମୟ: ପୂର୍ବାହ୍ନ ୧୦ଟା।
- ବୌଦ୍ଧରେ ଢହୁଇଲ ଚେୟାର ଦିବସ, ସ୍ଥାନ: ଟାଉନହଲ ବୌଦ୍ଧ, ସମୟ: ପୂର୍ବାହ୍ନ ୧୦ଟା।

## ଢେଙ୍କାନାଳ

- ସାଇ ଶ୍ରୀକ୍ଷେତ୍ରର ପ୍ରତିଷ୍ଠା ଓ ବାର୍ଷିକ ଉତ୍ସବ, ସ୍ଥାନ: ଢେଙ୍କାନାଳ ଶାମାଚରଣପୁର, ସମୟ: ସକାଳ ୭ଟା।
- ବିମଳ ମିଶ୍ର ଲେନ୍ ନାମକରଣ ଓ ପ୍ରତିମୂର୍ତ୍ତି ଅନାବରଣ,ସ୍ଥାନ: ଅମଲାପଡାସ୍ଥିତ ରେଭିନ୍ୟୁ ଡାକ ବଙ୍ଗଳା ନିକଟ, ସମୟ: ପୂର୍ବାହ୍ନ ୧୧ଟା।
- ସିନ୍‌ଫେଷ୍ଟ–୨୦୨୪ ଉଦ୍‌ଘାଟନ ଉତ୍ସବ, ସ୍ଥାନ: ସିନର୍ଜୀ ଇଞ୍ଜିନିୟରିଂ କଲେଜ ପରିସର, ସମୟ: ସନ୍ଧ୍ୟା ୬ଟା।

## ଅନୁଗୋଳ

- ଅର୍ନ୍ତଜାତୀୟ ହୁଇଲ୍ ଚେୟାର ଦିବସ ପାଳନ, ସ୍ଥାନ: ଗ୍ରୀନ ଗ୍ରାସ ଲ୍ୟାଣ୍ଡ ଷ୍ଟାଡିୟମ ତାଳଚେର, ସମୟ: ସକାଳ ୮ଟା।
- ଅର୍ନ୍ତଜାତୀୟ ହୁଇଲ୍ ଚେୟାର ଦିବସ, ସ୍ଥାନ: ଅନୁଗୋଳ ଖଳାରୀ ଉଚ୍ଚ ବିଦ୍ୟାଳୟ, ସମୟ: ସକାଳ ୯ଟା।
- ଗ୍ରୀଷ୍ମପ୍ରବାହ ପ୍ରସ୍ତୁତି ବୈଠକ, ସ୍ଥାନ: ଅନୁଗୋଳ ଜିଲା କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।
- ଅଷ୍ଟପ୍ରହର ନାମଯଜ୍ଞ ଉପଲକ୍ଷେ କଳସ ଶୋଭାଯାତ୍ରା, ସ୍ଥାନ: କଣିହାଁ ବ୍ଲକ ଧୋବାପାଳ ଗ୍ରାମ, ସମୟ: ଅପରାହ୍ନ ୪ଟା।

## ଜଗତ୍‌ସିଂହପୁର

- ଅନ୍ତର୍ଜାତୀୟ ହ୍ୱିଲ୍ ଚେୟାର ଦିବସ, ସ୍ଥାନ: ଜଗତ୍‌ସିଂହପୁର ଡିଡିଆର୍‌ସି ଆଶ୍ରା କ୍ୟାମ୍ପସ, ନୂଆପୋଲ, ସମୟ: ସକାଳ ୯ଟା।
- କୃଷକ ସଙ୍କଳ୍ପ ସମାବେଶ, ସ୍ଥାନ: ଜଗତ୍‌ସିଂହପୁର ଥାନା ଛକ ପରିବା ମାର୍କେଟ ପାଖ ପଡ଼ିଆ, ସମୟ: ପୂର୍ବାହ୍ନ ୧୧ଟା।
- ଆମ ବ୍ୟାଙ୍କ ସେବା ଉଦ୍‌ଘାଟନ, ସ୍ଥାନ: ରଘୁନାଥପୁର ବ୍ଲକ, ଏରଡଙ୍ଗା ପଞ୍ଚାୟତ କାର୍ଯ୍ୟାଳୟ, ସମୟ: ଅପରାହ୍ନ ୪ଟା।
- ବୁଢ଼ୀ ଜାଗୁଳାଇ ନୂତନ ବିଗ୍ରହ ପ୍ରତିଷ୍ଠାର ଉଦ୍‌ଯାପନୀ ଉତ୍ସବ, ସ୍ଥାନ: ଏରସମା ଗ୍ରାମ, ସମୟ: ସନ୍ଧ୍ୟା ୭ଟା।

## ନୟାଗଡ଼

- ବ୍ଲକ ଓ ଏନ୍ଏସିସ୍ତରୀୟ ଅନ୍ତର୍ଜାତୀୟ ହୁଇଲ ଚେୟାର ଦିବସ–୨୪, ସ୍ଥାନ: କଲ୍ୟାଣ ମଣ୍ଡପ, ରାମ ସାଗର ପାର୍କ,ଓଡ଼ଗାଁ ବ୍ଲକ ଓ ଏନଏସି, ସମୟ: ପୂର୍ବାହ୍ନ ୧୦ଟା ।
- ଭିନ୍ନକ୍ଷମଙ୍କୁ ହୁଇଲ ଚେୟାର ବଣ୍ଟନ, ସ୍ଥାନ:ଖଣ୍ଡପଡ଼ା ବ୍ଲକ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା୩୦।
- ମାଘ ଏକାଦଶୀ ମେଳାର ଅଷ୍ଟମ ଦିବସ, ସ୍ଥାନ : ଖଣ୍ଡପଡ଼ା ବ୍ଲକ କଣ୍ଟିଲୋ ପଲଟନ ପଡିଆ, ସମୟ: ପୂର୍ବାହ୍ନ ୧୦ଟା ।
- ଅନ୍ତର୍ଜାତୀୟ ହୁଇଲ ଚେୟାର ଦିବସ ପାଳନ, ସ୍ଥାନ: ନୂଆଗାଁ ବ୍ଲକ କାର୍ଯ୍ୟାଳୟ, ସମୟ:ପୂର୍ବାହ୍ନ ୧୧ଟା ।
- ୪ର୍ଥ ରାଜ୍ୟସ୍ତରୀୟ ନାଟ୍ୟମେଳାର ଉଦ୍‌ଘାଟନ ଉତ୍ସବରେ ମଞ୍ଚସ୍ଥ ହେବ ନାଟକ ‘ଅରୂପା ରୂପା’, ସ୍ଥାନ: ପଠାଣୀ ସାମନ୍ତ ଅଡିଟୋରିୟମ,ନୟାଗଡ, ସମୟ: ସନ୍ଧ୍ୟା ୭ଟା ।

## କେନ୍ଦ୍ରାପଡ଼ା

- ହ୍ୱିଲ ଚେୟାର ବାସ୍କେଟ ବଲ ମ୍ୟାଚ, ସ୍ଥାନ: କେନ୍ଦ୍ରାପଡ଼ା ସ୍ୱୟଂ ଶାସିତ ମହାବିଦ୍ୟାଳୟ ଖେଳ ପଡ଼ିଆ, ସମୟ: ସକାଳ ୮ଟା।
- ଅର୍ନ୍ତଜାତୀୟ ହ୍ୱିଲ ଚେୟାର ଦିବସ ଉପଲକ୍ଷେ ସଚେତନତା ରାଲି, ସ୍ଥାନ: ଟାଉନହଲ, କେନ୍ଦ୍ରାପଡ଼ା ପୌର କାର୍ଯ୍ୟାଳୟ, ସମୟ: ସକାଳ ୯ଟା।
- ପୁର୍ନବାସ ପକ୍ଷରୁ ଭିନ୍ନକ୍ଷମ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ମାଧପୁର, କେନ୍ଦ୍ରାପଡ଼ା, ସମୟ: ପୂର୍ବାହ୍ନ ୧୧ଟା।
- ଜିଲାସ୍ତରୀୟ ଅର୍ନ୍ତଜାତୀୟ ହ୍ୱିଲ ଚେୟାର ଦିବସ ଉପଲକ୍ଷେ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ଟାଉନ ହଲ, କେନ୍ଦ୍ରାପଡ଼ା, ସମୟ: ମଧ୍ୟାହ୍ନ ୧୨ଟା।
- କାୟାକଳ୍ପ ଟିମର ପରିଦର୍ଶନ, ସ୍ଥାନ: ମାର୍ଶାଘାଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ସମୟ: ଅପରାହ୍ନ ୨ଟା।
- ପାଇକା ମହୋତ୍ସବ ଉଦ୍‌ଘାଟନ, ସ୍ଥାନ: ପୋଡାରି, ମାର୍ଶାଘାଇ, ସମୟ: ଅପରାହ୍ନ ୫ଟା।

## ଯାଜପୁର

- ମା’ତାରିଣୀଙ୍କ ୨ ଦିନିଆ ମନ୍ଦିର ପ୍ରତିଷ୍ଠା ଉତ୍ସବ, ସ୍ଥାନ: ଯାଜପୁରରୋଡ ସ୍ଥିତ ଧବଳଗିରି, ସମୟ: ସକାଳ ୭ଟା।
- ଓଏମ୍‌ସି ପକ୍ଷରୁ ୟୁଥ ସ୍ପୋର୍ଟସ୍ ଫେଷ୍ଟିଭାଲ, ସ୍ଥାନ : କାଳିଆପାଣି ଓଏମ୍‌ସି ପଡ଼ିଆ, ସମୟ : ସକାଳ ୭ଟା।
- ଲକ୍ଷ୍ମୀ ବସ ଉଦ୍‌ଘାଟନ କାର୍ଯ୍ୟକ୍ରମ, ସ୍ଥାନ : ଦାନଗଦି ପଞ୍ଚାୟତ ସମିତି କାର୍ଯ୍ୟାଳୟ, ସମୟ : ପୂର୍ବାହ୍ନ ୧୦ଟା।
- ଧର୍ମଶାଳା ପ୍ରେସ୍ କ୍ଲବର ବାର୍ଷିକ ଉତ୍ସବ, ସ୍ଥାନ: ଜାରକା କଳ୍ପତରୁ ଦାସ ଷ୍ଟାଡିୟମ ହଲ, ସମୟ: ପୂର୍ବାହ୍ନ ୧୦ଟା।
- ଶ୍ରୀଶ୍ରୀ ଧୂଳିଆବାବାଙ୍କ ମନ୍ଦିର ପ୍ରତିଷ୍ଠା ଉତ୍ସବ, ସ୍ଥାନ: କୋରେଇ ବ୍ଲକ୍ ଅନ୍ତର୍ଗତ ଜଇଁତଳ, ସମୟ: ପୂର୍ବାହ୍ନ ୧୦ଟା।
- ଅନ୍ତର୍ଜାତୀୟ ହୁଇଲ ଚେୟାର ଦିବସ ପାଳନ, ସ୍ଥାନ : କୁସୁମା ପଡିଆ,ସମୟ : ପୂର୍ବାହ୍ନ ୧୦ଟା।
- ନୂତନ ହିତାଧିକାରୀଙ୍କୁ ଭତ୍ତା ବଣ୍ଟନ, ସ୍ଥାନ : ଦାନଗଦି ପଞ୍ଚାୟତ ସମିତି କାର୍ଯ୍ୟାଳୟ, ସମୟ : ପୂର୍ବାହ୍ନ ୧୦ଟା୩୦।
- ବରିଷ୍ଠ ନାଗରିକ ତୀର୍ଥ ଯାତ୍ରା ଯୋଜନାରେ ଆଗ୍ରା–ମଥୁରା ଟ୍ରିପ୍‌ର ଶୁଭାରମ୍ଭ, ସ୍ଥାନ : ଗୌତମ ବୁଦ୍ଧ ସଂସ୍କୃତି ଭବନ ପରିସର, ଯାଜପୁର, ସମୟ : ଅପରାହ୍ନ ୨ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email–pkmahapatro@gmail.com

**ମେଷ** ଆଜିର ଚନ୍ଦ୍ର କେନ୍ଦ୍ରସ୍ଥ ଯୋଗୁ ଆନୁଷ୍ଠାନିକ କାମରେ ସଫଳତା ପାଇବାରେ କୌଣସି ଅସୁବିଧା ହେବ ନାହିଁ। ଘରୋଇ କାମ ହାସଲ କ୍ଷେତ୍ରରେ ଜଣେ ପୁରୁଣା ବନ୍ଧୁ ସାହାଯ୍ୟ କରିବେ। ବାଣିଜ୍ୟ, ବ୍ୟବସାୟ ଓ ପରିବହନ ସାଧାରଣ ବାଧାପ୍ରାପ୍ତ ହୋଇପାରେ। ପାରିବାରିକ ଜୀବନରେ ବୁଝାମଣା ପ୍ରାୟତଃ ଭଲ ରହିବ।

**ବୃଷ** ଶୁକ୍ର ଓ ମଙ୍ଗଳ ଭାଗ୍ୟସ୍ଥାନରେ ଥିବା ଯୋଗୁ ଅନ୍ୟମାନଙ୍କୁ ମନେଇ ନିଜ ଆଡ଼କୁ ଆକର୍ଷିତ କରି କାମ ହାସଲ କରି ପାରିବେ। ନିକଟ ଅତୀତରେ କଳହ ଲାଗିଥିବା ବନ୍ଧୁଟି ପ୍ରତି ସତର୍କ ରୁହନ୍ତୁ। କଳା, ସାହିତ୍ୟ, ସଙ୍ଗୀତାଦି ମନୋରଞ୍ଜନ କାର୍ଯ୍ୟରେ ସଫଳତା ପାଇବେ। ବକେୟା ଅର୍ଥ ଆଦାୟ ସକାଶେ ଅନ୍ୟର ସାହାଯ୍ୟ ନେବାର

**ମିଥୁନ** ଆଜିର ଗ୍ରହସ୍ଥିତି ପ୍ରଭାବରୁ ମାନସିକ ଅସ୍ଥିରତାଜନିତ କଳହ ଲାଗିପାରେ। ବନ୍ଧୁଙ୍କ ସାହାଯ୍ୟରୁ ଆର୍ଥିକ ଅନଟନ କେତେକାଂଶରେ ସୁଧୁରି ଯିବ। ଭ୍ରମଣ ରାଜନୀତି, ପ୍ରଶାସନ, ସଭାସମିତି, ଲେଖାପଢା, ଯାତ୍ରା ପାଇଁ ଦିନଟି ବହୁତ ଭଲ। କର୍ମକ୍ଷେତ୍ରରେ ଅସମର୍ଥିତ ସୂତ୍ରରୁ ଭୁଲ୍ ଖବର ପାଇ ସାମୟିକ ଭାବରେ ବିବ୍ରତ ହେବେ।

**କର୍କଟ** ପରିବାରସ୍ଥାନରେ ଚନ୍ଦ୍ର ଥିବାରୁ ଯାହା ଓ ଯେମିତି ଭାବୁଛନ୍ତି ଆଜି ତାହା ହିଁ ସମ୍ପନ୍ନ ହେବାରେ ଅସୁବିଧା ହେବନାହିଁ। କର୍ମକ୍ଷେତ୍ରରେ ସାଧାରଣ କଥାରୁ ମନାନ୍ତର ଘଟିପାରେ। ବନ୍ଧୁଙ୍କ ନିକଟରୁ କିଛି ପାଇବାର ପ୍ରତିଶ୍ରୁତି ପାଇ ଆଶ୍ୱସ୍ତି ଅନୁଭବ କରିପାରନ୍ତି। କର୍ମଜଞ୍ଜାଳ ବୃଦ୍ଧି ସାଙ୍ଗକୁ ବିଭିନ୍ନ ଦୂରାନ୍ତରକୁ ଯାତ୍ରା କାର୍ଯ୍ୟକ୍ରମ ନେଇ ଚିନ୍ତିତ ରହିପାରନ୍ତି।

**ସିଂହ** କେତୁଙ୍କ କୁପ୍ରଭାବରୁ ପୂର୍ବରାଗକୁ କେନ୍ଦ୍ରକରି ନିଜର ଆତ୍ମୀୟ ଓ ପଡ଼ୋଶୀଙ୍କ ସହ ସମ୍ପର୍କ ଭଲ ରହିବ ନାହିଁ। ସମସ୍ୟା ସମାଧାନ ସକାଶେ ବନ୍ଧୁଙ୍କ ଦ୍ୱାରସ୍ଥ ହେବାକୁ ପଡିପାରେ। କର୍ମକ୍ଷେତ୍ରରେ ନୂତନ ଯୋଜନାରମ୍ଭ କିମ୍ବା ଚୁକ୍ତିପତ୍ର ସ୍ୱାକ୍ଷରିତ ହୋଇପାରେ। ମନୋବଳ ବୃଦ୍ଧି ପାଇବା ପଛରେ ଜଣେ ପ୍ରତିଷ୍ଠିତ ବ୍ୟକ୍ତିଙ୍କ ପରୋକ୍ଷ ସାହାଯ୍ୟ ରହିବ।

**କନ୍ୟା** କର୍ମାଧିପ ଷଷ୍ଠସ୍ଥ ହେତୁ କର୍ମକ୍ଷେତ୍ରରେ ପ୍ରତିକୂଳ ପରିସ୍ଥିତିର ଚାପ ବଢିବା ସାଙ୍ଗକୁ ମନ ମାନ୍ଦା ରହିବ। ପ୍ରତିବେଶୀଙ୍କ ସହ ସୁସମ୍ପର୍କ ରଖିପାରିଲେ ସାହାଯ୍ୟ ସହଯୋଗ ମିଳିପାରେ। ବନ୍ଧୁଙ୍କ ସ୍ୱାସ୍ଥ୍ୟହାନି କାରଣରୁ ଡାକ୍ତରଙ୍କ ପରାମର୍ଶ ପାଇଁ ଦୌଡିବାକୁ ପଡିପାରେ। ଯାତ୍ରା, ବାଣିଜ୍ୟ, ବନ୍ଧୁ ସମ୍ପର୍କ ଓ ଆନୁଷ୍ଠାନିକ କାମରେ ଅସୁବିଧା ହେବନାହିଁ।

**ତୁଳା** ଷଷ୍ଠାଧିପ ବୃହସ୍ପତିଙ୍କ ଦୃଷ୍ଟିଜନିତ ଆଲୋଚନାରେ ସହକର୍ମୀ କିମ୍ବା ବନ୍ଧୁଙ୍କ ସହ ବିତର୍କ ସୃଷ୍ଟି ହୋଇପାରେ। କାର୍ଯ୍ୟହାସଲ ସକାଶେ ବିଶେଷ ଅର୍ଥ ବ୍ୟୟ କରି ଦୁଃଖିତ ହେବେ। ସାହିତ୍ୟ ଚର୍ଚ୍ଚା, ସାମ୍ବାଦିକତା, ଲେଖାପଢ଼ା, ନିର୍ମାଣ, ଗବେଷଣା, ଆଇନ ଅଦାଲତ କ୍ଷେତ୍ରରେ ଶୁଭଫଳ ପାଇବେ। ବ୍ୟବସାୟ, ପରିବହନରେ ଉନ୍ନତି ପରିଲକ୍ଷିତ ହେବ।

**ବିଛା** ତୃତୀୟସ୍ଥ ଲଗ୍ନେଶ ହେତୁ ବନ୍ଧୁମାନଙ୍କର ଆଶାନୁରୂପ ସାହାଯ୍ୟ ପାଇପାରିବେ ନାହିଁ। ଆର୍ଥିକ ସ୍ଥିତି ପ୍ରାୟତଃ ଭଲ ରହିବ ଓ ସେହି ଦିଗରୁ ପ୍ରାୟତଃ ସମସ୍ୟା ରହିବ ନାହିଁ। ପାରିବାରିକ, ପ୍ରଶାସନ, ଯାନବାହନ, ନିର୍ମାଣ ଓ ଯାତ୍ରାରୁ ସୁଫଳ ପାଇବେ। ସକାଳୁ ବନ୍ଧୁଙ୍କ ସହ ସୌହାର୍ଦ୍ଦ୍ୟପୂର୍ଣ୍ଣ ଅଲୋଚନାରୁ ମନ ଖୁସି ହୋଇଯିବ।

**ଧନୁ** ତୃତୀୟାଧିପ ଶନି ଚତୁର୍ଥସ୍ଥ ଯୋଗୁ ସାମୟିକ ବ୍ୟତିକ୍ରମ ମଧ୍ୟରେ ଜୀବନଚର୍ଯ୍ୟା ମନ୍ଦ ହେବନି। ଅଫିସରୁ ଫେରିବା ରାସ୍ତାରେ ଜଣେ ବନ୍ଧୁଙ୍କ ସହ ଗୁରୁତ୍ୱପୂର୍ଣ୍ଣ ଆଲୋଚନା କରିବେ। ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହେଲାଭଳି କାମ କରିବା ଠିକ୍ ହେବ ନାହିଁ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ଝଗଡ଼ା ଲାଗିପାରେ।

**ମକର** କର୍ମାଧିପ ଦୃଷ୍ଟ ସପ୍ତମସ୍ଥାନ କାରଣରୁ ଅପରିଚିତ ବ୍ୟକ୍ତି ଦ୍ୱାରା ସ୍ଥଗିତ ରହି ଯାଇଥିବା କାମଟି ସମ୍ପୂର୍ଣ୍ଣ କରିବେ। ସାହିତ୍ୟ, କ୍ରୀଡ଼ା ଓ ଚଳଚ୍ଚିତ୍ରରେ ସମସ୍ୟା ସମାଧାନ ହେବ। ଭାବୁଥିବା କାମଟି ଲାଗି କିଛି ସହଯୋଗ ସକାଶେ ବନ୍ଧୁଙ୍କ ଆଗରେ ପ୍ରକାଶ କରିପାରିବେ ନାହିଁ। ଆକସ୍ମିକ ଭାବରେ ପଡ଼ୋଶୀଙ୍କ ସହ ଭ୍ରମଣ ସୁଯୋଗ ଲାଭ କରିବେ।

**କୁମ୍ଭ** ରାହୁଙ୍କ ପ୍ରଭାବରେ ବନ୍ଧୁ, ସହକର୍ମୀ, ପଡ଼ୋଶୀଙ୍କ ପାଇଁ ତ୍ୟାଗ ସ୍ୱୀକାର କଲେ ମଧ୍ୟ ସେମାନଙ୍କ ଭୁଲ୍ ଧାରଣାକୁ ବଦଳାଇ ପାରିବେ ନାହିଁ। ଖର୍ଚ୍ଚ ବୃଦ୍ଧି କାରଣରୁ ସାମାନ୍ୟ ଚିନ୍ତା କରିପାରନ୍ତି। ପାରିବାରିକ, ବ୍ୟବସାୟିକ, ସାମାଜିକ, ନୂତନ ପ୍ରକଳ୍ପକୁ କାର୍ଯ୍ୟକାରୀ କରାଇନେବେ। ଆନୁଷ୍ଠାନିକ କାର୍ଯ୍ୟରେ ସମ୍ମାନ ଲାଭ କରିପାରନ୍ତି।

**ମୀନ** ମୁଖଭାବସ୍ଥ ଗୁରୁଙ୍କ ଯୋଗୁ ଆନୁଷଙ୍ଗିକ ସମସ୍ତ ସାହାଯ୍ୟ ଲାଭ କରି ସହଜ ଓ ସୁବିଧାରେ କାମ ହାସଲ କରିବେ। ବନ୍ଧୁଙ୍କ ସହାୟତାରେ ପାରିବାରିକ ଅଶାନ୍ତିର ସମାପ୍ତି ଘଟାଇବା କଷ୍ଟକର ହେବ। ଭାଇଙ୍କ ସ୍ୱାସ୍ଥ୍ୟ ଓ ସମ୍ପର୍କୀୟଙ୍କ ଅନୁଚିତ ଚିନ୍ତାଧାରା ମନକୁ ବ୍ୟଥିତ କରିବ। ବାଣିଜ୍ୟ, ପରିବହନ, ସାହିତ୍ୟ, ସଙ୍ଗୀତାଦି କାର୍ଯ୍ୟକ୍ରମ ମାନ୍ଦା ହେବ ନାହିଁ।

ଆଜି ଫାଲଗୁନ କୃଷ୍ଣ ଷଷ୍ଠୀ ଶୁକ୍ରବାର, ମାର୍ଚ୍ଚ ୧ ତାରିଖ, ରାଶିନକ୍ଷତ୍ର–ସ୍ୱାତୀ/ତୁଳା। ଦିବା ଘ.୧୨।୪୭ମି. ଗତେ ବିଶାଖା, ଷଷ୍ଠୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଅଦ୍ୟ ନାମକରଣ, ବିବାହ ପାଣିଗ୍ରହଣ, ବ୍ରତୋପନୟନ, ବିଦ୍ୟାରମ୍ଭ, ଗୃହାରମ୍ଭ ଓ ଗୃହ ପ୍ରବେଶ ପାଇଁ ଶୁଭଦିନ। ଦିବା ଘ.୦୬।୦୯ ମି. ଗତେ ଘ. ୦୬।୫୬ମି. ମଧ୍ୟେ, ଘ. ୦୭।୪୨ମି.ଗତେ ଘ.୦୯।୦୪ମି. ମଧ୍ୟେ ଶୁଦ୍ଧ ଶୁଭ ବେଳା। ଦିବା ଘ.୧୦।୩୧ମି. ଗତେ ଘ.୧୧।୫୯ମି. ମଧ୍ୟେ ରାହୁ କାଳ।

# ଆଜି ଆଇଆଇଏମ୍ ସମ୍ବଲପୁରରେ ୧୦୦ କ୍ୟୁବ୍ ଷ୍ଟାର୍ଟଅପ୍‌ର ଶୁଭାରମ୍ଭ କରିବେ ଧର୍ମେନ୍ଦ୍ର

**ଭୁବନେଶ୍ୱର,୨୯।୨(ସୁନିତ୍ ମିଶ୍ର)**

କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଶୁକ୍ରବାର ଓ ଶନିବାର ସମ୍ବଲପୁର ଗସ୍ତରେ ରହିବେ। ସେ ଆଇଆଇଏମ୍ ୧୦୦ କ୍ୟୁବ୍ ଷ୍ଟାର୍ଟଅପ୍‌ର ଶୁଭାରମ୍ଭ କରିବା ସହ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେବେ। ଶୁକ୍ରବାର ସେ ସମ୍ବଲପୁରର ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟରେ ଏନ୍ଏସ୍‌ଡିସି ଏବଂ ବଜାଜ୍ ଫିନ୍‌ସର୍ଭ ପକ୍ଷରୁ ଆୟୋଜିତ ପ୍ରୋଜେକ୍ଟ ଓଡିସର୍ଭର ଶୁଭାରମ୍ଭ କରିବେ। ପ୍ରୋଜେକ୍ଟ ଓଡିସର୍ଭ ହେଉଛି ଆର୍ଥିକ ସେବା ଦକ୍ଷତା ବିକାଶ କାର୍ଯ୍ୟକ୍ରମ, ଯହିଁରେ ଯୁବବର୍ଗଙ୍କୁ ଆର୍ଥିକ ସେବା କ୍ଷେତ୍ରରେ ପ୍ରଶିକ୍ଷଣ ଦିଆଯିବ। ଓଡ଼ିଶାରେ ଯୁବପିଢ଼ିଙ୍କ ମାଧ୍ୟମରେ ନବସୃଜନରୁ ନବ ଉଦ୍ୟୋଗ ପ୍ରତିଷ୍ଠା କରିବା ଉଦ୍ଦେଶ୍ୟରେ ଆଇଆଇଟି ଭୁବନେଶ୍ୱର ପରେ ଆଇଆଇଏମ୍ ସମ୍ବଲପୁରରେ ଏହା ୨ୟ କାର୍ଯ୍ୟକ୍ରମ। ସେ ‘ସମ୍ବଲପୁର ହଟିଆ–ଗୋରଖପୁର ମୌର୍ଯ୍ୟ ଏକ୍ସପ୍ରେସ୍‌ର ଶୁଭାରମ୍ଭ କରିବେ। କେନ୍ଦ୍ରମନ୍ତ୍ରୀ ୨ରେ ରେଢ଼ାଖୋଲରେ ରାଷ୍ଟ୍ରପତିଙ୍କଗସ୍ତକାର୍ଯ୍ୟକ୍ରମରେସାମିଲହେବେ।

# ୨୦୦୦ ପଞ୍ଚାୟତରେ ‘ଆମ ବ୍ୟାଙ୍କ’ର ଶୁଭାରମ୍ଭ

- ୫-ଟି ଉପକ୍ରମରେ ଖୋଲାଯାଉଥିବା ‘ଆମ ବ୍ୟାଙ୍କ’ ସଂଖ୍ୟା ୨,୭୫୦କୁ ବୃଦ୍ଧି
- ଜଣେ ହେଲେ ହିତାଧିକାରୀ ସରକାରୀ ସହାୟତା ପାଇବାରେ ହଇରାଣ ନ ହୁଅନ୍ତୁ: ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର,୨୯।୨(ଅନିଲ ଦାସ)**



ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗୁରୁବାର ଦ୍ୱିତୀୟ ପର୍ଯ୍ୟାୟରେ ୨୮୮ ବ୍ଲକର ୨୦୦୦ ଗ୍ରାମ ପଞ୍ଚାୟତରେ ‘ଆମ ବ୍ୟାଙ୍କ’ର ଶୁଭାରମ୍ଭ କରିଛନ୍ତି। ଓଡ଼ିଶାର ୬୭୯୮ଟି ଗ୍ରାମ ପଞ୍ଚାୟତ ମଧ୍ୟରୁ ୪୩୭୩ ପଞ୍ଚାୟତରେ ବ୍ୟାଙ୍କ ଶାଖା ନ ଥିଲା। ୨୦୨୩ ନଭେମ୍ବରରେ ପ୍ରଥମ ପର୍ଯ୍ୟାୟରେ ୭୫୦ ‘ଆମ ବ୍ୟାଙ୍କ’ ଖୋଲିଥିଲା। ପର୍ଯ୍ୟାୟ କ୍ରମେ ରାଜ୍ୟର ଅବଶିଷ୍ଟ ସମସ୍ତ ପଞ୍ଚାୟତରେ ‘ଆମ ବ୍ୟାଙ୍କ’ ସୁବିଧା ମିଳିବ। ଶୁଭାରମ୍ଭ ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ବ୍ୟାଙ୍କ ଜନସେବାର ଗୁରୁତ୍ୱପୂର୍ଣ୍ଣ କେନ୍ଦ୍ରରେ ପରିଣତ ହୋଇଛି। ସମସ୍ତ ସରକାରୀ ସୁବିଧା ସିଧାସଳଖ ହିତାଧିକାରୀଙ୍କ ବ୍ୟାଙ୍କ ଖାତାରେ ଜମା ହେଉଛି। ଜଣେ ବି ହିତାଧିକାରୀ ସହାୟତା ପାଇବାରେ ଯେପରି ହଇରାଣ ନ ହେବେ, ତାକୁ ଦୃଷ୍ଟିରେ ରଖି ଏହି ବ୍ୟାଙ୍କଗୁଡ଼ିକ ଖୋଲାଯାଇଛି। ‘ଆମ ବ୍ୟାଙ୍କ’ ସାରା ଦେଶରେ ଏକ ମଡେଲ। ବ୍ୟାଙ୍କଗୁଡ଼ିକ ହିତାଧିକାରୀଙ୍କୁ ୧୫ ପ୍ରକାର ସେବା ଯୋଗାଇବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମରେ ଗାଁଗୁଡ଼ିକରେ ଡିଜିଟାଲ ଭିତ୍ତିଭୂମିକୁ ମଜଭୁତ କରିବା ଉପରେ ଗୁରୁତ୍ୱ ଦିଆଯାଇଛି। ଆର୍ଥିକ ଅନ୍ତର୍ଭୁକ୍ତୀକରଣ ସମସ୍ତଙ୍କ ଏକ ମୌଳିକ ଅଧିକାର। ମଧୁବାବୁ ପେନ୍‌ସନ ଯୋଜନା, ମମତା ଯୋଜନା, ବୁଣାକାର ଓ କଳାକାରମାନଙ୍କ ପେନ୍‌ସନ ଓ ସହାୟତା ନିକଟରେ ବୃଦ୍ଧି କରାଯାଇଛି। ଏମାନଙ୍କ ସହିତ ମିଶନ ଶକ୍ତି ମା’ମାନେ ମଧ୍ୟ ଏହି ବ୍ୟାଙ୍କ ଜରିଆରେ ସୁବିଧା ପାଇବେ। ‘ଆମ ବ୍ୟାଙ୍କ’ ବରିଷ୍ଠ ନାଗରିକ, ଗର୍ଭବତୀ ମହିଳା ଓ ଶାରୀରିକ ଅକ୍ଷମମାନଙ୍କୁ ସେମାନଙ୍କ ଘର ପାଖରେ ସେବା ଯୋଗାଇଦେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଅର୍ଥମନ୍ତ୍ରୀ ବିକ୍ରମ କେଶରୀ ଆରୁଖ କହିଛନ୍ତି, ସମସ୍ତ ଅଞ୍ଚଳର ନାଗରିକମାନଙ୍କୁ ଏହି ମୌଳିକ ସେବା ଉପଲବ୍ଧ କରାଇବା ପାଇଁ ମୁଖ୍ୟମନ୍ତ୍ରୀ ‘ଆମ ବ୍ୟାଙ୍କ’ ଯୋଜନା ପରିକଳ୍ପନା କରିଛନ୍ତି। କାର୍ଯ୍ୟକ୍ରମରେ ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନା, ଉନ୍ନୟନ କମିଶନର ଅନୁ ଗର୍ଗ, ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ପ୍ରମୁଖ ଶାସନ ସଚିବ ସୁଶୀଲ କୁମାର ଲୋହାନୀ, ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ବିଭାଗର ପ୍ରମୁଖ ଶାସନ ସଚିବ ମନୋଜ ମିଶ୍ର, ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆର ସିଜିଏମ୍ ଉପସ୍ଥିତ ଥିଲେ। ଅର୍ଥ ବିଭାଗର ପ୍ରମୁଖ ଶାସନ ସଚିବ ବିଶାଲ ଦେବ ସ୍ୱାଗତ ଭାଷଣ ଦେଇଥିଲେ।

# ଓଏଏସ୍ ଅଫିସର ସ୍ତରରେ ଅଦଳବଦଳ

**ଭୁବନେଶ୍ୱର,୨୯।୨(ସୁନିତ୍ ମିଶ୍ର)**

ରାଜ୍ୟ ସରକାର ଗୁରୁବାର ଓଏଏସ୍ ଅଫିସର ସ୍ତରରେ ଅଦଳବଦଳ କରିଛନ୍ତି। ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ଜାରି ବିଜ୍ଞପ୍ତି ଅନୁସାରେ ବରିଷ୍ଠ ଓଏଏସ୍ ଅଫିସର ସୁଚାରୁ କୁମାର ବଳ ସମ୍ବଲପୁର ଅତିରିକ୍ତ ଜିଲାପାଳ ଭାବେ ବଦଳି ହୋଇଛନ୍ତି। ସେହିପରି ଖାରସୁଗୁଡ଼ା ଅତିରିକ୍ତ ଜିଲାପାଳ ଆଲୋମନି ସେଠୀଙ୍କୁ କୋରାପୁଟ ଅତିରିକ୍ତ ଜିଲାପାଳ, ପ୍ରିୟଦର୍ଶନୀ ମଲିକଙ୍କୁ ମତ୍ସ୍ୟ ଓ ପଶୁସମ୍ପଦ ବିଭାଗର ଯୁଗ୍ମସଚିବ ଭାବେ ବଦଳି କରାଯାଇଛି। ସମ୍ବିତ କୁମାର ଗଡ଼ନାୟକଙ୍କୁ ଭଦ୍ରକ ଅତିରିକ୍ତ ଜିଲାପାଳ, ଫାଲ୍‌ଗୁନି ମାଝିଙ୍କୁ ଆନନ୍ଦପୁର ଉପଜିଲାପାଳ ଓ ଚିତ୍ତରଞ୍ଜନ ମହାନ୍ତଙ୍କୁ କନ୍ଧମାଳ ଉପଜିଲାପାଳ ଭାବେ ବଦଳି କରାଯାଇଛି। ଅନ୍ୟପକ୍ଷରେ ଗଞ୍ଜାମ ଆର୍‌ଆଇସି ଜେନେରାଲ ମ୍ୟାନେଜର ପ୍ରସନ୍ନ କୁମାର ପାତ୍ର , ଆସିକା ସମବାୟ ଚିନିକଲର ପରିଚାଳନା ନିର୍ଦ୍ଦେଶିକା ଗାୟତ୍ରୀ ଦତ୍ତ ନାୟକ ଓ ବ୍ରହ୍ମପୁର ସିଡିଏମ୍ଓ ଅଫିସରେ ପ୍ରଶାସନିକ ଅଫିସର ଥିବା ସୁବ୍ରତ କୁମାର ଜେନାଙ୍କ ପୂର୍ବ ବଦଳି ନିର୍ଦ୍ଦେଶ ବାତିଲକରି ସେମାନଙ୍କୁ ନିଜ ସ୍ଥାନରେ କାର୍ଯ୍ୟ କରିବାକୁ କୁହାଯାଇଛି।

# ଧରିତ୍ରୀ
DHARITRI

ଧରିତ୍ରୀ 50 Years

ଭୁବନେଶ୍ୱର, ଶୁକ୍ରବାର, ମାର୍ଚ୍ଚ ୧/୨୦୨୪ | Bhubaneswar, Friday, March 1/2024 | ପୃଷ୍ଠା-୧




## ମା' ହେବେ ଦୀପିକା

ବଲିଉଡ୍ ଅଭିନେତ୍ରୀ ଦୀପିକା ପାଦୁକୋନ୍ ଗୁରୁବାର ନିଜ ପ୍ରଶଂସକମାନଙ୍କୁ ଖୁସି ଖବର ଦେଇଛନ୍ତି। ଖୁବ୍‌ଶୀଘ୍ର ସେ ମା' ହେବେ ବୋଲି ନିଜ ଇନ୍‌ଷ୍ଟାଗ୍ରାମ୍ ଆଇଡିରେ ଦୀପିକା ସୂଚନା ଦେଇଛନ୍ତି।

୧୦

୧୪

## ଟ୍ରାଏଲ୍ସରେ ଭାଗ ନେବେନି ବଜରଙ୍ଗ

ନ୍ୟାଶନାଲ ସିଲେକ୍ସନ ଟ୍ରାଏଲ୍ସରେ ଭାଗ ନେବେ ନାହିଁ ଅଗ୍ରଣୀ ଭାରତୀୟ କୁସ୍ତିଯୋଦ୍ଧା ବଜରଙ୍ଗ ପୁନିଆ।



# ମାତୃଭାଷାରେ ଶିକ୍ଷାରୁ ପିଲାଙ୍କ ବିକାଶ: ରାଷ୍ଟ୍ରପତି







ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କଠାରୁ ସମ୍ମାନସୂଚକ ଡକ୍ଟରେଟ୍ ଉପାଧି ଗ୍ରହଣ କରୁଛନ୍ତି ପ୍ରଧାନମନ୍ତ୍ରୀଙ୍କ ପ୍ରଧାନ ସଚିବ ପି.କେ. ମିଶ୍ର, ଆଇଏମ୍‌ଡି ମହାନିର୍ଦ୍ଦେଶକ ମୃତ୍ୟୁଞ୍ଜୟ ମହାପାତ୍ର ଏବଂ ହିଣ୍ଡାଲ୍‌କୋ ଇଣ୍ଡଷ୍ଟ୍ରି ଲିମିଟେଡ ପରିଚାଳନା ନିର୍ଦ୍ଦେଶକ ସତୀଶ ପାଇ।

### ଉତ୍କଳ ବିଶ୍ୱବିଦ୍ୟାଳୟର ସମାବର୍ତ୍ତନ ଉତ୍ସବ

### ପି.କେ. ମିଶ୍ର, ମୃତ୍ୟୁଞ୍ଜୟ୍ ମହାପାତ୍ର ଓ ସତୀଶ ପାଇଙ୍କୁ ଡକ୍ଟରେଟ୍

ଭୁବନେଶ୍ୱର,୨୯।୨(ଅସମାପିକା ସାହୁ)

ଉତ୍କଳ ବିଶ୍ୱବିଦ୍ୟାଳୟର ୫୩ତମ ସମାବର୍ତ୍ତନ ଉତ୍ସବ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ମୁଖ୍ୟଅତିଥି ଭାବେ ଯୋଗଦେଇ ଦୀକ୍ଷାନ୍ତ ଅଭିଭାଷଣ ପ୍ରଦାନ କରିଥିଲେ। ସେ କହିଥିଲେ, ମା'ଠାରୁ ବଳି ବଡ଼ ଆଉ କେହି ସଂସାରରେ ନାହିଁ। ମାତୃଭୂମି ମଧ୍ୟ ଆମକୁ ଲାଳନ ପାଳନ କରୁଛି। ଆମ ଦେଶର ମାଟି, ପାଣି ଓ ପବନ ବିନା ଆମର ଜୀବନ କାହିଁ। ସେହିଭଳି ମା' ଓ ମାଟି ପରି ମାତୃଭାଷା ମଧ୍ୟ ବହୁ ଗୁରୁତ୍ୱପୂର୍ଣ୍ଣ। ମା' ଶିଶୁର ପ୍ରଥମ ଶିକ୍ଷିକା ଏବଂ ଶିଶୁଟି ମା'ର ଭାଷାରେ ପୃଥିବୀ ଚିହ୍ନେ। ତେଣୁ ମାତୃଭାଷାରେ ଶିକ୍ଷାଲାଭ କଲେ ଛାତ୍ରୀଛାତ୍ରଙ୍କ ସ୍ୱାଭାବିକ ବିକାଶ ଘଟିବ। ମାତୃଭାଷାରେ ଶିକ୍ଷା ଆମକୁ ଆମ ସଂସ୍କୃତି ସହ ଯୋଡ଼ିଥାଏ ବୋଲି ରାଷ୍ଟ୍ରପତି କହିଥିଲେ। ସେ ଆହୁରି ମଧ୍ୟ କହିଥିଲେ, ଯେତେ ପାରୁଛ ସେତେ ଭାଷା ଶିଖ। ହେଲେ ନିଜ ମାତୃଭାଷା ମହତ ରଖ। ସ୍କୁଲ ଶିକ୍ଷା, ବୈଷୟିକ ଶିକ୍ଷା ଏପରିକି ଉଚ୍ଚ ଶିକ୍ଷା ମଧ୍ୟ ମାତୃଭାଷାରେ ଶିକ୍ଷାଦାନ ଦିଆଯିବା ଆବଶ୍ୟକ। ମାତୃଭାଷାରେ ଶିକ୍ଷା ଲାଭ କଲେ ପିଲାମାନେ ନିଜ ସଂସ୍କୃତି ସହିତ ଜଡ଼ିତ ହୋଇ ରହିବେ ବୋଲି ରାଷ୍ଟ୍ରପତି ପ୍ରକାଶ କରିଛନ୍ତି। ଛାତ୍ରୀଛାତ୍ରଙ୍କ ଉପଲକ୍ଷେ କହିଥିଲେ, ଆଜି ଦିନଟି ତୁମମାନଙ୍କ ପାଇଁ ସ୍ମରଣୀୟ ଦିନ ହୋଇ ରହିବ। ତୁମେମାନେ ଆଜି ଡିଗ୍ରୀ ଲାଭ କରିଛ। ତୁମମାନଙ୍କ ପଛରେ ତୁମର ନିଷ୍ଠା ଓ ପରିଶ୍ରମ ନିଶ୍ଚୟ ରହିଛି। ତା' ସହିତ ତୁମର ମାତାପିତା, ଅଭିଭାବକ ଓ ଅଧ୍ୟାପକଙ୍କ ଭୂମିକା ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଅବଦାନ ରହିଛି। ଏଥିପାଇଁ ତୁମମାନଙ୍କୁ ଆଶୀର୍ବାଦ ଦେବା ସହ ସେମାନଙ୍କୁ ଶୁଭେଚ୍ଛା ଜଣାଉଛି।

ଉତ୍କଳ ବିଶ୍ୱବିଦ୍ୟାଳୟର କୁଳାଧିପତି ତଥା ଓଡ଼ିଶା ରାଜ୍ୟପାଳ ରଘୁବର ଦାସ ସମାବର୍ତ୍ତନ ଉତ୍ସବରେ ଅଧ୍ୟକ୍ଷତା କରି କହିଛନ୍ତି, ଦୀକ୍ଷାନ୍ତ ☞ପୃଷ୍ଠା-୬

# ଅଙ୍ଗନଓ୍ୱାଡି କର୍ମୀଙ୍କ ପାରିଶ୍ରମିକ ବଢ଼ିଲା

- ୨୦୨୩ ଅକ୍ଟୋବର ପହିଲାରୁ ପିଛିଲା ଭାବେ ଲାଗୁ ହେବ
- ସେବା ନିବୃତ୍ତ ସହାୟତା ରାଶି ବଢ଼ିଲା
- ବର୍ଷକୁ ରାଜ୍ୟ ସରକାର ଖର୍ଚ୍ଚ କରିବେ ଅଧିକ ୩୫୦ କୋଟି

ଭୁବନେଶ୍ୱର,୨୯।୨(ଅନିଲ ଦାସ)

ରାଜ୍ୟ ସରକାର ଅଙ୍ଗନଓ୍ୱାଡି କର୍ମୀଙ୍କ ପାରିଶ୍ରମିକ ବୃଦ୍ଧି କରିଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗୁରୁବାର ଏ ନେଇ ଘୋଷଣା କରିଛନ୍ତି। ଏଥିସହିତ ଅଙ୍ଗନଓ୍ୱାଡି କର୍ମୀଙ୍କ ସେବା ନିବୃତ୍ତ ପ୍ରୋତ୍ସାହନ ରାଶିରେ ବୃଦ୍ଧି ହେବ। ସାମାଜିକ ସୁରକ୍ଷା ଭାବରେ ସେମାନଙ୍କୁ ଅନୁକମ୍ପା ସହାୟତା ମିଳିବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି। ଏହାଦ୍ୱାରା ରାଜ୍ୟର ୧ ଲକ୍ଷ ୪୮ ହଜାର ଅଙ୍ଗନଓ୍ୱାଡି କର୍ମୀ, ମିନି ଅଙ୍ଗନଓ୍ୱାଡି କର୍ମୀ ଓ ଅଙ୍ଗନଓ୍ୱାଡି ସହାୟିକା ଉପକୃତ ହେବେ। ଏଥିପାଇଁ ରାଜ୍ୟ ସରକାର ବର୍ଷକୁ ଅତିରିକ୍ତ ୩୫୦ କୋଟି ଟଙ୍କା ଖର୍ଚ୍ଚ କରିବେ।

ଏହି ନୂତନ ଘୋଷଣା ଅନୁଯାୟୀ, ଅଙ୍ଗନଓ୍ୱାଡି କର୍ମୀମାନଙ୍କ ମାସିକ ପାରିଶ୍ରମିକ ୭୫୦୦ ଟଙ୍କାରୁ ୧୦ ହଜାର ଟଙ୍କାକୁ ବୃଦ୍ଧି କରାଯାଇଥିବା ବେଳେ ମିନି ଅଙ୍ଗନଓ୍ୱାଡି କର୍ମୀଙ୍କ ପାରିଶ୍ରମିକ ୫୩୭୫ ଟଙ୍କାରୁ ୭୨୫୦ ଟଙ୍କାକୁ ବୃଦ୍ଧି କରାଯାଇଛି। ସେହିପରି ଅଙ୍ଗନଓ୍ୱାଡି ସହାୟିକାଙ୍କ ପାରିଶ୍ରମିକ ମଧ୍ୟ ୩୭୫୦ ଟଙ୍କାରୁ ୫୦୦୦ ଟଙ୍କାକୁ ବୃଦ୍ଧି କରାଯାଇଛି।

ଏହି ବର୍ଦ୍ଧିତ ପାରିଶ୍ରମିକ ୨୦୨୩ ଅକ୍ଟୋବର ପହିଲାରୁ ପିଛିଲା ଭାବେ ଲାଗୁ ହେବ। ଚଳିତ ଫେବୃଆରୀ ମାସରୁ ବର୍ଦ୍ଧିତ ପାରିଶ୍ରମିକ ନିୟମିତ ଭାବେ ମିଳିବ। ୨୦୨୩ ଅକ୍ଟୋବରରୁ ୨୦୨୪ ଜାନୁଆରୀ ୪ ମାସର ବର୍ଦ୍ଧିତ ବକେୟା ରାଶି ମାର୍ଚ୍ଚ ୫ ତାରିଖରୁ ୧୦ ତାରିଖ ମଧ୍ୟରେ ସେମାନଙ୍କ ବ୍ୟାଙ୍କ ଆକାଉଣ୍ଟରେ ଜମା କରାଯିବ।

ସେହିପରି ଅଙ୍ଗନଓ୍ୱାଡି କର୍ମଚାରୀଙ୍କ ସେବା ନିବୃତ୍ତିରେ ପାଉଥିବା ପ୍ରୋତ୍ସାହନ ରାଶିରେ ମଧ୍ୟ ବୃଦ୍ଧି କରାଯାଇଛି। ଏହା ୨୦୨୪ ଏପ୍ରିଲ ପହିଲାରୁ ଲାଗୁହେବ। ବର୍ଦ୍ଧିତ ପ୍ରୋତ୍ସାହନ ରାଶି ବାବଦରେ ଅଙ୍ଗନଓ୍ୱାଡି କର୍ମୀମାନେ ପୂର୍ବରୁ ପାଉଥିବା ୪୦ ହଜାର ଟଙ୍କା ପରିବର୍ତ୍ତେ ୧ ଲକ୍ଷ ଟଙ୍କା ପାଇବେ। ମିନି ଅଙ୍ଗନଓ୍ୱାଡି କର୍ମୀମାନେ ୩୦ ହଜାର ଟଙ୍କା ପରିବର୍ତ୍ତେ ୭୫ ହଜାର ଟଙ୍କା ଏବଂ ଅଙ୍ଗନଓ୍ୱାଡି ସହାୟିକାମାନେ ୨୦ ହଜାର ଟଙ୍କା ପରିବର୍ତ୍ତେ ୫୦ ହଜାର ଟଙ୍କା ପାଇବେ।

ସେହିପରି ସାମାଜିକ ସୁରକ୍ଷା ଦିଗରେ ମୃତ୍ୟୁ କିମ୍ବା ଦୁର୍ଘଟଣାଜନିତ ସମ୍ପୂର୍ଣ୍ଣ ଶାରୀରିକ ଅକ୍ଷମତା ନିମନ୍ତେ ଅଙ୍ଗନଓ୍ୱାଡି କର୍ମୀ, ମିନି ଅଙ୍ଗନଓ୍ୱାଡି କର୍ମୀ ଓ ସହାୟିକାମାନଙ୍କୁ ୨ ଲକ୍ଷ ଟଙ୍କା ଓ ଆଂଶିକ ଅକ୍ଷମତା ନିମନ୍ତେ ୧ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଅନୁକମ୍ପା ରାଶି ପ୍ରଦାନ କରାଯିବ। ଏହି ସୁବିଧା ମଧ୍ୟ ୨୦୨୪ ଏପ୍ରିଲ ପହିଲାରୁ ଲାଗୁ ହେବ।



| | ଥିଲା | ହେଲା |
|---|---|---|
| ଅଙ୍ଗନଓ୍ୱାଡି କର୍ମୀ | ୭,୫୦୦ | ୧୦,୦୦୦ |
| ମିନି ଅଙ୍ଗନଓ୍ୱାଡି କର୍ମୀ | ୫,୩୭୫ | ୭,୨୫୦ |
| ଅଙ୍ଗନଓ୍ୱାଡି ସହାୟିକା | ୩,୭୫୦ | ୫,୦୦୦ |


5T | ଓଡ଼ିଶା ସରକାର | ଆମ ଓଡ଼ିଶା ନବୀନ ଓଡ଼ିଶା

DSPL - 752

## ନିଯୁକ୍ତି ପର୍ବ

ଆମ ଯୁବଶକ୍ତି ପାଇଁ ନୂଆ ସୁଯୋଗ

5T ଉପକ୍ରମରେ ସରକାରୀ ଅନୁଦାନପ୍ରାପ୍ତ ମହାବିଦ୍ୟାଳୟରେ ଉଚ୍ଚଶିକ୍ଷା ବିଭାଗର ୯୭୭ ଜଣ ଏସ.ଏସ.ବି ଅଧ୍ୟାପକ/ଅଧ୍ୟାପିକା ନିଯୁକ୍ତ

ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗରେ ୮୭ ଜଣ ଗ୍ରାମପଞ୍ଚାୟତ ଉନ୍ନୟନ ଅଧିକାରୀ ନିଯୁକ୍ତ

ସମବାୟ ବିଭାଗରେ ୫୭ ଜଣ ସମବାୟ ସମିତି ନିରୀକ୍ଷକ ନିଯୁକ୍ତ

ସୂଚନା ଓ ଲୋକସମ୍ପର୍କ ବିଭାଗରେ ଜିଲ୍ଲାସ୍ତରୀୟ ବିଭିନ୍ନ ଗ୍ରୁପ୍-ସି ପଦବୀରେ ୩୧ ଜଣ ନିଯୁକ୍ତ



ମୁଖ୍ୟ ଅତିଥି
ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ
ମାନ୍ୟବର ମୁଖ୍ୟମନ୍ତ୍ରୀ, ଓଡ଼ିଶା

୧ ମାର୍ଚ୍ଚ ୨୦୨୪ | ସକାଳ ୧୧ଟା ୩୦

କନ୍‌ଭେନ୍‌ସନ୍ ସେଣ୍ଟର, ଲୋକସେବା ଭବନ ଏବଂ ରବୀନ୍ଦ୍ର ମଣ୍ଡପ, ଭୁବନେଶ୍ୱର

ସୂଚନା ଓ ଲୋକସମ୍ପର୍କ ବିଭାଗ

OIPR-39004/13/0013/2324

ସାଧାରଣ ଜୀବନଟି ହେଉଛି-ବହୁବିଧ ଆକାଂକ୍ଷା ଓ ପ୍ରଲୋଭନର ଗୋଟିଏ ଗତାନୁଗତିକ ପରିକ୍ରମା। ଯେତେଦିନ ପର୍ଯ୍ୟନ୍ତ ବ୍ୟକ୍ତି ତହିଁରେ ବ୍ୟସ୍ତ ରହିଥାଏ, ସେତେଦିନ ପର୍ଯ୍ୟନ୍ତ ତା'ର କୌଣସି ସ୍ଥାୟୀ ଅଗ୍ରଗତି ହୁଏ ନାହିଁ। -ଶ୍ରୀମା



# ନ୍ୟାୟାଳୟ ଓ ଗଣତନ୍ତ୍ର ସୁରକ୍ଷା



ନିକୋଲାସ୍ ରିଡ୍ ଲାଙ୍ଗେନ୍

ଦିନକୁ ଦିନ ଏକଚ୍ଛତ୍ରବାଦୀ ତଥା ସାଧାରଣ ଲୋକଙ୍କ ସମର୍ଥନରେ ସମସ୍ୟା ସୃଷ୍ଟି କରିବାରେ ଆଗ୍ରହ ରଖୁଥିବା(ପପୁଲିଷ୍ଟ) ନେତାଙ୍କ କବଳରୁ ଗଣତନ୍ତ୍ରକୁ ବଞ୍ଚାଇ ରଖିବାର ସଂଗ୍ରାମ ଜାରି ରହିଛି। ଏଥିରେ ନ୍ୟାୟାଳୟଗୁଡ଼ିକ ଆଗ ଧାଡ଼ିରେ ରହୁଛନ୍ତି। ନିକଟରେ ଆମେରିକାର ସୁପ୍ରିମକୋର୍ଟ କଲରାଡୋର ସର୍ବୋଚ୍ଚ ଅଦାଲତଙ୍କ ଏକ ରାୟ ଉପରେ ଶୁଣାଣି କରିଥିଲେ। ୬ ଜାନୁଆରୀ ୨୦୨୧ରେ ଆମେରିକାର କ୍ୟାପିଟୋଲରେ ବିଦ୍ରୋହ କାରଣରୁ ଡୋନାଲ୍ଡ ଟ୍ରମ୍ପ ରାଷ୍ଟ୍ରପତି ନିର୍ବାଚନରେ ଲଢ଼ିବା ଲାଗି ଅଯୋଗ୍ୟ ବୋଲି କଲରାଡୋର ଅଦାଲତ ରାୟ ଦେଇଥିଲେ। ରାଷ୍ଟ୍ରପତିମାନେ କାର୍ଯ୍ୟ କରୁଥିବା ସମୟରେ ତାଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନରୁ ସେମାନେ ଛାଡ଼ ପାଇବା ଦରକାର ବୋଲି ଟ୍ରମ୍ପ ଯେଉଁ ଦାବି କରିଥିଲେ ତାହା ବିରୋଧରେ ବି ଏକ ଆପିଲେଟ୍ କୋର୍ଟ ରାୟ ଦେଇଛନ୍ତି। ତେବେ ନିକଟରେ ନ୍ୟୁୟର୍କରେ ଏକ ଷ୍ଟେଟ କୋର୍ଟ ଆର୍ଥିକ ଠକେଇରେ ଟ୍ରମ୍ପଙ୍କୁ ୩୫୪ ମିଲିୟନ ଡଲାର ଜରିମାନା କରିଛନ୍ତି। ଜଣେ ମହିଳାଙ୍କୁ ଅପମାନ କରିବା ଓ ଯୌନ ନିର୍ଯାତନା ଦେବା ଅଭିଯୋଗର ଶୁଣାଣିକରି ଟ୍ରମ୍ପଙ୍କ ବିରୋଧରେ ଖଣ୍ଡପୀଠ ୮୩ ମିଲିୟନ ଡଲାର ଜରିମାନା କରିବାର ଠିକ୍ ପରେ ଏହା ଘଟିଛି। ଆସନ୍ତା ୩ ବର୍ଷ ପାଇଁ ତାଙ୍କୁ ନ୍ୟୁୟର୍କ ସ୍ଥିତ ଏକ କମ୍ପାନୀରେ କୌଣସି ଶୀର୍ଷ ଭୂମିକା ଗ୍ରହଣ କରିବାକୁ ବାରଣ କରାଯିବା ସହ ଏହି ଦୁଇଟି ରାୟ ଟ୍ରମ୍ପଙ୍କୁ ପ୍ରାୟ ତାଙ୍କର ସମସ୍ତ ଉପଲବ୍ଧ କ୍ୟାଶ୍ ହୋଲ୍ଡିଂରୁ ବଞ୍ଚିତ କରିବ ।

ଏହି ସମୟରେ ସମଗ୍ର ଆଟ୍‌ଲାଣ୍ଟିକ୍‌ରେ ବ୍ରିଟେନର କଞ୍ଜରଭେଟିଭ ସରକାର ଏକ ମାଇଗ୍ରାଣ୍ଟ ରିଲୋକେଶନ ବିଲ୍ (ପ୍ରବାସୀ ପୁନର୍ବାସ ବିଲ୍) ପାସ୍ କରିବାକୁ ଚେଷ୍ଟା କରୁଛନ୍ତି । ଗତ ବର୍ଷ ଶେଷରେ ବ୍ରିଟେନର ସୁପ୍ରିମକୋର୍ଟଙ୍କ ସମାନ ପ୍ରକାର ଆଇନକୁ ଖଣ୍ଡନ କରିଥିଲେ। ତେବେ ଏବକାର ପୁନର୍ବାସ ବିଲ୍ ସୁପ୍ରିମକୋର୍ଟଙ୍କ ରାୟକୁ ଅଣଦେଖା କରିବା ଲାଗି ଉଦ୍ଦିଷ୍ଟ ବୋଲି କୁହାଯାଉଛି। ଇସ୍ରାଏଲରେ ଦେଶର ସର୍ବୋଚ୍ଚ ନ୍ୟାୟାଳୟ ମୌଳିକ ଆଇନରେ ଏକ ସଂଶୋଧନକୁ ଖଣ୍ଡନ କରିଛନ୍ତି, ଯାହା ତା' ନିଜର ଅଧିକାରକୁ କ୍ଷୁଣ୍ଣ କରିଥାନ୍ତା। ଏହା ବ୍ୟତୀତ ନିକଟରେ ଜର୍ମାନୀରେ ଚରମ ଦକ୍ଷିଣପନ୍ଥୀ, ଗଣତାନ୍ତ୍ରିକ ବିରୋଧୀ ଡାଏ ହେମାଟ ପାର୍ଟିକୁ ପବ୍ଲିକ ଫଣ୍ଡିଂ ମନା ବୋଲି ସାମ୍ବିଧାନିକ ଅଦାଲତ ରାୟ ଦେଇଛନ୍ତି। ଫଳରେ ଏହା ଲୋକପ୍ରିୟ ଆଲ୍‌ଟରନେଟିଭ ଫର୍ ଡଏଚଲ୍ୟାଣ୍ଡ (ଏଏଫ୍‌ଡି) ପାର୍ଟି ସହ ଜଡ଼ିତ ଏକ ସମାନ ପ୍ରକାର ମାମଲା ଉପରେ ବିଚାର ପାଇଁ ବାଟ ଖୋଲିବ ବୋଲି କଳ୍ପନାଜଳ୍ପନା ପ୍ରକାଶ ପାଇଛି।

ଆମେରିକାର ସୁପ୍ରିମକୋର୍ଟରେ ଚାଲିଥିବା ବାଲଟ ଏଲିଜିବିଲିଟି ମାମଲା ଆମେରିକାର ଇତିହାସରେ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ହୋଇପାରେ। ଜାନୁଆରୀ ୬ ବିଦ୍ରୋହରେ ଟ୍ରମ୍ପଙ୍କ



ଭୂମିକା ଥିବା ଯୋଗୁ କଲରାଡୋ କୋର୍ଟ ତାଙ୍କୁ ଉଚ୍ଚ ପଦବୀରେ ରହିବା ଉପରେ କଟକଣା ଲଗାଇବା ରାୟ ପରେ ବି ଏବେ ସର୍ବୋଚ୍ଚ ନ୍ୟାୟାଳୟଙ୍କୁ ଏ ସମ୍ପର୍କରେ ବିଚାର କରିବାକୁ ଜରୁରୀ ହୋଇପଡ଼ିଲାଣି। ଏହି ମାମଲା ଗ୍ରହଣକରି ବିଚାରପତିମାନେ ଟ୍ରମ୍ପଙ୍କ ରାଷ୍ଟ୍ରପତି ପ୍ରତ୍ୟାବର୍ତ୍ତନକୁ ଅଟକାଇବେ କି ନାହିଁ ତା' ଉପରେ ନିଷ୍ପତ୍ତି ନେବା ଦରକାର । କାରଣ ବିଚାରପତିମାନେ ତାଙ୍କ ବିରୋଧରେ ରାୟ ଦେଲେ ସେ ହଙ୍ଗାମା କରିବାକୁ ପ୍ରତିଜ୍ଞା କରିଛନ୍ତି। କିନ୍ତୁ ଯଦି ଟ୍ରମ୍ପଙ୍କ ଅନୁଗାମୀମାନେ ବିଶୃଙ୍ଖଳା ସୃଷ୍ଟି କରନ୍ତି ତେବେ ମନ୍ଦ ଚିନ୍ତାସମ୍ପନ୍ନ ନେତାଙ୍କୁ ଅଟକାଇବା ପାଇଁ ଗଢ଼ା ହୋଇଥିବା ଆମେରିକାର ଗଣତାନ୍ତ୍ରିକ ବ୍ୟବସ୍ଥା ନିୟନ୍ତ୍ରଣ କରିପାରିବ। ଅପରପକ୍ଷେରେ ଯଦି ବିଚାରପତିମାନେ କଲରଡୋ ନିଷ୍ପତ୍ତିକୁ ଅଗ୍ରାହ୍ୟ କରନ୍ତି, ତେବେ ସମ୍ଭବତଃ ମନେହୁଏ, ଆମେରିକାର ଗଣତନ୍ତ୍ରର ଭବିଷ୍ୟତ ପ୍ରମୁଖ ରାଜ୍ୟଗୁଡ଼ିକରେ ଭୋଟରଙ୍କ ଏକ ଛୋଟ ଅଂଶ ବି ନିର୍ଣ୍ଣୟ କରିଦେବ। ପ୍ରତିଷ୍ଠା ହେବା ପରଠାରୁ କୋର୍ଟ ଏବଂ ଆଇନ ପ୍ରାୟତଃ ଆମେରିକାର ରାଜନୈତିକ ଧାରା ସହ ଓତପ୍ରୋତ ଭାବେ ଜଡ଼ିତ । ୧୮୦୩ ମସିହାରେ ମାର୍ବରୀ ବନାମ ମ୍ୟାଡିସନ ମାମଲାରେ ସୁପ୍ରିମକୋର୍ଟ କହିଥିଲେ ଯେ, ସୁପ୍ରିମକୋର୍ଟର ସମୀକ୍ଷା କରିବାର ଅଧିକାର ରହିଛି ଏବଂ ଯଦି ଆବଶ୍ୟକ ହୁଏ, ତେବେ ଆମେରିକାର ସମ୍ବିଧାନର ଉଲ୍ଲଂଘନ କରୁଥିବା ଆଇନକୁ ରଦ୍ଦ କରିବ। ଆମେରିକା ସମ୍ବିଧାନର ଆବଶ୍ୟକତା ଓ ମହତ୍ତ୍ୱ ଉପରେ ନିଜକୁ ଶେଷ ନ୍ୟାୟକର୍ତ୍ତା ଭାବେ ଏହା କରିପାରିବ।

ଯଦିଓ ଆମେରିକା ବହୁ ପୂର୍ବରୁ ବିଶ୍ୱର ପ୍ରମୁଖ ଗଣତନ୍ତ୍ର ଭାବେ ରହିଆସିଛି ସେଥିପାଇଁ ଅନ୍ୟ କେତେକ ଦେଶ ତାହାର ନ୍ୟାୟିକ ବ୍ୟବସ୍ଥାକୁ ଗ୍ରହଣ କରିଛନ୍ତି। ବେଳେବେଳେ ଅସନ୍ତୋଷର ଅଭିଯୋଗ ଉଠିଲେ ମଧ୍ୟ ଆମେରିକାରେ କୋର୍ଟର ସାର୍ବଭୌମତ୍ୱ ପ୍ରାୟତଃ ଗ୍ରହଣୀୟ। କିନ୍ତୁ ଅନ୍ୟତ୍ର ଅନେକ ପର୍ଯ୍ୟବେକ୍ଷକ କିଛି ଧାରଣାକୁ ନେଇ ଅସୁବିଧାରେ ପଡ଼ନ୍ତି। ପ୍ରାୟ ପ୍ରତ୍ୟେକ ଗଣତାନ୍ତ୍ରିକ ଦେଶରେ ଏକ ସାମ୍ବିଧାନିକ କୋର୍ଟ ଥିବାବେଳେ ଖୁବ୍ କମ୍ ଆମେରିକା ପରି ରାଜନୈତିକ କ୍ଷେତ୍ରରେ ଶକ୍ତିଶାଳୀ। ଏହା ସତ୍ତ୍ୱେ ବି ସେମାନେ ନିର୍ବାଚିତ ଅଧିକାରୀମାନଙ୍କୁ ଅଟକାଇବାର ସମ୍ଭାବନା ଅଧିକ। ଏବେ ପପୁଲିଷ୍ଟ ପଲିଟିକ୍ସ ଅନେକ ଦେଶର ସାମ୍ବିଧାନିକ ବ୍ୟବସ୍ଥାକୁ ଅଧିକ ଚାପଗ୍ରସ୍ତ କରିଦେଇଛି ;ଯାହାଦ୍ୱାରା କୋର୍ଟଗୁଡ଼ିକ ନୂଆ ତରିକାରେ ସେମାନଙ୍କ ମତ ରଖୁଛନ୍ତି। ଏହାର ବଡ଼ ଉଦାହରଣ ହେଉଛି ଦେଶର ସର୍ବୋଚ୍ଚ ନ୍ୟାୟାଳୟକୁ ସରକାର, ପ୍ରଧାନମନ୍ତ୍ରୀ କିମ୍ବା ଅନ୍ୟ କୌଣସି ମନ୍ତ୍ରୀଙ୍କ ନିଷ୍ପତ୍ତିର ଯୁକ୍ତିଯୁକ୍ତତା ଉପରେ ବିଚାର ପାଇଁ ବାରଣ କରିବାକୁ ଦକ୍ଷିଣପନ୍ଥୀ ଇସ୍ରାଏଲ ପ୍ରଶାସନର ପ୍ରୟାସ। ଗତ ମାସରେ ଇସ୍ରାଏଲର ସୁପ୍ରିମକୋର୍ଟ ସେହି ନିୟମକୁ ଖଣ୍ଡନ କରିଥିଲେ। ଆମେରିକୀୟ ପ୍ରତିପକ୍ଷଙ୍କ ପଦାଙ୍କ ଅନୁସରଣକରି ବିଚାରପତିମାନେ ନିଶ୍ଚିତ କରିଥିଲେ ଯେ, କୋର୍ଟ କେନ୍ସେଟ (ଇସ୍ରାଏଲର ଏକ ସଦନୀୟ ସଂସଦ) ନୁହେଁ, ସରକାର କିମ୍ବା ରାଷ୍ଟ୍ରପତି ନୁହେଁ , ବରଂ ଇସ୍ରାଏଲର ମୌଳିକ ଆଇନର ଅର୍ଥ ଏବଂ ଆବଶ୍ୟକତା ଉପରେ ଏହା ସର୍ବୋଚ୍ଚ ପ୍ରାଧିକରଣ।

ବ୍ରିଟେନରେ କୋର୍ଟଗୁଡ଼ିକୁ 'ସିଂହାସନ ତଳେ ସିଂହ' ବୋଲି କୁହାଯାଇଆସୁଅଛି। କାରଣ ଏଠାରେ ପାର୍ଲାମେଣ୍ଟ ସବୁଠୁ ଶକ୍ତିଶାଳୀ। କିନ୍ତୁ ଗତ ବର୍ଷ ସରକାରଙ୍କ ପ୍ରବାସୀ ପୁନର୍ବାସ ଆଇନକୁ ରଦ୍ଦ କରିବାରେ କୋର୍ଟଙ୍କ ନିଷ୍ପତ୍ତିରୁ ବୁଝାପଡୁଛି ଯେ, ଆବଶ୍ୟକ ସମୟରେ ବିଚାରପତିମାନେ ଆଡୁଆଳରୁ ବାହାରି ଆସିପାରନ୍ତି। ଆଶ୍ରୟ ଚାହୁଁଥିବା ଲୋକଙ୍କୁ ରୁଆଣ୍ଡା ପଠାଇବାକୁ ସରକାରଙ୍କ ପ୍ରୟାସ ଉଭୟ ଅନ୍ତର୍ଜାତୀୟ ତଥା ଘରୋଇ ଆଇନର ଉଲ୍ଲଂଘନ ବୋଲି କୋର୍ଟ କହିଛନ୍ତି। କାରଣ ବୈଦେଶିକ କାର୍ଯ୍ୟାଳୟ ଯୁକ୍ତି ଅନୁଯାୟୀ ରୁଆଣ୍ଡା ପୁନଃ ବିସ୍ଥାପନ ପାଇଁ ଏକ ଯୋଗ୍ୟ ତଥା ସୁରକ୍ଷିତ ଦେଶ ନୁହେଁ। ଯଦି ପ୍ରଧାନମନ୍ତ୍ରୀ ଋଷି ସୁନକଙ୍କ ସରକାର ରୁଆଣ୍ଡାକୁ ନିରାପଦ ବୋଲି ଘୋଷଣାକରି ଏକ ବିଲ୍ ପାସ୍ କରନ୍ତି ତେବେ କ'ଣ ଘଟିବ ତାହା ସ୍ପଷ୍ଟ ହୋଇନାହିଁ। କାରଣ କୌଣସି ବ୍ରିଟିଶ ସରକାର କେବେ ବି ବାସ୍ତବତାକୁ ଅସ୍ୱୀକାର କଲା ଭଳି ଏକ ଆଇନ ପ୍ରଣୟନ କରିନାହାନ୍ତି। ତେବେ ଏପର୍ଯ୍ୟନ୍ତ ବିଚାରପତିମାନେ ଏହି ନିର୍ଦ୍ଦିଷ୍ଟ ମାମଲାରେ ସାମ୍ବିଧାନିକ ସମସ୍ୟାକୁ ହଟାଇବାକୁ ଅନିଚ୍ଛୁକ। ଏଥିରୁ ଉଭୟ ବ୍ରିଟେନ ଏବଂ ଅନ୍ତର୍ଜାତୀୟ ସ୍ତରରେ ନ୍ୟାୟିକ କ୍ଷମତାର ବ୍ୟାପକ ପରିବର୍ତ୍ତନ ସ୍ପଷ୍ଟ ହୋଇଛି।

ଏହି ସମୟରେ ଗଣତାନ୍ତ୍ରିକ ବ୍ୟବସ୍ଥା ଉପରେ ପପୁଲିଷ୍ଟଙ୍କ ଆକ୍ରମଣରୁ ବଞ୍ଚିବା ପାଇଁ ନ୍ୟାୟାଳୟଗୁଡ଼ିକ ନ୍ୟାୟକର୍ତ୍ତା ଭାବରେ ସେମାନଙ୍କର ଉପଯୁକ୍ତ ଭୂମିକା ଗ୍ରହଣ କରିବାକୁ ପଡ଼ିବ । ସେମାନେ ଜାଣନ୍ତି ଯେ ସେମାନଙ୍କର ନିଷ୍ପତ୍ତି ଜଣେ ଟ୍ରମ୍ପ କିମ୍ବା ଜଣେ ବୋରିସ ଜନ୍‌ସନଙ୍କ ଭାବପ୍ରବଣତା ଉପରେ ତିଷ୍ଠି ରହିପାରିବ ନାହିଁ । ନ୍ୟାୟାଳୟଗୁଡ଼ିକ ଯୁକ୍ତିଯୁକ୍ତ ବିଚାର , ଢାଞ୍ଚା ଏବଂ ନିୟମ ଅନୁସରଣ କରିବା ଜରୁରୀ । ପପୁଲିଷ୍ଟଙ୍କ ଚାପ ବଢ଼ିବା ସମୟରେ, ନ୍ୟାୟପାଳିକାର ବାସ୍ତବ ଗଣତାନ୍ତ୍ରିକ ଉତ୍ତରଦାୟିତ୍ୱହୀନତା ଏହାର ଦୁର୍ବଳତାକୁ ପ୍ରମାଣିତ କରିବ। ତେବେ ସେମାନେ ବର୍ତ୍ତମାନ ଗଣତାନ୍ତ୍ରିକ ସାମ୍ବିଧାନିକ ବ୍ୟବସ୍ଥାର ଶେଷ ଗ୍ୟାରେଣ୍ଟର ବା ଉତ୍ତରଦାୟୀ ହୋଇପାରନ୍ତି।

**ପ୍ରତିଷ୍ଠିତ ଲେଖକ (ବ୍ରିଟିଶ କନ୍‌ଷ୍ଟିଚ୍ୟୁଶନ ଫର୍ ଦି ଜଷ୍ଟିସ ଗ୍ୟାପ୍)**

# ପ୍ରଶ୍ନପତ୍ର ଲିକ୍ ଏକ ଗମ୍ଭୀର ପ୍ରସଙ୍ଗ



ଅସିତ ମହାନ୍ତି

ପ୍ରଶ୍ନପତ୍ର ଲିକ୍ ହେଉଛି ଏକ ଗମ୍ଭୀର ପ୍ରସଙ୍ଗ, ଯାହା ଶିକ୍ଷା ବ୍ୟବସ୍ଥାର ନ୍ୟାୟ ଏବଂ ଅଖଣ୍ଡତା ଉପରେ ସୁଦୂରପ୍ରସାରୀ ପ୍ରଭାବ ପକାଇପାରେ। ଯେତେବେଳେ ପ୍ରଶ୍ନପତ୍ର ଲିକ୍ ହୁଏ, ସେତେବେଳେ ଏହା ପରୀକ୍ଷା ପାଇଁ ସଚ୍ଚୋଟ ଭାବରେ ପ୍ରସ୍ତୁତ ହୋଇଥିବା ଛାତ୍ରମାନଙ୍କୁ ଅସୁବିଧାରେ ପକାଇଥାଏ ଏବଂ ପରୀକ୍ଷା ପ୍ରକ୍ରିୟାର ବିଶ୍ୱସନୀୟତାକୁ କ୍ଷୁଣ୍ଣ କରିଥାଏ। ବିଭିନ୍ନ କାରଣରୁ ସୁରକ୍ଷା ପଦକ୍ଷେପ ଅଭାବ, ଶିକ୍ଷା ବ୍ୟବସ୍ଥାରେ ଦୁର୍ନୀତି ଏବଂ ବୈଷୟିକ ଦୁର୍ବଳତା ଭଳି ପ୍ରଶ୍ନପତ୍ର ଲିକ୍ ହୋଇପାରେ। ଲିକ୍ ସହିତ ଜଡିତ ବ୍ୟକ୍ତିମାନେ ଶିକ୍ଷକ, ପ୍ରଶାସକ କିମ୍ବା ଶିକ୍ଷା ବ୍ୟବସ୍ଥା ବାହାରେ ଥିବା ବ୍ୟକ୍ତିବିଶେଷଙ୍କୁ ଅନ୍ତର୍ଭୁକ୍ତ କରିପାରିବେ ଯେଉଁମାନେ କାଗଜପତ୍ରରେ ଅନଧିକୃତ ପ୍ରବେଶ ହାସଲ କରନ୍ତି। ପ୍ରଶ୍ନପତ୍ର ଲିକ୍‌କୁ ନିୟନ୍ତ୍ରଣ କରିବା ପାଇଁ ବହୁମୁଖୀ ଆଭିମୁଖ୍ୟ ଆବଶ୍ୟକ। ଗୋଟିଏ ଉପାୟ ହେଉଛି ସୁରକ୍ଷା ପଦକ୍ଷେପକୁ ବୃଦ୍ଧି କରିବା ଯେପରି କି ପ୍ରଶ୍ନପତ୍ରଗୁଡ଼ିକୁ ଏନ୍‌କ୍ରିପ୍ଟ କରିବା, ସେମାନଙ୍କ ପ୍ରବେଶ ଉପରେ ପ୍ରତିବନ୍ଧକ ଲଗାଇବା ଏବଂ ଅଧିକ କଠୋର ମନିଟରିଂ ସିଷ୍ଟମ ଲାଗୁ କରିବା। ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ଦିଗ ହେଉଛି ଶିକ୍ଷା ବ୍ୟବସ୍ଥା ମଧ୍ୟରେ ନୈତିକତା ଏବଂ ଅଖଣ୍ଡତାକୁ ପ୍ରୋତ୍ସାହିତ କରିବା, ନ୍ୟାୟପୂର୍ଣ୍ଣ ଗୁରୁତ୍ୱକୁ ଆଲୋକିତ କରିବା। ଏହା ସହିତ ପ୍ରଶ୍ନପତ୍ର ଲିକ୍ ସହିତ ଜଡିତ ବ୍ୟକ୍ତିଙ୍କ ପାଇଁ କଠୋର ଦଣ୍ଡବିଧାନ ହେବା ଉଚିତ। ହ୍ୱିସିଲ ବ୍ଲୋୟର ସୁରକ୍ଷାକୁ ମଜଭୁତ କରିବା ମଧ୍ୟ ସମ୍ଭାବ୍ୟ ଲିକ୍ ଘଟଣା ବିଷୟରେ ରିପୋର୍ଟ କରିବାକୁ ବ୍ୟକ୍ତିବିଶେଷଙ୍କୁ ଉତ୍ସାହିତ କରିପାରିବ। ପରିଶେଷରେ ପ୍ରଶ୍ନପତ୍ର ଲିକ୍‌କୁ ମୁକାବିଲା କରିବା ପାଇଁ ବୈଷୟିକ ସମାଧାନ, ନିୟମ ଓ ନିୟମର କଠୋର କାର୍ଯ୍ୟକାରିତା, ଶିକ୍ଷା କ୍ଷେତ୍ରରେ ସଚ୍ଚୋଟତା ଏବଂ ଅଖଣ୍ଡତାକୁ ମୂଲ୍ୟ ଦେବା ଦିଗରେ ଏକ ପରିବର୍ତ୍ତନ ଆବଶ୍ୟକ। ଏହି ଦିଗଗୁଡ଼ିକୁ ସମ୍ପୂର୍ଣ୍ଣ ଭାବରେ ସମାଧାନ କରି ପ୍ରଶ୍ନପତ୍ର ଲିକ୍ ଘଟଣାକୁ କମ୍ କରିବା ଏବଂ ପରୀକ୍ଷା ବ୍ୟବସ୍ଥାର ବିଶ୍ୱସନୀୟତାକୁ ସମର୍ଥନ କରିବା ସମ୍ଭବ। ପ୍ରଶ୍ନପତ୍ର ଲିକ୍‌କୁ ସମାଧାନ କରିବାର ଦାୟିତ୍ୱ ଶିକ୍ଷା ବ୍ୟବସ୍ଥା ଉପରେ ଅଛି। ଏଥିରେ ଶିକ୍ଷାନୁଷ୍ଠାନ, ପରୀକ୍ଷା ବୋର୍ଡ, ସରକାରୀ କର୍ତ୍ତୃପକ୍ଷ, ଆଇନ ପ୍ରଣୟନକାରୀ ସଂସ୍ଥା ଏବଂ ବ୍ୟକ୍ତିଗତ ଶିକ୍ଷାବିତ୍ ଅନ୍ତର୍ଭୁକ୍ତ।

ପରୀକ୍ଷା ପ୍ରକ୍ରିୟାର ସୁରକ୍ଷା ଏବଂ ଅଖଣ୍ଡତା ସୁନିଶ୍ଚିତ କରିବା ପାଇଁ ଶିକ୍ଷାନୁଷ୍ଠାନ ଏବଂ ପରୀକ୍ଷା ବୋର୍ଡ ଦାୟୀ। ଲିକ୍ ରୋକିବା ପାଇଁ ପ୍ରଶ୍ନ କାଗଜପତ୍ରର ସଂରକ୍ଷଣ, ବଣ୍ଟନ ଏବଂ ମନିଟରିଂ ପାଇଁ ସେମାନେ ନିଶ୍ଚିତ ଭାବରେ ପ୍ରୋଟୋକଲ କାର୍ଯ୍ୟକାରୀ କରିବେ। ନିୟମିତ ସୁରକ୍ଷା ଅଡିଟ ଏବଂ ବିପଦର ମୂଲ୍ୟାଙ୍କନ ସିଷ୍ଟମ୍‌ରେ ଦୁର୍ବଳତା ଚିହ୍ନଟ କରିବାରେ ସାହାଯ୍ୟ କରିଥାଏ। ସରକାରୀ କର୍ତ୍ତୃପକ୍ଷ: ଜାତୀୟ, ରାଜ୍ୟ ତଥା ଆଞ୍ଚଳିକ ସ୍ତରରେ ସରକାରୀ ସଂସ୍ଥା ଶିକ୍ଷା ବ୍ୟବସ୍ଥାର ତଦାରଖ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରନ୍ତି। ପରୀକ୍ଷା ପରିଚାଳନା କରୁଥିବା ନୀତି, ନିୟମାବଳୀ ଏବଂ ମାନକ ସେଟିଂ ପାଇଁ ସେମାନେ ଦାୟୀ। ପ୍ରଶ୍ନପତ୍ର ଲିକ୍ ବିରୋଧରେ ସରକାରୀ କର୍ତ୍ତୃପକ୍ଷ କଠୋର ଆଇନ ପ୍ରତିଷ୍ଠା କରିବା ଉଚିତ ଏବଂ ଦୋଷୀ ସାବ୍ୟସ୍ତ ହୋଇଥିବା ବ୍ୟକ୍ତି ଉପଯୁକ୍ତ ଆଇନଗତ ପରିଣାମ ଭୋଗିବାକୁ ନିଶ୍ଚିତ କରିବା ଉଚିତ। ପ୍ରଶ୍ନ ପେପର ଲିକ୍ ଘଟଣାର ଅନୁସନ୍ଧାନ କରିବା ଏବଂ ଅପରାଧୀଙ୍କୁ ଉତ୍ତରଦାୟୀ କରିବା ଆଇନ ପ୍ରଣୟନକାରୀ ସଂସ୍ଥାମାନଙ୍କର କର୍ତ୍ତବ୍ୟ। ଲିକ୍‌ର ଉତ୍ସ ଉନ୍ମୋଚନ କରିବା ଏବଂ ଏହିପରି କାର୍ଯ୍ୟକଳାପରେ ଜଡିତ ନେଟ୍‌ୱର୍କକୁ ବାଧା ଦେବା ପାଇଁ ସେମାନେ ଶିକ୍ଷାନୁଷ୍ଠାନ ଏବଂ ପରୀକ୍ଷା ବୋର୍ଡ ସହିତ ମିଳିତ ଭାବରେ କାର୍ଯ୍ୟ କରିବା ଉଚିତ।

ଶିକ୍ଷାନୁଷ୍ଠାନଗୁଡିକ ମଧ୍ୟରେ ଶିକ୍ଷାବିତ୍ ଏବଂ କର୍ମଚାରୀମାନେ ନୈତିକ ମାନଦଣ୍ଡକୁ ମାନିବା କରିବା ଉଚିତ ଏବଂ ପ୍ରଶ୍ନପତ୍ର ଲିକ୍‌ରେ ଅଂଶଗ୍ରହଣରୁ ଦୂରେଇ ରହିବା ଆବଶ୍ୟକ। ପରୀକ୍ଷାର ଅଖଣ୍ଡତା ରକ୍ଷା କରିବାରେ ଛାତ୍ର ଏବଂ ଅଭିଭାବକମାନେ ମଧ୍ୟ ଏକ ଭୂମିକା ରହିଛି। ଛାତ୍ରମାନଙ୍କ ମଧ୍ୟରେ ସଚ୍ଚୋଟତା ଏବଂ କଠିନ ପରିଶ୍ରମର ସଂସ୍କୃତିକୁ ଉତ୍ସାହିତ କଲେ ଏହା ପ୍ରଶ୍ନପତ୍ର ଲିକ୍‌କୁ ରୋକିବାରେ ସାହାଯ୍ୟ କରିବ। ମୋଟ ଉପରେ ପ୍ରଶ୍ନପତ୍ର ଲିକ୍‌କୁ ମୁକାବିଲା କରିବା ଶିକ୍ଷା ବ୍ୟବସ୍ଥାରେ ସମସ୍ତ ହିତାଧିକାରୀଙ୍କଠାରୁ ଏକ ସାମୂହିକ ପ୍ରୟାସ ଆବଶ୍ୟକ କରେ।

**ସୁଜନପୁର, ଯାଜପୁର**
**ମୋ: ୯୩୪୮୭୬୮୮୧୨**

## ଏଇ ଭାରତରେ

ମିଲେଟ୍ ମିଶନ ଆରମ୍ଭ ହେବା ପରେ ମାଣ୍ଡିଆ, ବାଜରା ଆଦି ଚାଷ ପ୍ରତି ଲୋକେ ଆଗ୍ରହ ପ୍ରକାଶ କରୁଛନ୍ତି। ତାମିଲନାଡୁର ତିରୁଚିଲାପଲ୍ଲୀର ଦୁଇ ଭଉଣୀ ପ୍ରିୟା ଓ ଅକିଲା ଗୁଣସେକର ଏହି ଚାଷ ପ୍ରତି ଲୋକଙ୍କୁ ଆକର୍ଷିତ କରିବା ସହ ମିଲେଟ୍ ବ୍ୟବସାୟରେ ସଫଳତା ପାଇଛନ୍ତି। ସେମାନେ ଏବେ ୫୦୦ କୃଷକଙ୍କଠାରୁ ମିଲେଟ୍ କିଣୁଛନ୍ତି ଓ ତାଙ୍କ ବ୍ୟବସାୟରେ ୧୮୦ ଲୋକଙ୍କୁ ନିଯୁକ୍ତ କରିଛନ୍ତି। ଏମାନଙ୍କ ମଧ୍ୟରେ ୯୦ ପ୍ରତିଶତରୁ ଅଧିକ ହେଉଛନ୍ତି ମହିଳା। ପ୍ରଥମେ ଦୁଇ ଭଉଣୀ ୧୦ ଜଣ ଲୋକଙ୍କୁ ନେଇ ସେମାନଙ୍କ ବ୍ୟବସାୟ ଆରମ୍ଭ କରିଥିଲେ। ସେମାନେ ଆର୍‌ଏ ଫୁଡ୍ସ ନାମରେ ସେମାନଙ୍କ ବ୍ୟବସାୟ ଜାରି ରଖିଛନ୍ତି। ଏବେ ସେମାନେ ଭାରତର ସବୁଠୁ ବଡ଼ ମିଲେଟ୍ ରପ୍ତାନିକାରୀ ହୋଇପାରିଛନ୍ତି। କେବଳ ଏତିକି ନୁହେଁ ମିଲେଟ୍‌ରୁ ପ୍ରସ୍ତୁତ ବିଭିନ୍ନ ପ୍ରକାର ଖାଦ୍ୟ ମଧ୍ୟ ରପ୍ତାନି କରାଯାଉଛି। ଏବେ ସୁଦ୍ଧା ସେମାନେ ଆମେରିକା, ଇଂଲଣ୍ଡ, ଦୁବାଇ, ସିଙ୍ଗାପୁର ସମେତ ୩୦ଟି ଦେଶକୁ ଏହା ରପ୍ତାନି କରୁଛନ୍ତି। ସେମାନେ ୧୧ଟି ମିଲେଟ୍ ଫ୍ୟାକ୍ଟ୍ରି କରିବା ସହ ୨୦୨୩ରେ ୨,୭୦୦ ଟନ୍ ମିଲେଟ ରପ୍ତାନି କରିପାରିଛନ୍ତି ଓ ସେମାନଙ୍କ ବାର୍ଷିକ କାରବାର ୧୩୬ କୋଟି ଟଙ୍କାରେ ପହଞ୍ଚିପାରିଛି।

## ୫୦ ବର୍ଷ ତଳର ଧରିତ୍ରୀ

୧ ମାର୍ଚ୍ଚ ୧୯୭୫

- ବାଲିମେଳା ଜଳବିଦ୍ୟୁତ୍ କେନ୍ଦ୍ରର ୪ର୍ଥ ଇଉନିଟ୍ କାର୍ଯ୍ୟକାରୀ ହେବାରୁ ରାଜ୍ୟର ମୋଟ ଉତ୍ପାଦିତ ବିଦ୍ୟୁତ୍ ଶକ୍ତିର ପରିମାଣ ୮୦୧.୫ ମେଗାଓ୍ୱାଟ୍‌କୁ ବୃଦ୍ଧି।
- ରାଜସ୍ଥାନ ଖଣି ବିଭାଗ ଉଦୟପୁର ଜିଲାର କାଗେଲି ଗ୍ରାମରେ ଏକ ନୂତନ ତମ୍ବା ଖଣିର ସନ୍ଧାନ ପାଇଛନ୍ତି।
- ପାକିସ୍ତାନକୁ ଅସ୍ତ୍ରଶସ୍ତ୍ର ଯୋଗାଇବାକୁ ଆମେରିକା ନିଷ୍ପତ୍ତି କରିଥିବାରୁ ଏହାର ପ୍ରତିବାଦ ସ୍ୱରୂପ ଭାରତ-ଆମେରିକା ମିଳିତ କମିସନକୁ ରଦ୍ଦ କରିବାକୁ ରାଜ୍ୟସଭାରେ ଦାବୀ।

# ଆନନ୍ଦ ବନର ମହକ



ଡ. ଅଜୟ କୁମାର ପାତ୍ର

ବଣରେ ଥରେ ଭ୍ରମଣ କରିଆସିଲେ ମନପ୍ରାଣ ପୁଲକିତ ହୋଇଯାଏ। ପ୍ରକୃତି ଯେମିତି ଏଠାରେ ଗଛ ଲତା, ଛାଇରେ ସମସ୍ତଙ୍କୁ ଆନନ୍ଦ ଦେଉଛି। ସେଥିପାଇଁ ଯଥାର୍ଥରେ ପରିବେଶବିତ୍‌ମାନେ ଏହାକୁ 'ଆନନ୍ଦ ବନ' ନାମରେ ନାମିତ କରିଛନ୍ତି। ବାସ୍ତବିକ ଏହି ବନ ଅନବରତ ଯୋଗାଇ ଆସୁଛି ଜଙ୍ଗଲ ଅଧିବାସୀଙ୍କୁ ଶାନ୍ତି, ଶୀତଳ ପରିବେଶ। ଏହି ବନରେ ରହିଛି ନିମ୍ବ, ରକ୍ତ ଚନ୍ଦନ, ଭୃଙ୍ଗରାଜ, ରକ୍ତ ଚିତା, ରକ୍ତଖାଇ, ଅନ୍ନପୂର୍ଣ୍ଣା, ହାଡ଼ଯୋଡ଼ା, ହରିଡ଼ା, ବାହାଡ଼ା, ଅଁଳା, ବିଶଲ୍ୟକରଣୀ ପରି ୨୫୦ ପ୍ରଜାତିର ଔଷଧୀୟ ଗୁଳ୍ମଲତା ସହିତ ଶାଳ, ପିଆଶାଳ, କର, ଆମ୍ବ, ତେନ୍ତୁଳି, କଇଁଥ, ବେଲ, ମହୁଲ ଆଦି କ୍ଷୁଦ୍ର ଓ ବୃହତ ବୃକ୍ଷରାଜି। ପଶୁପକ୍ଷୀଙ୍କ ଆହାର ନିମନ୍ତେ ପ୍ରକୃତି ଦେଇଛି ବିବିଧ ପ୍ରକାରର ପ୍ରଜାତି ଜୀବ, କୀଟ ପତଙ୍ଗ। ଆନନ୍ଦ ବନରେ ରହିଛି ଘାସ, ବେଣୀଘାସ, ଖଡ଼ିଘାସରେ ପ୍ରକୃତି ତିଆରି ଚଲାପଥ। ଆନନ୍ଦ ବନରେ ଛପି ରହିଛି ବିଶ୍ୱ ଶକ୍ତିର କବଚ। ମନେରଖିବା ଉଚିତ ଯେ ଆମର କ୍ରମବିକଶିତ ଆଦିବାସୀ ସଭ୍ୟତାକୁ ନିରାପଦରେ ରଖିବା ଓ ବିବିଧ ପ୍ରଜାତିର ପ୍ରାଣୀ ଓ ଉଦ୍ଭିଦଙ୍କର ଶାନ୍ତିପୂର୍ଣ୍ଣ ସହାବସ୍ଥାନ ଓ ଆଦିବାସୀ ଐତିହ୍ୟ ତଥା ପରିବେଶ ଭାରସାମ୍ୟ ବଜାଇ ରଖିବା ହିଁ ଆନନ୍ଦ ବନର ମହତ ଆଭିମୁଖ୍ୟ। ଏହା ହେଲା ଆନନ୍ଦ ବନର ସଂକ୍ଷିପ୍ତ ଟିପ୍ପଣୀ ମାତ୍ର। ଆସନ୍ତୁ ଜାଣିବା ଏହାର ନିରାନନ୍ଦ, ଶୋକ, ଅସନ୍ତୋଷ ଓ ବିଷାଦ।

ଏବେ ସମୟ ବଦଳିଛି; ବଦଳିଛି ଆନନ୍ଦ ବନର ଅଗଣିତ ଅନ୍ତେବାସୀଙ୍କ ସ୍ୱଭାବ ଓ ପ୍ରକୃତି। ଏମାନଙ୍କ ଖାଦ୍ୟ ରୁଚି ସହ ଜୀବନ ପ୍ରଣାଳୀ ବଦଳୁଛି। ଏହା ପଛରେ ଜଳବାୟୁର ଅସ୍ୱାଭାବିକ ପରିବର୍ତ୍ତନର ନିଶ୍ଚିତ ପ୍ରଭାବ ରହିଛି। କେବଳ ଖାଦ୍ୟ ରୁଚି ଓ ଜୀବନଶୈଳୀରେ ସୀମିତ ନାହିଁ; ଜଳବାୟୁ ପରିବର୍ତ୍ତନର ପ୍ରଭାବ ପଶୁପକ୍ଷୀଙ୍କ ସ୍ୱାଭାବ ଓ ଶାରୀରିକ ଆକୃତିରେ ମଧ୍ୟ ପରିବର୍ତ୍ତନ ଆଣିଛି। ଗବେଷଣାଭିତ୍ତିକ ତଥ୍ୟରୁ ଜଣାଯାଇଛି ଯେ, ବିଶ୍ୱ ଜଳବାୟୁର ଅପ୍ରାକୃତିକ ପରିବର୍ତ୍ତନ ଯୋଗୁ ପଶୁପକ୍ଷୀଙ୍କ ମସ୍ତିଷ୍କର ସ୍ନାୟବିକ ବାର୍ତ୍ତାପ୍ରବାହରେ ବ୍ୟତିକ୍ରମ ସୃଷ୍ଟିହେଉଛି। ସେଥିପାଇଁ ସେମାନଙ୍କର ଆଘ୍ରାଣଶକ୍ତି, ପସନ୍ଦଶକ୍ତି ଓ ସ୍ପର୍ଶଶକ୍ତି ଭଳି ଇନ୍ଦ୍ରିୟଗୁଡ଼ିକୁ ପ୍ରଭାବିତ କରୁଥିବା ପ୍ରୋଟିନ୍‌ରେ ଅସ୍ୱାଭାବିକ ପରିବର୍ତ୍ତନ ଘଟୁଛି। ଏତଦ୍‌ବ୍ୟତୀତ ସେମାନଙ୍କର ଖାଦ୍ୟ ସନ୍ଧାନର କ୍ଷମତା, ଆହରଣ କୌଶଳ ଓ ବାସସ୍ଥାନ ମନୋନୟନ ପ୍ରକ୍ରିୟା ସହିତ ଜୀବନଚକ୍ର ବଦଳୁଛି। ସେହିପରି ଅତୀତରେ ପ୍ରକୃତି ଦ୍ୱାରା ପରିଚାଳିତ ହେଉଥିବା ପଶୁପକ୍ଷୀ ଓ ଜଳଚର ପ୍ରାଣୀମାନେ ଋତୁ ପର୍ଯ୍ୟାୟରେ ସେମାନଙ୍କର ଖାଦ୍ୟାଭ୍ୟାସ ଓ ବାସସ୍ଥାନ ବଦଳାଉଥିବା ବେଳେ ଏବେ ମଣିଷକୃତ ପରିବେଶ ପ୍ରଦୂଷଣର କଠୋର ପ୍ରଭାବରେ ବିମୁଖ ଖାଦ୍ୟରୁଚି ତଥା ଅପରିବର୍ତ୍ତିତ ବାସସ୍ଥାନକୁ ଶ୍ରେୟ ଦେଇ ନିଜ ବାସସ୍ଥଳୀରେ ଅଧିକ ସୁରକ୍ଷିତ ମଣୁଛନ୍ତି। ଏଥିସହିତ ପ୍ରାଣୀ ଓ କୀଟମାନଙ୍କ ମଧ୍ୟରେ ସଙ୍କେତ ବିନିମୟର ମାଧ୍ୟମ ତଥା ମଶା, ମାଛି, ଜୀବାଣୁ ଓ ଭୂତାଣୁମାନଙ୍କ ପ୍ରବୃତ୍ତି ଘନ ଘନ ବଦଳୁଛି। ଉଦ୍ଭିଦ ଜଗତର ପରାଗ ସଂଗମ, ବୀଜବିକ୍ଷେପ ପ୍ରକ୍ରିୟାରେ ବିଶୃଙ୍ଖଳା ଦେଖାଦେଇଛି। ସମୁଦ୍ର ଜଳର ତାପମାତ୍ରାରେ ତ୍ରୁଟି ହେବାରୁ ଜଳଚର ଜୀବଙ୍କର ଗୁଣସୂତ୍ର ବଦଳୁଛି। ସେମାନଙ୍କୁ ଦୈନନ୍ଦିନ ଜୀବନର ଖାଦ୍ୟ ରୂପେ ବ୍ୟବହାର କରାଯାଉଥିବା ମଣିଷମାନଙ୍କର



ତଦନୁଯାୟୀ ଚାରିତ୍ରିକ ପରିବର୍ତ୍ତନ ଘଟିଛି। ବିଶିଷ୍ଟ ପ୍ରାଣୀବିତ୍, ପ୍ରବୀଣ ଗବେଷକ ଶୋଭାନଲାଲ ରଏଙ୍କ ଅନୁଯାୟୀ ଜଳବାୟୁର ଅସ୍ୱାଭାବିକ ପରିବର୍ତ୍ତନଜନିତ ବିଶ୍ୱ ତାପମାତ୍ରା ବୃଦ୍ଧି ଯୋଗୁ ପ୍ରାଣୀମାନଙ୍କ ଶାରୀରିକ ଗଠନ ବା ଆକାରରେ ଉଲ୍ଲେଖନୀୟ ପରିବର୍ତ୍ତନ ଘଟୁଛି। ଆମେରିକାର ପ୍ରାଣୀବିଜ୍ଞାନୀ ଜୋଏଲ୍ ଆଲେନ୍‌ଙ୍କ ମତାନୁଯାୟୀ ବିଶ୍ୱତାପମାତ୍ରା ବୃଦ୍ଧି ଯୋଗୁ ପଶୁପକ୍ଷୀମାନେ ସେମାନଙ୍କ ଶରୀର ଉଷ୍ମତାରେ ସନ୍ତୁଳନ ରକ୍ଷା କରିବା ପାଇଁ ଆଭ୍ୟନ୍ତରୀଣ ତାପମାତ୍ରାକୁ ଗୋଟିଏ ଅଙ୍ଗରୁ ଅନ୍ୟ ଅଙ୍ଗକୁ ସ୍ଥାନାନ୍ତରିତ କରିପାରନ୍ତି। ଫଳରେ ଗ୍ରୀଷ୍ମ ତଥା ଶୀତପ୍ରଧାନ ଅଞ୍ଚଳରେ ରହୁଥିବା ସମାନ ଜାତିର ପ୍ରାଣୀମାନଙ୍କ ଅଙ୍ଗ ଆକୃତିରେ ଭିନ୍ନତା ଦେଖାଯାଉଛି।

ଆନନ୍ଦ ବନର ସୁରକ୍ଷା ଓ ଅଭିବୃଦ୍ଧିରେ ବନ୍ୟପ୍ରାଣୀଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ବାଘ, ସିଂହ, ବାର୍‌ହା, ଗଣ୍ଡା, ଭାଲୁ, ହାତୀ, ମାଙ୍କଡ଼ ଓ ସରୀସୃପ ଭଳି ଜଙ୍ଗଲର ଜାଗ୍ରତ ପ୍ରହରୀ ରହିଲେ କାଠ ମାଫିଆଙ୍କ ଦୌରାତ୍ମ୍ୟ ଆନନ୍ଦ ବନରେ ରହିବ ନାହିଁ। ଭୂତଳ ଜଳସ୍ତରର ନିୟନ୍ତ୍ରଣ କରିବାରେ ଜଙ୍ଗଲର ଅବଦାନ ଅତୁଳନୀୟ। ଜଙ୍ଗଲ ହେଉଛି ସୌନ୍ଦର୍ଯ୍ୟର ଗନ୍ତାଘର। ଓଡ଼ିଶାର ପିକ୍‌ନିକ୍ ଅଞ୍ଚଳଗୁଡ଼ିକ ସୁଇଜରଲାଣ୍ଡ ଭଳି ମନୋମୁଗ୍ଧକର। ଏହାର ଦିଗନ୍ତ ବିସ୍ତାରୀ ସମୁଦ୍ରତଟ, ଚିଲିକାର ମନଲୋଭା ନୀଳ ଜଳରାଶି, ଭିତରକନିକାର କୁମ୍ଭୀର ମେଳା, ଗହୀରମଥାର ଅଲିଭ୍ ରିଡ୍‌ଲେ କଇଁଛଙ୍କ ସମୂହ ପ୍ରଜନନର ବିରଳତା, ହୀରାକୁଦର ସାଇବେରିଆ ଅତିଥି ଭଳି ପ୍ରାକୃତିକ ଦୃଶ୍ୟାବଳୀ କେଉଁ ଗୁଣରେ ସ୍ୱର୍ଗଠାରୁ କମ୍ ନୁହେଁ। ଏଭଳି ବିରଳ ଚିତ୍ତବିନୋଦନ ସ୍ଥଳଗୁଡ଼ିକର ସୁରକ୍ଷା ଦରକାର। ଲୋକଙ୍କ ମାନସିକତା ବଦଳିବା ଦରକାର। ସାମାନ୍ୟ ପରିବର୍ତ୍ତନ ନୂତନ ଦିଗ ଉନ୍ମୋଚନ କରିବ। ଏହା ଆନନ୍ଦ ବନର ସାମଗ୍ରିକ ପ୍ରଗତିକୁ ତ୍ୱରାନ୍ୱିତ କରିବ ।

ପରିବେଶବିତ୍‌ମାନେ ଆକଳନ କରିଛନ୍ତି ଯେ ଯଦି ବିଶ୍ୱ ପୃଷ୍ଠରୁ ସମସ୍ତ ସମ୍ପଦ ଲୋପ ପାଇଯିବ ତା'ହେଲେ ୩ ଘଣ୍ଟା ମଧ୍ୟରେ ମଣିଷ ସହିତ ଅନ୍ୟାନ୍ୟ ପ୍ରାଣୀଙ୍କ ମୃତ୍ୟୁ ହୋଇ ମାନବ ସଭ୍ୟତା ଲୋପ ପାଇଯିବ। ଜଙ୍ଗଲରେ ବାରମ୍ବାର ଅଗ୍ନିକାଣ୍ଡ ଯୋଗୁ ବହୁ ଉପକାରୀ ଉଦ୍ଭିଦ ସହ ବନ୍ୟପ୍ରାଣୀଙ୍କ ଅକାଳ ମୃତ୍ୟୁ ହୁଏ। ଥରେ ମାଟି ପୋଡ଼ିଗଲେ ଉକ୍ତ ସ୍ଥାନରେ ନୂତନ ବୃକ୍ଷ ସୃଷ୍ଟି ହେବାପାଇଁ ପ୍ରାୟ ପାଞ୍ଚବର୍ଷ ଲାଗିଥାଏ। ଏଣୁ ବୃକ୍ଷର ପତ୍ରଝଡ଼ା ପରେ ପରେ ନିକଟତମ ଗ୍ରାମବାସୀଙ୍କ ଦ୍ୱାରା ପତ୍ର ସଂଗ୍ରହ କରାଯାଇ କମ୍ପୋଷ୍ଟ ପ୍ରସ୍ତୁତ କରାଯାଉ। ଏହାଦ୍ୱାରା ପାଗଳ ମଣିଷ ଜଙ୍ଗଲରେ ନିଆଁ ଲଗାଇବେ ନାହିଁ। ହାତୀର ଦାନ୍ତକୁ ପର୍ଯ୍ୟାୟକ୍ରମେ କାଟି ଦିଆଗଲେ ଶିକାରୀମାନେ ହାତୀକୁ ମାରିବେ ନାହିଁ। ମନେରଖନ୍ତୁ ବାହ୍ୟ ଦାନ୍ତ ହାତୀର ନିଜ ବ୍ୟବହାରରେ ଆସେ ନାହିଁ। ହାତୀମାନଙ୍କ ବାସସ୍ଥଳୀ ଓ ଚଲାପଥ ସୁରକ୍ଷିତ ରହିଲେ ସେମାନେ ଗ୍ରାମକୁ ଆସି ଧନ ଓ ଜୀବନ ନଷ୍ଟ କରିବେ ନାହିଁ। ହାତୀଙ୍କ ବେକରେ ପିତ୍ତଳର ଘଣ୍ଟି ବନ୍ଧାଗଲେ ଘଣ୍ଟି ଶବ୍ଦରେ ଲୋକେ ସତର୍କ ହୋଇଯିବେ। ହାତୀମାନେ ମହୁମାଛିଙ୍କୁ ଖୁବ୍ ଭୟ କରନ୍ତି। ଏଣୁ ଜଙ୍ଗଲ ସଂଲଗ୍ନ ପ୍ରତ୍ୟେକ ଗ୍ରାମର ପ୍ରତି ଘରେ ଘରେ ମହୁଚାଷ ପାଇଁ ପ୍ରୋତ୍ସାହନ ଦିଆଯାଉ। 'ଜଙ୍ଗଲ ଯାହାର, ଅଧିକାର ତାହାର।' ତେଣୁ ଆନନ୍ଦ ବନର ସାମୂହିକ ଉନ୍ନତି ହୋଇପାରିବ ଯଦି ଜଙ୍ଗଲ ଭିତରେ ଓ ସମୀପରେ ବାସ କରୁଥିବା ଆଦିବାସୀ ଜନଜାତିଙ୍କୁ ଜଙ୍ଗଲର ସୁରକ୍ଷା ପ୍ରଦାନର ଦାୟିତ୍ୱ ଦିଆଯାଏ। ଫଳରେ ସେମାନଙ୍କ ସାମୂହିକ ଉନ୍ନତି ହେବା ସହିତ ଜଙ୍ଗଲ ସୁରକ୍ଷିତ ରହିବ।

**ପରିବେଶ ବିଜ୍ଞାନୀ**
**ମୋ : ୯୪୩୮୬୨୧୩୯୧**

## ସୁ-ଡୋ-କୁ

su | do | ku
Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 9 | | | | 6 | | | | 7 |
| 1 | | 6 | 8 | | | | 3 | |
| | | | | | 4 | | 8 | |
| | | | | 5 | 3 | 7 | | |
| | 4 | 5 | 6 | | | | 1 | |
| | | | | | | | 5 | 8 |
| | 5 | | | | | | | 4 |
| | 1 | | | | | | | |
| | | | 7 | | | 3 | 6 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 5 | 1 | 4 | 9 | 8 | 7 | 6 | 3 | 2 |
| 6 | 3 | 9 | 2 | 1 | 4 | 8 | 7 | 5 |
| 2 | 7 | 8 | 5 | 3 | 6 | 1 | 4 | 9 |
| 9 | 6 | 3 | 7 | 5 | 8 | 2 | 1 | 4 |
| 4 | 5 | 1 | 3 | 2 | 9 | 7 | 8 | 6 |
| 8 | 2 | 7 | 6 | 4 | 1 | 9 | 5 | 3 |
| 1 | 8 | 2 | 4 | 6 | 3 | 5 | 9 | 7 |
| 3 | 9 | 6 | 1 | 7 | 5 | 4 | 2 | 8 |
| 7 | 4 | 5 | 8 | 9 | 2 | 3 | 6 | 1 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ରତ୍ନଭଣ୍ଡାର ରହସ୍ୟର ପର୍ଦ୍ଦାଫାଶ ହେଉ

ମହାଶୟ,

ଜଗତର ନାଥ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ପାଇଁ ଉଦ୍ଦିଷ୍ଟ ଥିବା ରତ୍ନଭଣ୍ଡାର ଚାବି ହଜିବା ଘଟଣା ପ୍ରାୟ ୫ ବର୍ଷ ଅତିକ୍ରାନ୍ତ ହେବାକୁ ଯାଉଛି । ଏହି ଘଟଣାଟି ଅତ୍ୟନ୍ତ ସମ୍ବେଦନଶୀଳ ତଥା ସ୍ପର୍ଶକାତର ଘଟଣା । ଏହା ଏକ ପ୍ରଶ୍ନବାଚୀ ହୋଇ ଏବେ ମଧ୍ୟ ରହିଛି। ପ୍ରକୃତରେ ଏବେ ରତ୍ନଭଣ୍ଡାର କିପରି ଅବସ୍ଥାରେ ରହିଛି। ଏଥିରେ କେଉଁ ପରିମାଣ ଏବଂ କେତେ ପ୍ରକାରର ଅଳଙ୍କାର ଗଚ୍ଛିତ ଅଛି ତାହା ଜାଣିବା ପାଇଁ ଆଜି ଅଗଣିତ ଭକ୍ତବୃନ୍ଦ ଉତ୍କଣ୍ଠାର ସହିତ ଚାହିଁ ରହିଛନ୍ତି । ହେଲେ ଆଜି ପର୍ଯ୍ୟନ୍ତ ସେମାନଙ୍କର ଏହି ପ୍ରଶ୍ନର ଉତ୍ତର ନା ସରକାର ଦେଉଛନ୍ତି ନା ଶ୍ରୀମନ୍ଦିର କର୍ତ୍ତୃପକ୍ଷ, କେହି ମଧ୍ୟ ଦେଇପାରୁ ନାହାନ୍ତି । ସବୁଠାରୁ ଆଶ୍ଚର୍ଯ୍ୟର କଥା, ରାଜ୍ୟ ସରକାରଙ୍କ ତରଫରୁ ହୋଇଥିବା ଜଷ୍ଟିସ୍ ରଘୁବୀର ଦାସ୍ କମିଶନ ରିପୋର୍ଟକୁ ୫ ବର୍ଷ ପୂରିଯାଇଥିଲେ ମଧ୍ୟ ଏହା ଏପର୍ଯ୍ୟନ୍ତ ସାର୍ବଜନୀନ ହୋଇପାରିନାହିଁ। କ୍ଷୋଭର ବିଷୟ ଏହି ରିପୋର୍ଟକୁ ବିଧାନସଭାରେ ଆଜି ପର୍ଯ୍ୟନ୍ତ ଉପସ୍ଥାପିତ କରାଯାଇପାରିନାହିଁ । ତେଣୁ ସୁପ୍ରିମକୋର୍ଟସ୍ତରୀୟ ତଦନ୍ତ କରାଯାଉ ଏବଂ ଶୀଘ୍ର ରତ୍ନ ଭଣ୍ଡାର ରହସ୍ୟରୁ ପର୍ଦ୍ଦା ହଟାଯାଉ ।

**-ଧର୍ମରାଜ ପଟ୍ଟନାୟକ, ଜୟଦୁର୍ଗା ନଗର, ଭୁବନେଶ୍ୱର**

## ଚିରନ୍ତନୀ

ହେ ପ୍ରକୃତି ହେ ରମଣୀ ପ୍ରିୟା ପ୍ରିୟତମା
ଜଗତର ଧାତ୍ରି ଶକ୍ତି ଧରିତ୍ରୀ ଜନନୀ !
ଧରିଅଛୁ ଯେଣୁ ମୋତେ ହେ ବିଶ୍ୱ-ସୁଷମା !
ତେଣୁ ମୋର ସ୍ଥିତି ମୃତ୍ତିକାରେ। ଏ ଅବନୀ
ତଳେ ଚାଲିବାକୁ ତିଳେ ନାହିଁ ଯେ ଶକତି-
ପଙ୍ଗୁ ମୁହିଁ ତୋ ବିହୁନେ। ସ୍କନ୍ଧେ ତୋର ରେଣୁ
ନେଇଛି ଆସନ ପାତି, ତୁ ମୋର ମୁକତି।
-(ପୁରୁଷ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)




# ବାଘୁଣୀ ସାରା ଅସୁସ୍ଥ

ବାରଙ୍ଗ,୨୯।୨(ଲିଙ୍ଗରାଜରାଉତ)

ପ୍ରାଣୀଉଦ୍ୟାନ ନନ୍ଦନକାନନର ବାଘ ସଫାରୀରେ ରହୁଥିବା ବାଘୁଣୀ ସାରା ଆଉ ଚଲାବୁଲା କରିପାରୁନି। ଗତ କିଛିଦିନ ହେବ ସେ ଅସୁସ୍ଥ ରହିଥିବାବେଳେ ଗୁରୁବାର ତଳେ ପଡ଼ିଯାଇଛି। ଦାୟିତ୍ୱରେ ଥିବା କର୍ମଚାରୀ ତାକୁ ଉଠାଇବାକୁ ଚେଷ୍ଟା କରି ବିଫଳ ହୋଇଥିବା ଜଣାପଡ଼ିଛି। ଏହି ଖବରପାଇ ଡାକ୍ତର ସାରାର ଚିକିତ୍ସା ଆରମ୍ଭ କରିଥିଲେ ସୁଦ୍ଧା କୌଣସି ସୁଫଳ ମିଳି ନ ଥିବା ଜଣାପଡ଼ିଛି। ସାରା ଗୋଟିଏ ସ୍ଥାନରେ ପଡ଼ି ରହିଛି। ଗତ କିଛିଦିନ ହେବ ବାଘ ନନ୍ଦନ ମଧ୍ୟ ଅସୁସ୍ଥ ହୋଇ ଚିକିତ୍ସା ହେଉଥିଲେ ମଧ୍ୟ ତା’ ସ୍ୱାସ୍ଥ୍ୟରେ ଉନ୍ନତି ହୋଇପାରିନାହିଁ। ଏହାପରେ ସାରା ଅସୁସ୍ଥ ହେବା ଘଟଣା ପ୍ରାଣୀ ବିଭାଗ ଓ ଡାକ୍ତରଙ୍କ ଚିନ୍ତା ବଢ଼ାଇ ଦେଇଛି। ସାରା ୨୦୦୯ ଏପ୍ରିଲ ୧୮ରେ ହାଇଦ୍ରାବାଦରୁ ନନ୍ଦନକାନନକୁ ଆସିଥିଲା।

# ୫ରେ ଓଡ଼ିଶା ଆସିବେ ମୋଦି

ଭୁବନେଶ୍ୱର,୨୯।୨(ସୁନିତ୍ ମିଶ୍ର)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆସନ୍ତା ୫ ତାରିଖରେ ଓଡ଼ିଶା ଗସ୍ତରେ ଆସିବେ। ଚଣ୍ଡିଖୋଲଠାରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଯୋଗଦେବା ନେଇ ସେ ଆସୁଥିବା ଜଣାପଡିଛି। ତେବେ ଚଣ୍ଡିଖୋଲଠାରେ ପ୍ରଧାନମନ୍ତ୍ରୀଙ୍କ ସରକାରୀ ନା ଦଳୀୟ କାର୍ଯ୍ୟକ୍ରମ ରହିଛି ସେନେଇ କିଛି ସ୍ପଷ୍ଟ ହୋଇନାହିଁ। ଅନ୍ୟପଟେ ପ୍ରଧାନମନ୍ତ୍ରୀଙ୍କ ଓଡ଼ିଶା ଗସ୍ତ ନେଇ ରାଜ୍ୟ ସରକାରଙ୍କ ପାଖକୁ ମଧ୍ୟ ସେମିତି କିଛି ବିଧିବଦ୍ଧ ସୂଚନା ଆସିନାହିଁ। ତେବେ ପ୍ରଧାନମନ୍ତ୍ରୀଙ୍କ ଓଡ଼ିଶା ଗସ୍ତ ସମ୍ପର୍କରେ ଅଧିକ ଖବର ସଂଗ୍ରହ ଲାଗି ଅନ୍ୟ ଭାଜପା ନେତାମାନଙ୍କ ସହ ଯୋଗାଯୋଗ କରିଥିଲେ ମଧ୍ୟ ସେମାନଙ୍କ ନିକଟରେ ସେପରି କିଛି ସ୍ୱଷ୍ଟ ସୂଚନା ନ ଥିବା କହିଛନ୍ତି। ତେବେ ଦଳର ରାଜ୍ୟ ନିର୍ବାଚନ ସହପ୍ରଭାରୀ ସୁଶ୍ରୀ ଲତା ଉସେଣ୍ଡି ପ୍ରଧାନମନ୍ତ୍ରୀଙ୍କ ୫ ତାରିଖ ଗସ୍ତ ସମ୍ପର୍କରେ ସୂଚନା ଦେଇଛନ୍ତି। ହେଲେ ତାଙ୍କର କାର୍ଯ୍ୟକ୍ରମ ନେଇ କିଛି ଚୂଡ଼ାନ୍ତ ହୋଇ ନ ଥିବା କୁହାଯାଉଛି।





ଶୁଭେଚ୍ଛା

ସମ୍ବଲପୁରୀ ବସ୍ତ୍ରାଳୟର ବୁଣାକାର ଭାଇଭଉଣୀ ତଥା ଏହି ସମବାୟ ସମିତି ସହିତ ସଂଶ୍ଳିଷ୍ଟ ସହଯୋଗ ସମିତିର ବୁଣାକାର ମାନଙ୍କ ଆର୍ଥିକ ମାନଦଣ୍ଡ ର ଅଭିବୃଦ୍ଧି ପାଇଁ ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ ସମ୍ବଲପୁରୀ ବସ୍ତ୍ରାଳୟ କୁ ସୁଧମୁକ୍ତ ୨୦ କୋଟି ଟଙ୍କା ଋଣ ପ୍ରଦାନ କରିଥିବାରୁ ଆମ୍ଭେ ମାନେ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଠାରେ ଚିରକୃତଜ୍ଞ ।



ଇତି
ସଂବିତ୍ କୁମାର ଆଚାର୍ଯ୍ୟ, (ସଭାପତି)
ପରିଚାଳନା ପରିଷଦ
ସମସ୍ତ ସଭ୍ୟ ସଭ୍ୟା ଓ କର୍ମଚାରୀ ବୃନ୍ଦ
ସମ୍ବଲପୁରୀ ବସ୍ତ୍ରାଳୟ



# ଶ୍ରୀଅରବିନ୍ଦ ସଙ୍ଗଠନର ଗଦାଧର ମିଶ୍ରଙ୍କ ପରଲୋକ

କଟକ,୨୯।୨ (କାର୍ତ୍ତିକ ସାହୁ)

ଶ୍ରୀଅରବିନ୍ଦ ସଙ୍ଗଠନର ଓଡ଼ିଶା ମୁଖ୍ୟ ଗଦାଧର ମିଶ୍ରଙ୍କର ଗୁରୁବାର ପ୍ରାତଃ ପ୍ରାୟ ୫ଟା ୧୫ ମିନିଟ୍‌ରେ ପଣ୍ଡିଚେରୀସ୍ଥିତ ସରକାରୀ ହସ୍ପିଟାଲରେ ହୃଦ୍‌ଘାତରେ ପରଲୋକ ହୋଇଯାଇଛି। ତାଙ୍କୁ ୮୧ ବର୍ଷ ବୟସ ହୋଇଥିଲା। ରାଜ୍ୟର ଶ୍ରୀଅରବିନ୍ଦ ଶ୍ରଦ୍ଧାଳୁଙ୍କ ମଧ୍ୟରେ ସେ ମାମୁ ନାମରେ ପରିଚିତ ଥିଲେ। ଶ୍ରୀମା–ଶ୍ରୀଅରବିନ୍ଦଙ୍କ କର୍ମଧାରାକୁ ଓଡ଼ିଶାର କୋଣଅନୁକୋଣରେ ଅତ୍ୟନ୍ତ ସୁଚାରୁ ରୂପେ ପରିଚାଳନା କରିବାରେ ତାଙ୍କର ଉଲ୍ଲେଖନୀୟ ଭୂମିକା ଥିଲା। ଅପରାହ୍ନ ପ୍ରାୟ ୩ଟାରେ ପଣ୍ଡିଚେରୀସ୍ଥିତ ଶ୍ରୀଅରବିନ୍ଦ ଆଶ୍ରମରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଥିବା ଜଣାପଡିଛି।

ସେ ୧୯୬୧ ମସିହାରେ କଟକସ୍ଥିତ ଷ୍ଟୁଆର୍ଟ କଲେଜରେ ଅଧ୍ୟୟନ କରୁଥିବାବେଳେ ଶ୍ରୀମା’ଙ୍କ ସଂସ୍ପର୍ଶରେ ଆସିଥିଲେ। ସେହିଦିନଠାରୁ ନିରବଚ୍ଛିନ୍ନ ଭାବେ ଶ୍ରୀମା ଓ ଶ୍ରୀଅରବିନ୍ଦଙ୍କ କାର୍ଯ୍ୟକୁ ସମଗ୍ର ରାଜ୍ୟରେ ସଙ୍ଗଠନ ମାଧ୍ୟମରେ ବ୍ୟାପ୍ତ କରିଥିଲେ। ରାଜ୍ୟରେ ୫୫୦ଟି ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର, ୧୬୦୦୦ରୁ ଊର୍ଦ୍ଧ୍ୱ ଶ୍ରୀଅରବିନ୍ଦ ପାଠଚକ୍ର, ଦଶକର୍ମଧାରା ଅନ୍ତର୍ଗତ ଦଶଟି



କର୍ମର ସଙ୍ଗଠନ, ଅନେକ ସଭା, ସମିତିର ସକ୍ରିୟ ସଙ୍ଗଠକ ଭାବେ ନିଜର ଦାୟିତ୍ୱ ତୁଲାଇଛନ୍ତି। ଏଥିସହ ଓଡ଼ିଶାରେ ୨ ଲକ୍ଷରୁ ଅଧିକ ମାତୃଭକ୍ତଙ୍କୁ ଏହି ଧାରାରେ ଦୀକ୍ଷିତ କରାଇବାରେ ତାଙ୍କର ଭୂମିକା ଅନସ୍ୱୀକାର୍ଯ୍ୟ। କଟକ ମାତୃଭବନର ସମ୍ପାଦକ ଭାବରେ ସାରା ଓଡ଼ିଶାରେ ସଙ୍ଗଠନର କାର୍ଯ୍ୟକୁ ଅତ୍ୟନ୍ତ ଦକ୍ଷତାର ସହ ସମ୍ପାଦନ କରୁଥିଲେ। ଏହି ମହାନ୍ ଆତ୍ମାକୁ ଓଡ଼ିଶାର ମାତୃଭକ୍ତମାନେ ଅତ୍ୟନ୍ତ ଗଭୀର କୃତଜ୍ଞତା ଜଣାଉଛନ୍ତି ବୋଲି ମାତୃଭବନ ଟ୍ରଷ୍ଟର ପରିଚାଳକ ପ୍ରସାଦ ତ୍ରିପାଠୀ ପ୍ରେସ୍ ଇସ୍ତାହାରରେ ଜଣାଇଛନ୍ତି।

# ସଡ଼କ ଦୁର୍ଘଟଣା: ବର୍ଷକରେ ୫୬୦୦ ମୃତ୍ୟୁ

ଭୁବନେଶ୍ୱର,୨୯।୨(ସୁନିତ୍ ମିଶ୍ର)

ଓଡ଼ିଶାରେ ୨୦୨୩ରେ ସଡ଼କ ଦୁର୍ଘଟଣାରେ ପ୍ରାୟ ୫୬୦୦ ଜଣଙ୍କ ମୃତ୍ୟୁ ଘଟିଛି, ଯାହାଙ୍କ ମଧ୍ୟରୁ ୭୦% ହେଉଛନ୍ତି ଯୁବବର୍ଗ । ତେଣୁ ବିଭିନ୍ନ ପଞ୍ଚାୟତିରାଜ ପ୍ରତିଷ୍ଠାନର ସଦସ୍ୟ ଯଥା ସରପଞ୍ଚ ଆଦିଙ୍କୁ ସଂଶ୍ଳିଷ୍ଟ କରି ଗ୍ରାମ୍ୟସ୍ତରରେ ସଚେତନତା କାର୍ଯ୍ୟକ୍ରମ କରିବାକୁ ପରିବହନ ମନ୍ତ୍ରୀ ଟୁକୁନୀ ସାହୁ ନିର୍ଦ୍ଦେଶ ଦେଇଛନ୍ତି। ରାଜ୍ୟ ସଡ଼କ ସୁରକ୍ଷା କାଉନସିଲ ବୈଠକ ଗୁରୁବାର ଲୋକସେବା ଭବନ ୩ୟ ମହଲା ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ମନ୍ତ୍ରୀ ସାହୁ ଏଥିରେ ସଭାପତିତ୍ୱ କରିଥିବାବେଳେ ଉନ୍ନୟନ କମିଶନର, ପୋଲିସ ମହାନିର୍ଦ୍ଦେଶକ, ବାଣିଜ୍ୟ ଓ ପରିବହନ ପ୍ରମୁଖ ଶାସନ ସଚିବ, ପରିବହନ କମିଶନର, ଟ୍ରକ୍ ଓ ବସ୍ ସଂଘର କର୍ମକର୍ତ୍ତାଙ୍କ ସମେତ ନିର୍ମାଣ, ଆଇନ ଓ ଅର୍ଥ ବିଭାଗର ବରିଷ୍ଠ ଅଧିକାରୀମାନେ ଯୋଗଦେଇଥିଲେ। ବୈଠକରେ ହେଲ୍‌ମେଟ ଆଇନକୁ କଡ଼ାକଡ଼ି ଲାଗୁ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ସେହିପରି ସଡ଼କ ଦୁର୍ଘଟଣା ଯୋଗୁ ଅନେକ ସମୟରେ ଆଇନ ଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହେଉଥିବାରୁ ପୋଲିସ ବହୁ ସମୟରେ ଅସୁବିଧାରେ ପଡୁଛି। ତେଣୁ ପୋଲିସ ମହାନିର୍ଦ୍ଦେଶକ ସମସ୍ତ ଥାନାକୁ ଏ ବାବଦରେ ନିର୍ଦ୍ଦେଶ ଦେବା ପାଇଁ ପ୍ରସ୍ତାବ ଦେଇଥିଲେ। ଜାତୀୟ ରାଜପଥ ୧୬ ଓ ୩୧୬କୁ ଆଦର୍ଶ ରାସ୍ତା ଭାବେ ନିର୍ମାଣ କରିବାକୁ ନିଷ୍ପତ୍ତି ନିଆଯାଇଛି। ଏନ୍‌ଏଚ୍‌ଏଆଇ ଅଧିକାରୀମାନେ ଜୁନ୍ ଶେଷ ସୁଦ୍ଧା ଏହି ରାସ୍ତାର ଅଡିଟ କରି ଉପଯୁକ୍ତ ସୂଚନା ଫଳକ ଲଗାଇବେ। ପ୍ରତିଦିନ ରାଜ୍ୟରେ ପ୍ରାୟ ୧୫ଟି ଦୁର୍ଘଟଣାଜନିତ ମୃତ୍ୟୁ ଘଟୁଥିବାରୁ ଉନ୍ନୟନ କମିଶନର ଚିନ୍ତାବ୍ୟକ୍ତ କରିଛନ୍ତି। ସେ ନିର୍ମାଣ ବିଭାଗ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ଯେ, ଆସନ୍ତା ୩ ମାସରେ ସମସ୍ତ ଏନ୍‌ଏଚ୍, ଏସ୍‌ଏଚ୍ ସୁରକ୍ଷା ଅଡିଟ ଶେଷ କରାଯିବ। ଅଡିଟ ରିପୋର୍ଟ ଅନୁଯାୟୀ ସମସ୍ତ ପଦକ୍ଷେପ ଗ୍ରହଣ କରାଯିବ। ହାଇୱେ ପାଟ୍ରୋଲର ଅଧିକାରୀଙ୍କୁ ଧାରା ୧୮୫ ଅନୁଯାୟୀ ମଦ୍ୟପ ଗାଡ଼ି ଚାଳକଙ୍କୁ ଧରିବା ପାଇଁ କ୍ଷମତା ଦିଆଯିବ। ଉଭୟ ସରକାରୀ ଓ ବେସରକାରୀ ଆମ୍ବୁଲାନ୍ସକୁ ଏକୀକୃତ କରାଯିବ। ଏକ ମୋବାଇଲ ଆପ୍ଲିକେଶନ ଦ୍ୱାରା ସମସ୍ତ ଜରୁରିକାଳୀନ ସେବା ଏକୀକୃତ ହେବ। ଫଳରେ ଦୁର୍ଘଟଣା ଘଟିବା ପରେ ନିକଟସ୍ଥ ଡାକ୍ତରଖାନାକୁ ତୁରନ୍ତ ସୂଚନା ଯିବ।



DSPL-749

ଓଡ଼ିଶା ସରକାର




## ରବି ଧାନ ସଂଗ୍ରହ ପାଇଁ ଚାଷୀ ପଞ୍ଜିକରଣ

**ଧାନ ସଂଗ୍ରହ ବର୍ଷ ୨୦୨୩- ୨୦୨୪**

ଚଳିତ ରବି ଋତୁ (ଧାନ ସଂଗ୍ରହ ବର୍ଷ **୨୦୨୩-୨୪**) ପାଇଁ ରାଜ୍ୟ ସରକାର ପୂର୍ବ ବର୍ଷ ପରି ଚାଷୀମାନଙ୍କଠାରୁ ସେମାନଙ୍କର ବଳକା ଧାନ କ୍ରୟ କରିବେ । ଏଥିପାଇଁ ଚାଷୀମାନେ ସେମାନଙ୍କ ଅଧିକୃତ ପ୍ରାଥମିକ କୃଷି ସମବାୟ ସମିତି ବା ପେକ୍ସ/ଲ୍ୟାମ୍ପସ୍/ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ/ ପାଣି ପଞ୍ଚାୟତ (ସଂକ୍ଷେପରେ, ସମିତି) ରେ ଆଗୁଆ ପଞ୍ଜିକରଣ କରିବା ଆବଶ୍ୟକ | ରବି ଧାନ ସଂଗ୍ରହ ତା.**୧.୫.୨୦୨୪** ରୁ ତା.**୩୦.୭.୨୦୨୪** ମଧ୍ୟରେ ହେବ |

### ପୂର୍ବରୁ ପଞ୍ଜିକୃତ ଚାଷୀଙ୍କ ନବୀକରଣ

- ଗତ ରବିଋତୁରେ ପଞ୍ଜିକୃତ ଚାଷୀମାନେ ନବୀକରଣ କରି ଚଳିତ ରବିଋତୁ ପାଇଁ ପୁନଃ ପଞ୍ଜିକୃତ ହେବେ |
- ନବୀକରଣ ପାଇଁ ଚାଷୀମାନଙ୍କୁ ସେମାନଙ୍କ ସମିତିରୁ ନବୀକରଣ ଫର୍ମ ତା. **୧.୩.୨୦୨୪** ରୁ ତା. **୧୫.୩.୨୦୨୪** ମଧ୍ୟରେ ଉପଲବ୍ଧ ହେବ |
- ଗତ ରବିଋତୁରେ ଚାଷୀମାନେ ଚାଷ କରିଥିବା କେବଳ ଜଳସେଚିତ ଜମିର ତଥ୍ୟ ଉକ୍ତ ଫର୍ମର ଦ୍ୱିତୀୟ ଭାଗରେ ଖାତା ଓ ପ୍ଲଟୱାରୀ ଉଲ୍ଲିଖିତ ଥିବ।
- ଯଦି ରବି ଋତୁ ପାଇଁ ଉପରୋକ୍ତ ଜମି ବାବଦ ତଥ୍ୟାବଳୀରେ ଚାଷୀ କୌଣସି ପରିବର୍ତ୍ତନ କରିବାକୁ ଚାହୁଁନଥାନ୍ତି, ତେବେ ଉକ୍ତ ଫର୍ମର ତୃତୀୟ ଭାଗରେ ଏହି ମର୍ମରେ ଘୋଷଣାନାମା ପ୍ରଦାନ କରିବେ ।
- ଯଦି ଚାଷୀ ଜମି ବାବଦରେ ପରିବର୍ତ୍ତିତ ତଥ୍ୟ ଦେବାକୁ ଚାହୁଁଥାନ୍ତି, ତାହା ଉକ୍ତ ନବୀକରଣ ଫର୍ମର ଚତୁର୍ଥ ଭାଗରେ ଦର୍ଶାଇବେ |

### ନୂତନ ଚାଷୀଙ୍କ ପଞ୍ଜିକରଣ

- ଯେଉଁ ଚାଷୀମାନେ ଗତ ରବିଋତୁରେ ପଞ୍ଜିକରଣ କରିନଥିବେ, ସେମାନେ ସେମାନଙ୍କର ସମିତିରୁ ଗୋଟିଏ ନୂତନ ପଞ୍ଜିକରଣ ଫର୍ମ ନେଇ ପୂରଣ କରିବେ । ଏହା ବିଭାଗର website www.foododisha.in ରେ ମଧ୍ୟ ଉପଲବ୍ଧ | ନୂଆ ଫର୍ମରେ ସମସ୍ତ ବ୍ୟକ୍ତିଗତ ତଥ୍ୟ ସହ ଜଳସେଚିତ ଜମି ସଂକ୍ରାନ୍ତୀୟ ଖାତା ଓ ପ୍ଲଟର ବିଶଦ ବିବରଣୀ ଦେବାକୁ ହେବ |

### ଚାଷୀମାନଙ୍କର ଦାୟିତ୍ୱ

- ସମସ୍ତ ଚାଷୀଙ୍କୁ ପଞ୍ଜିକରଣ/ ନବୀକରଣ ପାଇଁ ନିଜ ନିଜ ସମିତିରେ ସମ୍ପର୍କ କରିବାକୁ ଅନୁରୋଧ
- ଚାଷୀମାନଙ୍କୁ ଅନୁରୋଧ ସେମାନେ ସେମାନଙ୍କ ନୂତନ ପଞ୍ଜିକରଣ ଫର୍ମ ସହିତ ଆଧାର କାର୍ଡର ନକଲ, ବ୍ୟାଙ୍କ ପାସ ବୁକର ପ୍ରଥମ ପୃଷ୍ଠାର ନକଲ, ଦାଖଲ ହୋଇଥିବା ନୂତନ ଜମି ବିବରଣୀର RoR ନକଲ ଏବଂ ଯଦି ଭାଗଚାଷୀ ହୋଇଥାନ୍ତି, ତେବେ ସଂପୃକ୍ତ ଜମି ମାଲିକଙ୍କ ସହମତି ପତ୍ର/ ଆଧାର/ ମୋବାଇଲ ନମ୍ବର ପ୍ରଦାନ କରିବେ । ଜମି ମାଲିକଙ୍କ ଆଧାର କାର୍ଡର ନକଲ ମଧ୍ୟ ପ୍ରଦାନ କରିବେ। ଜମି ମାଲିକଙ୍କ ସହମତି ପତ୍ର ହସ୍ତଗତ ନ'ହେଲେ ଭାଗଚାଷୀ ପଞ୍ଜିକରଣ ଗ୍ରହଣ ଯୋଗ୍ୟ ହେବ ନାହିଁ |
- ପଞ୍ଜିକରଣ/ନବୀକରଣ ଫର୍ମ ପୂରଣ କରି ଚାଷୀମାନେ ସମିତି କାର୍ଯ୍ୟାଳୟରେ ତା. **୧.୩.୨୦୨୪** ରୁ **୨୦.୩.୨୦୨୪** ମଧ୍ୟରେ ଦାଖଲ କରିବେ |
- ରବି ଚାଷ କରାଯାଇଥିବା ପ୍ଲଟ ୱାରୀ ଜମି ବିବରଣୀ ବାବଦରେ ସତ୍ୟ ଏବଂ ବାସ୍ତବ ତଥ୍ୟ ପ୍ରଦାନ କରିବେ। ଚାଷ ହେଉଥିବା ଜମିର ପରିମାଣ ସମ୍ବନ୍ଧରେ ମିଥ୍ୟା ତଥ୍ୟ ପ୍ରଦାନ କଲେ ତାହା ଗ୍ରହଣୀୟ ହେବ ନାହିଁ ଏବଂ ସେଥିପାଇଁ ନିୟମ ମତେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇପାରେ ।
- ନିର୍ଦ୍ଧାରିତ ସମୟକୁ ଅପେକ୍ଷା ନକରି ଯଥେଷ୍ଟ ପୂର୍ବରୁ ଚାଷୀମାନେ ପୂରଣ କରାଯାଇଥିବା ଫର୍ମ ସମିତିରେ ଦାଖଲ କରିବାକୁ ଅନୁରୋଧ |

### ସମିତି କର୍ମକର୍ତ୍ତାଙ୍କ ଦାୟିତ୍ୱ

- ନବୀକରଣ ଫର୍ମ ପ୍ରିଣ୍ଟ କରି ( ପୂର୍ବରୁ ପଞ୍ଜିକୃତ) ଚାଷୀମାନଙ୍କୁ ତୁରନ୍ତ ପ୍ରଦାନ କରିବେ ।
- ପୂର୍ବରୁ ପଞ୍ଜିକୃତ ନହୋଇଥିବା ଚାଷୀମାନଙ୍କୁ ନୂତନ ପଞ୍ଜିକରଣ ଫର୍ମ ପ୍ରଦାନ କରିବେ | ଯେଉଁ ଦିନ ଫର୍ମ ହସ୍ତଗତ ହେବ,ସନ୍ନିବେଶିତ ତଥ୍ୟ ସେହି ଦିନ ବା ଅତି ବେଶୀରେ ତା' ପର ଦିନ digitize କରିବେ |
- ସମିତି କର୍ମକର୍ତ୍ତାମାନେ ଫର୍ମ ପୂରଣ ପାଇଁ ଚାଷୀମାନଙ୍କୁ ଆବଶ୍ୟକୀୟ ସହାୟତା ଯୋଗାଇଦେବେ | ଏଥି ନିମନ୍ତେ ଏକ ଉତ୍ସର୍ଗୀକୃତ ହେଲ୍ପ ଡେସ୍କ ସମିତି ସ୍ତରରେ କାର୍ଯ୍ୟ କରିବ ।
- ଚାଷ ଅଯୋଗ୍ୟ ଜମି କିସମକୁ ପଞ୍ଜିକରଣ କରିବେ ନାହିଁ । କେବଳ ଜଳସେଚିତ ଜମିର ପଞ୍ଜିକରଣ କରିବେ। ମିଥ୍ୟା ତଥ୍ୟ ପଞ୍ଜିକରଣରେ ସହାୟତା କଲେ ତାହା ନିୟମାନୁଯାୟୀ କାର୍ଯ୍ୟାନୁଷ୍ଠାନ ଯୋଗ୍ୟ ହେବ |
- ଅଯୋଗ୍ୟ / ଅନୁଚିତ ବ୍ୟକ୍ତି ବିଶେଷଙ୍କୁ ପଞ୍ଜିକରଣ କରିବେ ନାହିଁ ।
- ସମିତି କର୍ମକର୍ତ୍ତା ଉଭୟ ନବୀକରଣ ଫର୍ମ ଏବଂ ପଞ୍ଜିକରଣ ଫର୍ମରେ ଥିବା ତଥ୍ୟକୁ ତା.**୧.୩.୨୦୨୪** ରୁ ତା.**୨୭.୩.୨୦୨୪** ମଧ୍ୟରେ ତାଙ୍କ LOGIN ରେ ଡିଜିଟାଇଜ କରିବେ । ଡିଜିଟାଇଜେସନ କାର୍ଯ୍ୟ ନିର୍ଭୁଲ ହେବା ଆବଶ୍ୟକ |
- ପଞ୍ଜିକରଣ ଯଥା ଶୀଘ୍ର ହୋଇ ନିର୍ଭୁଲ ଚାଷୀ ତାଲିକା **୩୦.୪.୨୦୨୪** ମଧ୍ୟରେ ନିଶ୍ଚିତ ଭାବରେ ପ୍ରସ୍ତୁତ ହେବା ଆବଶ୍ୟକ | ଏହା ବିଳମ୍ବିତ ହେଲେ ସମସ୍ତ ଆନୁଷଙ୍ଗିକ କାର୍ଯ୍ୟ ବିଳମ୍ବିତ ହେବ |

### ଅଭିଯୋଗ / ପରାମର୍ଶ

- ଯଦି କୌଣସି ଅଭିଯୋଗ ଥାଏ ତେବେ ଦେୟମୁକ୍ତ ହେଲ୍ପଲାଇନ ନମ୍ବର 1967 ରେ ସରକାରୀ କାର୍ଯ୍ୟ ନିର୍ଘଣ୍ଟ ମଧ୍ୟରେ ଯୋଗାଯୋଗ କରିବା ପାଇଁ ଅନୁରୋଧ |

OIPR-07001/13/0015/2324

**ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ, ଓଡ଼ିଶା ସରକାର**

FoodOdisha  @Food_Odisha  www.foododisha.in

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୨୯।୨।୨୦୨୪

| | |
|---|---|
| ୧,୮୭,୨୪୦ ଟଙ୍କା | |
| ସୁନା | ୧୫୦ ମିଲିଗ୍ରାମ୍ |
| ରୁପା | ମିଳିନାହିଁ |

## ସଂକ୍ଷେପରେ

### ବଦ୍ରି ମିଶ୍ର ରାଜ୍ୟ ସଙ୍ଗୀତ ନାଟକ ଏକାଡେମୀ ସଦସ୍ୟ

ପୁରୀ, ୨୯।୨(ଅଜିତ୍ ମହାନ୍ତି)

ନାଟ୍ୟକାର, କଣ୍ଠଶିଳ୍ପୀ, ନାଟ୍ୟ ଓ ଚଳଚ୍ଚିତ୍ର ଅଭିନେତା ତଥା ଗୀତିକାର ବଦ୍ରି ମିଶ୍ର ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀର ସାଧାରଣ ପରିଷଦ ସଭ୍ୟ ଭାବେ ମନୋନୀତ ହୋଇଛନ୍ତି। ସେ ଏକାଡେମୀରେ ତିନିବର୍ଷ ପାଇଁ ସଦସ୍ୟ ଭାବେ କାର୍ଯ୍ୟ କରିବେ। ନାଟକ, ସଙ୍ଗୀତ ଓ ନୃତ୍ୟର ବିକାଶ ପାଇଁ ସେ ସଂକଳ୍ପବଦ୍ଧ ରହିବେ ବୋଲି ମିଶ୍ର କହିଛନ୍ତି। ଏହି ମନୋନୟନ ପାଇଁ ମିଶ୍ର ମହାପ୍ରଭୁ ଶ୍ରୀଜଗନ୍ନାଥ, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ସଂସ୍କୃତି ମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ର, ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗର ଆୟୁକ୍ତ ତଥା ଶାସନ ସଚିବ ସୁଜାତା ରାଉତ କାର୍ତ୍ତିକେୟନ, ରାଜ୍ୟସଭା ସଦସ୍ୟ ଶୁଭାଶିଷ ଖୁଣ୍ଟିଆ, ଓଡ଼ିଶା ସଙ୍ଗୀତ ନାଟକ ଏକାଡ଼େମୀ, ଜିଲାପାଳ, ସମସ୍ତ କଳାକାର ଏବଂ ଶୁଭେଚ୍ଛୁଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି।

### ଜେନାପୁର କଲ୍ୟାଣମଣ୍ଡପ ଲୋକାର୍ପଣ

ଡେଲାଙ୍ଗ, ୨୯।୨(ରଶ୍ମିରଞ୍ଜନ ପ୍ରଧାନ):

ଡେଲାଙ୍ଗ ବ୍ଲକ ଜେନାପୁର ପଞ୍ଚାୟତସ୍ଥିତ କଣ୍ଡାବଣିଆଠାରେ ନବନିର୍ମିତ କଲ୍ୟାଣମଣ୍ଡପକୁ ସ୍ଥାନୀୟ ବିଧାୟକ ରୁଦ୍ର ପ୍ରତାପ ମହାରଥୀ ବୁଧବାର ଲୋକାର୍ପିତ କରିଛନ୍ତି। ଏଥିରେ ବ୍ଲକ ବିଜେଡି ସଭାପତି ବୈରାଗୀ ଜେନା, ବିଡିଓ କ୍ଷିତୀଶ ବେହେରା, ଏବିଡିଓ ପ୍ରଦୀପ୍ତ ନାୟକ, ଉପାଧ୍ୟକ୍ଷ ଦୁର୍ବାଶା ନିଶଙ୍କ, ପୁରୀ ଜିଲା ଉପସଭାପତି ପ୍ରଭାତ ଜେନା, ସ୍ଥାନୀୟ ସରପଞ୍ଚ ବିଶ୍ୱନାଥ ପଟ୍ଟନାୟକ, ପଞ୍ଚାୟତ ନିର୍ବାହୀ ଅଧିକାରୀ ଦୁର୍ଯ୍ୟୋଧନ ଜେନା, ନାଏବ ସରପଞ୍ଚ ଲୋପାମୁଦ୍ରା ବେହେରା, ୱାର୍ଡସଭ୍ୟ ଆର୍ତ୍ତତ୍ରାଣ ଆଚାର୍ଯ୍ୟ, ଅନାମ ଚରଣ ସାହୁ ପ୍ରମୁଖଙ୍କ ସହିତ ଶତାଧିକ ପଞ୍ଚାୟତବାସୀ ଉପସ୍ଥିତ ଥିଲେ। ଗତ ୨୦୧୯ ମସିହାରୁ ଦିବଂଗତ ବିଧାୟକ ପ୍ରଦୀପ ମହାରଥୀ ଏହି କଲ୍ୟାଣ ମଣ୍ଡପ ନିମନ୍ତେ ଭୂମି ପୂଜା କରିଥିଲେ। ତେବେ କୋଭିଡ ଯୋଗୁ କାର୍ଯ୍ୟ ସମାପ୍ତ ହେବାରେ ବିଳମ୍ବ ଘଟିଥିଲା। ୫୬ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ଏହି କଲ୍ୟାଣ ମଣ୍ଡପରେ ସ୍ଥାନୀୟ ଅଞ୍ଚଳବାସୀ ବିବାହ, ବ୍ରତ ପ୍ରଭୃତି କାର୍ଯ୍ୟକ୍ରମ ସୁଚାରୁରୂପେ କରିପାରିବେ ବୋଲି ସରପଞ୍ଚ ପଟ୍ଟନାୟକ କହିଛନ୍ତି। ଏହି ପରିପ୍ରେକ୍ଷୀରେ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ବିଧାୟକ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ କାର୍ଯ୍ୟାଳୟ ଓ ପଞ୍ଚାୟତବାସୀଙ୍କ ନିମନ୍ତେ ଉଦ୍ଦିଷ୍ଟ ସାହାଯ୍ୟ ଓ ସହାୟତା କେନ୍ଦ୍ର ଲୋକାର୍ପଣ କରିଛନ୍ତି।

# ‘ପୁରୀରେ କଳାକାରଙ୍କ ପାଇଁ ଉପଯୁକ୍ତ ମଞ୍ଚ ଅଭାବ’



କଳାକାରଙ୍କୁ ବିଧାୟକ ଜୟନ୍ତ ଷଡଙ୍ଗୀ ସମ୍ବର୍ଦ୍ଧନା ପ୍ରଦାନ କରୁଛନ୍ତି ।

ପୁରୀ,୨୯।୨(ଅଜିତ୍ ମହାନ୍ତି)

‘ଅନୁଷ୍ଠାନ ଆମର’ ପକ୍ଷରୁ ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚରେ ଦୀର୍ଘ ଦଶଦିନ ଧରି ଚାଲିଥିବା ୧୬ ତମ ରାଜ୍ୟସ୍ତରୀୟ ମଞ୍ଚ ନାଟକ ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ସନ୍ଧ୍ୟାରେ ପ୍ରତିଯୋଗୀମାନଙ୍କୁ ବିଭିନ୍ନ ବିଭାଗରେ ପୁରସ୍କାର ବିତରଣ କରାଯାଇଛି। ଏହି ପୁରସ୍କାର ବିତରଣ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପୁରୀ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ, ସମ୍ମାନିତ ଅତିଥି ଭାବେ ଓଡ଼ିଶା ଖୋ ଖୋ ସଂଘର ସମ୍ପାଦକ ପ୍ରଦ୍ୟୁମ୍ନ କୁମାର ମିଶ୍ର, ମହାପ୍ରଭୁଙ୍କ ଅଙ୍ଗଲାଗି ସେବକ ମଧୁସୂଦନ ସିଂହାରୀ, ସମାଜସେବୀ ଅନିରୁଦ୍ଧ ରାଉତରାୟ, ସିତାର ବାଦକ ଗୁରୁ ରବି ନାରାୟଣ ଗୁରୁ, ଭାଜପା ନେତ୍ରୀ ସ୍ମିତାଞ୍ଜଳି ପତି, ଅନୁଷ୍ଠାନର ସଭାପତି ଭରତ ନାୟକ ଏବଂ ଅନୁଷ୍ଠାନର ସାଧାରଣ ସମ୍ପାଦକ ଗୋବିନ୍ଦ ଚନ୍ଦ୍ର ମହାନ୍ତି ପ୍ରମୁଖ ଯୋଗଦାନ କରିଥିଲେ। ପୁରୀ ହେଉଛି କଳାକାରଙ୍କ ଖଣି, ଏଠାରେ ସମସ୍ତ ପ୍ରକାର କଳାକାର ଅଛନ୍ତି। କେବଳ କଳାକାରମାନଙ୍କ ଲୁକ୍କାୟିତ ପ୍ରତିଭାକୁ ସର୍ବସମ୍ମୁଖକୁ ଆଣିବା ନିମନ୍ତେ ଉପଯୁକ୍ତ ମଞ୍ଚ ନାହିଁ। ତେଣୁ ସେଥିପାଇଁ ବଣର ମଲ୍ଲି ବଣରେ ଫୁଟି ଝଡିପଡୁଛି ବୋଲି ଅତିଥିମାନେ କହିଥିଲେ। ଏହାପରେ ପୁରୀ ସହରର ବିଭିନ୍ନ ସମ୍ମାନଜନକ କାର୍ଯ୍ୟରେ ନିଜକୁ ସ୍ଥାନିତ କରିଥିବା ବ୍ୟକ୍ତିବିଶେଷ ଶିକ୍ଷାବିତ୍ କୃଷ୍ଣ ଚନ୍ଦ୍ର ସାହୁ, ବରିଷ୍ଠ ଅଭିନେତା ପ୍ରସନ୍ନ କୁମାର ମହାନ୍ତି, ତ୍ରିଲୋଚନ ଦାସ, ମଞ୍ଚ ଅଭିନେତ୍ରୀ ଅନିତା ଦାସ, ସିତାର ବାଦକ ସତ୍ୟନାରାୟଣ ଗୁରୁ, ସମାଜସେବୀ ସ୍ମିତାଞ୍ଜଳି ପତି, ରାଧାକାନ୍ତ ଦାସ, କୃଷ୍ଣଚନ୍ଦ୍ର ଖୁଣ୍ଟିଆ, କୃପାସିନ୍ଧୁ ମିଶ୍ର, ସ୍ୱାସ୍ଥ୍ୟ ସେବାର ପ୍ରଶାସନିକ ଅଧିକାରୀ ସୌମ୍ୟ ରଞ୍ଜନ ମିଶ୍ର ଏବଂ ସିନେ ଅଭିନେତା କେଦାର ମିଶ୍ରଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ଦଶ ଦିନ ଧରି ଅନୁଷ୍ଠିତ ହୋଇଥିବା ନାଟକର ବିଭିନ୍ନ ବିଭାଗରେ

### ରାଜ୍ୟସ୍ତରୀୟ ମଞ୍ଚ ନାଟକ ପ୍ରତିଯୋଗିତା ଉଦ୍‌ଯାପିତ

ପୁରସ୍କୃତ କରାଯାଇଥିଲା। ଉତ୍ତମ ମଞ୍ଚ କାରିଗରୀ ଭାବେ କଳାକାର ଏକତା ମଞ୍ଚର ନାଟକ ପବିତ୍ର ପାପରେ ପ୍ରଜ୍ଞାଦତ୍ତ ସାହୁ, ଉତ୍ତମ ସଙ୍ଗୀତ ନିର୍ଦ୍ଦେଶକ ଭାବେ ପବିତ୍ର ପାପନାଟକର ନିର୍ଦ୍ଦେଶକ ସୁଶାନ୍ତ ପାଣି, ଦ୍ୱିତୀୟ ସଙ୍ଗୀତ ନିର୍ଦ୍ଦେଶକ ଭାବେ ପଶାପାଲି ନାଟକର ନିର୍ଦ୍ଦେଶକ ମମତା କବି, ଶ୍ରେଷ୍ଠ କମେଡିଆନ ଭାବେ ଡାହି ନାଟ୍ୟର ଦିଲ୍ଲୀପ କୁମାର ଷଡଙ୍ଗୀ, ଦ୍ୱିତୀୟ କମେଡ଼ିଆନ ଭାବେ କୁନୁଆଁ ନାଟ୍ୟର କଳାକାର ଧନଞ୍ଜୟ ସାହୁ, ମୁଖ୍ୟ ଖଳନାୟକ ଭାବେ ସନ୍ଦେଶ ନାଟ୍ୟ ପକ୍ଷରୁ ବିଜେନ୍ଦ୍ର ରାଉତ ଏବଂ ପଶାପାଲି ନାଟ୍ୟର ସନ୍ତୋଷ କୁମାର ପଟ୍ଟନାୟକଙ୍କୁ ଚୟନ କରାଯାଇଥିଲା। ସେହିପରି ମୁଖ୍ୟ ସହଯୋଗୀ କଳାକାର ଭାବେ ମା କିଏ ନାଟ୍ୟର ନରସିଂହ ରଣା, ରଜନୀଗନ୍ଧା ନାଟ୍ୟର ଧରିତ୍ରୀ ଖଣ୍ଡୁଆଳ, ମୁଖ୍ୟ କଳାକାର ଭାବେ ଭାବ ନୁ ଅଭାବ ନାଟକର ନରେନ୍ଦ୍ର ବେହେରା, ଡାହି ନାଟ୍ୟର କ୍ଷୀରୋଦ ସାହୁ, ମୁଖ୍ୟ ଅଭିନେତ୍ରୀ ଭାବେ ମା କିଏର ସସ୍ମିତାରାଣୀ ରାଉତ ଏବଂ ଶୁଭସ୍ମିତାଙ୍କୁ ଚୟନ କରାଯାଇଥିଲା। ସେହିପରି ମୁଖ୍ୟ ନାଟକ ଲେଖକ ଭାବେ ମା କିଏ ନାଟ୍ୟର ପଞ୍ଚାନନ ଦାଶ, ଟୁକୁ ନାଟ୍ୟର ସୁମନ୍ତ ଭୋଇ, ମୁଖ୍ୟ ନିର୍ଦ୍ଦେଶକ ଭାବେ ଭାବ ନୁ ଅଭାବ ନାଟ୍ୟର ଅତିଶ କୁମାର ଶତପଥୀ ଏବଂ ପବିତ୍ର ପାପ ନାଟ୍ୟର ପ୍ରଶାନ୍ତ ଷଡଙ୍ଗୀଙ୍କୁ ଚୟନ କରାଯାଇଥିଲା। ସେହିପରି ମୁଖ୍ୟ ଯୁରି କଳାକାର ଭାବେ ଟୁକୁ, କନକ ଦଣ୍ଡସେଣା, କୁନି ପଣ୍ଡା, ଶିବ ଶଙ୍କର ପାତ୍ରଙ୍କୁ ଚୟନ କରାଯାଇ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ସମୀର ଶତପଥୀ ଏବଂ ଶ୍ୟାମ ପ୍ରକାଶ ସେନାପତି ମଞ୍ଚ ପରିଚାଳନା କରିଥିଲେ। ଅନୁଷ୍ଠାନର ସାଧାରଣ ସମ୍ପାଦକ ମହାନ୍ତି ଧନ୍ୟବାଦ ଦେଇଥିଲେ।

# ବିଦେଶୀ ପର୍ଯ୍ୟଟକଙ୍କଠାରୁ ଲୁଟ, ପୋଲିସ ଚୁପ୍

ପୁରୀ,୨୯।୨(ଅଜିତ୍ ମହାନ୍ତି)



ଲୁଟ୍‌ର ଶିକାର ହୋଇଥିବା ଆନଥୋନି ଭ୍ୟାନ ଅର୍କେଲ

ପୁରୀ ନୀଳାଦ୍ରି ନିଳୟ ଆଶ୍ରୟସ୍ଥଳରେ ନେଦରଲ୍ୟାଣ୍ଡର ବିଦେଶୀ ପର୍ଯ୍ୟଟକ ଆନଥୋନି ଭ୍ୟାନ ଅର୍କେଲ ଆଶ୍ରୟ ନେଉଛନ୍ତି। ନୀଳାଦ୍ରି ନିଳୟ ପରିସରରେ ଗୁରୁବାର ଏକ ଖବରଦାତା ସମ୍ମିଳନୀ ଡାକି ଆନଥୋନି କହିଛନ୍ତି, ଜାନୁଆରୀ ୨୫ ତାରିଖଠାରୁ ସେ ଏହି ଆଶ୍ରୟସ୍ଥଳରେ ପୋଲିସ ସହାୟତାରେ ଆଶ୍ରୟ ନେଇଛନ୍ତି। ସେ ତାଙ୍କ ଦେଶରୁ ବୁଲିବା ପାଇଁ ଜାନୁଆରୀ ମାସରେ ଭାରତ ଆସିଥିଲେ। ଏହି କ୍ରମରେ ସେ ପୁରୀ ବୁଲିବାକୁ ଆସିଥିଲେ। ଏଠାରେ ଏକ ଟ୍ୟାକ୍ସି (ନଂ. ଓଡି ୦୨ ବିୟୁ ୮୭୨୩)ରେ ବୁଲାବୁଲି କରିଥିଲେ। ତେବେ ତାଙ୍କର ନଗଦ ଟଙ୍କା ସହିତ କ୍ୟାମେରା, ହୀରାମୁଦି ଓ ସମୁଦାୟ ୬ଲକ୍ଷ ଟଙ୍କାର ସାମଗ୍ରୀ ଟ୍ୟାକ୍ସି ଚାଳକ ତାଙ୍କଠାରୁ ଲୁଟି ନେଇଥିଲେ। ସେ ଏହି ଘଟଣା ସମ୍ପର୍କରେ ପ୍ରଥମେ ବଳିଆପଣ୍ଡା ଥାନା ଏବଂ ପରେ ଟାଉନ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ତେବେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଗଲା ନାହିଁ। ପରେ ବଳିଆପଣ୍ଡା ପୋଲିସ ସମ୍ପୃକ୍ତ ଟ୍ୟାକ୍ସିକୁ ଜବତ କରିଥିଲେ ମଧ୍ୟ ଅଭିଯୁକ୍ତଙ୍କୁ ଗିରଫ କରାଯାଇ ନାହିଁ। ପୁରୀ ଉମିଦ ଫାଉଣ୍ଡେଶନର ସମ୍ପାଦକ ତଥା ଯୁବ ସମାଜସେବୀ ଡାନିଆଲ ନାୟକ ବିଦେଶୀ ପର୍ଯ୍ୟଟକଙ୍କୁ ନେଇ ସମ୍ପୃକ୍ତ ଘଟଣା ସମ୍ପର୍କରେ ଅତିରିକ୍ତ ଜିଲା ଆରକ୍ଷୀ ଅଧିକ୍ଷକ ସୁଶୀଲ କୁମାର ମିଶ୍ର ଏବଂ ଉପଆରକ୍ଷୀ ଅଧିକ୍ଷକ (ସହରାଞ୍ଚଳ) ପ୍ରଶାନ୍ତ କୁମାର ସାହୁଙ୍କୁ ଭେଟି ସହାୟତା ପାଇଁ ଫେବୃଆରୀ ୯ରେ ଲିଖିତ ଅଭିଯୋଗ କରିଥିଲେ। ଏହି ଘଟଣାର ଦୀର୍ଘ ଦିନ ପରେ ମଧ୍ୟ କୌଣସି ବିହିତ ପଦକ୍ଷେପ ଗ୍ରହଣ କରାଯାଇନାହିଁ। ତେଣୁ ବାଧ୍ୟ ହୋଇ ଯୁବ ସମାଜସେବୀ ନାୟକ ଗୁରୁବାର ଖବରଦାତା ସମ୍ମିଳନୀ ମାଧ୍ୟମରେ ପ୍ରଶାସନ ସମେତ କେନ୍ଦ୍ର ସରକାର ଓ ରାଜ୍ୟ ସରକାରଙ୍କ ସହଯୋଗ ଲୋଡ଼ିଛନ୍ତି। ବିଦେଶୀ ପର୍ଯ୍ୟଟକଙ୍କୁ ତାଙ୍କ ଦେଶକୁ ଫେରିବା ପାଇଁ ଜିଲା ପ୍ରଶାସନ ତରଫରୁ ପଦକ୍ଷେପ ଗ୍ରହଣ କରିବା ସକାଶେ ଦାସ ନିବେଦନ କରିଛନ୍ତି।

# ନୂତନ ଜିଲାପାଳ ଭାବେ ଦାୟିତ୍ୱ ନେଲେ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ



ନୂତନ ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ମହାପ୍ରଭୁଙ୍କୁ ଦର୍ଶନ କରି ଫେରୁଛନ୍ତି ।

ପୁରୀ, ୨୯।୨(ଅଜିତ୍ ମହାନ୍ତି)

ପୁରୀର ନୂତନ ଜିଲାପାଳ ଭାବେ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ଗୁରୁବାର ଦାୟିତ୍ୱ ଗ୍ରହଣ କରିଛନ୍ତି। ଏହାପରେ ସେ ଶ୍ରୀମନ୍ଦିର ଯାଇ ମହାପ୍ରଭୁଙ୍କୁ ଦର୍ଶନ କରିଥିଲେ। ପୂର୍ବରୁ ସେ କଟକ ମହାନଗର ନିଗମରର କମିଶନର ତଥା କଟକ ଉନ୍ନୟନ କର୍ତ୍ତୃପକ୍ଷର ଉପାଧ୍ୟକ୍ଷ ଭାବେ ଅତିରିକ୍ତ ଦାୟିତ୍ୱରେ ରହିଥିଲେ। ପୁରୀର ଜିଲାପାଳ ଥିବା ସମର୍ଥ ବର୍ମା ଶ୍ରୀମନ୍ଦିର ଅତିରିକ୍ତ ମୁଖ୍ୟ ପ୍ରଶାସକ ଭାବେ ବଦଳି ହେବା ପରେ ଗତ ଜାନୁଆରୀ ୨୯ରେ ବିଜୟ କୁମାର ଦାସ ପୁରୀ ଜିଲାପାଳ ଭାବରେ ନିଯୁକ୍ତି ହୋଇଥିଲେ। ତେବେ ନିଯୁକ୍ତିକୁ ୧ ମାସ ହୋଇନଥିବା ବେଳେ ବିଜୟ କୁମାର ଦାସଙ୍କୁ କଟକ ମହାନଗର ନିଗମର କମିଶନର ଭାବରେ ବଦଳି କରାଯାଇଛି।

# ମନ ମୋହିଲା ଶାସ୍ତ୍ରୀୟ ନୃତ୍ୟ




ଶାସ୍ତ୍ରୀୟ ନୃତ୍ୟ ସନ୍ଧ୍ୟାରେ କଳାକାରମାନେ ନୃତ୍ୟ ପରିବେଷଣ କରୁଛନ୍ତି ।

ପୁରୀ, ୨୯।୨(ଅଜିତ୍ ମହାନ୍ତି)

ପୁରୀ ବଡ଼ଦାଣ୍ଡସ୍ଥିତ ଅନ୍ନପୂର୍ଣ୍ଣା ଥିଏଟରରେ ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗର ସହଯୋଗ ଏବଂ ପୁରୀ ଡ୍ୟାନ୍ସ ଏକାଡେମୀର ମିଳିତ ଆନୁକୁଲ୍ୟରେ ଶାସ୍ତ୍ରୀୟ ନୃତ୍ୟ ସନ୍ଧ୍ୟା ଆୟୋଜିତ ହୋଇଯାଇଛି। ପୁରୀ ଡ୍ୟାନ୍ସ ଏକାଡେମୀର କଳାକାରମାନେ ମଙ୍ଗଳାଚରଣ, ଲକ୍ଷ୍ମୀ ବନ୍ଦନା, ଗଣେଶ ବନ୍ଦନା, ମହାଲକ୍ଷ୍ମୀ ଅଷ୍ଟକମ୍, ଜଗନ୍ନାଥ ଅଷ୍ଟକମ, କୃଷ୍ଣ ବନ୍ଦନା ଏବଂ ଅଭିନୟରେ ଦେଖ – ଗୋ, ଯମୁନାକୁ ଯା’ନା, ଆଦି ନୃତ୍ୟ ମାଧ୍ୟମରେ ଦର୍ଶକମାନଙ୍କୁ ମନ୍ତ୍ରମୁଗ୍ଧ କରିଥିଲେ। ମୁଖ୍ୟ ଅତିଥି ଭାବେ ଜଷ୍ଟିସ ଜୁଭେନାଇଲ କୋର୍ଟର ସଦସ୍ୟ ମହାବୀର ରୁଦ୍ର ନାରାୟଣ ସାହୁ ଏବଂ ସମ୍ମାନିତ ଅତିଥି ରୂପେ ଶାନ୍ତି ଅନୁଷ୍ଠାନର ପ୍ରତିଷ୍ଠାତା ପଦ୍ମନାଭ ମିଶ୍ର, ବିଶିଷ୍ଟ ତବଲା ବାଦକ ଶଙ୍କର ବେହେରା ଓ ସମାଜସେବୀ ଗୀତିକାର ବିମଳକୃଷ୍ଣ ଦାସ ପ୍ରମୁଖ ମଞ୍ଚାସୀନ ଥିଲେ। ଅନୁଷ୍ଠାନର ସମ୍ପାଦକ ନାରାୟଣ ପାଣ୍ଡେ ଅତିଥିମାନଙ୍କୁ ସମ୍ମାନିତ କରିବା ସହ ଅନୁଷ୍ଠାନର ଜାତୀୟସ୍ତରୀୟ ଯୁବ ଶିଳ୍ପୀମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଶାସ୍ତ୍ରୀୟ ନୃତ୍ୟ ସନ୍ଧ୍ୟା କାର୍ଯ୍ୟକ୍ରମରେ ଶିଳ୍ପୀ କୁମାରୀ ସୀମା, ଅଙ୍କିତା, ମଧୁସ୍ମିତା, ପ୍ରତୀକ୍ଷା, ପ୍ରକୃତି, ଶ୍ରୁତି, ଶୁଭଲକ୍ଷ୍ମୀ, ରବିଶଙ୍କର, ରାଜଶ୍ରୀ, ସୁରେଖା, ସାବିତ୍ରୀ, ଯଶଶ୍ୱିନୀ, ଅଙ୍କିତା ପ୍ରମୁଖ ଉଚ୍ଚକୋଟିର ନୃତ୍ୟ ପରିବେଷଣ କରି ଦର୍ଶକମାନଙ୍କୁ ମନ୍ତ୍ରମୁଧ କରିଥିଲେ। କାର୍ଯ୍ୟକ୍ରମକୁ ଗୁରୁ ନାରାୟଣଙ୍କ ପାଣ୍ଡେ ପରିଚାଳନା କରିଥିଲେ ଓ ସସ୍ମିତା ମିଶ୍ର ସହଯୋଗ କରିଥିଲେ।

# ବାଇକ୍‌କୁ ଧକ୍କା ଦେଲା ଟ୍ରକ୍: ମହିଳା ମୃତ, ୨ ଗୁରୁତର

ବଳଙ୍ଗା/ସାକ୍ଷୀଗୋପାଳ, ୨୯।୨(କେଦାରେଶ୍ୱର ନନ୍ଦ/ ପ୍ରଶାନ୍ତ କୁମାର ବାରିକ/କିଶୋର ମହାପାତ୍ର):

ବଳଙ୍ଗା -ସାତଶଙ୍ଖ ରାସ୍ତାର ଭୀମବଜାରଠାରେ ଗୁରୁବାର ଅପରାହ୍ନରେ ଏକ ଯାତ୍ରାପାର୍ଟିର ଟ୍ରକ ଗୋଟିଏ ବାଇକକୁ ପଛପଟୁ ଧକ୍କା ଦେବାରୁ ଜଣେ ମହିଳାଙ୍କ ମୃତ୍ୟୁ ଘଟିଥିବା ବେଳେ ତାଙ୍କ ସ୍ୱାମୀ ଓ ଝିଆରୀ ଗୁରୁତର ଆହତ ହୋଇଛନ୍ତି। ମୃତ ମହିଳା ହେଲେ ବଳଙ୍ଗା ଥାନା ଅନ୍ତର୍ଗତ କେତକୀପାଟଣା ନନ୍ଦିଗୋରଡ଼ା ଗ୍ରାମର କବିତା ପଲେଇ (୪୫)। ସେହିପରି ଗୁରୁତର ଆହତ ଦ୍ୱୟ ହେଲେ କବିତାଙ୍କ ସ୍ୱାମୀ ନବଘନ ପଲେଇ(୫୨) ଓ ଗଡ଼ଚାନ୍ଦପୁର ଗ୍ରାମର ସୁଦର୍ଶନ ପ୍ରଧାନଙ୍କ ଝିଅ ସ୍ୱାଗତିକା ପ୍ରଧାନ(୧୭)। ଦୁର୍ଘଟଣା ସମ୍ପର୍କରେ ଖବର ପାଇ ବଳଙ୍ଗା ପୋଲିସ ପହଞ୍ଚି ସ୍ଥାନୀୟ ଲୋକଙ୍କ ସହାୟତାରେ ଆହତ



ନବଘନ ଓ ସ୍ୱାଗତିକାଙ୍କୁ ଉଦ୍ଧାର କରି ସାକ୍ଷୀଗୋପାଳ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ପରେ ଉଭୟଙ୍କ ଅବସ୍ଥା ଗୁରୁତର ହେବାରୁ କ୍ୟାପିଟାଲ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି।

ସୂଚନା ମୁତାବକ, ନବଘନ ସ୍ତ୍ରୀଙ୍କ ସହ ଶ୍ୱଶୁର ଘର ଗଡଚାନ୍ଦପୁରକୁ ଆସି ସେଠାରୁ ଶ୍ୟାଳକ ସୁଦର୍ଶନଙ୍କ ଝିଅ ସ୍ୱାଗତିକାଙ୍କୁ ନେଇ ଏକ ବାଇକରେ ଡେଲାଙ୍ଗ ଘୋରଡିଆକୁ ବିବାହ ଉତ୍ସବରେ ଯୋଗଦେବାପାଇଁ ଯାଉଥିଲେ। ତେବେ ଭୀମବଜାର ଠାରେ ଏକ ଅପେରା ପାର୍ଟିର ଟ୍ରକ ସେମାନଙ୍କୁ ପଛପଟୁ ଧକ୍କା ଦେଇଥିଲା। ଫଳରେ ନବଘନ ଓ ସ୍ୱାଗତିକା ରାସ୍ତାର ବାମପଟକୁ ଛିଟିକି ପଡ଼ିଥିବା ବେଳେ କବିତା ଡାହାଣ ପାର୍ଶ୍ୱରେ ପଡ଼ିଯାଇଥିଲେ। ଫଳରେ ଟ୍ରକର ଚକା ତାଙ୍କ ମୁଣ୍ଡ ଉପରେ ଚଢ଼ିଯାଇଥିଲା ଓ ଘଟଣାସ୍ଥଳରେ ତାଙ୍କର ଜୀବନ ଚାଲିଯାଇଥିଲା। ଅନ୍ୟପଟେ ରାସ୍ତା ପାର୍ଶ୍ୱକୁ ଛିଟିକି ପଡ଼ିବାରୁ ନବଘନ ଓ ସ୍ୱାଗତିକାଙ୍କ ମୁଣ୍ଡରେ ଗୁରୁତର ଆଘାତ ଲାଗିବାରୁ ଚେତାଶୂନ୍ୟ ହୋଇପଡ଼ିଥିଲେ। ଦୁର୍ଘଟଣା ପରେ ଟ୍ରକ ଚାଳକ ଘଟଣାସ୍ଥଳରୁ ଫେରାର ହୋଇଯାଇଥିବା ବେଳେ ପୋଲିସ ଦୁଇଟି ଗାଡ଼ିକୁ ଜବତ କରି ଥାନାକୁ ଆଣି ତଦନ୍ତ ଜାରି ରଖିଛି।

# ଉପଖଣ୍ଡ ସୂଚନା ଅଧିକାରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ପୁରୀ,୨୯।୨(ଅଜିତ୍ ମହାନ୍ତି)

ପୁରୀ ଜିଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟର ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରଘୁନାଥ ସେଠୀଙ୍କୁ ବିଭାଗ ପକ୍ଷରୁ ଅବସରକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଗୁରୁବାର ଜିଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟଠାରେ ସେଠୀଙ୍କୁ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ ଉପଢୌକନ ଓ ପୁଷ୍ପଗୁଚ୍ଛ ଦେଇ ବିଦାୟ ସମ୍ବର୍ଦ୍ଧନା ଜଣାଇଥିଲେ। ସେଠୀ ବିଭାଗ ପାଇଁ ଅନେକ ସେବା କରିଛନ୍ତି ଓ ତାଙ୍କ କାର୍ଯ୍ୟ ପ୍ରଶଂସନୀୟ ବୋଲି ଉପସ୍ଥିତ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଓ ସମସ୍ତ କର୍ମଚାରୀ ମତବ୍ୟକ୍ତ କରିଥିଲେ। ନିଜ ପ୍ରତିକ୍ରିୟାରେ ବିଭାଗ ପାଇଁ କାର୍ଯ୍ୟ କରି ସେ ଗର୍ବିତ ଓ ଆନନ୍ଦିତ ବୋଲି ରଘୁନାଥ କହିଥିଲେ। ଏହି କାର୍ଯ୍ୟକ୍ରମରେ ବିଭାଗର ରେଡ଼ିଓ ଇନ୍ସପେକ୍ଟର ରାଜେନ୍ଦ୍ର କୁମାର ପାତ୍ର, ପ୍ରସନ୍ନ କୁମାର ସାହୁ, ଜିତେନ୍ଦ୍ର କୁମାର ସ୍ୱାଇଁ, ମିନତୀ ଦାସ, ପ୍ରଦୀପ୍ତ ପଟ୍ଟନାୟକ, ପ୍ରତିମା ମହାନ୍ତି, ତ୍ରିନାଥ ପାତ୍ର, ଲକ୍ଷ୍ମୀଧର ନାଏକ, ସୁଶାନ୍ତ କୁମାର ନାୟକ ପ୍ରମୁଖ ଯୋଗଦେଇଥିଲେ।

# ବିଦ୍ୟାଳୟ, ଶିକ୍ଷୟିତ୍ରୀ ଶିକ୍ଷକଙ୍କ ସମ୍ବର୍ଦ୍ଧନା

ପିପିଲି,୨୯।୨(ଦୁର୍ଗା ମାଧବ ମିଶ୍ର):

ଭବାନୀପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାରପ୍ରାପ୍ତ ବିଦ୍ୟାଳୟ, ଶିକ୍ଷକ ଶିକ୍ଷୟିତ୍ରୀଙ୍କ ସମ୍ବର୍ଦ୍ଧନା ଉତ୍ସବ ବୁଧବାର ଅନୁଷ୍ଠିତ ହୋଇଯାଇଛି। ପିପିଲି ବିଧାୟକ ରୁଦ୍ର ପ୍ରତାପ ମହାରଥୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶିକ୍ଷୟିତ୍ରୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଭବାନୀପୁର ୟୁପି ସ୍କୁଲ ଏବଂ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ନମିତା ଜେନାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିସହ ପିପିଲି ଶିରିଆପୁର ସ୍କୁଲ ଶିକ୍ଷୟିତ୍ରୀ ନନ୍ଦିତା ଜେନାଙ୍କୁ ବିଧାୟକ ସମ୍ବର୍ଦ୍ଧିତ କରିଥିଲେ। ସରକାରଙ୍କ ଏଭଳି ପଦକ୍ଷେପ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ଶିକ୍ଷାଦାନରେ ଉତ୍ସାହିତ କରିବ ବୋଲି ବିଧାୟକ ମହାରଥୀ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉତ୍ସବରେ ରାଜ୍ୟ ଖାଦ୍ୟ ଆୟୋଗ ସଦସ୍ୟ ପ୍ରିୟବ୍ରତ ସାମନ୍ତରାୟ, ପିପିଲି ଏନ୍‌ଏସି ଅଧ୍ୟକ୍ଷ ସେକ ବାବୁ, ବିଇଓ ରବି ନାରାୟଣ ନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ବିଦ୍ୟାଳୟରେ ବିଜ୍ଞାନ ମେଳାର ଆୟୋଜନ କରାଯାଇଥିଲା। ବ୍ଲକର ବିଭିନ୍ନ ବିଦ୍ୟାଳୟ ଶିକ୍ଷୟିତ୍ରୀ ଶିକ୍ଷକ ଏଥିରେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ବରିଷ୍ଠ ଶିକ୍ଷାବିତ୍ ସୁକାନ୍ତ ନାୟକ ପରିଚାଳନା କରିଥିଲେ।




ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପ୍ରାପ୍ତ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ବିଧାୟକ ରୁଦ୍ରପ୍ରତାପ ମହାରଥି ସମ୍ବର୍ଦ୍ଧିତ କରୁଛନ୍ତି ।

# ସମସ୍ୟା ସମାଧାନ ନ ହେଲେ ଭୋଟ ବର୍ଜନ

ଅସ୍ତରଙ୍ଗ,୨୯।୨(ପ୍ରଦୀପ୍ତ ଦୀକ୍ଷିତ):

କେନ୍ଦ୍ର ସରକାର ଓ ରାଜ୍ୟ ସରକାରଙ୍କ ମାଳମାଳ ଯୋଜନା ପରେ ବି ଅସ୍ତରଙ୍ଗ ବ୍ଲକ ପାଟଳଦା ପଞ୍ଚାୟତ ଅଧୀନ ତଡ଼ା ଗ୍ରାମରେ ପିଇବା ପାଣି ଓ ଗମନାଗମନ ସାତ ସପନ ପାଲଟିଛି। ଗ୍ରାମରେ ୨୫ ପରିବାରର ପ୍ରାୟ ୨ଶହରୁ ଊର୍ଦ୍ଧ୍ୱ ଲୋକ ବସବାସ କରୁଥିବାବେଳେ ଗାଁକୁ ପକ୍କା ରାସ୍ତା ନ ଥିବାରୁ ଆମ୍ବୁଲାନ୍ସ ପହଞ୍ଚି ପାରୁନାହିଁ। ଫଳରେ ଗର୍ଭବତୀ ମା’ଙ୍କଠାରୁ ଆରମ୍ଭ କରି ସାଧାରଣ ରୋଗୀଙ୍କୁ ମଧ୍ୟ ୨ କି.ମି. ବୋହି ଆମ୍ବୁଲାନ୍ସ ପର୍ଯ୍ୟନ୍ତ ନେବାକୁ ପଡୁଛି। ଗାଁରେ ପାନୀୟ ଜଳ ସୁବିଧା ନ ଥିବାରୁ ଲୋକେ ବାଧ୍ୟ ହୋଇ ମାଇଲ ମାଇଲ ବାଟ ପାଣି ପାଇଁ ଯାଇଥାନ୍ତି। ଦୂଷିତ ପାଣି ପିଇ ଲୋକେ ଅନେକ ସମୟରେ ରୋଗ ବ୍ୟାଧିରେ ପୀଡ଼ିତ ହେଉଛନ୍ତି। ଗତ ୨୨ତାରିଖରେ ଗ୍ରାମବାସୀ ବିଡିଓ ସୁଶ୍ରୀ ସସ୍ମିତା ବେହେରାଙ୍କୁ ଭେଟି ସମସ୍ୟା ସମ୍ପର୍କରେ କହିବା ସହ ଏକ ଦାବି ପତ୍ର ଦେଇଥିଲେ। ଗୁରୁବାର ପୁନଶ୍ଚ ଗ୍ରାମବାସୀ ବିଡିଓଙ୍କୁ ଭେଟିଥିଲେ। ଆଗକୁ ନିର୍ବାଚନ ଅଛି। ସମସ୍ୟା ସମାଧାନ ନ ହେଲେ ଗ୍ରାମବାସୀ ଭୋଟ ବର୍ଜନ ନିମନ୍ତେ ଚେତାବନୀ ଦେଇଥିଲେ। ବିଡିଓ ଏ ସମସ୍ୟା ନେଇ ଗ୍ରାମକୁ ଗସ୍ତ କରି ସମସ୍ୟା ଅନୁଧ୍ୟାନ କରିବେ ବୋଲି କହିଥିଲେ।



ସମସ୍ୟା ସମାଧାନ ନ ହେଲେ ତଡା ଗ୍ରାମବାସୀ ଭୋଟ ବର୍ଜନ ପାଇଁ ଚେତାବନୀ ଦେଉଛନ୍ତି ।

**ସ୍କୁଟିକୁ ଧକ୍କାଦେଲା କଣ୍ଟେନର ମା’ ମୃତ, ପୁଅ ଆହତ**

ବାଲୁଗାଁ, (ସଂଗ୍ରାମ ପାଇକରାୟ): ବାଲୁଗାଁ ବାଇପାସ୍ ରାସ୍ତା ୧୬ ନମ୍ବର ଜାତୀୟ ରାଜପଥର ସୁବୁଦ୍ଧିପାଟଣା ଛକଠାରେ ବୁଧବାର ବିଳମ୍ବିତ ରାତ୍ରିରେ ଏକ ସ୍କୁଟିକୁ ଅଣ୍ଡା ବୋଝେଇ କଣ୍ଟେନର ଧକ୍କା ଦେବାରୁ ସ୍କୁଟିରେ ବସିଥିବା ମା’ଙ୍କ ମୃତ୍ୟୁ ଘଟିଥିବାବେଳେ ପୁଅ ଗୁରୁତର ଆହତ ହୋଇଛନ୍ତି। ମୃତା ମହିଳା ହେଲେ ପୁରୀ ଜିଲା କୃଷ୍ଣପ୍ରସାଦ ଥାନା ଅନ୍ତର୍ଗତ ବଡ଼ ଅଁଳ ଗ୍ରାମର ଅମୁଲି ଜେନା (୫୦)। ନାଭାଲ ଫାଣ୍ଡି ଅଧିକାରୀ ରବୀନ୍ଦ୍ରନାଥ ଗୌଡ଼ ପହଞ୍ଚି କଣ୍ଟେନରକୁ ଜବତ କରିବା ସହ ଡ୍ରାଇଭରଙ୍କୁ ଅଟକ ରଖିଛନ୍ତି। ବାଲୁଗାଁ ଥାନାରେ ଏକ ମାମଲା ୮୯/୨୪ ରୁଜୁ ହୋଇଛି।

## ଯୁବକଙ୍କ ଆତ୍ମହତ୍ୟା

ଭୁବନେଶ୍ୱର,୨୯।୨(ସୂର୍ଯ୍ୟକାନ୍ତ ବେହେରା)

ବଡଗଡ ଥାନା ଅନ୍ତର୍ଗତ ବ୍ଲକ କଲୋନୀରେ ଜଣେ ଯୁବକ ଆତ୍ମହତ୍ୟା କରିଛନ୍ତି। ବାଥରୁମ୍ ଭିତରେ ଗାମୁଛା ବେକରେ ଲଗାଇ ଆତ୍ମହତ୍ୟା କରିଛନ୍ତି । ମୃତ ଯୁବକ ହେଲେ ଦୁର୍ଗାପ୍ରସାଦ ମଲ୍ଲିକ (୨୫)। ତେବେ ଆତ୍ମହତ୍ୟାର ପ୍ରକୃତ କାରଣ ଜଣାପଡିନାହିଁ । ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି କ୍ୟାପିଟାଲ ହସ୍ପିଟାରେ ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଦୁର୍ଗା ଦୀର୍ଘଦିନ ଧରି ଏକ ରୋଗରେ ପୀଡିତ ଥିବାରୁ ସେ ଚିନ୍ତାରେ ଏଭଳି ପଦକ୍ଷେପ ନେଇଥିବା ପୋଲିସ ସନ୍ଦେହ କରିଛି। ତେଣୁ ଏକ ଅପମୃତ୍ୟୁ ମାମଲାର ରୁଜୁ କରି ଘଟଣାର ଅଧିକ ତଦନ୍ତ ଜାରି ରଖିଛି ପୋଲିସ।

# ଘରେ ରହି ପ୍ରେମ କଲେ, ସାଙ୍ଗରେ ନ ଯିବାରୁ ଛୁରି ଭୁସିଥିଲେ

**ଗୀତାଞ୍ଜଳି ହତ୍ୟାକାଣ୍ଡ**

**ଅଭିଯୁକ୍ତ କାଲୁଙ୍କୁ ଖୋଜୁଛି ପୋଲିସ**

ଭୁବନେଶ୍ୱର,୨୯।୨(ସତ୍ୟଜିତ୍ ରାଉତ)



ରାଜଧାନୀରେ ଏକତରଫା ପ୍ରେମରୁ ମହିଳାଙ୍କୁ ହତ୍ୟା ଘଟଣାକୁ ନେଇ ଚର୍ଚ୍ଚା ଲାଗି ରହିଛି। କ୍ୟାପିଟାଲ ଥାନା ଅନ୍ତର୍ଗତ ବାପୁଜୀନଗରରେ ରହୁଥିବା ବାଲେଶ୍ୱର ଜିଲା ଜଳେଶ୍ୱର ବ୍ଲକ୍ ଗୋପୀମୋହନପୁର ପଞ୍ଚାୟତ ଛଅମଉଜ ଗ୍ରାମର ଗୀତାଞ୍ଜଳି ରଣଜିତ୍ ଓରଫ ଦୀପିକା ରାଣୀ ହତ୍ୟା ମାମଲାର ଦୁଇଦିନ ପରେ ବି ପୋଲିସ ଅଭିଯୁକ୍ତ କାଲୁଙ୍କୁ ଧରିପାରି ନାହିଁ। ହେଲେ ହତ୍ୟା ପଛର ରହସ୍ୟ ପାଇଛି ପୋଲିସ। କାଲୁ ଗୀତାଞ୍ଜଳିଙ୍କ ଘରେ ରହିବା ସହ ତାଙ୍କୁ ପ୍ରେମ କରୁଥିଲେ। ତାଙ୍କ ସହ ଫେରାର ହୋଇଯିବାକୁ ଗୀତାଞ୍ଜଳି ରାଜି ନ ହେବାରୁ ଏଥିରେ ଉତ୍ୟକ୍ତ ହୋଇ କାଲୁ ତାଙ୍କୁ ହତ୍ୟା କରିଥିଲେ ବୋଲି ପୋଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି। ଗୁରୁବାର ଝରଣା ସାହିସ୍ଥିତ ହତ୍ୟାକାଣ୍ଡ ସ୍ଥଳରେ ପୋଲିସ ଟିମ୍ ପହଞ୍ଚି ପଚରାଉଚରା କରିଥିଲା। ଏଥିସହ ସାଇଣ୍ଟିଫିକ୍ ଟିମ୍ ମଧ୍ୟ ସେଠାରୁ ବିଭିନ୍ନ ନମୁନା ସଂଗ୍ରହ କରିଛି। ଗୀତାଞ୍ଜଳି ୪ବର୍ଷ ତଳେ କୁଞ୍ଜବିହାରୀ ଦତ୍ତଙ୍କୁ ବିବାହ କରିଥିଲେ। ସେମାନଙ୍କର ୩ ବର୍ଷର ଝିଅଟିଏ ଅଛି। ୨୦୨୩ ମାର୍ଚ୍ଚରେ କୁଞ୍ଜବିହାରୀଙ୍କ ସ୍ୱାସ୍ଥ୍ୟ ଖରାପ ହେବାରୁ ସେ ବାଲେଶ୍ୱର ମେଡିକାଲରେ ଭର୍ତ୍ତି ହୋଇଥିଲେ। ଏହି ସମୟରେ ଗୀତାଞ୍ଜଳି ଘରୁ ଚାଲିଯାଇ ପାଖ ଖରିଦା ଗାଁର ଜଣେ ଯୁବକଙ୍କୁ ବିବାହ କରିଥିବା ଚର୍ଚ୍ଚା ହୋଇଥିଲା। କୁଞ୍ଜବିହାରୀ ସୁସ୍ଥ ହୋଇ ଘରକୁ ଫେରିବା ପରେ ତାଙ୍କ ସ୍ତ୍ରୀଙ୍କୁ ଘରକୁ ଆଣିଥିଲେ। ହେଲେ ପରିବାର ଲୋକେ ଗୀତାଞ୍ଜଳିଙ୍କୁ ବିରୋଧ କରିଥିଲେ। କୁଞ୍ଜବିହାରୀ ତାଙ୍କ ସ୍ତ୍ରୀ ଓ ଝିଅଙ୍କୁ ନେଇ କିଛିମାସ ହେବ ଭୁବନେଶ୍ୱର ଚାଲିଆସି ବାପୁଜୀନଗରରେ ଏକ ମୋବାଇଲ୍ ରିପେୟାରିଂ ଦୋକାନ କରିଥିଲେ। ସେମାନେ ଝରଣାସାହିରେ ଘରଭଡା ନେଇ ରହୁଥିଲେ। ତେବେ କାଲୁ ତାଙ୍କ ମୋବାଇଲ ଦୋକାନର କାଠ କାମ କରୁଥିବାବେଳେ ୨୦ ଦିନ ହେବ କୁଞ୍ଜବିହାରୀଙ୍କ ଘରେ ରହୁଥିଲେ। ଏହି ସମୟରେ ଗୀତାଞ୍ଜଳିଙ୍କୁ କାଲୁ ଏକତରଫା ପ୍ରେମ କରିଥିଲେ। ମଙ୍ଗଳବାର ସନ୍ଧ୍ୟାରେ କୁଞ୍ଜବିହାରୀ ଦୋକାନରେ ଥିବାବେଳେ ଗୀତାଞ୍ଜଳିଙ୍କୁ ନେଇଯିବାକୁ କାଲୁ ବାଧ କରିଥିଲେ। ଗୀତାଞ୍ଜଳି ରାଜି ନ ହେବାରୁ କାଲୁ ଛୁରି ଭୁସି ଫେରାର ହୋଇଯାଇଥିଲେ। କଟକ ଏସ୍‌ସିବି ମେଡିକାଲରେ ବୁଧବାର ଗୀତାଞ୍ଜଳିଙ୍କ ମୃତ୍ୟୁ ହୋଇଥିଲା।

## ଆଇଜିକେସି ପକ୍ଷରୁ ସ୍ୱାସ୍ଥ୍ୟ ଶିବିର



ଭୁବନେଶ୍ୱର,୨୯।୨ (ଅନୁରାଧା ମହାରଣା)

ଆଇଜିକେସି ମଲ୍ଟି ସ୍ପେଶାଲିଟି ହସ୍ପିଟାଲ୍ ଓ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ପୁରୀଠାରେ ଏକ ସ୍ୱାସ୍ଥ୍ୟ ଶିବିର ଆୟୋଜନ କରାଯାଇଥିଲା। ନୀଳାଦ୍ରି ଭକ୍ତ ନିବାସଠାରେ ଆୟୋଜିତ ଏହି ଶିବିରରେ ଶ୍ରୀମନ୍ଦିର କର୍ମଚାରୀ, ସେବାୟତ ଓ ତାଙ୍କ ପରିବାର ଲୋକଙ୍କର ମାଗଣାରେ ସ୍ୱାସ୍ଥ୍ୟ ପରୀକ୍ଷା କରାଯିବା ସହିତ ଔଷଧ ମଧ୍ୟ ଦିଆଯାଇଥିଲା। ଏହି ସ୍ୱାସ୍ଥ୍ୟ ଶିବିରରେ ଆଇଜିକେସି ହସ୍ପିଟାଲର ଅଭିଜ୍ଞ ହୃଦ୍‌ରୋଗ ବିଶେଷଜ୍ଞ, କିଡ୍‌ନୀରୋଗ ବିଶେଷଜ୍ଞ, ପେଟ ଓ ଯକୃତ ରୋଗ ବିଶେଷଜ୍ଞ, ଇଏନ୍‌ଟି ବିଶେଷଜ୍ଞମାନେ ଶତାଧିକ ଲୋକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ହସ୍ପିଟାଲ ପକ୍ଷରୁ ଆଗାମୀ ଦିନରେ ଓଡ଼ିଶାର ବିଭିନ୍ନ ସ୍ଥାନରେ ଏଭଳି ମାଗଣା ସ୍ୱାସ୍ଥ୍ୟ ଶିବିର ଆୟୋଜନ କରାଯାଇ ଲୋକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯିବା ସହିତ ସୁସ୍ଥ ଓ ନୀରୋଗ ଜୀବନ ପାଇଁ ଜନସଚେତନତା ସୃଷ୍ଟି କରାଯିବ ବୋଲି ହସ୍ପିଟାଲ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି।

## ସରିଲା ଖଣ୍ଡଗିରି ଯାତ୍ରା ମହାସମର

ଭୁବନେଶ୍ୱର, ୨୯।୨ (ବନ୍ଦନା ସେଠୀ)

ନୃତ୍ୟ, ଗୀତ ସାଙ୍ଗକୁ ମନଛୁଆଁ କାହାଣୀ ଓ ଦମ୍‌ଦାର୍ ଡାଏଲଗ୍‌ରେ ସରିଲା ଖଣ୍ଡଗିରି ଯାତ୍ରା ମହାକୁମ୍ଭ। ୧୮ତାରିଖରୁ ଆରମ୍ଭ ହୋଇଥିବା ସଂଳାପ, ଅଭିନୟ ସାଙ୍ଗକୁ ମନୋରଞ୍ଜନର ଏହି କୁହୁକମେଳାର ଗୁରୁବାର ଥିଲା ଶେଷ ରଜନୀ। ଶେଷ ରାତିରେ ଯାତ୍ରା ଦେଖିବାକୁ ଲୋକଙ୍କ ମଧ୍ୟରେ ଉତ୍କଣ୍ଠା ଦେଖିବାକୁ ମିଳିଥିଲା। କେବଳ ରାଜଧାନୀ ନୁହେଁ, ପୁରୀ, କଟକ ଓ ଖୋର୍ଦ୍ଧା ସମେତ ଆଖପାଖ ଅଞ୍ଚଳରୁ ମଧ୍ୟ ଯାତ୍ରାପ୍ରେମୀଙ୍କ ଭିଡ଼ ଲାଗି ରହିଥିଲା। ପୁଣି ବର୍ଷକ ପରେ ଖଣ୍ଡଗିରି କୁମ୍ଭମେଳାକୁ ଅପେକ୍ଷା କରିବାକୁ ପଡିବ ବୋଲି ଅନେକ ଯାତ୍ରାପ୍ରେମୀ ଭାବପ୍ରବଣ ହୋଇପଡିଥିଲେ।

ସାଧାରଣତଃ ଶେଷ ରାତିରେ ଯାତ୍ରାପାର୍ଟି ପୁରୁଣା ବହିକୁ ରିପିଟ୍ କରିଥାନ୍ତି। ମାତ୍ର ଅନ୍ତିମ ରାତିରେ ଶିବାନୀ ନିଜର ବହି ବଦଳାଇ ‘ମଝି ଦରିଆରେ କନକ ଗୋରୀ’ ନାଟକ ମଞ୍ଚସ୍ଥ କରିଥିଲା। ଅପରପକ୍ଷେ ତୁଳସୀ ପୁଣିଥରେ ‘ଅଧରାତିର ସାଥୀ’ ରିପିଟ୍ କରିଥିଲା। ସେହିପରି ସ୍ୱର୍ଣ୍ଣମହଲରେ ସେହି ଚର୍ଚ୍ଚିତ ନାଟକ ‘କେତେ ଦୁଃଖ ଦେବୁ ଦେରେ କାଳିଆ’ ମଞ୍ଚସ୍ଥ ହୋଇଥିଲା। ସୂର୍ଯ୍ୟମନ୍ଦିରର ‘ହାତ ଧରି ବାଟ ଚାଲୁଥିବା’ ଓ ରଙ୍ଗମହଲରେ ‘ମୁଁ ଗୋଟେ ଝିଅର ବାପା’, ସ୍ୱପ୍ନ ମହଲରେ ‘କେତେ କାନ୍ଦିବୁରେ ଗଉରା ଦାସ’ ମଞ୍ଚସ୍ଥ ହୋଇଥିଲା।



## ‘ଏନ୍‌ସିସି କ୍ୟାଡେଟ୍‌ଙ୍କ ପ୍ରଦର୍ଶନ ପ୍ରଶଂସନୀୟ’



ଏନ୍‌ସିସି କ୍ୟାଡେଟ୍‌ଙ୍କ ସହ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକଙ୍କ ସହ ଅନ୍ୟମାନେ।

ଭୁବନେଶ୍ୱର, ୨୯।୨(ଅସମାପିକା ସାହୁ)

ଦିଲ୍ଲୀଠାରେ ଅନୁଷ୍ଠିତ ସାଧାରଣତନ୍ତ୍ର ଦିବସ କ୍ୟାମ୍ପ-୨୦୨୪ରେ ସ୍ୱର୍ଣ୍ଣ, ରୌପ୍ୟ ଓ ବ୍ରୋଞ୍ଜ ପଦକ ଜିତିଥିବା ଓଡ଼ିଶାର ଏନ୍‌ସିସି କ୍ୟାଡେଟ୍‌ମାନଙ୍କୁ ଗୁରୁବାର ଉଚ୍ଚଶିକ୍ଷା ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ ସମ୍ବର୍ଦ୍ଧିତ କରିଛନ୍ତି। ଲୋକସେବା ଭବନସ୍ଥିତ ସରକାରୀ ପ୍ରକୋଷ୍ଠରେ ଆୟୋଜିତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ମନ୍ତ୍ରୀ ନାୟକ ମୁଖ୍ୟ ଅତିଥିଭାବେ ଯୋଗଦେଇ କ୍ୟାଡେଟ୍‌ଙ୍କ ପ୍ରଦର୍ଶନ ପ୍ରଶଂସନୀୟ ବୋଲି କହିଥିଲେ। ଉକ୍ତ କ୍ୟାମ୍ପରେ ଅଂଶଗ୍ରହଣ କରିଥିବା ତିନିଜଣ ଏନ୍‌ସିସି କ୍ୟାଡେଟ୍ ଅନ୍ୟ କ୍ୟାଡେଟ୍‌ଙ୍କ ପାଇଁ ଏକ ଉଜ୍ଜ୍ୱଳ ଦୃଷ୍ଟାନ୍ତ ସୃଷ୍ଟି କରିଛନ୍ତି ବୋଲି ମନ୍ତ୍ରୀ ମତପ୍ରକାଶ କରିଥିଲେ। ସୂଚନାଯୋଗ୍ୟ, ସିନିୟର ଅଣ୍ଡର ଅଫିସର ସାହିଲ କୁମାର ସ୍ୱାଇଁ, ଜୁନିୟର ଅଣ୍ଡର ଅଫିସର ଆର୍ଯ୍ୟନନ୍ଦିନୀ ବେହେରା ଓ କ୍ୟାଡେଟ୍ ସୂର୍ଯ୍ୟଶଙ୍କର ରାୟ ଉକ୍ତ ସାଧାରଣତନ୍ତ୍ର ଦିବସ କ୍ୟାମ୍ପରେ ଅଂଶଗ୍ରହଣ କରି ବ୍ୟକ୍ତିଗତ ଉତ୍କର୍ଷ ହାସଲ କରି ଗୋଟିଏ ସ୍ୱର୍ଣ୍ଣ, ଗୋଟିଏ ରୌପ୍ୟ ଏବଂ ତିନିଟି ବ୍ରୋଞ୍ଜ ପଦକ ଜିତିଛନ୍ତି। କଟକସ୍ଥିତ ଏନ୍‌ସିସି ଗ୍ରୁପ୍ କମାଣ୍ଡର କର୍ଣ୍ଣେଲ ସତ୍ୟବ୍ରତ ସ୍ୱାଇଁ ଓ ଆର୍‌ଆଣ୍ଡଭି ୱାନ ଓଡ଼ିଶା ସ୍କ୍ୱାଡ୍ରନର କମାଣ୍ଡିଂ ଅଫିସର କର୍ଣ୍ଣେଲ ପି. ଦୀନଦୟାଲଙ୍କ ମାର୍ଗଦର୍ଶନରେ ସେମାନେ ଏହି ସଫଳତା ପାଇଥିଲେ। ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଉଚ୍ଚଶିକ୍ଷା ସଚିବ ଅରବିନ୍ଦ ଅଗ୍ରୱାଲ ଓ ବିଭାଗୀୟ ନିର୍ଦ୍ଦେଶକ ଭବାନୀ ଶଙ୍କର ଚୟିନୀ ଉପସ୍ଥିତ ଥିଲେ।

## ଉତ୍କଳ ହସ୍ପିଟାଲ ପକ୍ଷରୁ ଚକ୍ଷୁ ଚିକିତ୍ସା ଶିବିର

ଭୁବନେଶ୍ୱର,୨୯।୨(ଅନୁରାଧା ମହାରଣା)

ଭୁବନେଶ୍ୱର ନୀଳାଦ୍ରି ବିହାରସ୍ଥିତ ଉତ୍କଳ ହସ୍ପିଟାଲର ପକ୍ଷରୁ ଏକ ମାଗଣା ଚକ୍ଷୁ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି। ରସୁଲଗଡସ୍ଥିତ ସ୍ୱପ୍ନ ମନ୍ଦିର ବୃଦ୍ଧାଶ୍ରମରେ ଅନୁଷ୍ଠିତ ଏହି ଶିବିରରେ ୨୦ ଜଣ ଅନ୍ତେବାସୀଙ୍କ ଚକ୍ଷୁ ପରୀକ୍ଷା କରାଯାଇ ଆବଶ୍ୟକ ଔଷଧ ଉପକରଣ ଯୋଗାଇ ଦିଆଯାଇଥିଲା। ଅଧିକ ଚିକିତ୍ସା ପାଇଁ କେତେଜଣ ରୋଗୀଙ୍କୁ ଉତ୍କଳ ହସ୍ପିଟାଲର ଅଣାଯାଇ ଚିକିତ୍ସା ପ୍ରଦାନ କରାଯାଇଛି। ଶିବିରରେ ଉତ୍କଳ ହସ୍ପିଟାଲର ସିନିୟର କନସଲ୍ଟାଣ୍ଟ ଅପ୍‌ଥାମୋଲୋଜିଷ୍ଟ ଡ. ପ୍ରତିଭା ମିଶ୍ର ସେବା ପ୍ରଦାନ କରିଥିଲେ। ଶିବିରରେ ସ୍ୱପ୍ନ ମନ୍ଦିରର ପ୍ରତିଷ୍ଠାତା ତଥା ନିର୍ଦ୍ଦେଶକ ପ୍ରୀତମ ମିଶ୍ର ଉତ୍କଳ ହସ୍ପିଟାଲର ଚେୟାରମ୍ୟାନ ଡ. ଆଦିତ୍ୟ ସାମଲଙ୍କ ସମେତ ଅନ୍ୟ ଡ଼ାକ୍ତର ଓ କର୍ମଚାରୀଙ୍କୁ କୃତଜ୍ଞତା ଜଣାଇଥିଲେ।




## ‘ଲୋକଙ୍କୁ ସାଙ୍ଗରେ ନେଲେ ପରିବର୍ତ୍ତନ ସମ୍ଭବ’

**ଜାତି ନନ୍ଦିଘୋଷ କନ୍‌କ୍ଲେଭ-୨୦୨୪**

ଭୁବନେଶ୍ୱର, ୨୯।୨(ଅସମାପିକା ସାହୁ)



ମିତେଶ ଖ୍ୱମ୍‌ଜୀଙ୍କୁ ସମ୍ମାନିତ କରାଯାଉଛି।

ବିଗତ ୨୪ବର୍ଷ ମଧ୍ୟରେ ଓଡ଼ିଶାର ଅଗ୍ରଗତି ଅକଳ୍ପନୀୟ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ଓଡ଼ିଶା ଦେଶର ଅନ୍ୟତମ ଶ୍ରେଷ୍ଠ ରାଜ୍ୟରେ ପରିଣତ ହୋଇଛି। ଆଗାମୀ ୧୨ବର୍ଷ ରାଜ୍ୟରେ ଆର୍ଥିକ ପରିବର୍ତ୍ତନର ହାର ୩ଗୁଣ ବଢ଼ିବ। ଲୋକଙ୍କୁ ସାଙ୍ଗରେ ନେଇ ଯେପରି ଚାଇନାରେ ପରିବର୍ତ୍ତନ ହୋଇପାରିଲା, ଓଡ଼ିଶାର ଲୋକଙ୍କୁ ସାଙ୍ଗରେ ନେଇ କାମ କଲେ ପରିବର୍ତ୍ତନ ସମ୍ଭବ ହୋଇପାରିବ ବୋଲି ଏକାମ୍ର ପ୍ରକଳ୍ପ ଉପଦେଷ୍ଟା ତଥା ଆଦିତ୍ୟ ବିର୍ଲା କମ୍ପାନୀର ପୂର୍ବତନ ଗ୍ଲୋବାଲ ସିଇଓ ଡ. ସଂତୃପ୍ତ ମିଶ୍ର କହିଛନ୍ତି। ‘ନନ୍ଦିଘୋଷ ଟିଭି’ ପକ୍ଷରୁ ଗୁରୁବାର ସ୍ଥାନୀୟ ଏକ ହୋଟେଲରେ ଆୟୋଜିତ ‘ଜାତି ନନ୍ଦିଘୋଷ କନ୍‌କ୍ଲେଭ’ରେ ସଂତୃପ୍ତ ମୁଖ୍ୟ ଅତିଥି ଭାବେ ଯୋଗଦେଇ ‘ଭିଜନ ୨୦୩୬’ ଉପରେ ଆଲୋକପାତ କରିଥିଲେ। ସ୍ୱତନ୍ତ୍ର ଓଡ଼ିଶା ଗଠନର ଶହେବର୍ଷ ପୂରଣ ବେଳକୁ ଓଡ଼ିଶାର ସମ୍ଭାବ୍ୟ ଚିତ୍ର ଉପସ୍ଥାପନ କରିବା ସହ ଓଡ଼ିଶା ଶୀର୍ଷ ସମୃଦ୍ଧ ରାଜ୍ୟରେ ପରିଣତ ହେବ ବୋଲି ସେ କହିଥିଲେ। ରାଜ୍ୟ ସଭା ସଦସ୍ୟ ତଥା ‘ନନ୍ଦିଘୋଷ ଟିଭି’ ଓ ‘ସକାଳ’ ପରିବାରର ମୁଖ୍ୟ ମାନସ ମଙ୍ଗରାଜ ଗତ ୪ବର୍ଷର ଯାତ୍ରା ସମ୍ପର୍କରେ ସମ୍ୟକ ସୂଚନା ଦେଇଛନ୍ତି। ନନ୍ଦିଘୋଷ ସିଓଓ ଜବର ସିଂ ପନୱାର ଅତିଥି ପରିଚୟ ଦେଇଥିଲେ। ନନ୍ଦିଘୋଷ ଟିଭିର ସମ୍ପାଦକ ଶିଶିର କୁମାର ଭଞ୍ଜମିଶ୍ର କାର୍ଯ୍ୟକ୍ରମ ଓ ଆଗାମୀ ଓଡ଼ିଶାର ରୂପରେଖ ସଂକ୍ରାନ୍ତରେ ଆଲୋଚନା କରିଥିଲେ। ଏହି ଅବସରରେ ବିଶିଷ୍ଟ ବ୍ୟକ୍ତି ବିଶେଷଙ୍କୁ ସମ୍ମାନିତ କରାଯାଇଥିଲା। ‘ସକାଳ’ର ସମ୍ପାଦକ ଡ. ଉମାକାନ୍ତ ମିଶ୍ର, ସିଇଓ ସୁବ୍ରତ ଦାସ, ପ୍ରକାଶକ ଅମିତ୍ ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ।

## ପୋଲିସ ଡିସ୍‌କ୍ରେସନ୍ ଇନ୍ ଇଣ୍ଡିଆ: ଲିଗାଲ ଆଣ୍ଡ ଏକ୍ସ୍ଟ୍ରା ଲିଗାଲ ଫାକ୍ଟର୍ସ ପୁସ୍ତକ ଉନ୍ମୋଚିତ

କଟକ,୨୯।୨ (କାର୍ତ୍ତିକ ସାହୁ)- କଟକସ୍ଥିତ ଜାତୀୟ ଆଇନ ବିଶ୍ୱବିଦ୍ୟାଳୟ ସମ୍ମିଳନୀ କକ୍ଷରେ ପୂର୍ବତନ ବରିଷ୍ଠ ପୋଲିସ ଅଧିକାରୀ ଡ. ସତ୍ୟଜିତ୍ ମହାନ୍ତିଙ୍କ ଲିଖିତ ଇଂଲିଶ ପୁସ୍ତକ ପୋଲିସ ଡିସ୍‌କ୍ରେସନ୍ ଇନ୍ ଇଣ୍ଡିଆ: ଲିଗାଲ ଆଣ୍ଡ ଏକ୍ସ୍ଟ୍ରା ଲିଗାଲ ଫାକ୍ଟର୍ସ ଗୁରୁବାର ଉନ୍ମୋଚିତ ହୋଇଯାଇଛି। ଏଥିରେ ବିଶ୍ୱବିଦ୍ୟାଳୟ କୁଳପତି ବେଦ୍ କୁମାରୀ ଉପସ୍ଥିତ ଥିଲେ। ସେଣ୍ଟର ଫର୍ କ୍ରିମିନାଲ ଜଷ୍ଟିସ ଏବଂ ବିଶ୍ୱବିଦ୍ୟାଳୟର ଇଣ୍ଟରନାଲ କ୍ୱାଲିଟି ଆସ୍ୟୁରାନ୍ସ ସେଲ୍ ପକ୍ଷରୁ ଏହି ଉତ୍ସବ ଆୟୋଜିତ ହୋଇଥିଲା। ରାଉତଲେଜ୍ ପ୍ରକାଶନୀ ସଂସ୍ଥା ପକ୍ଷରୁ ପୁସ୍ତକଟି ପ୍ରକାଶିତ ହୋଇଥିଲା। ଲେଖକ ଡ. ମହାନ୍ତି ପୁସ୍ତକର ଉନ୍ମୋଚନ କରି ପୁସ୍ତକରେ ଥିବା ବିଭିନ୍ନ ଆଇନ, ନ୍ୟାୟ ବ୍ୟବସ୍ଥା, ପୋଲିସର କାର୍ଯ୍ୟକଳାପ, ମାନବାଧିକାର କର୍ମୀ ଆଦି ବହୁ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗକୁ ସ୍ଥାନିତ କରିଥିବା କହିଥିଲେ। ଏଥିରେ ବିଶ୍ୱବିଦ୍ୟାଳୟର ଛାତ୍ରୀଛାତ୍ର, ଅଧ୍ୟାପିକା, ଅଧ୍ୟାପକଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

## ମଦକୁ ବିରୋଧ କରି ଥାନା ଘେରିଲେ ମହିଳା



ବାଲିପାଟଣା,୨୯।୨(ଅଭିମନ୍ୟୁ ନାୟକ)

ଗ୍ରାମରେ ବେଆଇନ ମଦ ବିକ୍ରି ବନ୍ଦ ଦାବିରେ ଗୁରୁବାର ମହିଳାମାନେ ବାଲିପାଟଣା ଥାନା ଘେରାଉ କରିଛନ୍ତି। ଏଥିସହ ବାଲିପାଟଣା ଥାନା ଅଧିକାରୀଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଦାବି ପୂରଣ ନ ହେଲେ ଆଗକୁ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି। ଅଭିଯୋଗ ଅନୁଯାୟୀ, ବାଲିପାଟଣା ବ୍ଲକ ଅଧୀନ ଅଚ୍ୟୁତପୁର ଗାଁରେ ଦୀର୍ଘ ଦିନ ହେବ ବେଆଇନ ଭାବେ ମଦ ବିକ୍ରି ହେଉଛି। ଫଳରେ ଲୋକେ ପ୍ରତ୍ୟେକ ଦିନ ମଦ ପିଇ ଗ୍ରାମରେ ଓ ଘରେ ବିଶୃଙ୍ଖଳା ସୃଷ୍ଟି କରୁଛନ୍ତି। ମଦ ବେପାରୀଙ୍କୁ ବିରୋଧ କଲେ ଖୋଲା ଧମକ ମିଳୁଛି। ଏନେଇ ଗ୍ରାମବାସୀ ପୋଲିସ ପ୍ରଶାସନ ପାଖରେ ବାରମ୍ବାର ଅଭିଯୋଗ କରିଥିଲେ ମଧ୍ୟ ଏ ପର୍ଯ୍ୟନ୍ତ ସମସ୍ୟା ସମାଧାନ ହୋଇ ନ ଥିବା କହିଛନ୍ତି। ତେଣୁ ଗ୍ରାମର ଶତାଧିକ ମହିଳା ଏକାଠି ହୋଇ ବାଲିପାଟଣା ଥାନା ଘେରାଉ କରି ଶୀଘ୍ର ମଦ ବିକ୍ରି ବନ୍ଦ କରିବାକୁ ଦାବି କରିଥିଲେ। ଏନେଇ ବାଲିପାଟଣା ଥାନା ଅଧିକାରୀ ସୂର୍ଯ୍ୟ ନାରାୟଣ ପାଢ଼ୀଙ୍କୁ ପଚାରିବାରେ, ଏହି ବେଆଇନ ମଦ ବେପାରରେ ଯେଉଁମାନେ ସମ୍ପୃକ୍ତ ଅଛନ୍ତି ଆଗାମୀ ଦିନରେ ସେମାନଙ୍କୁ ଗିରଫ କରାଯିବ ବୋଲି କହିଥିଲେ।




ଉତ୍କଳ ବିଶ୍ୱବିଦ୍ୟାଳୟର ୫୩ତମ ସମାବର୍ତ୍ତନ ଉତ୍ସବରେ ଯୋଗଦେବା ଅବସରରେ ସମ୍ବର୍ଦ୍ଧିତ ବ୍ୟକ୍ତିତ୍ୱ ଓ ଛାତ୍ରୀଛାତ୍ରଙ୍କ ସହ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ।

## ଯଶପଡ଼ା ପଞ୍ଚାୟତରେ ଆମ ବ୍ୟାଙ୍କ ଉଦ୍ଘାଟିତ

କଟକ ସଦର,(ସୁଶାନ୍ତ କୁମାର ଜେନା): କଟକ ସଦର ବ୍ଲକ ଅନ୍ତର୍ଗତ ଯଶପଡ଼ା ପଞ୍ଚାୟତରେ ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ ଶାଖା ଗୁରୁବାର ଉଦ୍ଘାଟିତ ହୋଇଯାଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଭାସି ମାଧମରେ ଏହାକୁ ଉଦ୍ଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ସରପଞ୍ଚ ମିନତି ସେଠୀ, ନାଏବ ସରପଞ୍ଚ ଯମୁନା ମୁର୍ମୁ, ଶାଖା ପରିଚାଳକ ପୁଷ୍ପାଞ୍ଜଳି ବେହେରା, କାର୍ଯ୍ୟ ନିର୍ବାହୀ ଅଧିକାରୀ ଅଜୟ କୁମାର ସେଠୀ, ଜିଆର୍ଏସ୍ ତୁଷାରକାନ୍ତ ପ୍ରଧାନଙ୍କ ସମେତ ୱାର୍ଡ ସଭ୍ୟାସଭ୍ୟ ଉପସ୍ଥିତ ଥିଲେ।

# ରାଷ୍ଟ୍ରପତିଙ୍କ ଗସ୍ତ ପାଇଁ କଡ଼ା ସୁରକ୍ଷା

କଟକ,୨୯।୨ (କାର୍ତ୍ତିକ ସାହୁ)

କଟକସ୍ଥିତ ଜବାହରଲାଲ ଇନ୍‌ଡୋର ଷ୍ଟାଡିୟମଠାରେ ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ଓଡ଼ିଶାର ସୁବର୍ଣ୍ଣ ଜୟନ୍ତୀ ସମାରୋହ ଶୁକ୍ରବାର ଅନୁଷ୍ଠିତ ହେବ। ଏଥିରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଯୋଗଦେବେ। ତେବେ ରାଷ୍ଟ୍ରପତିଙ୍କ କଟକ ଗସ୍ତର ଅବ୍ୟବହିତ ପୂର୍ବରୁ କମିଶନରେଟ୍ ପୋଲିସ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଛି। ଗୁରୁବାର ପୋଲିସ ଅଧିକାରୀମାନଙ୍କୁ ନେଇ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଇନ୍‌ଡୋର ଷ୍ଟାଡିୟମଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପୋଲିସ କମିଶନର ସଞ୍ଜୀବ ପଣ୍ଡା ଓ କଟକ ଡିସିପି କନୱର ବିଶାଲ ସିଂ ଯୋଗଦେଇ ଉପସ୍ଥିତ ପୋଲିସ ଅଧିକାରୀଙ୍କୁ ସୁରକ୍ଷା ଦାୟିତ୍ୱ ସମ୍ପର୍କରେ ବୁଝାଇଥିଲେ।

ରାଷ୍ଟ୍ରପତିଙ୍କ ଗସ୍ତ ପାଇଁ ମୋଟ୍ ୨୫ ପ୍ଲାଟୁନ ଫୋର୍ସ ନିୟୋଜନ ରହିବେ। ଅତିରିକ୍ତ ଏସ୍‌ପି ର୍ୟାଙ୍କର ୪ ଜଣ, ଏସିପି/ଡିଏସ୍‌ପି ର୍ୟାଙ୍କର ୧୧ ଜଣ, ୨୪ ଜଣ ଇନ୍‌ସ୍ପେକ୍ଟର ଓ ୭୯ ଜଣ ଏସ୍‌ଆଇ ସୁରକ୍ଷା ଦାୟିତ୍ୱରେ ରହିବେ। ଏହାବାଦ୍ ଅତିରିକ୍ତ ୮ ପ୍ଲାଟୁନ୍ ରିଜର୍ଭ ଫୋର୍ସକୁ ଜରୁରିକାଳୀନ ଦାୟିତ୍ୱରେ ରଖାଯିବ। ଡଗ୍ ସ୍କ୍ୱାଡ୍, ବମ୍ ସ୍କ୍ୱାଡ୍ ଓ ସ୍ପେଶାଲ ଟାକଟିକାଲ ୟୁନିଟ୍‌କୁ ମଧ୍ୟ ସଜାଗ ରଖାଯିବ।



ବୈଠକରେ ଉପସ୍ଥିତ ପୋଲିସ ଅଧିକାରୀମାନେ।

- ନିୟୋଜନ ହେବେ ୨୫ ପ୍ଲାଟୁନ୍ ଫୋର୍ସ
- ଡଗ୍ ସ୍କ୍ୱାଡ୍, ବମ୍ ସ୍କ୍ୱାଡ୍, ସ୍ପେଶାଲ ଟାକଟିକାଲ ୟୁନିଟ୍ ସଜାଗ
- କାର୍ଯ୍ୟକ୍ରମ ସ୍ଥଳରେ ସ୍ୱତନ୍ତ୍ର ଅଗ୍ନିଶମ ୟୁନିଟ୍
- ଜରୁରୀ ପରିସ୍ଥିତିରେ ଗ୍ରୀନ୍ କରିଡର
- ଚିକିତ୍ସା ପାଇଁ ୨ ମେଡିକାଲରେ ବେଡ୍ ପ୍ରସ୍ତୁତ

ସୁରକ୍ଷା ବ୍ୟବସ୍ଥାକୁ ୩ଟି ଶ୍ରେଣୀରେ ଭାଗ କରାଯାଇଛି। ରାଷ୍ଟ୍ରପତିଙ୍କ କାର୍‌କେଡ୍, କାର୍ଯ୍ୟକ୍ରମ ସ୍ଥଳ, ରୁଟ୍ ଲାଇନିଂରେ ଫୋର୍ସ ସହ ପୋଲିସ ଅଧିକାରୀ ଡ୍ୟୁଟି କରିବେ। ସ୍ପେଶାଲ ଅପରେସନ ଗ୍ରୁପ(ଏସ୍‌ଓଜି)ର ୨ଟି ୟୁନିଟ୍‌ର ୨୩ ଜଣ ସଶସ୍ତ୍ର କମାଣ୍ଡୋ ମଧ୍ୟ କାର୍‌କେଡ୍‌ରେ ରହିବେ। ଡିସିପି ସମସ୍ତ ସୁରକ୍ଷା ବ୍ୟବସ୍ଥାର ତଦାରଖ କରିବେ। ଏହାବାଦ୍ ଅଗ୍ନିଶମ ବିଭାଗର ଏକ ସ୍ୱତନ୍ତ୍ର ୟୁନିଟ୍ ସହ ଦୁଇଟି ଦମକଳ ଗାଡ଼ି କାର୍ଯ୍ୟକ୍ରମ ସ୍ଥଳରେ ମହଜୁଦ୍ ରହିବ। କାର୍ଯ୍ୟକ୍ରମସ୍ଥଳରେ ଅଗ୍ନି ନିରାପତ୍ତା ବ୍ୟବସ୍ଥା ଯାଞ୍ଚକରି ଆୟୋଜକଙ୍କୁ ପ୍ରମାଣପତ୍ର ଦେବାକୁ ନିର୍ଦ୍ଦେଶ ଦିଆଯାଇଛି। ଯଦି ରାଷ୍ଟ୍ରପତିଙ୍କ ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ିବା ସମ୍ଭାବନା ଦେଖାଦିଏ ସେଥିପାଇଁ ଏସ୍‌ସିବି ମେଡିକାଲ ନିଆଯିବାକୁ ବ୍ୟବସ୍ଥା କରାଯାଇଛି। ଗୁରୁତ୍ୱର ପରିସ୍ଥିତିରେ ମର୍କତନଗରସ୍ଥିତ ଏକ ଘରୋଇ ହସ୍ପିଟାଲରେ ମଧ୍ୟ ଭର୍ତ୍ତି କରାଯିବାର ବ୍ୟବସ୍ଥା ହୋଇଛି। ଏଥିପାଇଁ ଦୁଇ ଚିକିତ୍ସାନୁଷ୍ଠାନରେ ଆବଶ୍ୟକ ବ୍ୟବସ୍ଥା ସହ ବେଡ୍ ସଂରକ୍ଷିତ ରହିଛି। ଆବଶ୍ୟକ ହେଲେ ଏହି ଦୁଇ ରୁଟ୍‌କୁ ଗ୍ରୀନ୍ କରିଡର ଭାବେ ବ୍ୟବହାର କରାଯିବ। ପୋଲିସ ମୁଖ୍ୟାଳୟ ଏଆଇଜି ଅମରେଶ ପଣ୍ଡାଙ୍କ ସମେତ ଏଡିସିପି ଅନିଲ ମିଶ୍ର, ସମସ୍ତ ଜୋନ୍ ଏସିପି ଓ ଆଇଆଇସିମାନେ ଉପସ୍ଥିତ ଥିଲେ।

ରାଷ୍ଟ୍ରପତିଙ୍କ ଗସ୍ତ ସମୟରେ ଫୁଲନଖରାରୁ ଇନ୍‌ଡୋର ଷ୍ଟାଡିୟମ ରାସ୍ତାରେ ଯେଭଳି ଟ୍ରାଫିକ ପରିସ୍ଥିତି ସୃଷ୍ଟି ନ ହୁଏ, ସେଥିପାଇଁ ପୋଲିସ ଅଧିକାରୀମାନଙ୍କୁ ପରାମର୍ଶ ଦିଆଯାଇଛି। ଆଇନ ଶୃଙ୍ଖଳା ସ୍ଥିତି ନିୟନ୍ତ୍ରଣରେ ରଖିବା ନିମନ୍ତେ ସମସ୍ତେ ଦାୟିତ୍ୱପୂର୍ଣ୍ଣ ଭାବେ ରହିବାକୁ ତାଗିଦା କରାଯାଇଛି। ଗସ୍ତସୂଚୀ ଅନୁସାରେ, ରାଷ୍ଟ୍ରପତି ରାଜଭବନରୁ କାର୍ ଯୋଗେ କଟକ ଆସିବେ। ଏଥିପାଇଁ କମିଶନରେଟ୍ ପୋଲିସ ପକ୍ଷରୁ ବୁଧବାର ଅପରାହ୍ଣରେ କାର୍‌କେଡ ରିହର୍ସାଲ କରାଯାଇଛି। କାର୍‌କେଡ୍ ରାଜଭବନରୁ ବାହାରି କଟକରେ ପହଞ୍ଚିବା ପରେ ଶିଖରପୁର ରିଂବନ୍ଧ ଦେଇ ଇନ୍‌ଡୋର ଷ୍ଟାଡିୟମ ଯାଏ ଆସିଥିଲା। ଗସ୍ତ ସମୟରେ ଅନୁରୂପ ବ୍ୟବସ୍ଥା କାର୍ଯ୍ୟକାରୀ ହେବ। କାର୍‌କେଡ୍‌ରେ ୩୫ଟି ଗାଡ଼ି ରହିବ। ଏହି ଗାଡ଼ିରେ ରାଷ୍ଟ୍ରପତି ଭବନ ଅଧିକାରୀ ଏବଂ ସୁରକ୍ଷା ଅଧିକାରୀ ରହିବେ।

## ହତ୍ୟା ମାମଲା: ଅଭିଯୁକ୍ତଙ୍କୁ ଆଜୀବନ କାରାଦଣ୍ଡ

କଟକ,୨୯।୨ (କାର୍ତ୍ତିକ ସାହୁ)

କଟକ ଦ୍ୱିତୀୟ ଅତିରିକ୍ତ ଜିଲା ଓ ଦୌରାଜଜ୍ ଏକ ହତ୍ୟା ମାମଲାରେ ଅଭିଯୁକ୍ତଙ୍କୁ ଆଜୀବନ କାରାଦଣ୍ଡ ସହ ୧୦,୦୦୦ ଟଙ୍କା ଜରିମାନା ପ୍ରଦାନ ପାଇଁ ଆଦେଶ ଦେଇଛନ୍ତି। ଜରିମାନା ଅନାଦାୟେ ଅଭିଯୁକ୍ତଙ୍କୁ ଅଧିକ ୧ ବର୍ଷ ଜେଲଦଣ୍ଡ ଭୋଗିବାକୁ ପଡ଼ିବ ବୋଲି କୋର୍ଟ ତାଙ୍କ ଆଦେଶରେ ସ୍ପଷ୍ଟ କରିଛନ୍ତି। ଅଭିଯୁକ୍ତ ଜଣଙ୍କ ହେଲେ ବାଙ୍କୀ ଅଧୀନ ମାଳବିହାରପୁରର ନନ୍ଦ ସରା ଓରଫ ରମେଶ ବେହେରା (୩୬)। ଅପରପକ୍ଷରେ ମୃତ ମହିଳାଙ୍କ ପରିବାରକୁ କ୍ଷତିପୂରଣ ପ୍ରଦାନ କରିବାକୁ କଟକ ଜିଲା ଆଇନସେବା ପ୍ରାଧିକରଣକୁ କୋର୍ଟ ଆଦେଶ ଦେଇଛନ୍ତି।

ସୂଚନା ଅନୁସାରେ, ୨୦୧୯ ମେ ୨୭ ତାରିଖରେ ମାଳବିହାରପୁର ଗ୍ରାମର ଲୁଲୁ ଖଟୁଆ ଓ ତାଙ୍କ ସାଙ୍ଗମାନେ ଗ୍ରାମର ସଞ୍ଜୟ ବେହେରାଙ୍କ ଛାତ ଉପରେ ଜନ୍ମଦିନ ପାଳନ କରୁଥିଲେ। ଏହି ସମୟରେ ଲୁଲୁଙ୍କ ମାଆ ମାମି ଖଟୁଆଙ୍କ କାନ୍ଦିବା ଶବ୍ଦ ସହ ଚିତ୍କାର ଶୁଣିବାକୁ ମିଳିଥିଲା। ତୁରନ୍ତ ଲୁଲୁ ଘଟଣାସ୍ଥଳରେ ପହଞ୍ଚିବାବେଳକୁ ମାମିଙ୍କୁ ଅଭିଯୁକ୍ତ ରମେଶ ଏକ ଟାଙ୍ଗିଆରେ ହାଣି ହତ୍ୟା କରିଥିବା ଦେଖିବାକୁ ପାଇଥିଲେ। ଏ ନେଇ ଲୁଲୁ ବାଙ୍କୀ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା ରୁଜୁ କରିବା ସହ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ୨୦୧୯ ସେପ୍ଟେମ୍ବର ୨୦ ତାରିଖରେ କୋର୍ଟରେ ପୋଲିସ ଅଭିଯୋଗ ଫର୍ଦ୍ଦ ଦାଖଲ କରିଥିଲା। କଟକ ଦ୍ୱିତୀୟ ଅତିରିକ୍ତ ଜିଲା ଓ ଦୌରାଜଜ୍ କୋର୍ଟରେ ମାମଲାର ଶୁଣାଣି ହୋଇ ରାୟ ପ୍ରକାଶ ପାଇଛି।

## ପୋଲିସ ଡିସ୍‌କ୍ରେସନ୍ ଇନ୍ ଇଣ୍ଡିଆ: ଲିଗାଲ ଆଣ୍ଡ ଏକ୍ସଟ୍ରା ଲିଗାଲ ଫାକ୍ଟର୍ସ ପୁସ୍ତକ ଉନ୍ମୋଚିତ



ପୁସ୍ତକ ଉନ୍ମୋଚନ କାର୍ଯ୍ୟକ୍ରମରେ ପୂର୍ବତନ ବରିଷ୍ଠ ପୋଲିସ ଅଧିକାରୀ ଡ. ସତ୍ୟଜିତ୍ ମହାନ୍ତି, କୁଳପତି ବେଦ୍ କୁମାରୀଙ୍କ ସମେତ ଅନ୍ୟମାନେ।

କଟକ,୨୯।୨ (କାର୍ତ୍ତିକ ସାହୁ)

କଟକସ୍ଥିତ ଜାତୀୟ ଆଇନ ବିଶ୍ୱବିଦ୍ୟାଳୟ ସମ୍ମିଳନୀ କକ୍ଷରେ ପୂର୍ବତନ ବରିଷ୍ଠ ପୋଲିସ ଅଧିକାରୀ ଡ. ସତ୍ୟଜିତ୍ ମହାନ୍ତିଙ୍କ ଲିଖିତ ଇଂଲିଶ ପୁସ୍ତକ ପୋଲିସ ଡିସ୍‌କ୍ରେସନ୍ ଇନ୍ ଇଣ୍ଡିଆ: ଲିଗାଲ ଆଣ୍ଡ୍ ଏକ୍ସଟ୍ରା ଲିଗାଲ ଫାକ୍ଟର୍ସ ଗୁରୁବାର ଉନ୍ମୋଚିତ ହୋଇଯାଇଛି। ଏଥିରେ ବିଶ୍ୱବିଦ୍ୟାଳୟ କୁଳପତି ବେଦ୍ କୁମାରୀ ଉପସ୍ଥିତ ଥିଲେ। ସେଣ୍ଟର ଫର୍ କ୍ରିମିନାଲ ଜଷ୍ଟିସ ଏବଂ ବିଶ୍ୱବିଦ୍ୟାଳୟର ଇଣ୍ଟରନାଲ କ୍ୱାଲିଟି ଆସ୍ୟୁରାନ୍ସ ସେଲ୍ ପକ୍ଷରୁ ଏହି ଉତ୍ସବ ଆୟୋଜିତ ହୋଇଥିଲା। ରାଉତଲେଜ୍ ପ୍ରକାଶନୀ ସଂସ୍ଥା ପକ୍ଷରୁ ପୁସ୍ତକଟି ପ୍ରକାଶିତ ହୋଇଥିଲା। ଲେଖକ ଡ. ମହାନ୍ତି ପୁସ୍ତକର ଉନ୍ମୋଚନ କରି ପୁସ୍ତକରେ ଥିବା ବିଭିନ୍ନ ଆଇନ, ନ୍ୟାୟ ବ୍ୟବସ୍ଥା, ପୋଲିସର କାର୍ଯ୍ୟକଳାପ, ମାନବାଧିକାର କର୍ମୀ ଆଦି ବହୁ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗକୁ ସ୍ଥାନିତ କରିଥିବା କହିଥିଲେ। ଏଥିରେ ବିଶ୍ୱବିଦ୍ୟାଳୟର ଛାତ୍ରୀଛାତ୍ର, ଅଧ୍ୟାପିକା, ଅଧ୍ୟାପକଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ଦଶମ ଶ୍ରେଣୀ ଛାତ୍ରୀଙ୍କୁ ଅପହରଣ

କଣ୍ଠାପଡା,୨୯।୨(ସୁରନାରାୟଣ ସାହୁ)

ଓଲଟପୁର ଥାନା ଅନ୍ତର୍ଗତ ବଡଖାଲ ଗ୍ରାମର ଜଣେ ଦଶମ ଶ୍ରେଣୀ ଛାତ୍ରୀଙ୍କୁ ଅପହରଣ କରାଯାଇଥିବା ଅଭିଯୋଗ ହୋଇଛି। ସମ୍ପୃକ୍ତା ଛାତ୍ରୀଙ୍କ ମା' ଏନେଇ ଗୁରୁବାର ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା(ନଂ.୩୪/୨୪) ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଅଭିଯୋଗ ଅନୁଯାୟୀ, ବୁଧବାର ଛାତ୍ରୀ ଜଣଙ୍କ ମାଟ୍ରିକ ପରୀକ୍ଷା ଦେଇ ଘରକୁ ଆସିଥିଲେ। ଦିନତମାମ ସେ ଘରେ ଥିବାବେଳେ ସନ୍ଧ୍ୟା ୭ଟା ପରେ ପରିବାର ଲୋକ ତାଙ୍କୁ ଦେଖିବାକୁ ପାଇ ନ ଥିଲେ। ସବୁଆଡେ ଖୋଜାଖୋଜି କରିଥିଲେ ମଧ୍ୟ ଛାତ୍ରୀଙ୍କ ପତ୍ତା ମିଳି ନ ଥିଲା। ଉକ୍ତ ଗ୍ରାମର ବିଶ୍ୱଜିତ୍ ଖଟୋଇ ନାମକ ଯୁବକ ସମ୍ପୃକ୍ତା ଛାତ୍ରୀଙ୍କୁ ଅପହରଣ କରି ନେଇଥିବା ତାଙ୍କ ମାଆ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି।

### କେନାଲ ପୋଲ ନିକଟରୁ ବୃଦ୍ଧଙ୍କ ମୃତଦେହ ଜବତ

କଟକ ସଦର, ୨୯।୨(ସୁଶାନ୍ତ କୁମାର ଜେନା)

କନ୍ଦରପୁର ଥାନା ଅନ୍ତର୍ଗତ ମାଛଗାଁ କେନାଲର ବିରିବାଟି ପୋଲ ନିକଟରୁ ଗୁରୁବାର ଭୋରରୁ ପୋଲିସ ଜଣେ ବୃଦ୍ଧଙ୍କ ମୃତଦେହ ଜବତ କରିଛି। ସେ ହେଲେ ଏହି ଥାନା ଅନ୍ତର୍ଗତ ଲକ୍ଷ୍ମୀନାରାୟଣପୁର ଗ୍ରାମର ଚିତ୍ରାନନ୍ଦ ବେଉରା। ପୋଲିସ ସୂତ୍ରରୁ ପ୍ରକାଶ, ସକାଳେ ଚିତ୍ରାନନ୍ଦ ସାଇକେଲରେ ପରିବା ବିକ୍ରି କରିବା ପାଇଁ କଟକ ଅଭିମୁଖେ ଯାଉଥିଲେ। ହେଲେ ତାଙ୍କର ମୃତଦେହ କେନାଲ ଭିତରେ ପଡ଼ିଥିବା ସ୍ଥାନୀୟ ଲୋକେ ଦେଖି ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ତଦନ୍ତ କରିବା ସହ ମୃତଦେହ ବ୍ୟବଚ୍ଛେଦ ପାଇଁ କଟକ ବଡ ଡାକ୍ତରଖାନା ପଠାଇଥିଲା। ମୃତ୍ୟୁର କାରଣ ଅସ୍ପଷ୍ଟ ରହିଛି। ବ୍ୟବଚ୍ଛେଦ ରିପୋର୍ଟ ଆସିଲେ କାରଣ ଜଣାପଡିବ ବୋଲି ଥାନା ଅଧିକାରୀ ରାଧାକାନ୍ତ ସାହୁ କହିଛନ୍ତି। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ.୧/୨୪) ରୁଜୁ ହୋଇଛି।

### ବିଧାୟକଙ୍କ ଜନସମ୍ପର୍କ ପଦଯାତ୍ରା

କଟକ,୨୯।୨(ଶିଳ୍ପା ପ୍ରିୟଦର୍ଶିନୀ)

କଟକ ମହାନଗର ନିଗମର ୩୩ ନମ୍ବର ୱାର୍ଡରେ ବିଧାୟକ ଇଂ. ମହମ୍ମଦ ମୋକିମଙ୍କ ଜନସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ସେ ଉକ୍ତ ଅଞ୍ଚଳ ପରିଦର୍ଶନ କରି ରାସ୍ତା ଓ ପରିମଳ ସମ୍ପର୍କ ଅଞ୍ଚଳବାସୀଙ୍କୁ ପଚାରି ବୁଝିଥିଲେ। ସ୍ଥାନୀୟ ମୁରବି ଓ ବରିଷ୍ଠ ନାଗରିକମାନେ ମଧ୍ୟ ସମସ୍ୟା ସମ୍ପର୍କରେ ବିଧାୟକଙ୍କୁ ଜଣାଇଥିଲେ। ୱାର୍ଡ ଅଞ୍ଚଳରେ ବିଧାୟକଙ୍କ ଉନ୍ନୟନ ପାଣ୍ଠିରୁ ଚାଲୁଥିବା ବିଭିନ୍ନ ନିର୍ମାଣ କାର୍ଯ୍ୟକୁ ମୋକିମ ତଦାରଖ କରିଥିଲେ। ଏହି କାର୍ଯ୍ୟକ୍ରମରେ ରବୀନ୍ଦ୍ର ସାହୁ, ଦିଲୀପ ମହାନ୍ତି, ମହମ୍ମଦ ନସିମ, ପୁଷ୍ପଲତା ସାମଲ, କୁନିପଣ୍ଡା, କାଳନ୍ଦୀ ଚରଣ ମହାରଣା, ରୂପକ ରଞ୍ଜନ ପାତ୍ର, ବିଭୂତି ମହାନ୍ତି, ସୁନୀଲ ସାମଲ, ପ୍ରଭାତ ଜେନା, ବିଜୟ ଶତପଥୀ ଉପସ୍ଥିତ ରହିଥିଲେ।



କଟକ ବିଜୁ ପଟ୍ଟନାୟକ ଛକସ୍ଥିତ ଖ୍ରୀଷ୍ଟିଆନ୍ ସାହି ପଡିଆରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ଟେରାକୋଟା ପ୍ରଦର୍ଶନୀରେ ଖୋଲିଥିବା ଷ୍ଟଲରେ ଲୋକମାନେ ବିଭିନ୍ନ ସାମଗ୍ରୀ ଦେଖୁଛନ୍ତି।

## ଓଟିଏମ୍ କଲୋନିରେ ତହସିଲ ପ୍ରଶାସନ ପକ୍ଷରୁ ତଦନ୍ତ

ମଙ୍ଗୁଳି-ଜଗତପୁର,୨୯।୨ (ମାନସ ସାମଲ)

ଟାଙ୍ଗୀ-ଚୌଦ୍ୱାର ତହସିଲଦାର ଚୌଧୁରୀ ପ୍ରଜ୍ଞାନନ୍ଦ ଦାସଙ୍କ ଉପସ୍ଥିତିରେ ଗୁରୁବାର ଚୌଦ୍ୱାରଠାରେ ଅବସ୍ଥିତ ଓଡ଼ିଶା ଟେକ୍ସ ଟାଇଲ ମିଲ୍ସ (ଓଟିଏମ) ଶ୍ରମିକ ୩୮୩ କ୍ୱାର୍ଟର୍ସ ସରଜମିନ ତଦନ୍ତ କରାଯାଇଛି। ଏହି ପରିଦର୍ଶନ ଶ୍ରମିକ ପରିବାର ଥଇଥାନ ପାଇଁ ଆଶା ସଞ୍ଚାର ହେଉଥିବାବେଳେ ଭଡା ସୂତ୍ରରେ ରହୁଥିବା ବ୍ୟକ୍ତି ଓ ବେଆଇନ ଜବରଦଖଲକାରୀଙ୍କ ମନରେ ଭୟ ସୃଷ୍ଟି କରିଛି। ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକ୍ରମେ ତହସିଲ ପକ୍ଷରୁ ସରଜମିନ ତଦନ୍ତ ଆରମ୍ଭ ହୋଇଛି। ଶ୍ରମିକ କ୍ୱାର୍ଟର୍ସରେ କେତେ ଶ୍ରମିକ ପରିବାର ରହୁଛନ୍ତି ନା ସେମାନେ ତାହାକୁ ଭଡ଼ାରେ ଲଗାଇ ଅନ୍ୟତ୍ର ରହୁଛନ୍ତି ସେ ସମ୍ପର୍କରେ ସରକାରଙ୍କ ନିକଟରେ ରିପୋର୍ଟ ଉପସ୍ଥାପନ କରାଯିବ। ୩୮୩ କ୍ୱାର୍ଟର୍ସରେ ବର୍ତ୍ତମାନ ୪୦% ଲୋକ ଭଡ଼ାରେ ରହୁଥିବାବେଳେ ୫% ଲୋକ ବେଆଇନ ଭାବେ ରହୁଥିବା ଜଣାପଡିଛି। ବର୍ତ୍ତମାନ ରାଜ୍ୟ ସରକାରଙ୍କ ତରଫରୁ ଥଇଥାନ ପାଇଁ ନୁହେଁ କେବଳ ସରଜମିନ ତଦନ୍ତ କରି ରିପୋର୍ଟ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି ବୋଲି ତହସିଲଦାର ସୂଚନା ଦେଇଛନ୍ତି। ଏହି ତଦନ୍ତରେ ୧୨ଜଣ ଆର୍‌ଆଇ, ୪ଜଣ ରେଭିନ୍ୟୁ ସୁପରଭାଇଜର ସାମିଲ ଥିଲେ।

# ଅସୁସ୍ଥ ମାଈ ହାତୀକୁ ଖୋଜୁଛି ବନ ବିଭାଗ

ଖୁଣ୍ଟୁଣୀ, ୨୯।୨(ସଚ୍ଚିଦାନନ୍ଦ ପଣ୍ଡା)

ଖୁଣ୍ଟୁଣୀ ବନାଞ୍ଚଳର ବଣିଆବନ୍ଧ ସଂରକ୍ଷିତ ଜଙ୍ଗଲରେ ବୁଲୁଥିବା ଏକ ମାଈ ହାତୀ କିଛିଦିନ ହେବ ଅସୁସ୍ଥ ହୋଇ ନିଖୋଜ ଥିବା ବନ ବିଭାଗ କହିଛି। ୪ ଦିନ ତଳେ ଏହି ହାତୀକୁ ପ୍ରଥମେ ଖୁଣ୍ଟୁଣୀ ବନାଞ୍ଚଳ କର୍ମଚାରୀମାନେ ଠାବ କରିଥିଲେ। ହାତୀଟି ଅସୁସ୍ଥ ଥିବା ଓ ମହାଲକ୍ଷ୍ମୀପୁର ଜଙ୍ଗଲରେ ବୁଲୁଥିବାର ଫଟୋ ଉତ୍ତୋଳନ କରି ସେମାନେ ଆଠଗଡ଼ ଡିଏଫ୍‌ଓଙ୍କୁ ଦେଇଥିଲେ। ଡିଏଫଓ ଯଜ୍ଞଦତ୍ତ ପତ୍ରି ବୁଧବାର ଟ୍ରାଙ୍କୁଲାଇଜର ଟିମ୍, ଡାକ୍ତରଙ୍କ ସହିତ ବନ ବିଭାଗର ୨୦ ଜଣିଆ ଟିମ୍‌କୁ ଏହି ଜଙ୍ଗଲକୁ ପଠାଇଥିଲେ। ହେଲେ ବନବିଭାଗକୁ ଚକ୍‌ମା ଦେଇ ହାତୀଟି ସେଠାରୁ ଖସିଯାଇ ଢେଙ୍କାନାଳ ସଦର ରେଞ୍ଜ ଜଙ୍ଗଲ ଆଡକୁ ପଳାଇ ଯାଇଥିଲା। ତେଣୁ ହାତୀର ଗତିବିଧିକୁ ଠାବ କରିବା ପାଇଁ ଏହି ୨୦ ଜଣିଆ ଟିମ୍ ସେଠାରେ ବୁଧବାରଠାରୁ ଡେରା ପକାଇଥିବା ବନାଞ୍ଚଳ ଅଧିକାରୀ ନୀଳମାଧବ ସାହୁ କହିଛନ୍ତି। ଏହି ଅସୁସ୍ଥ ହାତୀର ପାଦଚିହ୍ନକୁ ଠଉରାଇ ଜଙ୍ଗଲ ବିଭାଗ କର୍ମଚାରୀମାନେ ଗୁରୁବାର ଅପରାହ୍ଣ ପ୍ରାୟ ୩ଟାରେ ଅନୁମାନ କରିଥିଲେ ଯେ ହାତୀଟି ରାଣିବଣିଆ ଜଙ୍ଗଲ ଦେଇ ଢେଙ୍କାନାଳ ଜଙ୍ଗଲକୁ ପଳାଇ ଯାଇଥିବ। ରେଞ୍ଜର ସାହୁ ଢେଙ୍କାନାଳ ସଦର ରେଞ୍ଜ ସହିତ ବାରମ୍ବାର ଯୋଗାଯୋଗରେ ରହିଥିବାବେଳେ ଅସୁସ୍ଥ ହାତୀଟି ଗୁରୁବାର ସନ୍ଧ୍ୟାରେ ଢେଙ୍କାନାଳ ସଦର ରେଞ୍ଜ ଅନ୍ତର୍ଗତ ପାଟ ପୋଲି ଅଞ୍ଚଳର ଏକ ପୋଖରୀରୁ ପାଣି ପିଇ ପୁଣି ଜଙ୍ଗଲ ମୁହାଁ ହୋଇଥିବା ସଦର ରେଞ୍ଜ ପକ୍ଷରୁ ଖବର ପାଇଥିଲେ। ତେବେ ଖୁଣ୍ଟୁଣୀ ବନାଞ୍ଚଳ ଓ ଢେଙ୍କାନାଳ ସଦର ରେଞ୍ଜର କର୍ମଚାରୀ ଏହି ଅସୁସ୍ଥ ହାତୀର ଚିକିତ୍ସା କରିବାରେ ସଫଳ ହୋଇପାରି ନାହାନ୍ତି ବୋଲି ଖୁଣ୍ଟୁଣୀ ଫରେଷ୍ଟର ସରୋଜ କୁମାର ପଣ୍ଡା କହିଛନ୍ତି। ରିପୋର୍ଟ ଲେଖାଯିବାବେଳକୁ ଉଭୟ ବନାଞ୍ଚଳ ପକ୍ଷରୁ ହାତୀର ଗତିବିଧି ଉପରେ ନଜର ରଖାଯାଇଛି। ହାତୀ ବାହାରକୁ ଆସିବା ପରେ ଟ୍ରାଙ୍କୁଲାଇଜ୍ କରାଯାଇ ଚିକିତ୍ସା କରାଯିବ ବୋଲି ବନ ବିଭାଗ ପକ୍ଷରୁ କୁହାଯାଇଛି।

## କବାଡ଼ିଆ ଦୋକାନୀଙ୍କୁ ଆକ୍ରମଣ

କଣ୍ଠାପଡା, ୨୯।୨(ସୁରନାରାୟଣ ସାହୁ)

ଅଡଶପୁର ଅଞ୍ଚଳ କବାଡିଆ ଦୋକାନୀ ବ୍ରଜକିଶୋର ସାହୁଙ୍କୁ ଗୁରୁବାର ଅପରାହ୍ଣରେ ଦୁର୍ବୃତ୍ତମାନେ ମରଣାନ୍ତକ ଆକ୍ରମଣ କରିଛନ୍ତି। ତାଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିବାରୁ ଚିକିତ୍ସା ଲାଗି ତାଙ୍କୁ ଏସ୍‌ସିବି ମେଡିକାଲରେ ଭର୍ତ୍ତି କରାଯାଇଛି। ମିଳିଥିବା ସୂଚନା ଅନୁଯାୟୀ, ବ୍ରଜକିଶୋରଙ୍କୁ ନିଆଳି ଥାନା ଅଧୀନ ମାଗୁରାକୁଦ ଗ୍ରାମର ଜଣେ ବ୍ୟକ୍ତି ଭଙ୍ଗା ଜିନିଷ ଦେବା ପାଇଁ ଫୋନ୍ କରି ଡାକିଥିଲେ। ବ୍ରଜକିଶୋର ଏକ ଗାଡି ନେଇ ଗୁରୁବାର ଅପରାହ୍ଣ ପ୍ରାୟ ୫ଟାରେ ଉକ୍ତ ଗ୍ରାମକୁ ଜିନିଷ ଆଣିବା ପାଇଁ ଯାଉଥିଲେ। ବାଟରେ ଏକ କାଜୁଜଙ୍ଗଲ ନିକଟରେ ୩ ଜଣ ଦୁର୍ବୃତ୍ତ ତାଙ୍କ ଗାଡିକୁ ଅଟକାଇ ତାଙ୍କୁ ଏକ ଫାର୍ମ ହାଉସ ଭିତରକୁ ନେଇଯାଇଥିଲେ। ସେଠାରେ ସେମାନେ ତାଙ୍କୁ ଧମକ ଦେଇ ଟଙ୍କା ମାଗିଥିଲେ। ହେଲେ ସେ ଟଙ୍କା ଦେବା ପାଇଁ ରାଜି ନ ହେବାରୁ ଦୁର୍ବୃତ୍ତମାନେ ତାଙ୍କୁ ଖଣ୍ଡାରେ ହାଣି ଦେଇଥିଲେ। ବ୍ରଜକିଶୋର ପ୍ରାଣ ବିକଳରେ ସେଠାରୁ ଖସିଆସି ନିକଟରେ ଥିବା ଏକ ଘର ଭିତରେ ପଶିଯାଇଥିଲେ। ସ୍ଥାନୀୟ ଲୋକ ତାଙ୍କୁ ଉଦ୍ଧାରକରି ୧୦୮ ଆମ୍ବୁଲାନ୍ସରେ ଅଡଶପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ। ହେଲେ ଅବସ୍ଥା ଗୁରୁତର ହେବାରୁ ସେଠାରୁ ତାଙ୍କୁ ଏସ୍‌ସିବି ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ରିପୋର୍ଟ ଲେଖାଯିବାବେଳକୁ ଏନେଇ ଥାନାରେ ଅଭିଯୋଗ ହୋଇନାହିଁ।

## ଶିବିରରେ ୨୪୩ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା

ଚୌଦ୍ୱାର,୨୯।୨(ଆଶୁତୋଷ ଦାସ)

ଇମ୍ଫା ଶିଳ୍ପଗୋଷ୍ଠୀର ସାମାଜିକ ଦାୟିତ୍ୱବୋଧ ଶାଖା ବଂଶୀଧର ଇଲା ପଣ୍ଡା ଫାଉଣ୍ଡେଶନ୍ ଆନୁକୂଲ୍ୟରେ ଚୌଦ୍ୱାର ପୌରପାଳିକା ୧୬ ନମ୍ବର ୱାର୍ଡ ଶାରଦାନଗରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଇମ୍ଫାର ଉପ ସଭାପତି ବିନୟ ଅଗ୍ରୱାଲା ଓ ଚୌଦ୍ୱାର ପୌରାଧ୍ୟକ୍ଷା ମାନସୀ ସ୍ୱର୍ଣ୍ଣପ୍ରଭା ସାମଲ ଏହାକୁ ଉଦ୍‌ଘାଟନ କରିଥିଲେ। ଏଥିରେ ୨୪୩ ଜଣ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ଔଷଧ ବଣ୍ଟନ କରାଯାଇଥିଲା। ଏଥିରେ ଅତିଥି ଭାବେ ଇମ୍ଫାର ସାଧାରଣ ପ୍ରଶାସକ ଜି. ଶାରଦାପ୍ରସାଦ ରାଓ, କାଉନସିଲର ଅଜିନୀ ବେହେରା, ସୁଜାତା ସାହୁ, ରଞ୍ଜୁଲତା ଦାସ, ଦିଲୀପ ଭୂୟାଁ, ଅଜୟ କୁମାର ବେହେରା ଅତିଥି ଭାବେ ଯୋଗଦେଇଥିଲେ। ଇମ୍ଫାର ଲୋକ ସମ୍ପର୍କ ଉପ ସାଧାରଣ ପ୍ରଶାସକ ଧ୍ରୁବ ଚରଣ ରାଉତଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମକୁ ଇମ୍ଫାର ଅଧିକାରୀ ଲଲାଟ କିଶୋର ମହାପାତ୍ର, ମାନସ କୁମାର ପଣ୍ଡା, ମାନସ ରଞ୍ଜନ ପ୍ରଧାନ, ଦେବାଶିଷ ତ୍ରିପାଠୀ, ଉମେଶ ଚନ୍ଦ୍ର ପଟ୍ଟନାୟକ, ଆଶିଷ ଦାସ ପ୍ରମୁଖ ପରିଚାଳନା କରିଥିଲେ।



ଗୁରୁବାର କଟକ ଅର୍ଣ୍ଣପୂର୍ଣ୍ଣା ଥିଏଟରରେ ବି ଗ୍ରୁପ୍ କଳାକାରଙ୍କ ଦ୍ୱାରା ମଞ୍ଚସ୍ଥ ନାଟକ 'ଦାସିଆ'ର ଏକ ଦୃଶ୍ୟ।

# ବକ୍ସ ଡ୍ରେନ୍ ଲୋକାର୍ପଣ, ହିତାଧିକାରୀଙ୍କୁ ପଟ୍ଟା ବଣ୍ଟନ

କଟକ,୨୯।୨(କାର୍ତ୍ତିକ ସାହୁ)

କଟକ ସହରର ମୁଖ୍ୟନାଳ ଉପରେ ନିର୍ମିତ ସହରବାସୀଙ୍କ ବହୁ ପ୍ରତୀକ୍ଷିତ ବକ୍ସଡ୍ରେନ୍ ପ୍ରକଳ୍ପକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗୁରୁବାର ଅନ୍‌ଲାଇନ୍‌ରେ ଲୋକସେବା ଭବନରୁ ଲୋକାର୍ପଣ କରିଛନ୍ତି। ଏହି ଅବସରରେ କଟକର ପ୍ରଫେସରପଡ଼ା ଦୁର୍ଗାମଣ୍ଡପ ନିକଟରେ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏଥିରେ ରାଜ୍ୟ ସଭା ସଦସ୍ୟ ଦେବାଶିଷ ସାମନ୍ତରାୟ, ସିଏମ୍‌ସି ମେୟର ସୁବାସ ସିଂ, ବିଧାୟକ ସୌଭିକ୍ ବିଶ୍ୱାଳ, ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳ, ସିଡିଏ ଅଧ୍ୟକ୍ଷ ଅନିଲ କୁମାର ସାମଲ, କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ ରଞ୍ଜନ ଦାସ, ଜିଲାପାଳ ବିନୀତ୍ ଭରଦ୍ୱାଜ, ସିଏମ୍‌ସି କମିଶନର ସିଦ୍ଧାର୍ଥ ଶଙ୍କର ସ୍ୱାଇଁ, ନିରାମୟ ଉପଦେଷ୍ଟା ଡ. ରଞ୍ଜନ ବିଶ୍ୱାଳ, ଡେପୁଟି ମେୟର ଦମୟନ୍ତୀ ମାଝୀଙ୍କ ସମେତ ସମ୍ପୃକ୍ତ ବିଭାଗୀୟ ଅଧିକାରୀ, ଯନ୍ତ୍ରୀ ଉପସ୍ଥିତ ଥିଲେ।





ପ୍ରଫେସରପଡ଼ା ଦୁର୍ଗାମଣ୍ଡପ ନିକଟରେ ଆୟୋଜିତ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିବୃନ୍ଦ।

ସେହିପରି କଟକ ତଳ ବାଲିଯାତ୍ରା ପଡ଼ିଆରେ ସହରାଞ୍ଚଳ ଜାଗା ମିଶନ ଅନ୍ତର୍ଗତ ହିତାଧିକାରୀମାନଙ୍କୁ ଜମି ପଟ୍ଟା ବଣ୍ଟନ କରାଯାଇଥିଲା। ମୁଖ୍ୟମନ୍ତ୍ରୀ ଅନ୍‌ଲାଇନ୍‌ରେ ଏହି କାର୍ଯ୍ୟକ୍ରମକୁ ଶୁଭାରମ୍ଭ କରିବା ପରେ ଉପସ୍ଥିତ ଅତିଥିମାନେ ହିତାଧିକାରୀମାନଙ୍କୁ ଜମି ପଟ୍ଟା ବଣ୍ଟନ କରିଥିଲେ। ସିଏମ୍‌ସିର ଜାଗା ମିଶନ ଅଧୀନରେ ୨୭୩୧ ଜଣ ପରିବାର ଭୂମି ଅଧିକାର ପ୍ରମାଣପତ୍ର ପାଇବେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦୂରଦୃଷ୍ଟି ଓ ଦିଗ୍‌ଦର୍ଶନ ହେତୁ ଏହା ସମ୍ଭବ ହୋଇପାରିଛି ବୋଲି ରାଜ୍ୟ ସଭା ସଦସ୍ୟ ସାମନ୍ତରାୟ କହିଛନ୍ତି। ଅପରପକ୍ଷରେ ଜାଗା ମିଶନ ଅଧୀନରେ ୧୧୬ଟି ବସ୍ତି ବିଜୁ ଆଦର୍ଶ କଲୋନୀରେ ରୂପାନ୍ତରିତ ହୋଇଛି। ଏଥିରେ ୨୧,୦୦୦ରୁ ଅଧିକ ପରିବାରକୁ ମୌଳିକ ସୁବିଧା ଯୋଗାଇ ଦିଆଯାଇଛି। ଏହାଦ୍ୱାରା ବସ୍ତିବାସିନ୍ଦା ସଶକ୍ତ ହେବା ସହ ସହର ମଧ୍ୟ ସରସ ସୁନ୍ଦର ହୋଇପାରିବ ବୋଲି ମେୟର କହିଛନ୍ତି। ଏହି ଅବସରରେ ସିଏମ୍‌ସି ପକ୍ଷରୁ କଟକ-୧ ଆପ୍ ଉନ୍ମୋଚିତ ହୋଇଥିଲା। ଏହି ଆପ୍ ମାଧ୍ୟମରେ ସହରବାସୀ ଅଳିଆ, ଆବର୍ଜନା ସମ୍ପର୍କରେ ସିଏମ୍‌ସିକୁ ଜଣାଇପାରିବେ। ଜନସାଧାରଣଙ୍କ ସହଭାଗିତାରେ ସହରର ସ୍ୱଚ୍ଛତା ଅଗ୍ରଗତି କରିବ ବୋଲି କମିଶନର ସ୍ୱାଇଁ କହିଛନ୍ତି।

## ସଂକ୍ଷେପରେ

### ଅବକାରୀ ଚଢ଼ାଉ: ୩ ଗିରଫ

ବେଗୁନିଆ,୨୯।୨(ହର ପ୍ରସନ୍ନ ପଣ୍ଡା): ଖୋର୍ଦ୍ଧା ଜିଲା ବେଗୁନିଆ ଅବକାରୀ ବିଭାଗ ପକ୍ଷରୁ ଗୁରୁବାର ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇ ମଦ ଜବତ କରିବା ସହ ବେଆଇନ କାରବାରରେ ସମ୍ପୃକ୍ତ ଥିବା ୩ ଜଣଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ସେମାନେ ହେଲେ ହୀରାପୁର ଗ୍ରାମର କୃପାସିନ୍ଧୁ ରଥ, ଗୋଡିକିଲୋ ଗ୍ରାମର ଦାଶରଥୀ ନାୟକ ଏବଂ ଚଟୁଆ ଗ୍ରାମର ବିଜୟ ସାହୁ। ଏନେଇ ଅବକାରୀ ଥାନାରେ ମାମଲା ନଂ. ୨୨୨/୨୪, ୨୨୩/୨୪ ଏବଂ ୨୨୪/୨୪ରେ ୩ଟି ମାମଲା ରୁଜୁ କରାଯାଇ ପୋଲିସ ତଦନ୍ତ କରୁଛି। ଚଢ଼ାଉରେ ୬୦ ଲିଟର ଦେଶୀ ରନ୍ଧା ମଦ ପୋଲିସ ଜବତ କରିଛି। ସୂଚନା ମୁତାବକ, ଏମାନେ ଗାଁ ଗହଳିରେ ଦୈନିକ ଚୋରା ନିଶାଦ୍ରବ୍ୟ କାରବାର କରୁଥିଲେ। ଖବରପାଇ ଚଢ଼ାଉ କରାଯାଇଥିବା ଏସ୍‌ଆଇ ଏନ୍. ଜାଗିନ ରାଓ ସୂଚନା ଦେଇଛନ୍ତି। ଜିଲା ଅବକାରୀ ଅଧୀକ୍ଷକ ଝସକେତନ ବରିହାଙ୍କ ନିର୍ଦ୍ଦେଶରେ ଖୋର୍ଦ୍ଧା ରେଞ୍ଜ ଅବକାରୀ ବିଭାଗ ଆଇଆଇସି ସନ୍ତୋଷ ସାହୁଙ୍କ ଚଢ଼ାଉରେ ସାମିଲ ଥିଲେ।

### ପ୍ରଧାନ ଶିକ୍ଷୟିତ୍ରୀଙ୍କ ଅବସରକାଳୀନ ସମ୍ବର୍ଦ୍ଧନା

ଖୋର୍ଦ୍ଧା,(ପ୍ରଭାତ ପାଣିଗ୍ରାହୀ)୨୯।୨: ହଳଦିଆ କ୍ଲଷ୍ଟର ରାମଚନ୍ଦ୍ରପୁର ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ବିନତୀ ମିଶ୍ରଙ୍କୁ ଗୁରୁବାର ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଛି। ଶିକ୍ଷାବିତ୍ ଅଶୋକ ଦାଶ ଏଥିରେ ସଭାପତିତ୍ୱ କରିଥିଲେ। କାର୍ଯ୍ୟକ୍ରମରେ ହଳଦିଆ, କେରଙ୍ଗ କ୍ଲଷ୍ଟର ସମେତ ବିଭିନ୍ନ ବିଦ୍ୟାଳୟ ଶିକ୍ଷୟିତ୍ରୀ ଶିକ୍ଷକ ଯୋଗଦେଇ ବିଦାୟୀ ପ୍ରଧାନ ଶିକ୍ଷୟିତ୍ରୀଙ୍କ ପ୍ରଶଂସା କରିଥିଲେ। କାର୍ଯ୍ୟକ୍ରମରେ ଶିକ୍ଷାବିତ୍ ସତ୍ୟବାଦୀ ବଳିଆରସିଂ, ଡ. ବୃନ୍ଦାବନ ପଣ୍ଡା, ଶିକ୍ଷକ ବିଭୁ ପ୍ରସାଦ ହରିଚନ୍ଦନ, ସିଆର୍‌ସିସି ବିକାଶ ମୁଦୁଲି, ସ୍ୱର୍ଣ୍ଣଲତା ସାମନ୍ତରାୟ, ସ୍କୁଲ ସଭାପତି ରାଜଶ୍ରୀ ମନ୍ତ୍ରୀ ପ୍ରମୁଖ ଅତିଥି ଭାବେ ଯୋଗଦେଇ ତାଙ୍କ ବହୁମୁଖୀ ପ୍ରତିଭା ଉପରେ ଆଲୋଚନା କରିଥିଲେ। ହଳଦିଆ ହାଇସ୍କୁଲ ପ୍ରଧାନ ଶିକ୍ଷକ ଅଜୟ ନିଶଙ୍କ, ଶାନ୍ତିଲତା ଦେବୀ, ଭାରତୀ ତ୍ରିପାଠୀ, ଆଦିତ୍ୟ ନାରାୟଣ ପଣ୍ଡା, ସ୍ନେହଲତା ସାହୁ, ବଦ୍ରି ନାରାୟଣ ଦାଶ ପ୍ରମୁଖ ଉପସ୍ଥିତ ଥିଲେ।

### ୩ରୁ କଳିଙ୍ଗ କପ୍ କ୍ରିକେଟ

ଖୋର୍ଦ୍ଧା,୨୯।୨ (ପ୍ରଭାତ ପାଣିଗ୍ରାହୀ): ଖୋର୍ଦ୍ଧା ଉପକଣ୍ଠ ପାନବରଜ ଖେଳପଡିଆରେ ଆସନ୍ତା ମାର୍ଚ୍ଚ ୩ରୁ ୧୦ ତାରିଖ ପର୍ଯ୍ୟନ୍ତ କଳିଙ୍ଗ କ୍ରିକେଟ କପ୍ ଅନୁଷ୍ଠିତ ହେବ। ଏଥିରେ ୮ଟି ଦଳ ଭାଗ ନେବେ। ୩ ତାରିଖ ଉଦ୍‌ଘାଟନୀ ମ୍ୟାଚ୍‌ରେ ଅତ୍ରି ବନାମ ଭାଲିଆବାଡି, ୪ରେ କାଇପଦର୍ ବନାମ କଳିଙ୍ଗ କ୍ରିକେଟ କ୍ଲବ୍ ଖୋର୍ଦ୍ଧା, ୫ରେ କୁମାରବସ୍ତ ବନାମ ବେଲିଆପାଳ, ୬ରେ ମଞ୍ଚେଶ୍ୱର୍ ବନାମ ବାଙ୍କୀ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହେବ। ୭ରେ ପ୍ରଥମ ସେମିଫାଇନାଲ, ୯ରେ ଦ୍ୱିତୀୟ ସେମି ଫାଇନାଲ ଏବଂ ୧୦ ତାରିଖରେ ଗ୍ରାଣ୍ଡ ଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ। କଳିଙ୍ଗ କ୍ରିକେଟ କ୍ଲବ୍ ଖୋର୍ଦ୍ଧା ଓ ବାଲୁଙ୍କେଶ୍ୱର କ୍ରିକେଟ କ୍ଲବ୍ ପାନବରଜଙ୍କ ମିଳିତ ସହଯୋଗରେ ଏହି ଟୁର୍ନାମେଣ୍ଟର ଆୟୋଜନ କରାଯିବ। ଚାମ୍ପିୟନ ଦଳକୁ ୩୫ହଜାର ଟଙ୍କା ଓ ରନର୍ସ ଅପ୍ ଦଳକୁ ୨୫ହଜାର ଟଙ୍କା ସହ ବହୁ ଆକର୍ଷଣୀୟ ପୁରସ୍କାର ଦିଆଯିବ ବୋଲି ଆୟୋଜକ ସଭାପତି ସୁନିଲ ରାଉତରାୟ,ସମ୍ପାଦକ ଧୀରେନ୍ ତ୍ରିପାଠୀ, କୋଷାଧ୍ୟକ୍ଷ ଅମ୍ବି ବେହେରା, ଯୁଗ୍ମ ସମ୍ପାଦକ ରେଜେନ୍ଦ୍ର କୁମାର ବେହେରା ଜଣାଇଛନ୍ତି। ଏହି ଟୁର୍ନାମେଣ୍ଟରେ ଅବ୍ୟକ୍ତ ହରିହର ଖାଡଙ୍ଗା ମ୍ୟାଚ୍ ସଂଯୋଜକ ଭାବେ ନିଯୁକ୍ତ ହୋଇଛନ୍ତି।

# ବାଣପୁର ଉପଖଣ୍ଡ ମାନ୍ୟତାରୁ ବଞ୍ଚିତ

## ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ଦାବିପତ୍ର

ଖୋର୍ଦ୍ଧା,୨୯।୨ (ପ୍ରଭାତ ପାଣିଗ୍ରାହୀ)

ବାଣପୁରକୁ ରାଜସ୍ୱ ଉପଖଣ୍ଡ ମାନ୍ୟତା ଦାବି ତେଜିବାରେ ଲାଗିଛି। ଗୁରୁବାର ବାଣପୁର, ବାଲୁଗାଁ ଅଞ୍ଚଳର ଏକାଧିକ ଯୁବକ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି।

ବାଣପୁର, ବାଲୁଗାଁ ଓ ଚିଲିକା ଅଞ୍ଚଳବାସୀ ତତ୍କାଳୀନ ଇଂରେଜ ଶାସନ ବିରୋଧରେ ସଶସ୍ତ୍ର ସଂଗ୍ରାମ କରିଥିଲେ। ବାଣପୁର ନିଜକୁ ପ୍ରଥମେ ସ୍ୱାଧୀନତା ଘୋଷଣା କରିଥିଲା। ଏହାର ପୂର୍ବରେ ଏସିଆ ମହାଦେଶର ବୃହତ୍ ଲୁଣା ହ୍ରଦ, ପଶ୍ଚିମରେ ଦ୍ୱିତୀୟ ବୃହତ ଶାଳ ଶାଗୁଆନ ଜଙ୍ଗଲ ନୀଳାଦ୍ରୀପ୍ରସାଦ, ଦାମିଆ ବରବରା ରହିଛି। ଏହା ଏକ ଆଦିବାସୀ ବହୁଳ ଅଞ୍ଚଳ। ଏଠାରେ ବ୍ରିଟିଶ ଅମଳରୁ ତହସିଲ, ପୋଲିସ ଷ୍ଟେଶନ, ସ୍ୱାସ୍ଥ୍ୟକେନ୍ଦ୍ର ସ୍ଥାପନ ହୋଇଛି। ପରବର୍ତ୍ତୀ ସମୟରେ ମୁନସିଫ କୋର୍ଟ, ଫାମିଲ କୋର୍ଟ, ସବଟ୍ରେଜେରି, ସବରେଜିଷ୍ଟାର, ଶାଳିଆ ଜଳସେଚନ, ବିଜ୍ଞାପିତ ଅଞ୍ଚଳ ପରିଷଦ ସମେତ ଉପକାରାଗାର, ବନ୍ୟପ୍ରାଣୀ ଓ ବନଖଣ୍ଡ କାର୍ଯ୍ୟାଳୟ ସହିତ ବହୁ ଶିକ୍ଷାନୁଷ୍ଠାନ ଗଢି ଉଠିଛି। ଦୀର୍ଘ ୪ବର୍ଷ ଧରି ବାଣପୁରକୁ ଉପଖଣ୍ଡ ମାନ୍ୟତା ପାଇଁ ଦାବି ହୋଇଆସୁଛି। ବାଣପୁର ବ୍ଲକ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ ହୋଇଥିବାରୁ ଅନୁସୂଚିତ ଜାତି, ଜନଜାତି କୌଣସି କାମରେ ଖୋର୍ଦ୍ଧାକୁ ୧୧୫ କିମି ଯିବାକୁ ପଡୁଛି। ଉତ୍କଳ ପ୍ରଦେଶ ଗଠନ ଦିନରୁ ଚିଲିକା ନିର୍ବାଚନ ମଣ୍ଡଳୀ ରହିଛି। ବାଣପୁର ରାଜସ୍ୱ ଉପଖଣ୍ଡ ମାନ୍ୟତା ପାଇଁ ଆବଶ୍ୟକ ହେଉଥିବା ସମସ୍ତ ଭିତ୍ତିଭୂମି ଓ ଯୋଗ୍ୟତା ପୂରଣ କରୁଛି। ତଥାପି ବାଣପୁର ରାଜସ୍ୱ ଉପଖଣ୍ଡ ମାନ୍ୟତାରୁ ବଞ୍ଚିତ। ୨୦୧୧ ଜନଗଣନା ଅନୁସାରେ ବାଣପୁର ଅଞ୍ଚଳରେ ମୋଟ ଜନସଂଖ୍ୟା ୧୬୧୨୬୭ରୁ ଊର୍ଦ୍ଧ୍ୱରେ ରହିଥିବା ବେଳେ କେବଳ ବ୍ଲକ ଅଧୀନରେ ୧୨୫୯୪୮ ଜନସଂଖ୍ୟା ରହିଛି। ବାଣପୁର ଏନ୍‌ଏସିରେ ଜନସଂଖ୍ୟା ୧୭୬୮୪ ଏବଂ ବାଲୁଗାଁର ୧୭୬୩୫ ରହିଛି। ବାଣପୁର ରାଜସ୍ୱ ଉପଖଣ୍ଡ ମାନ୍ୟତା ଦାବିକୁ ୧୯୯୧ରେ ଖୋର୍ଦ୍ଧା ଜିଲା ଗଠନ କମିଟି ସମର୍ଥନ କରିଥିଲା। ୧୯୯୨ରେ ଜନସାଧାରଣ ଧାରଣା ସହ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ଦେଇଥିଲେ। ୧୯୯୫ରେ ବାଣପୁର ବନ୍ଦ ଡାକରା ଦିଆଯାଇଥିଲା। ସେହିବର୍ଷ ଚିଲିକା ବିଧାୟକ ଏହି ପ୍ରସଙ୍ଗ ବିଧାନସଭାରେ ଉଠାଇଥିଲେ। ୨୦୧୬ରେ ବାଣପୁର, ବାଲୁଗାଁ ଓ ଚିଲିକା ଆଞ୍ଚଳିକ କ୍ରିୟାନୁଷ୍ଠାନ କମିଟି ମାନ୍ୟତା ଦାବିରେ ସମସ୍ତ ବିଭାଗକୁ ଦାବିପତ୍ର ପ୍ରଦାନ କରିଥିଲେ। ୨୦୧୭ରେ ବାଣପୁର ଓକିଲ ସଂଘ ସ୍ୱର ଉଠାଇଥିଲା। ୨୦୧୭ରେ ବାଣପୁର ଏନଏସିରେ ଏ ସମ୍ପର୍କରେ ସର୍ବସମ୍ମତ କ୍ରମେ ଏକ ପ୍ରସ୍ତାବ ଗୃହୀତ କରାଯାଇ ସରକାରଙ୍କୁ ଅନୁରୋଧ କରାଯାଇଥିଲା। ୨୦୧୮ରେ ଅନୁରୂପ ଭାବେ ବାଲୁଗାଁ ଏନଏସି ମଧ୍ୟ ଆଗତ ପ୍ରସ୍ତାବ ଉପରେ ସରକାରଙ୍କୁ ଅବଗତ କରାଇଥିଲେ। ୨୦୨୩ରେ ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କୁ ନାରୁଣୀ ଅଭିଯୋଗ ଶୁଣାଣି ସମୟରେ ଏକାଧିକ ବାସିନ୍ଦା ଦାବିପତ୍ର ଦେଇଥିଲେ। ଗତ ଜାନୁଆରୀ ୧୦ରେ ବାଣପୁର ପଲଟନ ପଡିଆରେ ହୋଇଥିବା ସଭାରେ ପୁଣି ଥରେ ଦାବିପତ୍ର ଦିଆଯାଇଥିଲା। ଇତିମଧ୍ୟରେ ଏକ ମାସ ବିତିଯାଇଥିଲେ ମଧ୍ୟ ପଦକ୍ଷେପ ଗ୍ରହଣ କରାଯାଇନାହିଁ ବୋଲି ଦାବିପତ୍ରରେ ଦର୍ଶାଯାଇଛି। ଶେଷଦେବ ବରାଳ, ନିରଞ୍ଜନ ପ୍ରଧାନ, ନିଲେଶ କୁମାର ବରାଳ, ଅବିନାଶ ସାହୁ, ବିଜୟ କୁମାର ସେନାପତି, ଗିରିଧାରୀ ପାତ୍ର, ଉପେନ୍ଦ୍ର ଦାସ, କେ. ବିଷ୍ଣୁଦତ୍ତ ଜେନା, ଦେବରାଜ ସାହୁ ପ୍ରମୁଖ ଦସ୍ତଖତ ସମ୍ବଳିତ ଦାବିପତ୍ର ପ୍ରଦାନ କରିଛନ୍ତି।





ରାମଚନ୍ଦ୍ରପୁର ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ବିନତୀ ମିଶ୍ରଙ୍କୁ ଗୁରୁବାର ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ଦିଆଯାଉଛି।

# ସ୍କୁଟିକୁ ଧକ୍କାଦେଲା କଣ୍ଟେନର ମା' ମୃତ, ପୁଅ ଆହତ

ବାଲୁଗାଁ, ୨୯।୨(ସଂଗ୍ରାମ ପାଇକରାୟ)

ବାଲୁଗାଁ ବାଇପାସ୍ ରାସ୍ତା ୧୬ ନମ୍ବର ଜାତୀୟ ରାଜପଥର ସୁବୁଦ୍ଧିପାଟଣା ଛକଠାରେ ବୁଧବାର ବିଳମ୍ବିତ ରାତ୍ରିରେ ଏକ ସଡ଼କ ଦୁର୍ଘଟଣା ଘଟିଛି। ଏକ ସ୍କୁଟିକୁ ଅଣ୍ଡା ବୋଝେଇ କଣ୍ଟେନର ଧକ୍କା ଦେଇଛି। ଫଳରେ ସ୍କୁଟିରେ ବସିଥିବା ମା'ଙ୍କ ମୃତ୍ୟୁ ଘଟିଥିବାବେଳେ ପୁଅ ଗୁରୁତର ଆହତ ହୋଇଛନ୍ତି। ମୃତା ମହିଳା ହେଲେ ପୁରୀ ଜିଲା କୃଷ୍ଣପ୍ରସାଦ ଥାନା ଅନ୍ତର୍ଗତ ବଡ଼ ଅଁଳ ଗ୍ରାମର ଅମୁଲି ଜେନା (୫୦)। ପୋଲିସ ସୂଚନା ମୁତାବକ, ବଡଅଁଳ ଗ୍ରାମର ସଂଗ୍ରାମ ଜେନା ନିଜ ମା'ଙ୍କ ସହ ସ୍କୁଟି ଯୋଗେ ଏକ ବିବାହ କାର୍ଯ୍ୟରେ ଯୋଗଦେବା ପାଇଁ ସମ୍ପର୍କୀୟ ଘର ବାଲୁଗାଁ ନିକଟସ୍ଥ ସାମନ୍ତସିଂହାର ଗ୍ରାମକୁ ଆସିଥିଲେ। ବିବାହ କାର୍ଯ୍ୟ ସମ୍ପନ୍ନ ପରେ ରାତ୍ରି ପ୍ରାୟ ୩ଟାରେ ଉଭୟ ମା' ପୁଅ ସ୍କୁଟି ଯୋଗେ ବଡଅଁଳ ଗ୍ରାମକୁ ଫେରୁଥିଲେ। ସୁବୁଦ୍ଧିପାଟଣା ଛକଠାରେ କଣ୍ଟେନର ଧକ୍କା ଦେବାରୁ ଅମୁଲି ଗାଡ଼ିରୁ ଛିଟିକି ପଡ଼ି ଗୁରୁତର ହୋଇଥିବା ବେଳେ ପୁଅ ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ଉଭୟଙ୍କୁ ଉଦ୍ଧାର କରି ବାଲୁଗାଁ ଡାକ୍ତରଖାନାକୁ ପଠାଇଥିଲେ। ତେବେ ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଅମୁଲିଙ୍କ ମୃତ୍ୟୁ ହୋଇଯାଇଥିଲା। ଖବର ପାଇ ନାଭାଲ ଫାଣ୍ଡି ଅଧିକାରୀ ରବୀନ୍ଦ୍ରନାଥ ଗୌଡ଼ ପହଞ୍ଚି କଣ୍ଟେନରକୁ ଜବତ କରିବା ସହ ଡ୍ରାଇଭରଙ୍କୁ ଅଟକ ରଖିଛନ୍ତି। ବାଲୁଗାଁ ପୋଲିସ ଏ ସଂକ୍ରାନ୍ତରେ ୮୯/୨୪ରେ ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

# ଭତ୍ତା ବଣ୍ଟନ, ଆମ ବ୍ୟାଙ୍କ ଲୋକାର୍ପଣ




ଖୋର୍ଦ୍ଧା,୨୯।୨ (ପ୍ରଭାତ ପାଣିଗ୍ରାହୀ)

ରାଜ୍ୟ ସରକାରଙ୍କ ସାମାଜିକ ସୁରକ୍ଷା ବିଭାଗ ନିର୍ଦ୍ଦେଶ ଅନୁସାରେ ଖୋର୍ଦ୍ଧା ବ୍ଲକ ପକ୍ଷରୁ ନୂତନ ଭାବେ ମଞ୍ଜୁର ହୋଇଥିବା ଅର୍ଜ୍ଜୁନପୁର ପଞ୍ଚାୟତର ୬୪ ଜଣ ମଧୁବାବୁ ଭତ୍ତା ହିତାଧିକାରୀଙ୍କୁ ଗୁରୁବାର ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଭତ୍ତା ପ୍ରଦାନ କରାଯାଇଛି। ସମସ୍ତଙ୍କୁ ବର୍ଦ୍ଧିତ ଭତ୍ତା ଦିଆଯାଇଛି। ସେହିପରି ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଆଭାସୀ ମାଧ୍ୟମରେ ଆମ ବ୍ୟାଙ୍କ ଲୋକାର୍ପଣ ହୋଇଛି। ଏହି କାର୍ଯ୍ୟକ୍ରମରେ ଅର୍ଜ୍ଜୁନପୁର ସରପଞ୍ଚ ସୂର୍ଯ୍ୟପ୍ରସାଦ ମହାନ୍ତିଙ୍କ ସଂଯୋଜନାରେ ବ୍ଲକ ଅଧ୍ୟକ୍ଷା ଶ୍ରୀମୟୀ ପ୍ରିୟଦର୍ଶିନୀ, ଜିଲାପରିଷଦ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ବାଦଲ ମହାନ୍ତି, ଖୋର୍ଦ୍ଧା ପଞ୍ଜାବ ବ୍ୟାଙ୍କ ପରିଚାଳକ ବିଦ୍ୟୁତପ୍ରଭା ମଲ୍ଲିକ, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ସନ୍ଦୀପ କୁମାର ପାଣିଗ୍ରାହୀ ପ୍ରମୁଖ ଯୋଗ ଦେଇଥିଲେ।

## ବିଭିନ୍ନ ପ୍ରଲୋଭନ ଦେଖାଇ ନାବାଳିକାଙ୍କୁ ବଳାତ୍କାର

### ଗର୍ଭପାତ ଔଷଧ ଖାଇ ପୀଡ଼ିତା ଗୁରୁତର

ନିରାକାରପୁର,୨୯।୨(ମାନସ ଚନ୍ଦ୍ର ପଟ୍ଟନାୟକ)

ଜଣେ ନାବାଳିକାଙ୍କୁ ବିଭିନ୍ନ ପ୍ରଲୋଭନ ଦେଖାଇ ଗର୍ଭବତୀ କରି ତାଙ୍କ ଗର୍ଭ ନଷ୍ଟ ପାଇଁ ଔଷଧ ଦେବାରୁ ସେ ଅସୁସ୍ଥ ହୋଇଖୋର୍ଦ୍ଧା ସରକାରୀ ଡାକ୍ତରଖାନାରେ ଚିକିତ୍ସାଧୀନ ଅଛନ୍ତି। ଏନେଇ ନାବାଳିକାଙ୍କ ବାପା ଜଙ୍କିଆ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ଅଭିଯୋଗକୁ ଭିତ୍ତି କରି ୮୬/୨୪ରେ ଏକ ମାମଲା ରୁଜୁ କରି ଅଭିଯୁକ୍ତ ଯୁବକଙ୍କୁ ଥାନାରେ ଅଟକ ରଖି ତଦନ୍ତ ଚଳାଇଥିବା ଥାନା ଅଧିକାରିଣୀ ପ୍ରଜ୍ଞା ରତ୍ନମ୍ବରା କର ସୂଚନା ଦେଇଛନ୍ତି। ସୂଚନା ମୁତାବକ, ଅଭିଯୁକ୍ତ ଜଙ୍କିଆ ଥାନା ଅଧୀନ ହଜ ଅଞ୍ଚଳର। ସେ ସିକୋସ୍ଥିତ ଏକ ପାଣି ପମ୍ପରେ କାର୍ଯ୍ୟ କରନ୍ତି। ପୀଡିତା ନାବାଳିକା ଜଣକ କଲେଜକୁ ପାଠ ପଢିବାକୁ ଯିବା ସମୟରେ ଯୁବକ ଜଣକ ବିଭିନ୍ନ ପ୍ରଲୋଭନ ଦେଖାଇ ତାକୁ ବାରମ୍ବାର ବଳାତ୍କାର ପରେ ଏଭଳି ଅବସ୍ଥା ହୋଇଥିବା ପୋଲିସ ସୂଚନା ଦେଇଛି।

# ଟଙ୍କା ଲୁଟ୍ ଘଟଣା: ୨ ଅଭିଯୁକ୍ତ ଗିରଫ

ବାଣପୁର,୨୯।୨(ଦିଲୀପ ସ୍ୱାଇଁ)

ଖୋର୍ଦ୍ଧା ଜିଲା ବାଣପୁର ଥାନା ଅଧୀନ ଶାଳିଆ ଡ୍ୟାମ ନିକଟରୁ ଗତ ୨୧ ତାରିଖ ହୋଇଥିବା ଲୁଟ୍ ଘଟଣାରେ ପୋଲିସ ୨ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଗଞ୍ଜାମ ଜିଲା ବେଗୁନିଆପଡ଼ା ଥାନା କୁମାରୀପାରି ଗ୍ରାମର ଶାନ୍ତନୁ ତାରିଣୀ (୨୩) ଓ ବାଣପୁର ଥାନା ଶାଳିଆ ଡ୍ୟାମ ନିକଟ ପଣସଡିହ ଗ୍ରାମର ନିରଞ୍ଜନ ଶବର (୩୦)। ସେମାନଙ୍କ ନିକଟରୁ ୨ ଲକ୍ଷ ୪୭ ହଜାର ୫୦୦ ଟଙ୍କା ଏବଂ ମାରଣାସ୍ତ୍ର, ୨ଟି ମୋବାଇଲ ପୋଲିସ ଜବତ କରିଛି। ଉକ୍ତ ଘଟଣାର ସମୁଦାୟ ୮ ଜଣ ଅଭିଯୁକ୍ତ ସାମିଲ ଥିଲେ। ସେଥିମଧ୍ୟରୁ ଫେରାର ୬ ଜଣ ଅଭିଯୁକ୍ତ ଖଲିକୋଟ ଏବଂ ବେଗୁନିଆ ପଡ଼ା ଥାନା ଅଞ୍ଚଳର। ଖୁବ୍‌ଶୀଘ୍ର ସେମାନଙ୍କୁ ଗିରଫ କରାଯିବ ବୋଲି ଖୋର୍ଦ୍ଧା ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସୁରେନ୍ଦ୍ର ନାଥ ମୁର୍ମୁ ଗୁରୁବାର ଆୟୋଜିତ ଏକ ଖବରଦାତା ସମ୍ମିଳନୀ ଜରିଆରେ ସୂଚନା ଦେଇଛନ୍ତି। ସମ୍ମିଳନୀରେ ବାଲୁଗାଁ ଏସ୍‌ଡିପିଓ ଶୁଭ୍ରାଂଶୁ ଶେଖର ମିଶ୍ର ଏବଂ ବାଣପୁର ଆଇଆଇସି ରମେଶ ଚନ୍ଦ୍ର ଦେବତା ପ୍ରମୁଖ ଉପସ୍ଥିତ ଥିଲେ। ସେହି ଲୁଟ୍‌ରେ ଅନ୍ନପୂର୍ଣ୍ଣା ଅର୍ଥ ଲଗାଣକାରୀ ସଂସ୍ଥା କର୍ମଚାରୀଙ୍କଠାରୁ ୭ ଲକ୍ଷ ୫୨ ହଜାର ୨୫୦ ଟଙ୍କା ଦୁର୍ବୃତ୍ତ ମାନେ ଲୁଟ୍ କରିଥିଲେ।

# ପଞ୍ଚାୟତ ଭାଜପାର ନୂତନ କର୍ମକର୍ତ୍ତା ମନୋନୀତ

ବୋଲଗଡ଼,୨୯।୨(ଦେବବ୍ରତ ହୋତା)



ବୋଲଗଡ଼ ବ୍ଲକ ଦଳେଇସାହି ପଞ୍ଚାୟତ ଭାଜପାର ବରିଷ୍ଠ ସଦସ୍ୟଙ୍କୁ ନେଇ ଏକ ବୈଠକ ବାଲୁଙ୍କେଶ୍ୱର ଶିବମନ୍ଦିରଠାରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ସମସ୍ତ ମନମାଳିନ୍ୟ ଭୁଲି ଭାଜପାର ସଦସ୍ୟ ଏକ ଗୋଷ୍ଠୀରେ କାର୍ଯ୍ୟକ୍ରମ କରିବାକୁ ଶପଥ ପାଠ କରିଥିଲେ। ତୃଣମୂଳ ସ୍ତରରେ ସଂଗଠନକୁ ସୁଦୃଢ଼ କରି ନରେନ୍ଦ୍ର ମୋଦୀଙ୍କୁ ପୁନଶ୍ଚ ପ୍ରଧାନମନ୍ତ୍ରୀ ଭାବେ ଦେଖିବାର ସ୍ୱପ୍ନ ସାକାର କରିବାକୁ ନିଷ୍ପତ୍ତି ହୋଇଥିଲା। ଉକ୍ତ ବୈଠକକୁ ଖୋର୍ଦ୍ଧା ଜିଲା ଭାଜପା ସମ୍ପାଦକ କର୍ପୁର ସାହୁ ପରିଚାଳନା କରିଥିଲେ। ପୂର୍ବତନ ପଞ୍ଚାୟତ ସଭାପତି ଉପେନ୍ଦ୍ର ସୁବୁଦ୍ଧି ଦଳୀୟ ଶୃଙ୍ଖଳା ଓ ଭାଜପାର ନୀତି ଆଦର୍ଶ ଉପରେ ଅଭିଭାଷଣ ଦେଇଥିଲେ। ବୈଠକରେ ସର୍ବ ସମ୍ମତି କ୍ରମେ ନୂତନ କର୍ମକର୍ତ୍ତା ଚୟନ ହୋଇଥିଲା। ସଭାପତି ଭାବେ ଅଶୋକ ସୁନ୍ଦରାୟ, ଉପସଭାପତି ନୀଳକଣ୍ଠ ପ୍ରଧାନ ଓ କେଶବ ଚନ୍ଦ୍ର ସାହୁ, ସାଧାରଣ ସମ୍ପାଦକ ପ୍ରକାଶ ବେହେରା ଓ ଅଜିତ ମହାପାତ୍ର, ସମ୍ପାଦକ ନରୋତ୍ତମ ବରାଡ଼, ସୋମନାଥ ମହାପାତ୍ର ଓ ଧରମା ମହାରଣା, କୋଷାଧ୍ୟକ୍ଷ ପ୍ରମୋଦ ମହାପାତ୍ର, ଉପଦେଷ୍ଟା କର୍ପୁର ସାହୁ, ଅଜିତ ପଟ୍ଟନାୟକ, ସହଦେବ ସୁବୁଦ୍ଧି, ଅଲେଖ ପାଇକରାୟ, ଉପେନ୍ଦ୍ର ସୁବୁଦ୍ଧି, ଗୋଲଖ ପାଇକରାୟ, ସନ୍ତୋଷ ପ୍ରଧାନ, ଉପେନ୍ଦ୍ର ସ୍ୱାଇଁ, ପ୍ରମୋଦ ରାଉତରାୟ, ଯୁଗଳ ପ୍ରଧାନ, ବୈଷ୍ଣବ ସ୍ୱାଇଁ, ଆର୍ତ୍ତବନ୍ଧୁ ପ୍ରଧାନ, ଶରତ ସୁବୁଦ୍ଧି ପ୍ରମୁଖ ପ୍ରସ୍ତାବ ଓ ସମର୍ଥନ କ୍ରମେ ସର୍ବସମ୍ମତି ଭାବେ ମନୋନୀତ ହୋଇଥିଲେ। ସେହିପରି ଯୁବମୋର୍ଚ୍ଚା ସଭାପତି ଭାବେ କୃଷ୍ଣଚନ୍ଦ୍ର ସ୍ୱାଇଁ, ଉପସଭାପତି ବରୁଣ ରାଉତ, ସମ୍ପାଦକ ଭାବଗ୍ରାହୀ ପ୍ରଧାନ ଓ ଆଇନ ପରାମର୍ଶଦାତା ଭାବେ ପୁରୁଷୋତ୍ତମ ସୁବୁଦ୍ଧି ପ୍ରମୁଖ ମନୋନୀତ ହୋଇଥିଲେ। ଆସନ୍ତା ସପ୍ତାହରେ ବୁଥ୍ କମିଟି ଗଠନ କରାଯାଇ, କେନ୍ଦ୍ର ସରକାରଙ୍କ ଜନକଲ୍ୟାଣ ଯୋଜନାଗୁଡ଼ିକୁଘରେ ଘରେ ପହଞ୍ଚାଇବାକୁ ଭାଜପା କର୍ମୀଙ୍କୁ ଆହ୍ୱାନ ଦିଆଯାଇଛି।

## ଗାଡ଼ି ଧକ୍କାରେ ଯୁବକ ଆହତ

ଜଟଣୀ,୨୯।୨(ରବୀନ୍ଦ୍ରନାଥ ମହାକୁଡ଼): ଖୋର୍ଦ୍ଧା ପିପିଲିକୁ ସଂଯୋଗ କରୁଥିବା ଜଟଣୀ ମୁଖ୍ୟ ରାସ୍ତା ସ୍ଥାନୀୟ ନାଇଜର ଛକଠାରେ ଗୁରୁବାର ରାତିରେ ଏକ ପିକଅପ ଭ୍ୟାନ ଗାଡ଼ି ଧକ୍କାରେ କେତେଜଣ ଯୁବ ଆହାତ ହୋଇଥିବା ଜଣାପଡିଛି। ସେମାନଙ୍କୁ ଜଟଣୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା କରାଯାଇଛି।. ଘଟଣାସ୍ଥଳରେ ପୋଲିସ ପହଞ୍ଚି ଭ୍ୟାନ ଡ୍ରାଇଭରକୁ ଥାନାରେ ଅଟକ ରଖି ପଚରାଉଚରା କରୁଛି। ପ୍ରତ୍ୟକ୍ଷଦର୍ଶୀଙ୍କ ସୂଚନା ମୁତବକ ଉକ୍ତ ଭ୍ୟାନ ନିକଟରେ କିଛି ଗୋମାଂସ ପଡିଥିବା ଏବଂ ଦୁର୍ଗନ୍ଧ ବାହାରୁଥିବା କାରଣରୁ ସ୍ଥାନୀୟ ଲୋକେ ଗାଡ଼ିକୁ ଅଟକ ରଖି ପୋଲିସକୁ ଖବର ଦେଇଥିଲେ। ଗାଡ଼ି ଦ୍ରୁତ ଗତିରେ ଯାଉଥିବା ବେଳେ ରାସ୍ତାରେ ଯୁବକମାନଙ୍କୁ ଧକ୍କା ଦେଇଥିଲା। ଆହତ ଯୁବକମାନେ ଜଟଣୀ ଥାନା ଅଧିକ କୁସୁମାଟି ଗ୍ରାମର ହୋଇଥିଲା ସମୟରେ ପିକଅପଟି ପିଲିପି ଧାନଗୋହରି ଅଞ୍ଚଳର ବୋଲି ଜଣାପଡ଼ିଛି।

# ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ଅବସର ସମ୍ବର୍ଦ୍ଧନା



ସଭାରେ ପ୍ରଧାନ ଶିକ୍ଷୟିତ୍ରୀ ଗାୟତ୍ରୀମୟୀ ପଟ୍ଟନାୟକ ଏବଂ ଅନ୍ୟମାନେ।

ଖୋର୍ଦ୍ଧା,୨୯।୨(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ବ୍ଲକ ଗୋଡ଼ିପଡା ସରକାରୀ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ଗାୟତ୍ରୀମୟୀ ପଟ୍ଟନାୟକଙ୍କ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଖୋର୍ଦ୍ଧା ବ୍ଲକ ଶିକ୍ଷାଧିକାରୀ ସନ୍ଧ୍ୟାରାଣୀ ରାଉତ ମୁଖ୍ୟ ଅତିଥି ରୂପେ ଯୋଗଦେଇଥିଲେ। ସମ୍ମାନିତ ଅତିଥି ରୂପେ ଦୁଃଶାସନ ବଳବନ୍ତରାୟ, ରବି ନାରାୟଣ ସାହୁ, ଭରତ ଚନ୍ଦ୍ର ପ୍ରଧାନ, ଲୋହିତ ନାରାୟଣ ମହାପାତ୍ର ଯୋଗଦେଇଥିଲେ। ଶିକ୍ଷକ ପ୍ରମୋଦ କୁମାର ଭୁଜବଳ ଓ ଦିବାକର ପଟ୍ଟନାୟକ ମଞ୍ଚ ପରିଚାଳନା କରିଥିଲେ। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ଗୋଡିପଡା ଗ୍ରାମବାସୀ ଓ ଆଖପାଖ ବିଦ୍ୟାଳୟର ଶିକ୍ଷୟିତ୍ରୀ ଶିକ୍ଷକମାନେ ଉପସ୍ଥିତ ଥିଲେ। ଅତିଥିବୃନ୍ଦ ଗାୟତ୍ରୀମୟୀଙ୍କୁ ସମ୍ବର୍ଦ୍ଧିତ କରିବା ସହ ତାଙ୍କ କାର୍ଯ୍ୟକୁ ନେଇ ପ୍ରଶଂସା କରିବା ସହ ତାଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ।

# ଅବସର ଦିନ ପେନ୍‌ସନ ପାଇଲେ ୧୦ ଶିକ୍ଷକ, କର୍ମଚାରୀ

ଖୋର୍ଦ୍ଧା,୨୯।୨(ପ୍ରଭାତ ପାଣିଗ୍ରାହୀ)



ଅବସର ସମୟରେ ପେନସନ ପାଇବା ପାଇଁ ସମସ୍ତଙ୍କ ଆଶା ରହିଥାଏ। ଏଥିଲାଗି ସେମାନଙ୍କୁ ବିଭିନ୍ନ କାର୍ଯ୍ୟାଳୟକୁ ବାରମ୍ବାର ଦୌଡିବାକୁ ପଡିଥାଏ। ତେବେ ଚାକିରିରୁ ଅବସର ଗ୍ରହଣ କରୁଥିବା ବ୍ୟକ୍ତିବିଶେଷଙ୍କୁ ସେହି ଦିନ ପେନସନ ପ୍ରଦାନ ପାଇଁ ସରକାର ନିର୍ଦ୍ଦେଶ ଦେଇଥିଲେ। ଗୁରୁବାର ଖୋର୍ଦ୍ଧା ଜିଲା ଶିକ୍ଷା ବିଭାଗ ଅଧୀନରେ କାର୍ଯ୍ୟ କରି ଅବସର ଗ୍ରହଣ କରିଥିବା ଶିକ୍ଷୟିତ୍ରୀ ଶିକ୍ଷକ ଏବଂ କର୍ମଚାରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ସହ ପେନସନ ପ୍ରଦାନ କରାଯାଇଛି। ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲାପାଳ ଚଞ୍ଚଳ ରାଣା ଯୋଗଦେଇ ଅବସର ଗ୍ରହଣ କରିଥିବା ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ବିଦାୟ ସମ୍ବର୍ଦ୍ଧନା ଦେବା ସହ ପେନସନ ପ୍ରଦାନ କରିଥିଲେ। ଜିଲା ଶିକ୍ଷା ଅଧିକାରୀ ବିଶ୍ୱନାଥ ତରାଇ, ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ଅମିତା ପ୍ରୀତିନନ୍ଦା ଉପସ୍ଥିତ ଥିଲେ। ଶିକ୍ଷକ ଗୁରୁନାଥ ରେଡ୍ଡୀ, ଅନ୍ତର୍ଯ୍ୟାମୀ ପ୍ରଧାନ, ପ୍ରମିଳା ବେହେରା, ଅର୍ଚ୍ଚନା ଜେନା, ବିଜୟ କୁମାର ପଣ୍ଡା, ଗୋପୀନାଥ ମହାପାତ୍ର, ୪ର୍ଥ ଶ୍ରେଣୀ କର୍ମଚାରୀ ରାମଚନ୍ଦ୍ର ପ୍ରଧାନ, ନିରଞ୍ଜନ ସାହୁ ଏବଂ କନିଷ୍ଠ ସହାୟକ ଶରତ ଚନ୍ଦ୍ର ଦାସଙ୍କୁ ପୂର୍ଣ୍ଣାଙ୍ଗ ପେନ୍‌ସନ୍ ପ୍ରଦାନ କରାଯାଇଛି। ଆଗକୁ ଏହିଭଳି କାର୍ଯ୍ୟ ଜାରି ରଖିବା ପାଇଁ ଜିଲାପାଳ ପରାମର୍ଶ ଦେଇଥିଲେ।

# ଶରଧାପୁରକୁ ହରାଇ ଫାଇନାଲରେ ଖୋର୍ଦ୍ଧା

ଟାଙ୍ଗୀ ଖୋର୍ଦ୍ଧା,୨୯।୨(ରଘୁନାଥ ସାହୁ)



ଅତିଥିଙ୍କ ଗହଣରେ ଖେଳାଳିମାନେ।

ବଡ଼ପାରୀ ସ୍ପୋର୍ଟସ ଆସୋସିଏଶନ ଆନୁକୂଲ୍ୟରେ ଚାଲିଥିବା ଦିଲୀପ-ସଞ୍ଜୀବ ସ୍ମାରକୀ ଫୁଟ୍‌ବଲ ଟୁର୍ନାମେଣ୍ଟର ପ୍ରଥମ ସେମିଫାଇନାଲ ମ୍ୟାଚ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଶରଧାପୁର ଫୁଟବଲ କ୍ଲବକୁ ପରାସ୍ତ କରି ଖୋର୍ଦ୍ଧା ଫୁଟବଲ କ୍ଲବ ଫାଇନାଲରେ ପ୍ରବେଶ କରିଛି। ନିର୍ଦ୍ଧାରିତ ସମୟ ଗୋଲ ଶୂନ୍ୟ ରହିବା ପରେ ଟାଇବ୍ରେକର ମାଧ୍ୟମରେ ଫଳାଫଳ ନିର୍ଣ୍ଣୟ କରାଯାଇଥିଲା। ଖୋର୍ଦ୍ଧା ୪- ୩ ଗୋଲରେ ଶରଧାପୁରକୁ ପରାସ୍ତ କରିଥିଲା। ଅତିଥି ଭାବେ ସାମାଜିକ କର୍ମୀ ମଧୁଛନ୍ଦା ଖଣ୍ଡେଇତରାୟ, ଅଶୋକ ସୁନ୍ଦରାୟ, ସୁକାନ୍ତ ଖଣ୍ଡାୟତରାୟ ପ୍ରମୁଖ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଶରତ ଛୋଟରାୟ, ନନ୍ଦ କିଶୋର ସ୍ୱାଇଁ, ବିପିନ ସାମନ୍ତରାୟ ଓ କୃଷ୍ଣ ଚନ୍ଦ୍ର ବେହେରା ଖେଳ ପରିଚାଳନା କରିଥିଲେ। ଆୟୋଜକ କମିଟି ସଭାପତି ରମାକାନ୍ତ ବିଶ୍ୱାଳ, ବିଚ୍ଛେଦ ଜୟସିଂ, ପ୍ରଭାକର ଭୁଜବଳ, ଶିବ ପ୍ରସାଦ ବେହେରା, ବିକ୍ରମ ବାଘ ସିଂ ପ୍ରମୁଖ ଏଥିରେ ସହଯୋଗ କରିଥିଲେ।







# ଆପାର୍ଟମେଣ୍ଟରୁ ଚୋରି କରୁଥିଲେ ଗଞ୍ଜାମ ଅପରାଧୀ

## ଗ୍ୟାଙ୍ଗ୍ ମୁଖ୍ୟ ସମେତ ୯ ଧରାପଡ଼ିଲେ

- ୩.୨୦ ଲକ୍ଷ ଟଙ୍କା, ସୁନା ରୁପା ଅଳଙ୍କାର, ୪ ବାଇକ୍ ଜବତ
- ସିନ୍ ରିକ୍ରିଏଟ୍ ହେଲା, ବିଭିନ୍ନ ରାଜ୍ୟ ବୁଲି ଚୋରି କରୁଥିଲେ
- ଦାଦା, ବୁଲୁଙ୍କ ନାମରେ ରହିଛି ହତ୍ୟା ମାମଲା

ଭୁବନେଶ୍ୱର,୨୯।୨(ସତ୍ୟଜିତ୍ ରାଉତ)

ଘର ଓଡ଼ିଶା, ହେଲେ ଦେଶର ବିଭିନ୍ନ ରାଜ୍ୟରେ ବୁଲି ବୁଲି ଚୋରି କରୁଥିଲେ। ସମସ୍ତେ ଗଞ୍ଜାମର ହୋଇଥିବାବେଳେ ରାଜଧାନୀରେ ଗତ ୭ ମାସ ହେଲା ୭ରୁ ଊର୍ଦ୍ଧ୍ୱ ଆପାର୍ଟମେଣ୍ଟରେ ସିରିଜ୍ ଚୋରି କରି କମିଶନରେଟ୍ ପୋଲିସର ଚିନ୍ତା ବଢ଼ାଇଥିଲେ। ଶେଷରେ ଗ୍ୟାଙ୍ଗ୍ ମୁଖ୍ୟଙ୍କ ସମେତ ୯ଜଣଙ୍କୁ ଗୁରୁବାର କମିଶନରେଟ୍ ପୋଲିସ ଗିରଫ କରିଛି। ଏନେଇ ଖବରଦାତା ସମ୍ମିଳନୀରେ ପୋଲିସ କମିଶନର ସଞ୍ଜୀବ ପଣ୍ଡା ସୂଚନା ଦେଇଛନ୍ତି। ଗିରଫ ଗ୍ୟାଙ୍ଗ ମୁଖ୍ୟ ହେଲେ ଭୁବନେଶ୍ୱର ପାହାଲ ମିଲେନିଅମ୍ ସିଟି ଆପାର୍ଟମେଣ୍ଟରେ ରହୁଥିବା ଗଞ୍ଜାମ ଜିଲା ଗଙ୍ଗାପୁର ଥାନା ଅନ୍ତର୍ଗତ ଆମ୍ବଦୋଳିର ଗିରିଶ ନାଏକ ଓରଫ ଦାଦା (୪୫)। ଅନ୍ୟମାନେ ହେଲେ ହିଞ୍ଜିଳିକାଟୁ ଥାନା ଅଞ୍ଚଳର ବବୁଲୁ ଦଳାଇ (୨୦), କୋଟିନଡା ଅଞ୍ଚଳର ସନ୍ତୋଷ କୁମାର ଦାଷ (୨୦), ବିଷ୍ଣୁ ପ୍ରଧାନ (୩୦), ପ୍ରଶାନ୍ତ ବେହେରା (୨୦), ବୁଲୁ ପାତ୍ର (୪୨), ଅମିତ କୁମାର ଜେନା (୨୦), ଛତ୍ରପୁର ଅଞ୍ଚଳର ରଞ୍ଜନ ରାଉଳ (୨୪) ଓ ପୋଲସରା ଅଞ୍ଚଳର ମୃତ୍ୟୁଞ୍ଜୟ ସାହୁ (୪୮)। ଏମାନଙ୍କଠାରୁ ୩ ଲକ୍ଷ ୨୦ ହଜାର ଟଙ୍କା, ୧ କେଜି ୫୦୦ ଗ୍ରାମ ରୁପା ଅଳଙ୍କାର, ଗୋଟିଏ ସୁନା


କମିଶନରେଟ୍ ପୋଲିସ ଦ୍ୱାରା ଗିରଫ ଅଭିଯୁକ୍ତ ଓ ଜବତ ଟଙ୍କା, ଅଳଙ୍କାର ଏବଂ ଅନ୍ୟାନ୍ୟ ସାମଗ୍ରୀ।

ଚେନ୍, ୧୨ଟି ଇମିଟେଶନ ନେକ୍‌ଲେସ୍, ଅନ୍ୟାନ୍ୟ ସୁନା ଅଳଙ୍କାର, ୪ ବାଇକ୍, ୮ ମୋବାଇଲ ସମେତ ତାଲା ଭାଙ୍ଗିବାରେ ବ୍ୟବହୃତ ସାମଗ୍ରୀ ଆଦି ଜବତ ହୋଇଛି। ମଞ୍ଚେଶ୍ୱର ଥାନା ଗାଡ଼କଣସ୍ଥିତ ସ୍ପେସ୍ ଟାଉନ୍ ଆପାର୍ଟମେଣ୍ଟରୁ ସିରିଜ୍ ଚୋରି ମାମଲାରେ ଅଭିଯୁକ୍ତମାନଙ୍କୁ କୋର୍ଟଚାଲାଣ କରାଯାଇଥିଲା। ଜାମିନ ନ ମିଳିବାରୁ ସମସ୍ତଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଅଭିଯୁକ୍ତମାନଙ୍କୁ ରିମାଣ୍ଡରେ ଅଣାଯାଇ ଅଧିକ ତଥ୍ୟ ହାସଲ କରାଯିବ ବୋଲି ପୋଲିସ କମିଶନର କହିଛନ୍ତି।

ଆପାର୍ଟମେଣ୍ଟ ଚୋରିରେ ରାଜ୍ୟ ବାହାରର ଗ୍ୟାଙ୍ଗ୍‌ର ସମ୍ପୃକ୍ତି ରହିଥିବା ପୋଲିସ ସନ୍ଦେହ କରିବା ସହ ସେହିଦିଗକୁ ନେଇ ତଦନ୍ତ କରିଥିଲା। ମାତ୍ର ଗଞ୍ଜାମ ଜିଲାର ଅପରାଧୀମାନେ ଏପରି କାଣ୍ଡ ଘଟାଉଥିବା ଜଣାପଡିବା ପରେ କମିଶନରେଟ ପୋଲିସ ତଦନ୍ତକୁ ତ୍ୱରାନ୍ୱିତ କରି ସେମାନଙ୍କୁ ଧରିବାରେ ସଫଳ ହୋଇଛି। ତେବେ ଗ୍ୟାଙ୍ଗ ମୁଖ୍ୟ ଦାଦାଙ୍କ ନାମରେ ଦୁଇ ହତ୍ୟା ମାମଲା ରହିଛି। ଏଥିସହ ବୁଲୁଙ୍କ ନାମରେ ଗଞ୍ଜାମରେ ୪୦ରୁ ୫୦ଟି ମାମଲା ରହିଥିବାବେଳେ ମୃତ୍ୟୁଞ୍ଜୟଙ୍କ ନାମରେ ହତ୍ୟା ସମେତ ଅନ୍ୟାନ୍ୟ ମାମଲା ରହିଛି। ସମସ୍ତେ ଛତିଶଗଡ଼, ମୁମ୍ବାଇ, ହାଇଦ୍ରାବାଦ୍ ସମେତ ବିଭିନ୍ନ ରାଜ୍ୟକୁ ଯାଇ ଚୋରି କରୁଥିଲେ। ଏସବୁ ରାଜ୍ୟର ପୋଲିସ ସହ କମିଶନରେଟ୍ ପୋଲିସ ଯୋଗାଯୋଗ କରିବ ବୋଲି ସୂଚନା ଦିଆଯାଇଛି।

### ଦିନରେ ରେକି, ରାତିରେ ଚୋରି

ଗ୍ୟାଙ୍ଗ୍ ମୁଖ୍ୟ ଦାଦା ସାଧାରଣ ଲୋକର ପରିଚୟ ଦେଇ ଦିନ ବେଳା ବିଭିନ୍ନ ଆପାର୍ଟମେଣ୍ଟକୁ ଯାଇ ରେକି କରୁଥିଲେ। ଯେଉଁ ଫ୍ଲାଟ୍‌ଗୁଡିକରେ ବାହାର ପଟୁ ତାଲା ପଡୁଥିଲା, ତାହାକୁ ଟାର୍ଗେଟ କରୁଥିଲେ। ଏପରିକି ଉକ୍ତ ଘରେ ରହୁଥିବା ଲୋକଙ୍କ ସମ୍ପର୍କରେ ଟିକିନିଖି ତଥ୍ୟ ସଂଗ୍ରହ କରିବା ପରେ ଚୋରି ପ୍ଲାନ୍ କରୁଥିଲେ। ଗତ ଡିସେମ୍ବର ୧୧ ରାତିରେ ସମସ୍ତେ ସ୍ପେସ୍ ଟାଉନ୍ ଆପାର୍ଟମେଣ୍ଟରେ ପଶି ୫ଟି ଫ୍ଲାଟ୍‌ରେ ଚୋରି ଉଦ୍ୟମ କରିଥିବାବେଳେ ୪ ଫ୍ଲାଟ୍‌ରୁ ୫୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ସୁନାଗହଣା ସହ ନଗଦ ଟଙ୍କା ନେଇଯାଇଥିଲେ। ସେହିପରି ଗତବର୍ଷ ଜୁଲାଇରେ ଭରତପୁର ଥାନାରେ ହୋଇଥିବା ଦୁଇଟି ମାମଲା, ନଭେମ୍ବରରେ ଏୟାରଫିଲ୍ଡ ଓ ତମାଣ୍ଡୋ ଥାନାରେ ରହିଥିବା ଗୋଟିଏ ଲେଖାଏ ମାମଲା ଏବଂ ଡିସେମ୍ବରରେ ଲକ୍ଷ୍ମୀସାଗର ଓ ଇନ୍‌ଫୋସିଟି ଥାନାରେ ଗୋଟିଏ ଲେଖାଏ ମାମଲାରେ ଏମାନେ ସମ୍ପୃକ୍ତ ଅଛନ୍ତି। ପୋଲିସ ଟିମ୍ ସ୍ପେସ୍ ଟାଉନ ସମେତ ଅନ୍ୟାନ୍ୟ ଘଟଣାସ୍ଥଳକୁ ଅଭିଯୁକ୍ତମାନଙ୍କୁ ନେଇ ସିନ୍ ରିକ୍ରିଏଟ୍ କରିଥିଲା। ଏହି ଗ୍ୟାଙ୍ଗରେ ଆଉ ୬ରୁ ୭ ଜଣ ସଦସ୍ୟଙ୍କୁ ପୋଲିସ ଖୋଜୁଛି। ତେବେ ଗତ ୮ ମାସ ହେଲା ରାଜଧାନୀରେ ୩୦ରୁ ଊର୍ଦ୍ଧ୍ୱ ଆପାର୍ଟମେଣ୍ଟରୁ ଚୋରି ହୋଇଥିବାରୁ ଏଥିରେ ଅନ୍ୟ ଗ୍ୟାଙ୍ଗ ମଧ୍ୟ ସମ୍ପୃକ୍ତ ରହିଥିବା ପୋଲିସ ତଦନ୍ତବେଳେ ଜାଣିବାକୁ ପାଇଛି। ସେମାନଙ୍କୁ ଧରିବାକୁ ଉଦ୍ୟମ ଚାଲିଥିବା ପୋଲିସ କହିଛି।

ସେଲ୍ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com


@ ଅନିଲ


@ ଦେବୀପ୍ରସାଦ


@ ଦୀପକ


@ କପିଳାସ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ବଢ଼ିଲାଣି ଗୁଳୁଗୁଳି

ଭୁବନେଶ୍ୱର,୨୯।୨(ଅନୁରାଧା ମହାରଣା)

ରାଜ୍ୟରେ ଗ୍ରୀଷ୍ମପ୍ରବାହ ଜାରି ରହିଥିବାବେଳେ ଉଭୟ ଦିନ ଓ ରାତିରେ ଗୁଳୁଗୁଳି ଅନୁଭୂତ ହେଉଛି। ଗୁରୁବାର ସମସ୍ତ ଜିଲାର ତାପମାତ୍ରା ୩୦ ଡିଗ୍ରୀ ସେଲସିୟସରୁ ଅଧିକ ରହିଥିଲା। ୩୭ ଡିଗ୍ରୀ ସହ ମାଲକାନଗିରି ସବୁଠାରୁ ଉତ୍ତପ୍ତ ଜିଲା ପାଲଟିଥିବାବେଳେ ପାରଳାଖେମୁଣ୍ଡିରେ ତାପମାତ୍ରା ୩୬ ଡିଗ୍ରୀ ସେଲସିୟସ୍ ରେକର୍ଡ କରାଯାଇଛି। ଏହାପଛକୁ ବୌଦ୍ଧରେ ୩୫.୫ ଡିଗ୍ରୀ, ନବରଙ୍ଗପୁର ଓ ଟିଟିଲାଗଡ଼ରେ ୩୫ ଡିଗ୍ରୀ, ଭୁବନେଶ୍ୱର ୩୪.୭ ଡିଗ୍ରୀ ରହିଥିଲା। ଖରା ସାଙ୍ଗକୁ ଗୁଳୁଗୁଳି ରାଜ୍ୟବାସୀଙ୍କୁ ଅତିଷ୍ଠ କରୁଥିବାବେଳେ ଶୁକ୍ରବାର ରାଜ୍ୟର କିଛି ଅଂଶରେ ହାଲୁକା ବର୍ଷା ହୋଇପାରେ ବୋଲି ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପୂର୍ବାନୁମାନ କରିଛି। ନବରଙ୍ଗପୁର, କଳାହାଣ୍ଡି, କନ୍ଧମାଳ, କୋରାପୁଟ, ରାୟଗଡ଼ା ଆଦି ଜିଲାରେ ସାମାନ୍ୟ ବର୍ଷା ହୋଇପାରେ। ତେବେ ୨ ଓ ୩ ତାରିଖରେ ସାରା ରାଜ୍ୟରେ ପାଗ ଶୁଖିଲା ରହିବ। ୪ ତାରିଖରେ ଝାରସୁଗୁଡ଼ା, ସୁନ୍ଦରଗଡ଼, କେନ୍ଦୁଝର, ମୟୂରଭଞ୍ଜ, ବରଗଡ଼, ସମ୍ବଲପୁର, ଦେବଗଡ଼, ସୋନପୁର ଆଦି ଜିଲାରେ ସାମାନ୍ୟ ବର୍ଷା ସମ୍ଭାବନା ରହିଛି। ସେହିପରି ୫ ତାରିଖରେ ସୁନ୍ଦରଗଡ, କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, ଦେବଗଡ଼ ଆଦି ଜିଲାରେ ହାଲୁକା ବର୍ଷାହୋଇପାରେ। ପରବର୍ତ୍ତୀ ଦୁଇଦିନ ପାଗ ଶୁଖିଲା ରହିବା ସହ ଗୁଳୁଗୁଳି ଅନୁଭୂତ ହେବ।

# ମତ୍ସ୍ୟଜୀବୀ ପରିବାରଙ୍କୁ ୨୨ କୋଟି ଟଙ୍କାର ଜୀବିକା ସହାୟତା

## ମାଛଧରା କଟକଣା ପ୍ରଭାବିତ ୫ ଜିଲାର ୧୫ହଜାର ମତ୍ସ୍ୟଜୀବୀ ଉପକୃତ

ଭୁବନେଶ୍ୱର, ୨୯।୨(ଅସମାପିକା ସାହୁ)

ଅଲିଭ୍ ରିଡ୍‌ଲେ କଇଁଛର ସୁରକ୍ଷା ନିମନ୍ତେ ମାଛଧରା କଟକଣା ଯୋଗୁ ପ୍ରଭାବିତ ସାମୁଦ୍ରିକ ମତ୍ସ୍ୟଜୀବୀଙ୍କୁ ରାଜ୍ୟ ଯୋଜନାରେ ଜୀବିକା ସହାୟତା ପ୍ରଦାନ କରାଯାଇଛି। ଗୁରୁବାର କୃଷି ଭବନଠାରେ ଆୟୋଜିତ କାର୍ଯ୍ୟକ୍ରମରେ କୃଷି ଓ କୃଷକ ସଶକ୍ତୀକରଣ, ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଡିବିଟି ମାଧ୍ୟମରେ ଏହି ସହାୟତା ପ୍ରଦାନ କରିଛନ୍ତି। ଏହାଦ୍ୱାରା ୧୫,୦୩୭ ପ୍ରଭାବିତ ମତ୍ସ୍ୟଜୀବୀ ପରିବାର ଉପକୃତ ହୋଇଛନ୍ତି। ହିତାଧିକାରୀଙ୍କ ମଧ୍ୟରେ ଜଗତ୍‌ସିଂହପୁର ଜିଲାର ୪୨୩ , କେନ୍ଦ୍ରାପଡ଼ାର ୬,୭୭୩, ପୁରୀର ୩,୪୫୦, ଗଞ୍ଜାମର ୩,୬୩୮ ଏବଂ ବାଲେଶ୍ୱର ଜିଲାର ୭୫୩ ମତ୍ସ୍ୟଜୀବୀ ପରିବାର ରହିଛନ୍ତି। ପରିବାର ପିଛା ୧୫ହଜାର ଟଙ୍କା ହିସାବରେ ମୋଟ ୨୨ କୋଟି ୫୫ଲକ୍ଷ ୫୫ଜାର ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ମତ୍ସ୍ୟଜୀବୀମାନଙ୍କୁ ସମ୍ବୋଧିତ କରି ମନ୍ତ୍ରୀ କହିଲେ, ଓଡ଼ିଶାରୁ ଉତ୍ପାଦିତ ସାମୁଦ୍ରିକ ମାଛ, ଚିଙ୍ଗୁଡ଼ି ଓ ଅନ୍ୟାନ୍ୟ ସାମୁଦ୍ରିକ



ସହାୟତା ପ୍ରଦାନ କାର୍ଯ୍ୟକ୍ରମରେ ବିଭାଗୀୟ ଅଧିକାରୀଙ୍କ ସହ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ।

ଖାଦ୍ୟର ଚାହିଦା ବିଦେଶରେ ଅଧିକ ଥିବା ଦୃଷ୍ଟିରୁ ଓଡ଼ିଶାର ଉପକୂଳରୁ ଅଧିକ ମାଛ ଉତ୍ପାଦନର ପର୍ଯ୍ୟାପ୍ତ ସୁଯୋଗ ରହିଛି। ଓଡ଼ିଶା ସମୁଦ୍ର ଉପକୂଳରେ ୨୨ ହଜାରରୁ ଊର୍ଦ୍ଧ୍ୱ ମାଛଧରା ଡଙ୍ଗା ମଧ୍ୟରେ ୧,୭୪୧ଟି ଟ୍ରଲର, ୧୨,୨୫୦ଟି ଯନ୍ତ୍ରଚାଳିତ ଡଙ୍ଗା ଓ ୮,୧୬୭ଟି ମାନବଚାଳିତ ଡଙ୍ଗା ରହିଛି। ରାଜ୍ୟରେ ପ୍ରାୟ ୧୬ ଲକ୍ଷ ମତ୍ସ୍ୟଜୀବୀ ଓ ମତ୍ସ୍ୟଚାଷୀଙ୍କ ମଧ୍ୟରୁ ସାମୁଦ୍ରିକ ମତ୍ସ୍ୟଜୀବୀଙ୍କ ସଂଖ୍ୟା ୫ ଲକ୍ଷରୁ ଊର୍ଦ୍ଧ୍ୱ। ଓଡ଼ିଶା ଉପକୂଳରେ ଅଲିଭ ରିଡ୍‌ଲେ କଇଁଛଙ୍କ ସୁରକ୍ଷିତ ଅଣ୍ଡାଦାନ ପ୍ରତି ରାଜ୍ୟ ସରକାର ଯେତିକି ସଚେତନ, ଅନୁରୂପ ଭାବରେ ମାଛଧରା କଟକଣା ଯୋଗୁ ପ୍ରଭାବିତ ମତ୍ସ୍ୟଜୀବୀଙ୍କ ଜୀବିକା ଓ କଲ୍ୟାଣ ପ୍ରତି ସେତିକି ପ୍ରତିବଦ୍ଧ ବୋଲି ମନ୍ତ୍ରୀ କହିଛନ୍ତି। ଭିଡିଓ କନ୍‌ଫରେନ୍ସିଂରେ ମନ୍ତ୍ରୀଙ୍କ ସହ ଆଲୋଚନା ସମୟରେ ରାଜ୍ୟ ସରକାରଙ୍କ ପକ୍ଷରୁ ଜୀବିକା ସହାୟତା ରାଶି ୭,୫୦୦ ଟଙ୍କାରୁ ୧୫ହଜାର ଟଙ୍କାକୁ ବୃଦ୍ଧି କରାଯାଇଥିବାରୁ ମତ୍ସ୍ୟଜୀବୀମାନେ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ। କାର୍ଯ୍ୟକ୍ରମରେ ବିଭାଗୀୟ ଉଚ୍ଚପଦସ୍ଥ ଅଧିକାରୀମାନେ ଯୋଗଦେଇଥିବାବେଳେ ଜିଲାସ୍ତରୀୟ ଅଧିକାରୀ ଓ ମତ୍ସ୍ୟଜୀବୀମାନେ ଭିଡିଓ କନ୍‌ଫରେନ୍ସିଂରେ ଯୋଗଦେଇଥିଲେ।

ସୂଚନାଯୋଗ୍ୟ, ଓଡ଼ିଶାର ସାମୁଦ୍ରିକ ଉପକୂଳ ବିରଳ ଅଲିଭ ରିଡ୍‌ଲେ କଇଁଛଙ୍କ ଅନ୍ତୁଡ଼ିଶାଳ ଭାବେ ପରିଚିତ। ପ୍ରତିବର୍ଷ ହଜାର ହଜାର ମାଇଲ ଦୂରରୁ ଓଡ଼ିଶା ଉପକୂଳକୁ ସେମାନେ ଅଣ୍ଡାଦାନ ପାଇଁ ଆସିଥାନ୍ତି। ସେମାନଙ୍କ ଅଣ୍ଡାଦାନ ପ୍ରକ୍ରିୟାକୁ ସୁରକ୍ଷିତ କରିବା ନିମନ୍ତେ ଗଞ୍ଜାମ ଜିଲାର ଋଷିକୁଲ୍ୟା ନଦୀ ମୁହାଣ, ଭଦ୍ରକର ଧାମରା ନଦୀ ମୁହାଣ, ପୁରୀ ଓ ଜଗତ୍‌ସିଂପୁରର ଦେବୀନଦୀ ମୁହାଣ ଅଞ୍ଚଳରେ ନଭେମ୍ବର ୧ରୁ ମେ' ୩୧ ପର୍ଯ୍ୟନ୍ତ ଓ କେନ୍ଦ୍ରାପଡ଼ା ଜିଲାର ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟରେ ବର୍ଷସାରା ମାଛଧରା କଟକଣା ଲାଗୁ କରାଯାଇଥାଏ। ଏଥିପାଇଁ ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ବିଭାଗ ତରଫରୁ ମାଛଧାରା ନିଷେଧ ସମୟରେ ପ୍ରଭାବିତ ସାମୁଦ୍ରିକ ମତ୍ସ୍ୟଜୀବୀଙ୍କୁ ଜୀବିକା ସହାୟତା ମାଧ୍ୟମରେ ଆର୍ଥିକ ସହାୟତା ପ୍ରଦାନର ବ୍ୟବସ୍ଥା କରାଯାଇଛି।

# ଆନ୍ଦୋଳନକୁ ଓହ୍ଲାଇବ ଅପୋସା

ଭୁବନେଶ୍ୱର,୨୯।୨(ଅନୁରାଧା ମହାରଣା)

ଅଲ୍ ଓଡିଶା ପ୍ରାଇଭେଟ୍ ସ୍କୁଲ୍‌ସ ଆସୋସିଶନ (ଅପୋସା) ୩ ଦଫା ଦାବି ନେଇ ଆନ୍ଦୋଳନକୁ ଓହ୍ଲାଇବ। ସିଓଆର୍, ଆର୍‌ଟିଇ ପ୍ରାପ୍ୟ ପ୍ରଦାନ ଓ ନୂତନ ବିଦ୍ୟାଳୟ ଖୋଲିବା ଦାବିରେ ମାର୍ଚ୍ଚ ୨ରେ ଲୋୟର ପିଏମ୍‌ଜିରେ ଆସୋସିଏଶନ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯିବ। ଏହାସହ ପ୍ରତ୍ୟେକ ଜିଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯିବ। ଏନେଇ ଗୁରୁବାର ବୁଦ୍ଧ ମନ୍ଦିରରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି। ତେବେ ଏହାସତ୍ତ୍ୱେ ଦାବି ପୂରଣ ନ ହେଲେ ୬ ତାରିଖରେ ସମଗ୍ର ରାଜ୍ୟରେ ପ୍ରତିନିଧି ମଣ୍ଡଳୀ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଅଧ୍ୟକ୍ଷ ସତ୍ୟ ମିଶ୍ର ଓ ସମ୍ପାଦକ ଅବନ୍ତୀ କୁମାର ସୂତାର ସୂଚନା ଦେଇଛନ୍ତି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ତେଜ ଘରର ପେଯ ପିଇ**
**ମାଇ ଗୁଲିଆ ଘରର ଭାତ ନ ଖାଇ।**

ରାଗି ଲୋକ ଚିଡ଼ିଚିଡ଼ା ପ୍ରକୃତିର ହୋଇଥାନ୍ତି। ଗାଳିମନ୍ଦ କରୁଥିଲେ ମଧ୍ୟ ତାହା ଗ୍ରହଣୀୟ। ଏପରି ବ୍ୟକ୍ତିଙ୍କ ପାଖରେ ପଛେ ଚାକିରି କରିବା ଶ୍ରେୟସ୍କର, ପରନ୍ତୁ ସ୍ତ୍ରୀ ବୁଦ୍ଧିରେ ଚାଲୁଥିବା ବ୍ୟକ୍ତି ପାଖରେ ଚାକିରି କରିବା ବା ମୁଣ୍ଡ ବିକିବା ଅନୁଚିତ ବୋଲି ଏଠାରେ ପ୍ରକାଶ କରାଯାଇଛି।

**ଥିର ପାଣି**
**ପଥର କାଟେ।**

ଯେତେ ଟାଣ ପଥର ହେଲେ ବି ଧୀରେ ଧୀରେ ବହୁଥିବା ପାଣିରେ ତାହା କ୍ଷୟ ହୋଇଯାଏ। କିନ୍ତୁ ଜୋରରେ ବହୁଥିବା ସ୍ରୋତରେ କିଛି ହୁଏ ନାହିଁ, ତା' ଦେହରେ ଶିଉଳି ବି ଲାଗେନି କି ମାଟି ଲାଗି ନ ଥାଏ। ସବୁ ଧୋଇ ହୋଇଯାଏ। ପରୋକ୍ଷରେ ସବୁ କଥା ଧୀର ସ୍ଥିର ହୋଇ ବୁଝି ବିଚାରି କଲେ କିଛି ଅସୁବିଧା ହେଉ ନ ଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ ପବ୍ଲିଶର୍ସ




ଗୁରୁବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

## ଏପ୍ରିଲ ୧୫ ପର୍ଯ୍ୟନ୍ତ ବଢ଼ିଲା ଏଚ୍ଆର୍ଏମ୍ଏସ୍ ପୋର୍ଟାଲରେ କର୍ମଚାରୀଙ୍କ ତଥ୍ୟ ଅଦ୍ୟତନ ସମୟସୀମା

**ଭୁବନେଶ୍ୱର,୨୯।୨(ସୁନିତ୍ ମିଶ୍ର)**

ରାଜ୍ୟ ସରକାରଙ୍କ ଅଧୀନରେ କାର୍ଯ୍ୟ କରୁଥିବା ସମସ୍ତ କର୍ମଚାରୀଙ୍କୁ ସେମାନଙ୍କ ସମ୍ପର୍କରେ ସବିଶେଷ ସଂକ୍ଷିପ୍ତ ତଥ୍ୟ(ପ୍ରୋଫାଇଲ୍ ଡେଟା) ଏଚ୍ଆର୍ଏମ୍ଏସ୍ ପୋର୍ଟାଲରେ ଆବେଦନ ଅଦ୍ୟତନ(ଅପ୍‌ଡେଶନ) କରିବା କାର୍ଯ୍ୟ ଆସନ୍ତା ଏପ୍ରିଲ ୧୫ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି। ପୂର୍ବରୁ ଏହି କାର୍ଯ୍ୟ ଗତ ଫେବୃଆରୀ ୧୫ ସୁଦ୍ଧା ଶେଷ କରିବାକୁ ରାଜ୍ୟ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ତରଫରୁ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଏ ସମ୍ପର୍କରେ କର୍ମଚାରୀମାନେ ସେମାନଙ୍କ ତଥ୍ୟ ଏଚ୍ଆର୍ଏମ୍ଏସ୍ ପୋର୍ଟାଲରେ ଆବେଦନକରି ନିଜର ସଂସ୍ଥାର ପ୍ରତିଷ୍ଠାନ (ଏଷ୍ଟାବ୍ଲିସ୍‌ମେଣ୍ଟ) ଅଧିକାରୀ/ ଅର୍ଥ ଉଠାଣ ଓ ବିତରଣ ଅଧିକାରୀ (ଡିଡିଓ) କିମ୍ବା ପ୍ରାଧିକୃତ ଅଧିକାରୀଙ୍କ ଜରିଆରେ ଏହାକୁ ବୈଧ କରିବାକୁ ଜଣାଇ ଦିଆଯାଇଥିଲା। ଏହି ବ୍ୟବସ୍ଥାରେ ଗୁରୁବାର ସୁଦ୍ଧା ପ୍ରାୟ ୩.୩ ଲକ୍ଷ କର୍ମଚାରୀ ସେମାନଙ୍କ ତଥ୍ୟ ପ୍ରଦାନ କରିଛନ୍ତି। କିନ୍ତୁ ଦେଖାଯାଉଛି ଯେ, ଅଦ୍ୟାବଧି ଅନେକ ସଂଖ୍ୟକ କର୍ମଚାରୀ ସେମାନଙ୍କର ପ୍ରୋଫାଇଲ ତଥ୍ୟ ଅଦ୍ୟତନ କରିନାହାନ୍ତି।

## ରାଷ୍ଟ୍ରପତିଙ୍କ କେନ୍ଦୁଝର ଗସ୍ତ | 'ମୂଳକୁ ଭୁଲିଗଲେ ଅସ୍ତିତ୍ୱକୁ ଭୁଲିଯିବା'

**କେନ୍ଦୁଝର,୨୯।୨(ନରେଶ ଚନ୍ଦ୍ର ପଟ୍ଟନାୟକ/ଦୀପକ ମିଶ୍ର)**

କେନ୍ଦୁଝର ଜିଲାରେ ହୋ, ମୁଣ୍ଡା, ଜୁଆଙ୍ଗ ଭଳି ବହୁ ଆଦିବାସୀ ବସବାସ କରୁଛନ୍ତି। ସେମାନେ ବିଭିନ୍ନ କାରଣରୁ ଆଗେଇପାରୁନାହାନ୍ତି। ଏଣୁ ବଣ ଜଙ୍ଗଲରେ ରହୁଥିବା ଅନଗ୍ରସର ଆଦିବାସୀଙ୍କ ବିକାଶ ଜରୁରୀ। ପୁରୁଣା କଥାକୁ ଭୁଲିବା ଉଚିତ ନୁହେଁ। ମୂଳକୁ ଭୁଲିଗଲେ ଅସ୍ତିତ୍ୱକୁ ଭୁଲିଯିବା ବୋଲି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ କହିଛନ୍ତି। ଗୁରୁବାର ଦିନିକିଆ କେନ୍ଦୁଝର ଗସ୍ତରେ ଆସି ଜୁଆଙ୍ଗ ଜନଜାତି ଲୋକଙ୍କ ସହ ଆଲୋଚନା ଏବଂ ଧରଣୀଧର ବିଶ୍ୱବିଦ୍ୟାଳୟର କେନ୍ଦୁଝର ଜନଜାତି; ଜନ, ସଂସ୍କୃତି ଓ ଐତିହ୍ୟ ଶୀର୍ଷକ ଜାତୀୟ ପାଠଚକ୍ର ଓ ଜନଜାତି ପ୍ରଦର୍ଶନୀର ଉଦ୍‌ଘାଟନ ସମାରୋହକୁ ଶୁଭାରମ୍ଭକରି ସେ ଏହା କହିଥିଲେ।

ରାଷ୍ଟ୍ରପତି ମୟୂରଭଞ୍ଜ ଜିଲାରୁ ସ୍ୱତନ୍ତ୍ର ହେଲିକପ୍ଟର ଯୋଗେ ପୂର୍ବାହ୍ନ ୧୦ଟା ୩୦ରେ ସଦର ବ୍ଲକ୍ ରାଇସୁଆଁ ଏୟାରଷ୍ଟ୍ରିପ୍‌ରେ ପହଞ୍ଚି ବାଂଶପାଳ ବ୍ଲକ ଗୋନାସିକା ଯାଇଥିଲେ। ଅନୁଷ୍ଠିତ ସମାରୋହରେ ଉଦ୍‌ବୋଧନ ଦେଇ କହିଥିଲେ, ଆଗରୁ ଆମେ କହୁ ଢୋକେ ପିଇ ଦଣ୍ଡେ ଜିଇଁବୁ, କିନ୍ତୁ ଆଜି କହୁଛୁ ଆମେ ପୂରା ପିଇବୁ ଓ ପୂରା ଜିଇଁବୁ। ଏଣୁ ସରକାର ଜନଜାତିଙ୍କ ବିକାଶ ପାଇଁ ୩ ବର୍ଷରେ ୨୪ ହଜାର କୋଟି ଟଙ୍କା ଖର୍ଚ୍ଚ କରିବାକୁ ଯୋଜନା ପ୍ରସ୍ତୁତ କରିଛନ୍ତି। ଜନଜାତିଙ୍କୁ ରାସ୍ତାଘାଟ, ସ୍କୁଲ, ସ୍ୱାସ୍ଥ୍ୟ ସୁବିଧା ଆଦି ମିଳିବା ଦରକାର। ପଢ଼ିବା, ଜାଣିବା ଏବଂ ଆଗକୁ ବଢ଼ିବା। ନିଜେ ଭଲରେ ରହିବା, ନିଜର ଉନ୍ନତି କରିବା ଏବଂ ଦେଶର ଉନ୍ନତି କରିବା ବୋଲି ଉପସ୍ଥିତି ଜୁଆଙ୍ଗ ଛାତ୍ରୀଛାତ୍ରଙ୍କୁ କହିଥିଲେ। ଜୁଆଙ୍ଗ ଜନଜାତି ଲୋକଙ୍କୁ ଆତ୍ମନିର୍ଭର ଓ ସ୍ୱାବଲମ୍ବୀ ପାଇଁ ସେମାନଙ୍କ ସାମର୍ଥ୍ୟ ଅନୁସାରେ ଟ୍ରେନିଂ ଦିଆଯାଉଛି। ଟ୍ରେନିଂ ପରେ ଆର୍ଥିକ ରୋଜଗାରକ୍ଷମ ହେବାକୁ ସୁଯୋଗ ଯୋଗାଇ ଦିଆଯାଉଛି ବୋଲି କହିଥିଲେ। ଯୁବତୀଯୁବକଙ୍କୁ ଟ୍ରେନିଂ ଦେଇ ଚାକିରି ଯୋଗାଇବା ଏବଂ ଋଣ ବ୍ୟବସ୍ଥା କରିବା ପାଇଁ ସୁଯୋଗ ଦେବାକୁ ଆହ୍ୱାନ ଦେଇଥିଲେ। କାର୍ଯ୍ୟକ୍ରମରେ ଉପସ୍ଥିତ କଦଳିବାଡ଼ି ତଥା ଆଖପାଖ ଅଞ୍ଚଳର ଜୁଆଙ୍ଗ ଜନଜାତିର ମହିଳା, ପୁରୁଷ ଓ ବିଭିନ୍ନ ଜୁଆଙ୍ଗ ପୀଢ଼ର ସର୍ଦ୍ଦାରମାନଙ୍କଠାରୁ ଶିକ୍ଷା, ନିଯୁକ୍ତି, ବ୍ୟବସାୟ, ରୋଜଗାର, ମାଗଣା ଚାଉଳ, ଘର, ପାନୀୟ ଜଳ ଯୋଗାଣ ସୁବିଧା ବିଷୟରେ ବୁଝିଥିଲେ। ଏହି ଅବସରରେ ଜୁଆଙ୍ଗ ମୁଖିଆମାନଙ୍କୁ ଉପହାର ଦେବା ସହ ଛୋଟ ପିଲାମାନଙ୍କୁ ଚକୋଲେଟ୍ ଦେଇଥିଲେ। ପରେ ରାଷ୍ଟ୍ରପତି ଧରଣୀଧର ବିଶ୍ୱବିଦ୍ୟାଳୟରେ କେନ୍ଦୁଝର ଜନଜାତି; ଜନ, ସଂସ୍କୃତି ଓ ଐତିହ୍ୟ ଶୀର୍ଷକ ଜାତୀୟ ପାଠଚକ୍ର ଓ ଜନଜାତି ପ୍ରଦର୍ଶନୀର ଉଦ୍‌ଘାଟନ ସମାରୋହକୁ ଶୁଭାରମ୍ଭ କରିଥିଲେ। ରାଷ୍ଟ୍ରପତି କହିଥିଲେ, ଗ୍ଲୋବାଲ ୱାର୍ମିଂ ଓ ଜଳବାୟୁ ପରିବର୍ତ୍ତନ ବିଶ୍ୱର ମୁଖ୍ୟ ସମସ୍ୟା ହୋଇଛି। ପ୍ରକୃତିକୁ ସମ୍ମାନ ଜଣାଇବା ଓ ପ୍ରାକୃତିକ ସମ୍ବଳର ସର୍ବନିମ୍ନ ବ୍ୟବହାର କରିବା ଆଦିବାସୀ ଜୀବନଶୈଳୀ । ଛାତ୍ରୀଛାତ୍ରମାନେ ଆଦିବାସୀଙ୍କ ଗ୍ରାମରେ ରହି ସେମାନଙ୍କ ଜୀବନଶୈଳୀ ଅନୁଧ୍ୟାନକରନ୍ତୁ। ସେମାନଙ୍କୁ ସମାଜର ମୁଖ୍ୟସ୍ରୋତରେ ସାମିଲ କରିବାରେ ସହାୟକ ହେବାକୁ କହିଥିଲେ। କାର୍ଯ୍ୟକ୍ରମରେ ରାଜ୍ୟପାଳ ରଘୁବର ଦାସ, ଇଲେକ୍ଟ୍ରୋନିକ୍ସ ଓ ଆଇଟି ମନ୍ତ୍ରୀ ତୁଷାରକାନ୍ତି ବେହେରା, ରାଜସ୍ୱ ଓ ବିପର୍ଯ୍ୟୟ ପ୍ରଶମନ ମନ୍ତ୍ରୀ ସୁଦାମ ମାର୍ଣ୍ଡି, ଜିଲାପାଳ ବିଶାଳ ସିଂହ, ଭାଇସ୍ ଚାନ୍ସେଲର ପ୍ରତାପ କୁମାର ମହାନ୍ତି ଉପସ୍ଥିତ ଥିଲେ।




ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଧରଣୀଧର ବିଶ୍ୱବିଦ୍ୟାଳୟରେ ଅନୁଷ୍ଠିତ ଜନଜାତି ପ୍ରଦର୍ଶନୀ ବୁଲି ଦେଖୁଛନ୍ତି।

## ଗ୍ରାମ୍ୟ ଉନ୍ନୟନ ବିଭାଗର ମାସିକ ସମୀକ୍ଷା ବୈଠକ

**ଭୁବନେଶ୍ୱର,୨୯।୨(ସୁନିତ୍ ମିଶ୍ର)**

ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନ ସମସ୍ତ ଯୋଜନା ଓ ପ୍ରକଳ୍ପକୁ ତ୍ୱରାନ୍ୱିତ ପ୍ରକ୍ରିୟାରେ ସମ୍ପୂର୍ଣ୍ଣ କରିବା ସହ ଠିକ୍ ସମୟରେ ପ୍ରକଳ୍ପ କାର୍ଯ୍ୟ ସମାପ୍ତ କରିବାକୁ ବିଭାଗୀୟ ପ୍ରମୁଖ ଶାସନ ସଚିବ ସଞ୍ଜୟ କୁମାର ସିଂହ ନିର୍ଦ୍ଦେଶ ଦେଇଛନ୍ତି। ଗୁରୁବାର ଅପରାହ୍ନରେ ଲୋକସେବା ଭବନସ୍ଥିତ ଗ୍ରାମ୍ୟ ଉନ୍ନୟନ ବିଭାଗ ଓସ୍ୱାନ ହଲ୍‌ରେ ବିଭାଗର ମାସିକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ବିଭାଗୀୟ ପ୍ରମୁଖ ଶାସନ ସଚିବ ଏଥିରେ ଅଧ୍ୟକ୍ଷତା କରି କହିଛନ୍ତି, ଧାର୍ଯ୍ୟ ସମୟ ମଧ୍ୟରେ ପ୍ରକଳ୍ପ ପାଇଁ ଦିଆଯାଇଥିବା ଅନୁଦାନର ସୁବିନିଯୋଗ ଜରୁରୀ। ଫେବୃଆରୀ ସୁଦ୍ଧା ୯୦% ଅନୁଦାନ ଖର୍ଚ୍ଚ ହେବାକୁ ଲକ୍ଷ୍ୟ ଧାର୍ଯ୍ୟ ଥିବାବେଳେ ଚଳିତ ଆର୍ଥିକ ବର୍ଷ ଶେଷ ସୁଦ୍ଧା ଯେପରି ଶତ ପ୍ରତିଶତ ଅନୁଦାନ ବ୍ୟୟ ହୋଇପାରିବ ସେଥିପ୍ରତି ବିଭାଗୀୟ ଯନ୍ତ୍ରୀମାନେ ଯତ୍ନବାନ୍ ହେବା ଦରକାର ବୋଲି ସେ କହିଛନ୍ତି।

## 'ନମୋ ଯୁବ ମତଦାତା ବୈଠକ'

**ଭୁବନେଶ୍ୱର,୨୯।୨(ସୁନିତ୍ ମିଶ୍ର)**

ଭୁବନେଶ୍ୱର ୨୯ ନମ୍ବର ୱାର୍ଡରେ ବନଦୁର୍ଗା ମନ୍ଦିର ପ୍ରାଙ୍ଗଣରେ ଭାଜପା ଯୁବମୋର୍ଚ୍ଚା ରାଜ୍ୟ ସଭାପତି ଅଭିଲାଷ ପଣ୍ଡାଙ୍କ ଅଧ୍ୟକ୍ଷତାରେ 'ନମୋ ଯୁବ ମତଦାତା ବୈଠକ' ଅନୁଷ୍ଠିତ ହୋଇଯାଇଛି । ବୈଠକକୁ ରାଜ୍ୟ ନିର୍ବାଚନ ସହପ୍ରଭାରୀ ସୁଶ୍ରୀ ଲତା ଉସେଣ୍ଡି ଉଦ୍‌ଘାଟନ କରିଛନ୍ତି। ଆସନ୍ତା ୫ ତାରିଖ ସୁଦ୍ଧା ଓଡ଼ିଶାର ସମସ୍ତ ପଞ୍ଚାୟତରେ ନମୋ ଯୁବ ମତଦାତା ବୈଠକ ଅନୁଷ୍ଠିତ ହେବ ବୋଲି ଯୁବମୋର୍ଚ୍ଚା ରାଜ୍ୟ ସଭାପତି ପଣ୍ଡା କହିଛନ୍ତି। ସାମାଜିକ ଗଣମାଧ୍ୟମରେ ଯୁବପିଢ଼ି ଯୋଡ଼ିହୋଇ ରହିଛନ୍ତି । ନମୋ ଆପ୍ ଜରିଆରେ ଏହା ସ୍ପଷ୍ଟ ପରିଲକ୍ଷିତ ହେଉଛି। ଏହି ପରିପ୍ରେକ୍ଷୀରେ 'ନମୋ ଆପ୍-ବିକଶିତ ଭାରତ'ର ବଡ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ।

## ବିଜେଡିରେ ସାମିଲ ହେଲେ ମୟୂରଭଞ୍ଜ ଜିଲା ଭାଜପା ଉପସଭାପତି

**ଭୁବନେଶ୍ୱର,୨୯।୨(ଅନିଲଦାସ)**

ମୟୂରଭଞ୍ଜ ଜିଲା ଭାଜପା ଉପସଭାପତି ଈଶାନ କୁମାର ମିଶ୍ରଙ୍କ ସହ ଶତାଧିକ ଭାଜପା କର୍ମୀ ଗୁରୁବାର ଶଙ୍ଖ ଭବନ ଠାରେ ରାଜ୍ୟସଭା ଏମପି ସସ୍ମିତ ପାତ୍ର, ମୟୂରଭଞ୍ଜ ଜିଲା ପର୍ଯ୍ୟବେକ୍ଷକ ଜନ୍ମେଜୟ ଲେଙ୍କାଙ୍କ ଉପସ୍ଥିତିରେ ବିଜେଡିରେ ଯୋଗ ଦେଇଛନ୍ତି। ଦଳରେ ସାମିଲ ହୋଇଥିବା ଈଶାନ କୁମାର ମିଶ୍ର ଓ ସମସ୍ତ ଭାଜପା କର୍ମୀଙ୍କୁ ସସ୍ମିତ ଓ ଜନ୍ମେଜୟ ଉପଢୌକନ ଦେଇ ଦଳକୁ ସ୍ୱାଗତ କରିଛନ୍ତି । ଭାଜପା କର୍ମୀଙ୍କ ଯୋଗଦାନ ଫଳରେ ମୟୂରଭଞ୍ଜ ଜିଲାରେ ଦଳୀୟ ସଙ୍ଗଠନ ଆହୁରି ମଜଭୁତ ହେବ ବୋଲି ଉଭୟେ କହିଛନ୍ତି। ଈଶାନ ମିଶ୍ର କହିଛନ୍ତି ଯେ, ସେଏହି ଦଳରେ ଥିଲେ, କିଛି କାରଣବଶତଃ ଦଳ ଛାଡି ଯାଇଥିଲେ। ସେ ପୁନର୍ବାର ଏହି ଦଳକୁ ଫେରିଛନ୍ତି।

## ବାଲେଶ୍ୱରରେ ନୂଆ-ଓ ଛାତ୍ରବୃତ୍ତି କାର୍ଯ୍ୟକ୍ରମ | ଯୁବପିଢ଼ିଙ୍କୁ ସୁଯୋଗ ଦେଇଛି ନୂଆ ଓଡ଼ିଶା

**ବାଲେଶ୍ୱର, ୨୯।୨ (ମାନସ ବିଶ୍ୱାଳ)**

ବାଲେଶ୍ୱର ଜିଲା ସଦର ମହକୁମାସ୍ଥିତ ପୋଲିସ ଲାଇନ ପଡ଼ିଆରେ ଅନୁଷ୍ଠିତ ହୋଇଛି ନୂଆ-ଓ ଛାତ୍ରବୃତ୍ତି କାର୍ଯ୍ୟକ୍ରମ। ସମଗ୍ର ଜିଲାରୁ ଆସିଥିବା ମହାବିଦ୍ୟାଳୟ ଏବଂ ବିଶ୍ୱବିଦ୍ୟାଳୟର ଯୋଗ୍ୟ ବିବେଚିତ ଛାତ୍ରୀଛାତ୍ରଙ୍କ ପାଇଁ ଉଦ୍ଦିଷ୍ଟ କାର୍ଯ୍ୟକ୍ରମରେ ୫-ଟି ତଥା ନବୀନ ଓଡ଼ିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ଯୋଗଦେଇ ନୂଆ ଓଡ଼ିଶା ଗଠନରେ ଯୁବଶକ୍ତି ଯୋଗଦାନ କରିବାକୁ ପ୍ରେରଣା ଦେଇଥିଲେ। ଏହା ଯୁବତୀଯୁବକମାନଙ୍କ ପାଇଁ ବିପୁଳ ସୁଯୋଗ ସୃଷ୍ଟି କରିଛି। ଉଚ୍ଚମାଧ୍ୟମିକ ବିଦ୍ୟାଳୟ ଓ ମହାବିଦ୍ୟାଳୟଗୁଡ଼ିକରେ ସ୍ମାର୍ଟ କ୍ଲାସ, ଇ-ଲାଇବ୍ରେରୀ, ସାଇନ୍ସ ଲ୍ୟାବ ନିମନ୍ତେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ପଦକ୍ଷେପ ନିଆଯାଉଛି ବୋଲି କହିଥିଲେ। ଛାତ୍ରୀଛାତ୍ରଙ୍କ ଅନ୍ତର୍ନିହିତ ପ୍ରତିଭା ପ୍ରଦର୍ଶନ କରିବା ନିମନ୍ତେ ନୂଆ-ଓ କାର୍ଯ୍ୟକ୍ରମ ସୁଯୋଗ ଆଣିଛି ବୋଲି ମତପ୍ରକାଶ କରିଥିଲେ। ଏହି ଅବସରରେ ବାଲେଶ୍ୱର ଜିଲାର ୭୧ ମହାବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ୩୦କୋଟି ୫୯ଲକ୍ଷ ୨୫ହଜାର ଟଙ୍କା ଛାତ୍ରବୃତ୍ତି ପ୍ରଦାନ କରାଯାଇଥିଲା। ସେହିପରି ଛାତ୍ରୀଛାତ୍ରଙ୍କ ସ୍ୱପ୍ନକୁ ସାକାର କରିବା ପାଇଁ ସେମାନଙ୍କୁ ଖୁବଶୀଘ୍ର ସ୍ମାର୍ଟ କାର୍ଡ଼ ଯୋଗାଇ ଦିଆଯିବ, ଯଦ୍ୱାରା ସେମାନେ ବିଭିନ୍ନ ପ୍ରକାର ସୁବିଧା ସୁଯୋଗ ପାଇପାରିବେ ବୋଲି କହିଥିଲେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଭାସୀ ମାଧ୍ୟମରେ ଛାତ୍ରବୃତ୍ତି ପାଇଥିବା ସମସ୍ତ ଛାତ୍ରୀଛାତ୍ରଙ୍କୁ ଶୁଭେଚ୍ଛା ଜଣାଇବା ସହ ନୂଆ-ଓ କାର୍ଯ୍ୟକ୍ରମରେ ସେମାନଙ୍କର ପ୍ରତିଭା ପ୍ରଦର୍ଶନରେ ଖୁସିବ୍ୟକ୍ତ କରିଥିଲେ। ଛାତ୍ରୀଛାତ୍ରଙ୍କ ପ୍ରତିଭାରେ ସାରା ଓଡ଼ିଶା ଓ ଦେଶ ଗର୍ବ କରୁ ଏବଂ ସେମାନଙ୍କର ଦକ୍ଷତା ଅଧିକ ବିକାଶ ତଥା ସୁନ୍ଦର ଭବିଷ୍ୟତ ପାଇଁ ଓଡ଼ିଶା ସରକାର ନୂଆ ଓ ଛାତ୍ରବୃତ୍ତି ଆରମ୍ଭ କରିଛନ୍ତି ବୋଲି କହିଥିଲେ। ଅର୍ଥ ଅଭାବରୁ କୌଣସି ଛାତ୍ରୀଛାତ୍ର ଉଚ୍ଚଶିକ୍ଷା ଲାଭ କରିବାରୁ ବଞ୍ଚିତ ନ ହୁଅନ୍ତୁ ସେଥିପାଇଁ ନୂଆ-ଓ ଛାତ୍ରବୃତ୍ତି ଆରମ୍ଭ ହୋଇଛି ।




ଛାତ୍ରବୃତ୍ତି ପାଇଥିବା ଛାତ୍ରୀଛାତ୍ରଙ୍କ ଗହଣରେ ୫-ଟି ତଥା ନବୀନ ଓଡ଼ିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ।

**ପ୍ରଥମ ପୃଷ୍ଠାରୁ...**

### ଓଡ଼ିଶାରେ କମୁଛି...

ରାଜ୍ୟରେ ୭୬୦ କଳରାପତରିଆ ବାଘ ଥିବାବେଳେ ବର୍ତ୍ତମାନ ରାଜ୍ୟରେ ୫୬୮ ରହିଛି। ଯଦିଓ ରାଜ୍ୟରେ କଳରାପତରିଆଙ୍କ ସଂଖ୍ୟା ହ୍ରାସ ପାଉଛି, ମାତ୍ର ଶିମିଳିପାଳ, ସାତକୋଶିଆରେ ସଂଖ୍ୟା ବୃଦ୍ଧି ହୋଇଛି। ସାତକୋଶିଆ ଓ ଶିମିଳିପାଳ ବ୍ୟାଘ୍ର ପ୍ରକଳ୍ପ ମଧ୍ୟରେ ଯଥାକ୍ରମେ ୮୦ ଓ ୯୧ ବାଘ କ୍ୟାମେରା ଟ୍ରାପରେ ଠାବ ହୋଇଛନ୍ତି। ଅନ୍ୟପଟେ ନୟାଗଡ଼ ଓ ଘୁମୁସର ବନଖଣ୍ଡରେ କୌଣସି ବାଘ ନଜର ଆସି ନ ଥିବା ରିପୋର୍ଟରେ ଦର୍ଶାଯାଇଛି। ଶିମିଳିପାଳ, ସାତକୋଶିଆରେ କଳରାପତରିଆଙ୍କ ସଂଖ୍ୟା ବୃଦ୍ଧି ସନ୍ତୋଷଜନକ ଥିବାବେଳେ ଅଣସଂରକ୍ଷିତ ଅଞ୍ଚଳରେ ୫୫ପ୍ରତିଶତ କଳରାପତରିଆ ଚିହ୍ନଟ ହୋଇଥିବା ରିପୋର୍ଟରେ ଦର୍ଶାଯାଇଛି, ଯାହାକୁ ନେଇ ଏନ୍‌ଟିସିଏ ଚିନ୍ତା ପ୍ରକଟ କରିଛି। କେବଳ ବ୍ୟାଘ୍ର ପ୍ରକଳ୍ପରେ ସୁରକ୍ଷା ଓ ସଂରକ୍ଷଣକୁ ଦୃଷ୍ଟି ଦିଆଯାଇଥିବାବେଳେ ବାକି ଅନ୍ୟ ସ୍ଥାନରେ ଦୃଷ୍ଟାନ୍ତମୂଳକ ଭାବେ ସଂଖ୍ୟା ହ୍ରାସ ପାଉଛି। ତେଣୁ ରାଜ୍ୟ ବନ ବିଭାଗ ଅନ୍ୟ ସ୍ଥାନଗୁଡ଼ିକରେ ମଧ୍ୟ ପାଟ୍ରୋଲିଂ ବଢ଼ାଇବା ପାଇଁ ପରାମର୍ଶ ଦିଆଯାଇଛି।

### ଏବେ ବି...

ଭଣ୍ଡାରରେ ଥିବା ଅଳଙ୍କାରଗୁଡ଼ିକୁ ଗଣତି କରାଯାଇଥିଲା। ଏହା ପରେ ୧୯୮୦ ମେ'ରେ ଅନୁଷ୍ଠିତ ରାଜ୍ୟ ବିଧାନସଭା ନିର୍ବାଚନରେ ନୀଳମଣିଙ୍କ ନେତୃତ୍ୱାଧୀନ ଜନତା ଦଳ ସରକାରର ପତନ ଘଟିଥିଲା। ଏହି ନିର୍ବାଚନରେ କଂଗ୍ରେସ ସରକାର ଗଠନ କରିଥିଲା। କଂଗ୍ରେସ ନେତା ଜାନକୀ ବଲ୍ଲଭ ପଟ୍ଟନାୟକ (୧୯୮୦-୧୯୮୯) ମୁଖ୍ୟମନ୍ତ୍ରୀ ହୋଇଥିଲେ। ୧୯୮୫ ଜୁଲାଇ ୧୪ ରତ୍ନଭଣ୍ଡାର ଖୋଲିବାକୁ ଉଦ୍ୟମ ହୋଇଥିଲା। ପରବର୍ତ୍ତୀ ସମୟରେ ୧୯୮୯ ଅନୁଷ୍ଠିତ ଲୋକ ସଭା ନିର୍ବାଚନରେ ଓଡ଼ିଶାରେ କଂଗ୍ରେସର ଶୋଚନୀୟ ପରାଜୟ ହୋଇଥିଲା। ଏଥିଯୋଗୁ ଜାନକୀଙ୍କୁ ମୁଖ୍ୟମନ୍ତ୍ରୀ ପଦ ହରାଇବାକୁ ପଡ଼ିଥିଲା।

### ଭାରତରେ ବଢ଼ୁଛି...

ସଂଖ୍ୟା ସର୍ବାଧିକ ରହିଥିବା ଏହି ରିପୋର୍ଟରେ ପ୍ରକାଶ ପାଇଛି। ୨୦୧୮ରେ ମଧ୍ୟପ୍ରଦେଶରେ ୩,୪୨୧ଟି କଳରାପତରିଆ ବାଘ ଥିବାବେଳେ ଏହି ସଂଖ୍ୟା ୨୦୨୨ରେ ବଢ଼ି ୩,୯୦୭ରେ ପହଞ୍ଚିଛି। ଏହି ତାଲିକାରେ ମହାରାଷ୍ଟ୍ର ଦ୍ୱିତୀୟ ସ୍ଥାନରେ ଥିବା ବେଳେ କର୍ଣ୍ଣାଟକ ଏବଂ ତାମିଲନାଡୁ ଯଥାକ୍ରମେ ତୃତୀୟ ଓ ଚତୁର୍ଥ ସ୍ଥାନରେ ରହିଛନ୍ତି। ତାଜା ରିପୋର୍ଟ ଅନୁସାରେ ମହାରାଷ୍ଟ୍ରରେ ୧,୯୮୫ଟି କଳରାପତରିଆ ବାଘ ଥିବାବେଳେ କର୍ଣ୍ଣାଟକ ଓ ତାମିଲନାଡୁରେ ଏହି ସଂଖ୍ୟା ଯଥାକ୍ରମେ ୧,୮୭୯ ଓ ୧,୦୭୦ ରହିଛି। ତେବେ ଶିବାଳିକ ପର୍ବତମାଳା ଓ ଗାଙ୍ଗେୟ ସମତଳ ଭୂମିରେ କଳରାପତରିଆ ବାଘଙ୍କ ସଂଖ୍ୟା ସାମାନ୍ୟ ହ୍ରାସ ପାଇଛି। ୨୦୧୮ରେ ଏହି ଅଞ୍ଚଳରେ ୧୨୫୩ଟି କଳରାପତରିଆ ବାଘ ଥିବା ବେଳେ ଏବେ ଏହି ସଂଖ୍ୟା କମି ୧୧୦୯ରେ ପହଞ୍ଚିଛି। ଆନ୍ଧ୍ର ପ୍ରଦେଶର ନାଗାର୍ଜୁନ ସାଗର-ଶ୍ରୀଶୈଳମ ବ୍ୟାଘ୍ର ଅଭୟାରଣ୍ୟ, ମଧ୍ୟପ୍ରଦେଶର ପନ୍ନା ଓ ସାତପୁରା ବ୍ୟାଘ୍ର ଅଭୟାରଣ୍ୟରେ ସର୍ବାଧିକ କଳରାପତରିଆ ବାଘ ରହିଥିବା ଏହି ରିପୋର୍ଟ ପ୍ରକାଶ କରିଛି। କଳରାପତରିଆ ବାଘମାନଙ୍କର ପଞ୍ଚମ ଥର ପାଇଁ କରାଯାଇଥିବା ଏହି ଗଣନା ଦେଶର ୧୮ଟି ରାଜ୍ୟରେ ହୋଇଥିଲା।

### ପିଏମ୍‌ଶ୍ରୀ ସ୍କୁଲ୍...

ଅଞ୍ଚଳରୁ ୬,୪୪୮ ସ୍କୁଲକୁ ଉନ୍ନୀତ କରିବା ପାଇଁ ଚୟନ କରାଯାଇଛି। ସମଗ୍ର ଶିକ୍ଷା ଯୋଜନାରେ କେନ୍ଦ୍ରଠାରୁ ପାଣ୍ଠି ନେଇ ଉପରୋକ୍ତ ରାଜ୍ୟ ପିଏମ୍‌ଶ୍ରୀ ସ୍କୁଲ୍ ପାଇଁ ଏମ୍‌ଓୟୁ ସ୍ୱାକ୍ଷର ନ କରିବା ଚିନ୍ତାଜନକ। ପଞ୍ଜାବ ଏମ୍‌ଓୟୁରେ ସ୍ୱାକ୍ଷର କରିଥିଲେ ମଧ୍ୟ ଏହାକୁ କାର୍ଯ୍ୟକାରୀ କରୁ ନ ଥିବା ଏକ ସୂତ୍ରରୁ କୁହାଯାଇଛି।

### ମାତୃଭାଷାରେ ଶିକ୍ଷାରୁ...

ସମାରୋହ ଦିନ ବିଦ୍ୟାର୍ଥୀଙ୍କ ପାଇଁ ମହତ୍ତ୍ୱପୂର୍ଣ୍ଣ ଦିନ ହୋଇଥାଏ। ଆଜି ଉପାଧି ପାଇବା ପରେ ଆପଣମାନେ ସମସ୍ତେ ନିଜ କାର୍ଯ୍ୟକ୍ଷେତ୍ରରେ ନିଯୁକ୍ତ ହୋଇ ନିଜ କାମ ପ୍ରତି ସମ୍ପୂର୍ଣ୍ଣ ନିଷ୍ଠାର ସହିତ କର୍ତ୍ତବ୍ୟ ସମ୍ପାଦନ କରିବେ। ଉଚ୍ଚଶିକ୍ଷା ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ କହିଛନ୍ତି, ସ୍ୱାଧୀନତା ପୂର୍ବରୁ ଉତ୍କଳ ବିଶ୍ୱବିଦ୍ୟାଳୟର ମଞ୍ଜି ପୋତା ଯାଇଥିଲା। ଷାଠିଏ ଦଶକର ପ୍ରାରମ୍ଭରେ ଭୁବନେଶ୍ୱରରେ ଏହି କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଆଜି କେବଳ ଓଡ଼ିଶା ନୁହେଁ, ଭାରତ ବର୍ଷରେ ଉଚ୍ଚଶିକ୍ଷା କ୍ଷେତ୍ରରେ ଉତ୍କଳ ବିଶ୍ୱବିଦ୍ୟାଳୟର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଉତ୍ସବରେ କୁଳପତି ପ୍ରଫେସର ସବିତା ଆଚାର୍ଯ୍ୟ ସ୍ୱାଗତ ଭାଷଣ ଦେଇ ଉତ୍କଳ ବିଶ୍ୱବିଦ୍ୟାଳୟର ଆଭିମୁଖ୍ୟ ଏବଂ ସଫଳତା ସମ୍ପର୍କରେ ଆଲୋକପାତ କରିଥିଲେ। କୁଳସଚିବ ଡ. କାହ୍ନୁଚରଣ ଧୀର ଦୀକ୍ଷାନ୍ତ ସମାରୋହ ଶୋଭାଯାତ୍ରାର ନେତୃତ୍ୱ ନେଇଥିଲେ। ଉତ୍ସବରେ ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ ଡ. ପ୍ରମୋଦ କୁମାର ମିଶ୍ର, ଭାରତୀୟ ପାଣିପାଗ ବିଭାଗ (ଆଇଏମ୍‌ଡି) ମହାନିର୍ଦ୍ଦେଶକ ଡ. ମୃତ୍ୟୁଞ୍ଜୟ ମହାପାତ୍ର ଏବଂ ହିଣ୍ଡାଲ୍‌କୋ ଇଣ୍ଡଷ୍ଟ୍ରି ଲିମିଟେଡ ପରିଚାଳନା ନିର୍ଦ୍ଦେଶକ ସତୀଶ ପାଇଙ୍କୁ ସମ୍ମାନସୂଚକ ଡକ୍ଟରେଟ ଡିଗ୍ରୀ ତଥା ଡି.ଲିଟ୍ ଉପାଧି ପ୍ରଦାନ କରାଯାଇଥିଲା। ସେହିପରି ଏହି ସମାବର୍ତ୍ତନ ଉତ୍ସବରେ ୧୬୬ଜଣଙ୍କୁ ପି.ଏଚଡି. ଡିଗ୍ରୀ ଏବଂ ୯୫ଜଣଙ୍କୁ ସ୍ୱର୍ଣ୍ଣପଦକ ପ୍ରଦାନ କରାଯାଇଥିଲା। ଏହାସହିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ମିଶାଇ ୧୦୬ଜଣଙ୍କୁ ପୁରସ୍କାର ଓ ଅର୍ଥରାଶି ପ୍ରଦାନ କରାଯାଇଥିଲା।

### ରତ୍ନଭଣ୍ଡାର ଅଳଙ୍କାର...

ବୈଠକ ବସି କାର୍ଯ୍ୟପନ୍ଥା ସ୍ଥିର କରାଯିବ। ତେବେ ଆଗାମୀ ଦିନରେ ମହାପ୍ରଭୁଙ୍କ ଯାନିଯାତ୍ରା ଥିବାରୁ ବର୍ତ୍ତମାନ ସମୟରେ ରତ୍ନଭଣ୍ଡାର ଖୋଲିବା ସମ୍ଭବ ହେବନାହିଁ। ମହାପ୍ରଭୁଙ୍କ ଘୋଷଯାତ୍ରା ସମୟରେ ୧୩ ଦିନ ସମୟ ମିଳିଥାଏ। ତେଣୁ ସେହି ସମୟରେ ଖୋଲିବା ଓ କାର୍ଯ୍ୟ କରିବା ପାଇଁ ପୂର୍ବରୁ ଏଏସ୍ଆଇକୁ ପ୍ରସ୍ତାବ ଦିଆଯାଇଥିଲା। ଯାହାକୁ ଏଏସ୍ଆଇ ଗ୍ରହଣ କରିଥିଲା। ତେଣୁ ପରବର୍ତ୍ତୀ ବୈଠକ ପରେ କାର୍ଯ୍ୟପନ୍ଥା ସ୍ଥିର କରାଯିବ ବୋଲି କର ପ୍ରକାଶ କରିଛନ୍ତି। ସେହିପରି ପରିଚାଳନା କମିଟି ସଦସ୍ୟ ଦୁର୍ଗାଦାସ ମହାପାତ୍ର କହିଛନ୍ତି, ସରକାରଙ୍କ ଚିଠି ପହଞ୍ଚି ନାହିଁ। ଚିଠି ପହଞ୍ଚିବା ପରେ ଯାହାକିଛି ପଦକ୍ଷେପ ନିଆଯିବ। ଅନ୍ୟପକ୍ଷରେ ଶ୍ରୀଜଗନ୍ନାଥ ସେନାର ଆବାହକ ଆଇନଜୀବୀ ପ୍ରିୟଦର୍ଶନ ପଟ୍ଟନାୟକ କହିଛନ୍ତି, ସରକାର ଆଗାମୀ ନିର୍ବାଚନକୁ ଆଖି ଆଗରେ ରଖି ଏପରି ନିଷ୍ପତ୍ତି ନେଇଛନ୍ତି, ଯାହା କେବଳ ନିର୍ବାଚନୀ ଚାଲ୍। କମିଟି ଗଠନ କରାଗଲା ସତ, ହେଲେ ଏହା କେବେ କାର୍ଯ୍ୟକାରୀ ହେଉଛି ତାହା ପ୍ରଶ୍ନବାଚୀ ସୃଷ୍ଟି କରୁଛି ବୋଲି ପଟ୍ଟନାୟକ ପ୍ରକାଶ କରିଛନ୍ତି। ଉଲ୍ଲେଖଯୋଗ୍ୟ, ୨୦୧୮ ଏପ୍ରିଲ ୪ରେ ୧୫ ଜଣିଆ କମିଟି ରତ୍ନଭଣ୍ଡାର ସ୍ଥିତି ଅନୁଧ୍ୟାନ କରିବାକୁ ଯାଇଥିଲା। ତେବେ ଚାବିକାଠି ହଜିଯାଇଥିବାରୁ କେବଳ ବାହାରପଟୁ ସ୍ଥିତି ଅନୁଧ୍ୟାନ କରି ଫେରିଆସିଥିଲା।

### ରତ୍ନଭଣ୍ଡାର କାନ୍ଥରେ...

ପରିଚାଳନା କମିଟିରେ ଉପସ୍ଥାପନ କରାଯିବ। ଶ୍ରୀମନ୍ଦିର ୪ଦ୍ୱାର ସହ କୁର୍ମବେଢ଼ା ଓ ମେଘନାଦ ପାଚେରିକୁ ଆଲୋକୀକରଣ କରାଯିବ। ଏ ନେଇ ବଜେଟ ଗୃହୀତ ହୋଇଛି। ଆସନ୍ତା କିଛି ମାସ ମଧ୍ୟରେ କାର୍ଯ୍ୟ ଶେଷ କରିବା ପାଇଁ ଲକ୍ଷ୍ୟ ରଖାଯାଇଛି। ସେବା କଲ୍ୟାଣ କମିଟି ଓ ନୀତି ସବ୍ କମିଟି, ଗୁରୁକୁଳ ଆଦି ସମ୍ପର୍କରେ ଆଲୋଚନା କରାଯାଇଛି। ସେହିପରି ଏଏସ୍ଆଇର ଓଡ଼ିଶା ମୁଖ୍ୟ ଡି.ବି. ଗଡନାୟକ କହିଛନ୍ତି, ନାଟମଣ୍ଡପ ମରାମତି କାର୍ଯ୍ୟ ଆଗେଇ ଚାଲିଛି। ମେଘନାଦ ପାଚେରୀ, ଚାରିଦ୍ୱାର, କୁରୁମବେଢ଼ା ଆଦିର ଆଲୋକୀକରଣ କାର୍ଯ୍ୟ ଆସନ୍ତା ୨ ମାସ ମଧ୍ୟରେ ଶେଷ କରିବାକୁ ଲକ୍ଷ୍ୟ ରଖାଯାଇଛି। ଏଏସ୍ଆଇ ପକ୍ଷରୁ ରତ୍ନଭଣ୍ଡାର ବାହାର କାନ୍ଥର ଲେଜ୍‌ର ସ୍କାନିଂର ରିପୋର୍ଟ ପ୍ରଦାନ କରାଯାଇଛି। ରତ୍ନଭଣ୍ଡାର ବାହାର କାନ୍ଥରେ ଯେଉଁ କିଛିସ୍ଥାନ ଦୁର୍ବଳ ରହିଛି ସେଠାକାର ପ୍ଲାଷ୍ଟର ଛଡାଯାଇ ତାହାର ତଦାରଖ କରାଯିବ। ଫଳରେ ପଥର କି ପ୍ଲାଷ୍ଟରରେ ଫାଟ ରହିଛି ଜଣାପଡିବ। ବର୍ଷାଋତୁ ପୂର୍ବରୁ କାର୍ଯ୍ୟ ସମ୍ପନ୍ନ କରିବାକୁ ଲକ୍ଷ୍ୟ ରଖାଯାଇଛି। ରତ୍ନଭଣ୍ଡାରର ମରାମତି ଆବଶ୍ୟକ ରହିଛି। ରଘୁନନ୍ଦନ ଲାଇବ୍ରେରୀ ଓ ଶ୍ରୀମନ୍ଦିର ଅଭ୍ୟର୍ଥନ କେନ୍ଦ୍ର ନିର୍ମାଣ ପାଇଁ ଏନ୍‌ଏମ୍‌ଏ ଅନୁମତି ପ୍ରଦାନ କରିଛି।

### ସୋଲାର ପ୍ୟାନେଲରେ...

୨ କିଲୋୱାଟ୍ ପାଇଁ ୬୦ ହଜାର ଟଙ୍କା ଏବଂ ୩ କିଲୋୱାଟ କିମ୍ବା ତା'ଠାରୁ ଅଧିକ କ୍ଷମତାର ସିଷ୍ଟମ ଲଗାଇବା ପାଇଁ ୭୮,୦୦୦ ଟଙ୍କା ଯୋଗାଇବେ। ଏଥିପାଇଁ ପରିବାରକୁ ନ୍ୟାଶନାଲ ପୋର୍ଟାଲ ଜରିଆରେ ସବ୍‌ସିଡି ପାଇଁ ଆବେଦନ କରିବାକୁ ହେବ। ସେମାନେ ରୁଫ୍‌ଟପ୍ ସୋଲାର ପ୍ୟାନେଲ ଲଗାଇବା ପାଇଁ ଉପଯୁକ୍ତ ଭେଣ୍ଡର ଚୟନ କରିପାରିବେ। ଉକ୍ତ ପୋର୍ଟାଲ ଜରିଆରେ ସୋଲାର ସିଷ୍ଟମ ଲଗାଇବା ସମ୍ପର୍କିତ ଆନୁଷଙ୍ଗିକ ତଥ୍ୟ ଯୋଗାଇ ଦିଆଯିବ। ଏହା ବ୍ୟତୀତ ୩ କିଲୋୱାଟ୍ ପର୍ଯ୍ୟନ୍ତ ଘରୋଇ ରୁଫ୍‌ଟପ୍ ସୋଲାର ସିଷ୍ଟମ ଲଗାଇବା ପାଇଁ ପରିବାରଗୁଡ଼ିକୁ ବିନା ଆନୁଷଙ୍ଗିକ ଖର୍ଚ୍ଚରେ ୭ ପ୍ରତିଶତ ସୁଧରେ ଋଣ ଯୋଗାଇଦିଆଯିବ। ପ୍ରତି ଜିଲାରେ ଗୋଟିଏ ଲେଖାଏ ମଡେଲ ସୋଲାର ଭିଲେଜ୍‌ର ବିକାଶ କରାଯିବ। ଗ୍ରାମାଞ୍ଚଳରେ ରୁଫ୍‌ଟପ୍ ସୋଲାର ବ୍ୟବସ୍ଥାକୁ ଗ୍ରହଣ କରିବା ପାଇଁ ଏହା ରୋଲ୍ ମଡେଲ ଭାବେ କାର୍ଯ୍ୟ କରିବ। ସେହିପରି ଚଳିତ ବର୍ଷ ଖରିଫ ଋତୁ ପାଇଁ ଫସ୍‌ଫେଟିକ୍ ଓ ପଟାସିକ୍ (ପି ଆଣ୍ଡ କେ) ସାର ଉପରେ ୨୪,୪୨୦ କୋଟି ଟଙ୍କାର ସବ୍‌ସିଡି ଦେବାକୁ କେନ୍ଦ୍ର ସରକାର ଗୁରୁବାର ଘୋଷଣା କରିଛନ୍ତି। କୃଷକମାନଙ୍କୁ କୁଇଣ୍ଟାଲ ପ୍ରତି ୧,୩୫୦ ଟଙ୍କା ଦରରେ ଡିଏପି ସାର ଯୋଗାଇ ଦିଆଯିବ। ଡିଏପି ବ୍ୟତୀତ ଅନ୍ୟ ପ୍ରମୁଖ ଫସ୍‌ଫେଟିକ୍ ଏବଂ ପଟାସିକ୍ ସାରର ଖୁଚୁରା ଦର ଅପରିବର୍ତ୍ତିତ ରହିବ ବୋଲି କେନ୍ଦ୍ର କହିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ କ୍ୟାବିନେଟ ବୈଠକ ବସି ଖରିଫ ଋତୁ ପାଇଁ ପି ଆଣ୍ଡ କେ ସାର ଉପରେ ସବ୍‌ସିଡି ପ୍ରସ୍ତାବକୁ ମଞ୍ଜୁରୀ ପ୍ରଦାନ କରାଯାଇଛି। ନାଇଟ୍ରୋଜେନ୍ ସାର ଉପରେ କିଲୋଗ୍ରାମ୍ ପ୍ରତି ସବ୍‌ସିଡି ୪୭.୦୨ ଟଙ୍କା ଧାର୍ଯ୍ୟ ହୋଇଥିବାବେଳେ ଫସ୍‌ଫେଟିକେ ସାରରେ ୨୮.୭୨ ଟଙ୍କା, ପଟାସ ସାରରେ ୨.୩୮ ଟଙ୍କା ସଲ୍‌ଫର ସାର ଉପରେ ୧.୮୯ ଟଙ୍କା ରଖାଯାଇଥିବା କେନ୍ଦ୍ରମନ୍ତ୍ରୀ ଅନୁରାଗ ଠାକୁର ଗଣମାଧ୍ୟମକୁ କହିଛନ୍ତି। ଗତ ରବି ଋତୁରେ ଫସ୍‌ଫେଟିକ୍ ସାର ଉପରେ ସବ୍‌ସିଡି ୨୦.୮୨ ଟଙ୍କା ରହିଥିଲା। ଅନ୍ୟପକ୍ଷରେ ନାଇଟ୍ରୋଜେନ୍, ପଟାସିକ୍ ଏବଂ ସଲ୍‌ଫର ସାର ଉପରେ ସବ୍‌ସିଡି ଖରିଫ ଋତୁ ପାଇଁ ଅପରିବର୍ତ୍ତିତ ରହିଛି।

## ନିୟମିତ ହେବେ ୫୦୪ ଶିଶୁ ବିକାଶ ବିଭାଗ ଚୁକ୍ତିଭିତ୍ତିକ ସୁପରଭାଇଜର

**ଭୁବନେଶ୍ୱର,୨୯।୨(ଅନିଲ ଦାସ)**

ମହିଳା ଓ ଶିଶୁ ବିକାଶ ବିଭାଗ ଅଧୀନରେ କାର୍ଯ୍ୟରତ ୫୦୪ ଜଣ ଚୁକ୍ତିଭିତ୍ତିକ ସୁପରଭାଇଜରଙ୍କ ଚାକିରିକୁ ରାଜ୍ୟ ସରକାର ନିୟମିତ କରିଛନ୍ତି। ଏହି ପ୍ରସ୍ତାବକୁ ରାଜ୍ୟ କ୍ୟାବିନେଟର ଅନୁମୋଦନ ମିଳିଛି। ସେମାନଙ୍କ ଚାକିରି ନିୟମିତ ହେବା ଦ୍ୱାରା ରାଜ୍ୟରେ ଅତ୍ୟାବଶ୍ୟକ ସେବାଗୁଡ଼ିକର ନିରନ୍ତର ବିତରଣ ଓ ରାଜ୍ୟରେ ସମନ୍ୱିତ ଶିଶୁ ବିକାଶ ସେବା(ଆଇସିଡିଏସ୍) କାର୍ଯ୍ୟକ୍ରମ ଅଧୀନରେ ଥିବା ସମାଜର ଅସୁରକ୍ଷିତ ଶିଶୁ ଓ ମହିଳାମାନଙ୍କୁ ସହାୟତା ପ୍ରଦାନ କରିବାରେ ସହାୟକ ହେବ। ଏହି ଚୁକ୍ତିଭିତ୍ତିକ ସୁପରଭାଇଜର ସଂଘ ଜରିଆରେ ମିଳିଥିବା ଦାବିପତ୍ର ଓ ଆନ୍ତଃ ମନ୍ତ୍ରୀସ୍ତରୀୟ କମିଟିକୁ ଦେଇଥିବା ଆବେଦନକୁ ଦୃଷ୍ଟିରେ ରଖି ସେମାନଙ୍କ ଚାକିରିକୁ ନିୟମିତ କରିବା ପାଇଁ ବିଚାର ହୋଇଛି। ଏଥିପାଇଁ ରାଜ୍ୟ ସରକାରଙ୍କୁ ୧୮.୫୧ କୋଟି ଟଙ୍କାର ଅତିରିକ୍ତ ଆର୍ଥିକ ବୋଝ ବହନ କରିବାକୁ ପଡ଼ିବ।

ଲୋକସେବା ଭବନଠାରେ ଗୁରୁବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କ୍ୟାବିନେଟରେ ମୋଟ ୮ଟି ପ୍ରସ୍ତାବକୁ ଅନୁମୋଦନ ମିଳିଛି। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ୬ଟି ପ୍ରସ୍ତାବ ସମେତ ଜଳସମ୍ପଦ, ମହିଳା ଓ ଶିଶୁ ବିକାଶ ବିଭାଗର ଗୋଟିଏ ଲେଖାଏ ପ୍ରସ୍ତାବକୁ ମିଶାଇ ମୋଟ ୮ଟି ପ୍ରସ୍ତାବକୁ ଅନୁମୋଦନ କରାଯାଇଛି। ରାଜ୍ୟ ପାଇଁ ଜଳ-ପାଣିପାଗ ତଥ୍ୟର ଏକ ବିସ୍ତୃତ ଭଣ୍ଡାର ସୃଷ୍ଟି କରିବା ଉଦ୍ଦେଶ୍ୟରେ ରାଜ୍ୟ ଜଳ ସୂଚନା ବିଜ୍ଞାନ କେନ୍ଦ୍ର ସ୍ଥାପନ ହେବ। ଏହାଦ୍ୱାରା ଓଡ଼ିଶାରେ ଜଳସମ୍ପଦ ପରିଚାଳନାକୁ ବଢ଼ାଇବା, ସୁଚିନ୍ତିତ ନିଷ୍ପତ୍ତି ଗ୍ରହଣ ଓ ଶୃଙ୍ଖଳିତ

**୮ ପ୍ରସ୍ତାବକୁ କ୍ୟାବିନେଟ ମୋହର**

ନୀତି ଯୋଜନାକୁ ପ୍ରୋତ୍ସାହିତ କରିବା ଦିଗରେ ଏହା ସହାୟକ ହେବ। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମଧ୍ୟରେ ଜଳ-ପାଣିପାଗ ବିଜ୍ଞାନ ତଥ୍ୟ ଆଦାନପ୍ରଦାନକୁ ସୁଗମ କରିବା ପାଇଁ ରାଜ୍ୟ ଜଳ ସୂଚନା ବିଜ୍ଞାନ କେନ୍ଦ୍ର ଜାତୀୟ ଜଳ ସୂଚନା ବିଜ୍ଞାନ କେନ୍ଦ୍ର ସହିତ ନିରବଚ୍ଛିନ୍ନ ଭାବେ ସହଯୋଗ କରିବ। ଏଥିସହିତ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଦିଆଯାଇଥିବା କ୍ୟାଡର ସଂଶୋଧନ ଓ ସେବା ସର୍ତ୍ତାବଳୀ ସଂକ୍ରାନ୍ତ ବିଭିନ୍ନ ପ୍ରସ୍ତାବକୁ କ୍ୟାବିନେଟ ଅନୁମୋଦନ ମିଳିଛି। ଓଡ଼ିଶା ନର୍ସିଂସେବା କ୍ୟାଡରର ପୁନର୍ଗଠନ ଏବଂ ଓଡ଼ିଶା ନର୍ସିଂସେବା ଚୟନ ପ୍ରକ୍ରିୟା ଓ ଚାକିରି ସର୍ତ୍ତାବଳୀ-୨୦୧୯ର ପୁନଃ ସଂଶୋଧନ ପ୍ରସ୍ତାବକୁ କ୍ୟାବିନେଟ ଅନୁମୋଦନ କରିଛି। ସେହିପରି ଓଡ଼ିଶା ରେଡିଓଗ୍ରାଫର ସେବା ସଂବର୍ଗର ପୁନର୍ଗଠନ ଏବଂ ଓଡ଼ିଶା ରେଡିଓଗ୍ରାଫର ସେବା ଚୟନ ପ୍ରକ୍ରିୟା ଓ ଚାକିରି ସର୍ତ୍ତାବଳୀ ୨୦୧୯ର ସଂଶୋଧନ ପ୍ରସ୍ତାବକୁ ମଞ୍ଜୁରୀ ମିଳିଛି। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟ ଦ୍ୱାରା ପ୍ରଣିତ ଭାରତୀୟ ଜନସ୍ୱାସ୍ଥ୍ୟ ପରିମାପକ ସଂଶୋଧିତ ନିୟମାବଳୀ -୨୦୨୨ ଅନୁଯାୟୀ, ରାଜ୍ୟ ସରକାର ଉନ୍ନତମାନର ସମସ୍ତ ସ୍ୱାସ୍ଥ୍ୟ ସେବା ରାଜ୍ୟବାସୀଙ୍କୁ ଯୋଗାଇଦେବେ। ଏହି ସଂଶୋଧନ ଓଡ଼ିଶା ରେଡିଓଗ୍ରାଫର ସେବା ବର୍ଗର ୬୯୫ ମୂଳ ପଦବୀରୁ ୪୦ ପଦବୀ ଉଚ୍ଛେଦ କରାଯାଇ ୪୭୯ ନୂତନ ପଦୋନ୍ନତିଭିତ୍ତିକ ପଦବୀରେ ବୃଦ୍ଧି କରାଯାଇ ସମୁଦାୟ ମଞ୍ଜୁରିପ୍ରାପ୍ତ ପଦବୀ ସଂଖ୍ୟା ୧୧୬୦ କରାଯାଇଛି।









# ଯୁବ ଶକ୍ତିରେ ସଞ୍ଚାର ଭରିଛି 'ନୂଆ- ଓ'



ନୂଆ ଓଡ଼ିଶା ଗଠନରେ ଯୁବଶକ୍ତିଙ୍କ ଯୋଗଦାନ ଗୁରୁତ୍ୱ ବହନ କରୁଛି। ନୂଆ- ଓ' କାର୍ଯ୍ୟକ୍ରମ ଯୁବତୀଯୁବକଙ୍କ ପାଇଁ ବିପୁଳ ସୁଯୋଗ ସୃଷ୍ଟି କରିଛି। ନୂଆ-ଓ' ଛାତ୍ରବୃତ୍ତି ପିଲାଙ୍କ ପାଠପଢ଼ାର ଆର୍ଥିକ ବୋଝ କମାଇବା ସହ ନୂତନ ଆଶା ସଞ୍ଚାର ସୃଷ୍ଟି କରିଛି। ଉଚ୍ଚମାଧ୍ୟମିକ ବିଦ୍ୟାଳୟ ଓ ମହାବିଦ୍ୟାଳୟଗୁଡ଼ିକରେ ସ୍ମାର୍ଟ କ୍ଲାସ, ଇ-ଲାଇବ୍ରେରୀ, ସାଇନ୍ସ ଲ୍ୟାବ ନିମନ୍ତେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ପଦକ୍ଷେପ ନିଆଯାଉଛି। ଛାତ୍ରୀଛାତ୍ରଙ୍କ ଅନ୍ତର୍ନିହିତ ପ୍ରତିଭା ପ୍ରଦର୍ଶନ କରିବା ନିମନ୍ତେ ନୂଆ-ଓ କାର୍ଯ୍ୟକ୍ରମ ସୁଯୋଗ ଆଣିଛି। ଏହି କ୍ରମରେ ଗୁରୁବାର ବାଲେଶ୍ୱର ଜିଲାର ୭୧ ମହାବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ୩୦କୋଟି ୫୯ଲକ୍ଷ ୨୫ହଜାର ଟଙ୍କା ଛାତ୍ରବୃତ୍ତି ପ୍ରଦାନ କରାଯାଇଛି।

ନୂଆ- ଓ' କାର୍ଯ୍ୟକ୍ରମ ଯୁବତୀଯୁବକଙ୍କ ପାଇଁ ବିପୁଳ ସୁଯୋଗ ସୃଷ୍ଟି କରିଛି। ଛାତ୍ରବୃତ୍ତି ଏବଂ ସ୍ମାର୍ଟ କାର୍ଡ ଛାତ୍ରୀଛାତ୍ରଙ୍କ ଲକ୍ଷ୍ୟସ୍ଥଳରେ ପହଞ୍ଚାଇବାରେ ବେଶ୍ ସହାୟକ ହେବ। ଖୁବ୍‌ଶୀଘ୍ର ଆମ ସରକାର ନବୀନ ଓଡ଼ିଶା ମ୍ୟାଜିକ୍ କାର୍ଡ ବ୍ୟବସ୍ଥା ଲାଗୁ କରିବାକୁ ଯାଉଛନ୍ତି। ଏହା ଏକ ଡିଜିଟାଲ ବେସ୍‌ଡ ସ୍ମାର୍ଟକାର୍ଡ, ଯାହାକି ଯୁବଗୋଷ୍ଠୀକୁ ନିଯୁକ୍ତି ଏବଂ ସଶକ୍ତ କରିବାରେ ସହଯୋଗ କରିବ।

- କାର୍ତ୍ତିକ ପାଣ୍ଡିଆନ, ୫-ଟି ଅଧ୍ୟକ୍ଷ



## ଖୋର୍ଦ୍ଧା ଜିଲା

୩୦ କଲେଜର
୧୬, ୬୧୩ ପିଲାଙ୍କୁ
୧୬.୧୩କୋଟି ଟଙ୍କା

## ବାଲେଶ୍ୱର

୭୧ କଲେଜର
୩୦,୯୨୬ ଛାତ୍ରୀଛାତ୍ରଙ୍କୁ
୩୦.୬୦ କୋଟି ଟଙ୍କା





## ଛାତ୍ରବୃତ୍ତି ପାଠପଢ଼ାରେ ସହାୟତା କରିବ



ଛାତ୍ର ବୃତ୍ତି ପାଇବା ପରେ ବହୁତ ଖୁସି ଲାଗୁଛି। ଏହା ଆମର ପାଠ ପଢ଼ାରେ ସହଯୋଗ କରିବ। ଟ୍ୟୁଶନ୍ ଫି', ମେସ୍ ଖର୍ଚ୍ଚ ମଧ୍ୟ ବହନ କରିବ। ପ୍ରତିବର୍ଷ ଏଭଳି ବୃତ୍ତି ମିଳିବ ବୋଲି ଜାଣିବା ପରେ ପାଠପଢ଼ା ପାଇଁ ଅର୍ଥ ଚିନ୍ତା ଦୂର ହୋଇଛି। ମିଳିଥିବା ଅର୍ଥକୁ କିପରି ଖର୍ଚ୍ଚ କରାଯିବ ତାହା ପାଣ୍ଡିଆନ ସାର୍ ବୁଝାଇଥିଲେ।

-ଶୈଳଜା ନନ୍ଦନ ପତି, ଯୁକ୍ତ ୩ ଛାତ୍ର, ଏଫ୍‌ଏମ୍ ମହାବିଦ୍ୟାଳୟ

## ଉଚ୍ଚଶିକ୍ଷା ସହଜ ହେବ



ଉଚ୍ଚ ଶିକ୍ଷା ପାଇଁ ଅଧିକ ଅର୍ଥ ଆବଶ୍ୟକତା ଥିବାରୁ ଛାତ୍ରବୃତ୍ତି କିଛିଟା ଲାଘବ କରିବ। ଏଣିକି ଉଚ୍ଚଶିକ୍ଷା ସହଜ ହେବ। ପାଣ୍ଡିଆନ ସାର୍ ଛାତ୍ରବୃତ୍ତି ବିଷୟରେ ବୁଝାଇବା ସହ ଭବିଷ୍ୟତ ଗଠନ ସମ୍ପର୍କରେ କହିଥିଲେ। ଏଥିପାଇଁ ରାଜ୍ୟ ସରକାରଙ୍କୁ ଧନ୍ୟବାଦ।

-ସସ୍ମିତା ଦତ୍ତ ମହାଳିକ, ପିଜି ଛାତ୍ରୀ, ଏଫ୍‌ଏମ୍ ବିଶ୍ୱବିଦ୍ୟାଳୟ

## ମନରେ ନବୀନ ଉତ୍ସାହ ଭରିଛି



ନୂଆ-ଓ ଛାତ୍ରବୃତ୍ତି ଏକ ନବୀନ ଉତ୍ସାହ ଭରି ଦେଇଛି। ଏହି ଛାତ୍ରବୃତ୍ତି ପିଲାଙ୍କ ପାଠପଢ଼ାର ଆର୍ଥିକ ବୋଝ କମାଇବା ସହ ନୂତନ ଆଶା ସଞ୍ଚରିବ। ଆର୍ଥିକ ଦୁରବସ୍ଥା କାରଣରୁ ବହୁ ଛାତ୍ରୀଛାତ୍ର ପାଠପଢ଼ାରୁ ବଞ୍ଚିତ ହେଉଥିଲେ। ଅନେକ ଯୁବତୀ ଯୁବକ ନିଜ ପାଠପଢ଼ା ପାଇଁ ଅନ୍ୟ ଜାଗାରେ ପାର୍ଟ ଟାଇମ୍ କାମ ମାଧ୍ୟମରେ ରୋଜଗାର କରି ପଢ଼ା ଖର୍ଚ୍ଚ ଉଠାଉଥିଲେ। ଏବେ ଏହି ଛାତ୍ର ବୃତ୍ତି ସେମାନଙ୍କ ମାନଦଣ୍ଡରେ ଉନ୍ନତି ଆଣିପାରିବ। ବହୁ ମେଧାବୀ ଛାତ୍ରୀଛାତ୍ର ଯୋଗ୍ୟତା ସତ୍ତ୍ୱେ ଉଚ୍ଚଶିକ୍ଷାରୁ ବଞ୍ଚିତ ହେଉଥିଲେ। ଏବେ ଏହି ଛାତ୍ର ବୃତ୍ତି ମାଧ୍ୟମରେ ସେମାନଙ୍କ ଆଶା ପୂରଣ କରିବା ସହ ଯୋଗ୍ୟତା ପ୍ରତିପାଦନ କରିବାର ସୁଯୋଗ ପାଇବେ।

- ତରୁଣ କୁମାର ସାହୁ, ଯୁକ୍ତ ୩ ତୃତୀୟବର୍ଷ ଛାତ୍ର, ପି.ଏନ୍. କଲେଜ, ଖୋର୍ଦ୍ଧା

## ଏକ ଯୁଗାନ୍ତକାରୀ ପଦକ୍ଷେପ



ଏହା ଏକ ଯୁଗାନ୍ତକାରୀ ପଦକ୍ଷେପ। ପାଠପଢ଼ାର ଇଚ୍ଛାଥାଇ ମଧ୍ୟ ଆର୍ଥିକ ଅନଟନ ବାଧକ ସାଜିଥିଲା। ଏବେ ନୂଆ ଓ ଛାତ୍ରବୃତ୍ତି ସମସ୍ୟା ଦୂର ସହ ପାଠପଢ଼ାର ଆଶା ଆକାଂକ୍ଷା ପୂରଣ କରିବ। ଏଣିକି ପାଠପଢ଼ା ପାଇଁ ଅର୍ଥ ସକାଶେ ଅନ୍ୟ କେଉଁଠି ହାତ ପତାଇବାକୁ ଅଥବା କାହାରିଠାରୁ ଧାରକରଜ ଭଳି ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିବ ନାହିଁ। ଏ ନେଇ ମୋ ଭଳି ଅନେକ ଛାତ୍ର ଉତ୍ସାହିତ ଅଛନ୍ତି।

-ଲିଙ୍ଗରାଜ ରାଉତ, ଯୁକ୍ତ୩ ତୃତୀୟ ବର୍ଷ ଛାତ୍ର, ପି.ଏନ୍. କଲେଜ, ଖୋର୍ଦ୍ଧା

## ପାଠପଢ଼ା ପାଇଁ ବାଧକ ହେବନି ଅର୍ଥାଭାବ



ଏନୂଆ-ଓ ଛାତ୍ରବୃତ୍ତିରେ ଛାତ୍ରୀଙ୍କ ପାଇଁ ୧୦ ହଜାର ଟଙ୍କା ଦିଆଯାଉଛି। ତେଣୁ ମୁଁ ଅତ୍ୟନ୍ତ ଖୁସି। ପାଠପଢ଼ା ସମୟରେ ପାଠ୍ୟପୁସ୍ତକ ଓ ଉପକରଣ କିଣିବା ପାଇଁ ସବୁବେଳେ ପରିବାର ଉପରେ ନିର୍ଭର କରୁଥିଲି। ଏଣିକି ଏହି ସମସ୍ୟା ଦୂର ହୋଇଛି। ପାଠପଢ଼ା ପାଇଁ ଅର୍ଥ ଏକ ସମସ୍ୟା ହୋଇରହିବ ନାହିଁ। ବହୁ ମେଧାବୀ ଛାତ୍ରୀ ଆର୍ଥିକ ଅନଟନ କାରଣରୁ ଉଚ୍ଚଶିକ୍ଷାରୁ ବଞ୍ଚିତ ହେଉଥିଲେ। ସେମାନଙ୍କ ପାଇଁ ଏହା ଏକ ବରଦାନ ସଦୃଶ। ପାଠପଢ଼ାରେ ସ୍କଲାରଶିପ୍ ଏକ ଭଲ ପଦକ୍ଷେପ। ମୁଁ ଏହାକୁ ସ୍ୱାଗତ କରୁଛି।

-କରିନା ସ୍ୱାଇଁ, ଯୁକ୍ତ୩ ବାଣିଜ୍ୟ ତୃତୀୟ ବର୍ଷ, ପି.ଏନ୍. କଲେଜ, ଖୋର୍ଦ୍ଧା

# ପୁରୀ, ଭୁବନେଶ୍ୱର, କଟକ ଲୋକ ସଭା ପ୍ରାର୍ଥୀ ବଦଳାଇପାରେ ବିଜେଡି

## ଆଲୋଚନା ବଳୟରେ ଅରୂପ, ସନ୍ତୃପ୍ତ, ଶ୍ରୀମୟୀ

ଭୁବନେଶ୍ୱର,୨୯।୨(ସୁନିତ୍ ମିଶ୍ର)

୨୦୨୪ ଲୋକ ସଭା ନିର୍ବାଚନ ପାଇଁ ଆସନ୍ତା ୧୫ ଦିନ ମଧ୍ୟରେ ଆଦର୍ଶ ଆଚରଣ ବିଧି ଲାଗୁ ହୋଇଯାଇପାରେ। ରାଜନୈତିକ ଦଳଗୁଡ଼ିକ ମଧ୍ୟରେ ଟିକେଟବଣ୍ଟା ଓ ଦଳବଦଳ ରାଜନୀତି ଜୋର୍ ଧରିବାରେ ଲାଗିଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ରାଜ୍ୟରେ ଷଷ୍ଠଥର ଲାଗି ସରକାର ଗଢ଼ିବା ପାଇଁ ଏଥର ବିଜେଡି ଅଣ୍ଟା ଭିଡ଼ିଛି। ଦୀର୍ଘବର୍ଷ ସରକାରରେ ରହିସାରିଥିବା କାରଣରୁ ଶାସକ ଦଳରେ ଆଶାୟୀଙ୍କ ସଂଖ୍ୟା ବଢୁଛି। ସେହି କ୍ରମରେ ଦେଖିଲେ ପୁରୀ, ଭୁବନେଶ୍ୱର ଓ କଟକ ଲୋକ ସଭା ଆସନରେ ବିଜେଡି କେଉଁମାନଙ୍କୁ ପ୍ରାର୍ଥୀ କରୁଛି ଏବଂ ସେନେଇ ନାମ କେବେ ଘୋଷଣା ହେବ, ତା' ଉପରେ ସମସ୍ତଙ୍କ ନଜର। ଉପକୂଳ ଓଡ଼ିଶାର ଏହି ଚର୍ଚ୍ଚିତ ଲୋକ ସଭା ଆସନରେ ବିଜେଡି ନୂଆ ମୁହଁ ଦେଇପାରେ ବୋଲି ଆଲୋଚନା ହେଉଛି। ଏନେଇ ଶାସକ ଦଳର ଦ୍ୱିତୀୟ, ତୃତୀୟ ଧାଡ଼ିର ନେତା ଓ କର୍ମୀମାନେ ଜାଣିସାରିଥିବା ବେଳେ କେବଳ ବିଧିବଦ୍ଧ ଘୋଷଣାକୁ ସମସ୍ତଙ୍କ ଅପେକ୍ଷା।

ପୁରୀରୁ ବମ୍ବେର ପୂର୍ବତନ ପୋଲିସ କମିଶନର ଅରୂପ ପଟ୍ଟନାୟକ, ଭୁବନେଶ୍ୱରରେ ବିଜେଡି ନେତ୍ରୀ ଶ୍ରୀମୟୀ ମିଶ୍ର ଏବଂ କଟକରୁ ଆଦିତ୍ୟ ବିର୍ଲା ଗ୍ରୁପ୍ ଏଚ୍ଆର୍ ହେଡ୍ ଭାବେ କାର୍ଯ୍ୟ କରିଥିବା ସନ୍ତୃପ୍ତ ମିଶ୍ରଙ୍କୁ ବିଜେଡି ଲୋକ ସଭା ଟିକେଟ ଦେବ ବୋଲି ଦଳ ଭିତରେ ଆଲୋଚନା ହେବା ଆରମ୍ଭ ହୋଇଗଲାଣି। ଏହିସବୁ ଲୋକ ସଭା ଅଧୀନ ବିଧାୟକମାନେ ଦଳରୁ କେଉଁମାନେ ଏମ୍‌ପି ହେବେ ସେନେଇ ଖୁଲମଖୁଲା ଗପିବା ଆରମ୍ଭ କରିଦେଲେଣି। ପୁରୀରୁ ପିନାକୀ ମିଶ୍ର ଏବେ ଏମ୍‌ପି ଅଛନ୍ତି। ଏଥର ତାଙ୍କ ସ୍ଥାନରେ ଶାସକ ଦଳ ପକ୍ଷରୁ ଅରୂପ ପଟ୍ଟନାୟକଙ୍କୁ ଟିକେଟ ମିଳିପାରେ। ପିନାକୀ ପୁରୀ ଲୋକ ସଭା ଆସନରୁ ୨୦୦୯, ୨୦୧୪ ଏବଂ ୨୦୧୯ରେ ବିଜେଡି ଟିକେଟରେ ଜିତିଥିଲେ। ହେଲେ ୨୦୧୯ ନିର୍ବାଚନରେ ସେ ଭାଜପା ପ୍ରାର୍ଥୀ ସମ୍ବିତ ପାତ୍ରଙ୍କଠାରୁ ୧୧,୭୧୪ ଖଣ୍ଡ ଭୋଟ ବ୍ୟବଧାନରେ ଜିତିଥିଲେ। ତେବେ ଅରୂପଙ୍କ ନିଜ ଗାଁ ପୁରୀ ଜିଲା ପିପିଲି ନିର୍ବାଚନମଣ୍ଡଳୀରେ। ଅନ୍ୟପଟେ ଅରୂପ ଗତଥର ଭୁବନେଶ୍ୱର ଲୋକ ସଭା ଆସନରୁ ବିଜେଡି ଟିକେଟରେ ପ୍ରାର୍ଥୀ ହୋଇଥିଲେ। ଭାଜପା ଏହି ଆସନରୁ ପୂର୍ବତନ ଆଇଏଏସ୍ ଅଧିକାରୀ ଅପରାଜିତା ଷଡ଼ଙ୍ଗୀଙ୍କୁ ପ୍ରାର୍ଥୀ କରିଥିଲା। ଅପରାଜିତା ୨୩,୮୩୯ ଖଣ୍ଡ ଭୋଟ ବ୍ୟବଧାନରେ ଅରୂପଙ୍କୁ ହରାଇଥିଲେ। ଗତଥର ଅରୂପ ଏବଂ ଅପରାଜିତା ସେମାନଙ୍କ ରାଜନୈତିକ କ୍ୟାରିୟରର ପ୍ରଥମ ଇଂନିସ୍ ଆରମ୍ଭ କରିଥିଲେ। ଏବେ ଏହି ଆସନରୁ ଦଳ ଅରୂପଙ୍କ ସ୍ଥାନରେ ଶ୍ରୀମୟୀ ମିଶ୍ରଙ୍କୁ ଟିକେଟ ଦେବ ବୋଲି ଯୋଜନା କରିଥିବା କୁହାଯାଉଛି। ଶ୍ରୀମୟୀ ମଧ୍ୟ ଦୁଇ ମାସରୁ ଅଧିକ ହେଲା ପ୍ରଚାର କାର୍ଯ୍ୟରେ ଲାଗିପଡ଼ିଲେଣି। ଅନୁରୂପ ଭାବେ କଟକ ଲୋକ ସଭା ଆସନରୁ ଭର୍ତ୍ତୃହରି ମହତାବ ୬ ଥର ନିର୍ବାଚନ ଲଢ଼ି ବିଜୟୀ ହୋଇଛନ୍ତି। ଲଗାତର ୨୬ ବର୍ଷ ହେଲା ସେ ଏହି ଆସନରୁ ଏମ୍‌ପି ଭାବେ ଅଛନ୍ତି। ଏଥର କିନ୍ତୁ ନିକଟରେ ବିଜେଡିରେ ସାମିଲ ହୋଇଥିବା ସନ୍ତୃପ୍ତ ମିଶ୍ର ଟିକେଟ ପାଇବା ନେଇ ଆଲୋଚନା ପ୍ରବଳ ମାତ୍ରାରେ ଚାଲିଛି। ଯଦି ଏଭଳି ଘଟେ, ତେବେ ଭର୍ତ୍ତୃହରିଙ୍କୁ ଦଳ ଟିକେଟ ଦେବ ନା ନାହିଁ ସେକଥା ମଧ୍ୟ ସ୍ପଷ୍ଟ ହୋଇଯିବ।

# ମିଳିଲେ ଏମ୍ଏଲ୍ଏ, ନ ମିଳିଲେ ଏମ୍‌ପି

## ଜଗତ୍‌ସିଂହପୁର ଲୋକ ସଭା ଆସନରେ ଆଶାୟୀ ଭାଜପା ପ୍ରାର୍ଥୀ

ଜଗତ୍‌ସିଂହପୁର, ୨୯।୨
(ପ୍ରମୋଦ କୁମାର ନାୟକ)

ଜଗତ୍‌ସିଂହପୁର ଲୋକ ସଭା ଆସନ ପାଇଁ କେଉଁ ଦଳ କାହାକୁ ପ୍ରାର୍ଥୀ କଲେ ଜିତିବା ସମ୍ଭାବନା ଅଧିକ ତା' ଉପରେ ତର୍ଜମା କରୁଛନ୍ତି। ଏଭଳି ସ୍ଥିତିରେ ଭାଜପା ଦୁଇ ପାଦ ଆଗକୁ ବଢ଼ିଛି। ଏହି ଦଳ ଦିନେ ଦୁଇ ଦିନ ଭିତରେ ଦେଶର ୧୦୦ଟି ଏମ୍‌ପି ପ୍ରାର୍ଥୀଙ୍କ ନାଁ ଘୋଷଣା କରିବାକୁ ଯାଉଥିବା ଆଲୋଚନା ହେଉଛି। ସେଥିରୁ ଓଡ଼ିଶାର ୨୧ଟି ଏମ୍‌ପି ସିଟ୍ ମଧ୍ୟରୁ କେତୋଟିର ନାଁ ଘୋଷଣା କରାଯିବ ତାହାକୁ ନେଇ ସସ୍ପେନ୍ସ ବଢୁଛି। ବଡ଼ କଥା ହେଲା ଅଧିକାଂଶ ନେତା ଏମ୍‌ପି ନୁହେଁ, ବିଧାୟକ ଟିକେଟ୍ ପାଇଁ ଆଶାୟୀ ଥିଲେ ସୁଦ୍ଧା ଲୋକ ସଭା ପାଇଁ ଟିକେଟ ମିଳିଲେ ଅଗ୍ରାହ୍ୟ କରିବେ ନାହିଁ ବୋଲି ସ୍ପଷ୍ଟ କରିଛନ୍ତି।

୨୦୧୪ ଓ ୨୦୧୯ ନିର୍ବାଚନ ଫଳାଫଳ ଅନୁଶୀଳନ କଲେ ଜଣାଯାଏ ବିଜେଡି ଭୋଟ ହାର ୫୫.୧୭ରୁ ୫୦.୪୪କୁ ଅର୍ଥାତ୍ ୪.୭୩ ପ୍ରତିଶତ କମିଛି। ୨୦୦୯ରେ କିନ୍ତୁ ବିଜେଡି ଏକାକୀ ପ୍ରାର୍ଥୀ ନ ଦେଇ ସିପିଆଇ ମେଣ୍ଟ ପ୍ରାର୍ଥୀଙ୍କୁ ସମର୍ଥନ କରିଥିଲା। ସିପିଆଇ ପ୍ରାର୍ଥୀ ଜିତିଥିଲେ ସୁଦ୍ଧା ଭୋଟ ହାର ସନ୍ତୋଷଜନକ ନ ଥିଲା, ଅର୍ଥାତ୍ ୩୧.୪୨% ଥିଲା। ଏହି ୩ଟି ନିର୍ବାଚନରେ ଜଣେ ନେତା ପୃଥକ୍ ନିର୍ବାଚନରେ ପୃଥକ୍ ଦଳରୁ ପ୍ରାର୍ଥୀ ହେବାର ଦେଖିବାକୁ ମିଳେ। ସେ ହେଲେ ବିଭୁପ୍ରସାଦ ତରାଇ। ତରାଇ ୨୦୦୯ରେ ବିଜେଡି ସମର୍ଥନରେ ସିପିଆଇରୁ ପ୍ରାର୍ଥୀ ହୋଇ ଏମ୍‌ପି ହୋଇଥିଲେ। ୨୦୧୪ରେ କିନ୍ତୁ ସେ ଦଳ ବଦଳାଇ କଂଗ୍ରେସ ଓ ୨୦୧୯ରେ ଭାଜପାରୁ ଟିକେଟ ପାଇ କ୍ରମାଗତ ପରାଜିତ ହୋଇଥିଲେ। ସେ ଏବେ ଭାଜପା ରାଜ୍ୟ ଅନୁସୂଚିତ ଜାତି ମୋର୍ଚ୍ଚା ସଭାପତି ଥିବାବେଳେ ଆଗାମୀ ନିର୍ବାଚନରେ ପୁଣି ଭାଜପା ପ୍ରାର୍ଥୀ ହେବାକୁ ଆଶାୟୀ ଥିବା ଜଣାପଡ଼ିଛି। ଏହି ଦଳର ଅନ୍ୟତମ ଟିକେଟ ଆଶାୟୀ ହେଉଛନ୍ତି ସାଗର ମହାପାତ୍ର। ଏକଦା ବରିଷ୍ଠ ନେତା ଦାମ ରାଉତଙ୍କ ଏକାନ୍ତ ଅନୁଗତ କୁହାଯାଉଥିବା ମହାପାତ୍ର ଦୀର୍ଘ ୧୪ ବର୍ଷ କାଳ ବିଜେଡିରେ କାମ କରିଥିଲେ। ୨୦୧୯ରେ ରାଉତ ବିଜେଡି ଛାଡି ଭାଜପା ଟିକେଟ୍‌ରେ ବାଲିକୁଦା-ଏରସମା ଆସନରେ ପ୍ରାର୍ଥୀ ହେବାରୁ ସାଗର ଦଳବଦଳ କରିଥିଲେ। ରାଉତ ପୁଣି ବିଜେଡିକୁ ଫେରିଯାଇଥିଲେ ସୁଦ୍ଧା ମହାପାତ୍ର ଭାଜପା ଛାଡ଼ିନାହାନ୍ତି। କଟକରେ ତାଙ୍କର ଏକ ନର୍ସିଂ କଲେଜ ଓ ହସ୍ପିଟାଲ ରହିଛି। ସେ ଟିକେଟ ପାଇବେ ବୋଲି ଆଶାବାଦୀ। ମହିଳା ହିସାବରେ ଦେଖିଲେ ସ୍ମିତା ପ୍ରଧାନଙ୍କ ନାମ ଆଗରେ ଅଛି। ତାଙ୍କ ଶ୍ୱଶୁର ଜଳ ସମ୍ପଦ ବିଭାଗ ଅବସରପ୍ରାପ୍ତ ଚିଫ୍ କନଷ୍ଟ୍ରକ୍ସନ ଇଞ୍ଜିନିୟର ନିର୍ମଳ ଚନ୍ଦ୍ର ପ୍ରଧାନ ଏବଂ ଶାଶୁ ପୂର୍ବତନ ଏରସମା ବ୍ଲକ ଅଧ୍ୟକ୍ଷା ବାସନ୍ତି ପ୍ରଧାନ। ଏବେ ଦଳ ଅନୁସୂଚିତ ଜାତି ମୋର୍ଚ୍ଚା ରାଜ୍ୟ ଉପସଭାପତି ଅଛନ୍ତି। ୨୦୨୧ରୁ ତିର୍ତ୍ତୋଲ ନିର୍ବାଚନମଣ୍ଡଳୀରେ ଦଳୀୟ କାର୍ଯ୍ୟ ଜାରି ରଖିଛନ୍ତି। ତିର୍ତ୍ତୋଲ ବିଧାନସଭା ଆସନରୁ ଦଳୀୟ ଟିକେଟ ପାଇଁ ସେ ଲବି କରୁଛନ୍ତି। ନ ମିଳିଲେ ଏମ୍‌ପି ଟିକେଟ ଖୁସିରେ ଗ୍ରହଣ କରିନେବେ ବୋଲି କହିଛନ୍ତି। ୨୦୦୯ ଓ ୨୦୧୪ରେ ଭାଜପା ଏମ୍‌ପି ପ୍ରାର୍ଥୀ ଥିବା ବାଇଧର ମଲ୍ଲିକଙ୍କ ନାଁ ଏଥର ମଧ୍ୟ ଆଲୋଚନା ପରିସରକୁ ଆସିଛି। ମଲ୍ଲିକ ୨୦୦୦ ଓ ୨୦୦୪ରେ ଭାଜପା ଟିକେଟରେ ନିମାପଡ଼ା ବିଧାୟକ ହୋଇଥିଲେ। କିନ୍ତୁ ସେ ଏଥର କାକଟପୁର ବିଧାୟକ ପ୍ରାର୍ଥୀ ହେବା ପାଇଁ ଆଶାବାଦୀ। କାରଣ ୨୦୧୯ ନିର୍ବାଚନ ପରେ ଦଳ ତାଙ୍କୁ ଏହି ଆସନରେ ସାଙ୍ଗଠନିକ କାର୍ଯ୍ୟ ବୁଝିବା ଦାୟିତ୍ୱ ଦେଇଛି। ଯଦି ବିଧାୟକ ପ୍ରାର୍ଥୀ କରା ନ ଯାଇ ତାଙ୍କୁ ଏମ୍‌ପି ଟିକେଟ୍ ଦିଆଯାଏ, ତେବେ ଦଳର ଜଣେ ଶୃଙ୍ଖଳିତ କର୍ମୀ ହିସାବରେ ଗ୍ରହଣ କରିବେ ବୋଲି ସେ କହିଛନ୍ତି। ନିଆଳି ବିଧାନସଭା ଅଞ୍ଚଳର ସୁଶାନ୍ତ ମଲ୍ଲିକଙ୍କ ନାଁ ମଧ୍ୟ ଚର୍ଚ୍ଚାକୁ ଆସୁଛି। ମଲ୍ଲିକ ୨୦୦୯, ୨୦୧୪ରେ ନିଆଳି ବିଧାନସଭା ଆସନରୁ ଭାଜପା ପ୍ରାର୍ଥୀ ହୋଇଥିଲେ। ସେ ପୂର୍ବତନ ରାଜ୍ୟ ଏସ୍‌ସି ମୋର୍ଚ୍ଚା ସଭାପତି, ବର୍ତ୍ତମାନର ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଓ ଆନ୍ଧ୍ରପ୍ରଦେଶ ଏସ୍‌ସି ମୋର୍ଚ୍ଚା ପ୍ରଭାରୀ ଅଛନ୍ତି। ସେ ଏଥର ମଧ୍ୟ ନିଆଳି ବିଧାନସଭାରୁ ବିଧାୟକ ପ୍ରାର୍ଥୀ ହେବା ପାଇଁ ଆଶାୟୀ। ନ ମିଳିଲେ ଦଳ ନିଷ୍ପତ୍ତିକୁ ଗ୍ରହଣ କରିବେ। ଦଳ ଯଦି ଏମ୍‌ପି ପ୍ରାର୍ଥୀ କରେ, ତେବେ ସେ ଲଢିବେ ବୋଲି କହିଛନ୍ତି। ସେହିପରି କାକଟପୁର ଭାଜପା ନେତା ରବି ମଲ୍ଲିକଙ୍କ ନାଁ ଏମ୍‌ପି ଆଶାୟୀଙ୍କ ତାଲିକାରେ ଥିବା କୁହାଯାଉଛି। ମଲ୍ଲିକ ୨୦୦୯ରେ ବିଜେଡି ଟିକେଟ୍‌ରେ ଲଢ଼ି କାକଟପୁର ବିଧାୟକ ହୋଇଥିଲେ। ତା' ପରେ ଅର୍ଥାତ୍ ୨୦୧୯ରେ ଭାଜପାରୁ ଏହି ଆସନରୁ ପ୍ରାର୍ଥୀ ହୋଇ ହାରିଯାଇଥିଲେ। ଏଥର ସେ ବିଧାୟକ ନଚେତ ଏମ୍‌ପି ଟିକେଟ୍ ଯେଉଁଟା ମିଳିଲେ ଖୁସି ହେବେ ବୋଲି କୁହାଯାଉଛି।

# ବିଜେଡି ଲୋକଙ୍କ ଟଙ୍କା ଲୋକଙ୍କୁ ବାଣ୍ଟି ନିର୍ବାଚନୀ ଲଲିପପ୍ ଧରାଉଛି: କଂଗ୍ରେସ

ଭୁବନେଶ୍ୱର,୨୯।୨(ସୁନିତ୍ ମିଶ୍ର)

ରାଜ୍ୟରେ ଲୋକଙ୍କ ଆୟ ବଢୁ ନ ଥିବାବେଳେ ଖର୍ଚ୍ଚ ୩ ଗୁଣା ହେଲାଣି। ବିଭିନ୍ନ ବିଭାଗରେ ଦେଢ଼ ଲକ୍ଷରୁ ଊର୍ଦ୍ଧ୍ୱ ପଦବୀ ଖାଲି ପଡ଼ିଥିବାବେଳେ ରାଜ୍ୟ ସରକାର ସେଗୁଡ଼ିକ ପୂରଣ ନ କରି ଶିକ୍ଷିତ ଯୁବତୀଯୁବକଙ୍କୁ ନିର୍ବାଚନ ସମୟରେ ନୂଆ ଯୋଜନା ନାଁରେ ଭଣ୍ଡାଉଛନ୍ତି। ମହିଳାଙ୍କୁ ସ୍ୱାବଲମ୍ବୀ କରିବା ବଦଳରେ ସଶକ୍ତୀକରଣ ଆଳରେ ଦଳୀୟ କାର୍ଯ୍ୟକ୍ରମରେ ସାମିଲ କରୁଛନ୍ତି। ରାଜ୍ୟର ପ୍ରକୃତ ବିକାଶ କଥା ଚିନ୍ତା ନ କରି ଲୋକଙ୍କ ଟଙ୍କା ଲୋକଙ୍କୁ ବାଣ୍ଟି ନିର୍ବାଚନୀ ଲଲିପପ୍ ଧରାଉଛନ୍ତି। ଖାଲି ସେତିକି ନୁହେଁ, ବିଜେଡି ସରକାର ଦଳୀୟ ପ୍ରଚାର ପାଇଁ ରାଜ୍ୟ ରାଜକୋଷକୁ ଲୁଟୁଛନ୍ତି ବୋଲି କଂଗ୍ରେସ ଗଣମାଧ୍ୟମ ଓ ଯୋଗାଯୋଗ ବିଭାଗ ଅଧ୍ୟକ୍ଷ ବିଶ୍ୱରଞ୍ଜନ ମହାନ୍ତି କହିଛନ୍ତି।

ଗୁରୁବାର କଂଗ୍ରେସ ଭବନଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ବିଶ୍ୱରଞ୍ଜନ କହିଛନ୍ତି, ସରକାରୀ ଅର୍ଥରେ ବିଜେଡିର ପ୍ରଚାର କରାଯାଉଛି। ଜନସାଧାରଣଙ୍କ ଦ୍ୱାରା ପ୍ରଦତ୍ତ ବିଭିନ୍ନ ଟିକସ ଓ ସରକାରୀ ତହବିଲରୁ କୋଟି କୋଟି ଟଙ୍କା ନେଇ ନିର୍ବାଚନୀ ପ୍ରଚାରରେ ଖର୍ଚ୍ଚ କରାଯାଉଛି। ସରକାରୀ ଯୋଜନାରେ ଶଙ୍ଖଚିହ୍ନ ଲାଗୁଛି। ଏହାକୁ ନେଇ ନିର୍ବାଚନ କମିଶନ ରାଜ୍ୟ ସରକାରଙ୍କ ମୁଖ୍ୟ ଶାସନ ସଚିବଙ୍କୁ ସ୍ପଷ୍ଟୀକରଣ ମାଗିଛନ୍ତି। ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର କୃଷକଙ୍କ ଆୟ ୨ଗୁଣା କରିବାକୁ ଘୋଷଣା କରିଥିବାବେଳେ ବର୍ତ୍ତମାନ ସୁଦ୍ଧା ତାହା କରିପାରିନାହାନ୍ତି, ଅଥଚ ଖର୍ଚ୍ଚ ୩ ଗୁଣା ବଢ଼ିଗଲାଣି। ଉପା ସରକାର ସମୟରେ ଓଡ଼ିଶାକୁ ଯେତିକି ଅନୁଦାନ ଦିଆଯାଉଥିଲା ଭାଜପା ସେତିକି ଅନୁଦାନ ନ ଦେଇ କେବଳ ମିଛ ପ୍ରଚାର କରୁଥିବା ବିଶ୍ୱରଞ୍ଜନ କହିଛନ୍ତି।



କଂଗ୍ରେସ ଭବନରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ କଂଗ୍ରେସ ନେତୃବୃନ୍ଦ।

# ଭାଜପାରେ ପ୍ରଶାନ୍ତ, ନବୀନ, ଭାଦବ



ମିଶ୍ରଣ ପର୍ବରେ ବିଧାୟକ ପ୍ରଶାନ୍ତ ଜଗଦେବ, ପୂର୍ବତନ ବିଧାୟକ ନବୀନ ନନ୍ଦ ଓ ଭାଦବ ହାଁସଦାଙ୍କ ସହ ଅନ୍ୟ ଦଳର କର୍ମକର୍ତ୍ତା।

ଭୁବନେଶ୍ୱର,୨୯।୨(ସୁନିତ୍ ମିଶ୍ର)

ଚିଲିକା ବିଧାୟକ ପ୍ରଶାନ୍ତ ଜଗଦେବ ଭାଜପାରେ ଯୋଗଦେବା ନେଇ ଚାଲିଥିବା ଚର୍ଚ୍ଚାରେ ପୂର୍ଣ୍ଣଚ୍ଛେଦ ପଡ଼ିଛି। ଜଗଦେବ ଗୁରୁବାର ବିଧିବଦ୍ଧ ଭାବେ ତାଙ୍କ ସମର୍ଥକମାନଙ୍କ ସହ ଭାଜପାରେ ଯୋଗଦେଇଛନ୍ତି। ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ବେଳେ ଏହି ଅବସରରେ ଦଳର ପୂର୍ବତନ ରାଜ୍ୟ ସଭାପତି ସମୀର ମହାନ୍ତି, ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀ, ବରିଷ୍ଠ ଭାଜପା ନେତା ପୃଥ୍ୱୀରାଜ ହରିଚନ୍ଦନ, ଭୃଗୁ ବକ୍ସିପାତ୍ର ଏବଂ ଦଳର ରାଜ୍ୟ ନିର୍ବାଚନ ସହପ୍ରଭାରୀ ସୁଶ୍ରୀ ଲତା ଉସେଣ୍ଡି ପ୍ରମୁଖ ଉପସ୍ଥିତ ଥିଲେ।

ଜଗଦେବ ଅପରାହ୍ନ ପ୍ରାୟ ୧ଟା ସମୟରେ ନିଜ ସମର୍ଥକମାନଙ୍କ ସହିତ ଆସି ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ପହଞ୍ଚିଥିଲେ। କାର୍ଯ୍ୟାଳୟରେ ପହଞ୍ଚିବା ମାତ୍ରେ ଜୟ ଶ୍ରୀରାମ, ଭାରତ ମାତା କି ଜୟ ନାରା ଦେଇଥିଲେ। ନିର୍ବାଚନ ସହପ୍ରଭାରୀ ଲତା ଉସେଣ୍ଡି ଉତ୍ତରୀୟ ଏବଂ ଦଳୀୟ ଟୋପି ପିନ୍ଧାଇ ଜଗଦେବଙ୍କୁ ଦଳରେ ସ୍ୱାଗତ କରିଥିଲେ। ଏହି ଅବସରରେ ଜଗଦେବ କହିଥିଲେ, ଭାଜପାରେ ଯୋଗଦେବା ପରେ ସେ ବହୁତ ଖୁସି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱ ତାଙ୍କୁ ପ୍ରେରଣା ଦେଇଛି। ବିଜେଡିରେ ଥିବା ସମୟରୁ ମୋଦିଙ୍କୁ ସମ୍ମାନ କରନ୍ତି। ଏବେ ତାଙ୍କ ସୈନିକ ଭାବେ କାର୍ଯ୍ୟ କରିବେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ତାଙ୍କୁ ବହୁତ ସମ୍ମାନ ଓ ସୁରକ୍ଷା ଦେଇଥିଲେ। ସେ ଏବେ ଆଉ ସୁରକ୍ଷା ଦେବା ଅବସ୍ଥାରେ ନାହାନ୍ତି। ବାସ୍ତା ହେଉଛି, ରାଜ୍ୟରେ ଡବଲ ଇଞ୍ଜିନ ସରକାର ହେବ। ଜନତା ଦଳ ସମୟରୁ ରାଜନୀତିକୁ ଆସିଥିଲେ। ବେଗୁନିଆ, ଚିଲିକାରୁ ବିଧାୟକ ଭାବେ ଜିତିଥିଲେ। ଏବେ ସେ ଜିରୋରୁ ପୁଣି ଥରେ ରାଜନୈତିକ କ୍ୟାରିୟର ଆରମ୍ଭ କରିବେ। ଜଣେ କର୍ମୀ ଭାବେ ଭାଜପା ପାଇଁ କାମ କରିବେ ବୋଲି ଜଗଦେବ କହିଛନ୍ତି। ଏଠି ସେ ସୈନିକ ଭାବେ କାମ କରିବେ ବୋଲି କହିଛନ୍ତି। ଏହି ଅବସରରେ ପୂର୍ବତନ ବିଧାୟକ ପ୍ରାର୍ଥୀ ଭବାନୀ ଜଗଦେବ ମହାପାତ୍ର ଆନୁଷ୍ଠାନିକ ଭାବେ ଭାଜପାରେ ମିଶିଲେ।

ସେହିପରି ଢେଙ୍କାନାଳ ଜିଲାର ପୂର୍ବତନ ବିଧାୟକ ନବୀନ ନନ୍ଦ ବିଧିବଦ୍ଧ ଭାବେ ତାଙ୍କ ସମର୍ଥକମାନଙ୍କ ସହ ଆସି ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ଯୋଗଦେଇଛନ୍ତି। ରାଜ୍ୟ ନିର୍ବାଚନ ସହପ୍ରଭାରୀ ତାଙ୍କୁ ଟୋପି ଓ ଉତ୍ତରୀୟ ଦେଇ ସ୍ୱାଗତ କରିଛନ୍ତି। ମୟୂରଭଞ୍ଜ ଅନ୍ତର୍ଗତ ସାରସକଣାର ପୂର୍ବତନ ବିଧାୟକ ଭାଦବ ହାଁସଦା, ବିଜେଡିର ପୂର୍ବତନ ରାଜ୍ୟ ପରିଷଦ ସଦସ୍ୟ ସମୀର କୁମାର ରାଜ, କଟକ ଜିଲା କଂଗ୍ରେସର ବରିଷ୍ଠ ନେତା ଜିତେନ୍ଦ୍ର ହାତୀ, କେନ୍ଦୁଝର ଜିଲାର ଘସିପୁରା ନିର୍ବାଚନମଣ୍ଡଳୀର ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ପୃଥ୍ୱୀରାଜ କୁଅଁର, ଆନନ୍ଦପୁର ନିର୍ବାଚନମଣ୍ଡଳୀର ଆଇନଜୀବୀ ଝାସ୍ମିରାଣୀ ଦାସ ପ୍ରମୁଖ ନିଜ ସମର୍ଥକମାନଙ୍କ ସହ ଭାଜପାରେ ସାମିଲ ହୋଇଛନ୍ତି।

# ଖଇରାରେ ସୁଦୃଢ଼ ହେଉଛି କଂଗ୍ରେସ



ମିଶ୍ରଣ ପର୍ବରେ କଂଗ୍ରେସ ନେତୃବୃନ୍ଦଙ୍କ ସହ ଯୋଗଦାନ କରିଥିବା ଅନ୍ୟ ଦଳର କର୍ମୀ।

ଖଇରା, ୨୯।୨(ଉତ୍କଳବନ୍ଧୁ ପଣ୍ଡା)

ବାଲେଶ୍ୱର ଜିଲା ଖଇରା ବ୍ଲକରେ କଂଗ୍ରେସର ୬ମାସ ମଧ୍ୟରେ ୩୦ରୁ ଊର୍ଦ୍ଧ୍ୱ ଛୋଟ ବଡ ମିଶ୍ରଣ ପର୍ବ ମାଧ୍ୟମରେ କଂଗ୍ରେସ ଧୀରେ ଧୀରେ ସୁଦୃଢ ହେବାରେ ଲାଗିଛି। ୨୦୧୯ରେ ଦଳ ଛାଡି ଭାଜପାକୁ ମୁହାଁଇଥିବା ବହୁ କଂଗ୍ରେସ କର୍ମୀ ତଥା ଦଳ ଆରମ୍ଭରୁ ସକ୍ରିୟ ଭୂମିକାରେ ରହିଥିବା ଅନ୍ୟ କିଛି କର୍ମୀ ଦଳ ଭିତରେ ଅଣନିଃଶ୍ୱାସୀ ହୋଇ ଦଳକୁ ପ୍ରତ୍ୟାବର୍ତ୍ତନ କରିବା ପରେ କଂଗ୍ରେସ ଶକ୍ତିଶାଳୀ ହୋଇପଡୁଥିବା କୁହାଯାଉଛି। ଗୁରୁବାର ଖଇରା କଂଗ୍ରେସ କାର୍ଯ୍ୟାଳୟରେ ପୁଣି ଏକ ମିଶ୍ରଣ ପର୍ବ ସିମୁଳିଆରେ ଦଳର ଲୋକପ୍ରିୟତା ବୃଦ୍ଧିକୁ ପ୍ରମାଣିତ କରିଛି। କଂଗ୍ରେସ ନେତା ଶରତ ଦାସ, କଂଗ୍ରେସ ବିଧାୟକ ପ୍ରାର୍ଥୀ ହିମାଂଶୁ ଶେଖର ବେହେରା, ଯୁବ କଂଗ୍ରେସ ସଭାପତି ନିରଞ୍ଜନ ପରିଡା, ପୂର୍ବତନ ସରପଞ୍ଚ ବସନ୍ତ ପାତ୍ରଙ୍କ ଉପସ୍ଥିତିରେ ଅନ୍ତରା ଜୋନ ଭାଜପାର ପୂର୍ବତନ ସଭାପତି ଭାଗିରଥି ମହାପାତ୍ର, ଲକ୍ଷ୍ମୀଧର ମହାପାତ୍ର, ଗଣେଶ ଶତପଥି, ଭଗବାନ କର, କୈଳାସ ମହାପାତ୍ର, ହରେକୃଷ୍ଣ ମହାପାତ୍ର ଓ କୁପାରୀ ଜୋନର ଟାଣୁଆ ନେତା ପରମେଶ୍ୱର ମହାପାତ୍ର ନିଜର ୭୦ରୁ ଊର୍ଦ୍ଧ୍ୱ ସମର୍ଥକଙ୍କ ସହ ଦଳ ଛାଡି କଂଗ୍ରେସ ପ୍ରାଥମିକ ସଦସ୍ୟ ପଦ ଗ୍ରହଣ କରିଛନ୍ତି।

# ଭାଜପା କର୍ମୀଙ୍କ ଉପରେ ଗାଡ଼ି ଚଢ଼ାଇଥିବା ପ୍ରଶାନ୍ତଙ୍କୁ କୋଳେଇ ନେଲା ଭାଜପା: ବିଜେଡି

ଭୁବନେଶ୍ୱର,୨୯।୨(ଅନିଲ ଦାସ)

ପ୍ରଶାନ୍ତ ଜଗଦେବ ଯିଏକି ଭାଜପା କର୍ମୀଙ୍କ ଉପରେ ଗାଡ଼ି ଚଢ଼ାଇ ମାରିବାକୁ ଉଦ୍ୟମ କରିବା ସହ ୨ଟି ଆପରାଧିକ ମାମଲାରେ ଜେଲ ଯାଇଥିଲେ, ଯାହାଙ୍କ ବିରୋଧରେ ଓଡ଼ିଶା ଭାଜପାର ନେତା ଓ କର୍ମୀ ଗଳାଫଟାଇ ଚିତ୍କାର କରୁଥିଲେ, ଆଜି କିଭଳି ତାଙ୍କ ଗଳାରେ ଦଳୀୟ ଉତ୍ତରୀୟ ପକାଇ ସ୍ୱାଗତ କଲେ। ଯେଉଁ ଭାଜପା କର୍ମୀଙ୍କୁ ଗଳାଧକ୍କା ମାରି ପ୍ରଶାନ୍ତ ଲହୁଲୁହାଣ କରିଥିଲେ ବୋଲି ଦଳୀୟ ନେତା ଓ କର୍ମୀ ପ୍ରତିବାଦ କରୁଥିଲେ, ଆଜି କିଭଳି ତାଙ୍କ ପିଠି ଥାପୁଡ଼ାଇଛନ୍ତି ବୋଲି ବିଜେଡି ମୁଖପାତ୍ର ଲେଲିନ ମହାନ୍ତି ପ୍ରଶ୍ନ କରିଛନ୍ତି।

ଗୁରୁବାର ଶଙ୍ଖଭବନଠାରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଲେଲିନ କହିଛନ୍ତି ଯେ ଉଭୟ ଆପରାଧିକ କାର୍ଯ୍ୟକଳାପକୁ ଗୁରୁତ୍ୱର ସହ ଗ୍ରହଣ କରି ବିଜୁ ଜନତା ଦଳ ପ୍ରଶାନ୍ତ ଜଗଦେବଙ୍କୁ ଦଳରୁ ନିଲମ୍ବନ ସହ ବହିଷ୍କାର ମଧ୍ୟ କରିଥିଲା। ଜନବିରୋଧୀ କାର୍ଯ୍ୟ ପାଇଁ ଯାହାଙ୍କୁ ବିଜେଡି ଦଳରୁ ବାହାରର ରାସ୍ତା ଦେଖାଉଛି ସେମାନଙ୍କୁ ଓଡ଼ିଶା ଭାଜପା ସାଦରରେ ଗ୍ରହଣ କରିନେଉଛି। ଏବେ ଭାଜପା ନେତା ଖାସ୍ କରି ପୃଥ୍ୱୀରାଜ ହରିଚନ୍ଦନ ଓ ଅନ୍ୟମାନେ ଯିଏ ପ୍ରଶାନ୍ତଙ୍କ ବିରୋଧରେ ବିଷ ଓଗାଳୁ ଥିଲେ, ସେମାନେ ନିଜ କର୍ମୀଙ୍କୁ କ'ଣ ଉତ୍ତର ଦେବେ। ଯେଉଁ ଭାଜପା କର୍ମୀଙ୍କ ଉପରେ ପ୍ରଶାନ୍ତ ଗାଡ଼ି ଚଢ଼ାଇ ଦେଇଥିଲେ, ତାଙ୍କୁ କିଭଳି ମୁହଁ ଦେଖାଇବେ। ଯେଉଁ ପୃଥ୍ୱୀରାଜ ହରିଚନ୍ଦନଙ୍କ ପାଇଁ ଭାଜପା କର୍ମୀମାନେ ପ୍ରଶାନ୍ତ ଜଗଦେବଙ୍କ ସହ ଲଢ଼େଇ କରୁଥିଲେ ଏବେ ସେମାନେ କ'ଣ କରିବେ ବୋଲି ଲେଲିନ ପ୍ରଶ୍ନ କରିଛନ୍ତି। ଯେଉଁ ପୃଥ୍ୱୀରାଜ ପ୍ରଶାନ୍ତଙ୍କଠାରୁ ଶୋଚନୀୟ ଭାବେ ପରାସ୍ତ ହୋଇ ରାଜ୍ୟ ରାଜନୀତିରେ ଲଜ୍ଜିତ ହୋଇଥିଲେ ସେ ମିଶ୍ରଣ ପର୍ବ ନେଇ ନିଜ କର୍ମୀଙ୍କୁ ଜବାବ ଦେଇପାରିବେ ତ। ନୂଆ ନେତା ସୃଷ୍ଟି କରିବାକୁ ଓଡ଼ିଶା ଭାଜପା ଯେହେତୁ ଅସମର୍ଥ ସେଥିପାଇଁ ଅସାମାଜିକ କାର୍ଯ୍ୟକଳାପରେ ଲିପ୍ତଥିବା ଗୁଣ୍ଡା, ବଦମାସ, ଆପରାଧିକ, ଜନବିରୋଧୀ ଓ ତଡ଼ାଖିଆ ଶ୍ରେଣୀର ଲୋକଙ୍କୁ ଭରସା କରିବା ଆରମ୍ଭ କରିଛି ବୋଲି ଲେଲିନ କହିଛନ୍ତି।

# ବିଧାନସଭାକୁ ସୁରଙ୍କ ବାଏ ପରେ ଏମ୍‌ପି ପ୍ରାର୍ଥିତ୍ୱ ଚର୍ଚ୍ଚା

ଖୋର୍ଦ୍ଧା,୨୯।୨(ପ୍ରଭାତ ପାଣିଗ୍ରାହୀ)

ଭୁବନେଶ୍ୱର ସଂସଦୀୟ କ୍ଷେତ୍ରରୁ ଦୀର୍ଘବର୍ଷ ଧରି ବିଜେଡି ପ୍ରାର୍ଥୀ ଜିତି ଆସୁଥିବା ବେଳେ ୨୦୧୯ ନିର୍ବାଚନରେ ଭାଜପାରୁ ଅପରାଜିତା ଷଡ଼ଙ୍ଗୀ ଏମ୍‌ପି ହୋଇଥିଲେ। ୨୦୨୪ ଲୋକ ସଭା ନିର୍ବାଚନରେ ଅପରାଜିତା ଭାଜପାରୁ ପୁଣି ପ୍ରାର୍ଥୀ ହେବେ ବୋଲି କୁହାଯାଉଛି। ଯଦି ସେ ପ୍ରତିଦ୍ୱନ୍ଦ୍ୱିତା କରନ୍ତି, ତାଙ୍କୁ କିଏ ଟକ୍କର ଦେବେ ତାହାକୁ ନେଇ ଚର୍ଚ୍ଚା ହେଉଛି। ଶୁଣିବାକୁ ମିଳୁଛି ବିଜେଡିରୁ କୋଠାବାଡ଼ି ଓ ନିର୍ମାଣ ଶ୍ରମିକ ବୋର୍ଡ ଅଧ୍ୟକ୍ଷା ଶ୍ରୀମୟୀ ମିଶ୍ର ପ୍ରାର୍ଥୀ ହୋଇପାରନ୍ତି। ସେପଟେ କଂଗ୍ରେସ କୁଆଡ଼େ ଭୁବନେଶ୍ୱର ସଂସଦୀୟ କ୍ଷେତ୍ର ଉପରେ ନଜର ପକାଇଲାଣି। ଯଦିଓ ଆଗାମୀ ନିର୍ବାଚନରେ ଦଳ କାହାକୁ ଏଠାରୁ ପ୍ରାର୍ଥୀ କରିବ ସ୍ଥିର ହୋଇ ନାହିଁ, ତେବେ ବରିଷ୍ଠ ନେତା ସୁରେଶ ରାଉତରାୟଙ୍କୁ ପ୍ରୋଜେକ୍ଟ କରୁଥିବା ଆଲୋଚନା ହେଉଛି। ସେଥିଲାଗି ସୁରେଶ କୁଆଡ଼େ ବିଧାନସଭାକୁ ବାଏ କହି ଭାବବିହ୍ୱଳ ହୋଇଥିଲେ। ପାର୍ଲାମେଣ୍ଟକୁ ସୁରେଶଙ୍କୁ ପଠାଇବା ପାଇଁ ଦଳ ଭିତିରିଆ ପ୍ରସ୍ତୁତି ଆରମ୍ଭ କରିଥିବା ଜଣାପଡୁଛି। ସୁରେଶ ଜଟଣୀ ନିର୍ବାଚନମଣ୍ଡଳୀରୁ ୬ଥର ବିଧାୟକ ହୋଇଥିବା ବେଳେ ଥରେ ମନ୍ତ୍ରୀ ହୋଇଥିଲେ। ସୋସିଆଲ ମିଡିଆରେ ସେ ସର୍ବାଗ୍ରେ ଚର୍ଚ୍ଚାରେ ରହୁଥିବା ବେଳେ ସରକାରଙ୍କୁ ବିଭିନ୍ନ ପ୍ରସଙ୍ଗରେ ସମାଲୋଚନା କରି ଗଣମାଧ୍ୟମର ଶିରୋନାମା ପାଲଟିଥାନ୍ତି।

ଅପରପକ୍ଷରେ ଚାରିଆଡ଼େ ଏବେ ବିଜେଡି ଏବଂ ଭାଜପାରେ ଦଳୀୟ ଟିକେଟକୁ ନେଇ ଗୋଷ୍ଠୀ କନ୍ଦଳ। ଖୋର୍ଦ୍ଧା, ବେଗୁନିଆ, ଜଟଣୀ, ଏକାମ୍ର ସବୁଠି ଏହା ଜଳଜଳ ଦେଖାଗଲାଣି। ଏହାକୁ ଦୃଷ୍ଟିରେ ରଖି ଭାଜପା ଓ ବିଜେଡିକୁ କଂଗ୍ରେସରୁ ଏକମାତ୍ର ସୁରେଶ ଟକ୍କର ଦେଇପାରିବେ ବୋଲି ଚର୍ଚ୍ଚା ହେଉଛି। ଏପରିକି ଅସନ୍ତୁଷ୍ଟ ବିରୋଧୀଙ୍କ ଭୋଟ ମଧ୍ୟ ତାଙ୍କୁ ମିଳିବା ସମ୍ଭାବନା ଅଧିକ। ପ୍ରାର୍ଥିତ୍ୱକୁ ନେଇ ଚାଲିଥିବା ଆଲୋଚନାକୁ ସୁର ଖଣ୍ଡନ କରିଥିବା ବେଳେ ଭାଜପାର ଅସନ୍ତୁଷ୍ଟ କର୍ମୀ କୁଆଡ଼େ ଅପରାଜିତାଙ୍କୁ ହରାଇବା ପାଇଁ ସୁରେଶଙ୍କୁ ସମର୍ଥନ କରିପାରନ୍ତି ବୋଲି କୁହାଯାଉଛି। ଅପରାଜିତାଙ୍କ ବିରୋଧରେ ଅସନ୍ତୁଷ୍ଟ ଦଳୀୟ କର୍ମୀ ସ୍ୱର ଉତ୍ତୋଳନ କରିବାରେ ଲାଗିଛନ୍ତି। ପୁଣି ଅତୀତରେ ଅପରାଜିତା ବିଭିନ୍ନ ପ୍ରସଙ୍ଗରେ ଶଣ୍ଢୁଆସି ଆକ୍ରମଣ କରି ରାଜ୍ୟ ସରକାରଙ୍କୁ ଅସ୍ତବ୍ୟସ୍ତ କରି ପକାଇଛନ୍ତି। କୌଣସି ପ୍ରକାରେ ବିଜେଡି ଏଥର ଅପରାଜିତାଙ୍କୁ ହରାଇବା ପାଇଁ କାଉଣ୍ଟଡାଉନ୍ ଆରମ୍ଭ କରିଦେଇଥିବା ଆଲୋଚନା ହେଉଛି।

# ମୁଁ ଦୁଇ କୁଳକୁ ହିତା: ଶ୍ରୀମୟୀ

ଖୋର୍ଦ୍ଧା,୨୯।୨(ପ୍ରଭାତ ପାଣିଗ୍ରାହୀ)

ଭୁବନେଶ୍ୱର ସଂସଦୀୟ କ୍ଷେତ୍ରରେ ବିଜେଡିରୁ ଆଶାୟୀ ଶ୍ରୀମୟୀ ମିଶ୍ର ଗୁରୁବାର ଖୋର୍ଦ୍ଧାରେ ବାଇକ୍ ଶୋଭାଯାତ୍ରା ମାଧ୍ୟମରେ ଶକ୍ତି ପ୍ରଦର୍ଶନ କରିଛନ୍ତି। ଶୋଭାଯାତ୍ରା ମୁକୁନ୍ଦପ୍ରସାଦ ମେଳଣ ପଡ଼ିଆଠାରୁ ବାହାରି ବ୍ଲକ କାର୍ଯ୍ୟାଳୟ ପର୍ଯ୍ୟନ୍ତ ପରିକ୍ରମା କରିଥିଲା। ବିଧାୟକ ଜ୍ୟୋତିରୀନ୍ଦ୍ରନାଥ ମିତ୍ର, ପର୍ଯ୍ୟବେକ୍ଷକ କୈଳାସ ପାତ୍ର, ସହପର୍ଯ୍ୟବେକ୍ଷକ ଶୁଭ୍ରାଂଶୁ ମିଶ୍ର, ଜିଲାପରିଷଦ ଅଧ୍ୟକ୍ଷା ରୂପଶ୍ରୀରାଣୀ ଗୁମାନସିଂହ, ପୌରାଧ୍ୟକ୍ଷା କନକଲକ୍ଷ୍ମୀ ମହାନ୍ତି, ଦଳୀୟ କର୍ମୀ, ନେତାଙ୍କ ସମେତ ବହୁ ମହିଳା ଶୋଭାଯାତ୍ରାରେ ସାମିଲ ଥିଲେ। ଖୋର୍ଦ୍ଧା ପୌର ପରିଷଦ ଅନ୍ତର୍ଗତ ୭ ନମ୍ବର ୱାର୍ଡର କାଉନସିଲର ଅଜିତ ମହାପାତ୍ରଙ୍କ ନେତୃତ୍ୱରେ ଏହା ଆୟୋଜିତ ହୋଇଥିଲା। ଏହି ଅବସରରେ ଶ୍ରୀମୟୀ କହିଲେ ଯେ, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ଓଡ଼ିଶା ସମୃଦ୍ଧି ପଥରେ ଆଗେଇ ଚାଲିଛି। ତେଣୁ ବିପୁଳ ସଂଖ୍ୟାରେ ଭୋଟ ଦେଇ ନବୀନଙ୍କୁ ଷଷ୍ଠଥର ଲାଗି ମୁଖ୍ୟମନ୍ତ୍ରୀ କରିବା ପାଇଁ ସେ ଲୋକଙ୍କୁ ନିବେଦନ କରିଥିଲେ। ନିକଟରେ ଏକ ଓଡ଼ିଆ ଚଳଚ୍ଚିତ୍ର ରିଲିଜକୁ ନେଇ ପଶ୍ଚିମ ଓଡ଼ିଶା ଏବଂ ପୂର୍ବାଞ୍ଚଳ ମଧ୍ୟରେ ମୁହାଁମୁହିଁ ସ୍ଥିତି ସୃଷ୍ଟି ହୋଇଥିଲା। ବଲାଙ୍ଗୀରରୁ ଏ ନେଇ ସ୍ୱର ଉଠିଥିଲା। ନିର୍ବାଚନରେ ଏହାର ପ୍ରଭାବ ପଡ଼ିପାରେ କି ପ୍ରଶ୍ନର ଉତ୍ତରରେ ଗଣମାଧ୍ୟମକୁ ଶ୍ରୀମୟୀ କହିଛନ୍ତି, ମୁଁ ଦୁହିତା, ଦୁଇକୁଳକୁ ହିତା। ମୋ' ଘର ବଲାଙ୍ଗୀର, କିନ୍ତୁ ମୁଁ ଭୁବନେଶ୍ୱରରେ ବିବାହ କରିଛି। ମୁଁ ଲୋକଙ୍କ ସହିତ ଥିବାରୁ ସେଭଳି ଚର୍ଚ୍ଚାର କୌଣସି ପ୍ରଭାବ ପଡ଼ିବ ନାହିଁ।



ଖୋର୍ଦ୍ଧାରେ ବାଇକ୍ ଶୋଭାଯାତ୍ରା କରି ଶ୍ରୀମୟୀ ମିଶ୍ର ଶକ୍ତି ପ୍ରଦର୍ଶନ କରୁଛନ୍ତି।

# ଲୋକକଳା ଗ୍ରାମରେ ଗୋଟିପୁଅ ନୃତ୍ୟ ମହୋତ୍ସବ

**ସାକ୍ଷୀଗୋପାଳ,୨୯।୨(ଭରତ ରାଉତ):**

ଓଡ଼ିଶା ସରକାରଙ୍କ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଲୋକକଳା ଗ୍ରାମ ସାରଙ୍ଗଯୋଡ଼ିର ପ୍ରସିଦ୍ଧ ଗୋଟିପୁଅ ନୃତ୍ୟ ଅନୁଷ୍ଠାନ କୈଳାସ ଗୋଟିପୁଅ ଓଡ଼ିଶୀ ନୃତ୍ୟ ପରିଷଦ ପକ୍ଷରୁ ୨ୟ ଗୋଟିପୁଅ ନୃତ୍ୟ ମହୋତ୍ସବ ଗୁରୁବାର ସନ୍ଧ୍ୟାରେ ସାରଙ୍ଗଯୋଡ଼ି ମେଳଣ ପଡ଼ିଆରେ ଅନୁଷ୍ଠିତ ହୋଇଯାଇଛି। ସମାରୋହରେ ମୁଖ୍ୟ ଅତିଥି ରୂପେ ସତ୍ୟବାଦୀ ପଞ୍ଚାୟତ ସମିତି ଅଧ୍ୟକ୍ଷ ସୁନୀଲ ବଡପଣ୍ଡା, ମୁଖ୍ୟବକ୍ତା ରୂପେ କେନ୍ଦ୍ର ସଙ୍ଗୀତ ନାଟକ ଏକାଡେମୀ ପୁରସ୍କାରପ୍ରାପ୍ତ ବିଶିଷ୍ଟ ଗୋଟିପୁଅ ନୃତ୍ୟ ବିଶାରଦ ଗୁରୁ ଗୋବିନ୍ଦଚନ୍ଦ୍ର ପାଲ, ସମ୍ମାନିତ ଅତିଥି ଭାବେ ଗୋଟିପୁଅ ନୃତ୍ୟ ଗୁରୁ ଲିଙ୍ଗରାଜ ବାରିକ୍, ଗୁରୁ ଭାଗୀରଥି ମହାପାତ୍ର, ଗୁରୁ ପରମାନନ୍ଦ ମହାପାତ୍ର, ଯୁବ ଗୋଟିପୁଅ ପ୍ରତିଭା ବସନ୍ତ ମହାରଣା, ନାଟ୍ୟକାର ଓ ନିର୍ଦ୍ଦେଶକ ଲିଙ୍ଗରାଜ ସାହୁ ଯୋଗଦେଇ ସମବେତ ଜନତାଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ମହୋତ୍ସବରେ ବିଶିଷ୍ଟ ବ୍ୟକ୍ତିଙ୍କ ମଧ୍ୟରେ ରାଜ୍ୟର ଖ୍ୟାତି ସମ୍ପନ୍ନ ଗୋଟିପୁଅ ଗୁରୁ ବାବୁଲି ଭୂୟାଁ, ଗୁରୁ ଆର୍ତ୍ତବନ୍ଧୁ ବାରିକ୍, ଗୁରୁ କୃଷ୍ଣଚନ୍ଦ୍ର ନାୟକ, ଗୁରୁ କୃଷ୍ଣଚନ୍ଦ୍ର ବିଶ୍ୱାଳ, ଗୁରୁ ବନିତା ମଲ୍ଲିକ ପ୍ରମୁଖ ଯୋଗଦେଇ ନିଜସ୍ୱ ମତବ୍ୟକ୍ତ କରିଥିଲେ। ସଭାପତି କବି ଚନ୍ଦନ ଦେବଦତ୍ତ ପ୍ରଧାନ ଏଥିରେ ସଭାପତିତ୍ୱ କରିଥିଲେ। ବିଶିଷ୍ଟ ସାହିତ୍ୟିକ, ବାସ୍ତୁ ବିଶାରଦ ତଥା ଜ୍ୟୋତିର୍ବିଦ୍ୟା ଗବେଷକ ଦେବୀ ପ୍ରସାଦ ମହାପାତ୍ର ସଂଯୋଜନା କରିଥିଲେ। ସମ୍ପାଦକ କୈଳାସ ଚନ୍ଦ୍ର ବିଶ୍ୱାଳ ବାର୍ଷିକ ବିବରଣୀ ପାଠ କରିଥିଲେ। ସତ୍ୟବାଦୀ ବ୍ଲକ କଳା ସଂସ୍କୃତି ସଂଘ ଉପସଭାପତି ରମେଶ ଚନ୍ଦ୍ର ପଲେଇ ଏଥିରେ ତତ୍ତ୍ୱାବଧାନ କରିଥିଲେ। ବରିଷ୍ଠ ଗୋଟିପୁଅ ନୃତ୍ୟ ବିଶାରଦ ଗୁରୁ ଲିଙ୍ଗରାଜ ବାରିକ୍‌ଙ୍କୁ ଆଜୀବନ ସାଧନା ପାଇଁ କଳାଶ୍ରୀ ସମ୍ମାନ ଓ ଗୁରୁ ବସନ୍ତ ମହାରଣାଙ୍କୁ ଗୋଟିପୁଅ ଯୁବ ପ୍ରତିଭା ସମ୍ମାନରେ ସମ୍ମାନିତ କରାଯାଇଥିଲା। ପାଲା, ହରିନାମ ସଂକୀର୍ତ୍ତନ, ସାହିତ୍ୟ ଓ ସାମ୍ବାଦିକତା କ୍ଷେତ୍ରରେ ପ୍ରସିଦ୍ଧ ଅର୍ଜନ କରିଥିବା ବ୍ୟକ୍ତି ବିଶେଷଙ୍କୁ ମାନପତ୍ର ସହ ସମ୍ବର୍ଦ୍ଧିତ କରାଯାଇଥିଲା। ପରେ ପରେ ଲକ୍ଷ୍ମୀପ୍ରିୟା ଗୋଟିପୁଅ ନୃତ୍ୟ ପରିଷଦ, ବାଲିପାଟଣା, ଶିବପାର୍ବତୀ ଗୋଟିପୁଅ ନୃତ୍ୟ ପରିଷଦ, ବିଦ୍ୟାଧରପୁର, ଟି. ଆର .ବି ଡ୍ୟାନ୍ସ ଗ୍ରୁପ, ରାଇଗୁରୁପୁର, ପିପିଲି, ମହାବୀର ଡ୍ୟାନ୍ସ ଗ୍ରୁପ, ଶିରୁଳି ଏବଂ ମା' କ୍ଷେତ୍ରପାଳୀ ମୃଦଙ୍ଗ ବାଦ୍ୟ ନୃତ୍ୟ ପରିଷଦ ମଞ୍ଚ ଉପରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଦୁର୍ଗେଶ ମିଶ୍ର, ପୂର୍ଣ୍ଣଚନ୍ଦ୍ର ପଣ୍ଡା, ପ୍ରତାପ ପ୍ରଧାନ, ହେମେନ୍ଦ୍ର ନାଥ ପଟ୍ଟନାୟକ, ରବିନାରାୟଣ ବେହେରା ପ୍ରମୁଖ ମହୋତ୍ସବର ଆୟୋଜନରେ ସହାୟତା କରିଥିଲେ।




୨ୟ ଗୋଟିପୁଅ ନୃତ୍ୟ ଉତ୍ସବ ଅବସରରେ ମଞ୍ଚାସୀନ ଅତିଥି ।

## ସଂକ୍ଷେପରେ

### ପାନ ଦୋକାନୀଙ୍କୁ ଆକ୍ରମଣ ଯୁବକ କୋର୍ଟ ଚାଲାଣ

**ନିମାପଡ଼ା,୨୯।୨(ରଞ୍ଜନ ପଟ୍ଟନାୟକ)**

ଅସ୍ତରଙ୍ଗ ଥାନା ଅଞ୍ଚଳର ଜଣେ ଯୁବକ ନିଶାସକ୍ତ ଅବସ୍ଥାରେ ପାନ ଦୋକାନୀଙ୍କୁ ଆକ୍ରମଣ କରିବା ଘଟଣାରେ ପୋଲିସ ଉକ୍ତ ଯୁବକଙ୍କୁ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଛି। ସେ ହେଲେ ପୃଥ୍ୱୀରାଜ ନାୟକ। ଏନେଇ ପୋଲିସ ୬୯/୨୪ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ସୂଚନା ମୁତାବକ, ପୂର୍ବାହ୍ନ ୧୧ଟା ସମୟରେ ପୃଥ୍ୱୀରାଜ ପାନ ଦୋକାନୀ ବିଭୂତି ଭୂଷଣ ପ୍ରଧାନଙ୍କୁ ଗାଳି ଗୁଲଜ କରିବା ସହିତ ମାଡ଼ ମାରି ତାଙ୍କ ପାଖରୁ ୫ ହଜାର ଟଙ୍କା ଛଡ଼ାଇ ନେଇଥିଲେ। ଏ ସମ୍ପର୍କରେ ବିଭୂତି ଥାନାରେ ଅଭିଯୋଗ କରିଥିଲେ।

### ବେଆଇନ ପାଥୋଲାବ ଉପରେ ପ୍ରଶାସନର କାର୍ଯ୍ୟାନୁଷ୍ଠାନ



**ଅସ୍ତରଙ୍ଗ,୨୯।୨ (ମମତା ଜେନା/ପ୍ରଦୀପ୍ତ ଦୀକ୍ଷିତ):**

ଅସ୍ତରଙ୍ଗ ବଜାର ସମେତ ବିଭିନ୍ନ ଗାଁରେ ଛତୁ ଫୁଟିଲା ଭଳି ବେଆଇନ ପାଥୋଲାବ ରହିଛି। ୨୨ ତାରିଖରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ ନିର୍ଦ୍ଦେଶ କ୍ରମେ ଅସ୍ତରଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ହୋଇଥିବା ଚିଠି ଅନୁଯାୟୀ, ଗୁରୁବାର ୭ଟି ପାଥୋଲାବକୁ ଯାଞ୍ଚ କରାଯାଇଥିଲା। ୬ଟି ପାଥୋଲାବ ଅଧିକାରୀ ଥିବାବେଳେ ଗୋଟିଏ ପାଥୋଲାବ ଅଧିକାରୀ ଉପସ୍ଥିତ ନ ଥିଲେ। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡ. ସଞ୍ଜୟ ପ୍ରଧାନ ସବୁ ମାଲିକଙ୍କୁ କାର୍ଯ୍ୟାଳୟ ପରିସରରେରେ ଆବଶ୍ୟକ ଦସ୍ତାବିଜ ଆଣି ପହଞ୍ଚିବାକୁ କହିଥିଲେ। ଯାଞ୍ଚରେ କାଗଜପତ୍ର ଠିକ୍ ନ ଥିବା ଜଣାପଡ଼ିଥିଲା। ଫଳରେ ସେମାନଙ୍କୁ ତୁରନ୍ତ ପାଥୋଲାବ ବନ୍ଦ କରିବାକୁ ନିର୍ଦ୍ଦେଶ ଦେଇଥିଲେ।

### ମୁଖ୍ୟମନ୍ତ୍ରୀଙ୍କୁ ଭେଟିବାକୁ କାକଟପୁରରୁ ନବୀନ ନିବାସ ପଦଯାତ୍ରା

**କାକଟପୁର,୨୯।୨(ଶୁଭଦର୍ଶନ ମିଶ୍ର):**

କାକଟପୁରକୁ ଏନ୍‌ଏସି ମାନ୍ୟତା ମିଳିବା ଦାବି ନେଇ ଗୁରୁବାର କାକଟପୁର ମା' ମଙ୍ଗଳାଙ୍କ ଆଜ୍ଞାମାଳ ନେଇ କାକଟପୁର ଗ୍ରାମ ପଞ୍ଚାୟତ ସମିତିସଭ୍ୟ ତଥା ସାମାଜିକ କର୍ମୀ ସମରେନ୍ଦ୍ର ଦୀକ୍ଷିତଙ୍କ ଆହ୍ୱାନରେ କାକଟପୁରରୁ ନବୀନ ନିବାସ ପଦଯାତ୍ରା ହୋଇଥିଲା। ଏଥିରେ ଖବରଦାତା ରୂପେଶ ସାହୁ, ଅଲେଖ ବିଶ୍ୱାଳ, ଚିନ୍ମୟ ପୋଲାଇ, ସୁବ୍ରତ ସ୍ୱାଇଁ, ଲିଙ୍ଗରାଜ ଦାଶ ପ୍ରମୁଖ ଏହି ପଦଯାତ୍ରାରେ ସାମିଲ ହୋଇଥିଲେ। ୨୦୧୪ ଏବଂ ୨୦୧୭ ମସିହାରେ କାକଟପୁର ଏନ୍‌ଏସି ପାଇଁ ସରକାରଙ୍କ ଦ୍ୱାରା କରାଯାଇଥିବା ସର୍ଭେରେ ସରକାରୀ ରିପୋର୍ଟ ଅନୁଯାୟୀ, କାକଟପୁରକୁ ଏନ୍‌ଏସି ମାନ୍ୟତା ପାଇଁ ସମସ୍ତ ଯୋଗ୍ୟତା ଥିବା ଦର୍ଶାଯାଇଛି। ହେଲେ ସରକାର ଇତି ମଧ୍ୟରେ ରାଜ୍ୟର ୩୫ଟି ଅଞ୍ଚଳକୁ ଏନ୍‌ଏସି ମାନ୍ୟତା ଦେଇଥିବାବେଳେ କାକଟପୁର ସେହି ତାଲିକାରୁ ବାଦ୍ ପଡ଼ିବାରୁ କାକଟପୁରରେ ଅସନ୍ତୋଷ ଦେଖାଦେଇଛି।

# ଖବରଦାତାଙ୍କ ସମସ୍ୟା ନେଇ ଆଲୋଚନା

**କୋଣାର୍କ,୨୯।୨(ଜ୍ୟୋତିରାଜ ମହାନ୍ତି):**

ଚନ୍ଦ୍ରଭାଗାଠାରେ କୋଣାର୍କର ସମସ୍ତ ଛାପା ଓ ବୈଦ୍ୟୁତିକ ଗଣମାଧ୍ୟମ ପ୍ରତିନିଧିଙ୍କ ଏକ ଆଲୋଚନାଚକ୍ର ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ପୁରୀ ଜିଲା ପେସାଦାର ସାମ୍ବାଦିକ ସଂଘ ସଭାପତି ତ୍ରିବିକ୍ରମ ରାମକୃଷ୍ଣ ମହାପାତ୍ର ଏଥିରେ ଅଧ୍ୟକ୍ଷତା କରିଥିଲେ। ରାଜ୍ୟରେ ଖବରଦାତାଙ୍କ ବିଭିନ୍ନ ବୃତ୍ତିଗତ ସମସ୍ୟା ସମ୍ପର୍କରେ ବୈଠକରେ ଆଲୋଚନା ହୋଇଥିଲା। ବିଧାନସଭାରେ ଖବରଦାତାଙ୍କ ବିଭିନ୍ନ ଦାବି ସମ୍ପର୍କରେ ଆଲୋଚନା ସତ୍ତ୍ୱେ ସରକାର ଖବରଦାତା ସୁରକ୍ଷା ଆଇନ, ଅବସରପ୍ରାପ୍ତ ଖବରଦାତାଙ୍କ ପାଇଁ ପେନ୍‌ସନ ଘୋଷଣା, ଗୋପବନ୍ଧୁ ସ୍ୱାସ୍ଥ୍ୟ ବୀମା ଯୋଜନାରେ ମା' ବାପାଙ୍କୁ ସାମିଲ କରିବା, ସ୍ୱାସ୍ଥ୍ୟବୀମା ରାଶି ବୃଦ୍ଧି ଆଦି ବିଭିନ୍ନ ଦାବି ପୂରଣ କରିବାରେ ସରକାରଙ୍କ ଟାଳଟୁଳ ନୀତିକୁ ବୈଠକରେ ନିନ୍ଦା କରାଯିବା ସହ ସରକାର ନିର୍ବାଚନ ଆଚରଣ ବିଧି ଲାଗୁ ପୂର୍ବରୁ ଖବରଦାତାଙ୍କ ବିଭିନ୍ନ ଦାବି ପୂରଣ କରିବା ପୁନଃ ଦାବି ହୋଇଥିଲା। ଏଥିସହ କୋଣାର୍କର ଜମିଜମା ସମସ୍ୟା, ସରକାରୀ ଜମି ଜବରଦଖଲ ସମସ୍ୟା, କୋଣାର୍କ ପାରିପାର୍ଶ୍ୱିକ ବିକାଶ କାର୍ଯ୍ୟ ଠପ ପଡ଼ିବା ଘଟଣା, ସୂର୍ଯ୍ୟମନ୍ଦିର ପ୍ରବେଶ ଓ ପ୍ରସ୍ଥାନରେ ପର୍ଯ୍ୟଟକଙ୍କ ପାଇଁ ହେଉଥିବା ଅସୁବିଧା, ସହ କୋଣାର୍କ ଭଳି ଏକ ଅନ୍ତର୍ଜାତୀୟ ପର୍ଯ୍ୟଟନ ସ୍ଥଳୀରେ ପ୍ରଶାସନିକ ଅବ୍ୟବସ୍ଥା ଓ ଆସନ୍ନ ନିର୍ବାଚନକୁ ଦୃଷ୍ଟିରେ ରଖି ରାଜନୈତିକ ପରିସ୍ଥିତି ସମ୍ପର୍କରେ ଆଲୋଚନା ହୋଇଥିଲା। ସାଧାରଣ ଲୋକଙ୍କ ସ୍ୱରକୁ ଆଗାମୀ ଦିନରେ ଦୃଢ ଭାବେ ଉପସ୍ଥାପନା ପାଇଁ ଏହି ବୈଠକରେ ବିଭିନ୍ନ ଗଣମାଧ୍ୟମ ପ୍ରତିନିଧି ସଂକଳ୍ପ ନେଇଥିଲେ।



ଆଲୋଚନାଚକ୍ରରେ ଉପସ୍ଥିତ ଖବରଦାତାମାନେ ।

# 'ସମସ୍ତଙ୍କ ସହଯୋଗ ରହିଲେ ଶିକ୍ଷା ବ୍ୟବସ୍ଥା ଆଗକୁ ଯିବ'

**ଗୋପ,୨୯।୨(ଭାରତୀ ଭୂଷଣ ଉପାଧ୍ୟାୟ):**

ଶିକ୍ଷା ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଭାବରେ ସମାଜରେ ଠିଆ ହୋଇଛି। ଶିକ୍ଷା କ୍ଷେତ୍ରରେ ସହଯୋଗ ରହିଲେ ନିଶ୍ଚିତ ଭାବେ ଶିକ୍ଷା ଆଗକୁ ଯିବା ସମ୍ଭବ ହୋଇପାରିବ। ଗୋପ ବାଳିକା ବିଦ୍ୟାଳୟ ପରିସରରେ ଆୟୋଜିତ କଳିଙ୍ଗ ପବ୍ଲିକ ସ୍କୁଲର ରୌପ୍ୟ ଜୟନ୍ତୀ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଶିକ୍ଷାବିତ୍ ରବୀନ୍ଦ୍ର ସିଂ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଏହା କହିଥିଲେ। କଳିଙ୍ଗ ପବ୍ଲିକ ସ୍କୁଲ ଅଧ୍ୟକ୍ଷ ପୂର୍ଣ୍ଣେଶ ସେନାପତି ଅଧ୍ୟକ୍ଷତା କରିଥିଲେ। କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଗୋପ ବ୍ଲକ ଅଧ୍ୟକ୍ଷା ଝୁନୁ ମଲ୍ଲିକ, ମହିଳା ମହାସଂଘ ସଭାନେତ୍ରୀ ମୀନାକ୍ଷୀ ପୃଷ୍ଟି, ଶିକ୍ଷାବିତ୍ ସୁବାସ ଚନ୍ଦ୍ର ପ୍ରଧାନ, ସ୍କୁଲ ସଭାପତି ବିଭୂତି ଭୂଷଣ ସେନାପତି, ଶିକ୍ଷାବିତ୍ ମଙ୍ଗରାଜ ମହାରଣା, ଦୀପକ ସେନାପତି ପ୍ରମୁଖ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ସ୍କୁଲ ଆରମ୍ଭରୁ ଶିକ୍ଷାଦାନ କରିଥିବା ପୁରାତନ ଶିକ୍ଷୟିତ୍ରୀଙ୍କୁ ସମ୍ମାନିତ କରାଯାଇଥିଲା। ସ୍କୁଲ ଛାତ୍ରୀଛାତ୍ରମାନଙ୍କ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ବେଶ ମନୋମୁଗ୍ଧକର ହୋଇଥିଲା। କାର୍ଯ୍ୟକ୍ରମକୁ ଘୋଷକ ସଂଗ୍ରାମ କେଶରୀ ଭୋଳଙ୍କ ସହିତ ସ୍କୁଲର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ପରିଚାଳନା କରିଥିଲେ।



କଳିଙ୍ଗ ପବ୍ଲିକ ସ୍କୁଲର ରୌପ୍ୟ ଜୟନ୍ତୀରେ ପିଲାମାନେ ନୃତ୍ୟ ପରିବେଷଣ କରୁଛନ୍ତି।

# ପ୍ରଭାତ କ୍ଲବ ପକ୍ଷରୁ କ୍ୟାଣ୍ଡେଲ ଶୋଭାଯାତ୍ରା

**ଡେଲାଙ୍ଗ,୨୯।୨(ରଶ୍ମୀରଞ୍ଜନ ପ୍ରଧାନ):**

ଡେଲାଙ୍ଗ ବ୍ଲକର ହୁମର ଗାଁରେ ଗତ ୨୬ ତାରିଖରେ ଭଉଣୀ, ଭାଇଙ୍କ ପୋଖରୀରେ ବୁଡ଼ି ମୃତ୍ୟୁ ଘଟଣାରେ ସ୍ୱେଚ୍ଛାସେବୀ ଅନୁଷ୍ଠାନ ପ୍ରଭାତ କ୍ଲବ ପକ୍ଷରୁ ଏକ କ୍ୟାଣ୍ଡେଲ ଶୋଭାଯାତ୍ରା ବୁଧବାର ଅନୁଷ୍ଠିତ ହୋଇଯାଇଛି। ମୃତ ୨ ଶିଶୁ ହେଲେ ଶଙ୍କର ରାଉତଙ୍କ ପୁଅ ଶୁଭେନ୍ଦୁ ରାଉତ (୯) ଏବଂ ଝିଅ ଶୁଭଲକ୍ଷ୍ମୀ ରାଉତ (୭)। କ୍ଲବ ସମ୍ପାଦକ ପଦ୍ମନାଭ ବରାଳ ଏଥିରେ ଅଧ୍ୟକ୍ଷତା କରିଥିଲେ। ଶୋଭାଯାତ୍ରାରେ ପୂର୍ବତନ ସରପଞ୍ଚ କାଳନ୍ଦୀ ଚରଣ ଜେନା, କୋଷାଧ୍ୟକ୍ଷ ଲିଙ୍ଗରାଜ ସ୍ୱାଇଁ, ସଦସ୍ୟ ଗନ୍ଧର୍ବ ପ୍ରଧାନ, ଗଣେଶ ସ୍ୱାଇଁ, ସ୍ୱାଗତ ବରାଳ, ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ, ସରୋଜ ଦଳାଇ ପ୍ରମୁଖଙ୍କ ସହିତ ସ୍ଥାନୀୟ ବାସିନ୍ଦା ଗଦାଧର ପ୍ରଧାନ, ସୁଶାନ୍ତ ପ୍ରଧାନ, ପ୍ରତାପ ଦଳାଇ ପ୍ରମୁଖ ଉପସ୍ଥିତ ରହି ୨ ମିନିଟ୍ ନୀରବ ପ୍ରାର୍ଥନା କରିବା ସହ ୨ ଶିଶୁଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରାର୍ଥନା କରିଥିଲେ।

# ମିଶନ ଶକ୍ତି ଦେଇଛି ନୂଆ ପରିଚୟ



ମିଶନ ଶକ୍ତି ମହିଳାମାନଙ୍କୁ ନେଇ ଆୟୋଜିତ ଆଲୋଚନା ଚକ୍ରରେ ଅତିଥି ଓ ମହିଳାମାନେ ।

**ଅସ୍ତରଙ୍ଗ,୨୯।୨(ପ୍ରଦୀପ୍ତ ଦୀକ୍ଷିତ)/ ଗୋପ(ଭାରତୀ ଭୂଷଣ ଉପାଧ୍ୟାୟ):**

ଅସ୍ତରଙ୍ଗ ବ୍ଲକ ସଭାଗୃହ ପରିସରରେ ବ୍ଲକର ୧୫ ପଞ୍ଚାୟତର ମିଶନଶକ୍ତି ମହିଳାଙ୍କୁ ନେଇ ଗୁରୁବାର ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ରାଜ୍ୟ ମିଶନ ଶକ୍ତି ଉପଦେଷ୍ଟା ଲୋପାମୁଦ୍ରା ବକ୍ସିପାତ୍ର ଯୋଗଦେଇଥିଲେ। ମହିଳାମାନେ ଉଦ୍ୟୋଗୀ ଓ ସ୍ୱାବଲମ୍ବୀ ହେବା ଭିଜନକୁ ସାକାର କରିବାକୁ ବ୍ଲକର ୨୦୫୭ ଏସ୍‌ଏଚ୍‌ଜି ଗ୍ରୁପର ୨୧ହଜାର ମହିଳାଙ୍କୁ ଏସ୍‌ଏମ୍‌ଇ ଗଠନ କରିବାକୁ ଲକ୍ଷ୍ୟ ରଖାଯାଇଛି। ଅନ୍ୟତମ ଅତିଥି ଜିଲା ମିଶନଶକ୍ତି ପ୍ରକଳ୍ପ ସଂଯୋଜିକା ଆରତି ସାହୁ, ବିଡିଓ ସୁଶ୍ରୀ ସସ୍ମିତା ବେହେରା, ଅସ୍ତରଙ୍ଗ ବ୍ଲକ ମହିଳା ଓ ଶିଶୁବିକାଶ ବିଭାଗ ଅଧିକାରିଣୀ ଅରୁଣା କର, ବ୍ଲକ ଉପାଧ୍ୟକ୍ଷ ଦୃଜୟ ମିଶ୍ର ଓ ବ୍ଲକ ମିଶନଶକ୍ତି ସଂଯୋଜିକା ନିବେଦିତା ଦୀକ୍ଷିତ ପ୍ରମୁଖ ଉପସ୍ଥିତ ଥିଲେ। ଖୁବ୍‌ଶୀଘ୍ର ମିଶନଶକ୍ତିକୁ ଶକ୍ତିଶାଳୀ କରିବାକୁ ପ୍ରତି ପଞ୍ଚାୟତରେ ମିଶନ ଶକ୍ତି ଗୃହ ସ୍ଥାପନ କରାଯିବ। ମହିଳାଙ୍କ ଦ୍ୱାରା ପ୍ରସ୍ତୁତ ସୁସ୍ୱାଦୁ ଖାଦ୍ୟପେୟ ପାଇଁ ବ୍ଲକରେ ମିଶନ ଶକ୍ତି କାଫେ ତିଆରି ହେବ ବୋଲି ମୁଖ୍ୟ ଅତିଥି ବକ୍ସିପାତ୍ର ସୂଚନା ଦେଇଥିଲେ।

ସେହିପରି ଗୋପ ବ୍ଲକ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ଏକତା ହିଁ ସବୁ କିଛିକୁ ସମ୍ଭବ କରିଥାଏ ବୋଲି ବକ୍ସିପାତ୍ର କହିଥିଲେ। ଗୋପ ବ୍ଲକ ମହିଳା ମହାସଂଘ ସଭାନେତ୍ରୀ ମିନାକ୍ଷୀ ପୃଷ୍ଟି ଏଥିରେ ଅଧ୍ୟକ୍ଷତା କରିଥିଲେ। ପରେ ରାଜ୍ୟ ମିଶନ ଶକ୍ତି ଉପଦେଷ୍ଟା ବକ୍ସିପାତ୍ର ବ୍ଲକ ପରିସରରେ ଥିବା ମିଶନ ଶକ୍ତି କାଫେ, ମିଶନ ଶକ୍ତି କାର୍ଯ୍ୟାଳୟ ସହିତ ଆଉ କେତେକ ମହିଳା ଗୋଷ୍ଠୀଙ୍କ ବିଭିନ୍ନ ପ୍ରକଳ୍ପ ବୁଲି ଦେଖି ଖୁବ୍ ପ୍ରଶଂସା କରିଥିଲେ। କାର୍ଯ୍ୟକ୍ରମରେ ବିଡିଓ ଛବିରାଣୀ ସାହୁ, ସିଡିପିଓ ମିନାକ୍ଷୀ ସାହୁ, ଦୀପାଳି ଛାଟୋଇ, ଟିକିନା ବେହେରା, ରେଣୁବାଳା ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ଖବରକାଗଜ ବିକି ସ୍ୱାବଲମ୍ବୀ ଦୁଃଖୀଶ୍ୟାମ

**ସାକ୍ଷୀଗୋପାଳ, ୨୯।୨ (ଭରତ ରାଉତ):**

ବୟସ ୭୨। ତଥାପି ଥକିଯାଇନି ତାଙ୍କ ପାଦ, ଛାଡ଼ିନାହାନ୍ତି ନିଷ୍ଠାର ସହ କର୍ମ କରିବାର ଝୁଙ୍କ୍। ପରିଣତ ବୟସରେ ବି ଖବରକାଗଜ ବିକ୍ରିକୁ ବୃତ୍ତି ଭାବେ ଗ୍ରହଣକରି ସ୍ୱାବଲମ୍ବୀ ହୋଇପାରିଛନ୍ତି ଦୁଃଖୀଶ୍ୟାମ ସାହୁ। ଏହି ବୃତ୍ତି ତାଙ୍କୁ ସମାଜରେ ସ୍ୱତନ୍ତ୍ର ପରିଚୟ ଦେଇଛି। ସେ ଅନ୍ୟମାନଙ୍କ ପାଇଁ ଉଦାହରଣ ପାଲଟିଛନ୍ତି। ଅନେକ ଝଡଝଞ୍ଜା ସତ୍ତ୍ୱେ ଦୁଃଖୀଶ୍ୟାମ ଦୀର୍ଘବର୍ଷଧରି ଭୋରରୁ ଲୋକଙ୍କ ନିକଟରେ ତାଜା ଖବର ପହଞ୍ଚାଇବା ଦାୟିତ୍ୱକୁ ସୁଚାରୁରୂପେ ସମ୍ପାଦିତ କରିଆସୁଛନ୍ତି। ସତ୍ୟବାଦୀ ବ୍ଲକ ଅନ୍ତର୍ଗତ ଜୟପୁର ପଞ୍ଚାୟତର ମଠସାହିରେ ରହୁଥିବା ଦୁଃଖୀଶ୍ୟାମ ଦୀର୍ଘ ୪୫ ବର୍ଷ ହେଲା ଖବରକାଗଜ ବିକ୍ରିକୁ ରୋଜଗାରର ପ୍ରମୁଖ ମାଧ୍ୟମ କରିଛନ୍ତି। ଏଥିରୁ ତାଙ୍କ ପରିବାରର ୫ ପ୍ରାଣୀଙ୍କ ପ୍ରତିପୋଷଣ ହେଉଛି। କେବଳ ଏତିକି ନୁହେଁ, ଦୁଃଖୀଶ୍ୟାମ ସକାଳୁ ଖବରକାଗଜ ବିକ୍ରି କରିବା ପରେ ପୁଅକୁ ଦୋକାନ କାର୍ଯ୍ୟରେ ସହଯୋଗ କରୁଛନ୍ତି। ସ୍ଥାନୀୟ ବସ୍‌ଷ୍ଟାଣ୍ଡରେ ପ୍ରତିଦିନ ସକାଳୁ ଯେତେବେଳେ ଖବରକାଗଜ ବିତରକମାନଙ୍କ ଭିଡ଼ଲାଗେ, ସେତେବେଳେ ଦୁଃଖୀଶ୍ୟାମ ସେମାନଙ୍କ ମଧ୍ୟରେ ବାରି ହୋଇପଡ଼ନ୍ତି। ସମସ୍ତଙ୍କ ସହ ଥଟ୍ଟାମଜା ହେବା ପରେ ଖରା, ବର୍ଷା ଓ ଶୀତ କାକରକୁ ଖାତିର ନ କରି ସାଇକେଲରେ ବୁଲି ଖବରକାଗଜ ବାଣ୍ଟିବାକୁ ବାହାରିପଡ଼ନ୍ତି। ଏଇ ବୟସରେ ଏତେ ପରିଶ୍ରମ କାହିଁକି କରୁଛନ୍ତି ବୋଲି ତାଙ୍କୁ ପଚାରିଲେ ସେ ହସିଦେଇ 'କର୍ମ ହିଁ ଭଗବାନ' ବୋଲି କହିଥାନ୍ତି। ଏଥିରୁ ନିଜ ଉପରେ ଆତ୍ମବିଶ୍ୱାସ ଓ କାମ ପ୍ରତି ନିଷ୍ଠାର ଝଲକ ଦେଖିବାକୁ ମିଳିଥାଏ। ଦୁଃଖୀଶ୍ୟାମ ପ୍ରତିଦିନ ଧରିତ୍ରୀ ସମେତ ଅନ୍ୟାନ୍ୟ ଖବରକାଗଜ ଧରି ଅଞ୍ଚଳର ବିଭିନ୍ନ ପଞ୍ଚାୟତରେ ବିକ୍ରୀ କରିଥାନ୍ତି। ଏହି ସମୟରେ ଲୋକଙ୍କ ସହ ଭାବବିନିମୟ ତାଙ୍କୁ ଆତ୍ମସନ୍ତୋଷ ଦିଏ ବୋଲି ସେ କହିଛନ୍ତି। ସେ ଧରିତ୍ରୀର ନଗେନ ବେଉରିଆ, ଦଣ୍ଡପାଣି ମିଶ୍ର, ପଦାରବିନ୍ଦ ବାବୁଙ୍କୁ ହୃଦୟରୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଛନ୍ତି। ଅନ୍ୟପକ୍ଷରେ ସେ ବାର୍ଦ୍ଧକ୍ୟ ଭତ୍ତା ପାଇଁ ଆବେଦନ କରିଥିଲେ ସୁଦ୍ଧା ମିଳିପାରି ନ ଥିବାରୁ କ୍ଷୋଭ ପ୍ରକାଶ କରିଛନ୍ତି।




**ପୂର୍ବ ତଟ ରେଳପଥ**

**ପାର୍କିଙ୍ଗ୍ ଷ୍ଟାଣ୍ଡ ପାଇଁ ଇ-ନିଲାମ**

ସଂ.SDCM/KUR/Parking stand/E-auction/ Publication/937, ତା.23.02.2024 ରିଖ

ଷ୍ଟେସନ ଏବଂ ସ୍ଥାନ: ବାଲୁଗାଁ-2 ଚକିଆ (ପରିଚାଳନା କ୍ଷେତ୍ର ସଂଲଗ୍ନ)।

ନିଲାମ ଆରମ୍ଭ ହେବା ତାରିଖ ଓ ସମୟ: ତା.09.03.2024 ରିଖ 1100 ଘଟିକା।

ନିଲାମ ବନ୍ଦ ହେବା ତାରିଖ ଓ ସମୟ: ତା.09.03.2024 ରିଖ 1130 ଘଟିକା।

ଦ୍ରଷ୍ଟବ୍ୟ : ଏହି ନିଲାମ ସମ୍ବନ୍ଧରେ ସମସ୍ତ ଆବଶ୍ୟକ ସୂଚନା ପ୍ରାପ୍ତ କରିବା ସହିତ ପରବର୍ତ୍ତୀ ଇ-ନିଲାମ ବିଷୟରେ ଯାଞ୍ଚ କରିବା ନିମନ୍ତେ ଆଶାୟୀ ବିଡ଼ରଙ୍କୁ ୱେବ୍‌ସାଇଟ୍ https://www.ireps.gov.in ର ଇ-ଅକ୍ସନ ଲିଜିଙ୍ଗ୍ ଟ୍ୟାବ୍ ପରିଦର୍ଶନ କରିବାକୁ ଅନୁରୋଧ କରାଯାଉଛି।

ବରିଷ୍ଠ ମଣ୍ଡଳ ବାଣିଜ୍ୟ ପ୍ରବନ୍ଧକ/ ଖୋର୍ଦ୍ଧା ରୋଡ଼

PR-1137/O/23-24

**ପୂର୍ବ ତଟ ରେଳପଥ**

(1)ଇ-ଟେଣ୍ଡର ବିଜ୍ଞପ୍ତି ସଂ.e-Tender-Elect-G-89-23

କାର୍ଯ୍ୟର ବିବରଣୀ: ଟ୍ରାକ୍ସନ ସବ୍‌ଷ୍ଟେସନ, ଲୋକୋ ସେଡ୍ ଏବଂ Loco's (ପାରମ୍ପରିକ ବିଦ୍ୟୁତ୍ ପାସେଞ୍ଜର ଲୋକୋ, 3-ଫେଜ୍ ରିଜେନେରେଟିଭ ପାସେଞ୍ଜର ଲୋକୋ, ପାରମ୍ପରିକ ବିଦ୍ୟୁତ୍ ଗୁଡ୍‌ସ ଲୋକୋ, 3-ଫେଜ୍ ରିଜେନେରେଟିଭ ଗୁଡ୍‌ସ ଲୋକୋ ଏବଂ ଡିଜେଲ ଲୋକୋ (ସଦ୍ୟତମ)ର ଅନିବାର୍ଯ୍ୟ ଏନର୍ଜି ଅଡିଟ୍।

କାର୍ଯ୍ୟର ଆନୁମାନିକ ମୂଲ୍ୟ(₹): 4,30,700/-, EMD (₹): 8,600/-।

(2)ଇ-ଟେଣ୍ଡର ବିଜ୍ଞପ୍ତି ସଂ.e-Tender-Elect-G-90-23

କାର୍ଯ୍ୟର ବିବରଣୀ: ଖୋର୍ଦ୍ଧା ରୋଡ଼ ମଣ୍ଡଳର ମଞ୍ଚେଶ୍ୱର ସେଟେଲମେଣ୍ଟ ଏରିଆରେ ସାଇକ୍ଲୋନ୍ ପ୍ରତିରୋଧକ LT ଅଣ୍ଡରଗ୍ରାଉଣ୍ଡ୍ କେବୁଲିଙ୍ଗ୍ ସିଷ୍ଟମ୍ ବ୍ୟବସ୍ଥା।

କାର୍ଯ୍ୟର ଆନୁମାନିକ ମୂଲ୍ୟ(₹): 95,05,900.26, EMD (₹): 1,90,100/-।

ଶେଷ ହେବା ଅବଧି : 3 ମାସ (କ୍ରମ ସଂ.1 ପାଇଁ) ଏବଂ 6 ମାସ (କ୍ରମ ସଂ.2 ପାଇଁ)।

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ: ତା.15.03.2024 ରିଖ 1500 ଘଟିକାରେ (ଉଭୟ ଟେଣ୍ଡର ନିମନ୍ତେ)।

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ । ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ।

ଟେଣ୍ଡରଦାତା/ବିଡ଼ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ। କେବଳ ପଞ୍ଜୀକୃତ ଟେଣ୍ଡରଦାତା/ ବିଡ଼ରମାନେ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିପାରିବେ। ନିର୍ଦ୍ଦେଶାବଳୀ ଅନୁଯାୟୀ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିବା ସମୟରେ ସମସ୍ତ ପ୍ରାସଙ୍ଗିକ କାଗଜାତ ନିଶ୍ଚିତ ଭାବେ ଅପଲୋଡ୍ ହେବା ଆବଶ୍ୟକ।

ଦ୍ରଷ୍ଟବ୍ୟ: ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 10(ଦଶ) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।

ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ (G)/ ଖୋର୍ଦ୍ଧା ରୋଡ଼

PR-1132/O/23-24

# ସାକ୍ଷୀଗୋପାଳ ରେଳ ଓଭରବ୍ରିଜ୍ ନିମନ୍ତେ ଜନଶୁଣାଣି

**ସାକ୍ଷୀଗୋପାଳ,୨୯।୨(ପ୍ରଶାନ୍ତ ବାରିକ୍/ କିଶୋର ମହାପାତ୍ର/ଭରତ ରାଉତ):** ଖୋର୍ଦ୍ଧା ପୁରୀ ମୁଖ୍ୟ ରାସ୍ତାର ସାକ୍ଷୀଗୋପାଳ ଆଳଗୁମ ରାସ୍ତାରେ ପ୍ରସ୍ତାବିତ ରେଳ ଓଭରବ୍ରିଜ୍ ନିର୍ମାଣକୁ ନେଇ ଗୁରୁବାର ସତ୍ୟବାଦୀ ପେଣ୍ଠପଡା ପଞ୍ଚାୟତ, ଜୟପୁର ଗ୍ରାମରେ ଜନଶୁଣାଣି ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ପେଣ୍ଠପଡ଼ା ପଞ୍ଚାୟତ କଲ୍ୟାଣମଣ୍ଡପ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପୁରୀ ଅତିରିକ୍ତ ଜିଲାପାଳ କୈଳାସ ଚନ୍ଦ୍ର ନାୟକ, ଜମି ଅଧିଗ୍ରହଣ ବିଭାଗ ଅଧିକାରୀ ନିରଞ୍ଜନ ବାରିକ୍, ସତ୍ୟବାଦୀ ବିଡିଓ ଲିପ୍ସା ନାୟକ, ସତ୍ୟବାଦୀ ଅତିରିକ୍ତ ତହସିଲଦାର ରାଜେଶ ପ୍ରିୟଦର୍ଶୀ, ଲାଇଫ ଏକାଡେମୀ ଅଫ ଭୋକେଶନାଲ ଷ୍ଟଡିଜ ଭୁବନେଶ୍ୱର (ଲାଭସ) ଅଧିକାରୀ ସମୀର ପରିଡ଼ା ଓ ରମେଶଚନ୍ଦ୍ର ବଳ, ପେଣ୍ଠପଡ଼ା ସରପଞ୍ଚ ଚିନ୍ମୟୀ ରାଉତ, ପୁରୀ ଜିଲା ବିଜେଡି ମହିଳା ଉପ ସଭାପତି କନକଲତା ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ। କ୍ଷତିଗ୍ରସ୍ତମାନେ ସେମାନଙ୍କ କ୍ଷତିପୂରଣ ପ୍ରାପ୍ୟ କିଭଳି ଠିକ୍ ପାଇବେ, ସେନେଇ ଉପସ୍ଥିତ ଅଧିକାରୀଙ୍କୁ ଅନୁରୋଧ କରିଥିଲେ। ନୋଡାଲ ଏଜେନ୍ସି ଦ୍ୱାରା କ୍ଷତିଗ୍ରସ୍ତଙ୍କ ନିମନ୍ତେ ପ୍ରସ୍ତୁତ ଠିଠାରୁ ବାଦ ପଡିଯାଇଥିବା ବ୍ୟକ୍ତିଙ୍କୁ ସାମିଲ କରିବା ସହ ଏହି ଓଭରବ୍ରିଜ୍‌କୁ ନିକଟ ବସୁକେରା ଗ୍ରାମ ନିକଟକୁ ସ୍ଥାନାନ୍ତର କରିବାକୁ ଦାବି ଉଠିଥିଲା। ଏହି ସମୟରେ ପେଣ୍ଠପଡ଼ା ପୂର୍ବତନ ସରପଞ୍ଚ ପୂର୍ଣ୍ଣଚନ୍ଦ୍ର ପ୍ରଧାନ ବକ୍ତବ୍ୟ ଦେଉଥିବାବେଳେ ତାଙ୍କ ବକ୍ତବ୍ୟକୁ କେନ୍ଦ୍ର କରି କ୍ଷତିଗ୍ରସ୍ତ ହୋହଲ୍ଲା କରିଥିଲେ। ଉପସ୍ଥିତ ପୋଲିସ କ୍ଷତିଗ୍ରସ୍ତଙ୍କୁ ବୁଝାଶୁଝା କରିଥିଲେ ମଧ୍ୟ ସେମାନେ ଜନଶୁଣାଣି ସ୍ଥଳରୁ ପଳାଇ ଯାଇଥିଲେ। ଫଳରେ ଜନଶୁଣାଣି କାର୍ଯ୍ୟକ୍ରମକୁ ବନ୍ଦ କରାଯାଇଥିଲା। ବଜାର ବ୍ୟବସାୟୀ କମିଟି ସଭାପତି ବିରେନ୍ଦ୍ର ଭୂଷଣ ହୋତା, ସମ୍ପାଦକ ବିଷ୍ଣୁପଦ ମିଶ୍ରଙ୍କ ସମେତ ପୂର୍ବତନ ସରପଞ୍ଚ ଶଙ୍କର ପ୍ରଧାନ ପ୍ରମୁଖ ୧୪୫ ଜଣ ନିଜ ଦାବି ଉପସ୍ଥାପନା କରିଥିଲେ। ସେହିଭଳି ଜୟପୁର ଗ୍ରାମରେ ଆୟୋଜିତ ଶୁଣାଣିରେ ୪୦ଜଣ ନିଜ ଦାବି ଉପସ୍ଥାପନ କରିଥିଲେ। ଜନ ଶୁଣାଣୀକୁ ନେଇ ଜମି ଅଧିଗ୍ରହଣ ଅଧିକାରୀ ନିରଞ୍ଜନ ବାରିକ୍ କହିଛନ୍ତି, ଏହି ଜନ ଶୁଣାଣି ପ୍ରସ୍ତୁତ ଠିଠା ଅନୁଯାୟୀ କରାଯାଇଛି, ଏହା ପରବର୍ତ୍ତୀ ସମୟରେ କ୍ଷତି ଗ୍ରସ୍ତଙ୍କ ଦାବି ଓ ସମସ୍ୟା ସମ୍ପର୍କରେ ପୁନର୍ବାର ଜନଶୁଣାଣି କରାଯିବ।

**ଦାବି ଉପସ୍ଥାପନ କଲେ ୧୮୫**



ଜିଲା ପ୍ରଶାସନ ଦ୍ୱାରା ଆୟୋଜିତ ଜନଶୁଣାଣି କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଅଧିକାରୀ।

**ଭାରତ ସରକାର**

**ପୂର୍ବ ତଟ ରେଳପଥ**

**ଉପ-ମୁଖ୍ୟଯନ୍ତ୍ରୀ (ନିର୍ମାଣ-୨), ପୂର୍ବ ତଟ ରେଳପଥ, ଅନୁଗୁଳ**

**ବିଜ୍ଞପ୍ତି**

ପତ୍ର ସଂଖ୍ୟା: ୧୭୪୭ ତା. ୨୦/୦୨/୨୦୧୪

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ଅନୁଗୁଳ ଜିଲ୍ଲାର ତାଳଚେର ଠାରୁ ସୁନ୍ଦରଗଡ ଜିଲ୍ଲାର ବିମଳାଗଡ ପର୍ଯ୍ୟନ୍ତ ପ୍ରସ୍ତାବିତ ରେଳ ପ୍ରକଳ୍ପ ପାଇଁ ନିମ୍ନବର୍ଣ୍ଣିତ ତହସିଲ ଅନ୍ତର୍ଗତ ମୌଜା-ସତ୍ୟବନ୍ଧ, ଥାନା-ଖମାର, ଥାନା ନମ୍ବର-୭୨ ରୁ ଏକର ୦.୨୨୦ ପରିମିତ ପ୍ରଜା ଭୂମି ଆବଶ୍ୟକ ହେଉଅଛି। ଏହି ନିମ୍ନବର୍ଣ୍ଣିତ ପ୍ରଜାଙ୍କ ଜମିକୁ ଉପ ମୁଖ୍ୟ ଯନ୍ତ୍ରୀ (ନିର୍ମାଣ-୨), ପୂର୍ବ ତଟ ରେଳପଥ, ଅନୁଗୁଳ, ଜମି ମାଲିକଙ୍କ ଠାରୁ ସିଧାସଳଖ କ୍ରୟ କରିବାକୁ ସିଦ୍ଧାନ୍ତ ଗ୍ରହଣ କରି ଏହି ବାବଦରେ ଆବଶ୍ୟକୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି।

ଏହି ବିଜ୍ଞପ୍ତି ମାଧ୍ୟମରେ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣେଇ ଦିଆଯାଉଛି ଯେ, ନିମ୍ନ ପ୍ରଦତ୍ତ କୌଣସି ଜମିର ଖାତା, ରୟତ ଏବଂ ତଦବ୍ୟତୀତ ଅନ୍ୟ କୌଣସି ବ୍ୟକ୍ତି ବିଶେଷଙ୍କର ସ୍ୱାର୍ଥ କିମ୍ବା ଆଗ୍ରହ ରହିଥାଏ ତେବେ ଏହି ବିଜ୍ଞପ୍ତି ପ୍ରକାଶିତ ହେବାର ୧୫ ଦିନ ମଧ୍ୟରେ ସମ୍ପୂର୍ଣ୍ଣ କିମ୍ବା ଜମିର କୌଣସି ଅଂଶ ବା ସେହି ପ୍ରକାର ଜମି ଉପରେ ରହିଥିବା ତାଙ୍କର ଅଧିକାର ସମ୍ବନ୍ଧିତ ପ୍ରସ୍ତାବକୁ ନିମ୍ନ ଠିକଣାରେ ଜଣାଇ ପାରିବେ।

**୧-ଉପ ମୁଖ୍ୟ ଯନ୍ତ୍ରୀ (ନିର୍ମାଣ-୨)ଙ୍କ କାର୍ଯ୍ୟାଳୟ, ପୂର୍ବ ତଟ ରେଳପଥ, ଅନୁଗୁଳ (ରେଲୱେ ଷ୍ଟେସନ ନିକଟ) ଅନୁଗୁଳ-୭୫୯୧୨୩**

**ତାଳଚେର-ବିମଳାଗଡ ନୂତନ ଓସାରିଆ ରେଳପଥ ପ୍ରକଳ୍ପ, ତାଳଚେର**

ଜିଲ୍ଲା: ଅନୁଗୁଳ, ଥାନା: ଖମାର, ଥାନା ନଂ.୭୨, ତହସିଲ: ପାଲହଡ଼ା, ମୌଜା: ସତ୍ୟବନ୍ଧ

| କ୍ର. ନମ୍ବର | ଖାତା ନମ୍ବର | ପ୍ଲଟ ନମ୍ବର | କିସମ | ପ୍ଲଟ ନାମ, ବାସସ୍ଥାନ ଓ ଠିକଣା | ପ୍ଲଟ ମୋଟ ରକବା (ଏକରରେ) | ପ୍ଲଟ ପାଇଁ ଆବଶ୍ୟକ ରକବା (ଏକରରେ) | ମନ୍ତବ୍ୟ |
|---|---|---|---|---|---|---|---|
| ୧ | ୮୯/୮ | ୧୦୧/୧୦୧୫ | ଶାରଦ ଜଳ-୩ | ହାଡ଼ି ଦାସ, ପି.ପୀତବାସ ଦାସ ଜା. ଭାଟ, ବା. ଜେନାପଡା | ୦.୭୨୦ | ୦.୨୨୦ | |
| | | | | ମୋଟ | | ୦.୨୨୦ | |

ଉପ ମୁଖ୍ୟ ଯନ୍ତ୍ରୀ (ନିମାର୍ଣ-୨), ପୂର୍ବ ତଟ ରେଳପଥ, ଅନୁଗୁଳ

PR-129/CG/23-24

## ସଂକ୍ଷେପରେ

### ଶିକ୍ଷକ ଶହୀଦ ଦିବସ ପାଳନ ପାଇଁ ପ୍ରସ୍ତୁତି ବୈଠକ

ବୋଲଗଡ଼,୨୯।୨(ଦେବବ୍ରତ ହୋତା)

ବୋଲଗଡ଼ ବ୍ଲକ ଶିକ୍ଷକ ମହାସଂଘ କାର୍ଯ୍ୟକାରୀ କମିଟିର ଏକ ବୈଠକ ଗୁରୁବାର ବଡ଼କୁମାରୀସ୍ଥିତ ମା' ମଙ୍ଗଳା ପୀଠରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଦିବାକର ପରମଗୁରୁ ସଭାପତିତ୍ୱ କରିଥିଲେ। ବୈଠକରେ ୧୯୭୮ ମସିହା ମାର୍ଚ୍ଚ ୯ରେ ରାଜ୍ୟ ଶିକ୍ଷକ ମହାସଂଘ ଦ୍ୱାରା ଆହୂତ ଆନ୍ଦୋଳନରେ ଯୋଗଦେବାକୁ ଭୁବନେଶ୍ୱର ଯାଉଥିବାବେଳେ ଟିକାତଳଠାରେ ଏକ ବସ୍ ଦୁର୍ଘଟଣା ହୋଇଥିଲା। ସେଥିରେ ପ୍ରାଣ ହରାଇ ଶହୀଦ ହୋଇଥିବା ୬ ଜଣ ଶିକ୍ଷୟିତ୍ରୀ ଶିକ୍ଷକ ବିଳାସିନୀ ପଟ୍ଟନାୟକ, ତରୁଲତା ପଟ୍ଟନାୟକ, ଶାନ୍ତିଲତା ମହାରଣା, କାହ୍ନୁଚରଣ ପଟ୍ଟନାୟକ, ବ୍ରଜବନ୍ଧୁ ସୁବୁଦ୍ଧି ଓ ବାନାମ୍ବର ସାହୁଙ୍କ ସମ୍ମାନାର୍ଥେ ଏକ ସ୍ମରଣୀକା ପ୍ରକାଶ କରିବାକୁ ନିଷ୍ପତ୍ତି ହୋଇଥିଲା। ଶହୀଦ ଶିକ୍ଷକଙ୍କ ଶିକ୍ଷକ ସମାଜ ପ୍ରତି ବଳିଦାନ, ସେ ସମୟର ରାଜ୍ୟର ଶିକ୍ଷା, ଶିକ୍ଷକ ଓ ଶିକ୍ଷାୟତନର ସମସ୍ୟା ଏବଂ ଏହାର ନିରାକରଣ ପାଇଁ ଶିକ୍ଷକ ମହାସଂଘ ଓ ଅନ୍ୟ ଗଣ ସଂଗଠନର ସଂଗ୍ରାମୀ ଭୂମିକା ସମ୍ବନ୍ଧରେ ଆଲୋଚନା କରାଯାଇଥିଲା। ଏହି ବିଷୟବସ୍ତୁକୁ ନେଇ ଲେଖା ପଠାଇବାକୁ ଅନୁରୋଧ କରାଯାଇଥିଲା। ମାର୍ଚ୍ଚ ୯ରେ ଶିକ୍ଷକ ଶହୀଦ ଦିବସ ପାଳନ ଅବସରରେ ସ୍ମରଣିକା ଉନ୍ମୋଚନ ସହିତ ପ୍ରତ୍ୟେକ ଶହୀଦ ପରିବାର ମଧ୍ୟରୁ ଜଣେ ସଦସ୍ୟଙ୍କୁ ସମ୍ବର୍ଦ୍ଧିତ କରାଯିବାକୁ ନିଷ୍ପତ୍ତି ହୋଇଥିବା ମହାସଂଘ ସମ୍ପାଦକ ବୈକୁଣ୍ଠ ମହାରଣା ସୂଚନା ଦେଇଛନ୍ତି।

### କଲେଜ ଅଧ୍ୟକ୍ଷଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ଟାଙ୍ଗୀ,(ଖୋର୍ଦ୍ଧା)୨୯।୨ (ରଘୁନାଥ ସାହୁ)

ନାଚୁଣୀ କଲେଜ ଅଧ୍ୟକ୍ଷ ନାରାୟଣ ବଳିଆରସିଂ, ରସାୟନ ବିଭାଗର ସହାୟକ ମୁକୁନ୍ଦ ଚରଣ ସ୍ୱାଇଁ ଓ କଲେଜ କାର୍ଯ୍ୟାଳୟ କର୍ମଚାରୀ ପୀତାମ୍ବର ଦାଶଙ୍କୁ ଗୁରୁବାର ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଛି। ଏନେଇ କଲେଜ ପରିସରରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଓଡ଼ିଆ ବିଭାଗ ମୁଖ୍ୟ ଅଧ୍ୟାପକ ରାଜକିଶୋର ସାହୁ ଏଥିରେ ଅଧ୍ୟକ୍ଷତା କରିଥିଲେ। ସଭାରେ ଅବସରପ୍ରାପ୍ତ ଅଧ୍ୟକ୍ଷ ବଳିଆରସିଂ, ସ୍ୱାଇଁ ଓ ଦାଶଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ସହ ମାନପତ୍ର ସହ ସମ୍ବର୍ଦ୍ଧିତ କରାଯାଇଥିଲା। ସଭାରେ ଅଧ୍ୟାପକ ରୁଦ୍ରପ୍ରତାପ ନରେନ୍ଦ୍ର ସିଂ ବର୍ମା, ଗୋଲକ ବିହାରୀ ବାରିକ୍, ଦିଲୀପ ବେହେରା, ବାନାମ୍ବର ହୋତା, ଶାନ୍ତନୁ ମିଶ୍ର, ଛବି ରାମ ପରିଡ଼ା, ଅଧ୍ୟାପିକା ସଂଘମିତ୍ରା ପଟ୍ଟନାୟକ, ଲିନା ନଦିଜା, ଅନୁପମା ଦେବୀ ଅଧ୍ୟାପିକା ସୁଶ୍ରୀ ସ୍ୱାଗତିକା ପ୍ରମୁଖ ଯୋଗଦେଇଥିଲେ। ବଳିଆରସିଂଙ୍କୁ ଜଣେ ଦକ୍ଷ, କର୍ମଠ, ସଚ୍ଚୋଟ ଓ ଛାତ୍ର ବତ୍ସଳ ଅଧ୍ୟକ୍ଷ ଭାବେ ବର୍ଣ୍ଣନା କରିବା ସହ ତାଙ୍କର ସ୍ୱଳ୍ପ କାଳୀନ ଅଧ୍ୟକ୍ଷ ଭାବେ କାର୍ଯ୍ୟପ୍ରଣାଳୀର ଭୂୟସୀ ପ୍ରଶଂସା କରିଥିଲେ। ରସାୟନ ବିଜ୍ଞାନ ସହାୟକ ସ୍ୱାଇଁ ଓ ଦାଶଙ୍କ ଦୀର୍ଘ ୩୦ ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି କାର୍ଯ୍ୟ ଦକ୍ଷତାର ପ୍ରଶଂସା କରିଥିଲେ। ସଭାରେ କଲେଜ ସମସ୍ତ ଅଧ୍ୟାପିକା, ଅଧ୍ୟାପକ ଓ କର୍ମଚାରୀ ଉପସ୍ଥିତ ଥିଲେ। ପ୍ରାଣୀ ବିଜ୍ଞାନ ଅଧ୍ୟାପକ ଦେବଦତ୍ତ ପାଣି ସଭା ସଂଯୋଜନା କରିଥିଲେ। ସଂସ୍କୃତ ଅଧ୍ୟାପିକା ଡ.ସୁଭଦ୍ରା ଭୋଳ ଧନ୍ୟବାଦ ଦେଇଥିଲେ।

### ଯୁବତୀଙ୍କୁ ଅଶ୍ଳୀଳ ଇଙ୍ଗିତ ମାମଲାରେ ଯୁବକ ଗିରଫ

ଜଟଣୀ,୨୯।୨(ରବିନ୍ଦ୍ରନାଥ ମହାକୁଡ଼)

ଜଟଣୀ ପୋଲିସ ଯୁବତୀଙ୍କୁ ଅଶ୍ଳୀଳ ଇଙ୍ଗିତ କରିବା ଘଟଣାରେ ଜଣେ ଯୁବକଙ୍କୁ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲେ ଜଟଣୀ ଥାନା ଅଧୀନ ବେଲପଡା ଗ୍ରାମର ଶ୍ରବଣ କୁମାର ନାୟକ। ସୂଚନା ମୁତାବକ, ଅଭିଯୋଗକରିଣୀଙ୍କୁ ଅଭିଯୁକ୍ତ ଅଶ୍ଳୀଳ ମେସେଜ ଦେବା ସହିତ ଟ୍ୟୁସନ ଯିବା ବାଟରେ ଅଶ୍ଳୀଳ ଇଙ୍ଗିତ କରୁଥିଲେ। ଅଭିଯୁକ୍ତଙ୍କ ସହିତ ସମ୍ପର୍କ ନରଖିଲେ ଅଭିଯୋଗକରିଣୀଙ୍କ ବଡ଼ ଭଉଣୀଙ୍କ କିଛି ଅଶ୍ଳୀଳ ଫଟୋ ଭାଇରାଲ କରିଦେବା ଧମକ ଦେଇ ଆସୁଥିଲେ। ବୁଧବାର ଅଭିଯୋଗକରିଣୀ ଟିଉସନରୁ ଘରକୁ ଫେରୁଥିଲା ବେଳେ ଅଭିଯୁକ୍ତ ତାଙ୍କ ସହିତ ଦୁର୍ବ୍ୟବହାର କରିଥିଲେ। ଛାତ୍ରୀଙ୍କ ଚିତ୍କାର ଶୁଣି ସ୍ଥାନୀୟ ଲୋକେ ଆସି ଅଭିଯୁକ୍ତଙ୍କୁ କାବୁ କରିଥିଲେ। ଏ ନେଇ ଥାନାରେ ୨୮/୨୪ରେ ମାମଲା ରୁଜୁ ହୋଇଛି।

# ୨୭ ଦିନ ପରେ ମହାପ୍ରଭୁଙ୍କ ମନ୍ଦିର କବାଟ ଫିଟିଲା

## ଆରମ୍ଭ ହେଲା ନୀତିକାନ୍ତି, ଖୁସିରେ ଭାବବିହ୍ୱଳ ଭକ୍ତ

ଜଟଣୀ,୨୯।୨(ରବୀନ୍ଦ୍ରନାଥ ମହାକୁଡ଼)



ମନ୍ଦିର ଚାବି ଭଙ୍ଗାଯାଉଛି।



ମହାପ୍ରଭୁଙ୍କ ଦର୍ଶନ କରି ଭକ୍ତମାନେ ଭାବବିହ୍ୱଳ ହୋଇପଡ଼ିଛନ୍ତି।

ଜଟଣୀ ପୌରାଞ୍ଚଳ ୱାର୍ଡ ନମ୍ବର-୧୪ ଅନ୍ତର୍ଗତ ବାଛରାପାଟଣାସ୍ଥ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ମନ୍ଦିର କବାଟ ଦୀର୍ଘ ୨୭ ଦିନ ବନ୍ଦ ରହିବା ପରେ ଗୁରୁବାର ସକାଳେ ଖୋଲିଛି। ମନ୍ଦିର କବାଟ ଫିଟିବା ପରେ ମହାପ୍ରଭୁଙ୍କ ନୀତିକାନ୍ତି ଆରମ୍ଭ ହୋଇଛି। ଦୀର୍ଘ ଦିନ ବାଦବିବାଦ କାରଣରୁ ମହାପ୍ରଭୁ ଅପୂଜା ଅଖିଆ ଭାବେ ମନ୍ଦିରରେ ବନ୍ଦ ହୋଇ ରହିଥିଲେ। ଜଟଣୀ ନଗରପାଳଙ୍କ ହସ୍ତକ୍ଷେପ ପରେ ମନ୍ଦିର କବାଟ ଫିଟିଛି। ସାହି ବାସିନ୍ଦା ଏବଂ ଭକ୍ତ ଖୁସିରେ ଭାବବିହ୍ୱଳ ହୋଇପଡ଼ିଛନ୍ତି। ଜଟଣୀ ନଗରପାଳ ଅନନ୍ତ ବେହେରା ସ୍ଥାନୀୟ ଅଞ୍ଚଳବାସୀ ଏବଂ ଶ୍ରୀଜଗନ୍ନାଥ ପ୍ରେମୀଙ୍କ ପାଇଁ ସାମୁହିକ ସ୍ୱାର୍ଥ ଦୃଷ୍ଟିରୁ ସର୍ବସାଧାରଣଙ୍କ ଦର୍ଶନ ଏବଂ ମହାପ୍ରଭୁଙ୍କ ନୀତିକାନ୍ତି ପାଇଁ ମନ୍ଦିର ତାଲା ଖୋଲିଥିଲେ। ଏହି କାର୍ଯ୍ୟ ସମୟରେ ସ୍ଥାନୀୟ କାଉନସିଲ ପ୍ରତିନିଧିଙ୍କ ଉପସ୍ଥିତ ଥିଲେ। ମନ୍ଦିର କବାଟ ଫିଟିବା ପରେ ଅଞ୍ଚଳବାସୀଙ୍କ ପକ୍ଷରୁ ଘଣ୍ଟଘଣ୍ଟା ହରିବୋଲ ହୁଳହୁଳି ପକାଯାଇଥିଲା. ଜୟ ଜଗନ୍ନାଥ ଧ୍ୱନିରେ ପ୍ରକମ୍ପିତ ହୋଇଉଠିଥିଲା ସମଗ୍ର ଅଞ୍ଚଳ।

ସୂଚନା ମୁତାବକ ମଠ, ମନ୍ଦିରର ବିକାଶ ଏବଂ ଉନ୍ନତୀକରଣ ପାଇଁ ୫-ଟି ଅର୍ଥ କାର୍ଯ୍ୟାଦେଶ ଏବଂ ମନ୍ଦିର ମାଲିକାନା ସ୍ୱତ୍ୱକୁ ନେଇ ସ୍ଥାନୀୟ ବାଛରାପାଟଣା ଅଞ୍ଚଳର ଦୁଇ ଗୋଷ୍ଠୀ ଶ୍ରୀଜଗନ୍ନାଥ ଟ୍ରଷ୍ଟ ଏବଂ ଜୟ ରାଜଗୁରୁ କ୍ଲବ ମଧ୍ୟରେ ବାଦ ବିବାଦଲାଗି ରହିଛି। ୫-ଟି ଅର୍ଥ ଖର୍ଚ୍ଚ ଏବଂ ମନ୍ଦିର ମାଲିକାନାକୁ ନେଇ ଦୁଇ ଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ ଉପୁଜିବାରୁ ସ୍ଥାନୀୟ ପୌର ପ୍ରଶାସନ, ପୋଲିସ ପ୍ରଶାସନର ହସ୍ତକ୍ଷେପ ପରେ ଗତ ଜାନୁଆରୀ ୨୫,୨୬ ଏବଂ ୨୭ ତାରିଖ ତିନିଦିନ ବ୍ୟାପି ଆନନ୍ଦ ଉଲ୍ଲାସରେ ଉଭୟ ଗୋଷ୍ଠୀ ମିଳିତ ଭାବେ ମହାପ୍ରଭୁଙ୍କ ବାର୍ଷିକ ମନ୍ଦିର ପ୍ରତିଷ୍ଠା ଯଜ୍ଞ ଉତ୍ସବ କରିଥିଲେ। ତେବେ ଯଜ୍ଞ ସରିବା ପରେ ଚଳିତ ମାସ ୩ ତାରିଖରେ ଗୋଟିଏ ଗୋଷ୍ଠୀ ମନ୍ଦିରରେ ତାଲା ପକାଇ ଦେଇଥିଲେ। ଠାକୁରଙ୍କ ନୀତିକାନ୍ତି ଏବଂ ଦର୍ଶନରୁ ଅଞ୍ଚଳବାସୀ ବଞ୍ଚିତ ହେଉଥିଲେ। ପ୍ରତିପକ୍ଷ ଗୋଷ୍ଠୀ ମଧ୍ୟ ମନ୍ଦିରରେ ତାଲା ପକାଇ ସମସ୍ୟାର ସମାଧାନ ପାଇଁ ଜଟଣୀ ଥାନା ଆଗରେ ଧାରଣା ଦେଇଥିଲେ। ତେବେ କୌଣସି ସମାଧାନ ନ ହେବାରୁ ମାମଲା ପ୍ରଥମେ ଥାନା ଏବଂ ବର୍ତ୍ତମାନ କୋର୍ଟରେ ବିଚାରାଧୀନ ରହିଛି। ମାମଲା କୋର୍ଟରେ ବିଚାରାଧୀନ ଥିବା ବେଳେ ଦୀର୍ଘ ୨୭ ଦିନ ପରେ ସ୍ଥାନୀୟ ଅଞ୍ଚଳବାସୀ ଏବଂ ଜଟଣୀ ନଗରପାଳ ତାଲା ଭାଙ୍ଗି ମନ୍ଦିର ଖୋଲିଥିଲେ। ଜଟଣୀ ନଗରପାଳ ବେହେରା କହିଛନ୍ତି, ମନ୍ଦିରର ମାଲିକାନା ଦାବି କରୁଥିବା ବ୍ୟକ୍ତିଙ୍କୁ ପ୍ରଥମେ ମନ୍ଦିର ଖୋଲିବା ପାଇଁ ଚାବି ମାଗିଥିଲେ। ତେବେ ସେହି ବ୍ୟକ୍ତି ଚାବି ଦେଇନଥିଲେ। ପ୍ରତିପକ୍ଷ ଦାବିଦାର ମନ୍ଦିର ଚାବି ଦେଇ ସମସ୍ତଙ୍କ ସ୍ୱାର୍ଥ ଦୃଷ୍ଟିରୁ କବାଟ ଖୋଲିବା ପାଇଁ ଅନୁରୋଧ କରିଥିଲେ।

## ଏନ୍ଏସି ଘୋଷଣାର ସରକାରୀ ବିଜ୍ଞପ୍ତି ପ୍ରକାଶ ଦାବି

ଟାଙ୍ଗୀ,୨୯।୨(ରଘୁନାଥ ସାହୁ)

ଗତ ୨୪ ତାରିଖରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓଡ଼ିଶାର ବିଭିନ୍ନ ଜିଲାର ୩୫ଟି ଏନ୍ଏସି ଘୋଷଣା କରିଥିଲେ। ଏହି କ୍ରମରେ ଖୋର୍ଦ୍ଧା ଜିଲା ଅନ୍ତର୍ଗତ ଟାଙ୍ଗୀ ପଞ୍ଚାୟତକୁ ଏନ୍ଏସି ଘୋଷଣା କରାଯାଇଛି। ଏ ନେଇ ପଞ୍ଚାୟତର ସମସ୍ତ ଜନସାଧାରଣ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଛନ୍ତି। ଇତି ମଧ୍ୟରେ ୫ ଦିନ ବିତିଯାଇଥିଲେ ମଧ୍ୟ ଏ ସମ୍ପର୍କିତ କ୍ୟାବିନେଟ ସ୍ୱୀକୃତି, ସରକାରୀ ବିଜ୍ଞପ୍ତି ପ୍ରକାଶ ପାଇନାହିଁ। ସାଧାରଣ ନିର୍ବାଚନ ପାଇଁ ବିଜ୍ଞପ୍ତି ପ୍ରକାଶ ପାଇବାକୁ ଅଳ୍ପଦିନ ବାକି ରହିଛି। ତେଣୁ ତୁରନ୍ତ ବିଜ୍ଞପ୍ତି ପ୍ରକାଶ କରିବାକୁ ଏନ୍ଏସି କ୍ରିୟାନୁଷ୍ଠାନ କମିଟି ସଦସ୍ୟ ଡା. ମଧୁସୂଦନ ସେନାପତି, ଆଇନଜୀବୀ ବିଶ୍ୱଜିତ୍ ରାଉତରାୟ, ବରିଷ୍ଠ ନାଗରିକ ମଞ୍ଚ ସଂଯୋଜକ ବିଜୟ କୁମାର ରାଉତ, ବରିଷ୍ଠ ସାମ୍ବାଦିକ ରଘୁନାଥ ସାହୁ, ଆଇନଜୀବୀ ସୁଶାନ୍ତ ସିଂ ପ୍ରମୁଖ ଦାବି କରିଛନ୍ତି।

## ଆଞ୍ଚଳିକ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ସ୍ମୃତିଚାରଣ ସଭା

ନିରାକାରପୁର,୨୯।୨ (ମାନସ ଚନ୍ଦ୍ର ପଟ୍ଟନାୟକ)

ନିରାକାରପୁର ପଞ୍ଚାୟତର ଆଞ୍ଚଳିକ କ୍ରିୟାନୁଷ୍ଠାନ ପକ୍ଷରୁ ବୁଧବାର ବକୁ ପଞ୍ଚାୟତର ସମିତିସଭ୍ୟ ତଥା ସାମାଜିକ କର୍ମୀ ଲକ୍ଷ୍ମୀଧର ଜଗଦ୍ଦେବଙ୍କ ବିୟୋଗରେ ସ୍ମୃତିଚାରଣ ସଭା ସ୍ଥାନୀୟ ଶ୍ରୀରାମ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ଜିଲା ପରିଷଦ ସଭ୍ୟ ବିଜୟ କୁମାର ପାଲ୍ଟାସିଂହଙ୍କ ଆବାହକତ୍ୱରେ ଏହି ସଭା ହୋଇଥିବା ବେଳେ ଶ୍ରୀରାମ ଦୟା ପରିଷଦର ସମ୍ପାଦକ ଅଧ୍ୟାପକ ଗଙ୍ଗାଧର ତ୍ରିପାଠୀ ସଭାପତିତ୍ୱ କରିଥିଲେ। ଏହି ଅବସରରେ ସ୍ୱର୍ଗତ ଲକ୍ଷ୍ମୀଧରଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରାଯିବା ସହ ଆତ୍ମାର ସଦ୍‌ଗତି ନିମନ୍ତେ ନୀରବ ପ୍ରାର୍ଥନା କରାଯାଇଥିଲା। ରାମେଶ୍ୱର ପଞ୍ଚାୟତର ପୂର୍ବତନ ସରପଞ୍ଚ ପ୍ରମୋଦ କୁମାର ତ୍ରିପାଠୀ, ନୂଆଗଡ଼ ପଞ୍ଚାୟତର ପୂର୍ବତନ ସରପଞ୍ଚ ଗିରିଶ ମହାରଣା, କମାଗୁରୁ ପଞ୍ଚାୟତର ପୂର୍ବତନ ସମିତିସଭ୍ୟ ଗଣେଶ୍ୱର ପାଲ୍ଟାସିଂହ, ବାପି ମହାରଣା, ଶ୍ରୀରାମ ଦୟା ପରିଷଦର ଉପସଭାପତି ସତ୍ୟବାଦୀ ବଳବନ୍ତରାୟ, ଲେଣ୍ଡୋ ସରପଞ୍ଚ ବିନୋଦିନୀ ଦାଶ, ସ୍କୁଲ କମିଟି ସଭାପତି ମନୋଜ ପ୍ରଧାନ, ସାଗର ବାରିକ, ଉମେଶ ମିଶ୍ର, ପ୍ରଶାନ୍ତ ପାଟଶାଣୀ, ଲକ୍ଷ୍ମୀଧର ସାମନ୍ତରାୟ, ବେଣୁଧର ଚମ୍ପତିରାୟ, ଅଶୋକ କୁମାର ବାହୁବଳେନ୍ଦ୍ର, ସତ୍ୟବାଦୀ ବଳିୟାରସିଂହ ପ୍ରମୁଖ ଯୋଗଦେଇ ସ୍ମୃତିଚାରଣ କରିଥିଲେ। ଶେଷରେ ଆଞ୍ଚଳିକ କ୍ରିୟାନୁଷ୍ଠାନ କମିଟିର ସଭାପତି ବିପିନ କୁମାର ଜୟସିଂହ ଧନ୍ୟବାଦ ଦେଇଥିଲେ।

# ସଂକୀର୍ତ୍ତନ ସ୍ୱାଭିମାନ ଯାତ୍ରା

ବୋଲଗଡ଼,୨୯।୨(ଦେବବ୍ରତ ହୋତା)



ସଂକୀର୍ତ୍ତନ ସ୍ୱାଭିମାନ ଯାତ୍ରାରେ ସାମିଲ ଥିବା କଳାକାର ଏବଂ ଅନ୍ୟମାନେ।

ଶ୍ରୀଜଗନ୍ନାଥ ନାମ ସଂକୀର୍ତ୍ତନ ଲୋକକଳା ପରିଷଦର ସଂକୀର୍ତ୍ତନ ସ୍ୱାଭିମାନ ଯାତ୍ରା ବୁଧବାର ବୋଲଗଡ଼ର ବିଭିନ୍ନ ଗ୍ରାମ ଦେଇ ପରିକ୍ରମା କରିଛି। ଚଟୁଆ, ତାଳତୁମ୍ବ, ପିଚୁକୁଳି, ରାଜସୁନାଖଳା, ଡାବରଧୁଆ, ଖଗୁରିଆ, ବାଙ୍କୋଇ, ଖଡରୁଣୀ, ବଡ଼କୁମାରୀ ଆଦି ଗ୍ରାମରେ ସଂକୀର୍ତ୍ତନ କଳାକାରଙ୍କ ଉପସ୍ଥିତିରେ ସଙ୍ଗଠନର ସଭାପତି ବାସୁଦେବ ଭଞ୍ଜଙ୍କ ନେତୃତ୍ୱରେ ସଂକୀର୍ତ୍ତନ ସ୍ୱାଭିମାନ ଯାତ୍ରା ହୋଇଥିଲା। ସଂକୀର୍ତ୍ତନ କଳାକାରମାନଙ୍କୁ କଳାକାର ମାନ୍ୟତା, ପରିଚୟପତ୍ର ପ୍ରଦାନ, ସବୁ ବୟସର ସଂକୀର୍ତ୍ତନ କଳାକାରଙ୍କୁ କଳାକାର ସହାୟତା ଓ ତାଙ୍କ ପିଲାଙ୍କୁ ମାଗଣାରେ ପ୍ରାଥମିକ ଶିକ୍ଷାଠାରୁ ଉଚ୍ଚଶିକ୍ଷା ଓ ବୈଷୟିକ ଶିକ୍ଷା ପ୍ରଦାନ ଆଦି ପୂରଣ ହେଲେ କଳାକାରମାନେ ସ୍ୱାଭିମାନର ସହ ପୁରାଣ କୀର୍ତ୍ତନ କରିବାକୁ ସକ୍ଷମ ହେବେ ବୋଲି ଦାବି ହୋଇଛି। ଶ୍ରୀଜଗନ୍ନାଥ ନାମ ସଂକୀର୍ତ୍ତନ ଲୋକକଳା ପରିଷଦର ମୁଖ୍ୟ ସଂଯୋଜକ ପ୍ରସନ୍ନ ବିଶୋୟୀ, ସମ୍ପାଦକ ସୁଦର୍ଶନ ଚମ୍ପତି, କୋଷାଧ୍ୟକ୍ଷ ପ୍ରସନ୍ନ ବଡ଼ଜେନା, ରାଜ୍ୟ ଯୁଗ୍ମ ସମ୍ପାଦକ ଲକ୍ଷ୍ମୀଧର ବେହେରା ପ୍ରମୁଖ ଏହି ଯାତ୍ରାରେ ଗ୍ରାମ ପରିଭ୍ରମଣ କରିଥିଲେ। ସମସ୍ତ ଗ୍ରାମରେ ସଂକୀର୍ତ୍ତନ କଳାକାରମାନେ ସ୍ୱାଭିମାନ ଯାତ୍ରାକୁ ସଂକୀର୍ତ୍ତନ କରି ପାଛୋଟି ନେଇଥିଲେ।

## ୨ ଗାଳ୍ପିକ ସମ୍ବର୍ଦ୍ଧିତ

କୃଷ୍ଣପ୍ରସାଦ,୨୯।୨ (କୈଳାସ ଚନ୍ଦ୍ର ପଟ୍ଟନାୟକ)

ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକର ଦୁଇ ବିଶିଷ୍ଟ ଗାଳ୍ପିକ ଭୁବନେଶ୍ୱରଠାରେ କୈବଲ୍ୟ ସାହିତ୍ୟ ଅନୁଷ୍ଠାନ ଦ୍ୱାରା ସମ୍ବର୍ଦ୍ଧିତ ହୋଇଛନ୍ତି। ବଡ଼ଖାଡ଼ ଗ୍ରାମର ଗାଳ୍ପିକ ଅଜୟ ମହାପାତ୍ରଙ୍କୁ ରାଜ୍ୟସ୍ତରୀୟ ଲୋକଗଳ୍ପ ରତ୍ନ ସମ୍ମାନ-୨୦୨୪ ପ୍ରଦାନ କରାଯାଇଥିବା ବେଳେ ନନ୍ଦଲାର ଗାଳ୍ପିକ ଲଳିତ୍ କୁମାର ସ୍ୱାଇଁଙ୍କୁ ରାଜ୍ୟସ୍ତରୀୟ ଲୋକଗଳ୍ପ ଗୌରବ ସମ୍ମାନ-୨୦୨୪ ପ୍ରଦାନ କରାଯାଇଛି। ଆୟୋଜିତ ଗଳ୍ପ କାର୍ଯ୍ୟକ୍ରମରେ ସଂସ୍କୃତି ବିଭାଗର ନିର୍ଦ୍ଦେଶକ ଦିଲୀପ ରାଉତରାୟ, ସଂସ୍କୃତି ବିଶ୍ୱବିଦ୍ୟାଳୟ କୁଳପତି ଡ. ପ୍ରସନ୍ନ କୁମାର ସ୍ୱାଇଁ, ସମ୍ପାଦକ ସଂଗ୍ରାମ କେଶରୀ ସାମନ୍ତରାୟଙ୍କ ସମେତ ଅନ୍ୟ ଅତିଥି ଏହି ସମ୍ବର୍ଦ୍ଧନା ପ୍ରଦାନ କରିଥିଲେ।

## ଟ୍ରେନ୍ ଆଗକୁ ଡେଇଁ ଯୁବକଙ୍କ ଆତ୍ମହତ୍ୟା

ଜଟଣୀ,୨୯।୨(ରବୀନ୍ଦ୍ରନାଥ ମହାକୁଡ଼)

ଜଣେ ଯୁବକ ଟ୍ରେନ ଆଗକୁ ଡେଇଁ ଆତ୍ମହତ୍ୟା କରିଥିବା ଖୋର୍ଦ୍ଧାରୋଡ ଜିଆରପି ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି। ମୃତ ଯୁବକ ହେଉଛନ୍ତି ନବରଙ୍ଗପୁର କୋଡିଙ୍ଗା ଥାନା ଅଞ୍ଚଳର ନରେଶ ଭତରା(୨୫)। ସୂଚନା ମୁତାବକ, ମୃତ ଯୁବକ ଖୋର୍ଦ୍ଧା ବରୁଣେଇ ଠାରେ ଥିବା ଏକ ଘରୋଇ ଶିକ୍ଷାନୁଷ୍ଠାନରେ ଡ୍ରାଇଭର ଭାବେ କାମ କରୁଥିଲେ। ବୁଧବାର ରାତିରେ ସେ କୌଣସି କାମରେ ଖୋର୍ଦ୍ଧାରୋଡ଼ ରେଲୱେ ଷ୍ଟେଶନକୁ ଆସିଥିଲେ। ସେହି ସମୟରେ ୨ ନମ୍ବର ପ୍ଲାଟଫର୍ମରେ ପୁରୀ -ତପସ୍ୱିନୀ ଟ୍ରେନ ଆସୁଥିଲା ବେଳେ ଯୁବକ ଟ୍ରେନ ଆଗକୁ ଡେଇଁପଡ଼ିଥିଲେ। ଏହି ଘଟଣାରେ ଖୋର୍ଦ୍ଧାରୋଡ ଜିଆରପି ଏକ ଅପମୃତ୍ୟୁ ମାମଲା ୧୫/୨୪ ରୁଜୁ କରିବା ସହିତ ଶବ ବ୍ୟବଚ୍ଛେଦ ପାଇଁ ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିବା ଖୋର୍ଦ୍ଧାରୋଡ ଜିଆରପି ଥାନା ଅଧିକାରୀ ଧରଣୀଧର ପ୍ରଧାନ କହିଛନ୍ତି।


**ପୂର୍ବ ତଟ ରେଳପଥ**

**ପାର୍କିଙ୍ଗ୍ ଷ୍ଟାଣ୍ଡ ପାଇଁ ଇ-ନିଲାମ**

ସଂ.SDCM/KUR/Parking stand/E-auction/ Publication/937, ତା.23.02.2024 ରିଖ

ଷ୍ଟେସନ ଏବଂ ସ୍ଥାନ: ବାଲୁଗାଁ-2 ଚକିଆ (ପରିଚାଳନା କ୍ଷେତ୍ର ସଂଲଗ୍ନ)।

ନିଲାମ ଆରମ୍ଭ ହେବା ତାରିଖ ଓ ସମୟ: ତା.09.03.2024 ରିଖ 1100 ଘଟିକା।

ନିଲାମ ବନ୍ଦ ହେବା ତାରିଖ ଓ ସମୟ: ତା.09.03.2024 ରିଖ 1130 ଘଟିକା।

ଦ୍ରଷ୍ଟବ୍ୟ : ଏହି ନିଲାମ ସମ୍ବନ୍ଧରେ ସମସ୍ତ ଆବଶ୍ୟକ ସୂଚନା ପ୍ରାପ୍ତ କରିବା ସହିତ ପରବର୍ତ୍ତୀ ଇ-ନିଲାମ ବିଷୟରେ ଯାଞ୍ଚ କରିବା ନିମନ୍ତେ ଆଶାୟୀ ବିଡ୍‌ଡରଙ୍କୁ ୱେବ୍‌ସାଇଟ୍ https://www.ireps.gov.in ର ଇ-ଅକ୍ସନ ଲିଜିଙ୍ଗ୍ ଟ୍ୟାବ୍ ପରିଦର୍ଶନ କରିବାକୁ ଅନୁରୋଧ କରାଯାଉଛି।

ବରିଷ୍ଠ ମଣ୍ଡଳ ବାଣିଜ୍ୟ ପ୍ରବନ୍ଧକ/ ଖୋର୍ଦ୍ଧା ରୋଡ୍

PR-1137/O/23-24


# ‘ପୁରୀରେ କଳାକାରଙ୍କ ପାଇଁ ଉପଯୁକ୍ତ ମଞ୍ଚ ଅଭାବ’

ପୁରୀ,୨୯।୨(ଅଜିତ୍ ମହାନ୍ତି)



କଳାକାରଙ୍କୁ ଅତିଥି ପୁରସ୍କାର ପ୍ରଦାନ କରୁଛନ୍ତି।

## ରାଜ୍ୟସ୍ତରୀୟ ମଞ୍ଚ ନାଟକ ପ୍ରତିଯୋଗିତା ଉଦ୍‌ଯାପିତ

‘ଅନୁଷ୍ଠାନ ଆମର’ ପକ୍ଷରୁ ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚରେ ଦୀର୍ଘ ଦଶଦିନ ଧରି ଚାଲିଥିବା ୧୬ ତମ ରାଜ୍ୟସ୍ତରୀୟ ମଞ୍ଚ ନାଟକ ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ସନ୍ଧ୍ୟାରେ ପ୍ରତିଯୋଗୀମାନଙ୍କୁ ବିଭିନ୍ନ ବିଭାଗରେ ପୁରସ୍କାର ବିତରଣ କରାଯାଇଛି। ଏହି ପୁରସ୍କାର ବିତରଣ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପୁରୀ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ, ସମ୍ମାନିତ ଅତିଥି ଭାବେ ଓଡ଼ିଶା ଖୋ ଖୋ ସଂଘର ସମ୍ପାଦକ ପ୍ରଦ୍ୟୁମ୍ନ କୁମାର ମିଶ୍ର, ମହାପ୍ରଭୁଙ୍କ ଅଙ୍ଗଲାଗୀ ସେବକ ମଧୁସୂଦନ ସିଂହାରୀ, ସମାଜସେବୀ ଅନିରୁଦ୍ଧ ରାଉତରାୟ, ସିତାର ବାଦକ ଗୁରୁ ରବି ନାରାୟଣ ଗୁରୁ, ଭାଜପା ନେତ୍ରୀ ସ୍ମିତାଞ୍ଜଳି ପତି, ଅନୁଷ୍ଠାନର ସଭାପତି ଭରତ ନାୟକ ଏବଂ ଅନୁଷ୍ଠାନର ସାଧାରଣ ସମ୍ପାଦକ ଗୋବିନ୍ଦ ଚନ୍ଦ୍ର ମହାନ୍ତି ପ୍ରମୁଖ ଯୋଗଦାନ କରିଥିଲେ। ପୁରୀ ହେଉଛି କଳାକାରଙ୍କ ଖଣି, ଏଠାରେ ସମସ୍ତ ପ୍ରକାର କଳାକାର ଅଛନ୍ତି। କେବଳ କଳାକାରମାନଙ୍କ ଲୁକ୍କାୟିତ ପ୍ରତିଭାକୁ ସର୍ବସମ୍ମୁଖକୁ ଆଣିବା ନିମନ୍ତେ ଉପଯୁକ୍ତ ମଞ୍ଚ ନାହିଁ। ତେଣୁ ସେଥିପାଇଁ ବଣର ମଲ୍ଲି ବଣରେ ଫୁଟି ଝଡିପଡୁଛି ବୋଲି ଅତିଥିମାନେ କହିଥିଲେ। ଏହାପରେ ପୁରୀ ସହରର ବିଭିନ୍ନ ସମ୍ମାନଜନକ କାର୍ଯ୍ୟରେ ନିଜକୁ ସ୍ଥାନିତ କରିଥିବା ବ୍ୟକ୍ତିବିଶେଷ ଶିକ୍ଷାବିତ୍ କୃଷ୍ଣ ଚନ୍ଦ୍ର ସାହୁ, ବରିଷ୍ଠ ଅଭିନେତା ପ୍ରସନ୍ନ କୁମାର ମହାନ୍ତି, ତ୍ରିଲୋଚନ ଦାସ, ମଞ୍ଚ ଅଭିନେତ୍ରୀ ଅନିତା ଦାସ, ସିତାର ବାଦକ ସତ୍ୟନାରାୟଣ ଗୁରୁ, ସମାଜସେବୀ ସ୍ମିତାଞ୍ଜଳି ପତି, ରାଧାକାନ୍ତ ଦାସ, କୃଷ୍ଣଚନ୍ଦ୍ର ଖୁଣ୍ଟିଆ, କୃପାସିନ୍ଧୁ ମିଶ୍ର, ସ୍ୱାସ୍ଥ୍ୟ ସେବାର ପ୍ରଶାସନିକ ଅଧିକାରୀ ସୌମ୍ୟ ରଞ୍ଜନ ମିଶ୍ର ଏବଂ ସିନେ ଅଭିନେତା କେଦାର ମିଶ୍ରଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ଦଶ ଦିନ ଧରି ଅନୁଷ୍ଠିତ ହୋଇଥିବା ନାଟକର ବିଭିନ୍ନ ବିଭାଗରେ ପୁରସ୍କୃତ କରାଯାଇଥିଲା। ଉତ୍ତମ ମଞ୍ଚ କାରିଗରୀ ଭାବେ କଳାକାର ଏକତା ମଞ୍ଚର ନାଟକ ପବିତ୍ର ପାପରେ ପ୍ରଜ୍ଞାଦତ୍ତ ସାହୁ, ଉତ୍ତମ ସଙ୍ଗୀତ ନିର୍ଦ୍ଦେଶକ ଭାବେ ପବିତ୍ର ପାପନାଟକର ନିର୍ଦ୍ଦେଶକ ସୁଶାନ୍ତ ପାଣି, ଦ୍ୱିତୀୟ ସଙ୍ଗୀତ ନିର୍ଦ୍ଦେଶକ ଭାବେ ପଶାପାଲି ନାଟକର ନିର୍ଦ୍ଦେଶକ ମମତା କବି, ଶ୍ରେଷ୍ଠ କମେଡିଆନ ଭାବେ ଡାହି ନାଟ୍ୟର ଦିଲ୍ଲୀପ କୁମାର ଷଡଙ୍ଗୀ, ଦ୍ୱିତୀୟ କମେଡ଼ିଆନ ଭାବେ କୁନୁଆଁ ନାଟ୍ୟର କଳାକାର ଧନଞ୍ଜୟ ସାହୁ, ମୁଖ୍ୟ ଖଳନାୟକ ଭାବେ ସନ୍ଦେଶ ନାଟ୍ୟ ପକ୍ଷରୁ ବିଜେନ୍ଦ୍ର ରାଉତ ଏବଂ ପଶାପାଲି ନାଟ୍ୟର ସନ୍ତୋଷ କୁମାର ପଟ୍ଟନାୟକଙ୍କୁ ଚୟନ କରାଯାଇଥିଲା। ସେହିପରି ମୁଖ୍ୟ ସହଯୋଗୀ କଳାକାର ଭାବେ ମା କିଏ ନାଟ୍ୟର ନରସିଂହ ରଣା, ରଜନୀଗନ୍ଧା ନାଟ୍ୟର ଧରିତ୍ରୀ ଖଣ୍ଟୁଆଳ, ମୁଖ୍ୟ କଳାକାର ଭାବେ ଭାବ ନୁ ଅଭାବ ନାଟକର ନରେନ୍ଦ୍ର ବେହେରା, ଡାହି ନାଟ୍ୟର କ୍ଷୀରୋଦ ସାହୁ, ମୁଖ୍ୟ ଅଭିନେତ୍ରୀ ଭାବେ ମା କିଏର ସସ୍ମିତାରାଣୀ ରାଉତ ଏବଂ ଶୁଭସ୍ମିତାଙ୍କୁ ଚୟନ କରାଯାଇଥିଲା। ସେହିପରି ମୁଖ୍ୟ ନାଟକ ଲେଖକ ଭାବେ ମା କିଏ ନାଟ୍ୟର ପଞ୍ଚାନନ ଦାଶ, ଟୁକୁ ନାଟ୍ୟର ସୁମନ୍ତ ଭୋଇ, ମୁଖ୍ୟ ନିର୍ଦ୍ଦେଶକ ଭାବେ ଭାବ ନୁ ଅଭାବ ନାଟ୍ୟର ଅତିଶ କୁମାର ଶତପଥୀ ଏବଂ ପବିତ୍ର ପାପ ନାଟ୍ୟର ପ୍ରଶାନ୍ତ ଷଡଙ୍ଗୀଙ୍କୁ ଚୟନ କରାଯାଇଥିଲା। ସେହିପରି ମୁଖ୍ୟ ଯୁରି କଳାକାର ଭାବେ ଟୁକୁ, କନକ ଦଣ୍ଡସେଣା, କୁନି ପଣ୍ଡା, ଶିବ ଶଙ୍କର ପାତ୍ରଙ୍କୁ ଚୟନ କରାଯାଇ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ସମୀର ଶତପଥୀ ଏବଂ ଶ୍ୟାମ ପ୍ରକାଶ ସେନାପତି ମଞ୍ଚ ପରିଚାଳନା କରିଥିଲେ। ଅନୁଷ୍ଠାନର ସାଧାରଣ ସମ୍ପାଦକ ମହାନ୍ତି ଧନ୍ୟବାଦ ଦେଇଥିଲେ।


**ପୂର୍ବ ତଟ ରେଳପଥ**

(1)ଇ-ଟେଣ୍ଡର ବିଜ୍ଞପ୍ତି ସଂ.e-Tender-Elect-G-89-23

କାର୍ଯ୍ୟର ବିବରଣୀ: ଟ୍ରାକ୍ସନ ସବ୍‌ଷ୍ଟେସନ, ଲୋକୋ ସେଡ୍ ଏବଂ Loco's (ପାରମ୍ପରିକ ବିଦ୍ୟୁତ୍ ପାସେଞ୍ଜର ଲୋକୋ, 3-ଫେଜ୍ ରିଜେନରେଟିଭ ପାସେଞ୍ଜର ଲୋକୋ, ପାରମ୍ପରିକ ବିଦ୍ୟୁତ୍ ଗୁଡ୍‌ସ ଲୋକୋ, 3-ଫେଜ୍ ରିଜେନରେଟିଭ ଗୁଡ୍‌ସ ଲୋକୋ ଏବଂ ଡିଜେଲ ଲୋକୋ (ସଦ୍ୟତମ)ର ଅନିବାର୍ଯ୍ୟ ଏନର୍ଜି ଅଡିଟ୍।

କାର୍ଯ୍ୟର ଆନୁମାନିକ ମୂଲ୍ୟ(₹): 4,30,700/-, EMD (₹): 8,600/-।

(2)ଇ-ଟେଣ୍ଡର ବିଜ୍ଞପ୍ତି ସଂ.e-Tender-Elect-G-90-23

କାର୍ଯ୍ୟର ବିବରଣୀ: ଖୋର୍ଦ୍ଧା ରୋଡ୍ ମଣ୍ଡଳର ମଞ୍ଚେଶ୍ୱର ସେଟେଲମେଣ୍ଟ ଏରିଆରେ ସାଇକ୍ଲୋନ୍ ପ୍ରତିରୋଧକ LT ଅଣ୍ଡରଗ୍ରାଉଣ୍ଡ କେବୁଲିଙ୍ଗ୍ ସିଷ୍ଟମ୍ ବ୍ୟବସ୍ଥା।

କାର୍ଯ୍ୟର ଆନୁମାନିକ ମୂଲ୍ୟ(₹): 95,05,900.26, EMD (₹): 1,90,100/-।

ଶେଷ ହେବା ଅବଧି : 3 ମାସ (କ୍ରମ ସଂ.1 ପାଇଁ) ଏବଂ 6 ମାସ (କ୍ରମ ସଂ.2 ପାଇଁ)।

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ: ତା.15.03.2024 ରିଖ 1500 ଘଟିକାରେ (ଉଭୟ ଟେଣ୍ଡର ନିମନ୍ତେ)।

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ।

ଟେଣ୍ଡରଦାତା/ବିଡ୍‌ଡରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ। କେବଳ ପଞ୍ଜୀକୃତ ଟେଣ୍ଡରଦାତା/ ବିଡ୍‌ଡରମାନେ ଇ-ଟେଣ୍ଡରିଙ୍ଗ୍‌ରେ ଅଂଶଗ୍ରହଣ କରିପାରିବେ। ନିର୍ଦ୍ଦେଶାବଳୀ ଅନୁଯାୟୀ ଇ-ଟେଣ୍ଡରିଙ୍ଗ୍‌ରେ ଅଂଶଗ୍ରହଣ କରିବା ସମୟରେ ସମସ୍ତ ପ୍ରାସଙ୍ଗିକ କାଗଜାତ ନିଶ୍ଚିତ ଭାବେ ଅପଲୋଡ୍ ହେବା ଆବଶ୍ୟକ।

ଦ୍ରଷ୍ଟବ୍ୟ: ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 10(ଦଶ) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।

ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ (G)/ ଖୋର୍ଦ୍ଧା ରୋଡ୍

PR-1132/O/23-24


## ବାଇକ୍‌କୁ ଧକ୍କାଦେଲା ଟ୍ରକ୍: ମହିଳା ମୃତ, ୨ ଗୁରୁତର

ବଳଙ୍ଗା/ସାକ୍ଷୀଗୋପାଳ, ୨୯।୨(କେଦାରେଶ୍ୱର ନନ୍ଦ/ପ୍ରଶାନ୍ତ କୁମାର ବାରିକ/କିଶୋର ମହାପାତ୍ର)

ବଳଙ୍ଗା -ସାତଶଙ୍ଖ ରାସ୍ତାର ଭୀମବଜାରଠାରେ ଗୁରୁବାର ଅପରାହ୍ଣରେ ଏକ ଯାତ୍ରାପାର୍ଟିର ଟ୍ରକ ଗୋଟିଏ ବାଇକକୁ ପଛପଟୁ ଧକ୍କା ଦେବାରୁ ଜଣେ ମହିଳାଙ୍କ ମୃତ୍ୟୁ ଘଟିଥିବା ବେଳେ ତାଙ୍କ ସ୍ୱାମୀ ଓ ଝିଆରୀ ଗୁରୁତର ଆହତ ହୋଇଛନ୍ତି। ମୃତ ମହିଳା ହେଲେ ବଳଙ୍ଗା ଥାନା ଅନ୍ତର୍ଗତ କେତକୀପାଟଣା ନନ୍ଦିଗୋରଡ଼ା ଗ୍ରାମର କବିତା ପଲେଇ (୪୫)। ସେହିପରି ଗୁରୁତର ଆହତ ଦ୍ୱୟ ହେଲେ କବିତାଙ୍କ ସ୍ୱାମୀ ନବଘନ ପଲେଇ(୫୨) ଓ ଗଡ଼ଚାନ୍ଦପୁର ଗ୍ରାମର ସୁଦର୍ଶନ ପ୍ରଧାନଙ୍କ ଝିଅ ସ୍ୱାଗତିକା ପ୍ରଧାନ(୧୭)। ଦୁର୍ଘଟଣା ସମ୍ପର୍କରେ ଖବର ପାଇ ବଳଙ୍ଗା ପୋଲିସ ପହଞ୍ଚି ସ୍ଥାନୀୟ ଲୋକଙ୍କ ସହାୟତାରେ ଆହତ ନବଘନ ଓ ସ୍ୱାଗତିକାଙ୍କୁ ଉଦ୍ଧାର କରି ସାକ୍ଷୀଗୋପାଳ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ପରେ ଉଭୟଙ୍କ ଅବସ୍ଥା ଗୁରୁତର ହେବାରୁ କ୍ୟାପିଟାଲ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ସୂଚନା ମୁତାବକ, ନବଘନ ସ୍ତ୍ରୀଙ୍କ ସହ ଶ୍ୱଶୁର ଘର ଗଡଚାନ୍ଦପୁରକୁ ଆସି ସେଠାରୁ ଶ୍ୟାଳକ ସୁଦର୍ଶନଙ୍କ ଝିଅ ସ୍ୱାଗତିକାଙ୍କୁ ନେଇ ଏକ ବାଇକରେ ଡେଲାଙ୍ଗ ଘୋରଡିଆକୁ ବିବାହ ଉତ୍ସବରେ ଯୋଗଦେବାପାଇଁ ଯାଉଥିଲେ। ତେବେ ଭୀମବଜାର ଠାରେ ଏକ ଅପେରା ପାର୍ଟିର ଟ୍ରକ ସେମାନଙ୍କୁ ପଛପଟୁ ଧକ୍କା ଦେଇଥିଲା। ଫଳରେ ନବଘନ ଓ ସ୍ୱାଗତିକା ରାସ୍ତାର ବାମପଟକୁ ଛିଟିକି ପଡ଼ିଥିବା ବେଳେ କବିତା ଡାହାଣ ପାର୍ଶ୍ୱରେ ପଡ଼ିଯାଇଥିଲେ। ଫଳରେ ଟ୍ରକ୍‌ର ଚକା ତାଙ୍କ ମୁଣ୍ଡ ଉପରେ ଚଢ଼ିଯାଇଥିଲା ଓ ଘଟଣାସ୍ଥଳରେ ତାଙ୍କର ଜୀବନ ଚାଲିଯାଇଥିଲା। ଅନ୍ୟପଟେ ରାସ୍ତା ପାର୍ଶ୍ୱକୁ ଛିଟିକି ପଡ଼ିବାରୁ ନବଘନ ଓ ସ୍ୱାଗତିକାଙ୍କ ମୁଣ୍ଡରେ ଗୁରୁତର ଆଘାତ ଲାଗିବାରୁ ଚେତାଶୂନ୍ୟ ହୋଇପଡ଼ିଥିଲେ।

## ଡିଏମ୍‌ଭି ଅନୁଷ୍ଠାନ ପକ୍ଷରୁ କଳାକାର ପ୍ରତିଭା ସମ୍ମାନ

ଜଟଣୀ,୨୯।୨(ରବୀନ୍ଦ୍ରନାଥ ମହାକୁଡ଼)

ଜଟଣୀର ସାମାଜିକ ଗଣମାଧ୍ୟମ ‘ଡିଏମ୍‌ଭି ୟୁଟ୍ୟୁବ ଚାନେଲ’ ପକ୍ଷରୁ କଳାକାର ପ୍ରତିଭା ସମ୍ମାନ ପ୍ରଦାନ କାର୍ଯ୍ୟକ୍ରମ ଗୁରୁବାରଠାରୁ ଆରମ୍ଭ ହୋଇଛି। ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଓଡ଼ିଶାର ବିଭିନ୍ନ ଅଞ୍ଚଳରେ ଅବହେଳିତ ହୋଇରହିଥିବା କଳାକାରଙ୍କୁ ଖୋଜି ସେମାନଙ୍କ କଳା ପ୍ରତିଭା ଲୋକଲୋଚନ ଆଣିବା ଏବଂ ସେମାନଙ୍କୁ ସମ୍ମାନ ଦେବା ମୂଳ ଉଦ୍ଦେଶ୍ୟ ବୋଲି ଅନୁଷ୍ଠାନର ପ୍ରତିଷ୍ଠାତା ଯୁବ ଖବରଦାତା ଦେବାଶିଷ ମହାପାତ୍ର ଉଦ୍‌ଘାଟନୀ ଦିବସରେ କହିଛନ୍ତି। କୋଦଣ୍ଡଧାରୀ ରାମନାଟ୍ୟ ସଂଘ ବାଛରା ଜଟଣୀର ବରିଷ୍ଠ କଳାକାର କାଶୀନାଥ ନାୟକ ମୁଖ୍ୟ ଅତିଥି ରୂପେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ସରକାରଙ୍କ ପକ୍ଷରୁ ପ୍ରଦାନ କରାଯାଉଥିବା କଳାକାର ଭତ୍ତା ପାଇବା ନିମିତ୍ତ ଆବଶ୍ୟକୀୟ କାଗଜପତ୍ରରେ ଡିଏମଭି ପକ୍ଷରୁ ପ୍ରଦାନ କରାଯାଉଥିବା ସମ୍ମାନ ପତ୍ର ଅନେକ କ୍ଷେତ୍ରରେ ସହାୟକ ହୋଇପାରିବ ବୋଲି ସେ କହିଛନ୍ତି। ଆଗାମୀ ଦିନରେ ବିଭିନ୍ନ ଜିଲା ଏବଂ ବ୍ଲକ ସ୍ତରରେ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯିବ ବୋଲି ସୂଚନା ଦିଆଯାଇଛି।


ଭାରତ ସରକାର

**ପୂର୍ବ ତଟ ରେଳପଥ**

ଉପ-ମୁଖ୍ୟଯନ୍ତ୍ରୀ (ନିର୍ମାଣ-୨), ପୂର୍ବ ତଟ ରେଳପଥ, ଅନୁଗୁଳ

**ବିଜ୍ଞପ୍ତି**

ପତ୍ର ସଂଖ୍ୟା: ୧୭୪୭ ତା. ୨୦/୦୨/୨୦୧୪

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ଅନୁଗୁଳ ଜିଲ୍ଲାର ତାଳଚେର ଠାରୁ ସୁନ୍ଦରଗଡ ଜିଲ୍ଲାର ବିମଳାଗଡ ପର୍ଯ୍ୟନ୍ତ ପ୍ରସ୍ତାବିତ ରେଳ ପ୍ରକଳ୍ପ ପାଇଁ ନିମ୍ନବର୍ଣ୍ଣିତ ତହସିଲ ଅନ୍ତର୍ଗତ ମୌଜା-ସତ୍ୟବନ୍ଧ, ଥାନା-ଖମାର, ଥାନା ନମ୍ବର-୭୨ ରୁ ଏକର ୦.୨୨୦ ପରିମିତ ପ୍ରଜା ଭୂମି ଆବଶ୍ୟକ ହେଉଅଛି। ଏହି ନିମ୍ନବର୍ଣ୍ଣିତ ପ୍ରଜାଙ୍କ ଜମିକୁ ଉପ ମୁଖ୍ୟ ଯନ୍ତ୍ରୀ (ନିର୍ମାଣ-୨), ପୂର୍ବ ତଟ ରେଳପଥ, ଅନୁଗୁଳ, ଜମି ମାଲିକଙ୍କ ଠାରୁ ସିଧାସଳଖ କ୍ରୟ କରିବାକୁ ସିଦ୍ଧାନ୍ତ ଗ୍ରହଣ କରି ଏହି ବାବଦରେ ଆବଶ୍ୟକୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି।

ଏହି ବିଜ୍ଞପ୍ତି ମାଧ୍ୟମରେ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣେଇ ଦିଆଯାଉଛି ଯେ, ନିମ୍ନ ପ୍ରଦତ୍ତ କୌଣସି ଜମିର ଖାତା, ରୟତ ଏବଂ ତଦବ୍ୟତୀତ ଅନ୍ୟ କୌଣସି ବ୍ୟକ୍ତି ବିଶେଷଙ୍କର ସ୍ୱାର୍ଥ କିମ୍ୱା ଆଗ୍ରହ ରହିଥାଏ ତେବେ ଏହି ବିଜ୍ଞପ୍ତି ପ୍ରକାଶିତ ହେବାର ୧୫ ଦିନ ମଧ୍ୟରେ ସମ୍ପୂର୍ଣ୍ଣ କିମ୍ୱା ଜମିର କୌଣସି ଅଂଶ ବା ସେହି ପ୍ରକାର ଜମି ଉପରେ ରହିଥିବା ତାଙ୍କର ଅଧିକାର ସମ୍ବନ୍ଧିତ ପ୍ରସ୍ତାବକୁ ନିମ୍ନ ଠିକଣାରେ ଜଣାଇ ପାରିବେ।

୧-ଉପ ମୁଖ୍ୟ ଯନ୍ତ୍ରୀ (ନିର୍ମାଣ-୨)ଙ୍କ କାର୍ଯ୍ୟାଳୟ, ପୂର୍ବ ତଟ ରେଳପଥ, ଅନୁଗୁଳ (ରେଲୱେ ଷ୍ଟେସନ ନିକଟ) ଅନୁଗୁଳ-୭୫୯୧୨୩

**ତାଳଚେର-ବିମଳାଗଡ ନୂତନ ଓସାରିଆ ରେଳପଥ ପ୍ରକଳ୍ପ, ତାଳଚେର**

ଜିଲ୍ଲା: ଅନୁଗୁଳ, ଥାନା: ଖମାର, ଥାନା ନଂ.୭୨, ତହସିଲ: ପାଲହଡ଼ା, ମୌଜା: ସତ୍ୟବନ୍ଧ

| କ୍ର. ନମ୍ବର | ଖାତା ନମ୍ବର | ପ୍ଲଟ ନମ୍ବର | କିସମ | ପ୍ଲଟ ନାମ, ବାସସ୍ଥାନ ଓ ଠିକଣା | ପ୍ଲଟ ମୋଟ ରକବା (ଏକରରେ) | ପ୍ଲଟ ପାଇଁ ଆବଶ୍ୟକ ରକବା (ଏକରରେ) | ମନ୍ତବ୍ୟ |
|---|---|---|---|---|---|---|---|
| ୧ | ୮୯/୮ | ୧୦୧/୧୦୧୫ | ଶାରଦ ଜଳ-୩ | ହାଡ଼ି ଦାସ, ପି.ପୀତବାସ ଦାସ ଜା. ଭାଟ, ବା. ଜେନାପଡା | ୦.୭୨୦ | ୦.୨୨୦ | |
| | | | | ମୋଟ | | ୦.୨୨୦ | |

ଉପ ମୁଖ୍ୟ ଯନ୍ତ୍ରୀ (ନିର୍ମାଣ-୨), ପୂର୍ବ ତଟ ରେଳପଥ, ଅନୁଗୁଳ

PR-129/CG/23-24

# ଡକାୟତି ଯୋଜନା: ୫ ଗିରଫ, ମାରଣାସ୍ତ୍ର ଜବତ



ଭୁବନେଶ୍ୱର,୨୯।୨ (ସୂର୍ଯ୍ୟକାନ୍ତ ବେହେରା)

ଡକାୟତି ଯୋଜନାବେଳେ ଲକ୍ଷ୍ମୀସାଗର ଥାନା ପୋଲିସ ୫ଜଣଙ୍କୁ ଗିରଫ କରିଛି। ଫଳରେ ଏକ ବଡ ଧରଣର ଡକାୟତି ଉଦ୍ୟମ ପଣ୍ଡ ହୋଇଛି। ଗିରଫ ଅଭିଯୁକ୍ତମାନେ ହେଲେ ଭୁବନେଶ୍ୱରରେ ରହୁଥିବା ଗଗନ ନାୟକ, ରାକେଶ କୁମାର ଭଗତ,ସଂଗ୍ରାମ କେଶରୀ ପ୍ରଧାନ, ସାଜଦ ଖାନ୍ ଓରଫ ଟୁକୁନା ଓ ସଞ୍ଜୟ ବେହେରା। ସେମାନଙ୍କଠାରୁ ୨ଟି ଲୁହା ରଡ, ଗୋଟିଏ ଛୁରି, ହାମର, ୩ ଖଣ୍ଡା, କଟୁରୀ, ମଦ ବୋତଲ, ସ୍କେଚ ମ୍ୟାପ, ଟର୍ଚ୍ଚ ଲାଇଟ ଆଦି ବିଭିନ୍ନ ସାମଗ୍ରୀ ଜବତ ହୋଇଛି।

ସୂଚନାନୁସାରେ, ଲକ୍ଷ୍ମୀସାଗର ଥାନା ଅନ୍ତର୍ଗତ ସନ୍ତୋଷୀ ବିହାର ଗଙ୍ଗୁଆ ନାଳ ନିକଟରେ ଅଭିଯୁକ୍ତମାନେ ଏକତ୍ରିତ ହୋଇ ବୁଧବାର ରାତିରେ ଡକାୟତି କରିବାକୁ ଯୋଜନା କରୁଥିବା ବେଳେ ପୋଲିସ ଚଢାଉ କରି ୫ ଜଣଙ୍କୁ ଧରିଥିବା ବେଳେ ଜଣେ ଅନ୍ଧାରର ସୁଯୋଗ ନେଇ ଘଟଣାସ୍ଥଳରୁ ଫେରାରେ ହେବାରେ ସକ୍ଷମ ହୋଇଛି। ଅଭିଯୁକ୍ତମାନଙ୍କ ନାମରେ ଭୁବନେଶ୍ୱରର ବିଭିନ୍ନ ଥାନାରେ ଚୋରି, ଛିନତାଇ, ଡକାୟତି, ମାର୍‌ପିଟି ଭଳି ବହୁ ଆପରାଧିକ ମାମଲା ପୂର୍ବରୁ ରହିଥିବା ପୋଲିସ ତଦନ୍ତ ବେଳେ ଜାଣିବାକୁ ପାଇଛି। ଅଭିଯୁକ୍ତ ସଂଗ୍ରାମଙ୍କ ନାମରେ ୨୮ ଟି ମାମଲା ଥିବାବେଳେ ସଞ୍ଜୟଙ୍କ ନାମରେ ୨୨, ଗଗନଙ୍କ ନାମରେ ୧୨, ରାକେଶଙ୍କ ନାମରେ ୭ ଓ ସାଜଦ ଖାନ ୮ ଟି ମାମଲା ଥିବା ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି।

# ଆବର୍ଜନା ପୃଥକ୍ ନ କରିବା ଜିଦ୍‌ରେ ସଫେଇକର୍ମୀ

## ମେୟରଙ୍କ ସହ ଆଲୋଚନା ବିଫଳ

ଭୁବନେଶ୍ୱର, ୨୯।୨ (ବନ୍ଦନା ସେଠୀ)



ସଫେଇ କର୍ମୀମାନେ ମେୟର ସୁଲୋଚନା ଦାସଙ୍କୁ ଭେଟି ଆଲୋଚନା କରୁଛନ୍ତି।

ଗତ ୫ଦିନ ହେବ ଭୁବନେଶ୍ୱର ମହାନଗର ନିଗମ (ବିଏମସି)ୀ ସଫେଇକର୍ମୀ ଅଳିଆ ପୃଥକ କରି ନ ଦେବା ଜିଦ୍‌ରେ ଅଟଳ ରହିଛନ୍ତି। ପର୍ଯ୍ୟାୟକ୍ରମେ ଏଜେନ୍ସି, ଅଧିକାରୀ, ଜନପ୍ରତିନିଧିଙ୍କ ସହ ଆଲୋଚନା ଫେଲ୍ ମାରିଥିବାବେଳେ ଗୁରୁବାର ବିଏମସି ମୁଖ୍ୟାଳୟରେ ମେୟର ସୁଲୋଚନା ଦାସଙ୍କ ସହ ଆଲୋଚନା ହୋଇଥିଲା। ତେବେ ସବୁ ପ୍ରୟାସ ପରେ ବି ସଫେଇ କର୍ମଚାରୀମାନେ ପୃଥକ କରି ଅଳିଆ ଦେବେ ନାହିଁ ବୋଲି ଅଡ଼ି ବସିଥିଲେ। ଏଥିସହ ସେମାନଙ୍କର ମାସିକ ଦରମା ୯ହଜାରରୁ ୧୫ହଜାର ଟଙ୍କାକୁ ବୃଦ୍ଧି କରିବାକୁ ମେୟରଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା। ଆଲୋଚନାରେ ଭୁବନେଶ୍ୱର ମ୍ୟୁନିସିପାଲିଟି ସଫେଇ ମଜଦୁର ସଂଘର ନେତୃବୃନ୍ଦ ଯୋଗଦେଇଥିଲେ। ସଫେଇ କର୍ମଚାରୀମାନେ କୌଣସି ମତେ ଅଳିଆ ପୃଥକ କରି ଦେବେନାହିଁ ବୋଲି ରୋକ୍‌ଠୋକ୍ ଶୁଣାଇ ଦେଇଥିଲେ। ଏଥିସହ ଓଦା ଶୁଖିଲା ଅଳିଆ ପୃଥକ୍ କରି ଦେବା ପାଇଁ ଏଜେନ୍ସି ଅଲଗା ପିଲା ରଖୁ ବୋଲି ଦାବି କରିଥିଲେ। ପରେ ବିଏମ୍‌ସି କର୍ତ୍ତୃପକ୍ଷ ଏନେଇ ଏଜେନ୍ସି ସହିତ କଥା ହେବେ ବୋଲି ନିଷ୍ପତ୍ତି ହୋଇଥିଲା। ସେହିପରି ବର୍ଦ୍ଧିତ ଦରମା ନେଇ ସରକାରଙ୍କୁ ପ୍ରସ୍ତାବ ଦିଆଯିବ ବୋଲି ମେୟର ପ୍ରତିଶ୍ରୁତି ଦେଇଥିଲେ। ଏନେଇ ସଂଘର ସମ୍ପାଦକ ସହଦେବ ସାହୁ କହିଛନ୍ତି, ଯଦି ଏଜେନ୍ସି ଏଥିପାଇଁ ସ୍ୱତନ୍ତ୍ର ପିଲା ନ ରଖେ, କିମ୍ବା ସଫେଇ କର୍ମୀଙ୍କୁ ଅଳିଆ ପୃଥକ କରି ଦେବାପାଇଁ ବାଧ କରିବ ତେବେ ସମସ୍ତ ୱାର୍ଡରେ କାର୍ଯ୍ୟବନ୍ଦ ଆନ୍ଦୋଳନ ହେବ ବୋଲି ସେ ଚେତାବନୀ ଦେଇଛନ୍ତି।

ସୂଚନାଯୋଗ୍ୟ, ଗତ ୩ମାସ ହେବ ସହରର ବିଭିନ୍ନ ୱାର୍ଡର ସଫେଇ କର୍ମୀଙ୍କୁ ବସ୍ତା ଯୋଗେ ଓଦା, ଶୁଖିଲା ଅଳିଆ ପୃଥକ୍ କରି ଦେବା ପାଇଁ ବିଏମ୍‌ସି ନିର୍ଦ୍ଦେଶ ଦେଇଛି। ଯାହାକୁ କର୍ମୀମାନେ ମାନିବାକୁ ନାରାଜ୍ ହୋଇଛନ୍ତି। ସହର ସ୍ୱଚ୍ଛତାକୁ ନେଇ କୌଣସି ଅବହେଳା କରାଯିବ ନାହିଁ ବୋଲି ଅଧିକାରୀ କହୁଥିବାବେଳେ ସଫେଇକର୍ମୀଙ୍କ ଅସହଯୋଗ ଏବେ ହରଡ଼ଘଣାରେ ପକାଇଛି। ଯଦି ଏହି ବିବାଦର ସମାଧାନ ନ ହୁଏ ତେବେ ସହରର ରାଜରାସ୍ତାରେ ପୁଣି ଥରେ ଆବର୍ଜନାର ଗଦା ଦେଖିବାକୁ ମିଳିବ। ବିଏମ୍‌ସି, ସଫେଇ ଏଜେନ୍ସି ଏବଂ ସଫେଇ କର୍ମଚାରୀଙ୍କ ମଧ୍ୟରେ ସମନ୍ୱୟ ରହୁ ନ ଥିବାରୁ ବାରମ୍ବାର ଏଭଳି ପରିସ୍ଥିତି ସୃଷ୍ଟି ହେଉଛି। ଫଳରେ ଜନସାଧାରଣର ଅସୁବିଧାର ସମ୍ମୁଖୀନ ହେଉଛନ୍ତି।

# ୯ମ ପରୀକ୍ଷା ପରିଚାଳନାରେ ବହୁ ସମସ୍ୟା ଉପୁଜିବ: ଓଷ୍ଟା

ଭୁବନେଶ୍ୱର, ୨୯।୨ (ଅସମାପିକା ସାହୁ)

ନବମ ଶ୍ରେଣୀ ବାର୍ଷିକ ପରୀକ୍ଷା ମାର୍ଚ୍ଚ ୬ରୁ ଆରମ୍ଭ ହୋଇ ୧୩ ତାରିଖ ପର୍ଯ୍ୟନ୍ତ ଚାଲିବ। ଏଥିପାଇଁ ମାଧ୍ୟମିକ ଶିକ୍ଷା ପରିଷଦ(ବୋର୍ଡ) କର୍ତ୍ତୃପକ୍ଷ ପ୍ରଶ୍ନପତ୍ର ପ୍ରସ୍ତୁତ କରି ଇ-ମେଲ୍ ମାଧ୍ୟମରେ ପରୀକ୍ଷାର ଦୁଇଘଣ୍ଟା ପୂର୍ବରୁ ବିଦ୍ୟାଳୟଗୁଡ଼ିକୁ ପଠାଇବାର ବ୍ୟବସ୍ଥା କରିଛନ୍ତି। ଠିକ୍ ସମୟରେ ପ୍ରଶ୍ନପତ୍ର ପିଲାଙ୍କ ପାଖରେ ପହଞ୍ଚିପାରିଲେ ପରୀକ୍ଷା ଶୃଙ୍ଖଳିତ ଭାବରେ ସମାହିତ ହୋଇପାରିବ। ମାତ୍ର ଏହି ସ୍ୱଳ୍ପ ସମୟ ମଧ୍ୟରେ ପ୍ରଶ୍ନପତ୍ର ଡାଉନ୍‌ଲୋଡ ଏବଂ ଜେରକ୍ସ କରି ପରୀକ୍ଷା କରିବାରେ ବହୁ ସମସ୍ୟା ଉପୁଜିବାର ସମ୍ଭାବନା ରହିଛି ବୋଲି ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ(ଓଷ୍ଟା)ର ସାଧାରଣ ସମ୍ପାଦକ ରଞ୍ଜନ କୁମାର ଦାଶ କହିଛନ୍ତି।

ପରୀକ୍ଷା ପରିଚାଳନା ଦାୟିତ୍ୱ ସମ୍ପୃକ୍ତ ବିଦ୍ୟାଳୟର ପ୍ରଧାନଶିକ୍ଷକଙ୍କ ଉପରେ ନ୍ୟସ୍ତ ଥିବାବେଳେ ପ୍ରଶ୍ନପତ୍ର ଦାୟିତ୍ୱ ମାଧ୍ୟମିକ ଶିକ୍ଷା ପରିଷଦ(ବୋର୍ଡ) ନିୟନ୍ତ୍ରଣରେ ରହିଛି। ବିଷୟବସ୍ତୁ ଆଧାରରେ ବୋର୍ଡ କର୍ତ୍ତୃପକ୍ଷ ପ୍ରଶ୍ନ ପ୍ରସ୍ତୁତ କରି ତାହାକୁ ଇ-ମେଲ୍ ଯୋଗେ ରାଜ୍ୟର ସମସ୍ତ ବିଦ୍ୟାଳୟକୁ ପଠାଇବେ। ପ୍ରଧାନ ଶିକ୍ଷକମାନେ ନିଜ ଆଇଡି ପାସ୍‌ୱାର୍ଡ ବ୍ୟବହାର କରି ପ୍ରଶ୍ନପତ୍ର ଡାଉନ୍‌ଲୋଡ କରି ନିଜ ନିଜ ବିଦ୍ୟାଳୟର ପିଲାସଂଖ୍ୟା ଅନୁଯାୟୀ ସେଗୁଡ଼ିକ ସେଟ୍ ଆକାରରେ ଜେରକ୍ସ କରି ପରୀକ୍ଷା କେନ୍ଦ୍ରରେ ପରୀକ୍ଷାର୍ଥୀଙ୍କୁ ପ୍ରଦାନ କରିବେ। ପରୀକ୍ଷାର ଦୁଇଘଣ୍ଟା ପୂର୍ବରୁ ବୋର୍ଡ କର୍ତ୍ତୃପକ୍ଷ ବିଦ୍ୟାଳୟ ଆଇ.ଡିରେ ପ୍ରଶ୍ନ ପଠାଇବେ। ପ୍ରଶ୍ନପତ୍ର ଡାଉନ୍‌ଲୋଡ ପାଇଁ ବୋର୍ଡ ପକ୍ଷରୁ ପ୍ରଧାନଶିକ୍ଷକଙ୍କୁ ନିର୍ଦ୍ଦିଷ୍ଟ ସମୟସୀମା ଦିଆଯାଇଛି। ଧାର୍ଯ୍ୟ ସମୟସୀମା ମଧ୍ୟରେ ପ୍ରଶ୍ନପତ୍ର ଡାଉନ୍‌ଲୋଡ କରିବାକୁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି। ଦୁଇଘଣ୍ଟାର ଏହି ସ୍ୱଳ୍ପ ସମୟ ମଧ୍ୟରେ ପ୍ରଶ୍ନପତ୍ର ଡାଉନଲୋଡ କରିବା ଓ ତାହାକୁ ଜେରକ୍ସ କରି ବିଦ୍ୟାଳୟରେ ପହଞ୍ଚାଇବା ରାଜ୍ୟର ସବୁଅଞ୍ଚଳରେ ସମ୍ଭବ ହେବ ନାହିଁ। କାରଣ କେଉଁଠି ନେଟ୍‌ୱର୍କ ସମସ୍ୟା, କେଉଁଠି ବିଜୁଳି ସମସ୍ୟା ଏବଂ ଅନ୍ୟ କେଉଁଠି ଜେରକ୍ସ ସମସ୍ୟା ଆଦି ଉପୁଜିବାର ଯଥେଷ୍ଟ ସମ୍ଭାବନା ରହିଛି। ଅନ୍ୟପଟରେ ନାହାନ୍ତି। କେତେକ ସ୍ଥାନରେ ବିଦ୍ୟାଳୟଠାରୁ ବହୁଦୂରରେ ଜେରକ୍ସ, ନେଟ୍‌ୱାର୍କ, କମ୍ପ୍ୟୁଟର, ବିଜୁଳି ଇତ୍ୟାଦି ସୁବିଧା ମିଳିବା ମଧ୍ୟ କଷ୍ଟକର। ବୋର୍ଡ ପ୍ରଶ୍ନପତ୍ର ଛପାଇ ପରୀକ୍ଷା ନିମନ୍ତେ ବିତରଣ କରିଥିଲେ ସୁବିଧାଜନକ ହୋଇଥାନ୍ତା ବୋଲି ଓଷ୍ଟା ପକ୍ଷରୁ କୁହାଯାଇଛି। ତେଣୁ ଉକ୍ତ ଦୁଇଘଣ୍ଟାର ସମୟ ଅବଧିକୁ ବୃଦ୍ଧି କରି ପରୀକ୍ଷାର ଯଥେଷ୍ଟ ପୂର୍ବରୁ ପ୍ରଶ୍ନପତ୍ର ପ୍ରଦାନର ବ୍ୟବସ୍ଥା କରାଗଲେ ଭଲ ହୁଅନ୍ତା ବୋଲି ଓଷ୍ଟା ପକ୍ଷରୁ କୁହାଯାଇଛି।

# ସରିଲା 'ଓଡ଼ିଶା ସଙ୍ଗୀତ ମହୋତ୍ସବ'

ଭୁବନେଶ୍ୱର, ୨୯।୨ (ବନ୍ଦନା ସେଠୀ)

ସଙ୍ଗୀତ ସୁଧାକର ବାଳକୃଷ୍ଣ ଦାଶ ଫାଉଣ୍ଡେଶନ ପକ୍ଷରୁ ୩ଦିନ ଧରି ରବୀନ୍ଦ୍ର ମଣ୍ଡପଠାରେ ଚାଲିଥିବା 'ଓଡ଼ିଶା ସଙ୍ଗୀତ ମହୋତ୍ସବ' ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ସନ୍ଧ୍ୟାରେ ନାଲ୍‌କୋ ଅଧ୍ୟକ୍ଷ ଶ୍ରୀଧର ପାତ୍ର, ନାଲ୍‌କୋ ମହିଳା ସମିତି ସଭାପତି ସସ୍ମିତା ପାତ୍ର, ଓପିସିଏଲ୍ ନିର୍ଦ୍ଦେଶକ ଶାରୀପୁତ ମିଶ୍ର ଓ ପିପିଏଲ୍‌ର ସିଏସ୍‌ଆର ମୁଖ୍ୟ ସୁଧୀର ରଞ୍ଜନ ମିଶ୍ର ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ। ଓଡ଼ିଶାରେ ସଙ୍ଗୀତକୁ ଏକ ଅନନ୍ୟ ପରିଚୟ ଦେଇଥିବା ବାଳକୃଷ୍ଣ ଦାଶ ଚିରଦିନ ଅମର ରହିବେ ବୋଲି ମତ ଦେଇଥିଲେ।

ପରେ ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ର ଶିଳ୍ପୀଙ୍କ ଦ୍ୱାରା ରାଗ ଶଙ୍କରାଭରଣରୁ ସନ୍ଧ୍ୟାର ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ତାଙ୍କପରେ ଶିଳ୍ପୀ ରୂପକ କୁମାର ପରିଡ଼ାଙ୍କ ଦ୍ୱାରା ରାଗ ଚକ୍ରବାକ ଓ ସଙ୍ଗୀତ ସୁଧାକରଙ୍କ ଅମିଳନ ସଙ୍ଗୀତ 'ଲାଜରେ ସରିଗଲି ଆଜ' ଉପସ୍ଥିତ ଶ୍ରୋତାଙ୍କୁ ମନ୍ତ୍ରମୁଗ୍ଧ କରିଥିଲା। ଶିଳ୍ପୀ ଭାରତୀ ଜେନାଙ୍କ ଦ୍ୱାରା ରାଗ ମାର୍ଗ ବିହାଗର 'ମହୀ ମଣ୍ଡନା' ଓ ସଙ୍ଗୀତା ପଣ୍ଡାଙ୍କ ଦ୍ୱାରା ରାଗ ଦେଶାକ୍ଷରେ 'ଲେଖା ଥିଲା କି ଏହା କରମେ ମୋର' ଖୁବ୍ ମନଛୁଆଁ ହୋଇଥିଲା। ଏହାପରେ ଯୁଗଳ ସ୍ୱରରେ ଶିଳ୍ପୀ ରାସବିହାରୀ ନାଥ ଓ ମନୋଜ କୁମାର ମାଟି ପରିବେଷଣ କରିଥିଲେ କବିସୂର୍ଯ୍ୟଙ୍କ ରଚନାରୁ 'କାଳନ୍ଦୀ କୂଳକୁ ମୋର ଶଙ୍ଖାଳି ନ ଯା', ଯାହା ରାଗ କଲ୍ୟାଣ ଉପରେ ପର୍ଯ୍ୟବସିତ ଥିଲା। ବସୁନ୍ଧରା ପରିଡ଼ା ରାଗ ବିହାଗ ଆଧାରିତ 'ପ୍ରାଣଧନ ପ୍ରାଣରଖ' ପରିବେଷଣ କରିଥିଲେ। ଅନ୍ତିମ ଉପସ୍ଥାପନାରେ ରାଗ କାମୋଦୀ ପରିବେଷିତ ହୋଇଥିଲା। ରାମହରି ଦାସ ସ୍ୱାଗତ ଭାଷଣ ଦେଇଥିବାବେଳେ ଯୁଗ୍ମ ସମ୍ପାଦକ ଗୁରୁ କେଶବ ଚନ୍ଦ୍ର ରାଉତ ଅତିଥିଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଡ. ମୃତ୍ୟୁଞ୍ଜୟ ରଥ ମଞ୍ଚ ସଞ୍ଚାଳନା କରିଥିଲେ।

# ଆମେରିକାରେ ବିଶ୍ୱ ମାତୃଭାଷା ଦିବସ ପାଳିତ





ବିଶ୍ୱମାତୃଭାଷା ଦିବସ ପାଳନ ଅବସରରେ ଅତିଥିଙ୍କ ସହ ପ୍ରବାସୀ ଓଡ଼ିଆମାନେ।

ଭୁବନେଶ୍ୱର, ୨୯।୨ (ବନ୍ଦନା ସେଠୀ)

ଆମେରିକାର ଆରିଜୋନା ରାଜ୍ୟର ଫିନିକ୍ସ ସହରରେ ବିଶ୍ୱ ମାତୃଭାଷା ଦିବସ ପାଳିତ ହୋଇଯାଇଛି। ବିଭିନ୍ନ ଦେଶର ପ୍ରତିନିଧିଙ୍କ ସହ ପ୍ରବାସୀ ଭାରତୀୟମାନେ ଉତ୍ସବରେ ଯୋଗଦେଇ ନିଜ ମାତୃଭାଷାର ପ୍ରତିନିଧିତ୍ୱ କରିଥିଲେ। ଏଥିରେ ଓଡ଼ିଶାର ପ୍ରତିନିଧି ଭାବେ ଉତ୍ତମ ବେହେରା, ସୁବାଶିଷ ସାମଲ, ମନୋରଞ୍ଜନ ଜେନା, ରିତିସ୍ନିଗ୍ଧା ଜେନା, ସୋନାଲି ଚାଟାର୍ଜୀ, କିଶୋର ଓ ସାଗରିକା ଦାଶ ଓଡ଼ିଶା ତଥା ଓଡ଼ିଆ ଭାଷାର ପ୍ରତିନିଧିତ୍ୱ କରିବା ସହ ଅତିଥିମାନଙ୍କୁ ଓଡ଼ିଆ ଭାଷା ଏବଂ ଓଡ଼ିଶାର କଳା, ସଂସ୍କୃତି ଓ ପର୍ଯ୍ୟଟନ ବିଷୟରେ ଅବଗତ କରାଇଥିଲେ। ଏହି ପରିପ୍ରେକ୍ଷୀରେ ସ୍ମରିତା ଦଳାଇ, ମୋନାଲିସା ଗଡ଼ନାୟକ, ତନୁଶ୍ରୀ ସ୍ୱାଇଁ ଓ ତୃପ୍ତି ଜେନାଙ୍କ ସମ୍ବଲପୁରୀ ନୃତ୍ୟ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥିଲା। ସମ୍ମାନିତ ଅତିଥି ଭାବେ ଆରିଜୋନାର ରିପ୍ରେଜେଣ୍ଟିଭ ଯେନିଫର ପାଲଲିକ, କେଭିନ ହଟିକେ ଓ ଟ୍ରେସି ଡ୍ରାଭିସ ଥିଲେ। ସେମାନେ ଓଡ଼ିଶାର କଳା ଓ ସଂସ୍କୃତିର ଅନେକ ପ୍ରଶଂସା କରିବା ସହ ପ୍ରତିନିଧିଙ୍କୁ ସାଧୁବାଦ ଜଣାଇଥିଲେ। ଆଗାମୀ ଦିନରେ ଆରିଜୋନା ରାଜ୍ୟର ପ୍ରବାସୀ ଓଡ଼ିଆଙ୍କ ସଂସ୍ଥା 'ଓଡ଼ିଆ ଆସୋସିଏଶନ ଫର୍ ଆରିଜୋନା'ର କର୍ମକର୍ତ୍ତାଙ୍କ ଦ୍ୱାରା ଓଡ଼ିଶାର କଳା, ସଂସ୍କୃତି ଏବଂ ପର୍ଯ୍ୟଟନର ପ୍ରଚାର ନିମନ୍ତେ ଏପରି ଅନେକ କାର୍ଯ୍ୟକ୍ରମ କରାଯିବ ବୋଲି ସୂଚନା ଦିଆଯାଇଛି।

# ଅବସର ନେଲେ ନନ୍ଦନକାନନ ସିକ୍ୟୁରିଟି ରେଞ୍ଜର

ବାରଙ୍ଗ,୨୯।୨ (ଲିଙ୍ଗରାଜ ରାଉତ)

ନନ୍ଦନକାନନର ସିକ୍ୟୁରିଟି ବିଭାଗ ରେଞ୍ଜର ଜି.ଏଫ୍. ଖାନ୍ ଗୁରୁବାର ଚାକିରିରୁ ଅବସର ନେଇଛନ୍ତି। ସେ ୨୦୧୮ ଜାନୁଆରୀରେ ଦାୟିତ୍ୱ ନେଇଥିଲେ। ତାଙ୍କ କାର୍ଯ୍ୟକାଳରେ ଟିକେଟ କଳାବଜାରୀ ରୋକିବା, ପର୍ଯ୍ୟଟକଙ୍କ କଥା ବୁଝିବା ଓ ସେମାନଙ୍କୁ ସାହାଯ୍ୟ ସହଯୋଗ କରିବା, ହଜୁଥିବା ପର୍ଯ୍ୟଟକଙ୍କୁ ଉଦ୍ଧାର କରି ସେମାନଙ୍କ ପରିବାରବର୍ଗଙ୍କୁ ହସ୍ତାନ୍ତର କରିବା, ହଜିଯାଇଥିବା ସାମଗ୍ରୀ ଉଦ୍ଧାର କରି ପର୍ଯ୍ୟଟକଙ୍କୁ ଦେବା ଓ ସ୍ଥାନୀୟ ଅଞ୍ଚଳବାସୀଙ୍କ ସହ ସୁସମ୍ପର୍କ ରଖି ଦାୟିତ୍ୱ ଚଳାଇ ସେ ବେଶ ଚର୍ଚ୍ଚାରେ ଥିଲେ।

**ପୂର୍ବ ତଟ ରେଳପଥ**

**ପାର୍କିଙ୍ଗ୍ ଷ୍ଟାଣ୍ଡ ପାଇଁ ଇ-ନିଲାମ**

ସଂ.SDCM/KUR/Parking stand/E-auction/ Publication/937, ତା.23.02.2024 ରିଖ

ଷ୍ଟେସନ ଏବଂ ସ୍ଥାନ: ବାଲୁଗାଁ-2 ଚକିଆ (ପରିଚଳନା କ୍ଷେତ୍ର ସଂଲଗ୍ନ)।

ନିଲାମ ଆରମ୍ଭ ହେବା ତାରିଖ ଓ ସମୟ: ତା.09.03.2024 ରିଖ 1100 ଘଟିକା।

ନିଲାମ ବନ୍ଦ ହେବା ତାରିଖ ଓ ସମୟ: ତା.09.03.2024 ରିଖ 1130 ଘଟିକା।

ଦ୍ରଷ୍ଟବ୍ୟ : ଏହି ନିଲାମ ସମ୍ବନ୍ଧରେ ସମସ୍ତ ଆବଶ୍ୟକ ସୂଚନା ପ୍ରାପ୍ତ କରିବା ସହିତ ପରବର୍ତ୍ତୀ ଇ-ନିଲାମ ବିଷୟରେ ଯାଞ୍ଚ କରିବା ନିମନ୍ତେ ଆଶାୟୀ ବିଡ଼ରଙ୍କୁ ୱେବ୍‌ସାଇଟ୍ https://www.ireps.gov.in ର ଇ-ଅକ୍ସନ ଲିଜିଙ୍ଗ୍ ଟ୍ୟାବ୍ ପରିଦର୍ଶନ କରିବାକୁ ଅନୁରୋଧ କରାଯାଉଛି।

ବରିଷ୍ଠ ମଣ୍ଡଳ ବାଣିଜ୍ୟ ପ୍ରବନ୍ଧକ/ ଖୋର୍ଦ୍ଧା ରୋଡ଼

PR-1137/O/23-24

# କ୍ୟାପିଟାଲ ହସ୍ପିଟାଲକୁ ଇଲେକ୍ଟ୍ରିକ ଯାନ ପ୍ରଦାନ





ଭୁବନେଶ୍ୱର, ୨୯।୨(ଅସମାପିକା ସାହୁ)

ଓଡ଼ିଶା ରାଜ୍ୟ ପଣ୍ୟାଗାର ନିଗମ ପକ୍ଷରୁ କ୍ୟାପିଟାଲ ହସ୍ପିଟାଲକୁ ଇଲେକ୍ଟ୍ରିକ ଯାନ ପ୍ରଦାନ କରାଯାଇଛି। ୧୧ ଲକ୍ଷ ୯୦ ହଜାର ଟଙ୍କା ମୂଲ୍ୟର ୧୦ ସିଟ୍ ବିଶିଷ୍ଟ ଏହି ଇଲେକ୍ଟ୍ରିକ ଯାନକୁ ନିଗମ ତା'ର କର୍ପୋରେଟ୍ ସାମାଜିକ ଦାୟିତ୍ୱ ପାଣ୍ଠିରୁ ଦେଇଛି। ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ, ସମବାୟ ଏବଂ ଉଚ୍ଚଶିକ୍ଷା ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ ଏହି ଯାନଟିକୁ ଗୁରୁବାର କ୍ୟାପିଟାଲ ହସ୍ପିଟାଲର ନିର୍ଦ୍ଦେଶକ ଡା. ଲକ୍ଷ୍ମୀଧର ସାହୁଙ୍କୁ ପ୍ରଦାନ କରିବା ସହିତ ଏହାର ଶୁଭାରମ୍ଭ କରିଛନ୍ତି। ଏହି ହସ୍ପିଟାଲକୁ ପ୍ରତିଦିନ ପ୍ରାୟ ୫ହଜାରରୁ ଊର୍ଦ୍ଧ୍ୱ ରୋଗୀଙ୍କୁ ଚିକିତ୍ସା ପ୍ରଦାନ କରାଯାଉଛି। ଏହି ଯାନଟି ହସ୍ପିଟାଲର ବିଭିନ୍ନ ବିଭାଗ ମଧ୍ୟରେ ଯିବା ଆସିବା ପାଇଁ ରୋଗୀ, ଦିବ୍ୟାଙ୍ଗ ବ୍ୟକ୍ତି, ଶିଶୁ ଓ ବରିଷ୍ଠ ନାଗରିକଙ୍କୁ ସାହାଯ୍ୟ କରିବ। ଏହି ଅବସରରେ ପଣ୍ୟାଗାର ନିଗମ ଅଧ୍ୟକ୍ଷ ମଞ୍ଜୁଶ୍ରୀ ବଡ଼ାଇ, ପରିଚାଳନା ନିର୍ଦ୍ଦେଶକ ଡା. ଗଣେଶ୍ୱର ଜେନା, ବିତ୍ତ ପରାମର୍ଶଦାତା ସ୍ମିତାଞ୍ଜଳି ସ୍ୱାଇଁ, ମୁଖ୍ୟ ସାଧାରଣ ପ୍ରବନ୍ଧକ ସୁପ୍ରିୟା ସ୍ୱାଇଁ ଏବଂ ସାଧାରଣ ପ୍ରବନ୍ଧକ (ବାଣିଜ୍ୟ) ନବ କିଶୋର ମିଶ୍ର, କ୍ୟାପିଟାଲ ହସ୍ପିଟାଲର ସୁପରିଣ୍ଟେଣ୍ଡେଣ୍ଟ ଡା. ଦିଲୀପ କୁମାର ପଣ୍ଡା, ଡେପୁଟି ସୁପରିଣ୍ଟେଣ୍ଡେଣ୍ଟ ଡା. ଧନଞ୍ଜୟ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

# ସହରୀ ସ୍ୱାସ୍ଥ୍ୟରକ୍ଷାକୁ ଖୋରାକ ଯୋଗାଉଛି 'ମୁକ୍ତା'

ଭୁବନେଶ୍ୱର, ୨୯।୨ (ବନ୍ଦନା ସେଠୀ)



ମୁକ୍ତା ଯୋଜନାରେ ତିଆରି ହୋଇଥିବା ରାସ୍ତା ପାର୍ଶ୍ୱ ବ୍ୟାୟାମଶାଳା।

ମୁଖ୍ୟମନ୍ତ୍ରୀ କର୍ମ ତତ୍ପର ଯୋଜନା (ମୁକ୍ତା) ଜରିଆରେ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ଅଞ୍ଚଳରେ ବହୁ ଉନ୍ନୟନମୂଳକ କାମ ହେବା ସହ ମହିଳାଙ୍କ ଭାଗିଦାରିତା ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ଏହି ଯୋଜନା ସହରରେ ବସବାସ କରୁଥିବା ବହୁ ଶ୍ରମିକଙ୍କୁ କର୍ମ ଯୋଗାଇବାରେ ସହାୟକ ହୋଇପାରିଛି। ସହରାଞ୍ଚଳ ଭିତ୍ତିଭୂମି ବିକାଶ, ସୌନ୍ଦର୍ଯ୍ୟକରଣ, ପରିବେଶ ସୁରକ୍ଷାରେ ମୁକ୍ତା ଅଧୀନରେ ବିଏମ୍‌ସି ଅଞ୍ଚଳରେ ବିଭିନ୍ନ କାର୍ଯ୍ୟ ଆଖିଦୃଶିଆ ହୋଇପାରିଛି। ଏଥିସହ ସହରୀ ଜୀବନର ସ୍ୱାସ୍ଥ୍ୟରକ୍ଷା (ବ୍ୟାୟାମ)କୁ ମୁକ୍ତା କାର୍ଯ୍ୟକ୍ରମ ଉତ୍ସାହିତ କରୁଛି। ବିଏମ୍‌ସିର ୬୭ଟି ୱାର୍ଡରେ ଥିବା ପାର୍କ, ଖେଳପଡ଼ିଆ, ବିଜୁ ଆଦର୍ଶ କଲୋନୀ, ଆବାସିକ ଅଞ୍ଚଳ ଏବଂ ରାସ୍ତାକଡ଼ ଆଦିରେ ବ୍ୟାୟାମ ଉପକରଣ ସ୍ଥାପନ କରାଯାଇଛି। ମୁକ୍ତା ଅଧୀନରେ ଦୁଇଟି ପର୍ଯ୍ୟାୟରେ ବୟସ୍କ ଓ ଯୁବଗୋଷ୍ଠୀଙ୍କ ନିମନ୍ତେ ବ୍ୟାୟାମ ଉପକରଣ ଏବଂ ଶିଶୁଙ୍କ ପାଇଁ ଖେଳ ଉପକରଣ ରହିଛି। ପ୍ରଥମ ପର୍ଯ୍ୟାୟରେ ୧୦୨ଟି ସ୍ଥାନରେ ୫୪୦ଟି ଉପକରଣ ଏବଂ ଦ୍ୱିତୀୟ ପର୍ଯ୍ୟାୟରେ ୯୨ଟିସ୍ଥାନରେ ୬୫୦ରୁ ଊର୍ଦ୍ଧ୍ୱ ବ୍ୟାୟାମ ଓ ଖେଳ ଉପକରଣ ସ୍ଥାପନ ପାଇଁ ଅନୁମୋଦନ ପାଇବାକୁ ରହିଥିବାବେଳେ ପ୍ରାୟ ୮୦ପ୍ରତିଶତ ସ୍ଥାନରେ ଉପକରଣମାନ ସ୍ଥାପନ ହୋଇଛି। ଗୋଷ୍ଠୀ ସହଭାଗିତାରେ ବିଏମ୍‌ସି ଅଞ୍ଚଳ ବିକାଶର ଏହା ଏକ ନିଚ୍ଛକ ଉଦାହରଣ ପାଲଟିଛି। ଏହିଭଳି ଗୋଷ୍ଠୀ ସହଭାଗିତା ବିଏମ୍‌ସି ଅଞ୍ଚଳର ବିକାଶକୁ ଆଗେଇ ନେବ ବୋଲି ବିଏମ୍‌ସି କମିଶନର ରାଜେଶ ପ୍ରଭାକର ପାଟିଲ କହିଛନ୍ତି। ମୁକ୍ତା ପ୍ରକଳ୍ପଗୁଡ଼ିକରେ ଅଧିକ ଗୋଷ୍ଠୀଙ୍କୁ ସାମିଲ କରିବା ସହ କାର୍ଯ୍ୟକୁ ନିର୍ଦ୍ଦିଷ୍ଟ ସମୟରେ ସାରିବାକୁ ମିଶନ ଶକ୍ତି ମହିଳାଙ୍କୁ ସହାୟତା ଯୋଗାଇ ଦିଆଯାଉଛି। ଆବଶ୍ୟକ ଆଧୁନିକ ଜ୍ଞାନ କୌଶଳ ଯୋଗାଇ ଦିଆଯାଉଥିବା ଦାୟିତ୍ୱରେ ଥିବା ଡେପୁଟି କମିଶନର ଡ. ମନୋରଞ୍ଜନ ସାହୁ କହିଛନ୍ତି।

# ଓଟିଡିସି କର୍ମଚାରୀଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା

ଭୁବନେଶ୍ୱର, ୨୯।୨ (ବନ୍ଦନା ସେଠୀ)

ଓଡ଼ିଶା ପର୍ଯ୍ୟଟନ ଉନ୍ନୟନ ନିଗମ (ଓଟିଡିସି)ର ବରିଷ୍ଠ ଡ୍ରାଇଭର ଶତ୍ରୁଘ୍ନ ସାହୁ ଗୁରୁବାର ଅବସର ଗ୍ରହଣ କରିଛନ୍ତି। ସେ ଦୀର୍ଘ ୧୬ବର୍ଷ ଧରି ଓଟିଡିସି ପରିବାର ସହ ଜଡ଼ିତ ଥିଲେ। ଏହି ଅବସରରେ ପାନ୍ଥନିବାସ କଳିଙ୍ଗ ସମ୍ମିଳନୀ କକ୍ଷରେ ଆୟୋଜିତ ବିଦାୟକାଳୀନ ସମ୍ବର୍ଦ୍ଧନା ସଭାରେ ଓଟିଡିସି ଅଧ୍ୟକ୍ଷ ଡ. ଲେନିନ୍ ମହାନ୍ତି, ଜେନେରାଲ୍ ମାନେଜର ଡ. ଲଲାଟେନ୍ଦୁ ସାହୁ, ସଂଘନେତା ବେଣୁଧର ପାତ୍ର ଏବଂ ଅନ୍ୟ ବରିଷ୍ଠ ଅଧିକରୀ ପ୍ରମୁଖ ଉପସ୍ଥିତ ରହି ସାହୁଙ୍କ କାର୍ଯ୍ୟଶୈଳୀର ପ୍ରଶଂସା କରିବା ସହ ଦୀର୍ଘ ଓ ନିରାମୟ ଅବସର ଜୀବନ କାମନା କରିଥିଲେ। ଅତିଥିଙ୍କ ଦ୍ୱାରା ସାହୁଙ୍କୁ ଉତ୍ତରୀୟ, ମାନପତ୍ର ଓ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ରାଜ୍ୟ ପର୍ଯ୍ୟଟନ ବିଭାଗରେ କାର୍ଯ୍ୟରତ ଉପଶାସନ ସଚିବ ପ୍ରସନ୍ନ କୁମାର ପାଣିଗ୍ରାହୀଙ୍କୁ ପର୍ଯ୍ୟଟନ ବିଭାଗ ପକ୍ଷରୁ ବିଦାୟକାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ପର୍ଯ୍ୟଟନ ବିଭାଗ ଅତିରିକ୍ତ ଶାସନ ସଚିବ ବାଳମୁକୁନ୍ଦ ଭୂୟାଁ, ଅନନ୍ତ ନାରାୟଣ ସିଂ ଲାଗୁରୀ, ଯୁଗ୍ମ ଶାସନ ସଚିବ ସରୋଜ କୁମାର ସ୍ୱାଇଁ ଏବଂ ବିଭାଗୀୟ ଅଧିକାରୀ ଓ କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ।





ଓଟିଡିସିର ଡ୍ରାଇଭର ଶତ୍ରୁଘ୍ନ ସାହୁଙ୍କୁ ବିଦାୟ ସମ୍ବର୍ଦ୍ଧନା ଦିଆଯାଉଛି।

**ପୂର୍ବ ତଟ ରେଳପଥ**

(1)ଇ-ଟେଣ୍ଡର ବିଜ୍ଞପ୍ତି ସଂ.e-Tender-Elect-G-89-23

କାର୍ଯ୍ୟର ବିବରଣୀ: ଟ୍ରାକ୍ସନ ସବ୍‌ଷ୍ଟେସନ, ଲୋକୋ ସେଡ୍ ଏବଂ Loco's (ପାରମ୍ପରିକ ବିଦ୍ୟୁତ୍ ପାସେଞ୍ଜର ଲୋକୋ, 3-ଫେଜ୍ ରିଜେନରେଟିଭ ପାସେଞ୍ଜର ଲୋକୋ, ପାରମ୍ପରିକ ବିଦ୍ୟୁତ୍ ଗୁଡ୍‌ସ ଲୋକୋ, 3-ଫେଜ୍ ରିଜେନରେଟିଭ ଗୁଡ୍‌ସ ଲୋକୋ ଏବଂ ଡିଜେଲ ଲୋକୋ (ସଦ୍ୟତମ)ର ଅନିବାର୍ଯ୍ୟ ଏନର୍ଜି ଅଡିଟ୍।

କାର୍ଯ୍ୟର ଆନୁମାନିକ ମୂଲ୍ୟ(₹): 4,30,700/-, EMD (₹): 8,600/-।

(2)ଇ-ଟେଣ୍ଡର ବିଜ୍ଞପ୍ତି ସଂ.e-Tender-Elect-G-90-23

କାର୍ଯ୍ୟର ବିବରଣୀ: ଖୋର୍ଦ୍ଧା ରୋଡ଼ ମଣ୍ଡଳର ମଞ୍ଚେଶ୍ୱର ସେଟେଲମେଣ୍ଟ ଏରିଆରେ ସାଇକ୍ଲୋନ୍ ପ୍ରତିରୋଧକ LT ଅଣ୍ଡରଗ୍ରାଉଣ୍ଡ କେବୁଲିଙ୍ଗ ସିଷ୍ଟମ୍ ବ୍ୟବସ୍ଥା।

କାର୍ଯ୍ୟର ଆନୁମାନିକ ମୂଲ୍ୟ(₹): 95,05,900.26, EMD (₹): 1,90,100/-।

ଶେଷ ହେବା ଅବଧି : 3 ମାସ (କ୍ରମ ସଂ.1 ପାଇଁ) ଏବଂ 6 ମାସ (କ୍ରମ ସଂ.2 ପାଇଁ)।

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ: ତା.15.03.2024 ରିଖ 1500 ଘଟିକାରେ (ଉଭୟ ଟେଣ୍ଡର ନିମନ୍ତେ)।

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ । ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ।

ଟେଣ୍ଡରଦାତା/ବିଡ଼ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ। କେବଳ ପଞ୍ଜୀକୃତ ଟେଣ୍ଡରଦାତା/ ବିଡ଼ରମାନେ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିପାରିବେ। ନିର୍ଦ୍ଦେଶାବଳୀ ଅନୁଯାୟୀ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିବା ସମୟରେ ସମସ୍ତ ପ୍ରାସଙ୍ଗିକ କାଗଜାତ ନିଶ୍ଚିତ ଭାବେ ଅପଲୋଡ୍ ହେବା ଆବଶ୍ୟକ।

ଦ୍ରଷ୍ଟବ୍ୟ: ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 10(ଦଶ) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।

ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ (G)/ ଖୋର୍ଦ୍ଧା ରୋଡ଼

PR-1132/O/23-24

# ରେଳଧାରଣାରୁ ଅଜଣା ବ୍ୟକ୍ତିଙ୍କ ମୃତଦେହ ଜବତ

ଭୁବନେଶ୍ୱର,୨୯।୨ (ସୂର୍ଯ୍ୟକାନ୍ତ ବେହେରା)

ଭୁବନେଶ୍ୱର ପୁନାମାଗେଟ୍ ଓଭରବ୍ରିଜ ନିକଟସ୍ଥ ରେଳ ଧାରଣାରୁ ଜିଆର୍‌ପି ଜଣେ ବ୍ୟକ୍ତିଙ୍କ ଖଣ୍ଡବିଖଣ୍ଡିତ ମୃତଦେହ ଜବତ କରିଛି। ତେବେ ମୃତ ବ୍ୟକ୍ତିଙ୍କ ପରିଚୟ ଜଣାପଡ଼ିନଥିବା ବେଳେ ବୟସ ପାଖାପାଖି ୩୫ ରୁ ୪୦ ମଧ୍ୟରେ ହେବ। ଜିଆର୍‌ପି ପହଞ୍ଚି ମୃତଦେହକୁ ପ୍ରଦୀପ ସେବା ଟ୍ରଷ୍ଟ ସହାୟତାରେ କ୍ୟାପିଟାଲ ହସ୍ପିଟାଲକୁ ପଠାଇଥିଲା। ସେଠାରେ ମୃତଦେହକୁ ଶବ ସଂରକ୍ଷଣ ଗୃହରେ ରଖାଯାଇଛି। ତେବେ ବ୍ୟକ୍ତି ଜଣଙ୍କ ଟ୍ରେନ୍‌ରୁ ପଡ଼ି ଯାଇଥିବା ଜିଆର୍‌ପି ପକ୍ଷରୁ ଅନୁମାନ କରାଯାଉଛି। ଏହାସହ ଜିଆର୍‌ପି ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

# ୬୦ଜଣଙ୍କୁ 'ତୁଷାରଶ୍ରୀ ଯାତ୍ରା କଳାକାର ସମ୍ମାନ'

ଭୁବନେଶ୍ୱର, ୨୯।୨ (ବନ୍ଦନା ସେଠୀ)





ଯାତ୍ରା କଳାକାରଙ୍କୁ ପୁରସ୍କୃତ କରାଯାଉଛି।

ମା' ସୁନାଦେଇ ପ୍ରଡକ୍ସନ ଓ ତୁଷାର ଚାରିଟେବୁଲ ଟ୍ରଷ୍ଟ ତରଫରୁ ଗୁରୁବାର ସୂଚନା ଭବନଠାରେ ତୃତୀୟ ତୁଷାରଶ୍ରୀ ଯାତ୍ରା କଳାକାର ସମ୍ମାନ ପ୍ରଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ରାଜୀବ ଶେଖର ସାହୁ, ତାରିଣୀ ପ୍ରସାଦ ମହାନ୍ତି, ଜଗନ୍ନାଥ ପ୍ରଧାନ, ମଦନମୋହନ ପ୍ରଧାନ, ଶରତ କୁମାର ପଟ୍ଟନାୟକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ କଳାକାରମାନଙ୍କୁ ପୁରସ୍କୃତ କରିଥିଲେ। ଯାତ୍ରା ସ୍ୱର୍ଣ୍ଣମହଲର ନାଟକ 'କେତେ ଦୁଃଖ ଦେବୁରେ କାଳିଆ' ଶ୍ରେଷ୍ଠ ନାଟକ ଭାବେ ପୁରସ୍କୃତ ହୋଇଥିବାବେଳେ, ଶ୍ରେଷ୍ଠ ନାୟକ ଭାବେ ସୁବାସ ବେହେରା, ଶ୍ରେଷ୍ଠ ନାୟିକା ଭାବେ କାବେରୀ ପାଢୀ ଏବଂ ରଶ୍ମିପ୍ରଭା ସାହୁ, ଶ୍ରେଷ୍ଠ ନିର୍ଦ୍ଦେଶକ ଲିଟିଲ ମାଷ୍ଟର ବିନୋଦ ରାଉତ, ଶ୍ରେଷ୍ଠ ଲେଖକ ଅରୁଣ ନାୟକ, ଡ. ଦୀପକ ଜେନା, ଶ୍ରେଷ୍ଠ ସଙ୍ଗୀତ କୃପାସିନ୍ଧୁ ବେହେରା, ଶ୍ରେଷ୍ଠ ପ୍ରଯୋଜକ କ୍ଷୀରୋଦ ସ୍ୱାଇଁ, କିଶୋର ମିଶ୍ର, ଶ୍ରେଷ୍ଠ ଚରିତ୍ର ଅଭିନେତ୍ରୀ ଡଲି ଭୂୟାଁ, ଇଜି ସ୍ୱାଇଁ, ରାଧା ମହାପାତ୍ର, ଲିଜା ପଣ୍ଡା, ଶ୍ରେଷ୍ଠ ଖଳନାୟକ ରଣଜିତ ପଣ୍ଡା, ପଙ୍କଜ ନାଥ, ଶ୍ରେଷ୍ଠ ଅଭିନେତା ଜୀବନ କବି, ଶ୍ରେଷ୍ଠ ଗୀତିକାର ମାନସ ଜେନା, ଶର୍ମିଷ୍ଠା ସ୍ୱାଇଁ, ଶ୍ରେଷ୍ଠ ପରିଚାଳକ ସଞ୍ଜୟ କୁମାର କର, ନବାଗତା ସୋନାଲି ଓ ଟିକୁ, ହାସ୍ୟ ଅଭିନେତା ବ୍ରଜ ପାଣି, ମାନସ ଜେନାଙ୍କ ସମେତ ୬୦ଜଣ କଳାକାରଙ୍କୁ ପୁରସ୍କୃତ କରାଯାଇଥିଲା। ଇଂ ଆଶୁତୋଷ ମହାପାତ୍ର ସଭା ପରିଚାଳନା କରିଥିବାବେଳେ ସମ୍ପାଦକ ବିବେକାନନ୍ଦ ବାରିକ ଏବଂ ସଭାପତି ଜିତେନ୍ଦ୍ର ଜେନା, ଉପଦେଷ୍ଟା ଶିବିର କୁମାର ପରିଡ଼ା ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଗତ ୩ବର୍ଷ ହେବ ଟ୍ରଷ୍ଟ ପକ୍ଷରୁ ଯାତ୍ରାକଳାମାନଙ୍କୁ ପୁରସ୍କୃତ କରାଯାଉଛି ବୋଲି ଟ୍ରଷ୍ଟର ସମ୍ପାଦକ ବିବେକ ବାରିକ ସୂଚନା ଦେଇଥିଲେ।

ଭାରତ ସରକାର

**ପୂର୍ବ ତଟ ରେଳପଥ**

ଉପ-ମୁଖ୍ୟଯନ୍ତ୍ରୀ (ନିର୍ମାଣ-୨), ପୂର୍ବ ତଟ ରେଳପଥ, ଅନୁଗୁଳ

**ବିଜ୍ଞପ୍ତି**

ପତ୍ର ସଂଖ୍ୟା: ୧୭୪୭ ତା. ୨୦/୦୨/୨୦୧୪

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ଅନୁଗୁଳ ଜିଲ୍ଲାର ତାଳଚେର ଠାରୁ ସୁନ୍ଦରଗଡ ଜିଲ୍ଲାର ବିମଳାଗଡ ପର୍ଯ୍ୟନ୍ତ ପ୍ରସ୍ତାବିତ ରେଳ ପ୍ରକଳ୍ପ ପାଇଁ ନିମ୍ନବର୍ଣ୍ଣିତ ତହସିଲ ଅନ୍ତର୍ଗତ ମୌଜା-ସତ୍ୟବନ୍ଧ, ଥାନା-ଖମାର, ଥାନା ନମ୍ବର-୭୨ ରୁ ଏକର ୦.୨୨୦ ପରିମିତ ପ୍ରଜା ଭୂମି ଆବଶ୍ୟକ ହେଉଅଛି। ଏହି ନିମ୍ନବର୍ଣ୍ଣିତ ପ୍ରଜାଙ୍କ ଜମିକୁ ଉପ ମୁଖ୍ୟ ଯନ୍ତ୍ରୀ (ନିର୍ମାଣ-୨), ପୂର୍ବ ତଟ ରେଳପଥ, ଅନୁଗୁଳ, ଜମି ମାଲିକଙ୍କ ଠାରୁ ସିଧାସଳଖ କ୍ରୟ କରିବାକୁ ସିଦ୍ଧାନ୍ତ ଗ୍ରହଣ କରି ଏହି ବାବଦରେ ଆବଶ୍ୟକୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି।

ଏହି ବିଜ୍ଞପ୍ତି ମାଧ୍ୟମରେ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣେଇ ଦିଆଯାଉଛି ଯେ, ନିମ୍ନ ପ୍ରଦତ୍ତ କୌଣସି ଜମିର ଖାତା, ରୟତ ଏବଂ ତଦବ୍ୟତୀତ ଅନ୍ୟ କୌଣସି ବ୍ୟକ୍ତି ବିଶେଷଙ୍କର ସ୍ୱାର୍ଥ କିମ୍ବା ଆଗ୍ରହ ରହିଥାଏ ତେବେ ଏହି ବିଜ୍ଞପ୍ତି ପ୍ରକାଶିତ ହେବାର ୧୫ ଦିନ ମଧ୍ୟରେ ସମ୍ପୂର୍ଣ୍ଣ କିମ୍ବା ଜମିର କୌଣସି ଅଂଶ ବା ସେହି ପ୍ରକାର ଜମି ଉପରେ ରହିଥିବା ତାଙ୍କର ଅଧିକାର ସମ୍ବନ୍ଧିତ ପ୍ରସ୍ତାବକୁ ନିମ୍ନ ଠିକଣାରେ ଜଣାଇ ପାରିବେ।

୧-ଉପ ମୁଖ୍ୟ ଯନ୍ତ୍ରୀ (ନିର୍ମାଣ-୨)ଙ୍କ କାର୍ଯ୍ୟାଳୟ, ପୂର୍ବ ତଟ ରେଳପଥ, ଅନୁଗୁଳ (ରେଲୱେ ଷ୍ଟେସନ ନିକଟ) ଅନୁଗୁଳ-୭୫୯୧୨୩

**ତାଳଚେର-ବିମଳାଗଡ ନୂତନ ଓସାରିଆ ରେଳପଥ ପ୍ରକଳ୍ପ, ତାଳଚେର**

ଜିଲ୍ଲା: ଅନୁଗୁଳ, ଥାନା: ଖମାର, ଥାନା ନଂ.୭୨, ତହସିଲ: ପାଲହଡ଼ା, ମୌଜା: ସତ୍ୟବନ୍ଧ

| କ୍ର. ନମ୍ବର | ଖାତା ନମ୍ବର | ପ୍ଲଟ ନମ୍ବର | କିସମ | ପ୍ଲଟ ନାମ, ବାସସ୍ଥାନ ଓ ଠିକଣା | ପ୍ଲଟ ମୋଟ ରକବା (ଏକରରେ) | ପ୍ଲଟ ପାଇଁ ଆବଶ୍ୟକ ରକବା (ଏକରରେ) | ମନ୍ତବ୍ୟ |
|---|---|---|---|---|---|---|---|
| ୧ | ୮୯/୮ | ୧୦୧/୧୦୧୫ | ଶାରଦ ଜଳ-୩ | ହାଡ଼ି ଦାସ, ପି.ପୀତବାସ ଦାସ ଜା. ଭାଟ, ବା. ଜେନାପଡା | ୦.୭୨୦ | ୦.୨୨୦ | |
| | | | | ମୋଟ | | ୦.୨୨୦ | |

ଉପ ମୁଖ୍ୟ ଯନ୍ତ୍ରୀ (ନିର୍ମାଣ-୨), ପୂର୍ବ ତଟ ରେଳପଥ, ଅନୁଗୁଳ

PR-129/CG/23-24

**୩ ସେମିକଣ୍ଡକ୍ଟର କାରଖାନାକୁ ମଞ୍ଜୁରୀ**
ଭାରତର ଚିପ୍ସ ନିର୍ଭରଶୀଳତା କମାଇବା ପାଇଁ ୩ଟି ସେମିକଣ୍ଡକ୍ଟର ତିଆରି କାରଖାନାକୁ କେନ୍ଦ୍ର କ୍ୟାବିନେଟ ଗୁରୁବାର ମଞ୍ଜୁରୀ ପ୍ରଦାନ କରିଛି। ଟାଟା ଗ୍ରୁପ୍ ଏବଂ ଜାପାନର ରେନେସାସ୍ ଏହି କାରଖାନା ନିର୍ମାଣ କରିବାକୁ ଥିବାବେଳେ ସେଥିରେ ୧.୨୬ ଲକ୍ଷ କୋଟି ଟଙ୍କା ବିନିଯୋଗ ହେବ।



## ଇସ୍ରାଏଲ୍ ଆକ୍ରମଣରେ ୧୦୪ ପାଲେଷ୍ଟିନୀୟ ମୃତ

ରାଫାହ,୨୯।୨

ଗାଜା ସିଟିରେ ମାନବୀୟ ସହାୟତା ନେବା ପାଇଁ ଧାଡ଼ିରେ ଅପେକ୍ଷା କରିଥିବା ପାଲେଷ୍ଟିନୀୟମାନଙ୍କ ଉପରେ ଇସ୍ରାଏଲ୍ ଏୟାରଷ୍ଟ୍ରାଇକ୍ କରିବାରୁ ୧୦୪ ଜଣଙ୍କ ମୃତ୍ୟୁ ଘଟିବା ସହ ୭୦୦ ଆହତ ହୋଇଛନ୍ତି। ଏତେ ସଂଖ୍ୟାରେ ମୃତାହତଙ୍କୁ ହସ୍ପିଟାଲ ନେବା ପାଇଁ ଆମ୍ବୁଲାନ୍ସର ଅଭାବ ଦେଖାଦେଇଛି। ଫଳରେ କେତେଜଣଙ୍କୁ ଗଧଟଣା ଗାଡ଼ିରେ ହସ୍ପିଟାଲ ନିଆଯାଇଛି। ଇସ୍ରାଏଲ୍-ହମାସ୍ ଯୁଦ୍ଧରେ ବର୍ତ୍ତମାନ ସୁଦ୍ଧା ମୋଟ ମୃତ୍ୟୁସଂଖ୍ୟା ୩୦ ହଜାର ଟପିଥିବା ବେଳେ ଆହତଙ୍କ ସଂଖ୍ୟା ୭୦,୪୫୭ ରହିଥିବା ଗାଜାର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ କହିଛି। ମୃତକଙ୍କ ମଧ୍ୟରୁ ଦୁଇ-ତୃତୀୟାଂଶ ହେଉଛନ୍ତି ମହିଳା ଏବଂ ଛୋଟ ପିଲା।

## ପିକ୍ଅପ୍ ଗାଡ଼ି ଓଲଟି ୧୪ ମୃତ

ଡିଣ୍ଡୋରି, ୨୯।୨

ମଧ୍ୟପ୍ରଦେଶର ଡିଣ୍ଡୋରିଠାରେ ଗୁରୁବାର ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟି ୧୪ ଜଣ ବ୍ୟକ୍ତିଙ୍କର ମୃତ୍ୟୁ ଘଟିଥିବା ବେଳେ ୨୦ରୁ ଊର୍ଦ୍ଧ୍ୱ ଆହତ ହୋଇଛନ୍ତି। ଡିଣ୍ଡୋରି ଜିଲାର ଶାହପୁରା ଅଞ୍ଚଳରେ ଏକ ଯାତ୍ରୀବାହୀ ପିକ୍ଅପ୍ ଗାଡ଼ି ଭାରସାମ୍ୟ ହରାଇ ୪୦ରୁ ୫୦ ଫୁଟ୍ ଗଭୀର ଏକ ଘାଟିକୁ ଓଲଟି ପଡ଼ିଥିଲା। ସମସ୍ତ ଆହତଙ୍କୁ ସ୍ଥାନୀୟ ଶାହପୁରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିବା ନେଇ ଡିଣ୍ଡୋରି ଜିଲାପାଳ ସୂଚନା ଦେଇଛନ୍ତି। ୧୪ ମୃତକଙ୍କ ମଧ୍ୟରୁ ୭ ଜଣ ପୁରୁଷ, ୬ ଜଣ ମହିଳା ଓ ଜଣେ ଶିଶୁ ରହିଥିବା ସୂଚନା ମିଳିଛି। ମଧ୍ୟପ୍ରଦେଶ ମୁଖ୍ୟମନ୍ତ୍ରୀ ମୋହନ ଯାଦବ ଏହି ଦୁର୍ଘଟଣାରେ ଶୋକ ପ୍ରକାଶ କରି ମୃତକଙ୍କ ପରିବାରକୁ ୪ ଲକ୍ଷ ଟଙ୍କା ଲେଖାଏଁ କ୍ଷତିପୂରଣ ସହାୟତା ରାଶି ଘୋଷଣା କରିଛନ୍ତି। ସେହିପରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦୁର୍ଘଟଣାକୁ ନେଇ ଶୋକ ପ୍ରକାଶ କରିବା ସହ ପ୍ରଧାନମନ୍ତ୍ରୀ ଜାତୀୟ ରିଲିଫ ପାଣ୍ଠିରୁ ମୃତକଙ୍କ ପରିବାରକୁ ୨ ଲକ୍ଷ ଓ ଆହତଙ୍କ ପରିବାରକୁ ୫୦ ହଜାର ଲେଖାଁଏ କ୍ଷତିପୂରଣ ସହାୟତା ଘୋଷଣା କରିଛନ୍ତି।

## ମରିସସ୍‌ରେ ୮ ପ୍ରକଳ୍ପ ଉଦ୍‌ଘାଟନ କଲେ ମୋଦି

ନୂଆଦିଲ୍ଲୀ,୨୯।୨(ପି.ଟି.)

ଭାରତ ସହାୟତାରେ ମରିସସ୍‌ରେ ନିର୍ମିତ ନୂଆ ଏୟାରଷ୍ଟ୍ରିପ୍, ଜେଟି ଓ ଅନ୍ୟ ୬ଟି ଗୋଷ୍ଠୀ ଉନ୍ନୟନ ପ୍ରକଳ୍ପକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ତାଙ୍କ ମରିସସ୍ ପ୍ରତିପକ୍ଷ ପ୍ରବିନ୍ଦ ଜଗନ୍ନାଥଙ୍କ ସହ ଭର୍ଚ୍ଚୁଆଲି ଉଦ୍‌ଘାଟନ କରିଛନ୍ତି। ଭାରତ ମହାସାଗରରେ ପାରମ୍ପରିକ ଓ ଅଣପାରମ୍ପରିକ ଚ୍ୟାଲେଞ୍ଜଗୁଡ଼ିକର ମୁକାବିଲାର ଭାରତ ଓ ମରିସସ୍ ସ୍ୱାଭାବିକ ଭାଗିଦାର ରହିଆସିଥିବା ଏହି ଅବସରରେ ମୋଦି କହିଛନ୍ତି। ମରିସସ୍‌ର ଆଗାଲେଗା ଦ୍ୱୀପରେ ଭାରତ ସହାୟତାରେ ନିର୍ମିତ ପ୍ରକଳ୍ପ ଉଲ୍ଲେଖନୀୟ, ଯାହା ଉକ୍ତ ଅଞ୍ଚଳରେ ଯୋଗାଯୋଗ ବଢ଼ାଇବା ସହ ସାମୁଦ୍ରିକ ସୁରକ୍ଷା ଓ ପର୍ଯ୍ୟବେକ୍ଷଣକୁ ସୁଦୃଢ଼ କରିବା ଆଶା କରାଯାଉଛି। ଭାରତର ଜନଔଷଧୀ ଯୋଜନାରେ ସାମିଲ ହେବାରେ ମରିସସ୍ ପ୍ରଥମ ଦେଶ ହେବାକୁ ଯାଉଛି।

# ୬ କଂଗ୍ରେସ ବିଧାୟକ ଅଯୋଗ୍ୟ ଘୋଷିତ

- ହିମାଚଳ ସଙ୍କଟ ଟଳିଲା
- ମୁଖ୍ୟମନ୍ତ୍ରୀ ଭାବେ ୫ ବର୍ଷ ପୂରଣ କରିବେ ସୁଖୁ

ନୂଆଦିଲ୍ଲୀ/ଶିମ୍ଲା,୨୯।୨

ରାଜ୍ୟ ସଭା ନିର୍ବାଚନରେ ଭାଜପା ସପକ୍ଷରେ ଭୋଟ ଦେଇଥିବା ହିମାଚଳପ୍ରଦେଶ କଂଗ୍ରେସର ୬ ବିଦ୍ରୋହୀ ବିଧାୟକଙ୍କୁ ବିଧାନସଭା ବାଚସ୍ପତି କୁଲଦୀପ୍ ସିଂ ପଠାନିଆ ଗୁରୁବାର ଅଯୋଗ୍ୟ ଘୋଷଣା କରିଛନ୍ତି। ଦଳବିରୋଧୀ ଆଇନ ଅନୁଯାୟୀ ବିଧାୟକମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଅଯୋଗ୍ୟ ଘୋଷିତ ବିଧାୟକମାନେ ହେଲେ ସୁଧୀର ଶର୍ମା, ରାଜିନ୍ଦର ରାଣା, ଇନ୍ଦରଦତ୍ତ ଲଖନପାଲ, ରବି ଠାକୁର, ଚୈତନ୍ୟ ଶର୍ମା ଏବଂ ଦାବିନ୍ଦର ଭୁଟ୍ଟୋ। ଏମାନେ ଦଳୀୟ ହ୍ୱିପ୍‌କୁ ଅବମାନନା କରିଥିବା ନେଇ ସଂସଦୀୟ ବ୍ୟାପାର ମନ୍ତ୍ରୀ ହର୍ଷବର୍ଦ୍ଧନ ଚୌହାନ ବାଚସ୍ପତିଙ୍କ ନିକଟରେ ଅଭିଯୋଗ ଆଣିଥିଲେ।

ରାଜ୍ୟ ସଭା ନିର୍ବାଚନ ପରେ ହିମାଚଳପ୍ରଦେଶରେ ଦେଖାଦେଇଥିବା ରାଜନୈତିକ ସଙ୍କଟ ଆପାତତଃ ଟଳିଯାଇଛି। ନିର୍ବାଚନରେ ଶାସକ ଦଳ ପ୍ରାର୍ଥୀ ହାରିଯିବା ପରେ ଦଳ ସଂଖ୍ୟାଲଘୁରେ ପରିଣତ ହୋଇଛି ବୋଲି ବିରୋଧୀ ଦଳ ଭାଜପା ଦାବି କରିବା ସହ ଅନାସ୍ଥା ପ୍ରସ୍ତାବ ଆଣିଥିଲା। ଫଳରେ ଦେଖାଦେଇଥିବା ଅଚଳାବସ୍ଥାର ସମାଧାନ ପାଇଁ କଂଗ୍ରେସ କେନ୍ଦ୍ରୀୟ ନେତୃତ୍ୱ ସେଠାକୁ କର୍ନାଟକ ଉପମୁଖ୍ୟମନ୍ତ୍ରୀ ଡି.କେ. ଶିବକୁମାରଙ୍କୁ ପର୍ଯ୍ୟବେକ୍ଷକ ଭାବେ ପଠାଇଥିଲେ। ମୁଖ୍ୟମନ୍ତ୍ରୀ ସୁଖବିନ୍ଦର ସିଂ ସୁଖୁ ଦଳୀୟ ବିଧାୟକ ଓ ମନ୍ତ୍ରୀମାନଙ୍କ ଏକ ବୈଠକ ଡାକିଥିଲେ।


ସୁଖବିନ୍ଦର ସିଂ ସୁଖୁ

ପ୍ରତ୍ୟେକ ବିଧାୟକଙ୍କ ସହ ଜଣ ଜଣ କରି କଥା ହୋଇଛି ଓ ଅଧିକ ଆଲୋଚନା ଜାରି ରହିବ ବୋଲି ଶିବକୁମାର କହିବା ସହ ସଙ୍କଟର ସମାଧାନ ହୋଇଥିବା କହିଛନ୍ତି। ଦଳରେ ମତଭେଦ ନାହିଁ। ମୁଖ୍ୟମନ୍ତ୍ରୀ ଭାବେ ସୁଖବିନ୍ଦର ୫ ବର୍ଷ ପୂରଣ କରିବେ ବୋଲି ଶିବକୁମାର ସ୍ପଷ୍ଟ କରିଛନ୍ତି। ସରକାରଙ୍କ ତରଫରୁ କେତେକ ତ୍ରୁଟି ରହିଥିବା କଥା ମୁଖ୍ୟମନ୍ତ୍ରୀ ସ୍ୱୀକାର କରିଥିଲେ। ସରକାର ଏବଂ ଦଳ ମଧ୍ୟରେ ସମନ୍ୱୟ ରକ୍ଷାକରି ପରିସ୍ଥିତିର ମୁକାବିଲା ପାଇଁ ଏକ କମିଟି ଗଠନ କରାଯାଇଛି। ସବୁକିଛି ସମ୍ପୂର୍ଣ୍ଣ ନିୟନ୍ତ୍ରଣରେ ରହିଛି ଏବଂ ରାଜ୍ୟର ନିର୍ବାଚିତ ସରକାରରେ ଅସ୍ଥିରତା ସୃଷ୍ଟି ଲାଗି ଭାଜପା ଚଳାଇଥିବା ଉଦ୍ୟମରେ ବିଫଳ ହୋଇଥିବା କଂଗ୍ରେସ ସାଧାରଣ ସମ୍ପାଦକ ଜୟରାମ ରମେଶ କହିଛନ୍ତି। ହିମାଚଳପ୍ରଦେଶରେ ଜନାଦେଶକୁ ସୁରକ୍ଷିତ ରଖିବାରେ କଂଗ୍ରେସ ନେତ୍ରୀ ପ୍ରିୟଙ୍କା ଗାନ୍ଧୀ ଭଦ୍ରା ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇଥିଲେ ବୋଲି ଏକ ସୂତ୍ରରୁ କୁହାଯାଇଛି। ସେ ଭାଜପାର 'ଅପରେଶନ ଲୋଟସ୍'କୁ ବିଫଳ କରାଇବା ଦିଗରେ ଦଳ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ, ମୁଖ୍ୟମନ୍ତ୍ରୀ ସୁଖବିନ୍ଦର ଓ ଅନ୍ୟ ବରିଷ୍ଠ ନେତାମାନଙ୍କ ସହ କ୍ରମାଗତ ଯୋଗାଯୋଗରେ ରହିଥିଲେ।


ଜାମ୍‌ନଗରସ୍ଥିତ ରିଲାଏନ୍ସ ଟାଉନ୍‌ଶିପ୍‌ଠାରେ ଆୟୋଜିତ ନିଜ ପ୍ରିୱେଡିଂ ପାର୍ଟିରେ ଖାଦ୍ୟ ପରଷୁଛନ୍ତି ଅନନ୍ତ ଅମ୍ବାନୀ ଓ ରାଧିକା ମର୍ଚ୍ଚାଣ୍ଟ।

## ଆଣବିକ ଯୁଦ୍ଧ ଭୟ ଦେଖାଇଲେ ପୁଟିନ୍

ମସ୍କୋ,୨୯।୨

ୟୁକ୍ରେନ୍‌ରେ ଯୁଦ୍ଧ ପାଇଁ ପାଶ୍ଚାତ୍ୟ ଦେଶଗୁଡ଼ିକ ଯଦି ସେମାନଙ୍କ ସୈନ୍ୟ ପଠାନ୍ତି, ତେବେ ଆଣବିକ ଯୁଦ୍ଧର ଭୟ ରହିଛି ବୋଲି ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍ କହିଛନ୍ତି। ପାର୍ଲାମେଣ୍ଟରେ ଗୁରୁବାର ବାର୍ଷିକ ଅଭିଭାଷଣ ରଖିବା ଅବସରରେ ରୁଷିଆକୁ ଦୁର୍ବଳ କରିବା ପାଇଁ ପାଶ୍ଚାତ୍ୟ ରାଷ୍ଟ୍ରଗୁଡ଼ିକ ଲାଗିପଡ଼ିଥିବା କଥାକୁ ପୁଟିନ୍ ଦୋହାରାଇଥିଲେ। ରୁଷିଆର ନିଜସ୍ୱ ଆଭ୍ୟନ୍ତରୀଣ ବ୍ୟାପାରରେ ମୁଣ୍ଡ ପୂରାଇବା କେତେ ଭୟଙ୍କର ହେବ, ତାହା ସେମାନେ ବୁଝିପାରୁ ନାହାନ୍ତି ବୋଲି ୭୧ ବର୍ଷୀୟ ରାଷ୍ଟ୍ରପତି କହିଛନ୍ତି।

ୟୁକ୍ରେନ୍ ଉପରେ ରୁଷିଆ ୨ ବର୍ଷ ହେଲା ଆକ୍ରମଣ ଜାରି ରଖିଥିବାବେଳେ ଉଭୟ ପକ୍ଷର ହଜାର ହଜାର ଲୋକଙ୍କ ଜୀବନ ଗଲାଣି। ୟୁକ୍ରେନ୍‌କୁ ୟୁରୋପୀୟ ନାଟୋ ସଦସ୍ୟ ରାଷ୍ଟ୍ରଗୁଡ଼ିକ ସ୍ଥଳସେନା ପଠାଇବା ପାଇଁ ଫ୍ରାନ୍ସ ରାଷ୍ଟ୍ରପତି ଏମାନୁଏଲ୍ ମାକ୍ରଁ ଗତ ସୋମବାର ପ୍ରସ୍ତାବ ଦେଇଥିଲେ। ତେବେ ତାଙ୍କ ପ୍ରସ୍ତାବକୁ ଆମେରିକା, ଜର୍ମାନୀ, ବ୍ରିଟେନ୍ ଓ ଅନ୍ୟ ରାଷ୍ଟ୍ରଗୁଡ଼ିକ ଅଗ୍ରାହ୍ୟ କରିଦେଇଥିଲେ। ଫ୍ରାନ୍ସ ରାଷ୍ଟ୍ରପତିଙ୍କ ଚିନ୍ତାଧାରାକୁ ଆକ୍ଷେପ କରି ପୁଟିନ୍ ଆଣବିକ ଯୁଦ୍ଧ ଭୟ ଦେଖାଇଛନ୍ତି। ଆମ ପାଖରେ ଥିବା ଅସ୍ତ୍ର ସେମାନଙ୍କ ଭୂଖଣ୍ଡକୁ ଟାର୍ଗେଟ କରିପାରିବ ଏହା ପାଶ୍ଚାତ୍ୟ ରାଷ୍ଟ୍ରଗୁଡ଼ିକ ଅନୁଭବ କରିବା ଆବଶ୍ୟକ। ସେମାନଙ୍କ ଚିନ୍ତାଧାରା ବାସ୍ତବରେ ଯୁଦ୍ଧରେ ଅଣୁଅସ୍ତ୍ର ବ୍ୟବହାର ଭୟ ସୃଷ୍ଟି କରିବ ଏବଂ ସଭ୍ୟତା ଧ୍ୱଂସ ହୋଇଯିବ ବୋଲି ପୁଟିନ୍ କହିଛନ୍ତି।

## ଏୟାର ଇଣ୍ଡିଆକୁ ୩୦ ଲକ୍ଷ ଜରିମାନା

ମୁମ୍ବାଇ,୨୯।୨

ହ୍ୱିଲ୍‌ଚେୟାର ଯୋଗାଇ ଦିଆ ନ ଯିବାରୁ ଜଣେ ୮୦ ବର୍ଷୀୟ ବିମାନଯାତ୍ରୀଙ୍କର ନିକଟରେ ମୃତ୍ୟୁ ଘଟିଥିଲା। ଏହି ମାମଲାରେ ବେସାମରିକ ବିମାନ ଚଳାଚଳ ମହାନିର୍ଦ୍ଦେଶାଳୟ (ଡିଜିସିଏ) ଏୟାର ଇଣ୍ଡିଆ ଉପରେ ୩୦ ଲକ୍ଷ ଟଙ୍କା ଜରିମାନା ଲଗାଇଛି। ଗତ ୧୬ ତାରିଖରେ ଯାତ୍ରୀ ଜଣକ ବିମାନରୁ ଓହ୍ଲାଇ ଟର୍ମିନାଲ ବିଲ୍ଡିଂ ପର୍ଯ୍ୟନ୍ତ ଯିବାକୁ ହ୍ୱିଲ୍‌ଚେୟାର ମାଗିଥିଲେ। ତେବେ ଯଥେଷ୍ଟ ହ୍ୱିଲ୍‌ଚେୟାର ନ ଥିବା କହି ଏୟାରଲାଇନ୍ସ ତାଙ୍କ ଅନୁରୋଧକୁ ଏଡ଼ାଇ ଯାଇଥିଲା। ବୃଦ୍ଧ ଜଣକ ଚାଲି ଚାଲି ଟର୍ମିନାଲକୁ ଯାଉଥିବାବେଳେ ମୂର୍ଚ୍ଛା ଯିବା ସହ ପ୍ରାଣ ହରାଇଥିଲେ। ଏହା ଉପରେ ଡିଜିସିଏ ଏୟାରଇଣ୍ଡିଆକୁ ସ୍ପଷ୍ଟୀକରଣ ମାଗିଥିଲା।

## ଶାଜହାନ ଗିରଫ ପରେ ଟିଏମ୍‌ସିରୁ ନିଲମ୍ବିତ

**ସନ୍ଦେଶଖାଲି ମାମଲା**

କୋଲକାତା,୨୯।୨(ପି.ଟି.)

ପଶ୍ଚିମବଙ୍ଗର ସନ୍ଦେଶଖାଲିରେ ଆଦିବାସୀ ମହିଳାମାନଙ୍କୁ ଯୌନ ନିର୍ଯାତନା ଏବଂ ସେମାନଙ୍କ ଜମି ହଡ଼ପ କରିବା ମାମଲାର ମୁଖ୍ୟ ଅଭିଯୁକ୍ତ ବାହୁବଳୀ ନେତା ଶାଜହାନ ଶେଖ୍‌ଙ୍କୁ ତୃଣମୂଳ କଂଗ୍ରେସ (ଟିଏମ୍‌ସି)ରୁ ୬ ବର୍ଷ ପାଇଁ ନିଲମ୍ବନ କରାଯାଇଛି। ଦଳର ନେତା ଡେରେକ୍ ଓ'ବ୍ରାଏନ୍ ଏହି ସୂଚନା ଦେଇଛନ୍ତି। ଉତ୍ତର ୨୪ ପ୍ରଗଣାର ସନ୍ଦେଶଖାଲିରେ ମହିଳାଙ୍କୁ ନିର୍ଯାତନା ପ୍ରତିବାଦରେ ଦୀର୍ଘଦିନ ହେଲା ଆନ୍ଦୋଳନ ଲାଗି ରହିଥିବାବେଳେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ପାଇଁ ଅଦାଲତଙ୍କ ନିର୍ଦ୍ଦେଶ ପରେ ଶାଜହାନଙ୍କୁ ଗୁରୁବାର ସକାଳେ ଗିରଫ କରାଯାଇଥିଲା। ସେ ୫୫ ଦିନ ହେଲା ଫେରାର ଥିଲେ। ବସିରହାଟ୍ କୋର୍ଟରେ ହାଜର ହେବା ପରେ ତାଙ୍କୁ ୧୦ ଦିନ ପାଇଁ ପୋଲିସ ହାଜତକୁ ପଠାଯାଇଛି। ଶାଜହାନ ସନ୍ଦେଶଖାଲି ବିଧାନସଭା


ଶାଜହାନ ଶେଖ୍

କ୍ଷେତ୍ର ପାଇଁ ଟିଏମ୍‌ସିର ଆବାହକ ରହିବା ସହ ଉତ୍ତର ୨୪ ପ୍ରଗଣା ଜିଲା ପରିଷଦରେ ଟିଏମ୍‌ସି ସଦସ୍ୟ ରହିଥିଲେ। ଭାଜପା ମଧ୍ୟ ଏହାର ଦୁର୍ନୀତିଗ୍ରସ୍ତ ଏବଂ ଆପରାଧିକ ମାମଲା ଥିବା ନେତାମାନଙ୍କୁ ଦଳରୁ ସସ୍‌ପେଣ୍ଡ କରିବା ପାଇଁ ଟିଏମ୍‌ସି ନେତା ଓ'ବ୍ରାଏନ୍ ଆହ୍ୱାନ ଦେଇଛନ୍ତି।

## ଆପେ ହଟିପାରିବନି ସ୍ଥଗିତାଦେଶ: ସୁପ୍ରିମକୋର୍ଟ

ନୂଆଦିଲ୍ଲୀ,୨୯।୨(ପି.ଟି.)

ନିମ୍ନ ଅଦାଲତ କିମ୍ବା ହାଇକୋର୍ଟ କୌଣସି ଦେୱାନୀ ଏବଂ ଆପରାଧିକ ମାମଲାରେ ସ୍ଥଗିତାଦେଶ ଦେଇଥିଲେ ୬ ମାସ ପରେ ତାହା ସ୍ୱତଃ ହଟିଯାଇ ପାରିବ ନାହିଁ ବୋଲି ସୁପ୍ରିମକୋର୍ଟ ଗୁରୁବାର ଏକ ଗୁରୁତ୍ୱପୂର୍ଣ୍ଣ ରାୟରେ କହିଛନ୍ତି। ସ୍ଥଗିତାଦେଶ ପ୍ରସଙ୍ଗରେ ସର୍ବୋଚ୍ଚ ଅଦାଲତ ୨୦୧୮ରେ ଦେଇଥିବା ଏକ ରାୟକୁ ବଦଳାଇ ଦେଇଛନ୍ତି। ସୁପ୍ରିମକୋର୍ଟ ଏବଂ ହାଇକୋର୍ଟଗୁଡ଼ିକ ମଧ୍ୟ ନିମ୍ନ ଅଦାଲତଗୁଡ଼ିକ ଦ୍ୱାରା ମାମଲା ଫଇସଲା ପାଇଁ ସମୟ ଧାର୍ଯ୍ୟ କରିବାରୁ ଦୂରେଇ ରହିବା ଆବଶ୍ୟକ ବୋଲି ଭାରତର ପ୍ରଧାନ ବିଚାରପତି (ସିଜେଆଇ) ଡି.ୱାଇ. ଚନ୍ଦ୍ରଚୂଡ଼ଙ୍କ ଅଧ୍ୟକ୍ଷତାରେ ଗଠିତ ୫ ଜଣିଆ ସାମ୍ବିଧାନିକ ପୀଠ ରାୟରେ କହିଛନ୍ତି। କେବଳ କୌଣସି ଅସାଧାରଣ ସ୍ଥିତିରେ ଉପରିସ୍ଥ ଅଦାଲତ ମାମଲାର ଫଇସଲା ପାଇଁ ସମୟ ଧାର୍ଯ୍ୟ କରିବାକୁ ନିର୍ଦ୍ଦେଶନାମା ଜାରି କରିପାରିବେ। କେଉଁ ମାମଲାର ଫଇସଲାକୁ ଅଧିକ ପ୍ରାଥମିକତା ଦିଆଯିବ, ତାହାର ନିଷ୍ପତ୍ତି ମାମଲା ବିଚାରାଧୀନ ଥିବା ସମ୍ପୃକ୍ତ ଅଦାଲତଙ୍କ ଉପରେ ଛାଡ଼ିଦେବା ସବୁଠୁ ଭଲ ବୋଲି ସାମ୍ବିଧାନିକ ପୀଠ କହିଛନ୍ତି। ଉକ୍ତ ପୀଠରେ ଅନ୍ୟମାନଙ୍କ ମଧ୍ୟରେ ଜଷ୍ଟିସ୍ ଏ.ଏସ୍. ଓକା, ଜେ.ବି. ପର୍ଡିୱାଲା, ପଙ୍କଜ ମିଥାଲ ଏବଂ ମନୋଜ ମିଶ୍ରା ରହିଛନ୍ତି। ୨୦୧୮ରେ ଏସିଆନ୍ ରିସର୍ଫେସିଂ ଅଫ୍ ରୋଡ୍ ଏଜେନ୍ସିର ନିର୍ଦ୍ଦେଶକ ବନାମ ସିବିଆଇ ମାମଲାରେ ସୁପ୍ରିମକୋର୍ଟର ୩ ଜଣିଆ ଖଣ୍ଡପୀଠ ରାୟରେ କହିଥିଲେ, ତଳକୋର୍ଟ ଏବଂ ହାଇକୋର୍ଟଗୁଡ଼ିକ ଅନ୍ତରୀଣ ରାୟରେ ସ୍ଥଗିତାଦେଶ ଲଗାଇଥିଲେ, ତାକୁ ଯଦି ନିର୍ଦ୍ଦିଷ୍ଟ ଭାବେ ବଢ଼ା ନ ଯାଏ, ତେବେ ତାହା ସ୍ୱତଃ ଶେଷ ହୋଇଯିବ।

## ରାଜସ୍ଥାନରେ ସରକାରୀ ଚାକିରି ପାଇଁ ୨ ସନ୍ତାନ ନିୟମ ସୁପ୍ରିମକୋର୍ଟରେ କାଏମ

ନୂଆଦିଲ୍ଲୀ,୨୯।୨(ପି.ଟି.)

ରାଜସ୍ଥାନରେ ସରକାରୀ ଚାକିରି କ୍ଷେତ୍ରରେ ରହିଥିବା ୨ ସନ୍ତାନ ଯୋଗ୍ୟତା ମାନଦଣ୍ଡକୁ ସୁପ୍ରିମକୋର୍ଟ କାଏମ ରଖିଛନ୍ତି। ଏଥିରେ କାହା ପ୍ରତି ପାତରଅନ୍ତର କରାଯାଇ ନାହିଁ କିମ୍ବା ଏହା ସମ୍ବିଧାନର ଉଲ୍ଲଂଘନ କରୁନାହିଁ ବୋଲି ସର୍ବୋଚ୍ଚ ଅଦାଲତ କହିଛନ୍ତି। ରାଜସ୍ଥାନର ବିଭିନ୍ନ ସେବା (ସଂଶୋଧନ) ନିୟମାବଳୀ, ୨୦୦୧ ଅନୁଯାୟୀ ୨ରୁ ଅଧିକ ସନ୍ତାନ ଥିବା ପ୍ରାର୍ଥୀ ସରକାରୀ ନିଯୁକ୍ତି ପାଇଁ ଆବେଦନ କରିପାରିବେ ନାହିଁ। ଅବସରପ୍ରାପ୍ତ କର୍ମଚାରୀ ରାମଜୀ ଲାଲ୍ ଏହାକୁ ଚ୍ୟାଲେଞ୍ଜ କରି ସୁପ୍ରିମକୋର୍ଟରେ ପିଟିଶନ ଦାଏର କରିଥିଲେ। ସେ ୨୦୧୭ରେ ସେନାରୁ ଅବସର ନେବା ପରେ ରାଜସ୍ଥାନ ପୋଲିସରେ କନ୍‌ଷ୍ଟେବଲ ଭାବେ ଯୋଗଦେବା ପାଇଁ ଆବେଦନ କରିଥିଲେ। ତେବେ ୨୦୦୨ ଜୁନ୍ ୧ ପରେ ତାଙ୍କର ୨ରୁ ଅଧିକ ପିଲା ଥିବାରୁ ସରକାରଙ୍କ ନିୟମ ଅନୁଯାୟୀ ଆବେଦନ ଖାରଜ ହୋଇଯାଇଥିଲା।

## ସାଉଦିରେ ୫ ୟେମେନ୍ ନାଗରିକଙ୍କ ମୁଣ୍ଡକାଟ୍

ରିୟାଧ, ୨୯।୨

ହତ୍ୟା ଏବଂ ଡକାୟତି ମାମଲାରେ ଦୋଷୀ ସାବ୍ୟସ୍ତ ୟେମେନ୍‌ର ୫ ନାଗରିକଙ୍କୁ ସାଉଦି ଆରବରେ ମୃତ୍ୟୁଦଣ୍ଡ ଦିଆଯାଇଛି। ଏହି ୫ ଜଣ ଅହମଦ୍ ଅଲ୍ ଅରାଦୀ ନାମକ ଜଣେ ସାଥୀଙ୍କ ମୁଣ୍ଡକୁ ପିଟି ପିଟି ହତ୍ୟା କରିଥିଲେ। ଦୋଷୀ ସାବ୍ୟସ୍ତ ହେବା ପରେ ସେମାନଙ୍କ ମୁଣ୍ଡକାଟ୍ କରାଯାଇଛି। ଏମାନେ ଚୋରି ଏବଂ ଡକାୟତି ଉଦ୍ଦେଶ୍ୟରେ ଏକ ଗ୍ୟାଙ୍ଗ୍ ଗଠନ କରିଥିବାର ସୂଚନା ଦେଇଛି ସାଉଦି ପ୍ରେସ୍ ଏଜେନ୍ସି। ଅପରାଧକୁ ନେଇ କଠୋର ନିୟମ ରହିଥିବା ସାଉଦି ଆରବରେ ଚଳିତ ବର୍ଷ ବର୍ତ୍ତମାନ ସୁଦ୍ଧା ସମୁଦାୟ ୩୪ ଜଣଙ୍କୁ ମୃତ୍ୟୁଦଣ୍ଡ ଦିଆଗଲାଣି।

## ଦୁର୍ଘଟଣାରେ ଇଣ୍ଟେଲ୍ ଇଣ୍ଡିଆ ପୂର୍ବତନ ମୁଖ୍ୟଙ୍କ ମୃତ୍ୟୁ

**ମୁମ୍ବାଇ, ୨୯।୨:** ଇଣ୍ଟେଲ୍ ଇଣ୍ଡିଆର ପୂର୍ବତନ ମୁଖ୍ୟ ଅବତାର ସୈନୀ(୬୮)ଙ୍କର ସଡ଼କ ଦୁର୍ଘଟଣାରେ ମୃତ୍ୟୁ ଘଟିଛି। ନଭୀ ମୁମ୍ବାଇର ନେରୁଲ୍ ଅଞ୍ଚଳରେ ଥିବା ପାମ୍ ବିଚ୍ ରୋଡରେ ଅବତାର ବନ୍ଧୁମାନଙ୍କ ସହ ସାଇକ୍ଲିଂ କରୁଥିବା ବେଳେ ପଛପଟୁ ଏକ କାର ତାଙ୍କୁ ଧକ୍କା ଦେଇଥିଲା। ମେଡିକାଲରେ ତାଙ୍କର ମୃତ୍ୟୁ ଘଟିଥିଲା। ଅବତାର ୧୯୮୨ରୁ ୨୦୦୪ ଯାଏଁ ଇଣ୍ଟେଲ ଇଣ୍ଡିଆରେ କାର୍ଯ୍ୟ କରିଥିଲେ। ଏହି ସମୟ ମଧ୍ୟରେ ତାଙ୍କ ତତ୍ତ୍ୱାବଧାନରେ ଇଣ୍ଟେଲ ପକ୍ଷରୁ ଲୋକପ୍ରିୟ ପେଣ୍ଟିୟମ୍ ପ୍ରୋସେସରର ଡିଜାଇନ ନିର୍ମାଣ କରାଯାଇଥିଲା। ଇଣ୍ଟେଲ୍ ଇଣ୍ଡିଆ ପାଇଁ ତାଙ୍କ ଅବଦାନ ଭୁଲିହେବ ନାହିଁ ବୋଲି ଏହାର ଅଧ୍ୟକ୍ଷ ଗୋକୁଲ. ଭି. ସୁବ୍ରବଣ୍ୟମ କହିଛନ୍ତି।


ଅବତାର ସୈନୀ

## ଅବଦୁଲ କରିମ ଟୁଣ୍ଡା ଦୋଷମୁକ୍ତ

**୧୯୯୩ ସିରିଏଲ୍ ବିସ୍ଫୋରଣ ମାମଲା**

ଜୟପୁର,୨୯।୨(ପି.ଟି.)

୧୯୯୩ ସିରିଏଲ୍ ବିସ୍ଫୋରଣ ମାମଲାରେ ଅବଦୁଲ କରିମ ଟୁଣ୍ଡାଙ୍କୁ ରାଜସ୍ଥାନ ଆଜମେର୍ କୋର୍ଟ ପ୍ରମାଣ ଅଭାବରୁ ଦୋଷମୁକ୍ତ କରିଛନ୍ତି। ଟାଡ଼ା କୋର୍ଟ ଅନ୍ୟ ୨ ଅଭିଯୁକ୍ତ ଇର୍ଫାନ ଏବଂ ହମିଦୁଦ୍ଦିନ୍‌ଙ୍କୁ ଆଜୀବନ ଜେଲଦଣ୍ଡରେ ଦଣ୍ଡିତ କରିଛନ୍ତି। ୮୧ ବର୍ଷୀୟ ଟୁଣ୍ଡା ଦାଉଦ୍ ଇବ୍ରାହିମ୍‌ଙ୍କ ଘନିଷ୍ଠ ସହଯୋଗୀ। ବାବ୍ରି ମସ୍‌ଜିଦ ଭଙ୍ଗା ଘଟଣାର ପ୍ରଥମ ବାର୍ଷିକୀରେ ସେ ୫ଟି ଟ୍ରେନ୍‌ରେ ବିସ୍ଫୋରଣ ଘଟାଇଥିବା ଅଭିଯୋଗ ହୋଇଥିଲା। ଏଥିରେ ୨ ଜଣଙ୍କ ମୃତ୍ୟୁ ହେବା ସହ ଅନେକେ ଆହତ ହୋଇଥିଲେ। ଦୋଷୀ ସାବ୍ୟସ୍ତ କରିବା



ପାଇଁ ଯଥେଷ୍ଟ ପ୍ରମାଣ ନ ମିଳିବାରୁ ଟୁଣ୍ଡାଙ୍କୁ ଦୋଷମୁକ୍ତ କରାଗଲା ବୋଲି ଅଦାଲତ ତାଙ୍କ ରାୟରେ କହିଛନ୍ତି।

**ଫୁରସତ**

# ନାଗରିକଙ୍କ ସୁରକ୍ଷା ଜରୁରୀ

**ଆଜି ବିଶ୍ୱ ନାଗରିକ ସୁରକ୍ଷା ଦିବସ**



ବିଶ୍ୱର ନାଗରିକଙ୍କ ସୁରକ୍ଷା ଜରୁରୀ। ନାଗରିକଙ୍କ ସୁରକ୍ଷା ଦ୍ୱାରା ବିକାଶର ମାର୍ଗ ଆହୁରି ପ୍ରଶସ୍ତ ହୋଇଥାଏ। ସର୍ବୋପରି ନାଗରିକଙ୍କ ସୁରକ୍ଷା ତଥା ଜରୁରିକାଳୀନ ପ୍ରସ୍ତୁତି ବିଷୟରେ ସଚେତନତା ସୃଷ୍ଟି କରିବା, ବିପଦକୁ କମାଇବା, ବିପର୍ଯ୍ୟୟର ମୁକାବିଲା କରିବା ଏବଂ ଦେଶ ମଧ୍ୟରେ ସହଯୋଗ ବୃଦ୍ଧି ପାଇଁ ପ୍ରତିବର୍ଷ ମାର୍ଚ୍ଚ ୧ରେ ବିଶ୍ୱ ନାଗରିକ ସୁରକ୍ଷା ଦିବସ ପାଳନ କରାଯାଇଥାଏ। ବିଶ୍ୱ ନାଗରିକ ସୁରକ୍ଷା ଦିବସରେ ପ୍ରତ୍ୟେକ ନାଗରିକ ତାଙ୍କ ଜୀବନରେ ଅନେକ ସଂକଳ୍ପ ନେଇଥାନ୍ତି। ଦୁର୍ଘଟଣା କିମ୍ବା ବିପର୍ଯ୍ୟୟ ସମୟରେ ନାଗରିକ ସୁରକ୍ଷା ତଥା ପ୍ରତିରୋଧର ଗୁରୁତ୍ୱ ଉପରେ ବିଶ୍ୱର ଦୃଷ୍ଟି ଆକର୍ଷଣ କରାଯାଇଛି ଏବଂ ସଚେତନତା ସୃଷ୍ଟି କରିବା ଏବଂ ସେଗୁଡ଼ିକୁ ରୋକିବା ପାଇଁ ପ୍ରତିଶ୍ରୁତି ଦେବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଏହି ଦିନଟି ସମଗ୍ର ବିଶ୍ୱ ପାଇଁ ବହୁତ ସ୍ୱତନ୍ତ୍ର। ୧୯୯୦ରେ ଅନ୍ତର୍ଜାତୀୟ ନାଗରିକ ପ୍ରତିରକ୍ଷା ସଂଗଠନ (ଆଇସିଡିଓ) ଏହି ଦିନକୁ ବିଶ୍ୱସ୍ତରୀୟ ପାଳନ କରିବାକୁ ଘୋଷଣା କରିଥିଲା। ଏହି ସଂଗଠନ ସମ୍ପୃକ୍ତ ସଦସ୍ୟ ଦେଶରେ ନାଗରିକ ପ୍ରତିରକ୍ଷା ବାହିନୀର ମାନବ ସମ୍ବଳ ପରିଚାଳନାରେ ଉନ୍ନତି ଆଣିବା ପାଇଁ ଯଥାସମ୍ଭବ ତାଲିମ କାର୍ଯ୍ୟକ୍ରମ ଚଳାଇଥାଏ।

ଯୁଦ୍ଧ ସମୟରେ ସାଧାରଣ ନାଗରିକ ସୁରକ୍ଷା ସମସ୍ୟା ବିଶେଷ ଭାବେ ଗୁରୁତ୍ୱପୂର୍ଣ୍ଣ। ୨୮ ମେ ୧୯୩୧ରେ, ଫରାସୀ ସର୍ଜନ-ଜେନେରାଲ ଜର୍ଜ ସେଣ୍ଟ-ପାଲ ପ୍ୟାରିସରେ 'ଜେନେଭା ଜୋନ' ଆସୋସିଏଶନ ପ୍ରତିଷ୍ଠା କରିଥିଲେ, ଯାହା ତାଙ୍କୁ ପ୍ରଥମେ ମାନବ ସୁରକ୍ଷା ପାଇଁ ଏହି ଧାରଣା ଦେଇଥିଲା। ଏହି ଜୋନ ମୁଖ୍ୟତଃ ମହିଳା, ଶିଶୁ, ବୃଦ୍ଧ ତଥା ରୋଗୀ ଏବଂ ଦିବ୍ୟାଙ୍ଗମାନଙ୍କୁ ଯୁଦ୍ଧ ସମୟରେ ଆଶ୍ରୟ ଦେଉଥିଲା। ୧୯୩୬ରେ ଯେତେବେଳେ ସ୍ପେନ୍‌ରେ ଗୃହଯୁଦ୍ଧ ଆରମ୍ଭ ହୋଇଥିଲା, ଆସୋସିଏଶନ ଚାଇନାରେ ଏବଂ ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ପୁନର୍ବାର ଫ୍ରାନ୍ସରେ ଶରଣାର୍ଥୀ ଶିବିର ସ୍ଥାପନ କରିବାକୁ ଆହ୍ୱାନ ଦେଇଥିଲା। ୧୯୫୮ରେ ଅନ୍ତର୍ଜାତୀୟ ନାଗରିକ ପ୍ରତିରକ୍ଷା ସଂଗଠନ ଭାବରେ ଆରମ୍ଭ ହେବା ଦିନଠାରୁ, ଆଇସିଡିଓ ଜାତୀୟ ନାଗରିକ ପ୍ରତିରକ୍ଷା ସଂଗଠନ ମଧ୍ୟରେ ଏକ ସେତୁ ସୃଷ୍ଟି କରିବା, ଜନସଂଖ୍ୟା ସୁରକ୍ଷା ଅନୁସନ୍ଧାନ କରିବା ସହ ବିପର୍ଯ୍ୟୟ ପରିଚାଳନା ଏବଂ ପ୍ରତିକ୍ରିୟାର ସମନ୍ୱୟ ସମେତ ଅନେକ ଦିଗରେ କାର୍ଯ୍ୟ କରିଆସୁଛି।

## ଅନ୍ତର୍ଜାତୀୟ ହୁଇଲ ଚେୟାର ଦିବସ



ମାର୍ଚ୍ଚ ୧ରେ ଅନ୍ତର୍ଜାତୀୟ ହୁଇଲ ଚେୟାର ଦିବସ ପାଳନ କରାଯାଉଛି। ଇତିହାସର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଗତିଶୀଳ ଉପକରଣ ଏବଂ ଏହି ହୁଇଲ ଚେୟାର ଲୋକଙ୍କ ଜୀବନରେ ସକାରାତ୍ମକ ପ୍ରଭାବ ପକାଇବା ପାଇଁ ଏହି ଦିବସର ପାଳନ ପ୍ରଥମେ ୨୦୦୮ରେ ଆରମ୍ଭ କରାଯାଇଥିଲା। ହୁଇଲ ଚେୟାର ଫାଉଣ୍ଡେଶନ ଅନୁଯାୟୀ, ଅନୁମାନ କରାଯାଏ ଯେ ବିକଶିତ ଦେଶଗୁଡ଼ିକରେ ସେମାନଙ୍କ ଜନସଂଖ୍ୟାର ୧% ଲୋକ ଏକ ହୁଇଲ ଚେୟାର ଆବଶ୍ୟକ କରନ୍ତି। ବିକାଶଶୀଳ ଦେଶରେ ଏହି ଦୃଶ୍ୟ ସମ୍ପୂର୍ଣ୍ଣ ଭିନ୍ନ, ଯେଉଁଠାରେ ୨% ଜନସଂଖ୍ୟା ଏକ ହୁଇଲ ଚେୟାର ଆବଶ୍ୟକ କରନ୍ତି। ଏହା ୨୦୦୮ରେ ଆରମ୍ଭ ହେବା ପରଠାରୁ ଅଷ୍ଟ୍ରେଲିଆ, ନେପାଳ, ସେନେଗାଲ, ଦକ୍ଷିଣ ଆଫ୍ରିକା, ବାଂଲାଦେଶ, ପାକିସ୍ତାନ, ୟୁନାଇଟେଡ୍ କିଙ୍ଗଡମ ଏବଂ ଯୁକ୍ତରାଷ୍ଟ୍ର ଆମେରିକାରେ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଅନ୍ତର୍ଜାତୀୟ ହୁଇଲ ଚେୟାର ଦିବସ ପାଳନ କରିବାର ବିଶେଷତ୍ୱ ହେଉଛି ବ୍ୟକ୍ତିବିଶେଷଙ୍କ ଜୀବନରେ ହୁଇଲ ଚେୟାରର ଗଭୀର ପ୍ରଭାବକୁ ପାଳନ କରିବା, ପ୍ରଶଂସା ଏବଂ ସଶକ୍ତୀକରଣକୁ ବଢ଼ାଇବା।

ସେହିଭଳି ସମାଜରେ ହୁଇଲ ଚେୟାରର ଉପଲବ୍ଧତା ଏବଂ ଅନ୍ତର୍ଭୁକ୍ତିର ଗୁରୁତ୍ୱପୂର୍ଣ୍ଣତା ବିଷୟରେ ବିଶ୍ୱସ୍ତରୀୟ ସଚେତନତା ସୃଷ୍ଟି କରିବା। ସମ୍ମାନ ଏବଂ ସ୍ୱାଧୀନତାକୁ ପ୍ରୋତ୍ସାହନ ଦେଇ ଗତିଶୀଳତା ଚ୍ୟାଲେଞ୍ଜର ସମ୍ମୁଖୀନ ହେଉଥିବା ବ୍ୟକ୍ତିବିଶେଷଙ୍କ ପାଇଁ ସମର୍ଥନ ଏବଂ ସ୍ୱୀକୃତି ପ୍ରଦାନ କରିବା।

# ମା' ହେବେ ଦୀପିକା

**ମୁମ୍ବାଇ:** ସବୁବେଳେ ଚର୍ଚ୍ଚାରେ ରହୁଥିବା ବଲିଉଡ୍ ଅଭିନେତ୍ରୀ ଦୀପିକା ପାଦୁକୋନ୍ ଗୁରୁବାର ନିଜ ପ୍ରଶଂସକମାନଙ୍କୁ ଏକ ଖୁସି ଖବର ଦେଇଛନ୍ତି। ଏକ ଇନ୍‌ଷ୍ଟାଗ୍ରାମ ପୋଷ୍ଟ କରି ଗର୍ଭବତୀ ଥିବା ଦର୍ଶାଇଛନ୍ତି ଦୀପିକା। ଖୁବ୍‌ଶୀଘ୍ର ସେ ମା' ହେବେ ଏବଂ ତାଙ୍କ ସ୍ୱାମୀ ତଥା ଲୋକପ୍ରିୟ ଆକ୍ସନ ହିରୋ ରଣବୀର୍ ସିଂ ବାପା ହେବେ ବୋଲି ଏହି ପୋଷ୍ଟରେ ସେ ସୂଚନା ଦେଇଛନ୍ତି। ଦୀପିକା ଏହି ପୋଷ୍ଟରେ ରଣବୀରଙ୍କୁ ଟ୍ୟାଗ ମଧ୍ୟ କରିଛନ୍ତି। ଶେୟାର ହୋଇଥିବା ଏହି ପୋଷ୍ଟ ଅନୁଯାୟୀ, ଚଳିତ ବର୍ଷ ସେପ୍ଟେମ୍ବରରେ ଉଭୟ ଦୀପିକା ଏବଂ ରଣବୀର୍ ମାତାପିତା ହେବେ। ସମ୍ପ୍ରତି ଉଭୟ ମାତାପିତା ହେବା ପାଇଁ ପ୍ରସ୍ତୁତ ହେଉଥିବା ସହ ଉଭୟଙ୍କର ଦାୟିତ୍ୱବୋଧତା ବଢ଼ିଥିବା ନେଇ ଏହି ପୋଷ୍ଟରେ ଦୀପିକା ଉଲ୍ଲେଖ କରିଛନ୍ତି।

ଏହି ଖୁସି ଖବର ଶୁଣି ପ୍ରଶଂସକମାନେ ବେଶ୍ ଉତ୍ସାହିତ ହେବା ସହ ଉଭୟ ଦୀପିକା ଏବଂ ରଣବୀରଙ୍କୁ ଚାରିଆଡ଼ୁ ଅଭିନନ୍ଦନର ସୁଅ ଛୁଟିବାରେ ଲାଗିଛି। ଉଭୟଙ୍କର ଏହି ପୋଷ୍ଟକୁ ହଜାର ହଜାର ପ୍ରଶଂସକଙ୍କ ସହ ବହୁ ବିଶିଷ୍ଟ ବ୍ୟକ୍ତି ତଥା ସେଲିବ୍ରିଟି କମେଣ୍ଟ ଦେଇ ଅଭିନନ୍ଦନ ଜଣାଇଛନ୍ତି। ସୂଚନାଯୋଗ୍ୟ, ଦୀପିକା ଗତ ବର୍ଷ 'ପଠାନ' ଏବଂ 'ଯବାନ' ପରି ଦୁଇଟି ହିଟ୍ ଫିଲ୍ମରେ ନଜର ଆସିଥିଲେ।


ଦୀପିକା ପାଦୁକୋନ୍

**ଶେୟାର ବଜାରରେ ଉତ୍ସାହ**

ଭୁବନେଶ୍ୱର,୨୯।୨: ଦିନକ ପରେ ପୁଣି ଥରେ ଘରୋଇ ଶେୟାର ବଜାର କାରବାରରେ ପରିବର୍ତ୍ତନ ଘଟିଛି। ଚଳିତ ସପ୍ତାହର ୪ର୍ଥ କାର୍ଯ୍ୟ ଦିବସର ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ବୃଦ୍ଧି କରିଛନ୍ତି। ଗୁରୁବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍ଇ)ର ସେନ୍ସେକ୍ସ ୧୯୫.୪୨ ପଏଣ୍ଟ ବଢି ୭୨,୫୦୦.୩୦ ଅଙ୍କରେ କାରବାର ବନ୍ଦ କରିଥିଲାବେଳେ ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍ଏସ୍ଇ) ର ନିଫ୍ଟି-୫୦ରେ ମଧ୍ୟ ୩୧.୬୫ ପଏଣ୍ଟ ବୃଦ୍ଧି ଘଟି ୨୧,୯୮୨.୮୦ ଅଙ୍କରେ କାରବାର ବନ୍ଦ ହୋଇଥିଲା।

# ଦେଶରେ ପ୍ରତିଷ୍ଠା ହେବ ୩ ସେମିକଣ୍ଡକ୍ଟର ପ୍ଲାଣ୍ଟ

## କେନ୍ଦ୍ର କ୍ୟାବିନେଟ୍‌ର ମୋହର

ନୂଆଦିଲ୍ଲୀ,୧୯।୨

ବିଗତ କିଛିଦିନ ହେବ ଭାରତୀୟ ଶିଳ୍ପରେ ଚିପ୍ ଜନିତ ସମସ୍ୟାର ବ୍ୟାପକ ପ୍ରଭାବ ବିଭିନ୍ନ ଶିଳ୍ପାନୁଷ୍ଠାନରେ ପଡ଼ିଥିଲା। ଏହାର ପ୍ରଭାବ ଦେଶର ଅର୍ଥନୀତି ଉପରେ ମଧ୍ୟ ପରିଲକ୍ଷିତ ହୋଇଥିଲା। ଉକ୍ତ ସମସ୍ୟାର ସମାଧାନ ପାଇଁ ସରକାର ସେମିକଣ୍ଡକ୍ଟର ପ୍ଲାଣ୍ଟ ପାଇଁ ମିଳିତ ପ୍ରସ୍ତାବ ଆଗତ କରିଥିଲେ। ଏପରିକି ବ୍ୟାପକ ଚର୍ଚ୍ଚା ଓ ଆଲୋଚନା ପରେ ଗୁରୁବାର କେନ୍ଦ୍ର କ୍ୟାବିନେଟ୍ ସେମିକଣ୍ଡକ୍ଟର ପ୍ଲାଣ୍ଟ ପ୍ରସ୍ତାବ ଉପରେ ମୋହର ମାରିଛନ୍ତି। କ୍ୟାବିନେଟ୍ ମଞ୍ଜୁରି ପରେ ଦେଶରେ ପ୍ରଥମ ସେମିକଣ୍ଡକ୍ଟର ଫାବ୍ ପ୍ରତିଷ୍ଠା କରିବାକୁ ଅନୁମତି ମିଳିଛି। ଉଲ୍ଲେଖଯୋଗ୍ୟ, ଭାରତରେ ୩ଟି ସେମିକଣ୍ଡକ୍ଟର ପ୍ଲାଣ୍ଟ ପ୍ରତିଷ୍ଠାର



ପ୍ରସ୍ତାବ ଉପରେ କ୍ୟାବିନେଟ୍ ମଞ୍ଜୁରି ମିଳିଛି। ଏହି ୩ ପ୍ଲାଣ୍ଟ ଉଭୟ ଗୁଜରାଟ ଓ ଆସାମ ଭଳି ରାଜ୍ୟରେ ହେବ ବୋଲି ସୂଚନା ମିଳିଛି। ଗୁଜରାଟରେ ୨ଟି କାରଖାନା ହେବାକୁ ଥିବାବେଳେ ବେଳେ ଆସାମରେ ଗୋଟିଏ ଖୋଲାଯିବ। ଉକ୍ତ ୩ଟି ପ୍ଲାଣ୍ଟରେ ମୋଟ ୧.୨୬ ଲକ୍ଷ କୋଟିର ନିବେଶ ହେବ ବୋଲି ଗୁରୁବାର କେନ୍ଦ୍ର ଆଇଟି ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ବିସ୍ତୃତ ଭାବେ ସୂଚନା ଦେଇଛନ୍ତି। ସେହିଭଳି ଡେଭଲପମେଣ୍ଟସ ଆଣ୍ଡ ଡିସ୍‌ପ୍ଲେ ଇକୋସିଷ୍ଟମ ଇନ୍ ଇଣ୍ଡିଆ ଅଧୀନରେ ଏହି ପ୍ଲାଣ୍ଟଗୁଡ଼ିକର ନିର୍ମାଣ କାର୍ଯ୍ୟ ଆସନ୍ତା ୧୦୦ଦିନ ଭିତରେ ଆରମ୍ଭ ହେବ ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି। ଏ ନେଇ ମନ୍ତ୍ରୀ କହିଛନ୍ତି, ଦେଶରେ ସେମିକଣ୍ଡକ୍ଟର ଫାବ୍ ପ୍ରତିଷ୍ଠା ପାଇଁ ପ୍ରଧାନମନ୍ତ୍ରୀ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଛନ୍ତି। ପ୍ରଥମ କମର୍ସିଆଲ ସେମିକଣ୍ଡକ୍ଟର ଫାବ୍ ଟାଟା ଓ ପାୱାର ଚିପ୍ ତାଇୱାନ୍‌ର ମିଳିତ ଉଦ୍ୟମରେ ଗୁଜରାଟର ଧୋଲେରାଠାରେ ପ୍ରତିଷ୍ଠା ହେବ। ଟାଟା ଇଲେକ୍ଟ୍ରୋନିକ୍ସ ପ୍ରାଇଭେଟ୍ ଧୋଲେରାରେ ତାଇୱାନର ପାୱାରଚିପ୍ ସେମିକଣ୍ଡକ୍ଟର ମାନୁଫାକ୍ଚରିଂ କ୍ରପ୍ ସହ ମିଶି ଭାବ୍ ପ୍ରତିଷ୍ଠା କରିବ। ଭାରତରେ ନିର୍ମାଣ ହେବାକୁ ଥିବା ୩ଟି ସେମିକଣ୍ଡକ୍ଟର ପ୍ଲାଣ୍ଟରେ ବହୁ ସଂଖ୍ୟକ ନିଯୁକ୍ତି ସୃଷ୍ଟି ହେବ ବୋଲି ସରକାର ଆକଳନ କରିଛନ୍ତି। ଏହି ତିନୋଟି ୟୁନିଟ୍ ମିଳିତ ଭାବରେ ଉନ୍ନତ ଜ୍ଞାନକୌଶଳ ପାଇଁ ୨୦ହଜାର ପ୍ରତ୍ୟକ୍ଷ ନିଯୁକ୍ତି ଏବଂ ପ୍ରାୟ ୬୦ ହଜାର ପରୋକ୍ଷ ନିଯୁକ୍ତି ସୃଷ୍ଟି କରିବେ।

# ବଜାରରେ ମହିନ୍ଦ୍ରାର ଦି ୨୦୨୪ ଏକ୍ସୟୁଭି୭୦୦

ନୂଆଦିଲ୍ଲୀ,୨୯।୨

ଦେଶର ପ୍ରମୁଖ ପ୍ରିମିୟମ ଏସ୍‌ୟୁଭି ନିର୍ମାତା 'ମହିନ୍ଦ୍ରା ଆଣ୍ଡ ମହିନ୍ଦ୍ରା ଲିମିଟେଡ୍'ର ବହୁ ପ୍ରତୀକ୍ଷିତ ତଥା ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ 'ଦି ୨୦୨୪ ଏକ୍ସୟୁଭି ୭୦୦' ମଡେଲର ସର୍ବଭାରତୀୟ ଉନ୍ମୋଚନ ଓ ବଜାର ପ୍ରବେଶ ସମ୍ପର୍କରେ ଘୋଷଣା କରାଯାଇଛି।

ଉଲ୍ଲେଖଯୋଗ୍ୟ, ମହିନ୍ଦ୍ରାର ଦି ୨୦୨୪ ଏକ୍ସୟୁଭି୭୦୦ ମଡେଲରେ ଅନେକ ନୂତନ ବୈଶିଷ୍ଟ୍ୟ ସହିତ ବିଶ୍ୱସ୍ତରୀୟ ସୁରକ୍ଷା ବ୍ୟବସ୍ଥା ଓ ଅତ୍ୟାଧୁନିକ ଜ୍ଞାନକୌଶଳର ବ୍ୟାପକ ସମ୍ଭାର ସଂଯୋଗ ରହିଛି।




ଅପରପକ୍ଷରେ ଉକ୍ତ ମଡେଲ ୫ଟି ଭାରିଆଣ୍ଟ ସହ ଆକର୍ଷଣୀୟ କଲରରେ ଉପଲବ୍ଧ। ଏହାର ବଜାର ମୂଲ୍ୟ ଏକ୍ସଶୋ'ରୁମ୍ ମୂଲ୍ୟ ୧୩.୯୯ ରୁ ୨୩.୯୯ ଲକ୍ଷ ଟଙ୍କା ମଧ୍ୟରେ ରହିଛି।

# କ୍ରିଟିକାଲ ମିନେରାଲ୍ସ ସମ୍ପର୍କିତ କର୍ମଶାଳା



ଭୁବନେଶ୍ୱର,୨୯।୨(ଅନୁରାଧା ମହାରଣା)

କ୍ରିଟିକାଲ ମିନେରାଲସ୍ (ଏକ୍ସପ୍ଲୋରେସନ ଏବଂ ଏକ୍ସଟ୍ରାକସନ) ଉପରେ ୟୁକେ-ଇଣ୍ଡିଆ ଇଣ୍ଡଷ୍ଟ୍ରି-ଏକାଡେମୀ ସ୍କୋପିଂ କର୍ମଶାଳା ୨୬-୨୮ ଦୁଇଦିନ ଧରି ଆୟୋଜିତ ହୋଇଯାଇଛି। କିଟ ବିଶ୍ୱବିଦ୍ୟାଳୟରେ କେନ୍ଦ୍ର ସରକାରଙ୍କ ପ୍ରମୁଖ ବୈଜ୍ଞାନିକ ପରାମର୍ଶଦାତା କାର୍ଯ୍ୟାଳୟ ଓ ୟୁକେ ପ୍ରୋସେସ ଇନୋଭେସନ କେନ୍ଦ୍ରର ପ୍ରୟାସ କ୍ରମେ ବ୍ରିଟିଶ ହାଇ କମିଶନ, ନୂଆଦିଲ୍ଲୀ ଦ୍ୱାରା ସମର୍ଥିତ ବ୍ରିଟେନ-ଇଣ୍ଡିଆ କ୍ରିଟିକାଲ ମିନେରାଲସ୍ ପାର୍ଟନରସିପ ପଦକ୍ଷେପ ଅଧୀନରେ ଭୁବନେଶ୍ୱର ସିଟି ନଲେଜ ଇନୋଭେସନ କ୍ଲଷ୍ଟର (ବିସିସିଆଇ) ଦ୍ୱାରା ଏହି କର୍ମଶାଳା ଅନୁଷ୍ଠିତ ହୋଇଥିଲା। ଏଥିରେ ୬୦ରୁ ଅଧିକ ଅଂଶଗ୍ରହଣକାରୀ ଏକାଡେମୀ, ଗବେଷଣା ଓ ବିକାଶ ସଂଗଠନ, ଇଣ୍ଡଷ୍ଟ୍ରିଜ, ନୀତି ନିର୍ମାତା ଏବଂ ଷ୍ଟାର୍ଟଅପ ବ୍ରିଟେନର ୨୭ ଜଣ ଅଂଶଗ୍ରହଣ କରି ବିଷୟବସ୍ତୁ ଉପରେ ଆଲୋଚନା କରିଥିଲେ। କିଟର ବିସିକେଆଇସି ଏବଂ ଆର ଆଣ୍ଡ ଡି ମହାନିର୍ଦ୍ଦେଶକ ଡ ମୃତ୍ୟୁଞ୍ଜୟ ସୁଆର ସ୍ୱାଗତ ଅଭିଭାଷଣ ରଖିଥିଲେ। ସେହିପରି ନୂଆଦିଲ୍ଲୀସ୍ଥିତ ବ୍ରିଟିଶ ହାଇ କମିଶନର ଟେକ ଆଣ୍ଡ ଇନୋଭେସନର ମୁଖ୍ୟ ଯଶୁଆ ବାମଫୋର୍ଡ ଏହି ପ୍ରସଙ୍ଗ ଉପରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମର ସଫଳତା କାମନା କରି କିଟ ଓ କିସ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ କହିଲେ ଏହି ବିଷୟ ବସ୍ତୁ ଉପରେ ଉଭୟ ଦେଶରୁ ଉଚ୍ଚ ସ୍ତରୀୟ ବୁଦ୍ଧିଜୀବୀଙ୍କ ଏପରି ସମାବେଶ ବ୍ୟାପକ ସୁଯୋଗ ଆଣିବ। ଅନ୍ୟମାନଙ୍କ ମଧ୍ୟରେ ଇଣ୍ଡୋ-ପାସିଫିକ ଏବଂ କ୍ରିଟିକାଲ ମିନେରାଲସ୍ ବିତରଣ ଆନ୍ତର୍ଜାତୀୟ ଶକ୍ତି ୟୁନିଟ ଟିମ ଲିଡର ଜୋସେଫ ମାନସୁର, ସିଏସଆଇଆର-ଆଇଏମଏମଟି ନିର୍ଦ୍ଦେଶକ ଡ ରାମାନୁଜ ନାରାୟଣ ଏବଂ ବ୍ରିଟେନ ବ୍ୟବସାୟ ଏବଂ ବାଣିଜ୍ୟ ବିଭାଗ ପ୍ରତିନିଧି ଆନ୍ନା ଗିବନସ୍ ପ୍ରମୁଖ ଯୋଗଦେଇଥିଲେ।

# ଆଜିଠାରୁ ଆଜିଓ ଅଲ୍ ଷ୍ଟାର୍ ସେଲ୍

ଭୁବନେଶ୍ୱର,୨୯।୨(ଅଭୟ ଦାଶ)

ଆଜିଓ'ର ବହୁ ପ୍ରତୀକ୍ଷିତ ତଥା ଫ୍ଲାଗ୍‌ଶିପ୍ ଇଭେଣ୍ଟ 'ଆଜିଓ ଅଲ୍ ଷ୍ଟାର୍ସ ସେଲ୍'ର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ଏହି ସେଲ୍ ଆଡିଡାସ୍ ଏବଂ ସୁପରଡ୍ରାଇ ଦ୍ୱାରା ପରିଚାଳିତ ହେଉଛି। ଚଳିତ ବର୍ଷ ମାର୍ଚ୍ଚ ୧ରୁ ସେଲ୍ ଆରମ୍ଭ ହେବ। ଅପରପକ୍ଷରେ ଗ୍ରାହକମାନେ ୨୦୨୪ ଫେବୃଆରୀ ୨୬ରୁ ସୀମିତ ସମୟ (୬ଘଣ୍ଟା) ପାଇଁ ଆଗୁଆ ଆକ୍‌ସେସ୍ ପାଇଥିଲେ। ବିଶେଷକରି ଆଜିଓ ଅଲ୍ ଷ୍ଟାର୍ସ ସେଲ୍ (ଏଏଏସ୍‌ଏସ୍) ସମୟରେ ଗ୍ରାହକମାନେ ୬୦୦୦ରୁ ଅଧିକ ବ୍ରାଣ୍ଡ ଉପରେ ୧.୭ ନିୟୁତରୁ ଅଧିକ କ୍ୟୁରାଟେଡ୍ ଫ୍ୟାଶନ୍ ଷ୍ଟାଇଲ୍ ପ୍ରଦାନ କରିପାରିବେ, ଯାହା ଗ୍ରାହକଙ୍କୁ ଏକ ଅତୁଳନୀୟ ଶପିଂ ଅନୁଭୂତି ପ୍ରଦାନ କରିବ। ଏ ସମ୍ପର୍କରେ ଆଜିଓର ସିଇଓ ବିନୀତ ନାୟାର କହିଛନ୍ତି, ଚଳିତ ବର୍ଷର ପ୍ରଥମ ବଡ଼ ବିକ୍ରି ପାଇଁ ଆମେ ପ୍ରସ୍ତୁତ ଅଛୁ। ଏହାକୁ ନେଇ ପ୍ଲାଟ୍‌ଫର୍ମରେ ବେଶ୍ ଉତ୍ସାହ ଦେଖିବାକୁ ମିଳିଛି। ଗତ କିଛି ମାସ ମଧ୍ୟରେ ଆମେ ୫୦୦ନୂତନ ବ୍ରାଣ୍ଡ ପ୍ଲାଟ୍‌ଫର୍ମରେ ଯୋଡ଼ିଛୁ ଏବଂ ଆମର ମୋଟ କାଟାଲଗ୍ ଆକାରକୁ




ବଢ଼ାଇଛୁ। ବଢୁଥିବା ହାରାହାରି ବାସ୍କେଟ ମୂଲ୍ୟ (ଏବିଭି) ଏବଂ ପ୍ରିମିୟମ ବ୍ରାଣ୍ଡଗୁଡିକର ଅଧିକ ଚାହିଦା ସହିତ ରହିଛି। ସେହିଭଳି ଆଇସିଆଇସିଆଇ କ୍ରେଡିଟ୍ ଏବଂ ଡେବିଟ୍ କାର୍ଡ ବ୍ୟବହାରରେ ଗ୍ରାହକ ୧୦%ପର୍ଯ୍ୟନ୍ତ ଅତିରିକ୍ତ ତତ୍କାଳ ରିହାତି ସହିତ ବଡ଼ ସଞ୍ଚୟ କରିପାରିବେ। ଏପରିକି ଶୀର୍ଷ ବ୍ରାଣ୍ଡ ଏବଂ ବର୍ଗରେ ୫୦ରୁ ୯୦% ପର୍ଯ୍ୟନ୍ତ ରିହାତି ମଧ୍ୟ ପାଇ ପାରିବେ।

ବିଶେଷକରି ଆଡିଡାସ୍, ସୁପରଡ୍ରାଏ, ନାଇକି, ପୁମା, ଗ୍ୟାପ୍, ଆସିକ୍ସ, ୟୁଏସ୍‌ପିଏ, ନ୍ୟୁ ବାଲାନ୍ସ, ଅଣ୍ଡର ଆର୍ମର, ଷ୍ଟିଭ୍ ମାଡେନ,ଟମି ହିଲଫିଗର, ଡିଜେଲ, କାଲଭିନ କ୍ଲେନ୍, ମାଇକେଲ କୋର୍ସ, ବୋସ୍, ଲେଭିସ୍, ମାର୍କସ ଆଣ୍ଡ ସ୍ପେନ୍ସର, ଅର୍ମାନି ଏକ୍ସଚେଞ୍ଜ, ରିତୁ କୁମାର, ମୁଜି, ସାମ୍, ବୁଡା ଜିନ୍ସ କମ୍ପାନୀ, ଫିୟାର ରୋଜ, ପୋର୍ଟିକୋ, କାସିଓ, ଲାକ୍ମେ, ମେବେଲିନ୍ ଆଦି ବ୍ରାଣ୍ଡ ଉପରେ ଆକର୍ଷଣୀୟ ଡିଲ୍ ହୋଇଛି। ୫୦୦ଟି ନୂଆ ବ୍ରାଣ୍ଡ ଯୋଡିବା ସହିତ ଏଏଏସ୍‌ଏସ୍‌ରେ ୧୯,୦୦୦ ରୁ ଅଧିକ ପିନ୍ କୋଡ୍‌ରେ ଗ୍ରାହକମାନେ ସ୍ୱତନ୍ତ୍ର ଅନ୍ତର୍ଜାତୀୟ ବ୍ରାଣ୍ଡ, ମାଲିକାନାରେ ଥିବା ଲେବଲ୍ ଏବଂ ଘରୋଇ ବ୍ରାଣ୍ଡର ଏକ ବିଶାଳ ଚୟନରୁ ଫ୍ୟାଶନ,ଜୀବନଶୈଳୀ, ଘର ଏବଂ ସାଜସଜ୍ଜା, ଗହଣା, ସୌନ୍ଦର୍ଯ୍ୟ ଏବଂ ବ୍ୟକ୍ତିଗତ ଯତ୍ନ ଭଳି ବର୍ଗରେ ସର୍ବୋତ୍ତମ ଡିଲ୍ ଏବଂ ଅଫର ସହିତ ଉପଲବ୍ଧ ହେବେ।

ଚଳିତ ବର୍ଷର କ୍ରିକେଟ ଋତୁ ପାଖେଇ ଆସୁଥିବା ବେଳେ ଶ୍ରଦ୍ଧା କପୁର ବିଶ୍ୱର ସବୁଠାରୁ ବଡ଼ ଫ୍ୟାଶନ ବ୍ରାଣ୍ଡକୁ ନେଇ ଗଠିତ ଆଜିଓ ଅଲ୍ ଷ୍ଟାର୍ସ ଟିମ୍ ସହ ପୁଣି ଥରେ ଶୁଭାରମ୍ଭ ଅଭିଯାନ (ଲଞ୍ଚ୍ କ୍ୟାମ୍ପେନ) ଫିଲ୍ମରେ ଫେରିଛନ୍ତି। ଦର୍ଶକଙ୍କ ଦୃଷ୍ଟି ଆକର୍ଷଣ କରୁଥିବା ଏକ ଆକର୍ଷଣୀୟ ଷ୍ଟାଇଲ ପ୍ରଦାନ କରୁଥିବା ଏହି ସେଲ୍,ଚଳଚ୍ଚିତ୍ରଟି କ୍ରିକେଟ୍ ପାଇଁ ପ୍ରସ୍ତୁତ କରାଯାଇଛି ଏବଂ ଦି ୱାର୍ଲ୍ଡ୍ସ ବିଗେଷ୍ଟ ବ୍ରାଣ୍ଡସ ପ୍ଲେ ହିୟର ଟ୍ୟାଗ୍‌ଲାଇନ୍ ସହିତ ଆଜିଓକୁ ଏକ ପସନ୍ଦର ଶପିଂ ଡେଷ୍ଟିନେଶନ୍ ଭାବେ ସ୍ଥାନିତ କରାଯାଇଛି। ୩୬୦ଡିଗ୍ରୀ ଅଭିଯାନ ଟିଭି,ଓଟିଟି,ସୋସିଆଲ, ଡିଜିଟାଲ ଏବଂ ପ୍ରିଣ୍ଟରେ ଚାଲିବ।

# ବେଦାନ୍ତ ଆଲୁମିନିୟମର ନୂତନ ଅଭିଯାନ



ଭୁବନେଶ୍ୱର,୨୯।୨

ବେଦାନ୍ତ ଆଲୁମିନିୟମର ନୂତନ ଅଭିଯାନ 'ଜୀବିକା ସମୃଦ୍ଧି ପ୍ରକଳ୍ପ'ର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ବିଶେଷକରି କମ୍ପାନୀର ଓଡ଼ିଶା ୟୁନିଟ୍ ଝାରସୁଗୁଡ଼ା ପକ୍ଷରୁ କୃଷିଭିତ୍ତିକ ସ୍ଥାୟୀ ଜୀବିକା ଅଭିଯାନ 'ଜୀବିକା ସମୃଦ୍ଧି ପ୍ରକଳ୍ପ' ଝାରସୁଗୁଡ଼ା ଜିଲାର କୃଷକମାନଙ୍କ ମଧ୍ୟରେ ପରିବର୍ତ୍ତନର ଏକ ଉଲ୍ଲେଖନୀୟ କାହାଣୀ ଉନ୍ମୋଚନ କରୁଛି। ଏପରିକି କମ୍ପାନୀର ଉକ୍ତ ପ୍ରକଳ୍ପ ପ୍ରାରମ୍ଭିକ ପର୍ଯ୍ୟାୟରେ ୪୦୦ରୁ ଅଧିକ କୃଷକ ପରିବାରର ଜୀବନରେ ଉନ୍ନତି ଆଣିପାରିଛି। ସେହିଭଳି ଉକ୍ତ ଅଭିଯାନର ତୃତୀୟ ପର୍ଯ୍ୟାୟ ବର୍ତ୍ତମାନ ଜିଲାରେ ଚାଲିଥିବା ବେଳେ ଝାରସୁଗୁଡ଼ାର ପରମାଣପୁର, କୁମୁଡାପାଲି ଓ ଡାଲକି ଗ୍ରାମରେ ଅତିରିକ୍ତ ୫୦୦କୃଷକ ପରିବାରକୁ ସଶକ୍ତ କରିବା ଉକ୍ତ ପ୍ରକଳ୍ପର ମୂଳ ଲକ୍ଷ୍ୟ ରହିଛି।ଏ ନେଇ ଝାରସୁଗୁଡ଼ା ଜିଲ୍ଲା ଉଦ୍ୟାନ କୃଷି ସହକାରୀ ନିର୍ଦ୍ଦେଶକ ମନୋରଞ୍ଜନ ନନ୍ଦ କହିଛନ୍ତି, ଜୀବିକା ସମୃଦ୍ଧି ବହୁ ସଂଖ୍ୟକ କୃଷକ ପରିବାରଙ୍କୁ ଉନ୍ନତ କୃଷି ପଦ୍ଧତି ସହିତ ଜମି ଓ ଜଳ ପରିଚାଳନାରେ ସର୍ବୋତ୍ତମ ପଦ୍ଧତି ସହିତ ପରିଚିତ କରାଇ ସକାରାତ୍ମକ ଭାବେ ପ୍ରଭାବିତ କରୁଛି। ଉଲ୍ଲେଖଯୋଗ୍ୟ, ବେଦାନ୍ତ ଆଲୁମିନିୟମର ମହତ୍ତ୍ୱାକାଂକ୍ଷୀ 'ଜୀବିକା ସମୃଦ୍ଧି ପ୍ରକଳ୍ପ'ର ତୃତୀୟ ପର୍ଯ୍ୟାୟରେ ଗ୍ରାମୀଣ କୃଷି ଆହ୍ୱାନର ମୁକାବିଲା ପାଇଁ ଅଭିନବ ଏବଂ ସ୍ଥାୟୀ ସମାଧାନର ଶୁଭାରମ୍ଭ କରାଯାଇଛି। ପୋଖରୀ ପୁନରୁଦ୍ଧାର ଏବଂ ସୌର ପମ୍ପଠାରୁ ଆରମ୍ଭକରି ଜଳ ବ୍ୟବହାରକୁ ସୁଦୃଢ଼ କରିବା ପାଇଁ ଆଧୁନିକ କ୍ଷୁଦ୍ର ଜଳସେଚନ ପଦ୍ଧତି ପର୍ଯ୍ୟନ୍ତ ଉକ୍ତ ପ୍ରକଳ୍ପରେ ଚାଷୀମାନଙ୍କୁ 'ଧାନ ରକ୍ଷଣାବେକ୍ଷଣ ପ୍ରଣାଳୀ (ଏସ୍‌ଆର୍‌ଆଇ) ଏବଂ 'ୱାଡି' ମଡେଲ ଭଳି ଉନ୍ନତ କୌଶଳ ବ୍ୟବହାରକରି ଉର୍ବର ଜମିକୁ ପୁନରୁଦ୍ଧାର କରିବା ସହ ଫସଲ ଉତ୍ପାଦନକୁ ସ୍ଥାୟୀ ଭାବେ ବୃଦ୍ଧି କରିବା ବିଷୟରେ ଅବଗତ କରାଯାଇଛି।

# ଓଡ଼ିଶା ଫୁଡ୍ ପ୍ରୋସେସିଂ କନ୍‌କ୍ଲେଭ ଉଦ୍‌ଘାଟିତ

ଭୁବନେଶ୍ୱର,୨୯।୨




କେନ୍ଦ୍ର ସରକାରଙ୍କ ଖାଦ୍ୟ ପକ୍ରିୟାକରଣ ମନ୍ତ୍ରଣାଳୟ ବା ଦି ମିନିଷ୍ଟ୍ରି ଅଫ ଫୁଡ ପ୍ରୋସେସିଂ ଇଣ୍ଡଷ୍ଟ୍ରିଜ (ଏମଓଏଫପିଆଇ), ଇଣ୍ଡିଆନ୍ ଚାମ୍ବର ଅଫ୍ କମର୍ସ (ଆଇସିସି) ଏବଂ ଓଡିଶା ସରକାରଙ୍କ କ୍ଷୁଦ୍ର, ଲଘୁ ଏବଂ ମଧ୍ୟମ ଉଦ୍ୟୋଗ (ଏମ୍‌ଏସ୍‌ଏମ୍‌ଇ) ବିଭାଗର ମିଳିତ ସହଯୋଗରେ ଏକ ଦିନିକିଆ ଓଡିଶା ଖାଦ୍ୟ ପକ୍ରିୟାକରଣ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଏମ୍‌ଏସ୍‌ଏମ୍‌ଇ ଓଡ଼ିଶା ସରକାରଙ୍କ ସ୍ୱତନ୍ତ୍ର ସଚିବ ବିଭୂତି ଭୂଷଣ ଦାଶ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲାବେଳେ ଏଫ୍‌ଏସ୍‌ଏସ୍‌ଏଆଇ ନିର୍ଦ୍ଦେଶକ ଶକ୍ତି ପ୍ରସାଦ ମିଶ୍ର, ଓୟୁଏଟି ଡ଼ିନ୍ ଡ଼.ସଞ୍ଜୟ କୁମାର ଦାଶ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ।

ଆଇସିସି ରାଜ୍ୟ ପରିଷଦ ଏଗ୍ରି ଖାଦ୍ୟ ପକ୍ରିୟାକରଣ କମିଟି ଉପଦେଷ୍ଟା ତଥା ଏସ୍‌ଏନ୍‌ଏମ୍ ଗ୍ରୁପ୍ ଚେୟାରମ୍ୟାନ୍ ଡ଼. ପ୍ରଦୀପ୍ତ ମହାନ୍ତି କାର୍ଯ୍ୟକ୍ରମ ସମ୍ପର୍କରେ ବିସ୍ତୃତ ସୂଚନା ପ୍ରଦାନ କରିଥିଲେ। ଆଇସିସି ଅଧ୍ୟକ୍ଷ ଜେ ବି ପାଣି ସ୍ୱାଗତ ଅଭିଭାଷଣ ସହ ଖାଦ୍ୟ ପକ୍ରିୟାକରଣ ଉପରେ ବିସ୍ତୃତ ତଥ୍ୟ ପ୍ରଦାନ କରିଥିଲେ। ଆଇସିସିର ବରିଷ୍ଠ ନିର୍ଦ୍ଦେଶିକା ମଧୁପର୍ଣ୍ଣା ଭୋମିକ୍ ଧନ୍ୟବାଦ ପ୍ରଦାନ କରିଥିଲେ।

ଅପରପକ୍ଷରେ କୃଷି ଓ ଖାଦ୍ୟ ଉତ୍ପାଦନ ନିର୍ଦ୍ଦେଶାଳୟର ଅତିରିକ୍ତ ନିର୍ଦ୍ଦେଶକ ଟଙ୍କଧର ସାହୁ, ଶିଳ୍ପାଞ୍ଚଳ କଟକର ଉପନିର୍ଦ୍ଦେଶକ ମିତାଶୁଁ ତ୍ରିପାଠୀ, ସି ଫୁଡ୍ ଏକ୍ସପୋର୍ଟର୍ସ ଆସୋସିଏସନ୍ ଅଫ୍ ଇଣ୍ଡିଆର ରିଜୋନାଲ ପ୍ରେସିଡ଼େଣ୍ଟ ଡ଼.କମଳେଶ ମିଶ୍ର, ଓୟୁଏଟିର ଫୁଡ୍ ପ୍ରୋସେସିଂ ଇଞ୍ଜିନିୟର ଡ଼.କଳ୍ପନା ରାୟଗୁରୁ, ଏସ୍‌ବିଆଇ ଭୁବନେଶ୍ୱରର ଏଜିଏମ୍ ଡ଼.ମିଲନ କୁମାର ପାତ୍ର, ୟୁନିଅନ୍ ବ୍ୟାଙ୍କର ଡ଼ିଜିଏମ୍ ତଥା ଆଞ୍ଚଳିକ ମୁଖ୍ୟ ନିରଞ୍ଜନ ବାରିକ, ଓଡ଼ିଶା କୋଲ୍ଡ ଷ୍ଟୋରେଜ୍ ଆସୋସିଏସନ୍ ଓଡ଼ିଶାର ପ୍ରେସିଡ଼େଣ୍ଟ ଜନାର୍ଦ୍ଦନ ସାହୁ, ଦେଭିକ୍ ଫୁଡ୍ ଓ ବେଭେରେଜ୍ ପ୍ରା.ଲିର ପ୍ରତିଷ୍ଠାତା ନିର୍ଦ୍ଦେଶକ ଡ଼. ଭାୱାନା ଗୁପ୍ତା ପ୍ରମୁଖ ଯୋଗଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଆଇସିସିର ଆଞ୍ଚଳିକ ମୁଖ୍ୟ ଜେ.ପି ପାଲ ଓ ଅନ୍ୟ ସଦସ୍ୟ ପ୍ରମୁଖ ଉପସ୍ଥିତ ଥିଲେ।

# ଅମ୍ବାନୀ ପରିବାର ପକ୍ଷରୁ ଅନ୍ନସେବା

ନୂଆଦିଲ୍ଲୀ,୨୯।୨

ରିଲାଏନ୍ସ ଇଣ୍ଡଷ୍ଟ୍ରିର ଚେୟାରମ୍ୟାନ ମୁକେଶ ଅମ୍ବାନୀଙ୍କ କନିଷ୍ଠ ସନ୍ତାନ ତଥା ଉଦ୍ୟୋଗପତି ଅନନ୍ତ ଅମ୍ବାନୀ ଏବଂ ନବବଧୂ ରାଧିକା ମର୍ଚ୍ଚାଣ୍ଟଙ୍କର ଶୁଭ ପରିଣୟ (ବିବାହ ପୂର୍ବ କାର୍ଯ୍ୟକ୍ରମ) ପୂର୍ବରୁ ଅମ୍ବାନୀ ପରିବାର ପକ୍ଷରୁ ଅନ୍ନସେବା କାର୍ଯ୍ୟକ୍ରମର ଆରମ୍ଭ କରାଯାଇଛି। ବିଶେଷ କରି ଗୁଜରାଟର ଜାମନଗରସ୍ଥିତ ରିଲାଏନ୍ସ ଟାଉନସିପ ନିକଟବର୍ତ୍ତୀ ଯୋଗବଡ଼ ଗ୍ରାମରେ ମୁକେଶ ଅମ୍ବାନୀ, ଅନନ୍ତ ଅମ୍ବାନୀ ଏବଂ ରାଧିକା ମର୍ଚ୍ଚାଣ୍ଟଙ୍କ ସହ ଅମ୍ବାନୀ ପରିବାରର ଅନ୍ୟ ସଦସ୍ୟଗଣ ଗ୍ରାମବାସୀଙ୍କୁ ପାରମ୍ପରିକ ଗୁଜରାଟୀ ଭୋଜନ ପରଷିଥିଲେ। ଏପରିକି ରାଧିକାଙ୍କ ଜେଜେମା ଏବଂ ମାତାପିତା ବୀରେନ ଓ ଶୈଳା ମର୍ଚ୍ଚାଣ୍ଟ ମଧ୍ୟ ଅନ୍ନସେବାରେ



ଅଂଶଗ୍ରହଣ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ପ୍ରାୟ ୫୧ହଜାର ସ୍ଥାନୀୟ ଅଧିବାସୀଙ୍କୁ ସୁସ୍ୱାଦୁ ଭୋଜନ ପରଷାଯାଇଥିଲା। ଏହି ସେବା ଆଗାମୀ କିଛିଦିନ ପର୍ଯ୍ୟନ୍ତ ଜାରି ରହିବ ବୋଲି ଅମ୍ବାନୀ ପରିବାର ପକ୍ଷରୁ ସୂଚନା ଦିଆଯାଇଛି। ସେହିଭଳି ଅମ୍ବାନୀ ପରିବାର ଅନନ୍ତ ଅମ୍ବାନୀ ଏବଂ ରାଧିକା ମର୍ଚ୍ଚାଣ୍ଟଙ୍କ ବିବାହ ପୂର୍ବ ସମାରୋହ ନିମନ୍ତେ ସ୍ଥାନୀୟ ଜନସାଧାରଣଙ୍କ ଆଶୀର୍ବାଦ ପାଇଁ ଅନ୍ନସେବା କାର୍ଯ୍ୟକ୍ରମର ଆୟୋଜନ କରିଛନ୍ତି। ଏପରିକି ଭୋଜନ ଶେଷ ପରେ ଉପସ୍ଥିତ ଲୋକମାନେ ପାରମ୍ପରିକ ଲୋକ ସଂଗୀତର ଆନନ୍ଦ ଉଠାଇଥିଲେ। ପ୍ରସିଦ୍ଧ ଗୁଜରାଟୀ ଗାୟକ କୀର୍ତ୍ତିଦାନ ଗଢବୀଙ୍କ ସଂଗୀତ ସମସ୍ତଙ୍କ ମନ ମୋହିଥିଲେ। ସେହିପରି ଅମ୍ବାନୀ ପରିବାରରେ ଅନ୍ନସେବା ଏକ ପୁରାତନ ପରମ୍ପରା ପାଲଟିଯାଇଛି, ଦୀର୍ଘ ବର୍ଷ ହେବ ପାରିବାରିକ ଶୁଭ ଅବସରରେ ଅମ୍ବାନୀ ପରିବାର ଅନ୍ନସେବା ଆୟୋଜନ କରିଆସୁଛନ୍ତି। ଗତ କରୋନା ମହାମାରୀ ସମୟରେ ଦେଶ ଯେତେବେଳେ ସଙ୍କଟଜନକ ସ୍ଥିତିରେ ରହିଥିଲା ସେତେବେଳେ ମଧ୍ୟ ଅନନ୍ତଙ୍କ ମା' ନୀତା ଅନ୍ନସେବାର ଆୟୋଜନ କରିଥିଲେ। ନୀତାଙ୍କ ମାର୍ଗଦର୍ଶନରେ ରିଲାଏନ୍ସ ଫାଉଣ୍ଡେଶନ ପକ୍ଷରୁ ଦୁନିଆର ସବୁଠାରୁ ବୃହତ୍ ଅନ୍ନ ବିତରଣ କାର୍ଯ୍ୟକ୍ରମ ଜାରି ରହିଥିଲା। ପାରିବାରିକ ପରମ୍ପରାକୁ ଆଗକୁ ବଢାଇ ଅନନ୍ତ ନିଜ ବିବାହ ପୂର୍ବ କାର୍ଯ୍ୟକ୍ରମର ଶୁଭାରମ୍ଭ ମଧ୍ୟ ଅନ୍ନସେବାରୁ କରିଛନ୍ତି।


## NOTIFIED AREA COUNCIL KESINGA

**"e" Procurement Notice**
**No.396/NAC(K) Dt.29.02.2024**
**Tender ID No. 2024_ORULB_101950**

**No.C-3276:** The Notified Area Council, Kesinga invites online bid in double cover system through e-procurement.

| | | |
|---|---|---|
| Total No. of work | : | 01(One) |
| Approx. value of work | : | Rs.6068351.00 |
| Period of availability of tender for online Bidding | : | From 10.00 hrs. of dt.01.03.2024 to 16.00 hrs. of dt.21.03.2024. |
| Date & Time of opening | : | 21.03.2024 at 17.00 hrs. |
| Class of Contractor | : | Class "B" |

Further details can be seen from the website: **www.tendersodisha.gov.in.**

**Sd./- Executive Officer**
**N.A.C., Kesinga**
**OIPR-13109/11/0035/2324**

## Government of Odisha
## Higher Education Department

**Inviting Applications for Government of Odisha Sponsored UPSC Civil Services Residential Coaching Scheme for the Session 2024-25**

No. N-156: Government in the Higher Education Department is providing free UPSC Civil Services residential Coaching to 200 aspirants who are domiciles of Odisha
1. It is be a residential coaching i.e. food and accommodation will be provided by Government to the selected candidates.
2. There will be a pre-qualifying entrance examination for shortlisting 200 candidates and the date of examination is 5th May, 2024.
3. Coaching will be provided for 11 months for Prelims and Mains examination (General Studies and Optional Paper) as per the syllabus of UPSC.
4. The details guideline in this regard is available in Higher Education Department website: **www.dhe.odisha.gov.in**.

Interested candidates, having the eligibility as mentioned in the guideline, may apply in SAMS portal of Higher Education Department to appear in the entrance examination
Application Fee: Rs.100/- is to be deposited through online mode at the time of submission of application

| Description | Timeline |
|---|---|
| Availability of Common Application Form (CAF) & Advertisement in the SAMS website | 01.03.2024 (04.00 P.M.) |
| Last date & time of applying online (in CAF) | 02.04.2024 (11.45 P.M.) |
| Availability of Admit Card in SAMS & SSB websites | 29.04.2024 Onwards |
| Date of Examination | 05.05.2024 |

**For more details please contact**
**Helpdesk@0674-2954600, e-mail: civilservicesscheme2024@gmail.com**

**OIPR-11001/11/0095/2324**

## VSS INSTITUTE OF MEDICAL SCIENCES & RESEARCH (VIMSAR)

**Ayur Vihar, Burla, Sambalpur, Odisha - 768017**

**Walk-in-Interview for Selection of Medical Physicists and Veterinary Assistant Surgeon in VIMSAR on Contractual Basis**

**Advertisement Notice No. 263 and 264/Director/VIMSAR/Dt.29.02.2024**

No. E-898: Applications are invited from eligible candidates to fill up the above mentioned vacant posts at VIMSAR. The details of educational qualification, selection procedure, terms and conditions etc. are published in the institute website: **www.vimsar.ac.in.**
Date of Walk-in-Interview: 07.03.2024.

**Sd./- Director, VIMSAR, Burla**
**OIPR-11056/11/0003/2324**

## OFFICE OF THE SUPERINTENDENT BHIMA BHOI MEDICAL COLLEGE & HOSPITAL

**At/P.O./Dist.: Balangir, PIN - 767001 (Odisha), E-mail: gmchospitalbalangir1@gmail.com**
**Letter No. IX-F-82/2024/1750/Store (BBMC&H)/2024, Balangir Date: 28.02.24**

**CORRIGENDUM NOTICE-1**

No. E-897: With reference to tender advertisement No. 1010/Estt. (BBMC&H)/24 Dtd.21.02.2024 issued by this office on Dt.21.02.2024.
All bidders are hereby informed:
1. That they shall quote their price for 2 Nos. Bolero/Sumo type vehicle instead of 01 No. Tiago/Bolt/Celerio/Indigo and 01 No. TUV300/Bolero/Sumo as advertised in the tneder for "Tender for Providing Commercial Vehicles (Petrol) including Driver" to the BBMC&H, Balangir.
2. The bidders are required to submit the EMD amount of Rs.5000/- (Rupees five thousand) only in the form of DD instead of the EMD amount of Rs.3000/- (Rupees three thousand) only as previosuly advertised in the tender.

**Sd./- Superintendent**
**OIPR-10141/11/0034/2324 Bhima Bhoi Medical College & Hospital, Balangir**

## OFFICE OF THE DIVISIONAL FOREST OFFICER, BERHAMPUR DIVISION

**At: Courtpeta, Brahmapur - 760004, Phone/FAX: 0680-2281354,**
**Mob.: +91-7653908594, E-mail: dfo.berhampur@odisha.gov.in**
**Short Tender Call Notice No. 63/2024/IF Dated, 27th February, 2024**

**TENDER FOR CONSTRUCTION OF ECO-RESORT AT: GHODAHADA IN DIGAPAHANDI RANGE OF BERHAMPUR FOREST DIVISION**

No. MM-486: The Divisional Forest Officer, Brahmapur Forest Division on behalf of Governor of Odisha invites percentage rate bid in OFFLINE mode from eligible contractors with valid licences for execution of Building & other work as detailed in DTCN.

| | | | |
|---|---|---|---|
| 1. | Nature of Works | : | Construction of Eco-Resort at Ghodahada of Digapahandi Range of Brahmapur Forest Division |
| 2. | No. of Work | : | One Eco-Resort at Ghodahada, Digapahandi Range in Brahmapur Division |
| 3. | Tender Form Cost | : | Rs.10,000/- only |
| 4. | Estimate Cost | : | Rs.439.575/- Lakh (Four Crore Thirty Nine Lakh Fifty Seven Thousand Five Hundred) only (Including GST) |
| 5. | Class of Contractor | : | "A" & "B" Class Contractor |
| 6. | Availability of bid document in the Office of the Divisional Forest Officer, Brahmapur Division | : | From Dt.28.02.2024 10.00 A.M. to Dt.06.03.2024 5.00 P.M. |
| 7. | Last date and time of submission of bids in tender box of office | : | 06.03.2024 at 5.00 P.M. |
| 8. | Date of Opening of Bid | : | Dt.07.03.2024 at 11.00 A.M. |
| 9. | The bidders have to participate in OFFLINE bidding only. | | |

**Sd./- Divisional Forest Officer**
**Brahmapur Division**
**OIPR-08038/11/0031/2324**

## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................


ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ସ୍କୁଲରେ ଶୋଇଲେ ଶିକ୍ଷକ, ଘରକୁ ଫେରିଲେ ପିଲା



**ବଇଣ୍ଡା,୨୯।୨ (ପରିକ୍ଷିତ ସାହୁ)**

ପିଲାଙ୍କୁ ପଢ଼ାଇବା ପରିବର୍ତ୍ତେ ସ୍କୁଲ କାର୍ଯ୍ୟାଳୟରେ ଶୋଇପଡ଼ିଲେ ଶିକ୍ଷକ। ଦୀର୍ଘ ସମୟ ଯାଏ ଶିକ୍ଷକ ଜଣକ ନ ଉଠିବାରୁ ଶେଷରେ ବିଦ୍ୟାଳୟରେ ବସି ବସି ଘରକୁ ଫେରିଲେ ପିଲା। ଅନୁଗୋଳ ଜିଲା କିଶୋରନଗର ବ୍ଲକ ବାମୁର ପଞ୍ଚାୟତ ରେଙ୍ଗାଳବେଡ଼ା ଗ୍ରାମରେ ଥିବା ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଗୁରୁବାର ଦେଖିବାକୁ ମିଳିଛି ଏପରି ଘଟଣା। ଶିକ୍ଷକଙ୍କ ଏଭଳି କାର୍ଯ୍ୟକୁ ନେଇ ଗ୍ରାମରେ ଅସନ୍ତୋଷ ଦେଖାଦେଇଥିବା ବେଳେ ଗ୍ରାମବାସୀ ବ୍ଲକ ଶିକ୍ଷା ଅଧିକାରୀଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଅଭିଯୋଗପତ୍ରରେ ଉଲ୍ଲେଖ କରାଯାଇଛି, ରେଙ୍ଗାଳବେଡ଼ା ଗ୍ରାମରେ ଥିବା ସରକାରୀ ପ୍ରାଥମିକ ବିଦ୍ୟାଳୟରେ ୩୯ ଛାତ୍ରୀଛାତ୍ର ପଢୁଥିବା ବେଳେ ୨ ଜଣ ଶିକ୍ଷକ ନିଯୁକ୍ତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ଜଣେ ଶିକ୍ଷକ ବ୍ଲକରେ ଚାଲିଥିବା ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଯୋଗ ଦେଇଛନ୍ତି। ଅନ୍ୟ ଜଣେ ଶିକ୍ଷକଙ୍କୁ ବିଦ୍ୟାଳୟ ଦାୟିତ୍ୱ ହସ୍ତାନ୍ତର କରାଯାଇଛି। ହେଲେ ବିଦ୍ୟାଳୟ ଦାୟିତ୍ୱରେ ଥିବା ଶିକ୍ଷକ ଜଣକ ଗୁରୁବାର ପୂର୍ବାହ୍ନ ୧୦ଟା ବେଳେ ମଦ୍ୟପାନ କରି ବିଦ୍ୟାଳୟକୁ ଆସିବା ସହ ଛାତ୍ରୀଛାତ୍ରଙ୍କୁ ପାଠ ନ ପଢ଼ାଇ କାର୍ଯ୍ୟାଳୟ ଭିତରେ ଶୋଇପଡ଼ିଥିଲେ। ଅପରାହ୍ନ ଯାଏ ଶିକ୍ଷକ ଜଣକ ଶୋଇ ରହିଥିବା ଜାଣି ଗ୍ରାମବାସୀ ଏ ସମ୍ପର୍କରେ ବ୍ଲକ ଶିକ୍ଷା ଅଧିକାରୀଙ୍କ ଠାରେ ଅଭିଯୋଗ କରିଥିଲେ। ବ୍ଲକ ଶିକ୍ଷା ଅଧିକାରୀଙ୍କ ନିର୍ଦ୍ଦେଶ କ୍ରମେ ସିଆର୍‌ସିସି ବବ୍ରୁବାହାନ ପ୍ରଧାନ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛନ୍ତି। ତୁରନ୍ତ ସମ୍ପୃକ୍ତ ଶିକ୍ଷକଙ୍କୁ ବଦଳି କରି ଅନ୍ୟ ଜଣେ ଶିକ୍ଷକଙ୍କୁ ନିଯୁକ୍ତି କରିବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି। ଏ ସମ୍ପର୍କରେ ବ୍ଲକ ଶିକ୍ଷା ଅଧିକାରୀ ଅରୁଣ କୁମାର ସେଠୀ କହିଛନ୍ତି, ମଦ୍ୟପାନ କରି ଶିକ୍ଷକ ବିଦ୍ୟାଳୟରେ ଶୋଇଥିବା ସମ୍ପର୍କରେ ଅଭିଯୋଗ ହେବା ପରେ ତଦନ୍ତ ପାଇଁ ସିଆର୍‌ସିସିଙ୍କୁ ଦାୟିତ୍ୱ ଦିଆଯାଇଛି। ରିପୋର୍ଟ ଆସିଲା ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

# ବାଇକ୍-ସ୍କୁଟି ଧକ୍କା, ୩ ମୃତ

**ବାରିପଦା,୨୯।୨(ନୀଳାଦ୍ରି ବିହାରୀ ଦଣ୍ଡପାଟ)**

ମୟୂରଭଞ୍ଜ ଜିଲା ବାରିପଦା-ଉଦଳା ରାଜ୍ୟ ରାଜପଥର ବାଲିଯୋଡ଼ା ନିକଟରେ ଗୁରୁବାର ବାଇକ୍-ସ୍କୁଟି ଧକ୍କାରେ ୩ଜଣଙ୍କ ମୃତ୍ୟୁ ଘଟିଛି। ମୃତକମାନେ ହେଲେ ବଡ଼ସାହି ଥାନା ଗୁଡ଼ିଆଲବନ୍ଧ ଗ୍ରାମର ଲକ୍ଷ୍ମଣ ସିଂ(୨୦) ଓ ଆକାଶ ବିନ୍ଧାଣୀ(୧୫) ଏବଂ ଦଲକିଶୋଳର ରାଜେନ ସିଂ(୨୫)। ଦୁର୍ଘଟଣା ପରେ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ପୋଲିସ ପହଞ୍ଚି ବୁଝାଶୁଝା କରିବା ପରେ

### ମୃତକଙ୍କ ଚକ୍ଷୁଦାନ କଲେ ପରିବାର ଲୋକେ

ପରିସ୍ଥିତି ଶାନ୍ତ ପଡ଼ିଥିଲା। ସୂଚନା ଅନୁଯାୟୀ, ଆକାଶ ଓ ଲକ୍ଷ୍ମଣ ଔଷଧ ଆଣିବାକୁ ସ୍କୁଟି ଯୋଗେ ସାନକେରକ ଅଭିମୁଖେ ଯାଉଥିବା ସମୟରେ ବିପରିତ ଦିଗରୁ ଆସୁଥିବା ରାଜେନଙ୍କ ବାଇକ୍ ସହ ଧକ୍କା ହୋଇଥିଲା। ଦୁର୍ଘଟଣାରେ ଗାଡ଼ି ଦୁଇଟି ସମ୍ପୂର୍ଣ୍ଣ ଭାଙ୍ଗିରୁଜି ଯାଇଥିବା ବେଳେ ୩ଜଣଙ୍କର ମୃତ୍ୟୁ ହୋଇଥିଲା। ତେବେ ପରିବାର ଲୋକେ ମୃତ ଲକ୍ଷ୍ମଣ ଓ ରାଜେନଙ୍କ ଚକ୍ଷୁଦାନ କରିଥିବା ସୂଚନା ମିଳିଛି।

# ୧୭ରେ ପ୍ରଥମ ରାଷ୍ଟ୍ରୀୟ ଲୋକ ଅଦାଲତ

**କଟକ,୨୯।୨ (କାର୍ତ୍ତିକ ସାହୁ)**

ହାଇକୋର୍ଟ ଲିଗାଲ ସର୍ଭିସ କମିଟି ପକ୍ଷରୁ ଚଳିତବର୍ଷର ପ୍ରଥମ ରାଷ୍ଟ୍ରୀୟ ଲୋକ ଅଦାଲତ ଆସନ୍ତା ମାର୍ଚ୍ଚ ୧୭ ତାରିଖରେ ହାଇକୋର୍ଟରେ ଅନୁଷ୍ଠିତ ହେବ। ଏହି ଲୋକ ଅଦାଲତ ମାର୍ଚ୍ଚ ୯ ତାରିଖରେ ହେବ ବୋଲି ପୂର୍ବରୁ ନ୍ୟାଶନାଲ ଲିଗାଲ ସର୍ଭିସ ଅଥରିଟି ପକ୍ଷରୁ ଘୋଷଣା କରାଯାଇଥିଲା। ମାତ୍ର ଏହା ମହାଶିବରାତ୍ରି ପରଦିନ ପଡୁଥିବାରୁ ଏହାକୁ ପରିବର୍ତ୍ତନ କରାଯାଇଥିବା ହାଇକୋର୍ଟ ଲିଗାଲ ସର୍ଭିସ କମିଟି ପକ୍ଷରୁ ଗୁରୁବାର ପ୍ରେସ୍ ଇସ୍ତାହାରରେ ସୂଚନା ଦିଆଯାଇଛି।


## CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

**OAS HUB**
*Make your dreams into reality*
**OAS / IAS**
JOIN NEW PRELIMS TO PERSONALITY TEST (P2P) BATCH.
For Odisha Administrative Services.
**ADMISSION OPEN NOW**
Somi Palace, Plot No. M5/17, Ground Floor, Acharya Vihar, Bhubaneswar
Contact Us:
**8926232634**
**9827166018**

**ADMISSION OPEN**
**B.Ed, M.Ed, B.P.Ed.**
Equivalent of Utkal University
Lowest Fees
Odisha School of Professional Studies
Address:
Plot No.N2/57, 2nd Floor, Near N2 Park, IRC Village, Nayapalli, Bhubaneswar- 751015
CONTACT NO.
**7008096933**
**9692828174**

**ପାଠକଙ୍କ ପାଇଁ ସୂଚନା:** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ମନେ ପଡ଼ନ୍ତି

**ପ୍ରଥମ ଶ୍ରାଦ୍ଧବାର୍ଷିକୀ**



**୰ ସଛୀ ଦେଇ**
ସ୍ୱା: ୰ସୁଦର୍ଶନ ସେଠୀ
ରଥଗଡ଼ା, ଗଣେଶବଜାର, ଢେଙ୍କାନାଳ
ତିରୋଧାନ-୧୨।୦୨।୨୦୨୩
ତୁମ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ପାଇଁ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କ ନିକଟରେ ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ: ପୁତ୍ର, ପୁତ୍ରବଧୂ, ଝିଅ, ଜ୍ୱାଇଁ, ନାତି, ନାତୁଣୀବୋହୂ, ନାତୁଣୀ, ନାତୁଣୀଜ୍ୱାଇଁ, ଅଣନାତି, ଅଣନାତୁଣୀ, ବନ୍ଧୁ, ପରିବାରବର୍ଗ ଓ ଆତ୍ମୀୟସ୍ୱଜନ।
ଧ-୭୫୪୧୮



**୰ନାରାୟଣ ସାହୁଙ୍କ**
ପ୍ରଥମ ଶ୍ରାଦ୍ଧବାର୍ଷିକୀ ଅବସରରେ
ଅଶ୍ରୁଳ ଶ୍ରଦ୍ଧାଞ୍ଜଳୀ
ଧ-୨୬୬୪

**ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**୰ପ୍ରଦୀପ କର୍ମୀ**
ଆବିର୍ଭାବ- ୨୭।୦୩।୧୯୭୯
ତିରୋଧାନ- ୧୬।୦୨।୨୦୨୪
ତୁମ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ: ମାଁ ଉଷାବତୀ କର୍ମୀ, ପତ୍ନୀ- ପଙ୍କଜିନୀ କର୍ମୀ, ନାନୀ- ଶକୁନ୍ତଳା କର୍ଣ୍ଣ, ମମତା କର୍ଣ୍ଣ, ଭଣଜା- ନମନ, ଭାଣିଜୀ- ରୋଜାଲିନ, ନିକିତା, କପୁ ଓ କର୍ମୀ ପରିବାରବର୍ଗ।
ଧ-୨୬୫୨

# Classified Everyday
## 0674-2580101, 2549949


REAL ESTATE

**SALE**

**Ready to move 2BHK and 3BHK flat for sale near TATA Ariana at Kalinga Vihar. Contact- 9437309741.** D-2609

**Plot sale Bhubaneswar, Sundarpada Road**ରେ ଦଧିବାମନପୁର ମୌଜା **yellowzone** ଘରବାରି **30' road, pole** ଥାଇ **sqft.- 1200/-** ମିଳୁଛି। **Biswajit- 7008184348.** D-71069

**Gharabari plot 1100sf. near Lingaraj Temple, no litigation, Direct Owner, Immediate sale. 9178924698.** D-2545

**House for sale at Bhubaneswar Jayadeb Bihar Behind HDFC Bank, near Petrol Pump Bishnupriya Apartment, 2 Bed Rooms, Dining & Drawing Room, Kitchen, 2 Bath Rooms, 1 Balcony. SBA 910sqft. Carpet Area 750sqft. on top Floor, Parking out side Apartment Wall. Contact: 9937094663.** D-2591

ଭୁବନେଶ୍ୱର ଟଙ୍କପାଣି ସାଇ ମନ୍ଦିର ପିଚୁ ରାସ୍ତାକୁ ଲାଗି ଘରବାଡ଼ି ପାଚେରି ପ୍ଲଟ୍ ପଟ୍ଟାରୁ ବିକ୍ରି ହେବ। **9827119799.** D-2605

ଭୁବନେଶ୍ୱର ଜଟଣୀଗେଟ୍ କିଛି ଦୂରତାରେ 1200sqft., 3,60,000/- ଛଡାବର Bypass sqft.-500/-. 9776974912. D-75919

Duplex project at Retanga Medical Station near C.V. Raman University Tamando, Bhubaneswar. 7008459987. D-75912

ଭୁବନେଶ୍ୱର ପଟିଆ ତ୍ରିଶୁଳିଆ ଛକ ପାଖରେ **100ft. roadside yellowzone 30ft.** ରାସ୍ତା ଥାଇ ସଙ୍ଗେସଙ୍ଗେ ଘର କଲାଭଳି ପୋଜେସନ୍ ପ୍ଲଟ୍ ମିଳୁଛି। **7978701424, 9937025614.** D-75299

**ଭୁବନେଶ୍ୱର** Hot Location **ତ୍ରିଶୂଳିଆ ଛକ ନିକଟବର୍ତ୍ତୀ** CISF, Sai International School ଓ Central Schoolଠାରୁ 700 mtrs. ମଧ୍ୟରେ 30ft. Road, Electricity, Boundary ଥାଇ 'Srikrishna Vihar'ରେ ପ୍ଲଟ୍ ବିକ୍ରିହେବ। **6371902075, 9776602067.** D-75921

Ready to possess 2/3 BHK flats near Badagada Canal Road, Mouza: Meherpalli for sale. Bank finance available. Cotact: 9861467987 / 9861336178. D-2653

**GENERAL**

**PURCHASE**

ରେଲୱେ ସାଇଟ୍‌ରେ ମାଟିର ଆବଶ୍ୟକ। ପୁନାମାଗେଟ୍- ୨୦୦ ଟ୍ରିପ୍ (ହାଇୱା), ଚୂଡ଼ଙ୍ଗଗଡ଼ ବାରଙ୍ଗ- ୪୦୦ଟ୍ରିପ୍ (ହାଇୱା)। ଫୋନ୍ ନଂ.- ୯୧୭୮୯୨୪୬୯୮. ଧ-୨୫୪୬

ପାଠକଙ୍କ ପାଇଁ ସୂଚନା- କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


CONSTRUCTION

**Quality construction for your home with premium material, BDA approval, Vastu Complaints, (Architectural plan free) OD Group-Er. Bijaya Kumar. 9438330195.** D-75913




Shop room (10'x10') 2 Nos. opposite College Jayadev Vihar, Main Road, Bhubaneswar. Contact: 7008296802. D-2655

2BHK, 3BHK, drawing-dining, Puja room near Puri Bypass Road, Koradkanta, Bhubaneswar. Contact: 7008296802. D-2656




Relax refreshment body massage therapy by experience lady therapist. 7008773793. D-76102

**Ashirvaad Salon and SPA get good massage for your health tha best therapy. 7077181074.** D-75711

**Relax, Refresh your body, Mind at Saikrupa Spa with best therapies. 8984068077.** D-2600

Kerala body massage best therapist @ 699/- Bhubaneswar. 9337672475. Ganeshspa.in. D-2612

Refreshments body massage therapy with experience therapists, Ashirvad Panchakarma SPA, Keshari Mall, Bhubaneswar- 8926173473. D-67129

**Newly open health benefits spa special offer@999 Bapujinagar, 8018429809.** D-76105

Relax, refresh your body, mind by expert therapist. Contact: 9938843929. D-76104

**AFFIDAVIT**

By virtue of an affidavit sworn before Executive Magistrate, Angul 27.02.2024 I have changed my surname from Lucky Luha to Lucky Sahoo. Hence, I shall be known as Lucky Sahoo for all purpose. D-2661

By virtue of an affidavit sworn before Executive Magistrate, Angul, 27.02.2024, I have changed my surname from Bangiri Naik to Bangiri Sahoo. Hence, I shall be known as Bangiri Sahoo for all purpose. D-2660

By virtue of an affidavit sworn before Executive Magistrate, Angul, 27.02.2024, I have changed my surname from Sudarsan Naik to Sudarsan Sahoo. Hence, I shall be known as Sudarsan Sahoo for all purpose. D-2659

By virtue of an affidavit sworn before Executive Magistrate, Angul, 27.02.2024, I have changed my surname from Krishna Chandra Naik to Krishna Chandra Sahoo. Hence, I shall be known as Krishna Chandra Sahoo for all purpose. D-2658

By virtue of an affidavit sworn before Executive Magistrate, Angul 27.02.2024, I have changed my surname from Shibani Naik to Shibani Sahoo. Hence, I shall be known as Shibani Sahoo for all purpose. D-2657

By virtue of an affidavit sworn before the Notary Public, Cuttack on date 27.02.2024, I, Keshab Chandra Senapaty, S/o Late Khatu Senapaty, permanent resident of Village: Balikuda, P.O.- Saudia, P.S.- Balichandrapur, Dist.- Jajpur- 754292 have changed my name / surname from K.C. Senapaty to Keshab Chandra Senapaty. Henceforth, I shall be known as Keshab Chandra Senapaty for all purposes. D-2662

I, Marium Khalique, D/o- Sk. Abdul Khalique, W/o- Mohammad Sarfaraz, Resident of Oriyabazar, Tara Bidi Company, P.S.: Darghabazar, Dist.- Cuttack-1 declare by this Affidavit No. 1291 dtd.28.02.2024 that, now onwards I shall be known as MARIYAM SARFARAZ for all future purposes. D-75318

By virtue of an affidavit No.- 161 dated 19.02.2024, sworn before Executive Magistrate, Bhadrak. I, Hiranya Kumar Nayak (46), S/o- Naba Kishore Nayak, Vill.- Sridharpur, P.S.– Bhadrak(R), Dist.-Bhadrak hereby declare that my Minor son has an LIC Policy bearing No.- 588878941. Where in his name is recorded Raja Nayak, S/o- Hiranya Nayak. But his actual name is Debakanta Nayak, S/o- Hiranya Kumar Nayak as per Aadhaar card. Hence Raja Nayak and Debakanta Nayak same and one person. D-2663

Your classified advertisement published in Dharitri will be listed free in Dharitri online edition: **dharitriepaper.in**

See Career Appointment on every **Wednesday & Saturday**

**LOST**

ମୁଁ ବନ୍ଦିତା ଦାସ, ସ୍ୱା.- ବିଜୟ କୁମାର ଦାସ, ଦାରୁଠେଙ୍ଗ ମୌଜାରେ ଗୋଟିଏ ଜମି ପ୍ରହ୍ଲାଦ ମଲ୍ଲିକଙ୍କଠାରୁ କିଣିଅଛି। ପ୍ରହ୍ଲାଦ ମଲ୍ଲିକ ଏହି ଜମିକୁ ଯଶୋଦା ଓରଫ ଦୋସା ଜେନାଙ୍କଠାରୁ କିଣିଥିଲେ। ସେ ଦଲିଲ ନଂ.2815, Dtd. 16.04.2009 କିଣି ତାକୁ ନିଜ ନାମରେ ପଟ୍ଟା କରିନେଇଥିଲେ, ଯାହାର ଖାତା ନଂ. 801/2460, Plot No. 3025/10088, Area- Ac 0.037 Dec. I ମୋତେ ଯେତେବେଳେ ପ୍ରହ୍ଲାଦ ମଲ୍ଲିକ ବିକିଲେ, ସବୁ original documents ଦେଇଥିଲେ। ମୁଁ ତା12.01.2024ରିଖ ଦିନ KIIT College ଠାରୁ Infocity ଯିବା ରାସ୍ତାରେ କେଉଁଠି ହଜାଇଦେଲି। ଯେତେ ଚେଷ୍ଟା କଲେ ବି documentକୁ ପାଇଲି ନାହିଁ। ମୁଁ ଏହି documentକୁ କୌଣସି ବ୍ୟାଙ୍କରେ ବନ୍ଧକ ହିସାବରେ ଦେଇନାହିଁ। ଯଦି କେହି ସହୃଦୟ ବ୍ୟକ୍ତି ପାଆନ୍ତି, ଦୟାକରି ଏହି ନମ୍ବରରେ contact କରିବେ। Phone Number: 8050379709. D-2650

**ଧରିତ୍ରୀ DHARITRI**
**Scan & Pay**
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।
BHIM UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ **classifieddharitri@gmail.com** ରେ ଇମେଲ୍ କରନ୍ତୁ।

# ଏଲିନାଙ୍କୁ ଦିଲୀପଙ୍କ ପ୍ରଶଂସା

ରାଉରକେଲା,୨୯।୨(ପି.ଟି.)

ହକି ଇଣ୍ଡିଆର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ(ସିଇଓ) ଏଲିନା ନର୍ମାନ ମଙ୍ଗଳବାର ଇସ୍ତଫା ପ୍ରଦାନ କରିବା ପରେ ସଭାପତି ଦିଲୀପ ତିର୍କୀ ମୁହଁ ଖୋଲିଛନ୍ତି। ଜଣେ ସିଇଓ ଭାବରେ ଏଲିନା ଉଲ୍ଲେଖନୀୟ କାମ କରିବା ସହ ଭାରତରେ ହକିର ବିକାଶ କରିଛନ୍ତି ବୋଲି ସେ କହିଛନ୍ତି। ତେବେ ହକି ଇଣ୍ଡିଆରେ ଗୋଷ୍ଠୀ ବିବାଦ ଚାଲିଥିବା ନେଇ ଏଲିନା କରିଥିବା ଅଭିଯୋଗକୁ ଖଣ୍ଡନ କରିଛନ୍ତି ପୂର୍ବତନ ଭାରତୀୟ ଅଧିନାୟକ। ଗୁରୁବାର ଗଣମାଧ୍ୟମ ପ୍ରତିନିଧିଙ୍କ ସହ ବାର୍ତ୍ତାଳାପ ସମୟରେ ସେ ଏହି ବୟାନ ଦେଇଛନ୍ତି। ତେବେ ଭାରତୀୟ ହକିର ବିକାଶରେ ଏଲିନାଙ୍କ ଭୂମିକା ବେଶ୍ ଗୁରୁତ୍ୱପୂର୍ଣ୍ଣ ବୋଲି କହିଛନ୍ତି ଦିଲୀପ। ସେ ଦାୟିତ୍ୱ ନେବା ପରଠାରୁ ଭାରତୀୟ ହକି ନିୟମିତ ସଫଳ ହୋଇଥିଲା ବୋଲି କହିଥିଲେ। ଏହା ସହ ଭାରତୀୟ ହକି ପ୍ରତି ଏଲିନାଙ୍କ ଅବଦାନକୁ


ଦିଲୀପ ତିର୍କୀ

ଆମେ ସମ୍ମାନ କରୁଛୁ ବୋଲି ସେ କହିଛନ୍ତି। ମଙ୍ଗଳବାର ଇସ୍ତଫା ପ୍ରଦାନ କରିବା ସହ ଗୋଷ୍ଠୀ ବିବାଦର ଅଭିଯୋଗ ଆଣିଥିଲେ ଏଲିନା। ସେ କହିଥିଲେ, ହକି ଇଣ୍ଡିଆ ସଭାପତି ଦିଲୀପ ତିର୍କୀ ଓ ମୁଁ ଗୋଟିଏ ଗୋଷ୍ଠୀରେ ଥିବାବେଳେ ମହାସଚିବ ଭୋଳାନାଥ ସିଂ, କାର୍ଯ୍ୟକାରୀ ନିର୍ଦ୍ଦେଶକ କମୋଡର ଆର୍. କେ. ଶ୍ରୀବାସ୍ତବ ଓ କୋଷାଧ୍ୟକ୍ଷ ଜେ. ମନୋହରନ ଅନ୍ୟ ଏକ ଗୋଷ୍ଠୀରେ ରହିଥିଲେ। ଦୁଇଟି ଗୋଷ୍ଠୀ ମଧ୍ୟରେ ଦ୍ୱନ୍ଦ୍ୱ ରହିଥିବା ବେଳେ ଆବଶ୍ୟକ ଫଳାଫଳ ମିଳିବା କଷ୍ଟକର ବୋଲି ସେ କହିଥିଲେ। ତେବେ ବୁଧବାର ଉଭୟ ଦିଲୀପ ଓ ଭୋଳାନାଥ ସିଂ ଏହି ଅଭିଯୋଗକୁ ଖଣ୍ଡନ କରିଥିଲେ। ଏଲିନା ନିଜ ବୟାନରେ ଦିଲୀପ ଭାରତୀୟ ହକିର ବିକାଶ ପାଇଁ କାର୍ଯ୍ୟ କରୁଥିବା ନେଇ କହିଥିବା ବେଳେ ଭୋଳାନାଥ କେବଳ କ୍ଷମତା ହାସଲ ପାଇଁ ଚାହାନ୍ତି ବୋଲି କହିଥିଲେ।

ଏହା ସହ ଭାରତୀୟ ମହିଳା ଦଳର ଖରାପ ପ୍ରଦର୍ଶନକୁ ନେଇ ଆଲୋଚନା ହେଉଥିବା ବେଳେ ଏହା ଉପରେ ମଧ୍ୟ ବୟାନ ଦେଇଛନ୍ତି ହକି ଇଣ୍ଡିଆ ସଭାପତି। ସେ କହିଛନ୍ତି ୨୦୨୩ରେ ଭାରତୀୟ ମହିଳା ହକି ଦଳ ଚମତ୍କାର ପ୍ରଦର୍ଶନ କରିଥିଲା। ତେବେ ଭାଗ୍ୟ ଭାରତର ସାଥ୍ ନ ଦେବା କାରଣରୁ ଆମେ ଅଲିମ୍ପିକ୍ସ ପାଇଁ ଯୋଗ୍ୟତା ହାସଲରେ ବିଫଳ ହୋଇଥିଲୁ। ଏଫ୍ଆଇଏଚ୍ ନେସନ୍ସ କପ୍, ଏସିଆନ୍ ଗେମ୍ସ ଓ ଅଲିମ୍ପିକ୍ସ ଯୋଗ୍ୟତା ପର୍ଯ୍ୟାୟରେ ଭାରତୀୟ ଦଳ ଚମତ୍କାର ପ୍ରଦର୍ଶନ କରିଥିଲେ ହେଁ ଯୋଗ୍ୟତା ହାସଲରେ ବିଫଳ ହୋଇଥିଲା। ଏହା ସହିତ ମହିଳା ହକି ଦଳର ବିଦାୟୀ କୋଚ୍ ଜାନେକ୍ ସ୍କୁପମାନଙ୍କୁ ମଧ୍ୟ ଦିଲୀପ ପ୍ରଶଂସା କରିଥିଲେ। ଭାରତୀୟ ଦଳ କାହିଁକି ବିଫଳ ହେଲା ଏହାର ବିଶ୍ଳେଷଣ ମଧ୍ୟ କରିଛୁ। ଆଉଥରେ ଆରମ୍ଭ କରିବା ପାଇଁ ଏହା ଲାଭଦାୟକ ହେବ। ମହିଳା ଦଳ ପାଇଁ ସମସ୍ତ ପ୍ରକାର ଆବଶ୍ୟକ ସୁବିଧା ଯୋଗାଇ ଦିଆଯିବ ବୋଲି କହିଛନ୍ତି ଦିଲୀପ। ପୁରୁଷ ଦଳ ପ୍ୟାରିସ୍ ୨୦୨୪ ଅଲିମ୍ପିକ୍ସ ପାଇଁ ଯୋଗ୍ୟତା ଅର୍ଜନ କରିସାରିଥିବା ବେଳେ ଭଲ ପ୍ରଦର୍ଶନ କରିବା ନେଇ ଆଶାବାଦୀ ବୋଲି ସେ କହିଛନ୍ତି।

# ଟ୍ରାଏଲ୍ସରେ ଯୋଗଦେବେନି ବଜରଙ୍ଗ

ନୂଆଦିଲ୍ଲୀ, ୨୯।୨(ପି.ଟି.)

ଆଗାମୀ ନ୍ୟାଶନାଲ ସିଲେକ୍ସନ ଟ୍ରାଏଲ୍ସରେ ଭାଗ ନେବେ ନାହିଁ ଅଗ୍ରଣୀ ଭାରତୀୟ କୁସ୍ତିଯୋଦ୍ଧା ବଜରଙ୍ଗ ପୁନିଆ। ଭାରତୀୟ କୁସ୍ତି ମହାସଂଘ (ଡବ୍ଲ୍ୟୁଏଫ୍ଆଇ) ତରଫରୁ ତାଙ୍କୁ କରାଯାଇଥିବା ଆମନ୍ତ୍ରଣକୁ ସେ ପ୍ରତ୍ୟାଖ୍ୟାନ କରିଛନ୍ତି। ଅନ୍ୟପକ୍ଷରେ ମାର୍ଚ୍ଚ ୧୦-୧୧ରେ ଡବ୍ଲ୍ୟୁଏଫ୍ଆଇ ତରଫରୁ ଆୟୋଜିତ ଏହି ସିଲେକ୍ସନ ଟ୍ରାଏଲ୍ସ ଉପରେ ରହିତାଦେଶ ପାଇଁ ସେ ଦିଲ୍ଲୀ ହାଇକୋର୍ଟରେ ଏକ ମିଳିତ ପିଟିଶନ ଦାଖଲ କରିଛନ୍ତି। ଖବର ଅନୁସାରେ ବଜରଙ୍ଗ, ଭିନେଶ ଫୋଗଟ, ସାକ୍ଷୀ ମଲିକ ଏବଂ ତାଙ୍କ ସ୍ୱାମୀ ସାତ୍ୟିବ୍ରର୍ତ କାଡିୟାନ ବୁଧବାର କୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ମାମଲାର ଶୁଣାଣି ଶୁକ୍ରବାର ହେବ। ତେବେ ବଜରଙ୍ଗ ପିଟିଶନ ଦାଖଲ କରିଥିବା ବିଷୟ ସ୍ପଷ୍ଟ କରିନାହାନ୍ତି। ଭାରତର କୁସ୍ତି ବ୍ୟାପାରରେ ସରକାର କାହିଁକି ନୀରବତା ଅବଲମ୍ବନ କରୁଛନ୍ତି ସେ ନେଇ ପ୍ରଶ୍ନ ଉଠାଇଛନ୍ତି। ଦିଲ୍ଲୀର ଆଇଜି ଷ୍ଟାଡିୟମରେ ଟ୍ରାଏଲ୍ସ ଭିତିରେ ମନୋନୀତ କୁସ୍ତିଯୋଦ୍ଧାମାନେ ଆସନ୍ତା ମାସରେ କିରଗିଜସ୍ତାନରେ


ବଜରଙ୍ଗ ପୁନିଆ

ଅନୁଷ୍ଠିତ ହେଉଥିବା ଏସିଆନ ରେସ୍ଲିଂ ଚାମ୍ପିୟନଶିପ୍ ଅଲିମ୍ପିକ କ୍ୱାଲିଫାୟର ଲାଗି ଭାରତୀୟ ଦଳ ମନୋନୟନ ହେବ। ବଜରଙ୍ଗ ଦୁଇମାସ ହେଲା ରୁଷିଆରେ ଟ୍ରେନିଂ ନେଇ ଆସୁଛନ୍ତି। ସଞ୍ଜୟ ସିଂଙ୍କ ନେତୃତ୍ୱାଧୀନ ଡବ୍ଲ୍ୟୁଏଫ୍ଆଇ ଦ୍ୱାରା ଆୟୋଜିତ ଟ୍ରାଏଲ୍ସରେ ଅଂଶଗ୍ରହଣ କରିବେ ନାହିଁ ବୋଲି ସେ କହିଛନ୍ତି। ବଜରଙ୍ଗ କହିଛନ୍ତି, ଟ୍ରାଏଲ୍ସରେ ଯଦି ତାଙ୍କର ଅଂଶଗ୍ରହଣ କରିବାର ନ ଥିଲା ତେବେ ସେ ଟ୍ରେନିଂରେ ୩୦ ଲକ୍ଷ ଟଙ୍କା ଖର୍ଚ୍ଚ କରି ନ ଥାନ୍ତେ। ହେଲେ ସସ୍ପେଣ୍ଡ ହୋଇଥିବା ଡବ୍ଲ୍ୟୁଏଫ୍ଆଇ ଦ୍ୱାରା ଆୟୋଜିତ ଟ୍ରାଏଲ୍ସରେ ସେ ଭାଗ ନେବେ ନାହିଁ। ସରକାର କିପରି ଅବା ଡବ୍ଲ୍ୟୁଏଫ୍ଆଇକୁ ଅନୁମତି ପ୍ରଦାନ କଲେ ସେ ନେଇ ତାଙ୍କ ମନରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଯଦି ସରକାରଙ୍କ ପକ୍ଷରୁ ଗଠିତ ଆଡହକ ପ୍ୟାନେଲ ଦ୍ୱାରା ଟ୍ରାଏଲ୍ସ ଆୟୋଜନ କରାଯାଏ ତେବେ ସେଥିରେ ଆମେ ଅଂଶଗ୍ରହଣ କରିବାରେ କୌଣସି ଅସୁବିଧା ନାହିଁ। ଅତୀତ କଥା ଭୁଲିଯାଇ ଟ୍ରାଏଲ୍ସରେ ଭାଗ ନେବା ଲାଗି ଡବ୍ଲ୍ୟୁଏଫ୍ଆଇ ସଭାପତି ସଞ୍ଜୟ ସିଂ ଆନ୍ଦୋଳନକାରୀ କୁସ୍ତିଯୋଦ୍ଧାମାନଙ୍କୁ ଅନୁରୋଧ କରିଥିଲେ। ସୂଚନାଯୋଗ୍ୟ, ଯୌନନିର୍ଯାତନା ଅଭିଯୋଗରେ ତତ୍କାଳୀନ ଡବ୍ଲ୍ୟୁଏଫ୍ଆଇ ସଭାପତି ବ୍ରିଜଭୂଷଣ ଶରଣଙ୍କ ଗିରଫ ଦାବିରେ ବଜରଙ୍ଗ, ଭିନେଶ ଓ ସାକ୍ଷୀଙ୍କ ନେତୃତ୍ୱରେ ଯନ୍ତରମନ୍ତରଠାରେ ଦୀର୍ଘ ଦିନ ଧରି ବିକ୍ଷୋଭ ପ୍ରଦର୍ଶନ ଚାଲିଥିଲା। ଟୋକିଓ ଅଲିମ୍ପିକ୍ସ ବ୍ରୋଞ୍ଜ ବିଜେତା ବଜରଙ୍ଗ କହିଛନ୍ତି, କେବଳ ସେ ନୁହନ୍ତି ସାକ୍ଷୀ ମଲିକ ଓ ଭିନେଶ ଫୋଗଟ ମଧ୍ୟ ଟ୍ରାଏଲ୍ସରୁ ଓହରିଯିବେ। ଟ୍ରାଏଲ୍ସରୁ ଓହରିଯିବା ଲାଗି ଆମେ ମିଳିତ ଭାବେ ନିଷ୍ପତ୍ତି ନେଇଛୁ।

# ଆଥଲେଟଙ୍କୁ ମିଳିବ ଡିଜିଟାଲ ସାର୍ଟିଫିକେଟ

**ନୂଆଦିଲ୍ଲୀ,୨୯।୨(ପି.ଟି.):** ଦେଶର ସମସ୍ତ ଆଥଲେଟ ମାନଙ୍କୁ ଏଣିକି ଡିଜିଟାଲ ସାର୍ଟିଫିକେଟ ପ୍ରଦାନ କରାଯିବ ବୋଲି କହିଛନ୍ତି କ୍ରୀଡ଼ା ଓ ଯୁବ ବ୍ୟାପାର ମନ୍ତ୍ରୀ ଅନୁରାଗ ଠାକୁର। ଏହା ଦ୍ୱାରା ବିଭିନ୍ନ ଟୁର୍ନାମେଣ୍ଟ ଗୁଡିକରେ ଅଂଶଗ୍ରହଣରେ ଅଧିକ ସ୍ୱଚ୍ଛତା ଆସିବ ବୋଲି ସେ କହିଥିଲେ। ଏହି ପ୍ରମାଣପତ୍ରରେ ଆଥଲେଟ କେଉଁ ତାରିଖରେ କେଉଁ ଇଭେଣ୍ଟରେ ଅଂଶଗ୍ରହଣ କରିଥିଲେ ଓ କେଉଁ ସ୍ଥାନ ହାସଲ କରିଥିଲେ ତାହା ଗୋଟିଏ କ୍ଲିକରେ ଜଣା ପଡିବ। ଫଳରେ ଏହା ବିଭିନ୍ନ ପ୍ରତିଯୋଗିତାରେ ସ୍ୱଚ୍ଛତା ଆଣିବାରେ ସାହାଯ୍ୟ କରିବ। ସୋସିଆଲ୍ ମିଡିଆ ପ୍ଲାଟଫର୍ମ ଏକ୍ସରେ ଏହି ଘୋଷଣା କରିଛନ୍ତି ଅନୁରାଗ ଠାକୁର। ଚଳିତ ବର୍ଷ ଜୁନ୍ ୧ ତାରିଖରୁ ଏହି ସାର୍ଟିଫିକେଟ ପ୍ରଦାନ କରାଯିବ। ଏହା ଡିଜିଲକରରେ ଉପଲବ୍ଧ ହେବାକୁ ଥିବା ବେଳେ ଏହାକୁ ସମସ୍ତ ସ୍ଥାନରେ ବ୍ୟବହାର କରାଯାଇପାରିବ।

# କଟକ ୟଙ୍ଗ ଉତ୍କଳ ଚାମ୍ପିୟନ

ବେଗୁନିଆ,୨୯।୨
(ହର ପ୍ରସନ୍ନ ପଣ୍ଡା)

ବେଗୁନିଆ ବ୍ଲକ ଅଧୀନ କୁଶପଲ୍ଲା ଆଥ୍ଲେଟିକ ଆସୋସିଏଶନ ଆନୁକୂଲ୍ୟରେ ଚାଲିଥିବା ୪୪ତମ ସର୍ବଭାରତୀୟ ଫୁଟ୍ବଲ ଟୁର୍ନାମେଣ୍ଟ ଗୁରୁବାର ଉଦ୍ଯାପିତ ହୋଇଯାଇଛି। ଫାଇନାଲରେ କୋଲକାତାର ହାୱଡା ଫ୍ରେଣ୍ଡ୍ସ କ୍ଲବକୁ ୩-୦ ଗୋଲରେ ହରାଇ କଟକର ୟଙ୍ଗ ଉତ୍କଳ ଫୁଟବଲ କ୍ଲବ ଚାମ୍ପିୟନ ହୋଇଛି। ବିଜୟୀ ଦଳ ମ୍ୟାଚର ପ୍ରଥମାର୍ଦ୍ଧରେ ଦୁଇଟି ଏବଂ ଦ୍ୱିତୀୟାର୍ଦ୍ଧରେ ଗୋଟିଏ ଗୋଲ ସ୍କୋର କରିଥିଲା। ରେଫରି ରାଜୁ ମହାନ୍ତି ମ୍ୟାଚପରିଚାଳନା କରିଥିଲେ। ବିଦେଶୀ ନାୟକ, ସାଗିର ଅହମ୍ମଦ ଓ ପ୍ରିୟବ୍ରତ ବାହିନୀପତି ପ୍ରମୁଖ ଏଥିରେ ସହଯୋଗ କରିଥିଲେ। ରମାକାନ୍ତ ପାତ୍ର, ଫୈଜଲ ହୁସେନ ଖାଁ ଓ ମିହିର ରଞ୍ଜନ ମହାପାତ୍ର ଖେଳର ଧାରା ବିବରଣୀ ପ୍ରଦାନ କରିଥିଲେ। ପୁରସ୍କାର ବିତରଣ ଉତ୍ସବରେ ବିଜେଡି ରାଜ୍ୟ ସମ୍ପାଦକ ପ୍ରଦୀପ ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ବ୍ଲକ ଅଧ୍ୟକ୍ଷ ଲକ୍ଷ୍ମୀଧର ସୁବୁଦ୍ଧି, ସମିତି ସଭ୍ୟ ପ୍ରକାଶ ଚନ୍ଦ୍ର ବଳିୟାରସିଂ, ସିମୋର ସରପଞ୍ଚ ହାଡିବନ୍ଧୁ ମହାପାତ୍ର, ବାଘମାରି ସରପଞ୍ଚ ମାନସ ରଞ୍ଜନ ବିଶାଳ, ବଡବେରଣା ସରପଞ୍ଚ ଅସିତ୍ ତ୍ରିପାଠୀ, ପୂର୍ବତନ ସରପଞ୍ଚ ନବକିଶୋର ସ୍ୱାଇଁ, ଜିଲା ବିଜେଡି ଉପସଭାପତି ଶ୍ରୀନିବାସ ପାଇକରାୟ, ସର୍ବ ଭାରତୀୟ ଫୁଟବଲ ଟୁର୍ନାମେଣ୍ଟ ନୟାଗଡ଼ ଜିଲା ସାଧାରଣ ସମ୍ପାଦକ ହଜରତ ଅଲ୍ଲୀ ଖାଁ, ସାମାଜିକ କର୍ମୀ ସୁଶାନ୍ତ ମହାପାତ୍ର, ଲକ୍ଷ୍ମୀଧର ମହାପାତ୍ର, ଅବସରପ୍ରାପ୍ତ ରାଜସ୍ୱ ନିରୀକ୍ଷକ ପୀତବାସ ମହାପାତ୍ର, ମହିଳା ଆଇନଜୀବୀ ମନିରା ବେଗମ ଓ ପୂର୍ବତନ ଗ୍ରାମ୍ୟ କମିଟି ସଭାପତି ଏସ୍ କେ ଜବାର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ଚାମ୍ପିୟନ ଦଳକୁ ଟ୍ରଫି ସହିତ ନଗଦ ୧୫ ହଜାର ଟଙ୍କା ଏବଂ ଉପବିଜେତା ଦଳକୁ ଟ୍ରଫି ସହିତ ନଗଦ ୧୦ ହଜାର ଟଙ୍କା ପୁରସ୍କୃତ କରାଯାଇଥିଲା।

# ଡୋପିଂ ପାଇଁ ପୋଗ୍ବା ୪ ବର୍ଷ ସସ୍ପେଣ୍ଡ୍

**ରୋମ୍, ୨୯।୨ (ପି.ଟି.):** ଫ୍ରାନ୍ସ ତଥା ଜୁଭେଣ୍ଟସ୍ ମିଡଫିଲ୍ଡର ପଲ ପୋଗ୍ବାଙ୍କୁ ୪ ବର୍ଷ ବାସନ୍ଦ କରାଯାଇଛି। ଫ୍ରାନ୍ସର ଏହି ବିଶ୍ୱକପ ବିଜୟୀ ଖେଳାଳି ଜଣଙ୍କ ଟେଷ୍ଟୋଷ୍ଟେରନ ସେବନ କରିଥିବା କାରଣରୁ ଗୁରୁବାର ଇଟାଲୀର ଏକ ଆଣ୍ଟି ଡୋପିଂ କୋର୍ଟ ଏହି ଦଣ୍ଡାଦେଶ ଶୁଣାଇଛନ୍ତି। ଅଗଷ୍ଟ ୨୦ ତାରିଖରେ ପୋଗ୍ବାଙ୍କ ନମୂନା ପଜିଟିଭ୍ ଆସିଥିବା କୁହାଯାଇଛି। ସେଦିନ ପୋଗ୍ବା ମ୍ୟାଚ୍ ଖେଳୁ ନ ଥିବା ବେଳେ ତାଙ୍କର ନମୂନା ସଂଗ୍ରହ କରାଯାଇଥିଲା। ସେପ୍ଟେମ୍ବର ମାସରେ ନମୂନା ରିପୋର୍ଟ ପଜିଟିଭ ଆସିବା ପରେ କୋର୍ଟରେ ମାମଲାର ବିଚାର ଚାଲିଥିଲା। ଦଣ୍ଡାଦେଶ ସମ୍ପର୍କରେ କୌଣସି ଆନୁଷ୍ଠାନିକ ଘୋଷଣା ହୋଇନାହିଁ। ଇଟାଲୀର ଆଇନ ଅନୁସାରେ ବ୍ୟକ୍ତିଗତ ଗୋପନୀୟତା କ୍ଷୁର୍ଣ୍ଣ ହେଉଥିବାରୁ ଏଭଳି କରା ଯାଇଥାଏ। ତେବେ ଯଦି ପୋଗ୍ବା ୪ ବର୍ଷ ବାସନ୍ଦ ହୋଇଥାନ୍ତି ତେବେ ତାଙ୍କ କ୍ୟାରିୟର ଶେଷ ବୋଲି ଗ୍ରହଣ କରାଯିବ। ଆସନ୍ତା ମାସରେ ପୋଗ୍ବା ୩୧ ବର୍ଷରେ ପଦାର୍ପଣ କରିବେ। ତେଣୁ ୪ ବର୍ଷ ପରେ ସେ ଆଉ ଫୁଟବଲ ଖେଳିବାର ସମ୍ଭାବନା କମ୍। ତେବେ ସେ ଚାହିଁଲେ ସୁଇଜରଲାଣ୍ଡର କୋର୍ଟ ଅଫ୍ ଆର୍ବିଟ୍ରେସନ୍ ଫର ସ୍ପୋର୍ଟରେ ଏହି ଦଣ୍ଡାଦେଶ ବିରୋଧରେ ଆବେଦନ କରିପାରିବେ।


ପ୍ରୋ-କବାଡ଼ି ଲିଗ୍ ଫାଇନାଲ ପୂର୍ବରୁ ଟ୍ରଫି ସହ ହରିୟାଣା ଷ୍ଟିଲର୍ସ ଅଧିନାୟକ ଜୟଦୀପ ଦହିୟା ଓ ପୁନେରୀ ପଲ୍ଟନ ଅଧିନାୟକ ଅସଲାମ ଇନାମଦାର।

# ସନ୍ତୋଷ ଟ୍ରଫି ଫୁଟ୍ବଲ: କ୍ୱାର୍ଟରରେ ମଣିପୁର

ୟୁପିଆ, ୨୯।୨ (ପି.ଟି.)

ମିଜୋରାମ ବିପକ୍ଷରେ ୪-୧ ଗୋଲ୍ରେ ବିଜୟ ହାସଲ କରି ମଣିପୁର ଜାତୀୟ ଫୁଟ୍ବଲ ଚାମ୍ପିୟନଶିପ୍ ସନ୍ତୋଷ ଟ୍ରଫିର କ୍ୱାର୍ଟରଫାଇନାଲରେ ପ୍ରବେଶ କରିଛି। ଗୁରୁବାର ଖେଳାଯାଇଥିବା ଏହି ମ୍ୟାଚରେ ବିଜୟୀ ଦଳ ପକ୍ଷରୁ ଫିଲାମ ସାନାଥୋଇ ମିତେଇ(୩୫ତମ, ୯୦ତମ ମିନିଟ୍), ଲିମାଜାମ ସଙ୍ଗକାର ସିଂ(୮ମ) ଏବଂ ବଦଳ ଖେଳାଳି ପେବାମ୍ ରେନେଡି ସିଂ (୫୬ତମ) ପ୍ରମୁଖ ଗୋଲ ସ୍କୋର କରିଥିବା ବେଳେ ମିଜୋରାମ ପକ୍ଷରୁ ମାଲସାମଜୁଆଲା ଟିଲାଙ୍ଗଟେ (୮୪ତମ) ଏକମାତ୍ର ଗୋଲ ଦେଇଥିଲେ। ମଣିପୁର ୪ଟି ମ୍ୟାଚରୁ ୧୦ ପଏଣ୍ଟ ଅର୍ଜନ କରି ବର୍ତ୍ତମାନ ଗ୍ରୁପ୍ 'ବି' ଷ୍ଟାଣ୍ଡିଂର ଶୀର୍ଷରେ ରହିଛି। ତେଣୁ ଦଳ ଶ୍ରେଷ୍ଠ ୪ ଦଳରେ ରହିବା ନିଶ୍ଚିତ କରିଛି। ଗ୍ରୁପ୍ 'ବି'ରେ ଦଳ ଏହାର ଅନ୍ତିମ ମ୍ୟାଚ ଦିଲ୍ଲୀ ବିପକ୍ଷରେ ଖେଳିବ। ଶୀର୍ଷ ସ୍ଥାନ ବଜାୟ ରଖିବାକୁ ହେଲେ ଦଳକୁ ଏହି ମ୍ୟାଚରେ ଅତି କମ୍ରେ ଏକ ଡ୍ର ଆବଶ୍ୟକ ପଡ୍ଛି। ଅନ୍ୟପକ୍ଷରେ ମଣିପୁର ମାର୍ଚ୍ଚ ୨ରେ ରେଲୱେ ବିପକ୍ଷରେ ଖେଳିବ। ଗ୍ରୁପ୍ ଷ୍ଟାଣ୍ଡିଂରେ ନିଜ ସ୍ଥିତିରେ ସୁଧାର ଆଣିବା ଲାଗି ଏହି ଦଳ ସଂଘର୍ଷ ଚଳାଇଛି। ଏହି ମ୍ୟାଚ ପୂର୍ବରୁ ଅନୁଷ୍ଠିତ ଅନ୍ୟ ଏକ ମ୍ୟାଚରେ ରେଲୱେ ୧-୦ ଗୋଲ୍ରେ କର୍ନାଟକକୁ ପରାସ୍ତ କରିଛି। ସୁବ୍ରତ ମୁର୍ମୁ ୫୩ତମ ମିନିଟ୍ରେ ଏକମାତ୍ର ବିଜୟସୂଚକ ଗୋଲ୍ଟିକୁ ସ୍କୋର କରିଥିଲେ। ଏହି ପରାଜୟ ଦ୍ୱାରା କର୍ନାଟକର କ୍ୱାର୍ଟରଫାଇନାଲ ଆଶା ମଉଳିଯାଇଛି। ରେଲୱେ ୪ଟି ମ୍ୟାଚରୁ ୭ ପଏଣ୍ଟ ଅର୍ଜନ କରି ଗ୍ରୁପ୍ 'ବି'ରେ ଏହାର ସ୍ଥିତି ସୁଦୃଢ଼ କରିଛି। ମିଜୋରାମ ବିପକ୍ଷରେ ଶେଷ ମ୍ୟାଚ ଅତିକମ୍ରେ ଡ୍ର ରଖିପାରିଲେ ରେଲଓ୍ୱେର କ୍ୱାର୍ଟରଫାଇନାଲ ସ୍ଥାନ ପକ୍କା ହୋଇଯିବ।

# ରୋନାଲ୍ଡୋ ଗୋଟିଏ ମ୍ୟାଚ୍ରୁ ବାସନ୍ଦ

ରିୟାଧ,୨୯।୨(ପି.ଟି.)

ଫ୍ୟାନ୍ଙ୍କ ଉଦ୍ଦେଶ୍ୟରେ ଆପତ୍ତିଜନକ ଭଙ୍ଗୀ ପ୍ରଦର୍ଶନ କରିବା କାରଣରୁ କ୍ରିଷ୍ଟିଆନୋ ରୋନାଲ୍ଡୋଙ୍କୁ ଗୋଟିଏ ମ୍ୟାଚ୍ରୁ ବାସନ୍ଦ କରାଯାଇଛି। ସାଉଦି ଆରବ ଲିଗ୍ର ଏକ ମ୍ୟାଚ୍ ସମୟରେ ଅଲ୍ ନାସର ଖେଳାଳି ରୋନାଲ୍ଡୋ ଦର୍ଶକ ଗ୍ୟାଲେରିରେ ଥିବା ଅଲ ଶବାବ ଫ୍ୟାନ୍ଙ୍କୁ ଏଭଳି ଇଙ୍ଗିତ କରିଥିଲେ। ରବିବାର ରିୟାଧରେ ଖେଳାଯାଇଥିବା ମ୍ୟାଚ୍ରେ ଅଲ ଶବାବକୁ ୩-୨ରେ ପରାସ୍ତ କରିବା ପରେ ସେ ଏଭଳି ପ୍ରତିକ୍ରିୟାଶୀଳ ହୋଇଥିଲେ। ମ୍ୟାଚ୍ ପରର ଏକ ଭିଡିଓ ଫୁଟେଜ୍ ଭାଇରାଲ

## ଦର୍ଶକଙ୍କୁ ଆପତ୍ତିଜନକ ଭଙ୍ଗୀ

ହୋଇଥିଲା। ଯେଉଁଥିରେ ପ୍ରଶଂସକମାନେ ମେସି ମେସି ଚିତ୍କାର କରୁଥିଲେ। ଆର୍ଜେଣ୍ଟିନା ଅଧିନାୟକ ଲିଓନେଲ ମେସିଙ୍କୁ ତାଙ୍କର ମୁଖ୍ୟ ପ୍ରତିଦ୍ୱନ୍ଦ୍ୱୀ ଭାବରେ ବିବେଚନା କରାଯାଉଥିବା ବେଳେ ଏଥିରେ ଉତ୍କ୍ଷିପ୍ତ ହୋଇ ପଡିଥିଲେ ରୋନାଲ୍ଡୋ। ମ୍ୟାଚ୍ ଜିତିବା ପରେ କାନ ବନ୍ଦ କରିବା ସହ ନିଜ ଜଙ୍ଘ ଆଡକୁ ଇସାରା କରିଥିଲେ। ଏହାକୁ ନେଇ ଅଭିଯୋଗ ହେବା ପରେ ସାଉଦି ଆରବ ଫୁଟବଲ ଫେଡେରେଶନ(ସାଫ୍) ଶୃଙ୍ଖଳାଗତ କମିଟି ଏହାର ବିଚାର କରିଥିଲା। କମିଟି ତାଙ୍କୁ ଗୋଟିଏ ମ୍ୟାଚରୁ ବାସନ୍ଦ କରିବା ସହ ୨୦ ହଜାର ସାଉଦି ରିୟାଲ(୫୩୩୩ ଡଲାର) ଅର୍ଥଦଣ୍ଡ ଘୋଷଣା କରିଥିଲା। ଏହି ଅର୍ଥରାଶି ଅଲ୍


ଦର୍ଶକଙ୍କ ଉଦ୍ଦେଶ୍ୟରେ ରୋନାଲ୍ଡୋଙ୍କ ଆପତ୍ତିଜନକ ଭଙ୍ଗୀ।

ଶବାବ କ୍ଲବକୁ ପ୍ରଦାନ କରାଯିବ। ଏହା ସହ ଅଲ୍ ହାଜମ ବିପକ୍ଷରେ ଖେଳାଯିବାକୁ ଥିବା ପରବର୍ତ୍ତୀ ମ୍ୟାଚ୍ରୁ ବାଦ୍ପଡିବେ ରୋନାଲ୍ଡୋ। ଏହି ନିଷ୍ପତ୍ତିକୁ ସେ ଚ୍ୟାଲେଞ୍ଜ କରିପାରିବେ ନାହିଁ ବୋଲି ସାଫ୍ ଶୃଙ୍ଖଳାଗତ କମିଟି ନିଷ୍ପତ୍ତି ନେଇଛି। ସାଉଦି ମିଡିଆ ରିପୋର୍ଟ ଅନୁଯାୟୀ ୟୁରୋପରେ ଏଭଳି ସେଲିବ୍ରେଶନ ଅତି ସାଧାରଣ ବୋଲି କହିଛନ୍ତି ରୋନାଲ୍ଡୋ। ପୂର୍ବରୁ ମଧ୍ୟ ଫ୍ୟାନ୍ମାନଙ୍କ ସହ ତାଙ୍କର ଯୁକ୍ତିତର୍କ ହୋଇଥିଲା। ଡିସେମ୍ବର ୨୦୨୨ରେ ଅଲ ନାସରରେ ଯୋଗ ଦେଇଥିବା ରୋନାଲ୍ଡୋ ଦଳ ପକ୍ଷରୁ ସର୍ବାଧିକ ୨୨ ଗୋଲ ସ୍କୋର କରିଛନ୍ତି। ପ୍ରଥମ ଥର ପାଇଁ ଅଲ ନାସର ଏସିଆନ୍ ଚାମ୍ପିୟନ୍ସ ଲିଗ୍ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି।

# ଆର୍ସିବିକୁ ହରାଇଲା ଦିଲ୍ଲୀ

ବେଙ୍ଗାଲୁରୁ ୨୯।୨ (ପି.ଟି.)

ସ୍ମୃତି ମନ୍ଧାନାଙ୍କ ବିସ୍ଫୋରକ ବ୍ୟାଟିଂ ସତ୍ତ୍ୱେ ଏଠାରେ ଚାଲିଥିବା ଓମେନ୍ସ ପ୍ରିମିୟର ଲିଗ୍ (ଡବ୍ଲ୍ୟୁପିଏଲ୍)ର ଏକ ମ୍ୟାଚରେ ଦିଲ୍ଲୀ କ୍ୟାପିଟାଲ୍ସ ୨୫ ରନରେ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର (ଆରସିବି)କୁ ପରାସ୍ତ କରିଛି। ୧୯୫ ରନର ବିଜୟ ଲକ୍ଷ୍ୟକୁ ପିଛା କରି ଆର୍ସିବି ନିର୍ଦ୍ଧାରିତ ଓଭରରେ ୯ ଉଇକେଟ ବିନିମୟରେ ୧୬୯ ରନ୍ କରିପାରିଥିଲା। ଅଧିନାୟିକା, ଓପନର ତଥା ଟପ୍ ସ୍କୋରର ମନ୍ଧାନା ୪୩ ବଲ୍ରୁ ୧୦ ଚୌକା ଓ ୩ ଛକା ସହ ୭୪ ରନ କରି ସମ୍ଭାବନା ସୃଷ୍ଟି କରିଥିଲେ ହେଁ ଅନ୍ୟ କୌଣସି ବ୍ୟାଟର କ୍ରିଜ୍ରେ ବେଶୀ ସମୟ ତିଷ୍ଠି ପାରି ନ ଥିଲେ। ସାଭିନେନି ମେଘନା ୩୬, ସୋଫି ଡିଭାଇନ୍ ୨୩ ଓ ରିଚା ଘୋଷ ୧୯ ରନ କରିଥିବା ବେଳେ ଅନ୍ୟ କେହି ଦୁଇ ଅଙ୍କ ସ୍ପର୍ଶ କରିପାରି ନ ଥିଲେ। ପୂର୍ବରୁ ଟସ୍ ହାରି ପ୍ରଥମେ ବ୍ୟାଟିଂ କରିଥିବା ଦିଲ୍ଲୀ କ୍ୟାପିଟାଲ୍ସ ଓପନର ଶେଫାଳି ବର୍ମାଙ୍କ ଚମତ୍କାର ଅର୍ଦ୍ଧଶତକ ସହାୟତାରେ ୫ ଉଇକେଟରେ ୧୯୪ ରନ ସଂଗ୍ରହ କରିଥିଲା। କ୍ୟାପିଟାଲ୍ସ ଦଳ ଶୀଘ୍ର ଅଧିନାୟିକା ମେଗ୍ ଲାନିଂଙ୍କ ଉଇକେଟ ହରାଇ ବା ପରେ ବର୍ମା (୫୦ରନ, ୩୧ ବଲ୍, ୩ଚୌକା ଓ ୪ ଛକା) ଏବଂ ଏଲିସ୍ କାପ୍ସି (୪୬ରନ, ୩୩ ବଲ୍, ୪ ଚୌକା ଓ ୨ ଛକା) ଦ୍ୱିତୀୟ ଉଇକେଟରେ ୮୮ରନ ଯୋଗ କରିଥିଲେ। ମାରିଜାନେ କାପ୍ (୩୨, ୧୬ ବଲ୍, ୨ ଚୌକା ଓ ୩ ଛକା) ଓ ଜେସ୍ ଜୋନାସେନ୍ (୩୬*, ୧୬ ବଲ୍, ୪ ଚୌକା ଓ ୨ ଛକା) ୫ମ ଉଇକେଟରେ ମହତ୍ତ୍ୱପୂର୍ଣ୍ଣ ୫୮ ରନ ଯୋଗ କରିଥିଲେ। ଫଳରେ ଦଳ ଏକ

## ଓମେନ୍ସ ପ୍ରିମିୟର ଲିଗ୍

ବଡ଼ ସ୍କୋର ଛିଡ଼ା କରିପାରିଥିଲା। ମାରିଜେନ୍ କାପ୍ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ।

**ସଂକ୍ଷିପ୍ତ ସ୍କୋର**

ଦିଲ୍ଲୀ କ୍ୟାପିଟାଲ୍ସ ଇନିଂସ: ୨୦ ଓଭରରେ ୧୯୪/୫ (ଶେଫାଳୀ ବର୍ମା-୫୦, ଏଲିସ୍ କାପ୍ସି-୪୬, ଜେସ୍ ଜୋନାସେନ୍-୩୬, ମାରିଜେନ୍ କାପ୍-୩୨; ସୋଫି ଡିଭାଇନ୍-୨/୨୩, ନାଡିନ୍ ଡି' କ୍ଲର୍କ-୨/୩୫)। ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର: ୨୦ ଓଭରରେ ୧୬୯/୯ (ସ୍ମୃତି ମନ୍ଧାନା-୭୪, ସାଭିନେନି ମେଘନା-୩୬, ସୋଫି ଡିଭାଇନ୍-୨୩; ଜେସ୍ ଜୋନାସେନ୍-୩/୨୧, ମାରିଜେନ୍ କାପ୍-୨/୩୫, ଅରୁନ୍ଧତି ରେଡ୍ଡୀ-୨/୩୮)।


ଅର୍ଦ୍ଧଶତକୀୟ ଇନିଂସ୍ ଅବସରରେ ଶେଫାଳି ବର୍ମା।

# ରାହୁଲ ବାଦ୍, ଫେରିବେ ବୁମ୍ରା

**ନୂଆଦିଲ୍ଲୀ,୨୯।୨(ପି.ଟି.):** ଧର୍ମଶାଳାରେ ଇଂଲଣ୍ଡ ବିପକ୍ଷ ଅନ୍ତିମ ଟେଷ୍ଟରୁ ବାଦ୍ ପଡିଛନ୍ତି ଲୋକେଶ ରାହୁଲ। ଗୁରୁବାର ବିସିସିଆଇ ପକ୍ଷରୁ ଏହା ସ୍ପଷ୍ଟ କରାଯାଇଛି। ତେବେ ଚତୁର୍ଥ ଟେଷ୍ଟରେ ବିଶ୍ରାମ ନେଇଥିବା ଯଶପ୍ରୀତ୍ ବୁମ୍ରା ଏହି ମ୍ୟାଚରେ ପ୍ରତ୍ୟାବର୍ତ୍ତନ କରୁଥିବା ସ୍ପଷ୍ଟ ହୋଇଛି। ହାଇଦ୍ରାବାଦ ଟେଷ୍ଟରେ ଜଙ୍ଘରେ ଆଘାତ କାରଣରୁ ରାହୁଲ ବାଦ୍ ପଡିଥିଲେ। ତେବେ ସେ ୯୦ ପ୍ରତିଶତ ଫିଟ୍ ଅଛନ୍ତି ଓ ରାଜକୋଟ ଟେଷ୍ଟ ପାଇଁ ଫିଟ ଥିବେ ବୋଲି ବିସିସିଆଇ ପକ୍ଷରୁ କୁହାଯାଇଥିଲା। ହେଲେ ନେଟ୍ସରେ ଅଭ୍ୟାସ କରିବା ସମୟରେ ରାହୁଲ ଜଙ୍ଘରେ ଦରଜ ଅନୁଭବ କରିଥିଲେ। ଫଳରେ ଅଧିକ ଚିକିତ୍ସା ପାଇଁ ସେ ବର୍ତ୍ତମାନ ଲଣ୍ଡନ ଗସ୍ତ କରିଛନ୍ତି। ତେଣୁ ସେ ଅନ୍ତିମ ଟେଷ୍ଟ ଖେଳିପାରିବେ ନାହିଁ ବୋଲି ବିସିସିଆଇ ପକ୍ଷରୁ କୁହାଯାଇଛି। ବିସିସିଆଇର ମେଡିକାଲ ଟିମ୍ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଉପରେ ନଜର ରଖିଥିବା ମଧ୍ୟ କୁହାଯାଇଛି। ଟି୨୦ ବିଶ୍ୱକପକୁ ଦୃଷ୍ଟିରେ ରଖିଥିବାରୁ ୭ ତାରିଖରେ ହେବାକୁ ଥିବା ଅନ୍ତିମ ଟେଷ୍ଟରେ ରାହୁଲଙ୍କ ଖେଳିବା ସମ୍ଭାବନା କ୍ଷୀଣ ବୋଲି କୁହାଯାଉଛି। ରାହୁଲଙ୍କ ଅନୁପସ୍ଥିତିରେ ରଜତ ପଟିଦାରଙ୍କୁ ଆଉ ଏକ ସୁଯୋଗ ମିଳିବାର ସମ୍ଭାବନା ରହିଛି।

# ଆତ୍ମସମୀକ୍ଷାର ବେଳ

## ଚର୍ଚ୍ଚାରେ ଓଡ଼ିଶା ରଣଜୀ ଦଳର ଦୁର୍ବଳ ପ୍ରଦର୍ଶନ

**୨୦୨୩-୨୪ ରଣଜୀ ସିଜନରେ ଓଡ଼ିଶା ୭ଟି ମ୍ୟାଚ ଖେଳିଥିବାବେଳେ ମାତ୍ର ଗୋଟିଏରେ ବିଜୟ ସ୍ୱାଦ ଚାଖିଛି। ଅଭିଜ୍ଞ କୋଚ୍, ପର୍ଯ୍ୟାପ୍ତ ସପୋର୍ଟ ଷ୍ଟାଫ୍‌ଙ୍କ ଉପସ୍ଥିତି ସହ ଟିମ୍ କମ୍ବିନେଶନରେ ପରିବର୍ତ୍ତନ ସତ୍ତ୍ୱେ ଦଳକୁ ସଫଳତା ନ ମିଳିବା ରାଜ୍ୟ କ୍ରିକେଟ ପ୍ରେମୀଙ୍କୁ ନିରାଶ କରିଛି। ଓଡ଼ିଶା ଦଳର ପ୍ରଦର୍ଶନକୁ ନେଇ ଏବେ ଆତ୍ମସମୀକ୍ଷାର ସମୟ ଆସିଛି...**



ନିର୍ମଳ କୁମାର ମିଶ୍ର

ଘରୋଇ କ୍ରିକେଟର ସର୍ବୋଚ୍ଚ ଟୁର୍ନାମେଣ୍ଟ ରଣଜୀ ଟ୍ରଫିରେ ପୁନର୍ବାର ଖରାପ ପ୍ରଦର୍ଶନ କରି କ୍ରିକେଟ ପ୍ରେମୀ ମାନଙ୍କୁ ନିରାଶ କରିଛି ଓଡ଼ିଶା ଦଳ। ୨୦୨୪ ସିଜନରେ ଓଡ଼ିଶାର ଦୁର୍ବଳ ପ୍ରଦର୍ଶନ ବେଶ ଚର୍ଚ୍ଚାରେ ରହିଛି। ଏଲିଟ୍ ଗ୍ରୁପ-ଡି ରେ ସ୍ଥାନ ପାଇଥିଲା ଓଡ଼ିଶା। ଗ୍ରୁପ୍ ପର୍ଯ୍ୟାୟରେ ୭ଟି ମ୍ୟାଚ ଖେଳିବାକୁ ଥିଲା। ଅଭିଜ୍ଞ ଓ ପ୍ରତିଷ୍ଠିତ କୋଚ୍‌ଙ୍କ ଉପସ୍ଥିତି ଯୋଗୁ ଦଳଠାରୁ ଭଲ ପ୍ରଦର୍ଶନ ମଧ୍ୟ ଆଶା କରାଯାଉଥିଲା। ଏହି ଗ୍ରୁପରେ ଥିଲେ ବରୋଦା, ମଧ୍ୟପ୍ରଦେଶ, ଜମ୍ମୁ-କାଶ୍ମୀର, ହିମାଚଳ ପ୍ରଦେଶ, ପୁଡୁଚେରୀ, ଉତ୍ତରାଖଣ୍ଡ ଓ ଦିଲ୍ଲୀ। ଓଡ଼ିଶା ଦଳ ଜମ୍ମୁ-କାଶ୍ମୀର, ହିମାଚଳ ପ୍ରଦେଶ, ପୁଡୁଚେରୀ ଓ ଉତ୍ତରାଖଣ୍ଡ ବିପକ୍ଷ ମ୍ୟାଚ ଗୁଡ଼ିକ ଘରୋଇ ଗ୍ରାଉଣ୍ଡରେ ଖେଳିଥିବା ବେଳେ ବରୋଦା, ମଧ୍ୟପ୍ରଦେଶ ଓ ଦିଲ୍ଲୀ ବିପକ୍ଷ ମ୍ୟାଚ ବାହାରେ ଖେଳିଥିଲା। ମାତ୍ର ଏଥର ଭଲ ଗ୍ରୁପରେ ସ୍ଥାନ ପାଇଥିବା ସତ୍ତ୍ୱେ ଦଳଗତ ପ୍ରଦର୍ଶନ ଅଭାବରୁ ଏବଂ ଘରୋଇ ଗ୍ରାଉଣ୍ଡ ଓ ପରିବେଶର ସୁବିଧା ଉଠାଇ ପାରି ନ ଥିବାରୁ ଦଳକୁ ବହୁମୂଲ୍ୟ ଦେବାକୁ ପଡ଼ିଛି। ୭ଟି ମ୍ୟାଚ ମଧ୍ୟରୁ ଓଡ଼ିଶା କେବଳ ହିମାଚଳ ପ୍ରଦେଶ ବିପକ୍ଷରେ ୨୩୮ ରନରେ ବିଜୟୀ ହୋଇଥିବା ବେଳେ ବରୋଦା ନିକଟରୁ ୧୪୭ ରନ୍‌ରେ, ଜମ୍ମୁ-କାଶ୍ମୀରଠାରୁ ୨ ଉଇକେଟରେ, ଉତ୍ତରାଖଣ୍ଡ ନିକଟରୁ ୧୬୨ ରନ୍‌ରେ ଏବଂ ଏ ବର୍ଷ ଭଲ ଖେଳିପାରି ନ ଥିବା ଦିଲ୍ଲୀଠାରୁ ୭ ଉଇକେଟରେ ପରାଜିତ ହୋଇଛି। ମଧ୍ୟପ୍ରଦେଶ ଓ ପୁଡୁଚେରୀ ବିପକ୍ଷରେ ମ୍ୟାଚ ଡ୍ର କରିବା ସହିତ ପଏଣ୍ଟ ଟେବୁଲରେ ମୋଟ ୧୨ ପଏଣ୍ଟ ସହିତ ୭ମ ସ୍ଥାନରେ ରହିଛି। ଫଳରେ କ୍ୱାର୍ଟର ଫାଇନାଲ ଖେଳିବାରୁ ବଞ୍ଚିତ ହୋଇଛି ଶାନ୍ତନୁ ମିଶ୍ରଙ୍କ ନେତୃତ୍ୱାଧୀନ ଓଡ଼ିଶା। ରଣଜୀ ଟ୍ରଫି ଇତିହାସରେ ଏପର୍ଯ୍ୟନ୍ତ ଚାମ୍ପିୟନ ହୋଇ ପାରି ନ ଥିବା ଓଡ଼ିଶା ଦଳ ଗତ ଦଶନ୍ଧିରେ ୨ଥର କ୍ୱାର୍ଟର ଫାଇନାଲ ଖେଳିବାର ଯୋଗ୍ୟତା ଅର୍ଜନ କରିଛି। ୨୦୨୩ ସିଜନରେ ପ୍ରଦର୍ଶନ ଅପେକ୍ଷା ଏଥର ଦଳ ଆହୁରି ଖରାପ ପ୍ରଦର୍ଶନ କରିଛି। ଗତ ସିଜନ୍‌ରେ ଦଳ ଏଲିଟ ଗ୍ରୁପ ସି'ରେ ସ୍ଥାନ ପାଇଥିବା ବେଳେ ୧୪ ପଏଣ୍ଟ ସହ ୫ମ ସ୍ଥାନରେ ରହିଥିଲା। ୨୦୨୪ ସିଜନ୍ ସୁଦ୍ଧା ଓଡ଼ିଶା ୩୩୨ଟି ରଣଜୀ ମ୍ୟାଚ ଖେଳିଥିବା ବେଳେ ୭୫ଟି ମ୍ୟାଚରେ ବିଜୟୀ, ୧୧୯ଟିରେ ପରାଜିତ ହୋଇଛି ଏବଂ ୧୩୮ ଟି ମ୍ୟାଚ ଡ୍ର ରଖିଛି। ଇତିମଧ୍ୟରେ ଓସିଏର ଭିଜନ-୨୦୨୪ ଅଭିଯାନ ଶେଷ ହୋଇଛି। ମ୍ୟାଚ ଆୟୋଜନ, ଖେଳାଳିମାନଙ୍କ ଅଭ୍ୟାସ, ମନୋନୟନକାରୀ, ଅନ୍ୟାନ୍ୟ ସୁବିଧା ସୁଯୋଗ ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରି ଏଥର ମଧ୍ୟ ନିରାଶ ହୋଇଛି। ପ୍ରଦର୍ଶନକୁ ଦେଖିଲେ କିଛି ଖେଳାଳି ବ୍ୟକ୍ତିଗତଭାବେ କେତେକ ମ୍ୟାଚରେ ଉଭୟ ବ୍ୟାଟିଂ ଓ ବୋଲିଂ ରେ ଭଲ ପ୍ରଦର୍ଶନ କରିଥିଲେ ମଧ୍ୟ ଦଳଗତ ପ୍ରଦର୍ଶନ ନ ରହିବା କାରଣରୁ ଓଡ଼ିଶାକୁ ବହୁମୂଲ୍ୟ ଦେବାକୁ ପଡ଼ିଛି। ଏପରି ବିଫଳତା ପଛରେ ଅନେକ କାରଣ ଥାଇପାରେ। ପ୍ରଥମ କଥା ହେଲା କେଉଁ କ୍ରିକେଟ ଆସୋସିଏଶନ ଚାହେଁ ନାହିଁ ଯେ ସେମାନଙ୍କର ଟିମ୍ ରଣଜୀ ଟ୍ରଫିରେ ଭଲ ପ୍ରଦର୍ଶନ କରି ଚାମ୍ପିୟନ ହେଉ କିମ୍ବା ସେମିଫାଇନାଲ ନ ଖେଳୁ। ଓସିଏକୁ ଏବଂ ଚୟନ କର୍ତ୍ତାମାନଙ୍କୁ ଦୋଷ ଦେଇ ଲାଭନାହିଁ। ରାଜ୍ୟର ସର୍ବୋଚ୍ଚ ଘରୋଇ ଟୁର୍ନାମେଣ୍ଟ ହେଉଛି କଳାହାଣ୍ଡି କପ। ଏହି କଳାହାଣ୍ଡି କପରେ ଶ୍ରେଷ୍ଠ ପ୍ରଦର୍ଶନ କରିଥିବା ଏବଂ କିଛି ଅଭିଜ୍ଞ ସମ୍ପନ୍ନ ଖେଳାଳିଙ୍କୁ ଦଳ ସୁଯୋଗ ଦେଇଥିଲା। ଯୁବ ଖେଳାଳିଙ୍କୁ ସୁଯୋଗ ଦିଆଯାଇ ଦଳକୁ ସନ୍ତୁଳିତ କରାଯାଇଥିଲା। ସିରିଜ ମଝିରେ ଖେଳାଳି ପରିବର୍ତ୍ତନ ମଧ୍ୟ ହୋଇଥିଲା। ମାତ୍ର ଦଳକୁ ସୁଫଳ ମିଳିପାରି ନାହିଁ।

ଶାନ୍ତନୁ ମିଶ୍ରଙ୍କୁ ପ୍ରଥମ ଥର ପାଇଁ ରେଡବଲ ଫର୍ମାଟରେ ଅଧିନାୟକ ଦାୟିତ୍ୱ ଦିଆଯାଇଥିଲା। ଏହା ତାଙ୍କ ବ୍ୟକ୍ତିଗତ ବ୍ୟାଟିଂକୁ ପ୍ରଭାବିତ କରିଥିଲା। ୨୦୨୩ ସିଜନରେ ସେ ଓଡ଼ିଶା ପାଇଁ ସର୍ବାଧିକ ରନ୍ ସ୍କୋର କରିଥିଲେ। ୨ଟି ଶତକ ଓ ୩ଟି ଅର୍ଦ୍ଧଶତକ ସହ ସେ ମୋଟ ୫୮୧ ରନ୍ କରିଥିଲେ। ମାତ୍ର ଏଥର ମାତ୍ର ୨୬ ଆଭରେଜରେ ୧୩ଟି ଇନିଂସରୁ ୩୩୧ ରନ୍ କରଥିଲେ, ଯେଉଁଥିରେ କି ମାତ୍ର ୨ଟି ଅର୍ଦ୍ଧଶତକ ସାମିଲ ଥିଲା। ଅଧିନାୟକ ହେବା ପରେ ତାଙ୍କ ଉପରେ ଚାପ ରହିଲା ଓ ସେ ବ୍ୟାଟିଂରେ ଖରାପ ପ୍ରଦର୍ଶନ କଲେ। ଓଡ଼ିଶା ବ୍ୟାଟିଂ ଷ୍ଟାର ଶୁଭ୍ରାଂଶୁ ସେନାପତି ଏଥର କିନ୍ତୁ ଚମତ୍କାର ପ୍ରଦର୍ଶନ କରିବା ସହିତ ମଧ୍ୟପ୍ରଦେଶ ବିପକ୍ଷରେ ୨୭୭ ରନର ଏକ ଦର୍ଶନୀୟ ଇନିଂସ ଖେଳିଥିଲେ। ସେ ଚଳିତ ସିଜନରେ ୫୩୫ ରନ୍ କରିବା ସହିତ ଦିଲ୍ଲୀ ବିପକ୍ଷରେ ମଧ୍ୟ ଏକ ଶତକୀୟ ଇନିଂସ ଖେଳିଥିଲେ। ଅନ୍ୟତମ ସଫଳ ବ୍ୟାଟର ରୂପେ ସବୁ ସିଜିନରେ ଶ୍ରେଷ୍ଠ ଖେଳ ପ୍ରଦର୍ଶନ କରୁଥିବା ସନ୍ଦୀପ ପଟ୍ଟନାୟକ ଏହି ସିଜିନ୍‌ରେ ମଧ୍ୟ ୨ଟି ଶତକ ଏବଂ ଗୋଟିଏ ଅର୍ଦ୍ଧଶତକ ମାରିଛନ୍ତି ଏବଂ ତାଙ୍କ ଚୟନର ଯଥାର୍ଥତା ପ୍ରତିପାଦନ କରିଛନ୍ତି। ଅନ୍ୟ ବ୍ୟାଟରମାନଙ୍କ ମଧ୍ୟରେ ଗୋବିନ୍ଦ ପୋଦାର ୪୧୯ ରନ୍, ସିରିଜ ଅଧାରୁ ଦଳରେ ସାମିଲ ହୋଇଥିବା ବିପ୍ଳବ ସାମନ୍ତରାୟ ଗୋଟିଏ ଶତକ ଓ ଗୋଟିଏ ଅର୍ଦ୍ଧଶତକ ସହ ୨୯୫ ଓ ଅନୁରାଗ ଷଡଙ୍ଗୀ ୨୧୦ ରନ୍ କରିଛନ୍ତି।

ଗୁରୁତ୍ୱପୂର୍ଣ୍ଣ କଥା ହେଲା ଯୁବ ଖେଳାଳି ଓ ପ୍ରଥମ ଥର ପାଇଁ ରଣଜୀ ଖେଳିବା ପାଇଁ ସୁଯୋଗ ପାଇଥିବା ହର୍ଷଦ ରାଠୋଡ, ଆଶୀର୍ବାଦ ସ୍ୱାଇଁ ଓ ଜାମଲା ଭଞ୍ଜନ ମହାପାତ୍ର ସେମାନଙ୍କର ବ୍ୟାଟିଂ ଓ ବୋଲିଂ ଚମକ ଦେଖାଇଛନ୍ତି। ହର୍ଷଦ ୫ ମ୍ୟାଚରୁ ୯ ଉଇକେଟ ନେବାସହ ୧୧୧ରନ କରିଛନ୍ତି। ସେହିପରି ଜୁନିୟର ବର୍ଗରେ ତ୍ରିଶତକୀୟ ଇନିଂସ ଖେଳି ସିନିୟର ଗ୍ରୁପରେ ସ୍ଥାନ ପାଇଥିବା ଆଶୀର୍ବାଦ ସ୍ୱାଇଁ ଉଇକେଟ କିପିଂ ସହିତ ୫ ମ୍ୟାଚରୁ ୨୭୩ ରନ୍ କରିବା ସହିତ ଦିଲ୍ଲୀ ବିପକ୍ଷରେ ଏକମାତ୍ର ଖେଳାଳି ଭାବେ ଅର୍ଦ୍ଧଶତକ ହାସଲ କରିଛନ୍ତି। ନିଶ୍ଚିତ ରୂପେ ତାଙ୍କର ଭବିଷ୍ୟତ ଉଜ୍ଜ୍ୱଳ। ଗୋଟିଏ ମ୍ୟାଚ ପାଇଁ ସୁଯୋଗ ପାଇଥିବା ଏବଂ କ୍ଲବ କ୍ରିକେଟ ଓ କଳାହାଣ୍ଡି କପର ଅଭିଜ୍ଞ ବୋଲର ଜାମଲା ଦିଲ୍ଲୀ ବିପକ୍ଷ ମ୍ୟାଚରେ ୫ ଉଇକେଟ ନେଇଛନ୍ତି। ସବୁଠାରୁ ବଡ କଥା ହେଲା ପେସ ବୋଲର ମାନଙ୍କ ମଧ୍ୟରୁ ରାଜେଶ ମହାନ୍ତି ସଂପୂର୍ଣ୍ଣ ଟୁର୍ନାମେଣ୍ଟରେ ପ୍ରଭାବୀ ପ୍ରଦର୍ଶନ କରି ସର୍ବାଧିକ ୩୧ଟି ଉଇକେଟ ନେଇଥିଲେ। ସେ ୩ଥର ୫ଟି ଉଇକେଟ ନେବା ସହ କେତେଗୁଡ଼ିଏ ମ୍ୟାଚ ଜିତିବାର ସୁଯୋଗ ସୃଷ୍ଟି କରିଥିଲେ, ମାତ୍ର ଦଳ ତାର ଫାଇଦା ନେଇ ପାରି ନ ଥିଲା। ଭେଟେରାନ ବିପ୍ଳବ ସାମନ୍ତରାୟ କିଛି ମ୍ୟାଚରେ ଖେଳି ଭଲ ପ୍ରଦର୍ଶନ କରିଥିଲେ। ତେବେ ଓଭରଅଲ୍ ଦେଖିବାକୁ ଗଲେ ଓଡ଼ିଶା ଦଳର ଏପରି ଦୁର୍ବଳ ପ୍ରଦର୍ଶନ ଆଦୌ ଗ୍ରହଣୀୟ ନୁହେଁ। ଏପରି ଖରାପ ପ୍ରଦର୍ଶନର ଓସିଏ କାରଣ ଖୋଜିବା ସହିତ ଭୁଲ ଗୁଡ଼ିକର ଆତ୍ମ ସମୀକ୍ଷା କରି କଠୋର ନିଷ୍ପତ୍ତି ନ ନେଲେ ଆମେ ସୁଫଳ ଆଦୌ ପାଇପାରିବା ନାହିଁ। ସିନିୟର ଦଳର ପ୍ରଦର୍ଶନର ପ୍ରଭାବ ଅନ୍ୟ ବର୍ଗର ଖେଳାଳିମାନଙ୍କ ପ୍ରଦର୍ଶନ ଉପରେ ପଡ଼ିଥାଏ। ଦୀନେଶ ମୋଙ୍ଗିଆଙ୍କୁ ମୁଖ୍ୟ ପ୍ରଶିକ୍ଷକ ନିଯୁକ୍ତି କୌଣସି ସୁଫଳ ମିଳିଲା ନାହିଁ। ଦଳ ଆହୁରି ଖରାପ କଲା। ରାକେଶ ମହାନ୍ତି, ସୁନୀଲ ରାଉଳ ଓ ଦେବବ୍ରତ ପ୍ରଧାନଙ୍କ ପରି ପେସ ବୋଲର ଦଳରେ ଥିଲେ। ଏକାକୀ ମ୍ୟାଚ ଜିତାଇବା ବୋଲରମାନଙ୍କ କାମ। ମାତ୍ର ତାହା ହେଉ ନାହିଁ। ଦୁର୍ବଳ ଦଳ ବିପକ୍ଷରେ କେବଳ ଉଇକେଟ ନେଲେ ହେବନାହିଁ। ପ୍ରତି ମ୍ୟାଚରେ ସ୍ଥିର ପ୍ରଦର୍ଶନ ଦେଲେ ଯାଇ ନିଜ ଦଳକୁ ସୁଫଳ ମିଳିବ।

ରଣଜୀ ଦଳର ପ୍ରଦର୍ଶନର ପ୍ରଭାବ ଓଡ଼ିଶା ୨୩ ବର୍ଷରୁ କମ ଦଳ ଉପରେ ନିଶ୍ଚୟ ପଡ଼ିବ। ୨୩ବର୍ଷର କମ ଦଳ ୭ ମ୍ୟାଚରୁ ୫ଟିରେ ହାରିଛି। ହ୍ୱାଇଟ ବଲ୍ ଫର୍ମାଟରେ ୭ ମ୍ୟାଚରୁ ୪ ବିଜୟ ଓ ୩ ପରାଜୟ ମୁସ୍ତାକ ଅଲ୍ଲୀ ଟ୍ରଫିରେ ମଧ୍ୟ ଦେଖିବାକୁ ମିଳିଥିଲା। ସେହିପରି ବିଜୟ ହଜାରେ ଟ୍ରଫିରେ ଓଡ଼ିଶାକୁ ମଧ୍ୟ ଖରାପ ଫଳାଫଳ ମିଳିଥିଲା। ଓମେନ୍ସ ଦଳ ମଧ୍ୟ କେତେଗୁଡ଼ିଏ ମ୍ୟାଚ ଭଲ ଖେଳୁଥିବା ବେଳେ ଆମର ପ୍ରଦର୍ଶନରେ ସ୍ଥିରତା ଅନେକ ସମୟରେ ରହୁନାହିଁ। ଯାହାକି ଓସିଏ ପାଇଁ ଚିନ୍ତାର କାରଣ ହୋଇଛି। ଦୀନେଶ ମୋଙ୍ଗିଆ ଯଦି ଚଳିତ ସିଜନ୍ ପାଇଁ କୋଚ ରୁହନ୍ତି ତେବେ ଆମକୁ ଗ୍ରାସରୁଟ୍ ସ୍ତରରୁ ରୁ ଭଲ ସ୍ପିନର ଖୋଜି ଦଳରେ ସ୍ଥାନ ଦେବାକୁ ହେବ। କାରଣ ଅଧିକାଂଶ ଭାରତୀୟ ପିଚରେ ସ୍ପିନରମାନେ ହିଁ ମ୍ୟାଚ ବିଜେତା ହେଉଛନ୍ତି।



ରାଜେଶ ମହାନ୍ତି



ଶୁଭ୍ରାଂଶୁ ସେନାପତି



ସନ୍ଦୀପ ପଟ୍ଟନାୟକ

# ସଂଘର୍ଷରୁ ସଫଳ

## ଜାତୀୟସ୍ତରୀୟ ହ୍ୱିଲଚେୟାର ଫେନ୍‌ସିଂ ସ୍ୱର୍ଣ୍ଣପଦକ ବିଜୟିନୀ ମଧୁସ୍ମିତା

ପରିବାରର ଆର୍ଥିକ ସ୍ୱଚ୍ଛଳତା ନ ଥିବାରୁ ପାଠପଢ଼ା ଅଧାରେ ରହିଥିଲା। ମାଟ୍ରିକ୍ ପରୀକ୍ଷା ଦେଇ ପାରି ନ ଥିଲେ। ଗୋଟିଏ ପଟେ ପୋଲିଓ ଆକ୍ରାନ୍ତରୁ ଦିବ୍ୟାଙ୍ଗ ହୋଇଯାଇଥିବା ବେଳେ ଘରର ବଡ଼ଝିଅ ହୋଇଥିବାରୁ ପରିବାର ଆର୍ଥିକ ସମସ୍ୟା ଦୂର କରିବା ପାଇଁ ବାପାଙ୍କୁ ସହଯୋଗ କରିବାକୁ ଅଣ୍ଟା ଭିଡ଼ିଥିଲେ। ଆଉ ଏଥିପାଇଁ ତାଙ୍କୁ ଭୁବନେଶ୍ୱର ଆସିବାକୁ ପଡ଼ିଥିଲା। ରୋଜଗାର ପାଇଁ ରାଜଧାନୀକୁ ଆସିବା ପରେ ତାଙ୍କ ଜୀବନ ଏକ ଭିନ୍ନ ମୋଡ଼ ନେଇଥିଲା। ଜଣେ ଶୁଭେଚ୍ଛୁଙ୍କ ପରାମର୍ଶରେ ସେ ହ୍ୱିଲଚେୟାର ଫେନ୍‌ସିଂ କ୍ରୀଡ଼ା ପ୍ରତି ମନ ବଳାଇଥିଲେ। ନିଜର ଦୃଢ଼ ମନୋବଳ ଓ ଇଚ୍ଛାଶକ୍ତି ବଳରେ ସେ ଜାତୀୟସ୍ତରରେ ହ୍ୱିଲଚେୟାର ଫେନ୍‌ସିଂ ପ୍ରତିଯୋଗିତାରେ ସ୍ୱର୍ଣ୍ଣ ପଦକ ଜିତି ପରିଚୟ ସୃଷ୍ଟି କରିପାରିଛନ୍ତି। ସଂଘର୍ଷରୁ ସଫଳ ହୋଇଥିବା ଏହି ନିଆରା ପ୍ରତିଭା ହେଉଛନ୍ତି ଭଦ୍ରକ ଜିଲା ଧାମନଗର ବ୍ଲକ ଅଧୀନ ଦଳାଙ୍ଗ ପଞ୍ଚାୟତ ରାମେଶ୍ୱରପୁର ଗାଁର ଦିବ୍ୟାଙ୍ଗ ମଧୁସ୍ମିତା ସାହୁ (୨୯)। ଜାତୀୟ ସ୍ତରରେ ଚମକିଲେ ସତ କିନ୍ତୁ ତାଙ୍କର କ୍ୟାରିୟର ଗଢ଼ିବା ସ୍ୱପ୍ନ ପୂରଣ ପାଇଁ ଅର୍ଥ ବାଧକ ସାଜିଛି।

ଗ୍ରାମର ଭାଗବତ ସାହୁ ଓ ହେମଲତା ସାହୁଙ୍କ ବଡ଼ଝିଅ ମଧୁସ୍ମିତା। ବାପା ଜଣେ କୁମ୍ଭକାର ଭାବେ ମାଟିରେ ବିଭିନ୍ନ ସାମଗ୍ରୀ ତିଆରି କରି ତାକୁ ବିକି ପରିବାର ଚଳାନ୍ତି। ମଧୁସ୍ମିତା କହନ୍ତି, ମାଟି ପାତ୍ରର ଚାହିଦା କମିଯିବାରୁ ରୋଜଗାର କମିଗଲା। ସ୍ୱଳ୍ପ ରୋଜଗାରରେ ପରିବାର ଚଳାଇବା ସହ ୩ ଝିଅ ଓ ଗୋଟିଏ ପୁଅର ପାଠପଢ଼ା ଖର୍ଚ୍ଚ ତୁଲାଇବା ବାପାଙ୍କ ପକ୍ଷେ ସମ୍ଭବ ନ ହେବାରୁ ସେ ମାଟ୍ରିକ୍ ପରୀକ୍ଷା ଦେଇପାରି ନ ଥିଲେ। ଜନ୍ମରୁ ପୋଲିଓ ଟୀକା ନେଇ ନ ଥିବାରୁ ପ୍ରାୟ ୨/୩ ବର୍ଷ ବୟସରୁ ଡାହାଣ ଗୋଡ଼ ପୋଲିଓ ଆକ୍ରାନ୍ତ ଯୋଗୁ ଦିବ୍ୟାଙ୍ଗ ପାଲଟି ଯାଇଥିଲେ।

**ପରିବାରର ଆର୍ଥିକ ସ୍ୱଚ୍ଛଳତା ନ ଥିବାରୁ ପାଠପଢ଼ା ଅଧାରେ ରହିଥିଲା। ପୋଲିଓ ଆକ୍ରାନ୍ତରୁ ଦିବ୍ୟାଙ୍ଗ ହୋଇଯାଇଥିବା ବେଳେ ଘରର ବଡ଼ଝିଅ ହୋଇଥିବାରୁ ପରିବାର ଆର୍ଥିକ ସମସ୍ୟା ଦୂର କରିବା ପାଇଁ ବାପାଙ୍କୁ ସହଯୋଗ କରିବାକୁ ଅଣ୍ଟା ଭିଡ଼ିଥିଲେ। ରୋଜଗାର ପାଇଁ ରାଜଧାନୀକୁ ଆସିବା ପରେ ତାଙ୍କ ଜୀବନ ନେଇଥିଲା ଭିନ୍ନ ମୋଡ଼। ହ୍ୱିଲଚେୟାର ଫେନ୍‌ସିଂକୁ କ୍ୟାରିୟର କରି ସେ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛନ୍ତି। ସଂଘର୍ଷରୁ ସଫଳ ହୋଇଥିବା ଏହି ନିଆରା ପ୍ରତିଭା ହେଉଛନ୍ତି ମଧୁସ୍ମିତା ସାହୁ ...**



ଘରେ ବିଭିନ୍ନ ସମସ୍ୟା ଦେଇ ଗତି କରିବା ପରେ କିଛି ରୋଜଗାର କରି ବାପାଙ୍କୁ ପରିବାର ପ୍ରତିପୋଷଣରେ ସହଯୋଗ ପାଇଁ ୨୦୨୧ରେ ଭୁବନେଶ୍ୱରରେ ଏକ ବିୟୁଟି ପାର୍ଲରରେ ଟ୍ରେନିଂ ନେବା ଆରମ୍ଭ କରିଥିଲେ। ଏହି ଟ୍ରେନିଂ ସମୟରେ ପଳାସପଲ୍ଲୀରେ ହ୍ୱିଲଚେୟାର ଫେନ୍‌ସିଂର ଜଣେ କୋଚ୍‌ଙ୍କ ସହ ଦେଖା ହୋଇଥିଲା। ସେ ତାଙ୍କୁ ଫେନ୍‌ସଂ ଆପଣେଇବାକୁ ପ୍ରେରଣା ଦେଇଥିଲେ। ଫେନ୍‌ସିଂ ଟ୍ରେନିଂ ପାଇଁ ଅର୍ଥ ବାଧକ ଥିବାବେଳେ ଭଦ୍ରକ ମୋ ସ୍ୱେଚ୍ଛାସେବୀ ସଙ୍ଗଠନର ଅର୍ନ୍ତଯାମୀ ସାହୁ ସହାୟତା ଯୋଗାଇଥିଲେ। ତାଙ୍କ ସହାୟତାରେ ଏତେବାଟ ଯାଇ ପାରିଛନ୍ତି ବୋଲି ସେ କହିଛନ୍ତି।

୨୦୨୩ରେ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ସଫଳ ହେବା ପରେ ତାଙ୍କୁ ଜାତୀୟ ସ୍ତରରେ ଖେଳିବାର ସୁଯୋଗ ମିଳିଥିଲା। ୨୦୨୩ ମାର୍ଚ୍ଚରେ ହରିୟାଣାର କର୍ନଲଠାରେ ଅନୁଷ୍ଠିତ ଜାତୀୟ ପ୍ରତିଯୋଗିତାରେ ରୌପ୍ୟ ଓ ସ୍ୱର୍ଣ୍ଣ ପଦକ ଜିତି ରାଜ୍ୟ ପାଇଁ ଗୌରବ ଆଣିଥିଲେ। ନିକଟରେ ବିଶ୍ୱ ଭିନ୍ନକ୍ଷମ ଦିବସରେ ଏହି ସଫଳତା ପାଇଁ ଭଦ୍ରକ ଜିଲା ପ୍ରଶାସନ ପକ୍ଷରୁ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଫେନ୍‌ସିଂ ସହ ଶଟ୍‌ପୁଟ, ଜାଭେଲିନ, ସିଟିଂ ଭଲିବଲ୍ ଖେଳ ମଧ୍ୟ ସେ ଅଭ୍ୟାସ କରୁଛନ୍ତି। ଭୁବନେଶ୍ୱର କଳିଙ୍ଗ ଷ୍ଟାଡ଼ିୟମକୁ ଅଭ୍ୟାସ ପାଇଁ ଯାତାୟାତରେ ସମସ୍ୟା ହେଉଥିବାରୁ ଏକ ସ୍କୁଟି ସରକାରଙ୍କ ପକ୍ଷରୁ ତାଙ୍କୁ ଯୋଗାଇ ଦେଲେ ସେ ଆଗକୁ ବଢ଼ି ପାରନ୍ତେ ବୋଲି ଗୁହାରି ଜଣାଇଛନ୍ତି। ଜିଲାପାଳ, ସ୍ଥାନୀୟ ବିଧାୟକ ଓ ବ୍ଲକ ଅଧକ୍ଷାଙ୍କୁ ସ୍କୁଟି ପାଇଁ ଆବେଦନ କରିଥିଲେ ମଧ୍ୟ ତାଙ୍କୁ ମିଳି ନ ଥିବାରୁ ସେ ଦୁଃଖ ପ୍ରକାଶ କରିଛନ୍ତି। ଖେଳ ସହ ଭୁବନେଶ୍ୱରରେ ରହି ଡିଷ୍ଟାନ୍ସରେ ପାଠପଢ଼ା ଆରମ୍ଭ କରିଛନ୍ତି। ଚଳିତବର୍ଷ ସେ ବାଲେଶ୍ୱରରେ ମାଟ୍ରିକ୍ ପରୀକ୍ଷା ଦେଉଛନ୍ତି। ପାଠ ପଢ଼ି ନିଜ କ୍ୟାରିୟର ଗଢ଼ିବାକୁ ଲକ୍ଷ୍ୟ ରଖିଥିବା ସେ କହିଛନ୍ତି।

**-ସନାତନ ରାଉତ, ଭଦ୍ରକ**

## ସାଧନା

ହକି ଇଣ୍ଡିଆର ମୁଖ୍ୟ କାର୍ଯ୍ୟନିର୍ବାହୀ
ଆଣି ନୂଆ ଅଭିଯୋଗ
ଏଲିନା ନର୍ମାନ ପଦରୁ ଇସ୍ତଫା
ଦେଲେ ରଖି ଗୋଷ୍ଠୀ ରାଗ
ପରିବେଶ ନୁହେଁ ବାଗ
ଶ୍ରୀବାସ୍ତବ, ମନୋହରନ ବେତନ
ଏ ତିନି ପ୍ରମୁଖ ଦାଗ।

ରୂପାନ୍ତରୀକରଣ ଓ ନବୀକରଣ
ହେବ ଆମ ବାରବାଟୀ
ଏ ନେଇକି ଭିତ୍ତି ପ୍ରସ୍ତର ସରିଛି
ହେଲା ସାଂସ୍କୃତିକ ପାର୍ଟି
ବୁଢ଼ାଠାରୁ ବେଟା ବେଟୀ
ମିଳେ ହୋ ତୁମ୍ ହମ୍‌କୋ
ନେହା କକ୍କରଙ୍କ
ଗୀତରେ କମ୍ପିଲା ପାର୍ଟି।

ପ୍ରାଗ୍ ମାଷ୍ଟର୍ସ ଚେସ୍ ଟୁର୍ନାମେଣ୍ଟରେ
ପ୍ରଜ୍ଞାନନ୍ଦ ମହାନନ୍ଦ
ଲାଇଭ୍ ରେଟିଂରେ ପୁଣି
ସେ ଟପ୍‌ରେ
ଏ ବିଗ୍ ଖେଳାଳି ଚାନ୍ଦ
ଲେଜି କାନ୍ଦେ ବୃଥା କାନ୍ଦ
ସାଧନା ଓ ନିଷ୍ଠା ବଳେ
ବଢ଼େ ଲୋକ
ନିଷ୍ଠା ବିନା ଲୋକ ଅନ୍ଧ।

**-ସୁବାସ ଚନ୍ଦ୍ର ପ୍ରଧାନ**



1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ

# ପଛରୁ ଆସି ଜିତିଲା ଓଏଫ୍‌ସି



ଦ୍ୱିତୀୟ ଗୋଲ୍ ପରେ ଉଲ୍ଲସିତ ଅହମଦ ଜାହୋହ ଓ କାର୍ଲୋସ ଡେଲଗାଡୋ। (ଫଟୋ: ବିକାଶ ନାୟକ)

## ଇଣ୍ଡିଆନ୍ ସୁପର ଲିଗ୍

**ଭୁବନେଶ୍ୱର,୨୯।୨ (ସରୋଜ ଜେନା)**

ଗୁରୁବାର କଳିଙ୍ଗ ଷ୍ଟାଡିୟମରେ ଖେଳାଯାଇଥିବା ଇଣ୍ଡିଆନ୍ ସୁପର୍ ଲିଗ୍‌ର ଏକ ମ୍ୟାଚ୍‌ରେ ଇଷ୍ଟ ବେଙ୍ଗଲକୁ ୨-୧ ଗୋଲରେ ପରାସ୍ତ କରିଛି ଓଡ଼ିଶା ଏଫ୍‌ସି(ଓଏଫ୍‌ସି)। ଦଳ ପକ୍ଷରୁ ଡିଏଗୋ ମରିସିଓ(୪୦) ଓ ପ୍ରିନ୍ସଟନ୍ ରେବେଲୋ(୬୧) ମିନିଟରେ ଗୋଟିଏ ଲେଖାଏ ଗୋଲ ଦେଇଥିବା ବେଳେ ପ୍ରଥମ ମିନିଟରେ ବିଷ୍ଣୁ ପୁଥିୟା ଭାଲାପ୍ପିଲ ଇଷ୍ଟ ବେଙ୍ଗଲ ପକ୍ଷରୁ ସ୍କୋର କରିଥିଲେ। ମ୍ୟାଚ୍‌ର ପ୍ରଥମ ମିନିଟରେ ଗୋଲ ଖାଇ ପଛୁଆ ରହିଥିଲେ ମଧ୍ୟ ଚମତ୍କାର ପ୍ରତ୍ୟାବର୍ତ୍ତନ ସହ ଓଏଫ୍‌ସି ମ୍ୟାଚ୍‌କୁ ଜିତି ନେଇଥିଲା। ଏହା ସହ ସୁପର୍ କପ୍ ଫାଇନାଲ ପରାଜୟର ମଧୁର ପ୍ରତିଶୋଧ ନେଇଛି ଓଏଫ୍‌ସି। ମ୍ୟାଚ୍‌ର ୬୧ ପ୍ରତିଶତ ସମୟ ଓଏଫ୍‌ସି ମ୍ୟାଚକୁ ନିୟନ୍ତ୍ରଣରେ ରଖିଥିଲା। ଏହା ସହ ୧୭ ମ୍ୟାଚ୍‌ରେ ୧୦ମ ବିଜୟ ସହ ୩୫ ପଏଣ୍ଟ ପାଇ ଶୀର୍ଷ ସ୍ଥାନକୁ ଆହୁରି ମଜବୁତ କରିଛି ଓଏଫ୍‌ସି। ଅନ୍ୟପକ୍ଷରେ ୧୭ ମ୍ୟାଚ୍‌ରୁ ୧୮ ପଏଣ୍ଟ ସହ ଅଷ୍ଟମ ସ୍ଥାନରେ ରହିଛି।

ମ୍ୟାଚ୍‌ର ପ୍ରଥମ ମିନିଟରେ ଇଷ୍ଟ ବେଙ୍ଗଲ ପକ୍ଷରୁ ଗୋଲ ସ୍କୋର କରିଥିଲେ ବିଷ୍ଣୁ ପୁଥିୟା ଭାଲାପ୍ପିଲ। ମ୍ୟାଚ୍ ଆରମ୍ଭ ହେବାର ମାତ୍ର ୩୨ ସେକେଣ୍ଡ ମଧ୍ୟରେ ବିଷ୍ଣୁ ସ୍କୋର କରିଥିଲେ। ଏକ ଲମ୍ବା ପାଶ୍ ପାଇଥିବା ବିଷ୍ଣୁ ୩ ଜଣ ଓଡ଼ିଆ ଡିଫେଣ୍ଡରଙ୍କୁ ପରାସ୍ତ କରଥିଲେ। ଏହା ସହିତ ଓଏଫ୍‌ସି ଗୋଲକିପର ଅମରିନ୍ଦର ସିଂ ଦର୍ଶକ ପାଲଟି ଯାଇଥିବା ବେଳେ ଇଷ୍ଟବେଙ୍ଗଲକୁ ୧-୦ରେ ଆଗୁଆ କରିଥିଲେ ବିଷ୍ଣୁ। ଓଡ଼ିଶା ଖେଳାଳି ମ୍ୟାଚର ଅଧିକାଂଶ ସମୟ ବଲ୍ ନିୟନ୍ତ୍ରଣରେ ରଖିଥିଲେ ମଧ୍ୟ ସ୍କୋର କରିବାରେ ସଫଳ ହୋଇ ନ ଥିଲେ। ତେବେ ୪୦ ତମ ମିନିଟରେ ଓଏଫ୍‌ସିକୁ ମିଳିଥିବା ପେନାଲ୍ଟିକୁ ଗୋଲରେ ପରିଣତ କରିଥିଲେ ଡିଏଗୋ ମରିସିଓ। ଇଷ୍ଟବେଙ୍ଗଲ ଗୋଲ କିପର ପ୍ରଭସୁଖରନ୍ ଗିଲ୍ ଶଟ୍‌ର ଦିଗ ଅନୁମାନ କରିଥିଲେ ମଧ୍ୟ ମରିସିଓଙ୍କ ଗତିରେ ହାର ମାନିଥିଲେ। ପ୍ରଥମାର୍ଦ୍ଧ ସୁଦ୍ଧା ମ୍ୟାଚ୍ ୧-୧ ସ୍ଥିତିରେ ରହିଥିଲା। ଉଭୟ ଦଳ ଅଗ୍ରଣୀ ପାଇଁ ପ୍ରୟାସ କରିଥିଲେ ମଧ୍ୟ ୬୧ ତମ ମିନିଟରେ ନିର୍ଣ୍ଣାୟକ ଗୋଲ ସ୍କୋର କରିଥିଲେ ପ୍ରିନ୍ସଟନ ରେବେଲୋ। ପ୍ରତ୍ୟାବର୍ତ୍ତନ କରିଥିବା ମିଡଫିଲ୍ଡର ଅହମଦ ଜାହୋହଙ୍କ ପାଶ୍‌କୁ ପୋଷ୍ଟ ମଧ୍ୟକୁ ପଠାଇବା ସହ ଓଡ଼ିଶାକୁ ୨-୧ରେ ଆଗୁଆ କରିଥିଲେ ରେବେଲୋ। ଏହା ସହ ଇଷ୍ଟବେଙ୍ଗଲ ପ୍ରତ୍ୟାବର୍ତ୍ତନ ପାଇଁ ପ୍ରୟାସ କରିଥିଲେ ମଧ୍ୟ ବିଫଳ ହୋଇଥିଲେ। ଇଷ୍ଟବେଙ୍ଗଲ ଖେଳାଳି ୧୩ଟି ଫାଉଲ କରିଥିବା ବେଳେ ୬ ଜଣ ଖେଳାଳିଙ୍କୁ ୟେଲୋ କାର୍ଡ ମିଳିଥିଲା।

# ଆର୍‌ସିବି ବିପକ୍ଷ ମ୍ୟାଚରେ ଖେଳିବେ ହରମନପ୍ରୀତ

**ବେଙ୍ଗାଲୁରୁ, ୨୯।୨ (ପି.ଟି.):** ଓମେନ୍ସ ପ୍ରିମିୟର ଲିଗ୍ (ଡବ୍ଲ୍ୟୁପିଏଲ୍)ରେ ଶନିବାର ଖେଳାଯିବାକୁଥିବା ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର (ଆରସିବି) ବିପକ୍ଷ ମ୍ୟାଚ ପାଇଁ ଅଧିନାୟିକା ହରମନପ୍ରୀତ୍ ଉପଲବ୍ଧ ହେବେ ବୋଲି କହିଛନ୍ତି ମୁମ୍ବାଇ ଇଣ୍ଡିଆନ୍ସ ମୁଖ୍ୟ କୋଚ୍ ଚାର୍ଲୋଟ ଏଡୱାର୍ଡ୍ସ। ଆଘାତପ୍ରାପ୍ତ ଥିବାରୁ ଫର୍ମରେ ଥିବା ହରମନପ୍ରୀତ ବୁଧବାର ମୁମ୍ବାଇର ୟୁପି ୱାରିଅର୍ଜ ବିପକ୍ଷ ମ୍ୟାଚ ଖେଳିପାରିନ ଥିଲେ। ଫଳରେ ଗତଥରର ଚାମ୍ପିୟନ ଦଳ ୭ ଉଇକେଟରେ ମ୍ୟାଚ ହାରିଯାଇଥିଲା। ହରମନପ୍ରୀତ ଦୁଇଟି ମ୍ୟାଚରୁ ଗୋଟିଏ ଅର୍ଦ୍ଧଶତକ ସହ ୧୦୧ ରନ ସଂଗ୍ରହ କରିଛନ୍ତି। ଆଘାତପ୍ରାପ୍ତ ଥିବାରୁ ଭେଟେରାନ ପେସ୍ ବୋଲର ଶବନମ ଇସ୍‌ମାଇଲ ମଧ୍ୟ ୱାରିଅର୍ଜ ବିପକ୍ଷ ମ୍ୟାଚ ଖେଳିନ ଥିଲେ। ଏଡୱାର୍ଡସ କହିଛନ୍ତି, ଇସ୍‌ମାଇଲଙ୍କ ଫିଟ୍‌ନେସ ଉପରେ ନଜର ରଖାଯାଇଛି।





